

‘ଦାୟରା’ର ସୁଟିଂ ଆରମ୍ଭ କଲେ କରୀନା

▶ପୃଷ୍ଠା ୧୧ ଦେଖନ୍ତୁ...


RNI REGD NO: 42041/83

www.sakalaepaper.com

/sakalanews

/sakalanews

www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-101 ◆TUESDAY ◆7 OCTOBER 2025 ◆PAGE-12 ◆₹ 6.00 | BHUBANESWAR | ◆ବର୍ଷ-୪୩ ◆ସଂଖ୍ୟା-୧୦୧ ◆ମଙ୍ଗଳବାର ◆୭ ଅକ୍ଟୋବର ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦


## ସାରା ରାଜ୍ୟକୁ ବ୍ୟାପିଛି ପୁଲିସ ଏସ୍ଆଇ ଚାକିରି ବିକ୍ରିର ବୁଢ଼ିଆଣୀ ଜାଲ

# ଢୋଲ ଭିତରେ ମୂଷା

■ **ଭୁବନେଶ୍ୱର, ୬।୧୦ (ସମିସ):** ଓଡ଼ିଶାରେ ପୁଲିସ ଚାକିରି ବେପାର ଘଟଣା ସାରା ଦେଶରେ ଆଲୋଡ଼ନ ସୃଷ୍ଟି କରିଛି। ଅତ୍ୟନ୍ତ ବ୍ୟବସ୍ଥିତ ଭାବରେ କରାଯାଇଥିବା ଏହି ଷଡ଼ଯନ୍ତ୍ରର ତଦନ୍ତ କରୁଥିବା କ୍ରାଇମବ୍ରାଞ୍ଚ ହାତରେ କିଛି ତଥ୍ୟ ମଧ୍ୟ ଲାଗିଛି। ମାତ୍ର ସଂଗଠିତ ଭାବରେ ଚାକିରି ବିକ୍ରିର ଚେର ଯାଏ କ୍ରାଇମବ୍ରାଞ୍ଚ ପହଞ୍ଚି ପାରିନାହିଁ। ଯେଉଁ ସ୍ଥାନରେ କ୍ରାଇମବ୍ରାଞ୍ଚ ଚଢ଼ଉ କରୁଛି, ସେଠାରେ ସେପରି କିଛି ଶକ୍ତ ସୁରାକ ନ ମିଳିବା ସାଧାରଣରେ ସନ୍ଦେହ ସୃଷ୍ଟି କରିଛି। ଚଢ଼ଉ

### ସେପ୍ଟେମ୍ବରରେ ପରୀକ୍ଷା ଅଭ୍ୟାସ କରିଥିଲେ ୩ ଶହ ଆବେଦନକାରୀ

### ଶଙ୍କରର ବ୍ୟାଙ୍କ ଆକାଉଣ୍ଟରେ ହୋଇଛି କୋଟି କୋଟି ଟଙ୍କାର କାରବାର

ସୂଚନା ପାଇ ଅଭିଯୁକ୍ତମାନେ ଆଗୁଆ ପ୍ରମାଣ ଗାଏବ କରିବାକୁ ସମର୍ଥ ହେଉଥିବା ଏବେ ସନ୍ଦେହ କରାଯାଉଛି। ଗତକାଲି ରଘୁନାଥପୁରରେ ଲିଙ୍ଗରାଜ ଇନ୍‌ଫୋସେଲ ପରୀକ୍ଷା ସେଣ୍ଟରରେ ଚଢ଼ଉ ସମୟରେ ଏହାର ଉଦାହରଣ ଦେଖିବାକୁ ମିଳିଛି। ପରୀକ୍ଷାକେନ୍ଦ୍ର ପାଇଁ ମନୋନୀତ ହୋଇଥିବା ଏହି ସ୍ଥାନରୁ ସବୁ ସାମଗ୍ରୀ କୁଆଡ଼େ ଗଲା ତାହା ସ୍ୱାଭାବିକ ସନ୍ଦେହ ସୃଷ୍ଟି କରିଛି। ତେଣୁ କେଉଁ ସ୍ଥାନରେ ଚଢ଼ଉ ହେବ ସେ ସମ୍ପର୍କରେ ଅଭିଯୁକ୍ତମାନେ ହୁଏତ ଆଗୁଆ ସୂଚନା ସଂଗ୍ରହ କରିବାକୁ ସମର୍ଥ ହେଉଛନ୍ତି ବା ସେମାନଙ୍କୁ କେହି ଆଗୁଆ ସୂଚନା ଦେଉଥାଇପାରନ୍ତି ବୋଲି ଆଶଙ୍କା କରାଯାଉଛି।

ଅନ୍ୟପକ୍ଷରେ ଶ୍ରୀକାକୁଳମରୁ ଗିରଫ ୧୧୪ ଜଣ ପରୀକ୍ଷାର୍ଥୀଙ୍କ ପୂର୍ବରୁ ବାଲେଶ୍ୱର, ମୟୂରଭଞ୍ଜ ଓ ଅବିଭକ୍ତ କୋରାପୁଟ ଜିଲ୍ଲାରୁ ପ୍ରାୟ ୩୦୦ ଆଶାୟୀଙ୍କୁ ମଧ୍ୟ ପଡ଼ୋଶୀ ରାଜ୍ୟରେ ତାଲିମ ଦିଆଯାଇଥିବା ଅଭିଯୋଗ ହୋଇଛି। ତେଣୁ ଏହି ପରୀକ୍ଷାର୍ଥୀମାନେ କେଉଁଠି କୋଚିଂ ନେଇଥିଲେ ସେ ସମ୍ପର୍କରେ କ୍ରାଇମବ୍ରାଞ୍ଚ ଖୋଳତାଡ଼ ଆରମ୍ଭ କରିଛି। କୌତୂହଳର କଥା ହେଉଛି ପ୍ରତି ପରୀକ୍ଷାର୍ଥୀଙ୍କଠାରୁ ଆଗୁଆ ୧୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଆଦାୟ ହୋଇଥିବା ତଦନ୍ତକାରୀ ଅଧିକାରୀମାନେ କହୁଥିବାବେଳେ ଏହି ଟଙ୍କା କେଉଁଠି ଓ କାହାପାଖରେ ଅଛି ତାହାର ସନ୍ଧାନ ମିଳିନାହିଁ। ଚାକିରି ପାଇଁ ଟଙ୍କା ଦେଇଥିବା ପିଲାମାନେ ଜେଲ୍‌ରେ ଥିବାବେଳେ ▶ପୃଷ୍ଠା-୭

**ଚାକିରି ବେପାର**

**ଅନେକ ଅବୁଝା ପ୍ରଶ୍ନ**



- କିଣିବାବାଲା ଜେଲ୍‌ରେ, ଚାକିରି ବିକିବାବାଲା ଗଲେ କୁଆଡ଼େ ?
- ଚାକିରି ପାଇଁ ଆଦାୟ ବିପୁଳ ଅଗ୍ରୀମ ଟଙ୍କା ଏବେ କାହା ପାଖରେ ?
- କିଏ ଦେଇଥିଲା ନିଯୁକ୍ତି ପରୀକ୍ଷା ପରିଚାଳନା ସବ୍‌ଲେଟ୍ ଅନୁମତି ?
- ସିଲିକନ୍‌ରୁ ପଞ୍ଚସଫ୍ଟ ସବ୍‌ଲେଟ୍ ବେଳେ କାହିଁକି ଚୁପ୍ ଥିଲା ଓପିଆର୍‌ବି ?
- ଫେରାର୍ ଶଙ୍କର ମୁଣ୍ଡରେ ଦୋଷ ଅଜାଡ଼ି ଖସିଯିବେ କି ବଡ଼ବଡ଼ିଆ ?

### ବାଲେଶ୍ୱରରୁ ଆଉ ଜଣେ ଗିରଫ

■ **ଭୁବନେଶ୍ୱର, ୬।୧୦ (ସମିସ):** ପୁଲିସ ଏସ୍ଆଇ ଚାକିରି ବିକ୍ରି ଘଟଣାରେ ବାଲେଶ୍ୱରର ରଣସାହି ପଞ୍ଚାୟତର ଜଣେ ବ୍ୟକ୍ତି ଚନ୍ଦନ ମଲ୍ଲିକଙ୍କୁ ଗିରଫ କରିଛି କ୍ରାଇମବ୍ରାଞ୍ଚ। ଗିରଫ ଚାକିରି ଆଶାୟୀମାନଙ୍କୁ ପଚରାଉଚରା କରିବା ପରେ ଚନ୍ଦନ ନାମ ପଦାକୁ ଆସିଥିଲା। ଏହାପରେ ଗତକାଲି ବିଳମ୍ବିତ ରାତ୍ରିରେ ତାଙ୍କୁ କ୍ରାଇମବ୍ରାଞ୍ଚ ଗିରଫ କରି ବ୍ରହ୍ମପୁର ଜେଏମଏଫସି ଗ୍ରାମାଞ୍ଚଳ କୋର୍ଟରେ ହାଜର କରିଛି। ଜାମିନ ନାମଞ୍ଜୁର ହେବା ପରେ ତାଙ୍କୁ ଜେଲ ପଠାଇଛି କ୍ରାଇମବ୍ରାଞ୍ଚ। ଚନ୍ଦନଙ୍କୁ ଗିରଫ ପରେ ମୋଟ ଗିରଫଦାରୀ ସଂଖ୍ୟା ୧୨୦ରେ ପହଞ୍ଚିଛି। ଚନ୍ଦନ ଚାକିରି ଆଶାୟୀଙ୍କ ସହ ଯୋଗାଯୋଗ କରୁଥିଲେ। ଶଙ୍କର ପୃଷ୍ଟି ସହ ସେମାନଙ୍କ ଭେଟ କରାଉଥିଲେ ଓ ଆଶାୟୀଙ୍କଠାରୁ ଅଗ୍ରୀମ ଅର୍ଥ ଆଦାୟ କରୁଥିଲେ। ପ୍ରତି ବଦଳରେ ଆଦାୟ ଅର୍ଥର ୧୦% କମିଶନ ତାଙ୍କୁ ପ୍ରଦାନ କରାଯାଉଥିଲା।

# ଦୁଇ ପର୍ଯ୍ୟାୟରେ ବିହାର ନିର୍ବାଚନ

## ନଭେମ୍ବର ୬ ଓ ୧୧ରେ ଭୋଟ୍, ୧୪ରେ ଗଣତି

■ **ନୂଆଦିଲ୍ଲୀ, ୬।୧୦(ଏଜେନ୍ସି):** ବିହାରରେ ବିଧାନସଭା ନିର୍ବାଚନ ଲାଗି ନିର୍ବାଚନ କମିସନ ଆଜି ତାରିଖ ଘୋଷଣା କରିଛନ୍ତି। ଏହି ନିର୍ବାଚନ ଆସନ୍ତା ନଭେମ୍ବର ୬ ଏବଂ ୧୧ ତାରିଖରେ ଦୁଇଟି ପର୍ଯ୍ୟାୟରେ ଅନୁଷ୍ଠିତ ହେବ। ରାଜ୍ୟ ବିଧାନସଭାର ୨୪୩ ଆସନ ମଧ୍ୟରୁ ପ୍ରଥମ ପର୍ଯ୍ୟାୟରେ ୧୨୧ଟି ଆସନରେ ଏବଂ ଦ୍ୱିତୀୟ ପର୍ଯ୍ୟାୟରେ ଅବଶିଷ୍ଟ ୧୨୨ ଆସନରେ ଭୋଟ ଗ୍ରହଣ କରାଯିବ। ନଭେମ୍ବର ୧୪ ତାରିଖରେ ଭୋଟ ଗଣତି ସହ ଫଳାଫଳ ଘୋଷଣା କରାଯିବ। ବିହାର ବିଧାନସଭାର କାର୍ଯ୍ୟକାଳ ନଭେମ୍ବର ୨୨ ସମାପ୍ତ ହେଉଥିବାରୁ ନିର୍ବାଚନ ପ୍ରକ୍ରିୟା ୧୬ ତାରିଖ ସୁଦ୍ଧା ଶେଷ ହେବ। ତାରିଖ ଘୋଷଣା ସହିତ ରାଜ୍ୟରେ ଆଦର୍ଶ ଆଚରଣବିଧି ଲାଗୁ ହୋଇଯାଇଛି।

**ଲାଗୁହେଲା ଆଦର୍ଶ ଆଚରଣ ବିଧି**

ଆଜି ଏଠାରେ ଏକ ସାମ୍ବାଦିକ ସମ୍ମିଳନୀରେ ମୁଖ୍ୟ ନିର୍ବାଚନ କମିସନର ଜ୍ଞାନେଶ କୁମାର ନିର୍ବାଚନ ତାରିଖ ଘୋଷଣା କରି କହିଛନ୍ତି ଯେ ଭୋଟଦାନକୁ ସ୍ୱଚ୍ଛ ଓ ନିରପେକ୍ଷ କରିବା ଲାଗି ସବୁ ପ୍ରକାର ପଦକ୍ଷେପ ଗ୍ରହଣ କରାଯିବ। ସମସ୍ତ ମତଦାନ କେନ୍ଦ୍ରରେ ୱେବକାଷ୍ଟିଂ କରାଯିବ ଏବଂ ଇଭିଏମରେ ପ୍ରଥମ ଥର ଲାଗି ପ୍ରାର୍ଥୀମାନଙ୍କର ରଙ୍ଗିନ ଫଟୋ ରହିବ। ଶେଷ ପର୍ଯ୍ୟାୟ ମତଗଣନା ପୂର୍ବରୁ ପୋଷ୍ଟାଲ ଭୋଟ୍ ଗଣତି ▶ପୃଷ୍ଠା-୭

### ୧୧ରେ ନୂଆପଡ଼ା ଉପନିର୍ବାଚନ

■ **ଭୁବନେଶ୍ୱର, ୬।୧୦ (ସମିସ):** ନୂଆପଡ଼ା ବିଧାନସଭା ଉପନିର୍ବାଚନ ପାଇଁ ସୋମବାର କାର୍ଯ୍ୟସୂଚୀ ଘୋଷଣା ହୋଇଛି। ଆସନ୍ତା ନଭେମ୍ବର ୧୧ ତାରିଖରେ ନୂଆପଡ଼ାରେ ମତଦାନ

**ଆସନ୍ତା ୧୩ ତାରିଖରୁ ନାମାଙ୍କନ ଦାଖଲ**

**ମତଦାନ ନିମନ୍ତେ ୩୫୮ କେନ୍ଦ୍ର ପ୍ରସ୍ତୁତ**

**ସମସ୍ତ ବୁଥ୍‌ରେ ୱେବ୍ କାଷ୍ଟିଂ ବ୍ୟବସ୍ଥା**



ହେବ। ନଭେମ୍ବର ୧୪ ତାରିଖରେ ଭୋଟ ଗଣତି ସହିତ ଫଳାଫଳ ପ୍ରକାଶ ପାଇବ। ଏଥିପାଇଁ ଆସନ୍ତା ଅକ୍ଟୋବର ୧୩ ତାରିଖ ଠାରୁ ନାମାଙ୍କନପତ୍ର ଦାଖଲ ପ୍ରକ୍ରିୟା ଆରମ୍ଭ ହେବ। ଅକ୍ଟୋବର ୨୦ ତାରିଖକୁ ନାମାଙ୍କନପତ୍ର ଦାଖଲର ଶେଷ ତାରିଖ ରଖାଯାଇଥିବା ବେଳେ ଅକ୍ଟୋବର ୨୨ରେ ପ୍ରାର୍ଥିପତ୍ର ଯାଞ୍ଚ ହେବ। ଅକ୍ଟୋବର ୨୪ରେ ପ୍ରାର୍ଥିପତ୍ର ପ୍ରତ୍ୟାହାରର ଶେଷ ▶ପୃଷ୍ଠା-୭

### ସିଜେଆଇଙ୍କୁ ଜୋତା ଫିଙ୍ଗିଲେ ଆଇନଜୀବୀ

■ **ନୂଆଦିଲ୍ଲୀ, ୬।୧୦ (ଏଜେନ୍ସି):** ସୁପ୍ରିମକୋର୍ଟରେ ଆଜି ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି। କୋର୍ଟ ରୁମ୍‌ରେ ଶୁଣାଣି ଚାଲିଥିବାବେଳେ ପ୍ରଧାନ ବିଚାରପତି ଜଷ୍ଟିସ ବିଆର୍ ଗଭାଇଙ୍କ ଉପରେ ଆକ୍ରମଣ ଉଦ୍ୟମ କରିଛନ୍ତି ଜଣେ



ବୟସ୍କ ଓକିଲ। ରାକେଶ କିଶୋର ନାମକ ୭୧ ବର୍ଷୀୟ ଏହି ଓକିଲ ଜଷ୍ଟିସ ଗଭାଇଙ୍କ ଉପରକୁ ଜୋତା ଫିଙ୍ଗିଥିଲେ। ତେବେ ଏହି ଜୋତା ତାଙ୍କ ବେଞ୍ଚ୍ ପର୍ଯ୍ୟନ୍ତ ପହଞ୍ଚି ନଥିଲା। ଦାୟିତ୍ୱରେ ଥିବା ସୁରକ୍ଷାକର୍ମୀ ସମ୍ପୃକ୍ତ ଓକିଲଙ୍କୁ ତୁରନ୍ତ କାବୁ ▶ପୃଷ୍ଠା-୭

## ପୁଲିସ ଏସ୍ଆଇ ନିଯୁକ୍ତି ପରୀକ୍ଷା କେଳେଙ୍କାରୀ

# ଗର୍ଜିଲା ବିଜୁ ଯୁବ, ଛାତ୍ର ଜନତା ଦଳ




**ସିବିଆଇ ତଦନ୍ତ ପାଇଁ ଏତେ ଭୟ କାହିଁକି?**

- ଚାକିରି ବିକି ୨୦୦ କୋଟି ରୋଜଗାର
- ଘଟଣାରେ ବିଜେପି ନେତା ଓ ମନ୍ତ୍ରୀଙ୍କ ସମ୍ପୃକ୍ତି
- ଆଶାୟୀଙ୍କୁ ନ୍ୟାୟ ନ ମିଳିଲେ ତୀବ୍ର ଆନ୍ଦୋଳନ

■ **ଭୁବନେଶ୍ୱର, ୬।୧୦ (ସମିସ):** ପୁଲିସ ଏସ୍ଆଇ ନିଯୁକ୍ତି କେଳେଙ୍କାରୀ ଘଟଣାରେ ଆଶାୟୀଙ୍କୁ ନ୍ୟାୟ ଦାବି ସହ ଅନିୟମିତତା ବିରୋଧରେ ସୋମବାର ଗର୍ଜିଛି ବିଜୁ ଯୁବ, ଛାତ୍ର ଜନତା ଦଳ। ଦଳ ପକ୍ଷରୁ ମାଷ୍ଟର କ୍ୟାଣ୍ଟିନଠାରେ ବିକ୍ଷୋଭ ପ୍ରଦର୍ଶନ ସହ ଜୋରଦାର ପ୍ରତିବାଦ କରାଯାଇଛି। ଘଟଣାର ସିବିଆଇ ତଦନ୍ତ ନିର୍ଦ୍ଦେଶ ଦିଆ ନ ଗଲେ, ଆଗକୁ ଜୋର୍‌ଦାର୍ ଆନ୍ଦୋଳନ କରାଯିବ ବୋଲି ଯୁବ, ଛାତ୍ର ନେତାମାନେ ଚେତାବନୀ ଦେଇଛନ୍ତି।

ସୋମବାର ଯୁବ, ଛାତ୍ର ଜନତା ଦଳର ବହୁ ସଂଖ୍ୟକ କର୍ମୀ ଏହି ଏସ୍ଆଇ ନିଯୁକ୍ତି କେଳେଙ୍କାରୀ ବିରୋଧରେ ମାଷ୍ଟରକ୍ୟାଣ୍ଟିନ ଛକଠାରେ ଏକତ୍ରିତ ହୋଇଥିଲେ। ସରକାରଙ୍କ ବିରୋଧରେ ସେମାନେ ନାରାବାଜି କରିବା ସହ ମାଷ୍ଟରକ୍ୟାଣ୍ଟିନ ଛକଠାରୁ ବିଧାନସଭା ଆଡ଼କୁ ମାଡ଼ି ଆସିଥିଲେ। ପୁଲିସ ସେମାନଙ୍କୁ ଅଟକାଇବାକୁ ପ୍ରୟାସ କରିବା ବେଳେ ଧସ୍ତାଧସ୍ତି ହୋଇଥିଲା। ଦଳର ଏହି ଦୁଇ ଛାମୁଆ ସଂଗଠନର ଅଭିଯୋଗ ଅନୁଯାୟୀ, ବିଜେପି ଶାସନରେ ମହିଳା ଓ ଶିଶୁଙ୍କ ବିରୋଧରେ ଅପରାଧ ଅହେତୁକ ବୃଦ୍ଧି ପାଇ ଓଡ଼ିଶା ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ନିନ୍ଦିତ ଓ ଲଜ୍ଜିତ ହୋଇଥିବା ବେଳେ ଏବେ ସରକାରୀ ଚାକିରି ବିକ୍ରି ଭଳି ସାଂଘାତିକ ଅଭିଯୋଗ ସାମ୍ନାକୁ ଆସିଛି। ଗତ ୧୫ ମାସରେ ୧୬ଟି ନିଯୁକ୍ତି ପରୀକ୍ଷା ଶେଷ ମୁହୂର୍ତ୍ତରେ ବାତିଲ ହୋଇଛି, ଯାହା ଯୋଗୁଁ ଆଶାୟୀମାନେ ହତାଶ ହୋଇଛନ୍ତି। ପୁଲିସ ଏସଆଇ ପଦ ପାଇଁ ଚଳିତ ବର୍ଷ ମାର୍ଚ୍ଚ ୮ ଓ ୯ରେ ହେବାକୁ ଥିବା ଲିଖିତ ପରୀକ୍ଷାକୁ ମଧ୍ୟ ଶେଷ ମୁହୂର୍ତ୍ତରେ ବାତିଲ କରାଯାଇଥିଲା। ଏହାକୁ ଅକ୍ଟୋବର ୭ ଓ ୮ରେ କରିବା ପାଇଁ ସ୍ଥିର କରାଯାଇଥିଲା, ଯାହାକୁ ୩୦ ସେପ୍ଟେମ୍ବର ଦିନ ଆଉଥରେ ବାତିଲ ▶ପୃଷ୍ଠା-୭







**ରାଜ୍ୟ ଅଶାନ୍ତ**

# ଦିନକରେ ଗଡ଼ିଲା ୫ ମୁଣ୍ଡ

## ବିଜେପି ନେତାଙ୍କୁ ଗୁଳିକରି ହତ୍ୟା

■ **ବ୍ରହ୍ମପୁର, ୬।୧୦(ସମିସ):** ରାଜ୍ୟରେ ସୀମା ଟପିଛି ଅରାଜକତା। ପ୍ରତିଦିନ ହତ୍ୟା, ଦୁଷ୍କର୍ମ, ଗଣଦୁଷ୍କର୍ମ ଘଟଣା ରାଜ୍ୟବାସୀଙ୍କ ମନରେ ଭୟ ସଞ୍ଚାର କରିଛି। ଭସାଣି ଗଣ୍ଡଗୋଳକୁ ନେଇ ଅଶାନ୍ତ କଟକରେ କର୍ଫ୍ୟୁ ଲାଗୁ ସହ ଇଣ୍ଟରନେଟ ସେବା ବନ୍ଦ ରହିଛି। ଅନ୍ୟପକ୍ଷରେ ଗଞ୍ଜାମ ଜିଲ୍ଲାରେ ଗୋଟିଏ ଦିନରେ ଗଡ଼ିଛି ୩ ମୁଣ୍ଡ। ଖୋଦ ଖଣିମନ୍ତ୍ରୀଙ୍କ ସହଯୋଗୀ କୁହାଯାଉଥିବା ଜଣେ ଆଇନଜୀବୀଙ୍କୁ କିଛି ଦୁର୍ବୃତ୍ତ ଗୁଳିକରି ହତ୍ୟା କରିଛନ୍ତି। ମୃତ ଆଇନଜୀବୀଙ୍କ ନାମ ପୀତବାସ ପଣ୍ଡା ଓ ଘଟଣାଟି ସହରର ମଧ୍ୟଭାଗରେ ବୈଦ୍ୟନାଥପୁର ଥାନା ଅଧୀନସ୍ଥ ବୈକୁଣ୍ଠନଗର ଅଞ୍ଚଳରେ ଘଟିଛି। ଗୁଳିମାଡ଼ ପରେ ତୁରନ୍ତ ବ୍ରହ୍ମପୁର ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲେ ହେଁ ଡାକ୍ତରମାନେ ତାଙ୍କୁ ମୃତ ଘୋଷଣା କରିଛନ୍ତି। ଏହି ଘଟଣାକୁ ନେଇ ସହରରେ ଉତ୍ତେଜନା ସୃଷ୍ଟି ହୋଇଛି। ଖୋଦ ଶାସକ ଦଳର ନେତା ଓ ଖଣିମନ୍ତ୍ରୀଙ୍କ ସହଯୋଗୀଙ୍କୁ ହତ୍ୟା ପରେ ସହରବାସୀ ଆତଙ୍କିତ ଅବସ୍ଥାରେ ଅଛନ୍ତି।


ଆଇନଜୀବୀ ପୀତବାସ ପଣ୍ଡା (ଫାଇଲ୍ ଫଟୋ)

ସୋମବାର ରାତି ପ୍ରାୟ ୧୦ଟା ସମୟରେ ନିଜ ବାସଭବନକୁ ଫେରିବା ବେଳେ ପୂର୍ବରୁ ଅପେକ୍ଷା କରିଥିବା ଦୁଇଜଣ ▶ପୃଷ୍ଠା-୭



- **ଭଞ୍ଜନଗର:** ପୂର୍ବତନ ପଞ୍ଚାୟତ ସମ୍ପାଦକଙ୍କୁ ହତ୍ୟା
- **ଧରାକୋଟ:** ପୂର୍ବ ଶତ୍ରୁତାରୁ ଛୁରାମାଡ଼; ଆଖିବୁଜିଲେ ଯୁବକ
- **ଡିଗ୍ଭୋଲ:** ଗାଁ ଦାଣ୍ଡରେ ଯୁବକଙ୍କୁ ଖଣ୍ଡାରେ ହାଣି ହତ୍ୟା
- **ଲାଞ୍ଜିଗଡ଼:** ପାଞ୍ଚ ବର୍ଷର ଶିଶୁକୁ ପଥରରେ ଛେଚି ହତ୍ୟା

➡ ପୃଷ୍ଠା-୩

# ଏଫଏମ୍‌ସି ଆଲୁମନି ୧୯୭୮ ବ୍ୟାଚ୍‌ର ବନ୍ଧୁ ସମାବେଶ



ବାଲେଶ୍ୱର, ୬।୧୦ (ସମିସ): ସ୍ଥାନୀୟ ହୋଟେଲ ହରିପ୍ଲାଜା ସମ୍ମିଳନୀ କକ୍ଷରେ ଏଫଏମ୍‌ସି ଆଲୁମନି ୧୯୭୮ ବ୍ୟାଚ୍‌ର ଏକ ବନ୍ଧୁମିଳନ କାର୍ଯ୍ୟକ୍ରମ ଅନୁଷ୍ଠାନର ଆବାହକ ଡମ୍ବରୁଧର ରାଉତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ୧୯୭୮ ମସିହାରେ ଫକୀରମୋହନ କଲେଜକୁ ପ୍ରବେଶ କରିଥିବା ତତ୍କାଳୀନ ଛାତ୍ରମାନେ ଏହି କାର୍ଯ୍ୟକ୍ରମରେ ଯୋଗଦେଇ ଅତୀତର ସ୍ମୃତି ରୋମନ୍ଥନ କରିଥିଲେ। ପ୍ରାରମ୍ଭରେ ସଂଗଠନର ସଦସ୍ୟ ଇଂ. ଗୋପୀନାଥ ରଣା ଏବଂ କମଳଲୋଚନ ପଡିଆରୀଙ୍କ ଅକାଳ ବିୟୋଗରେ ଏକ ଶୋକ ପ୍ରସ୍ତାବ ଗ୍ରହଣ କରାଯାଇ ସ୍ମୃତିଚାରଣ କରାଯାଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ପ୍ରଣବ ମହାପାତ୍ର, ଚିତ୍ତରଂଜନ ସାମନ୍ତ, ବିଶ୍ୱରଂଜନ ଦାସ, ଦୀପକ କୁମାର ଦାଶ, ବ୍ରଜମୋହନ ଦାଶ, ରବି ପଟ୍ଟନାୟକ, ସନତ ବାରିକ, ସୁଧାମୟ ଦାସ, ଶୁଭେନ୍ଦୁ ଚାନ୍ଦ, କୁମୁଦ ରଂଜନ ପତି, ସୁବ୍ରତ ନାୟକ, ସୁବୋଧ କର, ମନୋଜ କୁମାର ଦାସ, ବୀରେନ୍ଦ୍ର ବେହେରା, ଅରୁପ କୁମାର ଦାସ, ଅଜୟ ମହାନ୍ତି, ପ୍ରଦୀପ ପଣ୍ଡା, ଗଗନ ବିହାରୀ ମହାନ୍ତି, ସତ୍ୟବ୍ରତ ରାୟ ଏବଂ ରଂଜନ ବାଗ ପ୍ରମୁଖ ପୁରାତନ ଛାତ୍ରମାନେ ଏହି କାର୍ଯ୍ୟକ୍ରମରେ ଯୋଗଦେଇ ସଂଗଠନକୁ ଆହୁରି ଶକ୍ତିଶାଳୀ କରିବା ପାଇଁ ବିଭିନ୍ନ ପ୍ରସ୍ତାବ ଆଗତ କରିଥିଲେ।

# ଭୂମିହୀନଙ୍କୁ ଥଇଥାନ ପାଇଁ ଜିଲ୍ଲାପାଳଙ୍କୁ ଦାବି

ବାଲେଶ୍ୱର,୬।୧୦(ସମିସ): ସଦର ତହସିଲ ଅର୍ନ୍ତଗତ ରସାଲପୁର ଅଞ୍ଚଳର କାର୍ତ୍ତିକଚନ୍ଦ୍ର ସିଂ ଜଣେ ଭୂମିହୀନ ଲୋକ। ସେ ଦୀର୍ଘ ୩୦ବର୍ଷ ଧରି ତାଙ୍କ ପରିବାର ସହ ଏକ ସରକାରୀ ସ୍ଥାନରେ ରହି ଆସୁଛନ୍ତି। ହେଲେ ତାଙ୍କୁ ସେହି ସ୍ଥାନରୁ ବାରମ୍ବାର ଘର ଛାଡିବା ପାଇଁ ସଦର ତହସିଲଦାରଙ୍କ ଠାରୁ ନୋଟିସ ଆସୁଛି। ଏ ନେଇ ସେ ଆଜି ଜିଲ୍ଲାପାଳଙ୍କଠାରେ ତାଙ୍କୁ ଏକ ସ୍ଥାନ ଯୋଗାଇଦେବା ପାଇଁ ଦାବି କରିଛନ୍ତି। ତାଙ୍କ ଦାବି ଅନୁସାରେ, କାର୍ତ୍ତିକେ ଜଣେ ଦିନ ମଜୁରିଆ ହୋଇଥିବା ବେଳେ ଆଜକୁ ୩୦ବର୍ଷ ଧରି ରସାଲପୁରସ୍ଥିତ ସରକାରୀ ଖାତା ନମ୍ବର ୮୯୭ ଓ ପ୍ଲଟ ନମ୍ବର୧୬୫୩ କିସମ ଗୋଚରରେ ଏକ ବାଡଛଡା କାନ୍ଥ ଆଜବେଷ୍ଟସ ଘର କରି ରହୁଛନ୍ତି। ତେବେ ଗତ ଏପ୍ରିଲ ମାସ୨୯ ତାରିଖରେ ସଦର ତହସିଲ ପକ୍ଷରୁ ଘର ଛାଡିବା ପାଇଁ ତାଙ୍କୁ ଏକ ନୋଟିସ ହୋଇଥିଲା। ସେମାନେ ତହସିଲଦାରଙ୍କୁ ଦେଖାକରିବାକୁ ଯାଇଥିଲେ ହେଲେ ତାଙ୍କ ସହ ସାକ୍ଷାତ ହୋଇପାରି ନଥିଲା। ପୁନର୍ବାର ମେ ମାସ ୧୫ତାରିଖରେ ଆଉ ଏକ ନୋଟିସ ଆସିଥିଲା। ଯାହାକି ସେମାନେ ଲିଖିତ ଅଭିଯୋଗ ଜଣାଇଥିଲେ। ହେଲେ ଗତମାସ ୬ତାରିଖରେ ଆଉ ଏକ ନୋଟିସ ଆସିବା ପରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଲିଖିତ ଅଭିଯୋଗ ଜଣାଇଥିଲେ। ହେଲେ ପୁଣିଥରେ ଉକ୍ତ ମାସ ୧୫ତାରିଖରେ ସେମାନଙ୍କ ଘର ଭାଙ୍ଗିବା ପାଇଁ ନୋଟିସ ଆସିଥିଲା। ଏବେ ପୁଣି ଚଳିତ ମାସ ୧୦ତାରିଖରେ ସେମାନଙ୍କ ଘର ଭାଙ୍ଗିବା ପାଇଁ ନୋଟିସ ଆସିଛି ବୋଲି ଅଭିଯୋଗ କରିଛନ୍ତି। ଏହାପୂର୍ବରୁ ସେମାନେ ମୁଖ୍ୟମନ୍ତ୍ରୀଙ୍କ ଠାରେ ଅଭିଯୋଗ କରିଥିଲେ। ଏଣୁ ସରକାରଙ୍କ ନିୟମ ଅନୁସାରେ ଭୂମିହୀନମାନଙ୍କୁ ୪ ଡେସିମଲ ଜମି ଯୋଗାଇଦେବା ପାଇଁ ଅନୁରୋଧ କରିଛନ୍ତି।



# ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ଶତାବ୍ଦୀ ବର୍ଷ ସମାରୋହ



ବାଲେଶ୍ୱର, ୬।୧୦(ସମିସ): ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ତାର ଶତାବ୍ଦୀ ବର୍ଷରେ ପଦାର୍ପଣ କରିଛି। ସଂଘ ଶତାବ୍ଦୀ ବର୍ଷର ଉଦ୍‌ଘାଟନ ସମାରୋହ ଜିଲ୍ଲାର ୫୩ଟି ସ୍ଥାନରେ ଅନୁଷ୍ଠିତ ହୋଇଥିବା ବେଳେ ବାଲେଶ୍ୱର ନଗରରେ ସୋମବାର ଭବ୍ୟ ପଥ ସଞ୍ଚଳନ ସହ ଶରତ ପୂର୍ଣ୍ଣିମା ଉତ୍ସବ ପାଳିତ ହୋଇଯାଇଛି। ଏହି ଅବସରରେ ବିଶ୍ୱହିନ୍ଦୁ ପରିଷଦର କ୍ଷେତ୍ରୀୟ ମନ୍ତ୍ରୀ ଗୌରୀପ୍ରସାଦ ରଥ କୁମାର ପୂର୍ଣ୍ଣିମା ଉପରେ ବକ୍ତବ୍ୟ ରଖିଥିଲେ। ଏହି କାର୍ଯ୍ୟକ୍ରମରେ ନଗରର ଶତାଧିକ ସ୍ୱୟଂସେବକ ପୂର୍ଣ୍ଣ ଗଣବେଶରେ ଉପସ୍ଥିତ ରହି ଘୋଷ ବାଦ୍ୟ ସହ ନଗର ପରିକ୍ରମା କରିଥିଲେ। ପଥ ସଞ୍ଚଳନ ମାନସିଂବଜାର ରାଧାକୃଷ୍ଣ ମନ୍ଦିରରୁ ବାହାରି ହେମକାପାଦ ଛକ, ଗଡ଼ଗଡିଆ, ଆର୍ତ୍ତକବିରାଜ ରୋଡ଼, ମୋତିଗଞ୍ଜରୁ ସିନେମା ଛକ, ହସ୍ପିଟାଲ ରୋଡ଼ ଦେଇ ମିଶନ ପଡିଆରେ ଶେଷ ହୋଇଥିଲା। ପୂର୍ବରୁ ବାଲେଶ୍ୱର ନଗରର ରାମେଶ୍ୱର, ଝାଡ଼େଶ୍ୱର, ଈଶାନେଶ୍ୱର ଓ ବାଣେଶ୍ୱର ଉପନଗର ଭଳି ୮ଟି ସ୍ଥାନରେ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଆଜିର କାର୍ଯ୍ୟକ୍ରମକୁ ନଗର ସଙ୍ଘଚାଳକ ଗୋପାଳ ନାୟକ ଭାରତମାତା ପୂଜନ କରିଥିଲେ। ନଗର କାର୍ଯ୍ୟବାହ ରମେଶ ମହାକୁଡ଼, ସହ ନଗର କାର୍ଯ୍ୟବାହ ରମାକାନ୍ତ ଜେନା ପ୍ରମୁଖ ଏହାକୁ ପରିଚାଳନା କରିଥିଲେ।


# ସାଇବର ଅପରାଧୀଙ୍କ ନୂତନ ଅସ୍ତ୍ର 'ଏପିକେ' ଫାଇଲ

## ଡାଉନଲୋଡ୍ କଲେ ଚୋରି ହେଉଛି ତଥ୍ୟ

## ବ୍ୟାଙ୍କ ଆକାଉଣ୍ଟରୁ ଗାଏବ ହେଉଛି ଟଙ୍କା

ବାଲେଶ୍ୱର, ୬।୧୦ (ସମିସ)

ସାଇବର ଠକଙ୍କ ଟାର୍ଗେଟରେ ଏବେ ସରକାରୀ ବିଭାଗ। ଯେମିତିକି କିଛି ଦିନ ହେବ ଆରଟିଓ ଚାଲାଣର ଏପିକେ ଫାଇଲ୍ ବିଭିନ୍ନ ଲୋକଙ୍କ ହ୍ୱାଟସ୍ ଆପ୍‌କୁ ଆସୁଛି। ଯେଉଁମାନେ ଏହି ଏପିକେ ଫାଇଲ୍ ଡାଉନଲୋଡ଼୍ କରୁଛନ୍ତି ସେମାନଙ୍କର ତଥ୍ୟ ଚୋରି ହେଉଛି ନଚେତ ଆକାଉଣ୍ଟରୁ ଟଙ୍କା ଗାଏବ୍ ହୋଇଯାଉଛି। ଚୋରି ତଥ୍ୟକୁ ବ୍ୟବହାର କରି ସେହି ଏପିକେ ଫାଇଲ୍ ପଠାଇ ଲୋକଙ୍କୁ ଠକିବାକୁ ପ୍ରୟାସ କରାଯାଉଛି। ନିକଟରେ ବାଲେଶ୍ୱରର ପରିବେଶବିତ୍ ଅବନୀ ଜେନା ମଧ୍ୟ ଏହି ସାଇବର ଠକଙ୍କ ଶିକାର ହୋଇ ହଇରାଣ ହୋଇଛନ୍ତି। ଏ ବାବଦରେ ଅବନୀ ଜେନା କହିଛନ୍ତି, କିଛି ଦିନ ତଳେ ମୋ ପାଖକୁ ହ୍ୱାଟସ୍ ଆପ୍‌ରେ ଏପିକେ ଫାଇଲର ଏକ ଆରଟିଓ ଚାଲାଣ ଆସିଲା। ଫଳରେ ଏହା ଆରଟିଓ ଅଫିସରୁ ଆସିଥିବା ଭାବି ସଙ୍ଗେ ସଙ୍ଗେ ସେହି ସେହି ଫାଇଲ୍ ଡାଉନଲୋଡ୍ କରିଦେଲି। ଏହା ଡାଉନଲୋଡ୍ କରିବା ମାତ୍ରେ ମୋର ଦୁଇଟି ହ୍ୱାଟସ୍ ଆପ୍ ଦିନ ୧୦ରୁ ରାତି ୧୦ ପର୍ଯ୍ୟନ୍ତ ହ୍ୟାକ୍ କରିନେଲେ। ମୋ ଫୋନର୍ ସମସ୍ତ ତଥ୍ୟ ତଥା ଯୋଗାଯୋଗ ନମ୍ବର୍ ନେଇଗଲେ। ଯାହା ଫଳରେ ମୋଠୁ ପାଇଥିବା ସମସ୍ତ ଯୋଗାଯୋଗ ନମ୍ବରକୁ ବର୍ତ୍ତମାନ ସେମାନେ ଏପିକେ ଆରଟିଓ ଚାଲାଣ ପଠାଇ ଠକିବାକୁ ଚେଷ୍ଟା କରୁଛନ୍ତି। ମୋ ନମ୍ବର ଓ ଫଟୋ ବ୍ୟବହାର କରି ସମସ୍ତଙ୍କୁ ଉକ୍ତ ଚାଲାଣ ପଠାଇଛନ୍ତି। ଏହି ଚାଲାଣ ଫେକ୍ ବୋଲି ମୁଁ ଜାଣିପାରିଲିନି। ମୋ ପରି ଅନେକ ଲୋକ ଏବାବଦରେ ନଜାଣି ଡାଉନଲୋଡ କରିଦେଉଛନ୍ତି। ଫଳରେ ସେମାନଙ୍କ ମୋବାଇଲରୁ ତଥ୍ୟ ଚୋରି ହେଉଛି ନହେଲେ ଆକାଉଣ୍ଟରୁ ଟଙ୍କା ଲୁଟି ନେଉଛନ୍ତି'। ବର୍ତମାନ ବିଭିନ୍ନ ଉପାୟରେ ସାଇବର ଠକ ଲୋକଙ୍କୁ ଲୁଟିବାର ପ୍ରୟାସ କରୁଛନ୍ତି। କେତେବେଳେ ଫେକ୍ ଆକାଉଣ୍ଟ ତ କେତେବେଳେ ଫେକ୍ ମେସେଜ ଦେଇ ଟଙ୍କା ଲୁଟୁଛନ୍ତି। ଯାହା ଫଳରେ ଅନେକ ଲୋକ ହଇରାଣ ହେଉଛନ୍ତି। ନିକଟରେ ବାଲେଶ୍ୱର ସହରର ବିଭିନ୍ନ ଲୋକଙ୍କ ପାଖକୁ ଆରଟିଓ ଚାଲାଣର ଏକ ଏପିକେ ଆସୁଛି। ଯାହାକୁ ସାଧାରଣ ଲୋକ ଆରଟିଓ ଅଫିସରୁ ଆସିଥିବା ଚାଲାଣ ଭାବି ଡାଉନଲୋଡ କରିଦେଉଛନ୍ତି। ଫଳରେ କାହାର ତଥ୍ୟ ଚୋରି ହେଉଛି ତ କାହାର ଟଙ୍କା। ଏ ନେଇ ସଚେତନତା ଅଭାବରୁ ଏଭଳି ଘଟଣା ବୃଦ୍ଧି ପାଇବାରେ ଲାଗିଛି। ଅଜଣା ହ୍ୱାଟ୍‌ସଆପ୍‌ରେ ଆସିଥିବା କୌଣସି "ଏପିକେ' ଫାଇଲ୍‌କୁ ନ ଖୋଲିବାକୁ ସହ ବିଶ୍ୱସ୍ତ ସୂତ୍ରରୁ ପ୍ଲେ ଷ୍ଟୋର ଏବଂ ଆଇଫୋନ୍ ଷ୍ଟୋରରୁ କେବଳ ଆପ୍ ଗୁଡ଼ିକ ଇନ୍‌ଷ୍ଟଲ୍ କରନ୍ତୁ। ଯଦି ଆପଣ କୌଣସି ପ୍ରକାର ସାଇବର ଅପରାଧର ଶିକାର ହୋଇଛନ୍ତି ତେବେ ନିକଟସ୍ଥ ସାଇବର ଥାନାରେ ନିଜର ଅଭିଯୋଗ କରନ୍ତୁ କିମ୍ବା ସାଇବର ବିଶେଷଜ୍ଞଙ୍କ ପରାମର୍ଶ ନିଅନ୍ତୁ ବୋଲି ସାଇବର ବିଶେଷଜ୍ଞ ଆକାଶ ମିଶ୍ର କହିଛନ୍ତି। ଏ ବାବଦରେ ଆଞ୍ଚଳିକ ପରିବହନ ବିଭାଗ ଅଧିକାରୀ ଶ୍ୟାମଳେନ୍ଦୁ ରାଉତ କହିଛନ୍ତି, ଆମ ଅଫିସରୁ ଏପିକେ ଫାଇଲ୍ ରେ କିଛି ଯାଏ ନାହିଁ। ତାହା ପୁଣି ହ୍ୱାଟସ୍ ଆପ୍‌ରେ। ଚାଲାଣ ବାବଦରେ ହେଉ ଅବା ଅଫିସରୁ କିଛି ସର୍ଭିସ୍ ନେଉଥିଲେ ଓଟିପି ଯିବ। ଯଦି ପ୍ରଦୂଷଣ ସାର୍ଟିଫିକେଟ ପାଇଁ ମୋବାଇଲକୁ ଟେକ୍ସ ମେସେଜ ଯାଏ। ଆମର ହ୍ୱାଟସ୍ ଆପ୍‌କୁ କୌଣସି ମେସେଜ ଯାଏ ନାହିଁ।




# ବାଲେଶ୍ୱରରେ ବିଏସ୍‌ଏନ୍‌ଏଲ୍‌ର ୨୫ବର୍ଷ ପୂର୍ତ୍ତି ଉତ୍ସବ



ବାଲେଶ୍ୱର, ୬।୧୦(ସମିସ): ଭାରତ ସଂଚାର ନିଗମ ଲିମିଟେଡ (ବିଏସଏନଏଲ)ର ୨୫ବର୍ଷ ପୂର୍ତ୍ତି ଉତ୍ସବ ସମଗ୍ର ଦେଶରେ ପାଳିତ ହେଉଥିବା ବେଳେ ବାଲେଶ୍ୱରରେ ମଧ୍ୟ ଅନୁରୂପ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ବିଏସଏନଏଲର ସ୍ଥାନୀୟ ମହା ପ୍ରବନ୍ଧକଙ୍କ କାର୍ଯ୍ୟାଳୟରେ ଆୟୋଜିତ କାର୍ଯ୍ୟକ୍ରମରେ ଫକୀରମୋହନ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ ମୁଖ୍ୟଅତିଥି ଭାବେ ଯୋଗଦେଇ ୨୫ବର୍ଷ ଧରି ବିଏସଏନଏଲର କାର୍ଯ୍ୟଧାରାକୁ ପ୍ରଶଂସା କରିଥିଲେ। ଭାରତୀୟ ଡାକସେବା ଅଧିନ ବାଲେଶ୍ୱର ଅଧୀକ୍ଷକ ତାପସ କୁମାର ଦାସ ଓ ଟିପିଏନଓଡିଏଲର ବ୍ୟବସାୟିକ ଅଧୀକ୍ଷଣ ଯନ୍ତ୍ରୀ ଅନନ୍ତ ନାରାୟଣ ବିଷୋୟୀ ଏଥିରେ ସମ୍ମାନିତ ଅତିଥିଭାବେ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ବିଏସଏନଏଲର ମହାପ୍ରବନ୍ଧକ ପିକେ ମହାପାତ୍ର ଏଥିରେ ଅଧ୍ୟକ୍ଷତା କରିବା ସହିତ କମ୍ପାନୀର ନିରବିଚ୍ଛିନ୍ନ ସେବାର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ। ଉପ ମହାପ୍ରବନ୍ଧକ କହ୍ନେଇ ସିଂ ଏଥିରେ ସ୍ୱାଗତ ଭାଷଣ ଦେଇଥିବା ବେଳେ ଏସଡିଇ ପ୍ରକାଶ ଚନ୍ଦ୍ର ବେହେରା ୨୫ବର୍ଷ ପୂର୍ତି ଉତ୍ସବର ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ବିବରଣୀ ଉପସ୍ଥାପନ କରିଥିଲେ। କାର୍ଯ୍ୟକ୍ରମକୁ ଶରତ କୁମାର ଗିରି, ସତ୍ୟନାରାୟଣ ଦାଶ, ବିଜୟ ତରାଇ, କୈଳାସ ଚନ୍ଦ୍ର ବେହେରା, ସୁଧାଂଶୁ ଶେଖର କର, ହେମନ୍ତ ସାହୁ, ପଦ୍ମଲୋଚନ ପାତ୍ର ପ୍ରମୁଖ ପରିଚାଳନା କରିଥିଲେ।

# କୁଆଁର ପୁନେଇଁ ଜହ୍ନ ଗୋ... ଫୁଲ ବଉଳ ବେଣୀ

ବାଲେଶ୍ୱର, ୬।୧୦(ସମିସ): 'କୁଆଁର ପୁନେଇଁ ଜହ୍ନ ଗୋ..ଫୁଲ ବଉଳ ବେଣୀ'।କୁଆଁର ପୁନେଇଁ ପାଇଁ ସମସ୍ତ କୁଆଁରୀ କୁମାର ପୂର୍ଣ୍ଣିମା ପାଳନ କରି ସୋସିଆଲ ମିଡିଆରେ ଫଟୋ ସହ କୁଆଁର ପୁନେଇଁ ଗୀତ ସହ ପୋଷ୍ଟ କରୁଛନ୍ତି। ସୋସିଆଲ ମିଡ଼ିଆ ଯୁଗରେ କୁଆଁର ପୁନେଇଁ ଗୀତ ଏବଂ ପୁଚି ଖେଳ ସିନା ଦେଖିବାକୁ ମିଳୁନି ହେଲେ ଏବେ ଏହି ଗୀତ ସୋସିଆଲ ମିଡିଆରେ ଅଧିକ ଶୁଣିବାକୁ ମିଳୁଛି। ପାର୍ବଣ ସମୟରେ ଦଶହରା ପରେ ଗଜଲକ୍ଷ୍ମୀଙ୍କ ପୂଜା ଓ କୁମାର ପୂର୍ଣ୍ଣିମା ଆସିଛି। କୁମାର ପୂର୍ଣ୍ଣିମା ପାଇଁ କେବଳ ଗାଁରେ ନୁହେଁ ବରଂ ସହରରେ ମଧ୍ୟ କୁମାରୀମାନେ ଉତ୍ସାହର ସହ କୁମାର ପୂର୍ଣ୍ଣିମା ପାଳନ କରିଛନ୍ତି। ଉମାପୁତ୍ର ପ୍ରଭୁ ଶ୍ରୀ କାର୍ତ୍ତିକେୟଙ୍କ ଜନ୍ମଦିନ ଥିବାରୁ ଏହି ପୂଜା କଲେ ତାଙ୍କ ଭଳି ସୌମ୍ୟ, ସୁନ୍ଦର ଓ ବୀର ବର ମିଳେ ବୋଲି ବିଶ୍ୱାସ ରହିଛି। ବିଶେଷକରି କୁଆଁରୀମାନେ କାର୍ତ୍ତିକେୟଙ୍କ ପରି ବର ପାଇବା ପାଇଁ ଏହି ଓଷା ପାଳନ କରନ୍ତି। ସେହିପରି ବାଲେଶ୍ୱର ସହରର ବିଭିନ୍ନ ସ୍ଥାନରେ କୁନି କୁନି ଝିଅମାନଙ୍କଠୁ ଆରମ୍ଭ କରି କୁମାରୀମାନେ କୁମାର ପୂର୍ଣ୍ଣିମା ପାଳନ କରିଛନ୍ତି। ସୋମବାର ସକାଳୁ ନୂଆ ପୋଷାକ ପରିଧାନ କରି ସୂର୍ଯ୍ୟଙ୍କୁ ଖଇ ଆଞ୍ଜୁଳି ଦେବା ପରେ ସନ୍ଧ୍ୟାରେ ତଉରାରେ ପୂଜା କରି ଚାନ୍ଦକୁ ଆଞ୍ଜୁଳି ଦେଇଛନ୍ତି। ଖଇ, ଗୁଆ, କଦଳୀ, ନଡ଼ିଆ, କାକୁଡ଼ି, ଜହ୍ନି, ଆଖୁ ଭଳି ଫଳ ଭୋଗ ଲାଗେ। ସନ୍ଧ୍ୟାରେ ଦାଉ ଦାଉ ଦୃଶ୍ୟମାନ ଜହ୍ନକୁ ଦେଖି ଆଞ୍ଜୁଳି ଟେକିଛନ୍ତି। ଅନେକ ଝିଅ ଏକାଠି ହୋଇ ଏହି ପୂଜା କରିଛନ୍ତି।



# ଚୋରା ମଦ କାରବାର ବନ୍ଦ ଦାବି



ବାଲେଶ୍ୱର,୬।୧୦(ସମିସ): ସଦର ବ୍ଲକର ସାର୍ଥା ଗ୍ରାମପଂଚାୟତ ଅର୍ନ୍ତଗତ ବୁଧିଆମାରି ଗ୍ରାମର ସମସ୍ତ ଗ୍ରାମବାସୀ ଏବଂ ଏସଏସଜି ମହିଳାମାନେ ଗାଁରେ ଅବାଧରେ ଚୋରା ମଦ କାରବାର ବନ୍ଦ କରିବା ପାଇଁ ଜିଲ୍ଲାପାଳଙ୍କଠାରେ ଦାବି କରାଯାଇଛି। ଅଂଚଳରେ ଦେଶୀ ଓ ବିଦେଶୀ ମଦ ଚୋରାରେ ବିକ୍ରି ହେଉଛି। ଚୋରା ମଦ କାରବାର ହେଉଥିବା ସ୍ଥାନରେ ଅଙ୍ଗନବାଡି କେନ୍ଦ୍ର ରହିଥିବା ବେଳେ ଦୁଇଟି ସରକାରୀ ସ୍କୁଲ, ବାତ୍ୟା ଆଶ୍ରୟସ୍ଥଳୀ, ମନ୍ଦିର, ସାପ୍ତାହିକ ହାଟ ଏବଂ ରାସନ ଡିଲର ମଧ୍ୟ ରହିଛି। ଫଳରେ ସାଧାରଣ ଲୋକେ ସେଠାରେ ସମସ୍ୟା ଭୋଗୁଛନ୍ତି। ପ୍ରଶାସନକୁ ଅଭିଯୋଗ ସତ୍ତ୍ୱେ ପଦକ୍ଷେପ ନିଆଯାଉନି। ଏଣୁ ଆଜି ଗ୍ରାମବାସୀ ଜିଲ୍ଲାପାଳଙ୍କ ଠାରେ ଅଭିଯୋଗ କରିବା ସହ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଉର୍ମିଳା ସେଠୀ, ରାଧାମଣୀ ମାଇତି, କଳ୍ପନା ଭୂୟାଁ, ସୁମିତ୍ରା ମାନ୍ନା, ମମତା ମଣ୍ଡଳ, ସନ୍ଧ୍ୟା ମଣ୍ଡଳ, ଲକ୍ଷ୍ମୀପ୍ରିୟା ଗିରି, ମୀନତି ମଣ୍ଡଳ, ମାଳତୀ ଓଝା ପ୍ରମୁଖଙ୍କ ସହ ଅନ୍ୟମାନେ ଦାବି କରିଛନ୍ତି।

**● ଆଇନଶୃଙ୍ଖଳାକୁ ନେଇ ଜିଲ୍ଲା ପ୍ରଶାସନର କଡ଼ା ପଦକ୍ଷେପ**

# ୨୧ତାରିଖ ପର୍ଯ୍ୟନ୍ତ ରାତି ୧୦ରୁ ସକାଳ ୬ ବଜାର ବନ୍ଦ ନିର୍ଦ୍ଦେଶ

ବାଲେଶ୍ୱର, ୬।୧୦(ସମିସ): ବାଲେଶ୍ୱର ସହରରେ ଜିଲ୍ଲା ପ୍ରଶାସନ ପକ୍ଷରୁ କଡା ନିୟମ ଜାରି କରାଯାଇଛି। ଆସନ୍ତା ୨୧ତାରିଖରେ ଦୀପାବଳି ପଡୁଥିବାରୁ ବିଳମ୍ବିତ ରାତି ୧ଟା ପର୍ଯ୍ୟନ୍ତ ସହରରେ ଦୋକାନ ବଜାର ଖୋଲା ରହୁଛି। ଯାହାଫଳରେ ଅଧିକ ଲୋକ ରହୁଥିବାରୁ ଆଇନ ଶୃଙ୍ଖଳା ପରିସ୍ଥିତି ସୃଷ୍ଟି ହେବାର ଆଶଙ୍କା ରହୁଛି। ଏହାକୁ ନେଇ ଜିଲ୍ଲା ପ୍ରଶାସନ ପକ୍ଷରୁ ରାତି ୧୦ଟାରୁ ସକାଳ ୬ ପର୍ଯ୍ୟନ୍ତ ସମସ୍ତ ବ୍ୟବସାୟିକ ପ୍ରତିଷ୍ଠାନ ଓ ଦୋକାନ ବଜାର ବନ୍ଦ ରହିବା ପାଇଁ ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ ନିର୍ଦ୍ଦେଶ ଜାରି କରିବା ସହ କଡ଼ାକଡି ଭାବେ ସହରରେ ପାଟ୍ରୋଲିଂ କରିବା ପାଇଁ ପୁଲିସକୁ ନିର୍ଦ୍ଦେଶ ଜାରି କରିଛନ୍ତି। ଏହି ନିୟମ ଆସନ୍ତା ୨୧ ତାରିଖ ଯାଏ ବଳବତ୍ତର ରହିବା ନେଇ ପୁଲିସ ମାଇକ ଦ୍ୱାରା ପ୍ରଚାର କରାଯିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ସମସ୍ତ ଦୋକାନୀ ଓ ବ୍ୟବସାୟୀଙ୍କୁ ଏହି ନିୟମର ଅନୁପାଳନ ପାଇଁ ପୁଲିସ ପକ୍ଷରୁ ନିବେଦନ କରାଯାଇଛି। ଏ ନେଇ ଆଜି ରାତିରେ ପୁଲିସ ପକ୍ଷରୁ ପ୍ରଚାର ଗାଡ଼ି ମାଧ୍ୟମରେ ଜନସାଧାରଣଙ୍କ ଅବଗତି ପାଇଁ ସୂଚନା ପ୍ରଦାନ କରାଯାଇଛି।





# ସୋନମ ୱାଙ୍ଗଚୁକଙ୍କୁ ମୁକ୍ତ ପାଇଁ ଦାବିପତ୍ର

ବାଲେଶ୍ୱର, ୬।୧୦(ସମିସ): ଲାଦାଖର ବାସିନ୍ଦା, ବିଶିଷ୍ଟ ପରିବେଶବିତ, ଶିକ୍ଷାବିତ, ସମାଜ ସଂସ୍କାରକ, ଜାତୀୟ ଓ ଆନ୍ତର୍ଜାତୀୟ କ୍ଷେତ୍ରରେ ବହୁ ପୁରସ୍କାରପ୍ରାପ୍ତ, ଉଦଭାବକ ତଥା ବୈଜ୍ଞାନିକ ସୋନମ ୱାଙ୍ଗଚୁକଙ୍କୁ ଗତମାସ ୨୬ ତାରିଖ ଦିନ ବିଭିନ୍ନ ମିଥ୍ୟା ଅଭିଯୋଗକୁ ଭିତ୍ତିକରି ଜାତୀୟ ନିରାପତ୍ତା ଆଇନ ଆଇନରେ ପ୍ରଶାସନ ଗିରଫ କରି ଯୋଧପୁର ଜେଲରେ ରଖିଛନ୍ତି। ଏ ନେଇ ଆଜି ବାଲେଶ୍ୱରର ବହୁ ବୁଦ୍ଧିଜୀବୀ, ସାମାଜିକ କର୍ମୀ ଓ ଦେଶପ୍ରେମୀମାନେ 'ନାଗରିକ ଅଧିକାର ସୁରକ୍ଷା ଅଭିଯାନ' ସଙ୍ଗଠନ ପକ୍ଷରୁ ଜିଲ୍ଲାପାଳଙ୍କ ଜରିଆରେ ରାଷ୍ଟ୍ରପତିଙ୍କୁ ଲିଖିତ ଭାବେ ଏକ ଦାବିପତ୍ର ପ୍ରଦାନ କରି ଏହି ଘଟଣାରେ ପ୍ରତ୍ୟକ୍ଷ ହସ୍ତକ୍ଷେପ କରି ଦେଶର ପ୍ରଚଳିତ ସମ୍ବିଧାନ ଓ ଆଇନ ବ୍ୟବସ୍ଥାକୁ ବିଚାରକୁ ନେଇ ଏବଂ ନାଗରିକର ସ୍ୱାଧୀନ ମତବ୍ୟକ୍ତ କରିବାର ଅଧିକାରର ସୁରକ୍ଷା ନିମିତ ବିନା ସର୍ତରେ ୱାଙ୍ଗଚୁକଙ୍କୁ ମୁକ୍ତ କରିବାକୁ ନିବେଦନ କରାଯାଇଛି। ଜିଲ୍ଲାପାଳଙ୍କ ପକ୍ଷରୁ ଅତିରିକ୍ତ ଜିଲ୍ଲାପାଳ ସୁଧାକର ନାୟକ ଦାବିପତ୍ର ଗ୍ରହଣ କରିଥିଲେ। ଏହି ଦାବିପତ୍ର ପ୍ରଦାନ ଓ ସାକ୍ଷାତକାରରେ ପୂର୍ବତନ ବିଧାୟକ ପ୍ରଦୀପ୍ତ ପଣ୍ଡା ଓ ସୁଦର୍ଶନ ଜେନାଙ୍କ ସମେତ ଭାଗବତ ପ୍ରତିହାରୀ, ଶିଶିର ହୁଇ, ମନୋଜ ନାୟକ, ଅରୁଣ ଜେନା, ଗୌରାଙ୍ଗ ପାଣିଗ୍ରାହୀ, ତୁଷାରକାନ୍ତି ମହାପାତ୍ର, ଶ୍ୟାମସୁନ୍ଦର ଜେନା, ବନ୍ଦନା ବିଶ୍ୱାସ, ପ୍ରେମରଞ୍ଜନ ପାତ୍ର, ବିଧାନଚନ୍ଦ୍ର ରାୟ, ନିର୍ମଳ ନାୟକ, ଦେବାଶିଷ ସିଂହ, ଅଜଗର ଅଲ୍ଲୀ, କମଳାକାନ୍ତ ନାୟକ, ଯତୀନ ପାତ୍ର ଓ କର୍ଣ୍ଣ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

**ଔଷଧ ଦୋକାନରେ ଚଢ଼ଉ**

# ବିଭିନ୍ନ କମ୍ପାନୀର କଫ୍ ସିରପ୍ କିଣାବିକା ସମ୍ବନ୍ଧରେ ଯାଞ୍ଚ



ବାଲେଶ୍ୱର, ୬।୧୦(ସମିସ): ମଧ୍ୟ ପ୍ରଦେଶର କଫ ସିରାପ ଖାଇ ଦୁଇ ବର୍ଷର ପିଲା ମୃତ୍ୟୁବରଣ କରିଥିବା ଜାଣିବା ପରେ ଓଡ଼ିଶା ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ବିଭାଗ ତତ୍ପରତା ଦେଖାଇଛି। ଓଡ଼ିଶା ଭେଷଜ ନିୟନ୍ତ୍ରକଙ୍କ ନିର୍ଦ୍ଦେଶରେ ବାଲେଶ୍ୱର ଭେଷଜ ନିରୀକ୍ଷକ ଆଜି ବାଲେଶ୍ୱର ସହରର ବିଭିନ୍ନ ଔଷଧ ଦୋକାନରେ ଚଢଉ କରି ବିଭିନ୍ନ କମ୍ପାନୀର କଫ ସିରପ କିଣା ଏବଂ ବିକ୍ରି ସମ୍ବନ୍ଧରେ ଯାଞ୍ଚ କରିଛନ୍ତି। ଏହି ଯାଞ୍ଚ ସମୟରେ ଡ୍ରଗସ୍ ଇନ୍ସପେକ୍ଟର ମୋନାଲିସା ମଲ୍ଲିକ, ଆସିଷ୍ଟାଣ୍ଟ ଡ୍ରଗ୍ କଣ୍ଟ୍ରୋଲର ନିହାରିକା ଦାଶ, ସଦର ଡ୍ରଗ ଇନ୍ସପେକ୍ଟର ଜୟଶ୍ରୀ ପାତ୍ର, ଅଫିସ ଆସିଷ୍ଟାଣ୍ଟ ବିନୟ କୁମାର ସେନାପତି, ପିଅନ୍ ମନୋଜ୍ ଧଳ ପ୍ରମୁଖ ଉପସ୍ଥିତ ଥିଲେ। ଶିଳ୍ପାଞ୍ଚଳ ଓ ଟାଉନ୍ ଥାନା ଅଧୀନ ଅଞ୍ଚଳରେ ଏହି ଯାଞ୍ଚ ପ୍ରକ୍ରିୟା କରାଯାଇଛି। ବିଭିନ୍ନ ମେଡିକାଲ ଷ୍ଟୋର୍ ତଥା ପେଡିଆଟ୍ରିକ ସ୍ପେଶାଲିଷ୍ଟଙ୍କ ଦୋକାନରେ ଯାଞ୍ଚ କରାଯାଇଛି। ଦୁଇ ବର୍ଷରୁ କମ୍ ପିଲାଙ୍କୁ କଫ ସିରପ ଦିଆଯିବା ନେଇ ନିଷେଧ କରିବା ସହ ଡାକ୍ତର ମଧ୍ୟ ଏହା ପ୍ରେସକ୍ରାଇବ୍ ନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ମଧ୍ୟ ପ୍ରଦେଶର କଫ ସିରପ ବରଗଡକୁ ଆସିଛି ହେଲେ ବାଲେଶ୍ୱରକୁ ଆସିନଥିବା ଏହି ଯାଞ୍ଚରୁ ଜଣାପଡିଛି। ବର୍ତ୍ତମାନ ଯେଉଁ କଫ ସିରପ ଅଛି ତାହା ଦୁଇ ବର୍ଷ ବୟସରୁ କମ ପିଲାଙ୍କ ପାଇଁ ବିକ୍ରି ମନା କରିବା ସହ ସେମାନଙ୍କୁ ଔଷଧ ଦେବାକୁ ନିର୍ଦ୍ଦେଶ ଦିଆଯାଇଛି ବୋଲି ସୂଚନା ମିଳିଛି। ଡାକ୍ତର ସେମାନଙ୍କୁ ଔଷଧ ନ ହେଲେ ଅଲଗା ଡ୍ରପ ଦେଇପାରିବେ।

**ଜିଲ୍ଲା ମୁଖ୍ୟାଳୟରେ ମିଳିତ ଜନଶୁଣାଣି**

# ୧୬୨ ଅଭିଯୋଗରୁ ୧୮ ଟିର ତତ୍କାଳ ଫଇସଲା

ବାଲେଶ୍ୱର, ୬।୧୦ (ସମିସ)



ଚଳିତ ମାସର ପ୍ରଥମ ସୋମବାର ଜିଲ୍ଲା ମୁଖ୍ୟ କାର୍ଯ୍ୟାଳୟରେ ମିଳିତ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ, ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ପ୍ରତ୍ୟୁଷ ଦିବାକରଙ୍କ ଅଧ୍ୟକ୍ଷତାରେ ଏହି ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଛି। ଶିବିରରେ ମୋଟ୧୬୨ଟି ଅଭିଯୋଗ ଗ୍ରହଣ କରାଯାଇଥିଲା। ସେଥିମଧ୍ୟରୁ ୧୫୧ଟି ମାମଲା ବ୍ୟକ୍ତିଗତ ରହିଥିବା ବେଳେ ୨ଟି ସାମୁହିକ ସମସ୍ୟା ଉପରେ ରହିଥିଲା। ଏହାବ୍ୟତିତ ୯ଟି ମାମଲା ମୁଖ୍ୟମନ୍ତ୍ରୀ ସହାୟତା ପାଣ୍ଠି ପାଇଁ ଆବେଦନ ହୋଇଥିଲା। ଏହାବ୍ୟତିତ ୧୮ ଟି ମାମଲାକୁ ତତ୍କାଳ ଫଇସଲା କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲ୍ଲାପାଳ ହେମନ୍ତ ସିଂ, ଜିଲ୍ଲାପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ସଞ୍ଜୟ କୁମାର ରାଉତ, ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡ. ପ୍ରଭାତ ବେହେରା, ଉପଜିଲ୍ଲାପାଳ ଶିବ ମାଲବୀୟ ପ୍ରମୁଖ ଅଧିକାରୀ ଉପସ୍ଥିତ ଥିଲେ।

**ଦିବ୍ୟାଙ୍ଗଙ୍କୁ ଭତ୍ତା ପ୍ରଦାନ ଦାବି:** ବସ୍ତା ବ୍ଲକ ଅଞ୍ଚଳର ସବିତା ଜେନା ଜଣେ ଦିବ୍ୟାଙ୍ଗ ମହିଳା ଅଟନ୍ତି। ଜନ୍ମରୁ ସେ ସ୍ୱଳ୍ପ ଦୃଷ୍ଟିବାଧିତ ହୋଇଥିବା ବେଳେ ଜିଲ୍ଲା ପ୍ରଶାସନଠାରେ ଗୁହାରି କରିବା ପରେ ମଧ୍ୟ ଆଜି ପର୍ଯ୍ୟନ୍ତ ସେ ଭତ୍ତା ପାଇବାରୁ ବଞ୍ଚିତ ହୋଇଛନ୍ତି। ଏପରିକି ତାଙ୍କ ସ୍ୱାମୀ ଶିବଶଙ୍କର ମଧ୍ୟ ଜଣେ ରୋଗୀ ଅଟନ୍ତି। ଏଣୁ ତାଙ୍କ ପରିବାର ପ୍ରତିପୋଷଣ କରିବାରେ ଅସମର୍ଥ ହେଉଥିବା ବେଳେ ତାଙ୍କୁ ଭତ୍ତା ଯୋଗାଇଦେବା ପାଇଁ ସେ ଦାବି କରିଛନ୍ତି।

**ଅନ୍ତ୍ୟୋଦୟ ଯୋଜନାରେ ସାମିଲ ଦାବି:** ସାହାଦା ଅଂଚଳର ବିନତୀ ମଡୁଆଳ ଜଣେ ଗରିବ ଶ୍ରେଣୀର । ପରିବାର କହିଲେ ସେ ଏବଂ ତାଙ୍କ ସ୍ୱାମୀ। ହେଲେ ତାଙ୍କ ପରିବାର ଚଳିବା ପାଇଁ ବହୁ ଅସୁବିଧାର ସମ୍ମୁଖିନ ହେଉଛନ୍ତି। ଏଣୁ ତାଙ୍କୁ ଅନ୍ତ୍ୟୋଦୟ ଯୋଜନାରେ ସାମିଲ କରି ସହାୟତା ପ୍ରଦାନ କରିବା ପାଇଁ ଦାବି କରିଛନ୍ତି। ସେହିପରି ସାରଗାଁ ଅଂଚଳର ପିତାମ୍ବର ବେହେରା ତାଙ୍କୁ ମଧ୍ୟ ସେହି ଅନ୍ତ୍ୟୋଦୟ ଯୋଜନାରେ ସାମିଲ କରିବା ପାଇଁ ସେ ଦାବି କରିଛନ୍ତି।

# ରାଜପୁରରେ ଦଶହରା ପୂର୍ଣ୍ଣିମା ବଏଲଯାତ୍ରା



ଝାରସୁଗୁଡା,୬ା୧୦(ସମିସ): ଝାରସୁଗୁଡ଼ା ଜିଲ୍ଲା ସଦରବ୍ଲକ୍ ରାଜପୁର ଗ୍ରାମପଞ୍ଚାୟତ ଅନ୍ତର୍ଗତ ରାଜପୁର ସମଲେଶ୍ୱରୀଙ୍କ ଦଶହରା ପୂର୍ଣ୍ଣିମା ବଏଲଯାତ୍ରା ହର୍ଷ ଉଲ୍ଲାସର ସହିତ ସମ୍ପନ୍ନ ହୋଇଛି। ରାଜପୁର ସମଲେଶ୍ୱରୀଙ୍କ ଷୋଡ଼ଶ ଦିନାଶକ ପୂଜା ଓ ବଳି ଯାତ୍ରା ପ୍ରତିବର୍ଷ କୁମାର ପୂର୍ଣ୍ଣିମାରେ ଅନୁଷ୍ଠିତ ହୋଇଥାଏ। ଏହି କ୍ରମରେ ସୋମବାର ରାଜପୁର ସମଲେଶ୍ୱରୀ ମନ୍ଦିରରେ ରାଜ ପୁରୋହିତ ପ୍ରଦୀପ ପାଢୀଯୋଶୀ ମା'ଙ୍କ ସହିତ ପାଶ୍ୱର୍ ଦେବୀଙ୍କ ପୂଜାର୍ଚ୍ଚନା ପରେ ଚଣ୍ଡୀ ପାଠ କରିଥିଲେ। ସନ୍ଧ୍ୟାରେ ବଳି ଯାତ୍ରା ପାଇଁ ସମସ୍ତ ପ୍ରସ୍ତୁତି ଶେଷ ହେବା ପରେ ପୁରୋହିତ ଶ୍ରୀ ପାଢୀଯୋଶୀ ମନ୍ଦିର ପୂଜକଙ୍କ (କାଲୋ) ଶରୀରରେ ମା'ଙ୍କୁ ଆବାହନ କରିଥିଲେ। ମା'ଙ୍କ ଶକ୍ତି ସଞ୍ଚାର ହେବା ପରେ ବରୁଆ ପ୍ରଥମେ ରାଜପୁର ଜମିଦାରଙ୍କ ଉଆସକୁ ନିଆଯାଇଥିଲା। ଏହା ପୂର୍ବରୁ ବରୁଆ ପ୍ରଥମେ ଦୁର୍ଗା ଗୁଡ଼ି ସମ୍ମୁଖରେ ପାଟ ଖଣ୍ଡା ଖେଳିଥିଲେ। ପରେ ଜମିଦାର ଉଆସରେ ଜମିଦାର ବଂଶଜ ବୋହୂମାନେ ବରୁଆ, ପାଟ ଖଣ୍ଡା, ଛତର, ବୈରଖକୁ ପୂଜାର୍ଚ୍ଚନା କରି ଗୁହାରି କରିଥିଲେ। ବରୁଆ ସେଠାରୁ ବାହାରି ଜଗନ୍ନାଥ ମନ୍ଦିରପଡ଼ା, ରାଜପୁର ହାଟ ଦାଣ୍ଡ, ପୁରୁଣା ବସ୍ତି, ପଚ୍ଛାଭାଡ଼ି, ସମଲେଇ ମନ୍ଦିରପଡ଼ା ପରିକ୍ରମା କରି ମନ୍ଦିରକୁ ପ୍ରତ୍ୟାବର୍ତ୍ତନ କରିଥିଲେ। ବରୁଆ ରୂପରେ ଦେବୀଙ୍କ ନଗର ପରିକ୍ରମା ବେଳେ ଗ୍ରାମବାସୀ ବାରୁଆକୁ ନିଜ ନିଜ ଘର ସମ୍ମୁଖରେ ଦୀପ ଜାଳି ପୂଜାର୍ଚ୍ଚନା କରିଥିଲେ।

ଏହି ଅବସରରେ ଶ୍ରଦ୍ଧାଳୁମାନେ ମା'ଙ୍କୁ ଭୋଗ ଅର୍ପଣ କରିଥିଲେ। ବିଳମ୍ବିତ ରାତିରେ ଜମିଦାର ବଂଶଜଙ୍କ ଉପସ୍ଥିତରେ ରାଜ ପୁରୋହିତ ନିଶା ପୂଜା କରିଥିଲେ। ପୂଜା କାର୍ଯ୍ୟରେ ପଣ୍ଡିତ ମୋତିଲାଲ ମିଶ୍ର ଓ ବାସୁଦେବ ଦାସ ସହଯୋଗ କରିଥିଲେ।

## ୫୨ ବର୍ଷରେ ରଘୁନାଥପାଲିର ବଏଲଯାତ୍ରା

# ମା'ଙ୍କ ଚାଚେରି ଖେଳ ଦେଖିବାକୁ ସହସ୍ରାଧିକଙ୍କ ସମାଗମ

କୋଲାବିରା,୬ା୧୦(ସମିସ)

ଝାରସୁଗୁଡ଼ା ଜିଲ୍ଲା କୋଲାବିରାର ରଘୁନାଥପାଲିର ପ୍ରତ୍ୟକ୍ଷ ଦେବୀ ମା'ସମଲେଶ୍ୱରୀଙ୍କ ବଏଲଯାତ୍ରା ରବିବାର ଦ୍ୱାଦଶୀ ତିଥିରେ ସମାପନ ହୋଇଛି। ଆଶ୍ୱିନ କୃଷ୍ଣପକ୍ଷ ପ୍ରତିପଦା ଠାରୁ ୯ଦିନ ବ୍ୟାପି ସମଲେଇ ମନ୍ଦିରରେ ଅଖଣ୍ଡଦୀପ ପ୍ରଜ୍ୱଳନ, ସପ୍ତମୀ ତିଥିରେ ପାଟଖଣ୍ଡା ସ୍ଥାପନ ଓ ନିଶାପୂଜା, ଅଷ୍ଟମୀ ତିଥିରେ ଷୋହଳ ଖଣ୍ଡା ସ୍ଥାପନ ଓ ବଏଲଯାତ୍ରା ଅନୁଷ୍ଠିତ ହୋଇଯାଇଛି।

ଶନିବାର ରାତ୍ରୀରେ ଭୁଲିଆ ସଂପ୍ରଦାୟର ଜଣେ ଲୋକକୁ ଦେବୀଙ୍କ ପୂଜକମାନେ ମୁଣ୍ଡରେ ଫୁଲର ଚୂଳବାନ୍ଧି ମୁହଁରେ ସିନ୍ଦୁର ବୋଳିବା ପରେ ପୂଜା ଉପଚାର କରି ବରୁଆ ଦେହରେ ଦୈବୀ ଶକ୍ତି ସଂଚାର ପାଇଁ ମନ୍ତ୍ରତନ୍ତ୍ରର ପ୍ରୟୋଗ କରି ଦେବୀଙ୍କ ଛଡା ସିନ୍ଦୁର, ଫୁଲ, ଅରୁଆ ଚାଉଳ ଆଦି ନେଇ କପାଳରେ ଟିକି ଦେଇଥିଲେ। ପରେ ପୁରୋହିତ ମନ୍ତ୍ରତନ୍ତ୍ର ଉଚ୍ଚାରଣ କରିବା ପରେ ଏହାର ପ୍ରଭାବରେ ବରୁଆ ଆସିଥିଲା। ଏହାପରେ ଢୋଲ, ନିଶାନ, ତାସା, ମହୁରୀର ସାମୁହିକ ଶୋହଲ ଭରନିର ବାଦ୍ୟର ତାଳ ଦେଇ ବରୁଆ ପିଠରୁ ବାହାରିଥିଲା। ଧାରଣା, ଧ୍ୟାନ ପ୍ରତ୍ୟାହାର ପାଇଁ ବରୁଆକୁ ଶୋହଳ ଭରନି ବାଦ୍ୟ ରୂପକ ଶବ୍ଦ ବ୍ରହ୍ମ ହିଁ ସହାୟକ ହୋଇଥାଏ ବୋଲି କୁହାଯାଏ। ବରୁଆ ଦେହରେ ଦୈବୀଶକ୍ତି ସଂଚାରିତ ହେବାପରେ ବରୁଆକୁ ସମଲେଶ୍ୱରୀଙ୍କ ସାକ୍ଷାତ ଅବତାର ବିବେଚନା କରାଯାଇଥାଏ। ପିଠରୁ ରାତ୍ରୀରେ ବରୁଆ ବାହାରି ଗ୍ରାମ ପରିକ୍ରମା କରିଥିଲେ। ଗ୍ରାମ ପରିକ୍ରମା ସମୟରେ ଦେବୀ ବାହନ ବରୁଆଙ୍କୁ ଘରେଘରେ ପୂଜା ଅର୍ଚ୍ଚନା କରାଯାଇଥିଲା। ତତ୍ ପଶ୍ଚାତ ବାହାରି ଥିବା ଦେବୀ ବାହନ ବରୁଆ ଗ୍ରାମ୍ୟ ପରିକ୍ରମା କରି ଶ୍ରଦ୍ଧାଳୁ ଭକ୍ତମାନଙ୍କୁ ଆର୍ଶିବାଦ ପ୍ରଦାନ ପର୍ବ ସାରିବା ପରେ ମନ୍ଦିରକୁ ବରୁଆ ପ୍ରତ୍ୟାବର୍ତ୍ତନ କରିବା ଅବସରରେ ବରୁଆପାଟ ଯାଇଥିଲା ଅର୍ଥାତ ବରୁଆ ଦେହରୁ ଦୈବୀଶକ୍ତ ଅପସାରିତ ହୋଇଥିଲା। ବରୁଆ ପାଟ ଯିବା ପୂର୍ବରୁ ବଏଲଯାତ୍ରାର ଅନ୍ତିମ ପର୍ଯ୍ୟାୟରେ ମନ୍ଦିର ପ୍ରତ୍ୟାବର୍ତ୍ତନ ପୂର୍ବରୁ ମନ୍ଦିର ପରିସରରେ ମା'ଙ୍କ ଚାଚେରି ଖେଳ ଅନୁଷ୍ଠିତ ହୋଇଥିଲା। ଯାହାକୁ ଦେଖିବାକୁ ସହସ୍ରାଧିକ ଭକ୍ତଙ୍କ ସମାଗମ ହୋଇଥିଲା।

ଚଳିତ ବର୍ଷ ଦେବୀବାହନ ବରୁଆ ଭାବରେ ଖେଳ ମେହେର କାର୍ଯ୍ୟ ତୁଲାଇଥିବା ବେଳେ ଶିବ ମେହେର କର୍ତ୍ତାକାର୍ଯ୍ୟ ସଂପାଦନ କରିଥିଲେ। ପୁରୋହିତ ଦୀନବନ୍ଧୁ ମିଶ୍ର ପୂଜକ କାର୍ଯ୍ୟ ସଂପାଦନ କରିଥିବା ବେଳେ ଅଶୋକ ମେହେର ଓ ଆନନ୍ଦ ସେଠ୍ ତାଙ୍କୁ ପୂଜା କାର୍ଯ୍ୟରେ ସହଯୋଗ କରିଥିଲେ। ସେବାୟତ ରାଜୁ ମେହେର, କୁବେର ମେହେର, ଶ୍ରୀମଙ୍ଗଳ ମେହେର, ଚନ୍ଦ୍ର ମେହେର, ବଜରଙ୍ଗ ମେହେର, ଡିଲେଶ୍ୱର ମେହେର ପ୍ରମୁଖ ବରୁଆକୁ ଗ୍ରାମପରିକ୍ରମାରେ ସହାୟତା କରିବା ସହିତ ସମସ୍ତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଗ୍ରାମବାସୀଙ୍କ ସାମୂହିକ ପ୍ରଚେଷ୍ଟା ଏବଂ ଆର୍ଥିକ ସହାୟତାରେ ୫୨ ବର୍ଷଧରି ନିରବଚ୍ଛିନ୍ନ ଭାବରେ ଆୟୋଜିତ ହୋଇଆସୁଥିବା ଏହି ପାରମ୍ପରିକ ବଏଲଯାତ୍ରା ପାଇଁ ମା' ସମଲେଶ୍ୱରୀ ପୀଠ ଉତ୍ସବ ମୁଖର ହୋଇପଡ଼ିଥିଲା। ଅଞ୍ଚଳବାସୀ ଶ୍ରଦ୍ଧାର ସହିତ ଦେବୀ ସମଲେଶ୍ୱରୀଙ୍କୁ ଇଷ୍ଟଦେବୀ ରୂପେ ପୂଜା କରିଆସୁଥିବାରୁ ଏଠିକାର ପୀଠର ଏକ ବିଶେଷ ମହତ୍ତ୍ୱ ରହିଛି। ଏଠାରେ ମାନସିକ କଲେ ସୁଫଳ ମିଳିଥାଏ ବୋଲି ସ୍ଥାନୀୟ ଜନସାଧାରଣଙ୍କ ଦୃଢ଼ ଆଶା ଓ ବିଶ୍ୱାସ ରହଛି। ଗ୍ରାମବାସୀ ତଥା ଜନସାଧାରଣଙ୍କ ସାମୂହିକ ପ୍ରଚେଷ୍ଟା ଓ ସହାୟତାରୁ କିମ୍ବଦନ୍ତି ଅନୁଯାୟୀ ୧୯୭୨ ମସିହାରୁ ନିରବଚ୍ଛିନ୍ନ ଭାବରେ ଆୟୋଜିତ ହୋଇଆସୁଥିବା ବଏଲଯାତ୍ରାକୁ ଏ ପର୍ଯ୍ୟନ୍ତ ସରକାରୀ ପୃଷ୍ଠପୋଷକତା କିମ୍ବା ପ୍ରୋତ୍ସାହନ ମିଳିନାହିଁ। ରଘୁନାଥପାଲି ଭୂଲିଆପଡାର(ମେହେର ସମାଜ) ଦଶହରାପୂଜା କମିଟିର ସଭାପତି ଗଣେଷ ମେହେର, ସମ୍ପାଦକ ନବୀନ ମେହେର, ଭିଷ୍ମଦେବ ମେହେର, ନୃପମଣୀ ମେହେରଙ୍କ ସମେତ କମିଟିର ସଦସ୍ୟ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସକ୍ରିୟ ଅଂଶଗ୍ରହଣ କରିଥିଲେ। ଏହି ଅବସରରେ ତିନି ଦିନ ଧରି ବିଭିନ୍ନ ପ୍ରକାରର ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା।





# ଟି ୱିଥ୍ ଟିଚର୍ସର ଦ୍ୱିତୀୟ ବୈଠକ

ଝାରସୁଗୁଡ଼ା,୬ା୧୦(ସମିସ): ଝାରସୁଗୁଡ଼ା ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟ ପକ୍ଷରୁ ଲଖନପୁର ପଞ୍ଚାୟତ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ପ୍ରାଙ୍ଗଣରେ ଟି ୱିଥ୍ ଟିଚର୍ସର ଦ୍ୱିତୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି।



ଏହି ବୈଠକରେ ଝାରସୁଗୁଡ଼ାର ଜିଲ୍ଲା ଶିକ୍ଷାଧିକାରୀ ରାଧାକାନ୍ତ ଗଡ଼ତିଆ, ଲଖନପୁର ବ୍ଲକ୍ ଶିକ୍ଷା ଅଧିକାରୀ ରାଜେନ୍ଦ୍ର ପ୍ରସାଦ ସାହୁ, ଅତିରିକ୍ତ ବ୍ଲକ୍ ଶିକ୍ଷା ଅଧିକାରୀ ହେମସାଗର ଚୌଧୁରୀ ଏବଂ ବିଦ୍ୟାଳୟର ଭାରପ୍ରାପ୍ତ ଅଧକ୍ଷା ସଙ୍ଗୀତା ସାହୁ ଉପସ୍ଥିତ ରହିଥିଲେ। ଏହି ଅବସରରେ ଅନୁଷ୍ଠିତ ଆଲୋଚନାଚକ୍ରରେ ଜିଲ୍ଲା ଶିକ୍ଷାଧିକାରୀ ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କ ବିଭିନ୍ନ ସମସ୍ୟାଗୁଡିକୁ ଶୁଣିବା ସହ ଶୀଘ୍ର ସମାଧାନ ପାଇଁ ପ୍ରତିଶ୍ରୁତି ଦେଇଥିଲେ। ବିଦ୍ୟାଳୟରେ ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟ କରିବା, ବିଦ୍ୟାଳୟରେ ସୁନ୍ଦର ଶୈକ୍ଷିକ ବାତାବରଣ ତିଆରି କରିବା ପାଇଁ ପ୍ରେରଣା ଦେଇଥିଲେ। ଲଖନପୁର, ବରତାପ, ସୁନାରୀ ଏହି ତିନିଗୋଟି କ୍ଲଷ୍ଟରର ସିଆରସିସିଙ୍କ ସହିତ ବିଭିନ୍ନ ବିଦ୍ୟାଳୟରୁ ପ୍ରାୟ ୧୦୦ ଜଣ ଶିକ୍ଷକ ଶିକ୍ଷୟିତ୍ରୀ ଯୋଗଦେଇଥିଲେ। ଲଖନପୁର କ୍ଲଷ୍ଟରର ସିଆରସିସି ଘନଶ୍ୟାମ ଗଡ଼ତିଆ , ଦାମୋଦର ଧୁଆ, ହେମାନନ୍ଦ ଖଣ୍ଡା, ଗଦାଧର ପଧାନ, ଦେବେନ୍ଦ୍ର ପଧାନ, ସୁରଥ ବିଶ୍ୱାଳ, ସବିତା ତାଣ୍ଡିଆ, ପ୍ରଭାସିନୀ ସାହୁ, ଭଗବାନ ପସାୟତଙ୍କ ସମେତ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ, କର୍ମଚାରୀ ବୃନ୍ଦ ସହଯୋଗ କରିଥିଲେ।

# ପଶ୍ଚିମ ଓଡ଼ିଶା ବାରିକ ମହାସଂଘର ସଭାପତି କଙ୍ଗାଲୁ ବାରିକଙ୍କୁ ଶ୍ରଦ୍ଧାଞ୍ଜଳି



ବରଗଡ଼,୬ା୧୦(ସମିସ): ବରଗଡ଼ ସ୍ଥିତ ଅଗ୍ରଗାମୀ ଯୁବକ ସଂଘ ଭବନ ପ୍ରାଙ୍ଗଣରେ ସୋମବାର ପଶ୍ଚିମ ଓଡ଼ିଶା ତଥା ବଲାଙ୍ଗିର ଜିଲ୍ଲା ବାରିକ ସମାଜର ସଭାପତି ସ୍ୱର୍ଗତ କଙ୍ଗାଲୁ ବାରିକଙ୍କ ଶ୍ରଦ୍ଧାଞ୍ଜଳୀ ସଭା ବରଗଡ଼ ଜିଲ୍ଲା ସମାଜ ତରଫରୁ ଅନୁଷ୍ଠିତ ହୋଇଛି। ସମାଜର ଉପଦେଷ୍ଟା କମିଟି ସଭ୍ୟ ରାଜ କିଶୋର ବାରିକ ପ୍ରଥମେ ସ୍ୱର୍ଗତ ବାରିକଙ୍କ ଶୋକ ପ୍ରସ୍ତାବ ଦେଇଥିଲା ବେଳେ ତାକୁ ସମ୍ପାଦକ ଘନଶ୍ୟାମ ବାରିକ ସମର୍ଥନ କରିଥିଲେ। ସମାଜର ସଭାପତି ରୋହିତ ବାରିକ, କାର୍ଯ୍ୟକାରୀ ସଭାପତି ଦୁର୍ଗା ପ୍ରସାଦ ବାରିକ, ଆଇନ ପରାମର୍ଶଦାତା ଅଶୋକ ପଶାୟତ, କବି ନବ ବାରିକ, ସକ୍ରିୟ ସଭ୍ୟ ରାଜେଶ ବାରିକ, ରଜତ ବାରିକ, ପରକ୍ଷିତ ପଶାୟତ, ସନ୍ତୋଷ ବାରିକ, ବୁଲୁ ପଶାୟତ ଏବଂ ପିଣ୍ଟୁ ବାରିକ ସ୍ୱର୍ଗତ କଙ୍ଗାଲୁଙ୍କ ବିଷୟରେ ବକ୍ତବ୍ୟ ପ୍ରଦାନ କରିଥିଲେ।

# ନୃସିଂହନାଥ ବନାଞ୍ଚଳରେ ବନ୍ୟଜନ୍ତୁ ସୁରକ୍ଷା ସପ୍ତାହ

ପାଇକମାଲ,୬ା୧୦(ସମିସ): ପାଇକମାଲ ବ୍ଲକ୍ ନୃସିଂହନାଥ ଗନ୍ଧମାର୍ଦ୍ଦନ ବନସ୍ପତି ବନ ସୋସାଇଟିରେ ବନାଞ୍ଚଳ ଅଧିକାରୀ ହୃଦାନନ୍ଦ ମିଶ୍ରଙ୍କ ଅଧ୍ୟକ୍ଷତାରେ ୭୧ ତମ ବନ୍ୟଜନ୍ତୁ ସୁରକ୍ଷା ସପ୍ତାହ ପାଳିତ ହୋଇଯାଇଛି। ସଭାରେ ଜିଲ୍ଲା ପରିବେଶ ସୁରକ୍ଷା ମଞ୍ଚର ଉପସଭାପତି ତଥା ସାମ୍ବାଦିକ ବଡ ଶତପଥୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ପ୍ରକୃତି ବନ୍ଧୁ ନନ୍ଦଲାଲ ନାୟକ ଓ ଶିକ୍ଷକ ସୁଶାନ୍ତ ସାହୁ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ। ଗନ୍ଧମାର୍ଦ୍ଦନ ବନସ୍ପତି ବନ ସୋସାଇଟିର ସମ୍ପାଦକ ବିଭୂତି ଭୂଷଣ ମୁଣ୍ଡ ମୁଖ୍ୟବକ୍ତା ରୂପେ ଯୋଗ ଦେଇଥିଲେ। ବନାଞ୍ଚଳ ଅଧିକାରୀ ହୃଦାନନ୍ଦ ମିଶ୍ର ବନବିଭାଗ ତରଫରୁ କି କି ପଦକ୍ଷେପ ଗ୍ରହଣ କରାଯିବା କଥା ତାହା ଅଞ୍ଚଳବସୀଙ୍କୁ ବୁଝାଇଥିଲେ। ବନ୍ୟଜନ୍ତୁଙ୍କ ଦ୍ୱାରା ବିଭିନ୍ନ ପ୍ରକାର କ୍ଷୟକ୍ଷତିରେ ସରକାରଙ୍କ ପକ୍ଷରୁ ଅନେକ ସହାୟତା ମିଳୁଥିବା ବିଷୟରେ ଆଲୋକପାତ କରିଥିଲେ। ସମ୍ମାନିତ ଅତିଥିମାନେ ଜଙ୍ଗଲ କ୍ଷୟ, ଶିକାରୀ ଓ ଆଧୁନିକତାର କୁପ୍ରଭାବ ଯୋଗୁଁ ପଶୁପକ୍ଷୀମାନେ ବିଲୁପ୍ତ ହେବାକୁ ଯାଉଛି ବୋଲି କହିଥିଲେ। ବନପଲ ଦିବାକର ପ୍ରଧାନ ଜଙ୍ଗଲରେ ବନ୍ୟଜନ୍ତୁଙ୍କ ଖାଦ୍ୟ ଓ ଜଙ୍ଗଲର ପରିସୀମା ନଷ୍ଟ ହେବା ଦ୍ୱାରା ଜୀବ ଜନ୍ତୁ ଅସୁରକ୍ଷିତ ବୋଲି ମତବ୍ୟକ୍ତ କରିଥିଲେ। ସଭାରେ ବନପାଳ ରଜନୀକାନ୍ତ ବଢ଼େଇ, ରୋହିତ ମାଝୀ, ବନରକ୍ଷୀ ଶାନ୍ତନୁ ପ୍ରଧାନ, ନାଥ ବାର୍ଲା ଓ ସମସ୍ତ ବନ କର୍ମଚାରୀ ତଥା ବିଭିନ୍ନ ବନ ସଂରକ୍ଷଣ ସମିତିର ସଭାପତି ଓ ସଭ୍ୟମାନେ ଯୋଗ ଦେଇଥିଲେ। ଶେଷରେ ବାନପାଳ ରମେଶ ପ୍ରଧାନ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ଅଜଣା ଗାଡ଼ି ଧକ୍କାରେ ସାଇକଲ ଆରୋହୀ ମୃତ

ରିଆମାଳ,୬ା୧୦(ସମିସ):ରିଆମାଳ ଥାନା ଡ଼ଙ୍ଗାଖୋଲ ଠାରେ ଅଜଣା ଗାଡି ଧକ୍କାରେ ଜନୈକ ବୃଦ୍ଧଙ୍କ ମୃତ୍ୟୁ ଘଟିଛି। ସୂଚନା ଅନୁସାରେ ତେନ୍ତଳାବହାଳ ପଞ୍ଚାୟତ ରେଙ୍ଗାଳନାଳି ଠାରେ ଚାଲିଥିବା ଫୁଟବଲ ଖେଳ ଦେଖି ଡ଼ଙ୍ଗାଖୋଲ ଗ୍ରାମର ପ୍ରହ୍ଲାଦ ପ୍ରଧାନ(୬୦)ସାଇକଲ ଯୋଗେ ଘରକୁ ଫେରୁଥିଲେ। ଗାଁ ପାଖକୁ ପହଞ୍ଚିବା ପୂର୍ବରୁ କୌଣସି ଅଜଣା ଗାଡି ତାଙ୍କୁ ଧକ୍କା ଦେଇ ଚାଲି ଯାଇଥିଲା। ଫଳରେ ସେ ରାସ୍ତାରୁ ତଳକୁ ଛିଟିକି ପଡ଼ି ମୃତ୍ୟୁବରଣ କରିଥିଲେ। ରିଆମାଳ ପୁଲିସ ସୂଚନା ପାଇ ଘଟଣାସ୍ଥଳରେ ପହଁଞ୍ଚି ସାଇକେଲ ଜବତ କରିବା ସହିତ ଅଗ୍ନିଶମ ବିଭାଗ ଦ୍ୱାରା ଛତାବର ଡାକ୍ତରଖାନାକୁ ପ୍ରହ୍ଲାଦଙ୍କୁ ଉଦ୍ଧାର କରି ପଠାଇ ଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିବା ସହିତ ଆସନ୍ତାକାଲି ଶବ ବ୍ୟବଚ୍ଛେଦ ହେବ ବୋଲି ସୂଚନା ଦେଇଥିଲେ।

# ତୋସିଫ ଜିଲ୍ଲା ବିଜେଡି ସୋସିଆଲ ମିଡିଆ ସଂଯୋଜକ

ଝାରସୁଗୁଡା,୬ା୧୦(ସମିସ): ଝାରସୁଗୁଡା ଜିଲ୍ଲା ବିଜୁ ଜନତା ଦଳ(ବିଜେଡି)ର ସୋସିଆଲ ମିଡ଼ିଆ ସଂଯୋଜକ ଭାବେ ବେଲପାହାଡର ତୋସିଫ ଆଲମଙ୍କୁ ନିଯୁକ୍ତି ଦିଆଯାଇଛି।



ତୋସିଫଙ୍କୁ ସୋସିଆଲ ମିଡିଆର ସଂଯୋଜକ ଦାୟିତ୍ୱ ମିଳିବା ପରେ ବିଜୁ ଜନତା ଦଳ କର୍ମକର୍ତ୍ତାମାନଙ୍କ ମଧ୍ୟରେ ଉତ୍ସାହ ପ୍ରକାଶ ପାଇଛି। ବିଜୁ ଜନତା ଦଳର ସଭାପତି ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ବରିଷ୍ଠ ଉପସଭାପତି ଦେବୀ ପ୍ରସାଦ ମିଶ୍ର, ପୂର୍ବତନ ସାଂଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ, ଝାରସୁଗୁଡା ପୂର୍ବତନ ବିଧାୟିକା ଦୀପାଳି ଦାସ, ବ୍ରଜରାଜନଗର ପୂର୍ବତନ ବିଧାୟିକା ଅଳକା ମହାନ୍ତିଙ୍କ ସହ ବିଜୁ ଜନତା ଦଳର ସମସ୍ତ ବରିଷ୍ଠ, ଯୁବ, ମହିଳା ନେତା ତଥା କର୍ମକର୍ତ୍ତାଙ୍କୁ ଏଥିପାଇଁ ତେସିଫ୍ ଧନ୍ୟବାଦ ଦେଇଛନ୍ତି। ନବୀନ ପଟ୍ଟନାୟକଙ୍କ ମାର୍ଗଦର୍ଶନରେ ଲୋକଙ୍କ ସେବା ହିଁ ତାଙ୍କର ମୂଳ ଲକ୍ଷ୍ୟ ହେବ ବୋଲି ତୋସିଫ କହିଛନ୍ତି।

# ରିଆମାଳରେ ଗଜଲକ୍ଷ୍ମୀ ପୂଜା

ରିଆମାଳ,୬ା୧୦(ସମିସ): ରିଆମାଳ ବସ୍‌ଷ୍ଟାଣ୍ଡ ଛକଠାରେ ଥିବା ମହାଲକ୍ଷ୍ମୀ କଲ୍ୟାଣ ମଣ୍ଡପରେ ବର୍ଣ୍ଣାଢ୍ୟ ପରିବେଶରେ ମା' ଗଜଲକ୍ଷ୍ମୀଙ୍କ ପୂଜା ଆରମ୍ଭ ହୋଇଯାଇଛି। ମହାଲକ୍ଷ୍ମୀ ପୂଜା କମିଟି ପକ୍ଷରୁ ଏଥିପାଇଁ ଆଜି କଳସଯାତ୍ରା, ଅଧିବାସ ପୂଜନ ଅନୁଷ୍ଠିତ ହୋଇଯାଇଛି। ଧରମପୁର ଆଠପଡ଼ା ତାରିଣୀ ମନ୍ଦିର ସ୍ଥିତ ରାଣୀ ପୋଖରୀରୁ ବରୁଣ ଦେବତାଙ୍କୁ ପୂଜାର୍ଚ୍ଚନା ପରେ ମହିଳାମାନେ ନିଜ ନିଜ କଳସରେ ଜଳ ଭର୍ତ୍ତି କରିଥିଲେ। ପରେ କଳସ ପୂଜନ କରାଯାଇ କଳସ ଯାତ୍ରା ଆରମ୍ଭ ହୋଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ରିଆମାଳ, ଜଟିଆନାଳୀ, ତେଲିମୁଣ୍ଡା, କାଦୋପଡ଼ା, ତାଳବାହାଲି, ବାବରାକୋଟର ପୁରୁଷ ଓ ମହିଳା ସଂକୀର୍ତ୍ତନ ମଣ୍ଡଳୀ ଓ କୃଷ୍ଣଗୁରୁ ଯୋଗ ଦେଇ ମା' ଲକ୍ଷ୍ମୀଙ୍କ ଭଜନ ଗାନ କରିଥିଲେ। ଏହାପରେ ଏକ ବିରାଟ ଶୋଭାଯାତ୍ରରେ ବାହାରି ଲକ୍ଷ୍ମୀ ମଣ୍ଡପକୁ ପହଞ୍ଚି କଳସକୁ ସ୍ଥାପନ କରିଥିଲେ। ରାଜା ଅଗ୍ରୱାଲ ଓ ତାଙ୍କ ସହଧର୍ମିଣୀ ଦିବ୍ୟା ଅଗ୍ରୱାଲ ପୂଜାର କର୍ତ୍ତା ଭାବେ ରହିଥିବା ବେଳେ ତ୍ରିନାଥ ନନ୍ଦ, ସଞ୍ଜୀବ କୁମାର ନନ୍ଦ ପୂଜା କାର୍ଯ୍ୟ କରିଥିଲେ। ନିହାର ଦାଶ, ଚିନ୍ମୟ ବସନ୍ତରା ପୂଜା କାର୍ଯ୍ୟରେ ସହଯୋଗ କରିଥିଲେ। ପୂଜା ମଣ୍ଡପରେ ଅଙ୍କୁରାରୋପଣ ଓ ଅଧିବାସ ପୂଜା, ସୂର୍ଯ୍ୟପୂଜା ସମାପ୍ତ ପରେ ମା'ଙ୍କ ଚକ୍ଷୁଦାନ, ଜୀବନ୍ୟାସ, ପୁଷ୍ପାଞ୍ଜଳି, ଆଳତୀ ସହ ଷୋଡ଼ଶ ଉପଚାରରେ ପୂଜା ହୋଇଥିଲା। ସନ୍ଧ୍ୟା ଆଳତୀ ସହ ଉପସ୍ଥିତ ମହିଳାଙ୍କୁ ଚୁଡ଼ି, ବ୍ରତ ବଣ୍ଟନ ହୋଇଥିଲା। ପୂଜା ଅବସରରେ ମଣ୍ଡପ ସମ୍ମୁଖରେ ଆକର୍ଷଣୀୟ ତୋରଣ ଓ ମା'ଙ୍କ ନିକଟରେ ଆକର୍ଷଣୀୟ ମେଢ଼ ପ୍ରସ୍ତୁତ କରାଯାଇଛି। ଲାଇଟ୍ ଗେଟ୍ ଓ ଲିଚୁମାଳାରେ ପୂଜା ମଣ୍ଡପ ଝଲସୁଛି। ସଭାପତି ବିରେନ କୁମାର ପ୍ରଧାନ, ସଂପାଦକ ତ୍ରିନାଥ ବିଶ୍ୱାଳ ଓ କୋଷାଧ୍ୟକ୍ଷ ଶମ୍ଭୁଲାଲ ଅଗ୍ରୱାଲଙ୍କ ତତ୍ତ୍ୱାବଧାନରେ ମୁଖ୍ୟ ଉପଦେଷ୍ଟା ଅଧ୍ୟାପକ ଗୋଲବଦନ ବିଶ୍ୱାଳଙ୍କ ମାର୍ଗ ଦର୍ଶନରେ ଉପସଭାପତି ଝସକେତନ ବିଶ୍ୱାଳ, ଭୁବନେଶ୍ୱର ସାହୁ, ସହ ସମ୍ପାଦକ ଆଲୋକ ନାୟକ, କୁଞ୍ଜବିହାରୀ ଦାଶ,



ସହ କୋଷାଧ୍ୟକ୍ଷ ବେଦ ଭୂଷଣ ପ୍ରଧାନ ଓ ଆଶିସ ପ୍ରଧାନ, ସ୍ପୋନସର ସେକ୍ରେଟାରୀ ମନୋଜ ଅଗ୍ରୱାଲ, ସହ ସ୍ପୋନସର ସେକ୍ରେଟାରୀ ରାଜେଶ କୁମାର ଅଗ୍ରୱାଲ, ମିଡ଼ିଆ ଲୋକ ସମ୍ପର୍କ ଅଧିକାରୀ ମନୋଜ କୁମାର ବେହେରା, ଉପଦେଷ୍ଟା ମଣ୍ଡଳୀର ତ୍ରିଲୋଚନ ବେହେରା, ପ୍ରଣବ କିଶୋର ଘଡେଇ, ଗୋପାଳ ସାହୁ, ରଜତ କୁମାର ବିଶ୍ୱାଳ, ହେମନ୍ତ କୁମାର ପ୍ରଧାନ, ଦର୍ଶନିଆ ପ୍ରଧାନ, ଗୋକୁଳାନନ୍ଦ ସାହୁ, ଧିରେନ୍ କୁମାର ପ୍ରଧାନଙ୍କ ସମେତ ସମସ୍ତ ସଦସ୍ୟ ସହଯୋଗ କରିଥିଲେ।

## ● ଜାତୀୟ ସବ୍ ଜୁନିଅର୍ ଟେନିସ କ୍ରିକେଟ୍

# ଝାରସୁଗୁଡ଼ାର ଅରମାନ ଓ ସଚ୍ଚିଦାନନ୍ଦ ମନୋନୀତ


ଝାରସୁଗୁଡା,୬ା୧୦(ସମିସ): ଚଳିତ ମାସ ୧୪ ତାରିଖରୁ ରାଜସ୍ଥାନରେ ହେବାକୁ ଥିବା ଜାତୀୟ ସବ୍‌ଜୁନିଅର ଟେନିସ କ୍ରିକେଟ୍ ପ୍ରତିଯୋଗିତାରେ ଭାଗନେବାକୁ ଝାରସୁଗୁଡା ଜିଲ୍ଲା ଟେନିସ କ୍ରିକେଟ ସଂଘର ଦୁଇ ଜଣ ଖେଳାଳି ମନୋନୀତ ହୋଇଛନ୍ତି। ରାଜ୍ୟ ଟେନିସ କ୍ରିକେଟ ସଂଘ ପକ୍ଷରୁ ପତ୍ର ସଂଖ୍ୟା ୧୯୪/ ୩.୧୦.୨୦୨୫ରେ ଏନେଇ ସୂଚାଯାଇଛି। ସେମାନେ ହେଲେ ଲପଙ୍ଗା ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ଅରମାନ ମହାପାତ୍ର ଏବଂ ଝାରସୁଗୁଡା ଅରବିନ୍ଦ ବିଦ୍ୟାଳୟର ସଚ୍ଚିଦାନନ୍ଦ ମାଳି।



ଝାରସୁଗୁଡା ଜିଲ୍ଲା ଟେନିସ କ୍ରିକେଟ ସଂଘ ଚଳିତ ବର୍ଷ ଗତ ମେ ୫ରେ ପ୍ରତିଷ୍ଠା ହୋଇଥିବା ବେଳେ ପ୍ରଥମ ଥର ପାଇଁ ଏହି ସଂଘର ଉପରୋକ୍ତ ଦୁଇ ଖେଳାଳୀ ସ୍ଥାନ ପାଇଥିବା ଜଣାପଡ଼ିଛି। ଯାହା ଜିଲ୍ଲା ପାଇଁ ଗୌରବ ବୋଲି ଜିଲ୍ଲା ସଂଘର ସଭାପତି ଜୀବନ ମହାନ୍ତି ପ୍ରକାଶ କରିଛନ୍ତି। କୋଚ ଗୋପାଳ ଦତ୍ତ ଖେଳାଳିମାନଙ୍କୁ ପ୍ରଶିକ୍ଷଣ ପ୍ରଦାନ କରୁଥିବା ଜିଲ୍ଲା ସଂଘ ସମ୍ପାଦକ ଅଶ୍ୱିନୀ କୁମାର ପାଣ୍ଡେ ସୂଚନା ଦେଇଛନ୍ତି। ଏହି ଚୟନ ଦ୍ୱାରା ଆଗାମୀ ଦିନରେ ଜିଲ୍ଲାରୁ ଅନେକ ଖେଳାଳି ପ୍ରେରିତ ହେବେ ଏବଂ ଜିଲ୍ଲାରୁ ପ୍ରତିନିଧିତ୍ୱ କରି ସୁନାମ ଅର୍ଜନ କରିବେ ବୋଲି ଜିଲ୍ଲା ଟେନିସ ସଂଘ ସଭ୍ୟ ସୁଶାନ୍ତ ବେହେରା ଗଣମାଧ୍ୟମକୁ ସୂଚନା ଦେଇଛନ୍ତି।

# 'ଭୋଟ ଚୋରି ଦସ୍ତଖତ ଅଭିଯାନ' ପାଇଁ ପ୍ରସ୍ତୁତି

ଝାରସୁଗୁଡା,୬ା୧୦(ସମିସ): ଗତ ସେପ୍ଟେମ୍ବର ୧୫ରୁ କଂଗ୍ରେସ ପକ୍ଷରୁ ଦେଶରେ ଆରମ୍ଭ ହୋଇଥିବା 'ଭୋଟ ଚୋରି ଦସ୍ତଖତ ଅଭିଯାନ' ଝାରସୁଗୁଡ଼ାରେ ଆୟୋଜିତ ହେବ। ଏନେଇ ଝାରସୁଗୁଡା ଜିଲ୍ଲା କଂଗ୍ରେସ ପକ୍ଷରୁ ସୋମବାର ପ୍ରସ୍ତୁତି ବୈଠକ ଆୟୋଜିତ ହୋଇଥିଲା। ପରେ ଝାରସୁଗୁଡ଼ା ଜିଲ୍ଲା କଂଗ୍ରେସ କାର୍ଯ୍ୟାଳୟ ଠାରେ କଂଗ୍ରେସ ଦଳର ଦସ୍ତଖତ ଅଭିଯାନକୁ ନେଇ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା।



"ଭୋଟ ଚୋର... ଗାଦି ଛୋଡ଼' ପ୍ରସଙ୍ଗରେ ଦେଶ ବ୍ୟାପି ୫ କୋଟି ଦସ୍ତଖତ ସଂଗ୍ରହ ଅଭିଯାନ ଆରମ୍ଭ ହୋଇଥିବା ବେଳେ ଝାରସୁଗୁଡା ଜିଲ୍ଲା କଂଗ୍ରେସ ପକ୍ଷରୁ ଏହି ଦସ୍ତଖତ ଅଭିଯାନ ପାଇଁ ସମସ୍ତ ପ୍ରକାର ପ୍ରସ୍ତୁତି କରାଯାଇଛି। ଜିଲ୍ଲା ସଭାପତିଙ୍କ ନେତୃତ୍ୱରେ ନଗର, ବ୍ଲକ୍, ପଞ୍ଚାୟତ, ବୁଥ୍‌ସ୍ତରରେ ଦଳର ସମସ୍ତ ନେତା, କର୍ମୀ, କର୍ମକର୍ତ୍ତା ଏବଂ ସମସ୍ତ ସଂଗଠନ ଏହି ଦସ୍ତଖତ ସଂଗ୍ରହ ଅଭିଯାନରେ ସାମିଲ ହେବା ସହ ଘର ଘର ବୁଲି ଦସ୍ତଖତ ସଂଗ୍ରହ କରିବେ ବୋଲି କଂଗ୍ରେସ ଦଳ ପକ୍ଷରୁ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦିଆଯାଇଛି। ଏହି ପରିପ୍ରେକ୍ଷୀରେ କଂଗ୍ରେସ ମୁଖ୍ୟତଃ ନିର୍ବାଚନ କମିଶନଙ୍କୁ ୫ ଟି ପ୍ରଶ୍ନ କରାଯିବ। ପ୍ରଶ୍ନ ଗୁଡିକ ମଧ୍ୟରେ ସାଧାରଣଲୋକଙ୍କ ଯାଞ୍ଚ ମେସିନରୁ ସ୍ୱଷ୍ଟ ଜାଣିହେଉଥିବା ଫଟୋ ସହ ଭୋଟର ତାଲିକା ଉପଲବ୍ଧ କରିବା, ପ୍ରତ୍ୟେକ ନିର୍ବାଚନ ପୂର୍ବରୁ କେଉଁ ମତଦାତାମାନେ କଟିଲେ ଏବଂ କେଉଁମାନେ ନୂଆ ଯୋଡିହେଲେ ଫଟୋ ସହିତ ତାଲିକା ସାର୍ବଜନୀନ ପ୍ରକାଶନ ନିଶ୍ଚିତ କରିବା, ଭୁଲରେ ବା ଅନ୍ୟାୟରେ କାହା ନାମ କାଟିଥିଲେ, ଏକ ସୁଗମ ଅଭିଯୋଗ ପ୍ରତିକାର ବ୍ୟବସ୍ଥା ନିଶ୍ଚିତ କରିବା, ଶେଷ ମୁହୂର୍ତ୍ତରେ ଭୋଟର ତାଲିକାରୁ ମତଦାତାଙ୍କ ନାମ କଟାଯିବା କିମ୍ବା ଯୋଡିବା ପ୍ରକ୍ରିୟାକୁ ଏଡାଯିବା, ଯଥେଷ୍ଟ ପୂର୍ବରୁ ଏକ ସ୍ୱଷ୍ଟ କଟ ଅଫ ତାରିଖ ଘୋଷଣା କରାଯିବା, ଭୋଟ ଚୋରି କାର୍ଯ୍ୟରେ ରୀତିମତି ସମ୍ପୃକ୍ତ ଥିବା ଅଧିକାରୀ /ଏଜେଣ୍ଟ ବିରୋଧରେ ମାମଲା ରୁଜୁ କରାଯିବା ଭଳି ୫ ପ୍ରଶ୍ନ ରହିଛି ବୋଲି ସୂଚନା ଦିଆଯାଇଛି। ଏହି ସାମ୍ବାଦିକ ସମ୍ମିଳନୀରେ ଝାରସୁଗୁଡ଼ା ଜିଲ୍ଲା କଂଗ୍ରେସ ସଭାପତି ଜୀବନ ସାର୍ଥକ, ଅମିତା ବିଶ୍ୱାଳ, ଦେବାନନ୍ଦ ବାରିକ, ସଞ୍ଜୟ ମହାପାତ୍ର, ନମିଦ ନାୟକ ପ୍ରମୁଖ ଉପସ୍ଥିତ ଥିବା ବେଳେ ପ୍ରସ୍ତୁତି ବୈଠକରେ ବ୍ରଜରାଜନଗର, ବେଲପାହାଡ, ଝାରସୁଗୁଡା ବ୍ଲକ୍ ଏବଂ ନଗରର ଅନେକ କର୍ମକର୍ତ୍ତା ସାମିଲ ହୋଇଥିଲେ।

# ଜିଲ୍ଲାପାଳଙ୍କ ମହାସମାଧାନ ଶିବିର

ଝାରସୁଗୁଡ଼ା,୬ା୧୦(ସମିସ)

ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ଜିଲ୍ଲା କାର୍ଯ୍ୟାଳୟସ୍ଥିତ ଜନ ଅଭିଯୋଗ ଶୁଣାଣି ପ୍ରକୋଷ୍ଠରେ ମହାସମାଧାନ ଶିବିର ଅନୁଷ୍ଠିତ ହୋଇଛି। ଆରକ୍ଷୀ ଅଧିକ୍ଷକ ଗୁଣ୍ଡାଲା ରାଘବେନ୍ଦ୍ର ରେଡ୍ଡୀ, ଅତିରିକ୍ତ ଜିଲ୍ଲାପାଳ(ସାଧାରଣ) ବ୍ରଜବନ୍ଧୁ ଭୋଇ, ଉପଜିଲ୍ଲାପାଳ ସବ୍ୟସାଚୀ ପଣ୍ଡା, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ସୂର୍ଯ୍ୟାଂଶୁ ରୁଟ୍, ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରୀଙ୍କ ସମେତ ଜିଲ୍ଲାସ୍ତରୀୟ ଅଧିକାରୀମାନେ ଶିବିରରେ ଉପସ୍ଥିତ ଥିଲେ। ଶିବିରରେ ଆଗତ ଅଭିଯୋଗ ମଧ୍ୟରୁ



୧୦ଟି ଅଭିଯୋଗ ସାମୂହିକ ଓ ୩୧ ଗୋଟି ବ୍ୟକ୍ତିଗତ ହୋଇଥିବା ବେଳେ ଚିକିତ୍ସା ବାବଦକୁ ଜିଲ୍ଲା ରେଡକ୍ରସ ପାଣ୍ଠିରୁ ଜଣଙ୍କୁ ଆର୍ଥିକ ସହାୟତା ପ୍ରଦାନ କରାଯାଇଥିଲା। ବେଦାନ୍ତ କମ୍ପାନୀର ବିଷାକ୍ତ ଗ୍ୟାସ ସକାଶେ ବୃନ୍ଦାମାଳରେ ଚାଷ ଜମି କ୍ଷତିଗ୍ରସ୍ତ ହେବା, ବାଲିଜୋରିରେ ସରକାରୀ ଗୋଚର କିସମ ଜମିକୁ ଶ୍ମଶାନ ସ୍ଥଳୀ ଭାବେ ବ୍ୟବହାର ପାଇଁ ଅନୁମତି ପ୍ରଦାନ, ହ୍ୱଏଲ ପ୍ରକଳ୍ପ ପରିଚାଳନା ସକାଶେ ଆନୁସଙ୍ଗିକ ଅର୍ଥ ବ୍ୟବସ୍ଥା କରାଯିବା, ଲଖନପୁର ଅଞ୍ଚଳର ଯୁବକଙ୍କୁ ମ୍ୟାକମେଟ କମ୍ପାନୀରେ ପୁନଃ ନିଯୁକ୍ତି ପ୍ରଦାନ, ସିଂଘିବାହାଲ ତଥା ଆଖପାଖ ଅଞ୍ଚଳରେ ଖୁଚୁରା ମଦ ବିକ୍ରି ବନ୍ଦ କରାଯିବା, ଭୁର୍କାମୁଣ୍ଡା ଗ୍ରାମକୁ ବିସ୍ଥାପିତ କରାଯିବା ଓ ଖଲିଆମାଲ ଗ୍ରାମରେ କଂକ୍ରିଟ ରାସ୍ତା ନିର୍ମାଣ ସମ୍ପର୍କିତ ସାମୂହିକ ଅଭିଯୋଗଗୁଡିକ ସମେତ ବିଭିନ୍ନ ବ୍ୟକ୍ତିଗତ ଅଭିଯୋଗ ସମ୍ପର୍କରେ ଶିବିରରେ ଶୁଣାଣି ହୋଇଥିଲା। ଅଭିଯୋଗ ସମୂହର ତର୍ଜମା ପୂର୍ବକ ସମସ୍ୟା ସମାଧାନ ପାଇଁ ଅଧିକାରୀମାନଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି।

# ପାଣି ଘେରରେ ସାହାବାଜିପୁର ଓ ଉଦୟପୁର ଗାଁ

ଭୋଗରାଇ, ୬।୧୦ (ସମିସ)



ଲଘୁଚାପଜନିତ ଲଗାଣ ବର୍ଷାରେ ଭୋଗରାଇ ବ୍ଲକ ଅନ୍ତର୍ଗତ ସାହାବାଜିପୁର ପଞ୍ଚାୟତର ଉଦୟପୁର ଓ ସାହାବାଜିପୁର ଗାଁ ପାଣି ଘେରରେ ରହିଛି। ଗ୍ରାମରେ ବର୍ଷାଜଳ ନିଷ୍କାସନର କୌଣସି ବ୍ୟବସ୍ଥା ନ ଥିବାରୁ ବହୁଲୋକ ଜଳବନ୍ଦୀ ହୋଇ ରହିଛନ୍ତି। ସୀମାନ୍ତ ଉଦୟପୁର ଓ ସାହାବାଜିପୁର ଗାଁର ଦୁଇଟି ୱାର୍ଡ ସମ୍ପୂର୍ଣ୍ଣ ଜଳରେ ବୁଡ଼ି ରହିଛି। ଗତ ୫ଦିନ ଧରି ଲଗାଣ ବର୍ଷାରେ ଉକ୍ତ ଦୁଇ ଗାଁ ଜଳବନ୍ଦୀରେ ରହିଥିଲା ବେଳେ ଲୋକେ ପାଣି ଘେରରେ ରହି ହଇରାଣ ହେଉଛନ୍ତି। ଖବର ପାଇ ସାହାବାଜିପୁର ସମିତି ସଭ୍ୟ ତରଣୀକାନ୍ତ ସେନାପତି ଗାଁରେ ପହଞ୍ଚି ଲୋକଙ୍କ ଦୁର୍ଦ୍ଦଶା ଦେଖି କ୍ଷୋଭ ପ୍ରକାଶ କରିଛନ୍ତି। ପୂର୍ବରୁ ଉଦୟପୁର ଗାଁକୁ ପଞ୍ଚାୟତ ପକ୍ଷରୁ ମୋଟ ୬ଲକ୍ଷ ଟଙ୍କା ଅର୍ଥ ମଞ୍ଜୁର କରାଯାଇ ୬ ନମ୍ବର ୱାର୍ଡରେ ପ୍ରାୟ ୧୦୦ ମିଟରର ଡ୍ରେନ ନିର୍ମାଣ ହୋଇଥିଲା। ମାତ୍ର ଉକ୍ତ ଡ୍ରେନ ଅତ୍ୟନ୍ତ ନିମ୍ନମାନର ହୋଇ ଥିବାରୁ କୌଣସି କାମରେ ଆସୁନାହିଁ ଏବଂ ଗାଁରେ ଆବଶ୍ୟକ ସ୍ଥାନରେ ଡ୍ରେନ ନିର୍ମାଣ ହୋଇନଥିବା ଗ୍ରାମବାସୀ ପ୍ରକାଶ କରିଥିଲେ। ମାତ୍ର ସାହାବାଜିପୁର ଗାଁର ୧,୨ ଓ ୩ନମ୍ବର ୱାର୍ଡ ପାଇଁ ପ୍ରାୟ ୧୦ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଡ୍ରେନେଜ ଜରିଆରେ ପାଣି ନିଷ୍କାସନ ପାଇଁ ବ୍ଲକ ଓ ପଞ୍ଚାୟତ ପକ୍ଷରୁ ଅର୍ଥ ମଞ୍ଜୁର କରାଯାଇଥିଲା ବେଳେ ପ୍ରଶାସନର ଉଦାସୀନତା ଯୋଗୁଁ ତାହା ଦୀର୍ଘ ବର୍ଷ ଧରି ନିର୍ମାଣ ହୋଇ ପାରୁନି। ଗତ ସେପ୍ଟେମ୍ବର ମାସର ଦୁଇଥର ଓ ଚଳିତ ମାସ ୫ଦିନ ଧରି ଲଘୁଚାପଜନିତ ଲଗାଣ ବର୍ଷାରେ ଉକ୍ତ ଦୁଇଟି ଗାଁର ବହୁଲୋକ ପାଣିରେ କେତେକ ସାପ, ସରୀସୃପ ଓ ଜଳ ଜନ୍ତୁ ଦେଖି ଭୟରେ ଘର ଛାଡ଼ି ବାହାରେ ରହୁଛନ୍ତି। ଉଭୟ ସାହାବାଜିପୁର ଓ ଉଦୟପୁର ଗାଁରେ ୫୦୦ ପରିବାରର ଘର ପାଣି ଘେରରେ ରହିଥିଲା ବେଳେ ପ୍ରାୟ ୧୫୦୦ଶହରୁ ଅଧିକ ଲୋକ ଜଳ ବନ୍ଦୀରେ ରହିଥିବା ଖବର ମିଳିଛି। ପାଣି ଜମିବା ଫଳରେ ଲୋକମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଗାଁର ମୁଖ୍ୟ ରାସ୍ତାରେ ପାଣି ରହିଥିବାରୁ ନିକଟରେ ଥିବା ସାହାବାଜିପୁର ମଇ ବିଦ୍ୟାଳୟର ପିଲାମାନଙ୍କ ପାଠ ପଢ଼ାରେ ଡୋରି ଲାଗିଛି। ପାଠ ପଢ଼ିବାକୁ ଛାତ୍ରଛାତ୍ରୀ ବିଦ୍ୟାଳୟକୁ ଆସି ପାରୁ ନାହାନ୍ତି। ଲଘୁଚାପ ଜନିତ ଲଗାଣ ବର୍ଷାରେ ପାଣି ଜମା ହୋଇ ଏଭଳି ଏକ ଅଭାବନୀୟ ପରିସ୍ଥିତି ସୃଷ୍ଟି କରିଛି, ପାଣି ଜମି ରହିଥିବାରୁ ନଳକୂପ ଜଳ ଦୂଷିତ ହୋଇ ଯାଇଛି। ଫଳରେ ସ୍ଥାନୀୟ ଅଞ୍ଚଳରେ ସଂକ୍ରାମକ ରୋଗ ବ୍ୟାପିବାର ଆଶଙ୍କା ସୃଷ୍ଟି ହୋଇଛି। ପାଣି ନିଷ୍କାସନ ପାଇଁ ସରକାର କିମ୍ବା ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରାଯାଉ ନ ଥିବାରୁ ଏବଂ ଡ୍ରେନ ନିର୍ମାଣ ହୋଇ ନଥିବାରୁ ବାରମ୍ବାର ଏଭଳି ସମସ୍ୟାରେ ଲୋକମାନେ ପଡୁଥିବା ନେଇ ଉଦୟପୁର ଗ୍ରାମର ପୂର୍ବତନ ୱାର୍ଡ ମେମ୍ବର ପ୍ରମୋଦ ବେହେରା, ପ୍ରଦୀପ ବେହେରା, ଅମୂଲ୍ୟ ବେହେରା, ସାହାବାଜିପୁର ଗାଁର ମୁଖିଆ ନାରାୟଣ ଚନ୍ଦ୍ର ସାହୁ, ସୁବଳ ସାମଲ, ହରେକୃଷ୍ଣ ପ୍ରଧାନ, କାର୍ତ୍ତିକ ସାମଲ, ରାଧାଶ୍ୟାମ ଦଳପତି, ବେନୁ ପ୍ରଧାନ, ବାବୁଲା ଦାସ, ସମାଜସେବୀ ସଂଘର ସଭାପତି ବ୍ରଜକିଶୋର ସାମଲ, ଗୌରହରି ପଟ୍ଟାୟତ ପ୍ରମୁଖ ଗ୍ରାମବାସୀ ପ୍ରକାଶ ସହିତ ପ୍ରଶାସନ ତୁରନ୍ତ ପାଣି ନିଷ୍କାସନ ବ୍ୟବସ୍ଥା କରିବାକୁ ଦାବି କରିଛନ୍ତି। ଅପରପକ୍ଷରେ ସମିତି ସଭ୍ୟ ତରଣୀକାନ୍ତ ସେନାପତି ଗ୍ରାମବାସୀଙ୍କ ସହିତ ଘଟଣାସ୍ଥଳ ପରିଦର୍ଶନରେ ଆସି ବିଭାଗୀୟ ଅଧିକାରୀଙ୍କ ସହିତ ଆଲୋଚନା କରି ଖୁବଶୀଘ୍ର ପାଣି ନିଷ୍କାସନ ବ୍ୟବସ୍ଥା କରିବେ ବୋଲି ପ୍ରତିଶ୍ରୁତି ଦେଇ ଯାଇଛନ୍ତି।

- ଡ୍ରେନ୍ ନ ଥିବାରୁ ନିଷ୍କାସନ ହୋଇ ପାରୁନି ପାଣି
- ୫୦୦ ପରିବାର ଜଳବନ୍ଦୀ

## ଜଳେଶ୍ୱରରେ କୁମାର ପୂର୍ଣ୍ଣିମା ପାଳିତ

ଜଳେଶ୍ୱର, ୬। ୧୦ (ସମିସ): ଆଶ୍ୱିନ ମାସର ଦେବୀ ପକ୍ଷରେ ଦଶହରା ପର୍ବ ପାଳନ ପରେ ଆସୁଥିବା ପୂର୍ଣ୍ଣିମା କୁମାର କୁମାରୀଙ୍କ ପୂର୍ଣ୍ଣିମା ବୋଲି ପାଳନ କରାଯାଇଥାଏ। କୁମାରୀ କନ୍ୟାମାନେ ମାସ ସାରା ଜହ୍ନି ଓଷା ବ୍ରତ ପାଳନ କରିଥାନ୍ତି। ଏହି ପୂର୍ଣ୍ଣିମା ଦିନ ପର୍ବର ଶେଷ ଦିନ ହୋଇଥାଏ। କୁମାର କୁମାରୀ ମାନେ ନବ ବସ୍ତ୍ର ପରିଧାନ କରି ପୂର୍ଣ୍ଣିମା ଜହ୍ନକୁ ପୂଜାର୍ଚ୍ଚନା କରିବା ସହିତ ଖଇ ଭୋଗ ଅର୍ପଣ କରି କୁମାର ପୁନେଇ ଜହ୍ନ ଗୋ ଫୁଲ ବଉଳ ବେଣୀ ଗୀତର ତାଳେ ତାଳେ ନାଚିବା ସହିତ ସୌଭାଗ୍ୟ, ସୌନ୍ଦର୍ଯ୍ୟ ଓ ବର ପ୍ରାପ୍ତୀର ମନସ୍କାମନା କରିଥାନ୍ତି। ତେଣୁ ଆଜି ଘରେ ଘରେ ଏହି କୁମାରୀଙ୍କ ପୂର୍ଣ୍ଣିମା ଉତ୍ସବ ପାଳନ କରୁଥିବାର ଦେଖିବାକୁ ମିଳିଛି।



## ବେଆଇନ ବାଣ ଦୋକାନରେ ଚଢ଼ଉ

ଚନ୍ଦନେଶ୍ୱର, ୬।୧୦ (ସମିସ): ଏବେ ପାର୍ବଣ ଋତୁ ସହିତ ଆଗକୁ କାଳୀ ପୂଜା ଥିବାରୁ ଏବେଠାରୁ ଚନ୍ଦନେଶ୍ୱର ବଜାରରେ ଥିବା ବାଣ ଦୋକାନରେ ବାଣ କିଣିବା ପାଇଁ ଲୋକଙ୍କ ଭିଡ଼ ଜମୁଥିବା ବେଳେ ଗତକାଲି ରବିବାର ରାତିରେ ତାଳସାରୀ ସାମୁଦ୍ରିକ ଥାନା ଅଧିକାରିଣୀ ଚମ୍ପାବତୀ ସୋରେନଙ୍କ ନେତୃତ୍ୱରେ ପୁଲିସ ବେଆଇନ ବାଣ ଦୋକାନ ଉପରେ ଚଢ଼ାଉ କରି ଜଣେ ବାଣ ବ୍ୟବସାୟୀ ଭୋଗରାଇ ଥାନା ଅନ୍ତର୍ଗତ ଗଣେଶ୍ୱରପୁର ଗ୍ରାମର ସଞ୍ଜୟ ବେହେରା (୧୯)ଙ୍କୁ ଗିରଫ କରିବା ସହିତ ୪୦ ହଜାର ଟଙ୍କାରୁ ଅଧିକ ମୂଲ୍ୟର ବାଣ ଜବତ କରି ୯୨/୨୫ ରେ ଏକ ମାମଲା ରୁଜୁ କରାଯାଇଛି।

## ମୋତିଆବିନ୍ଦୁ ଅପରେସନ ନାଁରେ ଠକେଇ

ସୋର, ୬।୧୦(ସମିସ): ସୋର ପୌର ପାଳିକା ଥାନା ଛକରେ ଥିବା ଏକ ଘରୋଇ ଚକ୍ଷୁ ଚିକିତ୍ସାଳୟ ଲୋକମାନଙ୍କୁ ମାଗଣା ମୋତିଆବିନ୍ଦୁ ଅପରେସନ କରିବାର ପ୍ରତିଶୃତି ଦେଇ ଆଣି ଅପରେସନ ସରିଲେ ହଜାର ହଜାର ଟଙ୍କା ଠକୁଥିବା ଦେଖିବାକୁ ମିଳିଛି। ଅଭିଯୋଗ ଅନୁସାରେ ସୋର ବ୍ଲକ ନଟାପଡା ଗ୍ରାମର ବାସନ୍ତି ବେହେରା(୭୦)ଙ୍କର ଆଖିରେ ମୋତିଆବିନ୍ଦୁ ହୋଇଥିବାରୁ ଡାକ୍ତରଙ୍କ ପରାମର୍ଶ କ୍ରମେ ଗତ ୪ ତାରିଖରେ ଥାନା ଛକ ନିକଟରେ ଥିବା ଭୂମିକା ଚକ୍ଷୁ ଚିକିତ୍ସାଳୟରେ ମୋତିଆବିନ୍ଦୁ ଅପରେସନ ହୋଇଥିଲେ। କିନ୍ତୁ ଚିକିତ୍ସାଳୟ ପକ୍ଷରୁ ବାସନ୍ତୀଙ୍କ ଚିକିତ୍ସା ସମ୍ପୂର୍ଣ୍ଣ ମାଗଣାରେ ହେବ ବୋଲି ପ୍ରତିଶ୍ରୁତି ଦିଆଯାଇଥିଲା। ଅପରେସନ ପରେ ତାଙ୍କ ଆୟୁଷ୍ମାନ କାର୍ଡରୁ ପ୍ରଥମେ ୮ ହଜାର ୩ ଶହ ଟଙ୍କା ଚିକିତ୍ସା ପାଇଁ କଟିଥିଲା ପରେ ପୁନଶ୍ଚ ୨୭ ହଜାର ୪ ଶହ ଟଙ୍କା କଟିଥିବାର ମେସେଜ ପାଇ କେଉଁ କାରଣରୁ ଟଙ୍କା କଟିଲା ସେ ବାବଦରେ ଜାଣିବାକୁ ବାସନ୍ତିଙ୍କ ନାତି ରଜତ ବେହେରା ଚକ୍ଷୁ ଚିକିତ୍ସାଳୟକୁ ପଚାରିବା ସହିତ ବିଲ ମାଗିବାରୁ ସେମାନେ ବିଲ ଦେବାକୁ ମନା କରିଥିଲେ। ଏଥି ସହିତ କାର୍ଡ ଦାୟିତ୍ୱରେ ଥିବା ଜିଲ୍ଲା ସଂଯୋଜକ ଏବଂ ସିଡିଏମଓଙ୍କୁ ଏବାବଦରେ ପଚାରିବାକୁ କହିଥିଲେ। ଫଳରେ ସେ ଠକେଇର ଶିକାର ହୋଇଥିବା ନେଇ ଅଭିଯୋଗ କରିଛନ୍ତି। ଏନେଇ ଭୂମିକା ଚକ୍ଷୁ ଚିକିତ୍ସାଳୟର ପରିଚାଳକ ଦିପ୍ତିରଞ୍ଜନ ପଣ୍ଡାଙ୍କୁ ପଚାରିବାରୁ ତାଙ୍କ ଚିକିତ୍ସା ପାଇଁ ୮ ହଜାର ୩ ଶହ ଟଙ୍କା କଟିଛି ବାକି ଟଙ୍କା ଭୁଲ ବଶତଃ କଟିଛି ଯାହା ତାଙ୍କୁ ରିଫଣ୍ଡ ହୋଇଯିବ ବୋଲି କହିଥିଲେ। ଜଣେ ସଚେତନ ନାଗରିକ ହିସାବରେ ରଜତ ପ୍ରଶ୍ନ କରିବାରୁ ଏମିତି ଘଟଣା ସାମ୍ନାକୁ ଆସିଥିଲା। କିନ୍ତୁ ଏହି ଚିକିତ୍ସାଳୟ ଗ୍ରାମାଞ୍ଚଳର ଲୋକଙ୍କୁ ମାଗଣାରେ ଚିକିତ୍ସା ଯୋଗାଇ ଦେବାର ପ୍ରତିଶୃତି ଦେଇ ଚିକିତ୍ସାଳୟକୁ ଆଣୁଛନ୍ତି। ପରେ ଚିକିତ୍ସା ସମୟରେ ସେମାନଙ୍କ ନିକଟରୁ ଆଧାର କାର୍ଡ, ଆୟୁଷ୍ମାନ କାର୍ଡ ନେଇ ଟଙ୍କା ଲୁଟୁଥିବା ଏହି ଘଟଣାରୁ ସ୍ପଷ୍ଟ ଅନୁମେୟ। ତେବେ ତୁରନ୍ତ ଜିଲ୍ଲା ପ୍ରଶାସନ ଏ ଦିଗରେ ହସ୍ତକ୍ଷେପ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସାଧାରଣରେ ଦାବୀ ହେଉଛି।

## ବାଲି ଉତ୍ତୋଳନକୁ ନେଇ ଗ୍ରାମମୁଖ୍ୟଙ୍କୁ ହତ୍ୟା ଧମକ

ଜଳେଶ୍ୱର, ୬।୧୦ (ସମିସ): ସୁବର୍ଣ୍ଣରେଖା ନଦୀରୁ ବେଆଇନ ବାଲି ଉତ୍ତୋଳନ ଓ ଚୋରା ଚାଲାଣକୁ ନେଇ ନଦୀକୂଳ ଗ୍ରାମ ଗୁଡିକରେ ବିଭିନ୍ନ ଅଶାନ୍ତି ଲାଗି ରହିଥିବା ବେଳେ ଗତ କାଲି ଚାଲନ୍ତି ଗ୍ରାମରେ ବିଭିନ୍ନ ଗୋଷ୍ଠୀ ମଧ୍ୟରେ ମାରପିଟ ହୋଇଥିଲା। ତା ପରେ ମଧ୍ୟ ଆଜି ଉକ୍ତ ଚାଲନ୍ତି ଗ୍ରାମରେ ଦୁର୍ଗାପୂଜାକୁ ନେଇ ନାମ ସଂକୀର୍ତ୍ତନ ଓ ପ୍ରସାଦ ସେବନ କାର୍ଯ୍ୟକ୍ରମ ଚାଲିଥିବା ବେଳେ ଗ୍ରାମର ନାରାୟଣ ଗିରି ନାମକ ଯୁବକ ଏକ ମାରଣାସ୍ତ୍ର ଧରି ଲୋକଙ୍କୁ ଭୟଭୀତ କରାଇବା ସହିତ ଗ୍ରାମର ମୁଖ୍ୟ ସୁଧୀର ଦେଙ୍କୁ ହତ୍ୟା ଧମକ ଦେଇଥିଲେ। ତାଙ୍କ ସହିତ ତାଙ୍କର ନାରାୟଣଙ୍କ ସ୍ତ୍ରୀ ଓ ତାଙ୍କର ମାଆ ମଧ୍ୟ ମାରଣାସ୍ତ୍ର ଧରି ଆସିଥିଲେ। ଫଳରେ ପ୍ରସାଦ ସେବନ ପାଇଁ ବସିଥିବା ଲୋକମାନେ ଭୟଭୀତ ହୋଇ ପଳାଇଥିଲେ। ଉପସ୍ଥିତ ଗ୍ରାମବାସୀ ନାରାୟଣଙ୍କୁ କାବୁ କରି ମାରଣାସ୍ତ୍ର ଛଡାଇବା ସହିତ ପୁଲିସକୁ ଖବର ଦେଇଥିଲେ। ପୁଲିସ ଘଟଣା ସ୍ଥଳରେ ପହଂଚି ନାରାୟଣକୁ ଉଠାଇ ଆଣି ଥାନାରେ ଅଟକ ରଖିଛି। ଏଥିନେଇ ଜଳେଶ୍ୱର ଥାନାରେ ହତ୍ୟା ଧମକକୁ ନେଇ ଅଭିଯୋଗ ହୋଇଛି।

## ମାରଣାସ୍ତ୍ର ଦେଖାଇ ବାଇକ ଲୁଟ୍

ରାଜଘାଟ, ୬।୧୦ (ସମିସ): ବସ୍ତା ଥାନା ବରୁଣଗଡ଼ିଆ ଗ୍ରାମର ଜୈନିକ ବ୍ୟକ୍ତିଙ୍କୁ ମାରଣାସ୍ତ୍ର ଦେଖାଇ ଦୁର୍ବୃତ୍ତ ବାଇକ ଲୁଟ କରିନେଇଥିବା ନେଇ ଥାନାରେ ଅଭିଯୋଗ ହୋଇଛି। ବରୁଣଗଡ଼ିଆ ଗ୍ରାମର ହେମନ୍ତ ମୁର୍ମୁ(୪୦) ଓ ତାଙ୍କ ଶଳା ଅଜୟ କୁମାର ମାର୍ଣ୍ଡି ଗତକାଲି ରାସଗୋବିନ୍ଦପୁର ଥାନା ଅନ୍ତର୍ଗତ ମୁଷାମାରୀ ଗ୍ରାମକୁ ଯାତ୍ରା ଦେଖିବା ଲାଗି ବାଇକ ଯୋଗେ ଯାଇଥିଲେ। ମଧ୍ୟରାତ୍ରୀ ସମୟରେ ଦୁହେଁ ଘରକୁ ଫେରୁଥିବା ସମୟରେ ପଛରୁ ପାଖା ପାଖି ୬ଜଣ ଦୁର୍ବୃତ୍ତ ସେମାନଙ୍କୁ ପିଛା କରିଥିଲେ। ରାସଗୋବିନ୍ଦପୁର-ଅମର୍ଦ୍ଦାରୋ? ମୁଖ୍ୟ ରାସ୍ତାର ଆମ୍ବଡ଼ିହା ଛକ ନିକଟରେ ତାଙ୍କୁ ଅଟକାଇ ଦୁର୍ବୃତ୍ତ ମାନେ ବିଭିନ୍ନ ପ୍ରକାରର ମାରଣାସ୍ତ୍ର ଆଦି ଦେଖାଇ ହେମନ୍ତଙ୍କ ବାଇକକୁ ନେଇ ଫେରାର୍ ମାରିଥିଲେ। ଘଟଣା ସମ୍ପର୍କରେ ହେମନ୍ତ ରାସଗୋବିନ୍ଦପୁର ଥାନାରେ ଲିଖିତ ଅଭିଯୋଗ କରିବା ପରେ ଥାନାଧିକାରୀ ପଦ୍ମଲୋଚନ ପାଣିଗ୍ରାହୀ ଘଟଣାର ତଦନ୍ତ ଚଳାଇଛନ୍ତି।

## ଭୋଗରାଇ କଂଗ୍ରେସ ପକ୍ଷରୁ ନୂତନ ଜିଲ୍ଲା ସଭାପତିଙ୍କୁ ସମ୍ବର୍ଦ୍ଧନା



ଭୋଗରାଇ, ୬।୧୦ (ସମିସ) : ଭୋଗରାଇ ବ୍ଲକ କଂଗ୍ରେସ ପକ୍ଷରୁ ଜିଲ୍ଲା କଂଗ୍ରେସର ନୂତନ ସଭାପତି ଭାବେ ସତ୍ୟଶିବ ଦାସଙ୍କୁ ଆଜି ଭୋଗରାଇ ନିର୍ବାଚନ ମଣ୍ଡଳୀ ବଡ଼ମନ୍ଦାରୁଣି ଠାରୁ ଶହ ଶହ ସଂଖ୍ୟାକ କଂଗ୍ରେସ ପ୍ରେମୀମାନେ ବାଇକ୍ ଯୋଗେ ପାଛୋଟି ନେଇଥିଲେ। ପ୍ରଥମେ ବ୍ଲକ କଂଗ୍ରେସ କାର୍ଯ୍ୟାଳୟରେ ଥିବା ପୂର୍ବତନ ସାଂସଦ କାର୍ତ୍ତିକେଶ୍ୱର ପାତ୍ରଙ୍କ ପ୍ରତିମୂର୍ତ୍ତିରେ ନୂତନ ଜିଲ୍ଲା ସଭାପତି ଶ୍ରୀ ଦାସ ମାଲ୍ୟାର୍ପଣ କରିଥିଲେ। ପରେ ଦେହୁର୍ଦ୍ଦା ପଞ୍ଚାୟତର ଥାନାଛକ ମାଛ ମାର୍କେଟ ଠାରେ ଥିବା କମ୍ୟୁନିଟି ସେଣ୍ଟର ଏକ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା। ୩୩ନଂ ଜୋନର ଜିଲ୍ଲା ପରିଷଦ ସଦସ୍ୟ ସନ୍ତୋଷ କୁମାର ଜେନା ଅଧ୍ୟକ୍ଷତା କରିଥିଲେ। ସଭାରେ ଶହ ଶହ ସଂଖ୍ୟକ ନେତା ଓ କର୍ମୀମାନେ ଉପସ୍ଥିତ ଥିଲେ।

## ଗଜଲକ୍ଷ୍ମୀ ପୂଜା; ଚୌକି ବଜାର ଓ ଦେଉଳାହାଟ ଉତ୍ସବମୁଖର



ଭୋଗରାଇ, ୬।୧୦ (ସମିସ): ଭୋଗରାଇ ବ୍ଲକ କୁମ୍ଭାରମୂଳି ପଞ୍ଚାୟତ ଚୌକି ବଜାରରେ ଗଜଲକ୍ଷ୍ମୀ ପୂଜା ୪୯ ବର୍ଷରେ ପଦାର୍ପଣ କରିଛି। ଚୌକି ବଜାରରେ ଥିବା ସମସ୍ତ ବ୍ୟବସାୟୀ ତଥା ପାର୍ଶ୍ୱବର୍ତ୍ତୀ ବିଭିନ୍ନ ଗ୍ରାମବାସୀଙ୍କ ଆର୍ଥିକ ସହାୟତାରେ ଏହି ପୂଜା ଅନୁଷ୍ଠିତ ହୋଇଥାଏ। ଚଳିତ ବର୍ଷ ବିଭିନ୍ନ ରଙ୍ଗବେରଙ୍ଗର ଆଲୋକ ମାଳାରେ ଝଲସୁଛି ପୂଜା ମଣ୍ଡପ। ୮ ଦିନ ଧରି ଅନୁଷ୍ଠିତ ହେବାକୁ ଥିବା ମେଳାରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି କମିଟି ପକ୍ଷରୁ ସୂଚନା ଦିଆଯାଇଛି। କମିଟିର ସଭାପତି ରଞ୍ଜନ କୁମାର ଜେନା, ସମ୍ପାଦକ ରମାନାଥ ପଣ୍ଡା, ସନ୍ତୋଷ ମହାନ୍ତି, ଅଶୋକ ପଣ୍ଡା, ସୁଶାନ୍ତ ଜେନା, ରଘୁନାଥ ବାରିକ,ପ୍ରାଣକୃଷ୍ଣ ମହାନ୍ତି, ଚୈତନ୍ୟ ଆଧେକ, ଗୁଣାଧର ଆଧେକ, ଦୁଲା ମହାନ୍ତି, ରଘୁ ପଣ୍ଡା, ରାମକୃଷ୍ଣ ପରିଡ଼ା, ଝଡ଼ି ମହାନ୍ତି,ଅଜିତ ପଣ୍ଡା,ରାମକୃଷ୍ଣ ପଣ୍ଡା,ଲବକାନ୍ତ ପ୍ରଧାନ,ଶଙ୍କର ଆଧେକ,କାର୍ତ୍ତିକ ତ୍ରିପାଠୀ, ସଞ୍ଜୀବ ମହାନ୍ତି, ପୂର୍ଣ୍ଣଚନ୍ଦ୍ର ତ୍ରିପାଠୀ, ଜୀବନ କୃଷ୍ଣ ମହାନ୍ତି,ଜଗୁ ପଣ୍ଡା,ବିଜୟ ଜେନା ପ୍ରମୁଖ ପରିଚାଳନାରେ କରିଥିଲେ। ସେହିପରି ଭୋଗରାଇ ବ୍ଲକ ଦେଉଳା ପଞ୍ଚାୟତର ଥିବା ଦେଉଳାହାଟରେ ଗଜଲକ୍ଷ୍ମୀ ପୂଜା ନେଇ ଉତ୍ସବମୁଖର ହୋଇଉଠିଛି ସମଗ୍ର ଅଞ୍ଚଳ। ଏହି ପୂଜାକୁ ୪୫ ବର୍ଷ ପୂରିଥିଲା ବେଳେ ଚଳିତ ବର୍ଷ ସମସ୍ତ ନୀତିକାନ୍ତି ସମ୍ପନ୍ନ ହୋଇଛି ବୋଲି ପୂଜା କମିଟି ପକ୍ଷରୁ ସୂଚନା ଦିଆଯାଇଛି। କମିଟିର ସଦସ୍ୟ ଶ୍ରୀକାନ୍ତ ପାତ୍ର, ବଂଶୀଧର ସାହୁ, ସନ୍ଦୀପ ଦାସ, ମଧୁସୂଦନ ମହାନ୍ତି, ରାଜେନ୍ଦ୍ର ସାହୁ, ଚନ୍ଦ୍ରଶେଖର ମାହାନା, ଈଶ୍ୱର ଜେନା, ସୀତାରାମ ସାହୁ, ଅଜୟ ପାଳ, ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

## ଖଇରାର ବିଭିନ୍ନ ସ୍ଥାନରେ ଗଜଲକ୍ଷ୍ମୀଙ୍କୁ ଆରାଧନା



ଖଇରା,୬।୧୦ (ସମିସ): ଖଇରା ବ୍ଲକର ପୁରପଲ୍ଲୀରେ ମା ଗଜଲକ୍ଷ୍ମୀଙ୍କ ପୂଜାର୍ଚ୍ଚନା ଧୁମଧାମରେ ଆରମ୍ଭ ହୋଇଛି। ଖଇରା ପଞ୍ଚାୟତ ଅଧିନ ମା ମୁକ୍ତାଶୁଣି ଲକ୍ଷ୍ମୀପୂଜା କମିଟି ଆନୁକୁଲ୍ୟରେ ଆୟୋଜିତ ପୂଜା ଜାକଜମକରେ ଆରମ୍ଭ ହୋଇଛି। ପ୍ରଶାନ୍ତ କୁମାର ଜେନା,ମାନସ ପ୍ରଧାନ ଓ ରବିନାରାୟଣ ଦାସଙ୍କ ଦ୍ୱାରା କଳସ ଅଣାଯାଇଥିବା ବେଳେ ବିରଞ୍ଚି ନାରାୟଣ ପଣ୍ଡାଙ୍କ ଦ୍ୱାରା ଧନଦାତ୍ରୀଙ୍କୁ ଆବାହାନ କରାଯିବା ପରେ ହୋମାଯଜ୍ଞାଦି କର୍ମ ଅନୁଷ୍ଠିତ ହୋଇଥିଲା। କମିଟି ସଦସ୍ୟ ସଦସ୍ୟ ବିରଞ୍ଚି ନାରାୟଣ ଦାସ, କମଳେଶ ପ୍ରଧାନ, ଗୋପିନାଥ ମହାନ୍ତି, ବସନ୍ତ କୁମାର ପ୍ରଧାନ, ରଘୁନାଥ ମୁଖି, ଉମାକାନ୍ତ ମହାନ୍ତି, କୈଳାସ ଜେନା, ନରହରି ଗିରି, ଅଜୟ ଜେନା, ଉପେନ୍ଦ୍ର ପ୍ରଧାନ, ଉଦୟ ପଣ୍ଡା, ଅନ୍ତର୍ଯ୍ୟାମୀ ଜେନା, ଅନାମ ସାହୁ ପ୍ରମୁଖଙ୍କ ତତ୍ୱାବଧାନରେ ପୂଜା ଆରମ୍ଭ ହୋଇଛି। ପୂଜା ୩ଦିନ ଧରି ଚାଲିବା ସହ ସାସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବ ବୋଲି ମୁଖ୍ୟ ପରିଚାଳକ ଉମେଶ କୁମାର ଜେନା କହିଛନ୍ତି। ସେହିଭଳି ଖଇରା ବଜାର ଆଳଦା ଛକ, ଫଗୁଣା, ମାହାରା ସାହି,ସାରକୋଣା, ସାରୁଗାଁ, ପତିରାଜପୁର, କାକୁଡିଆ, ସମ୍ପେଇ, କିଶୋର ନଗର, ଭୁଗୁପୁର, ତୋଟାପଡା ଇତ୍ୟାଦି ଗ୍ରାମରେ ମା ପଦ୍ମାଳୟାଙ୍କ ପୂଜା ଆରମ୍ଭ ହୋଇଛି।

## ନାଗରିକ ମଞ୍ଚ ସମୀକ୍ଷା ବୈଠକ

## ମ୍ୟୁନିସିପାଲିଟିରେ ସ୍ଥାୟୀ ଜଳ ନିଷ୍କାସନ ଦାବି



ସୋର, ୬।୧୦(ସମିସ): ନାଗରିକ ମଞ୍ଚର ସାଧାରଣ ପରିଷଦ ବୈଠକ ମଞ୍ଚର ସଭାପତି ଶିକ୍ଷାବିତ ନେତ୍ରାନନ୍ଦ ରାଉତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଗତ ବୈଠକର ନିଷ୍ପତ୍ତି ଓ କାର୍ଯ୍ୟ କାରିତା ଉପରେ ସମ୍ପାଦକ ଉଦ୍ଧବ ଚରଣ ବିଶ୍ୱାଳ ସୂଚନା ଦେଇ ପ୍ରକାଶ କରିଥିଲେ ଯେ ସୋର ରେଳ ଷ୍ଟେସନର ବହୁବିଧ ସମସ୍ୟା ସହ ଦୂରଗାମୀ ଟ୍ରେନ ରହଣି, ଦ୍ୱିତୀୟ ପାଦଚଲା ବ୍ରିଜ, କୋଚ ଇଣ୍ଡିକେଟର ପ୍ରଭୃତି ଦାବି ପୂରଣ ଉପରେ ଦକ୍ଷିଣ ପୂର୍ବ ରେଳପଥ ଖଡ଼ଗପୁର ଡିଭିଜନର ସହକାରୀ ପ୍ରବନ୍ଧକ ବାଣିଜ୍ୟ ଏବଂ ଇନସ୍ପେକଟର ବାଣିଜ୍ୟଙ୍କ ସହିତ ନାଗରିକ ମଞ୍ଚର ପ୍ରତିନିଧି ମାନଙ୍କ ସହିତ ଗତ ୧୭ ତାରିଖରେ ଫଳପ୍ରଦ ଆଲୋଚନା ଓ ଲିଖିତ ପ୍ରତଶୃତି ପରେ ଗତ ୨୩ ତାରିଖରେ ହେବାକୁ ଥିବା ଆନ୍ଦୋଳନକୁ ସ୍ଥଗିତ ରଖା ଯାଇଥିଲା। ସୋରରେ ନୂତନ ପୂର୍ତ୍ତ ବିଭାଗ ସହକାରୀ ଯନ୍ତ୍ରୀଙ୍କ ଅଫିସନିର୍ମାଣ ଓ ପୁରୁଣା ଅଫିସକୁ ସ୍ଥାନାନ୍ତରିତ ଦାବିକୁ ଅଧିକ୍ଷଣ ଯନ୍ତ୍ରି ଅନୁଧ୍ୟାନ କରିବାକୁ ଲିଖିତ ପ୍ରତିଶୃତି ଦେଇଛନ୍ତି ବୋଲି ସୂଚନା ଦେଇଥିଲେ। ଉପଦେଷ୍ଟା ଦାମୋଦର ଦାଶମହାପାତ୍ର ପ୍ରକାଶ କରିଥିଲେ, ଫକୀର ମୋହନ ୟୁନିଭରସିଟିରେ ରାଧାନାଥ ରାୟଙ୍କ ନାମରେ ଚେୟାର ପ୍ରତିଷ୍ଠା ଦାବିକୁ ବିଶ୍ୱବିଦ୍ୟାଳୟର କୁଳପତି ସୁପାରିଶ ନକରିବା ଯୋଗୁଁ ରାଜ୍ୟ ସରକାର ଗୁରୁତ୍ୱ ନଦେବା ପରିତାପର ବିଷୟ। ଏଦିଗରେ ମଞ୍ଚ ଆବଶ୍ୟକୀୟ ପଦକ୍ଷେପ ନେବାକୁ ପ୍ରସ୍ତାବ ଦେଇଥିଲେ। ସୋର ପୌର ପାଳିକାର ଅସାବଧାନତା ପାଇଁ ବର୍ଷାଦିନରେ ବିଭିନ୍ନ ୱା?ରୁ ଜଳ ନିଷ୍କାସନ ହୋଇନପାରି ରାସ୍ତା ଉପରେ ଜମିରହୁଛି। ଏଦିଗରେ ସ୍ଥାୟୀ ପ୍ରତିକାର କରାଯିବାକୁ ଏହି ବୈଠକରେ ଦାବୀ ହୋଇଛି। ଏହି ବୈଠକରେ ବିଭିନ୍ନ ପ୍ରସ୍ତାବ ଉପରେ ମାୟାଧର ନାୟକ, ଗଙ୍ଗାଧର ପାଢ଼ୀ, ମନୋଜ କୁମାର ରାୟ, ପଞ୍ଚାନନ ଶିଆଳ, ଜିତେନ୍ଦ୍ର କୁମାର ବେହେର, ବାସୁକୃଷ୍ଣ ମହାପାତ୍ର, ନିତ୍ୟାନନ୍ଦ କର, ଶଶୀକାନ୍ତ ପଣ୍ଡା, ପ୍ରଦୀପ କୁମାର ଦାଶ, ପଙ୍କଜ ପଣ୍ଡା, ସୁରେନ୍ଦ୍ର ପାଣିଗ୍ରାହୀ, ସୁରେନ୍ଦ୍ର ବେହେରା, କରୁଣାକର ପାଢ଼ୀ, ଅନନ୍ତ ଚରଣ ବେହେରା ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ମଞ୍ଚରେ ନୂତନ ଭାବେ ଅବସର ପ୍ରାପ୍ତ ପ୍ରାଧ୍ୟାପକ ହରିହର ଦାସଙ୍କ ସଦସ୍ୟତାକୁ ଗ୍ରହଣ କରାଯାଇଥିଲା। କୋଷାଧ୍ୟକ୍ଷ ଅଦୈତ୍ୟକୁମାର କର ଆୟ ବ୍ୟୟର ହିସାବ ଉପସ୍ଥାପନ କରିଥିଲେ। ଶେଷରେ ପ୍ରଫୁଲ୍ଲ ଷଡ଼ଙ୍ଗୀ ଧନ୍ୟବାଦ ପ୍ରଦାନ କରିଥିଲେ।

## ବିଜେପି ନେତାଙ୍କ ମାତୃ ବିୟୋଗ

ଜଳେଶ୍ୱର,୬।୧୦(ସମିସ) : ଜଳେଶ୍ୱର ବ୍ଲକ ଲକ୍ଷ୍ମଣନାଥ ନାଥ ପଞ୍ଚାୟତ ବିରେଶ ପୁର ଗାଁର ଶେଫାଳୀ ପଟ୍ଟନାୟକ(୮୨) ଙ୍କ ପରଲୋକ ହୋଇଯାଇଛି। ମୃତ୍ୟୁଶଯ୍ୟା ନିକଟରେ ଜ୍ୟେଷ୍ଠ ପୁତ୍ର ବିଜେପି ନେତା ଶାନ୍ତନୁ ପଟ୍ଟନାୟକ, ଚିନ୍ମୟ ଦୁଲାଲ ପଟ୍ଟନାୟକ, କନ୍ୟା ତାମସା ପଟ୍ଟନାୟକ, ଜ୍ୟୋତିର୍ମୟୀ ପଟ୍ଟନାୟକ ଉପସ୍ଥିତ ଥିଲେ। ତାଙ୍କ ବିୟୋଗରେ ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ, ବିଧାୟକ ଅଶ୍ୱିନୀ କୁମାର ପାତ୍ର, ବିଜେପି ଜିଲ୍ଲା ସଭାପତି ଡ଼ା ପ୍ରଦୀପ ପଣ୍ଡା, ପ୍ରାକ୍ତନ ସଭାପତି ଉମାକାନ୍ତ ମହାପାତ୍ର, ବିଜେପି ନେତା ବ୍ରଜମୋହନ ପ୍ରଧାନ, ବ୍ଲକ ଅଧ୍ୟକ୍ଷ ମାନସ କୁମାର ଜେନା, ନଗରପାଳ ପ୍ରଦୀପ ପ୍ରଧାନ ଶୋକ ପ୍ରକାଶ କରିଛନ୍ତି।

# ଅଲ୍ ଓଡ଼ିଶା ସିନିୟର ଷ୍ଟେଟ୍ ରାଙ୍କିଙ୍ଗ୍ ବ୍ୟାଡ୍‌ମିଣ୍ଟନ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ

ବାଲେଶ୍ୱର, ୬।୧୦(ସମିସ)




୩ ଅକ୍ଟୋବରରୁ ଆରମ୍ଭ ହୋଇଥିବା ଅଲ୍ ଓଡ଼ିଶା ସିନିୟର ଷ୍ଟେଟ୍ ରାଙ୍କିଙ୍ଗ ବ୍ୟାଡମିଣ୍ଟନ ଟୁର୍ଣ୍ଣାମେଣ୍ଟ ବିଜୁପଟ୍ଟନାୟକ ଇନଡୋର ଷ୍ଟାଡିୟମରେ ଉଦଯାପିତ ହୋଇଯାଇଛି। ଏହି ଟୁର୍ଣ୍ଣାମେଣ୍ଟରେ ସାରା ଓଡ଼ିଶାରୁ ୧୫୦ ରୁ ଅଧିକ ପୁରୁଷ ଓ ମହିଳା ଖେଳାଳି ଅଂଶଗ୍ରହଣ କରିଥିଲେ। ଏହି ଟୁର୍ଣ୍ଣାମେଣ୍ଟରେ ପୁରୁଷ ସିଙ୍ଗଲ୍ସ, ମହିଳା ସିଙ୍ଗଲ୍ସ, ପୁରୁଷ ଡବଲ୍ସ, ମହିଳା ଡବଲ୍ସ ଏବଂ ମିକ୍ସ ଡବଲ୍ସ ବର୍ଗର ଇଭେଣ୍ଟ ଖେଳାଯାଇଥିଲା। ମହିଳା ସିଙ୍ଗଲ୍ସରେ ଖୋର୍ଦ୍ଧାର ହର୍ଷିତା ରାଉତ ୨୧/୧୪ ଏବଂ ୨୧/୧୨ ପଏଣ୍ଟ ସହିତ ସମ୍ବଲପୁରର ଟୁମି ବାଗଚୀଙ୍କୁ ପରାସ୍ତ କରିଛନ୍ତି। ମହିଳା ହର୍ଷିତା ରାଉଟ୍ (ଖୋର୍ଦ୍ଧା) ଏବଂ ପୁରବା ପ୍ରତୀଶା (ସମ୍ବଲପୁର) ଯୋଡି ୨୧/୮ ଏବଂ ୨୧/୧୩ ପଏଣ୍ଟ ସହ ଖୋର୍ଦ୍ଧାର ଇପ୍ସିତା ମହାନ୍ତି ଏବଂ ନିଶିତା ମହାନ୍ତିଙ୍କୁ ପରାସ୍ତ କରିଛନ୍ତି। ମିକ୍ସଡ ଡବଲ୍ସ ଫାଇନାଲରେ ଆୟୁଷ ଦାସ (ଆଙ୍ଗୁଲ) ଏବଂ ପୁରବା (ସମ୍ବଲପୁର) ଯୋଡି ତନମୟ କୁମାର ସାହୁ (ଆଙ୍ଗୁଲ) ଏବଂ ହର୍ଷିତା ରାଉତ (ଖୋର୍ଦ୍ଧା) ଯୋଡିକୁ ୨୧/୧୨ ଏବଂ ୨୧/୧୩ ପଏଣ୍ଟ ସହିତ ପରାସ୍ତ କରିଛନ୍ତି। ପୁରୁଷ ଡବଲ୍ସ ବର୍ଗରେ ଅଭିଜିତ୍ ମୋହରାନା (ଖୋର୍ଦ୍ଧା) ଏବଂ ତନମୟ କୁମାର ସାହୁ (ଅଙ୍ଗୁଲ) ଯୋଡି ୨୧/୧୬ ଏବଂ ୨୧/୧୫ ପଏଣ୍ଟ ସହ ବଲାଙ୍ଗୀରର ମନଭଜନ ନାୟକ ଏବଂ ପ୍ରତୀକ ସିଙ୍ଗଡୋଙ୍କୁ ପରାସ୍ତ କରିଛନ୍ତି। ପୁରୁଷ ସିଙ୍ଗଲ୍ସ ବର୍ଗରେ ଆମର ବାଲେଶ୍ୱର ଖେଳାଳି ଆର୍ଯ୍ୟ ମାଝୀ ୨୧/୧୧ ଏବଂ ୨୧/୧୫ ପଏଣ୍ଟ ସହିତ ସୁନ୍ଦରଗଡ଼ର ଶ୍ରେୟାଂଶ ପରିଡାଙ୍କ ବିପକ୍ଷରେ ଫାଇନାଲରେ ବିଜୟୀ ହୋଇଛନ୍ତି। ପୁରସ୍କାର ବିତରଣ ଉତ୍ସବରେ ବାଲେଶ୍ୱର ସାଂସଦ ପ୍ରତାପ ଷଡ଼ଙ୍ଗୀ ମୁଖ୍ୟ ଅତିଥି, ଜିଲ୍ଲା କ୍ରୀଡା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ଜେନା ମୁଖ୍ୟ ବକ୍ତା ଭାବରେ ଯୋଗ ଦେଇଥିଲେ। ସବ୍ ଡିଭିଜନାଲ ପୁଲିସ୍ ଅଧିକାରୀ ସୁବ୍ରଣସୁ ନାୟକ ସମ୍ମାନିତ ଅତିଥି ଭାବରେ ଟୁର୍ନାମେଣ୍ଟ ନିର୍ଦ୍ଦେଶକ ସମୀର କାନ୍ତ ଦାସ, ଜିଲ୍ଲା ବ୍ୟାଡମିଣ୍ଟନ ସଭାପତି ଚିନ୍ମୟ ବିଶାଳ ପୁରସ୍କାର ବିତରଣୀ ଉତ୍ସବରେ ଜିଲ୍ଲା ବ୍ୟାଡମିଣ୍ଟନ ସମ୍ପାଦକ ମନୋରଞ୍ଜନ ପଣ୍ଡା, ମ୍ୟାଚ୍ ମୁଖ୍ୟ ରେଫରି ମନୋଜ ସାଓ୍ୱତ, ଓଡ଼ିଶା ରାଜ୍ୟ ବ୍ୟାଡମିଣ୍ଟନ ସଂଘର ଯୁଗ୍ମ ସମ୍ପାଦକ ଜୟପ୍ରକାଶ ସିଂହ, ଅଲ୍ ଓଡ଼ିଶା ହୋଟେଲ୍ ଏବଂ ରେଷ୍ଟୁରାଣ୍ଟର ସଭାପତି ସରୋଜ କୁମାର ବନ୍ଦନୱାଲ, ଲାୟନ୍ସ କ୍ଲବ୍ ଅଫ୍ ସ୍ୟାଣ୍ଡ ସିଟିର ସଚିବ ଅୟାନ ସେନ୍, ଲାୟନ୍ସ କ୍ଲବ୍ ଅଫ୍ ସ୍ୟାଣ୍ଡ ସିଟିର ସଭାପତି ଦୀପକ ଖଣ୍ଡେଲୱାଲ ସୁଶାନ୍ତ ପଣ୍ଡା ନିର୍ଦ୍ଦେଶକ ଏଚ୍ ଆର୍ ସି ପରିବହନ, ସାଇରୁଲ ହକ୍ ସମାଜସେବୀ, ଦୀପକ ରୋନା ଏଲ୍ ଏନ୍ ଜୁଏଲାରୀର ମାଲିକ, ଶଶି ଭୂଷଣ ମିଶ୍ର ମଡର୍ଣ୍ଣ ପବ୍ଲିକ୍ ସ୍କୁଲର ସଚିବ ଉପସ୍ଥିତ ଥିଲେ। ଫାଇନାଲିଷ୍ଟ ପ୍ରଥମ ଜିଲ୍ଲା ସଂଘକୁ ପୁରସ୍କାର ବଣ୍ଟନ କରିବା ପୂର୍ବରୁ ଏହି ମହାନ କାର୍ଯ୍ୟକ୍ରମ ଆୟୋଜନରେ ପ୍ରମୁଖ ଭୂମିକା ଗ୍ରହଣ କରିଥିବା ପ୍ରାୟୋଜକମାନଙ୍କୁ ସମ୍ମାନିତ କରାଯାଇଥିଲା ହରି ଉଦ୍ୟୋଗ ପ୍ରାଇଭେଟ୍ ଲିମିଟେଡ୍, ଓଏସିସ୍ ଗ୍ରୁପ୍ ଅଫ୍ ଇନଷ୍ଟିଚ୍ୟୁସନ୍, ଆଲାସୋର ଚାରିଟେବଲ୍ ଟ୍ରଷ୍ଟ, ହିମଗିରି ପାଇପ୍ସ, ଓରି ପ୍ଲାଷ୍ଟ, ମୋହାକୁଡ୍ ବ୍ରଦର୍ସ ଏବଂ ଆଗ୍ରୋ, ମନୋହରଲାଲ୍ ପାଲା ଜୁଏଲାରୀ, ନିଓ ପାଇପ୍ସ, ଇଣ୍ଡିଆନ୍ ତେଲ, ସ୍ନୋ ୱାର୍ଲ୍ଡ ମାରିନ୍, ବାଲେଶ୍ୱର ମେରାଇନ୍, ସଞ୍ଜୟ ହାଇଟ୍ସ, ୟୁକୋ ବ୍ୟାଙ୍କ। ପ୍ରାୟୋଜକମାନଙ୍କୁ ସମ୍ବର୍ଦ୍ଧିତ କରିବା ପରେ ମୁଖ୍ୟ ଅତିଥି ସମସ୍ତ ଇଭେଣ୍ଟର ସେମିଫାଇନାଲିଷ୍ଟ ଏବଂ ଫାଇନାଲିଷ୍ଟଙ୍କୁ ଟ୍ରଫି, ପୁରସ୍କାର ରାଶି ଏବଂ ପ୍ରମାଣପତ୍ର ବଣ୍ଟନ କରିଥିଲେ। ଏହି କାର୍ଯ୍ୟକ୍ରମର ଅଧ୍ୟକ୍ଷ ସୁଜୟ ନାୟକଙ୍କ ଅଧୀନରେ ଏହି ପୁରା ବ୍ୟାଡମିଣ୍ଟନ୍ ର୍ୟାଙ୍କିଙ୍ଗ୍ ସମାପ୍ତ ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ପ୍ରୀତୀରଜନ ମହାନ୍ତି, ରାଜୀବ ସାହୁ, ଭବାନୀ ବେହେରା, ଚିନ୍ମୟ ପଣ୍ଡା, ସରୋଜ, ବିଷ୍ଣୁ, ଆୟୁଷ୍ମାନ ଏକ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ।

# ବଧିର ସଂଘ ପକ୍ଷରୁ ଅନ୍ତର୍ଜାତୀୟ ବଧିର ଦିବସ

ବରଗଡ଼,୬।୧୦(ସମିସ)




ବରଗଡ଼ ଜିଲ୍ଲା ବଧିର ସଂଘ ପକ୍ଷରୁ ୬୮ ତମ ଅନ୍ତର୍ଜାତୀୟ ଶ୍ରବଣ ବାଧିତ ଦିବସ ବାପୁଜୀ ସ୍ୱତନ୍ତ୍ର ବିଦ୍ୟାଳୟ ବରଗଡ଼ ଠାରେ ଅନୁଷ୍ଠିତ ହୋଇଯାଇଛି। ବଧିର ସଂଘ ସଭାପତି ପ୍ରଭାତ ଅଗ୍ରୱାଲ କାର୍ଯ୍ୟକ୍ରମରେ ସଭାପତିତ୍ୱ କରିଥିଲେ। ଏଥିରେ ଅତିଥି ଭାବେ ବରଗଡ଼ ବଧିର ବିଦ୍ୟାଳୟ ପ୍ରଧାନଶିକ୍ଷକ କିଶୋର ଚନ୍ଦ୍ର ସାହୁ, ଦୃଷ୍ଟିହୀନ ବିଦ୍ୟାଳୟ ପ୍ରଧାନଶିକ୍ଷକ ଅଭୟ ପ୍ରଧାନ, ମାନସିକ ଅନଗ୍ରସର ବିଦ୍ୟାଳୟ ପ୍ରଧାନଶିକ୍ଷକ ନେପାଳ ଦୁଆନ, କମିଟି ସଦସ୍ୟ ଭକ୍ତ ଚରଣ ଦାଶ, ମନରଞ୍ଜନ ସାହୁ, ସୁଜାତା ପ୍ରଧାନ, ଲିପସା ସେଠ ପ୍ରମୁଖ ମଞ୍ଚାସୀନ ଥିଲେ। ସାଙ୍କେତିକ ଭାଷା ଅନୁବାଦକ ଟିକେଶ୍ୱର ସରାଫ ଓ ଶିକ୍ଷକ ଦୁଃଖିସେବକ ସାହୁ ସଭା ପରିଚାଳନାରେ ସହଯୋଗ କରିଥିଲେ। ମଣ୍ଟୁ ପଣ୍ଡା, ବଳାମୁକୁନ୍ଦ କଠାର, ଅଜୁ ମେହେର, ଲିପସା ପଧାନ, ଦୀପା ବେହେରା, ମହମଦ ୟୁସୁବ ଓ ଅନ୍ୟ ମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଚାକିରି କ୍ଷେତ୍ରରେ ଥିବା ସଂରକ୍ଷଣକୁ ସଠିକ ଭାବେ କାର୍ଯ୍ୟକାରୀ କଲେ ବଧିର ଯୁବକଯୁବତୀ ମାନେ ଉପକୃତ ହେବେ, ଶତ ପ୍ରତିଶତ କିମ୍ବା ୮୦ ପ୍ରତିଶତରୁ ଉର୍ଦ୍ଧ୍ୱ ବଧିର ବ୍ୟକ୍ତି ମାନଙ୍କ ଭତ୍ତା ୩୫୦୦ ଟଙ୍କାକୁ ବୃଦ୍ଧି କରିବାକୁ ଦାବି କରାଯାଇଥିଲା। ଭୂମିହୀନ ଓ ବାସହୀନ ବଧିର ବ୍ୟକ୍ତି ମାନଙ୍କୁ ଅଗ୍ରାଧିକାର ଭିତ୍ତିରେ ଘରଡିହ ସହିତ ସରକାରୀ ଯୋଜନାରେ ଗୃହ ନିର୍ମାଣ ପାଇଁ ସାହାଯ୍ୟ ଯୋଗାଇବା ନିମନ୍ତେ ସ୍ଥାନୀୟ ଜନପ୍ରତିନିଧି ଓ ପ୍ରଶାସନକୁ ଲିଖିତ ଭାବେ ଜଣାଇବା ପାଇଁ ମତପ୍ରକାଶ ପାଇଥିଲା। ସ୍ୱାବଲମ୍ବୀ କରିବା ପାଇଁ, ଧନ୍ଦାମୂଳକ କାର୍ଯ୍ୟ କରିବା ପାଇଁ ଋଣ ଯୋଗାଇବା ସହ ସାଧାରଣ ବର୍ଗର ପୁଅ କିମ୍ବା ଝିଅଙ୍କୁ ବଧିର ବ୍ୟକ୍ତି ବିବାହ କଲେ ସରକାରୀ ପ୍ରୋତ୍ସାହନ ଅଢ଼େଇ ଲକ୍ଷ ଟଙ୍କା ଅର୍ଥରାଶି ଯଥାଶୀଘ୍ର ଯୋଗାଇ ଦେବାକୁ ଦାବି କରାଯାଇଥିଲା। ବଧିର ଦିବସ ପାଳନର ଉଦ୍ଦେଶ୍ୟ ବିଷୟରେ ଜନସଚେତନତା ସୃଷ୍ଟି କରିବା ପାଇଁକି ଏକ ଶୋଭାଯାତ୍ରା ସହର ପରିକ୍ରମା କରିଥିଲା। ଶେଷରେ ଏକ ପ୍ରତିନିଧି ଦଳ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟକୁ ଯାଇ ବିଭିନ୍ନ ଦାବି ପୂରଣ ସକାଶେ ଲିଖିତ ଭାବେ ଦାବିପତ୍ର ପ୍ରଦାନ କରିଥିଲେ। ଏଥିରେ ଜିଲ୍ଲାର ବିଭିନ୍ନ ବ୍ଲକ୍‌ର ଗାଁ ଗୁଡିକରୁ ପ୍ରାୟ ଶହେ ଜଣ ଶ୍ରବଣ ବାଧିତ ଯୁବକ ଯୁବତୀ ଅଂଶଗ୍ରହଣ କରିଥିଲେ।

# ମରଣଯନ୍ତା ପାଲଟିଛି ଟାଙ୍ଗରପାଲି ରାସ୍ତା

ବରଗଡ଼,୬।୧୦(ସମିସ): ବରଗଡ଼ ଜିଲ୍ଲା ଅଧୀନ ଅତାବିରା ବ୍ଲକ୍ ଅଧୀନରେ ଥିବା ଖରମୁଣ୍ଡା, ଚୂଳଧର, ଡଡଙ୍ଗାପାଲି ଗାଁରୁ ଟାଙ୍ଗରପାଲି ରାସ୍ତା ଦେଇ ଦୈନିକ ଶହ ଶହ ଲୋକ ଅତାବିରାକୁ ଯାଇଥାନ୍ତି। ଅନେକ ସମୟରେ କମଗାଁ ପଞ୍ଚାୟତ ଅଧୀନରେ ଥିବା ଜଡା, ଋଷିପାଲି, କର୍ଲାଯୋରୀ, ଅନ୍ତପାଲି ଆଦି ବିଭିନ୍ନ ଗାଁରୁ ବୁର୍ଲା ଡାକ୍ତରଖାନାରେ ଯିବାକୁ ହେଲେ କେନାଲ ରାସ୍ତାରେ ଟାଙ୍ଗରପାଲି ଗାଁ ଅତିକ୍ରମ କରି ଯିବା ସୁବିଧାଜନକ ହୋଇଥାଏ। କିନ୍ତୁ ରାସ୍ତାର ଅବସ୍ଥା ଅତ୍ୟନ୍ତ ଶୋଚନୀୟ ଅବସ୍ଥାରେ ରହିଛି। ଅସମୟରେ ରୋଗୀଙ୍କୁ ନେଇ ଏହି ରାସ୍ତାରେ ଗଲେ ନାନାଦି ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି। ରାସ୍ତାର ଅବସ୍ଥା ବିପର୍ଯ୍ୟସ୍ତ



ହୋଇଥିଲେ ସୁଦ୍ଧା କିପରି ଉଚ୍ଚ କର୍ତ୍ତୃପକ୍ଷ ଓ ଜନ ପ୍ରତିନିଧିଙ୍କ ନଜର ପଡୁନାହିଁ ତାହା ସମସ୍ତଙ୍କୁ ଆଶ୍ଚର୍ଯ୍ୟାନ୍ୱିତ କରୁଛି। ତେଣୁ ଅତିଶୀଘ୍ର ରାସ୍ତା ତିଆରି କରିବା ପାଇଁ ବିଭାଗୀୟ ଉଚ୍ଚପଦସ୍ଥ ଅଧିକାରୀ ବିହିତ ପଦକ୍ଷେପ ନେବାକୁ ସାଧାରଣରେ ମତ ପ୍ରକାଶ ପାଇଛି।

# ପଦ୍ମପୁର ବସ୍‌ଷ୍ଟାଣ୍ଡ ନିର୍ମାଣ ପାଇଁ ବିଭିନ୍ନ ସଂଗଠନର ବୈଠକ

ପଦ୍ମପୁର,୬।୧୦(ସମିସ): ପଦ୍ମପୁରରେ ଏକ ବସଷ୍ଟାଣ୍ଡ ନିର୍ମାଣ ପାଇଁ ସ୍ଥାନୀୟ ଟାଉନହଲ ଠାରେ ବିଭିନ୍ନ ସଂଗଠନ ପକ୍ଷରୁ ମିଳିତ ଭାବେ ବୈଠକ ହୋଇଯାଇଛି। ଏଥିରେ ବଣିକ ସଂଘର ସଭାପତି ପ୍ରତାପ ମିଶ୍ର ସଭାପତିତ୍ୱ କରିଥିଲେ। ବସଷ୍ଟାଣ୍ଡ ନିର୍ମାଣକୁ ନେଇ ଦାନୀ ବନ୍ଧକୁ ପୋତି କାମ ଆରମ୍ଭ ହୋଇଥିଲା। ଏଥିପାଇଁ ବ୍ୟବହାରରେ ଆସୁ ନଥିବା ବନ୍ଧର କିସମ ମଧ୍ୟ ପରିବର୍ତ୍ତନ ହୋଇଯାଇଥିଲା। କିନ୍ତୁ କିଛି ବ୍ୟକ୍ତି ପରିବେଶର ସୁରକ୍ଷା ନାମରେ ଗ୍ରୀନ ଟ୍ରିବୁନାଲରେ ଆପତ୍ତି କରି ବସଷ୍ଟାଣ୍ଡ ନିର୍ମାଣ ବିରୋଧରେ ସ୍ଥଗିତାଦେଶ ଆଣିଛନ୍ତି। ପଦ୍ମପୁରର ବିଭିନ୍ନ ସଂଗଠନ ଏହାକୁ ବୈଠକରେ ବିରୋଧ କରିଥିଲେ। ପଦ୍ମପୁରର ସ୍ୱାର୍ଥ ତଥା ଉନ୍ନୟନ ବିରୋଧୀ ପଦକ୍ଷେପ ବୋଲି ନିନ୍ଦା କରିଥିଲେ। ଏପରି ପଦକ୍ଷେପ ବିରୋଧରେ ଆନ୍ଦୋଳନାତ୍ମକ ଓ ଆଇନ ଗତ ପଦକ୍ଷେପ ନେବାକୁ ସର୍ବସମ୍ମତି କ୍ରମେ ପ୍ରସ୍ତାବ ଗୃହୀତ ହୋଇଥିଲା। ବୈଠକରେ ବରିଷ୍ଠ ବ୍ୟବସାୟୀ ଗୋବିନ୍ଦ ପ୍ରସାଦ ଅଗ୍ରୱାଲ, ଲାୟନ୍ସ କ୍ଲବ ସଭାପତି ପ୍ରିଜମ ମେହେର, ବସ ମାଲିକ ସଂଘର ସଭାପତି ମନୋରଞ୍ଜନ ସିଂ ବରିହା ପ୍ରମୁଖ ମଞ୍ଚାସୀନ ଥିଲେ।



# ଅଟଳ ଚାରିଟେବୁଲ ଟ୍ରଷ୍ଟର ପ୍ରସ୍ତୁତି ବୈଠକ

ଅମ୍ବାଭୋନା,୬।୧୦(ସମିସ): ବରଗଡ଼ ଜିଲ୍ଲା ଅମ୍ବାଭୋନା ବ୍ଲକ୍ ଅଧୀନ ଭୁକ୍ତା ପ୍ରକାଶପୁର ଠାରେ ଅଟଳ ଚାରିଟେବୁଲ ଟ୍ରଷ୍ଟର ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଟ୍ରଷ୍ଟର ସଭାପତି ଶିବାଜୀ ପଟେଲଙ୍କ ତତ୍ତ୍ୱାବଧାନରେ ବୈଠକ ଅନୁଷ୍ଠିତ ହୋଇଥିଲା। ଆଗାମୀ ଗଜଲକ୍ଷ୍ମୀ ପୂଜାକୁ ଆଖି ଆଗରେ ରଖି ଟ୍ରଷ୍ଟର ଭୂମିକା ଓ କାର୍ଯ୍ୟପଦ୍ଧତି ସମ୍ବନ୍ଧରେ ବିଶେଷ ଆଲୋଚନା କରାଯାଇଥିଲା। ଉତ୍ତମ ପଞ୍ଚାୟତ ଅଧୀନ ଉଦେପାଲି ଗାଁରେ ହେବାକୁ ଥିବା ଗଜଲକ୍ଷ୍ମୀ ପୂଜା ଅବସରରେ ଏକ ମେଗା ରକ୍ତଦାନ ଶିବିର ଆୟୋଜନ କରିବାକୁ ପ୍ରସ୍ତାବ ଉଠିଥିଲା। ସମସ୍ତ ସଦସ୍ୟ ଜନସାଧାରଣଙ୍କୁ କିପରି ସହଯୋଗ ଓ ସେବା ପ୍ରଦାନ କରାଯାଇପାରିବ, ସେନେଇ ମତବିନିମୟ କରିଥିଲେ। ବୈଠକର ଶେଷରେ ସଭାପତି ସମସ୍ତ ସଦସ୍ୟଙ୍କୁ ଟ୍ରଷ୍ଟର ସମାଜସେବୀ କାର୍ଯ୍ୟରେ ଅଂଶଗ୍ରହଣ କରିବାକୁ ଆହ୍ୱାନ ଜଣାଇଥିଲେ।

# ଅତିରିକ୍ତ ଜିଲ୍ଲାପାଳଙ୍କ ମିଳିତ ଅଭିଯୋଗ ଶୁଣାଣି




ବରଗଡ଼,୬।୧୦(ସମିସ): ବରଗଡ଼ ପଞ୍ଚାୟତ ସମିତି କାର୍ଯ୍ୟାଳୟ ପରିସରରେ ଅତିରିକ୍ତ ଜିଲ୍ଲାପାଳ ମଧୁଛନ୍ଦା ସାହୁ ଏବଂ ଆରକ୍ଷୀ ଅଧୀକ୍ଷକ ପ୍ରହଲ୍ଲାଦ ସହାୟ ମୀନାଙ୍କ ମିଳିତ ଅଧ୍ୟକ୍ଷତାରେ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲ୍ଲାପାଳ ସାହୁ ଏବଂ ଆରକ୍ଷୀ ଅଧୀକ୍ଷକଙ୍କ ସମେତ ଜିଲ୍ଲାପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ଲଲାଟ ଲୁହା, ବରଗଡ଼ ଉପଜିଲ୍ଲାପାଳ ପ୍ରସନ୍ନ ପାଣ୍ଡେ ଏବଂ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ କୁବେର ମହନ୍ତ, ଜିଲ୍ଲା ଅବକାରୀ ଅଧୀକ୍ଷକ ସୁବର୍ଣ୍ଣ ନାଏକ, ଆଞ୍ଚଳିକ ପରିବହନ ଅଧିକାରୀ ସବୁଆ ମାଝୀ, ଜିଲ୍ଲା ମୁଖ୍ୟ ଶିକ୍ଷା ଅଧିକାରୀ ବିଶ୍ୱନାଥ ସାହୁ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ତାହିର ହୁସେନ, ଡେପୁଟି କଲେକ୍ଟର ସୁମତି ପଣ୍ଡା, ବରଗଡ଼ ତହସିଲଦାର ସୋନାଲି ପଟ୍ଟନାୟକ, ପ୍ରମୁଖ ବହୁ ବିଶିଷ୍ଟ ଅଧିକାରୀ ଲୋକଙ୍କ ଅଭିଯୋଗ ଶୁଣିଥିଲେ। ଶିବିରରେ ଜଳସେଚନ, ବିଦ୍ୟୁତ୍ ଯୋଗାଣ, ପାନୀୟ ଜଳ ଯୋଗାଣ, ରାସନ କାର୍ଡ, ବାର୍ଦ୍ଧକ୍ୟ ଏବଂ ବିକଳାଙ୍ଗ ଭତ୍ତା, ରାସ୍ତା ନିର୍ମାଣ, କୃଷି ଆଦି ସମସ୍ୟା ଆଧାରିତ ସମୁଦାୟ ୧୦୭ଟି ଅଭିଯୋଗ ମଧ୍ୟରୁ ୯୫ଟି ବ୍ୟକ୍ତିଗତ, ୧୨ଟି ସାମୂହିକ ଅଭିଯୋଗ ଆଗତ ହୋଇଥିଲା। ଅଭିଯୋଗ ଗୁଡ଼ିକୁ ଶୁଣିବା ପରେ ସମସ୍ତ ସମସ୍ୟା ଗୁଡିକର ତୁରନ୍ତ ସମାଧାନ କରିବା ପାଇଁ ଅତିରିକ୍ତ ଜିଲ୍ଲାପାଳ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

## ପୁରାତନ ଛାତ୍ରଛାତ୍ରୀଙ୍କ ବନ୍ଧୁମିଳନ

# ଗୋପାଳପୁର ମଧ୍ୟ ଇଂରାଜୀ ବିଦ୍ୟାଳୟ

ବରଗଡ଼,୬।୧୦(ସମିସ): ଅମ୍ବାଭାନା ବ୍ଲକ୍ ଅଧୀନ ତୀର୍ଥ ପୀଠ ମାଁ ପଥରସେନୀ ମନ୍ଦିର ପରିସରରେ ଗୋପାଳପୁର ମଧ୍ୟ ଇଂରାଜୀ ମାଧ୍ୟମିକ ବିଦ୍ୟାଳୟର ବନ୍ଧୁମିଳନ ପାଳିତ ହୋଇଯାଇଛି। ୨୦୦୨ ବ୍ୟାଚ୍‌ର ସମସ୍ତ ଛାତ୍ରଛାତ୍ରୀ ନିଜ ନିଜ ପରିବାର ସମେତ ତଥା ସେ ସମୟରେ ଶିକ୍ଷା ପ୍ରଦାନ କରୁଥିବା ଶିକ୍ଷକ ମାନେ ଏହି ଉତ୍ସବରେ ଉପସ୍ଥିତ ଥିଲେ। ଦୀର୍ଘ ୨୩ ବର୍ଷ ପରେ ସମସ୍ତେ ଏକାଠି ହୋଇ ପୁରୁଣା ଅନୁଭୂତିକୁ ମନେ ପକାଇଥିଲେ। ଏହି ଅବସରରେ ହୋଇଥିବା ସଭାକୁ ପ୍ରଫୁଲ ଓ ବଳିଷ୍ଠ ପରିଚଳନା କରିଥିଲେ। ଶିକ୍ଷକ ଅଷ୍ଟମନୁ ବାରିକ ଓ ଯୁଗେଶ୍ୱର ସାଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା। ଛାତ୍ରଛାତ୍ରୀଙ୍କ ଦ୍ୱାରା ଗୁରୁ ବନ୍ଦନା ପାଠ କରି ଗୁରୁଙ୍କୁ ପୂଜା କରାଯାଇଥିଲା। ସିନ୍ଦୁର, ଚନ୍ଦନ, ପୁଷ୍ପମାଲ୍ୟ, ଉପଢୌକନ, ମାନପତ୍ର ଏବଂ ଏକ ଗଛ ପ୍ରଦାନ କରାହୋଇଥିଲା। ଛାତ୍ରଛାତ୍ରୀ ନିଜର ନିଜର ଅନୁଭୂତି କହିବା ପରେ ଏକ ଭୋଜିର ଆୟୋଜନ ହୋଇଥିଲା। ଏହି ବନ୍ଧୁମିଳନରେ ନିଜ ପରିବାର ସହିତ ସୁନିତା ଧରୁଆ, ପଲ୍ଲବିନି ସାହୁ, ଆରତୀ ସାହୁ, ରାକ୍ଷୀ ସାହୁ, ଅଷ୍ଟମୀ ସାହୁ, ଉର୍ମିଳା ଭୁଏ, ସୁରେଶ୍ୱରୀ ସାହୁ, ବେଳ ହାତୀ, ସୁଷମା ସାହୁ, ସ୍ନେହଲତା ନାୟକ, ସାଧାବି ସାହୁ, ମନ୍ଦାକିନୀ ନାୟକ, ଯମୁନା ନାୟକ, ରୋଜି ବାରିକ, ଗାୟତ୍ରୀ ବାରିକ, ମାଧୁରୀ ନାୟକ, ରଞ୍ଜନ ଭୁଏ, ଜିତେନ୍ଦ୍ର ସା, ଗଜେନ୍ଦ୍ର ମାଝୀ, ବଳିଷ୍ଠ ଦୁର୍ଗା, ପ୍ରଫୁଲ୍ଲ ବାରିକ, ରମାକାନ୍ତ ନାୟକ, ସୁଶାନ୍ତ ସରାଫ, ଚୁଳକ୍ଷମଣୀ ନାୟକ, ସୂର୍ଯ୍ୟଭାନୁ ସାହୁ, ଆଶିଷ ଠାକୁର, ଧନୁର୍ଜୟ ତାଣ୍ଡି, ଲିଲି ସାହୁ, ସ୍ୱର୍ଣ୍ଣକାନ୍ତି ନାୟକ, ସୀମା ନାୟକ, ଅନିଲ ନାୟକ, ସଂଜୀବ ନାୟକ, ଗୌର ସାହୁ ଓ ଅନ୍ୟାନ୍ୟ ଛାତ୍ରଛାତ୍ରୀ ଯୋଗ ଦେଇଥିଲେ। ପଥରସେନୀ ମନ୍ଦିର ପରିସରରେ ବୃକ୍ଷରୋପଣ ମଧ୍ୟ ହୋଇଥିଲା। ଶେଷରେ ରମାକାନ୍ତ ବନ୍ଧ ଧନ୍ୟବାଦ ଅର୍ପଣ କରିଥିଲେ।




# ରେମଣ୍ଡା ହାଇସ୍କୁଲର ୧୯୮୯ ମାଟ୍ରିକ୍ ବ୍ୟାଚ୍



ବରଗଡ଼: ରେମଣ୍ଡା ହାଇସ୍କୁଲ ୧୯୮୯ ମାଟ୍ରିକ୍ ବ୍ୟାଚ୍‌ର ବନ୍ଧୁମିଳନ ବରଗଡ଼ ସ୍ଥିତ ମହିଳା ସମିତି ହଲରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ୪୫ ଜଣ ପୁରାତନ ଛାତ୍ରଛାତ୍ରୀ ସପରିବାର ଯୋଗ ଦେଇଥିଲେ। ପ୍ରାରମ୍ଭରେ ସମଲେଇ ବନ୍ଦନା ସହ ମାଁଙ୍କର ପୂଜାର୍ଚ୍ଚନା ହେଇଥିଲା। ବିକ୍ରମ କେଶରୀ ସରାଫ ଏହାର ପରିଚାଳନା କରିଥିଲେ। ଗୋବର୍ଦ୍ଧନ ମେହେର, ଇନ୍ଦ୍ରଜିତ ପାତ୍ର, ଫକୀର ନାଏକ, ପ୍ରବୋଧ ଦାଶ, ପୀତବାସ ଭୋଇ, ତାରାଚାନ୍ଦ ସାଥୁଆ, ହରିବନ୍ଧୁ ମେଣ୍ଡଲୀ, କଲ୍ୟାଣି ବଘାର, ତଥା କଳ୍ପନା ଖମାରୀଙ୍କ ସହଯୋଗରେ କାର୍ଯ୍ୟକ୍ରମ ସମ୍ପାଦିତ ହୋଇଥିଲା। ବ୍ୟାଚ୍‌ର ପୁଲିସ କବିରଞ୍ଜିତ ପଧାନ ନିଜର ବ୍ୟଙ୍ଗ କବିତାରେ ସମସ୍ତଙ୍କର ମନ ମୁଗ୍ଧ କରିଥିଲେ ଓ ରାଜ ଶତପଥୀଙ୍କ ଝିଅ ସ୍ୱପ୍ନା ଶତପଥୀ ଜଗନ୍ନାଥଙ୍କ ଭଜନ ପରିବେଷଣ କରିଥିଲେ। ମନୋରଞ୍ଜନ ମେହେର ଓ ତାଙ୍କ ପତ୍ନୀ ଦେବକୀ ମେହେର ସମସ୍ତ ଆନୁଷଙ୍ଗିକ ବ୍ୟବସ୍ଥା ନିର୍ବାହ କରିଥିଲେ। ଶେଷରେ ସଦାନନ୍ଦ ଗରିଆ ଧନ୍ୟବାଦ ଅର୍ପଣ କରିଥିଲେ।

# ୨୦୦୯ ଓ ୨୦୧୩ ମାଟ୍ରିକ ବ୍ୟାଚ୍




ପାଇକମାଳ: ପାଇକମାଳ ବ୍ଲକ୍ ଛିନ୍ଦେଇକେଲା ହାଇସ୍କୁଲ ୨୦୧୩ ମାଟ୍ରିକ ପୁରାତନ ଛାତ୍ରୀଛାତ୍ରୀଙ୍କ ତିଖାଲି ଡ୍ୟାମ ନିକଟରେ ବନ୍ଧୁମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଛାତ୍ରଛାତ୍ରୀ ତାଙ୍କ ଛାତ୍ର ଜୀବନ ଅନୁଭୂତି ବଖାଣି ଥିଲେ। ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ନିରୂପମା ବରିହା, ଶାନ୍ତି ହଂସ, ମାଧୁରୀ ଦୀପ, ରମ୍ବତୀ ହଂସ, ରିଙ୍କି ହଂସ, ପଙ୍କଜିନି ହରିଚନ୍ଦନ, ବବଲୀ ନନ୍ଦ, ବିମଳା ବାଗ, ପ୍ରଦୀପ ନାଗ, ସାଗର ସରାଫ, ଦେଓଧର ସେଠ, ଦେବାର୍ଚ୍ଚନ ବନଛୋର, ଗଜିନ ବଛା, ବିଲାଶ ବେହେରା, ଅଜୟ ବାଗ, ହେମଲାଲ ଧରୁଆ, ଆକାଶ ସାହୁ, ବାସୁଦେବ ଦୀପ, ପିଙ୍କୁ ଡନସନା, ନରେଶ ନାଗ, ଦାମୋଦର ହଂସ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ସାପଲହର ଗାୟିତ୍ରୀ ଉଚ୍ଚ ବିଦ୍ୟାଳୟର ୨୦୦୯ ମାଟ୍ରିକ ବ୍ୟାଚର ଛାତ୍ରଛାତ୍ରୀଙ୍କ ଦେବଦର୍ହାରେ ବନ୍ଧୁ ମିଳନ ଅନୁଷ୍ଠିତ ହୋଇଯାଇଛି। ହେମନ୍ତ ବରିହା ସ୍ୱାଗତ ସଙ୍ଗୀତ ଗାନ କରିଥିଲେ। ସଙ୍ଗୀତ ସାହୁ ଓ ବିରଜାନନ୍ଦ ପ୍ରଧାନ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏଥିରେ ୫୪ ଜଣ ସହପାଠୀ ପରିବାର ଅଂଶଗ୍ରହଣ କରିଥିଲେ। ଲକ୍ଷ୍ମୀକାନ୍ତ ମେହେର ଓ ଉଦୟନାଥ ପ୍ରଧାନ ବନ୍ଧୁତାର ମହତ୍ତ୍ୱ ଅଭିଭାଷଣରେ ରଖିଥିଲେ। ଶେଷରେ କଳ୍ପନା ବାଟପାହର ଓ ଲିଲିମା ବାରିକ ଧନ୍ୟବାଦ ଦେଇଥିଲେ।

# ନାଗେଶ୍ୱର କ୍ଲବ୍ ପକ୍ଷରୁ ପୋଖରୀ ସଫେଇ

ଦହିତା,୬।୧୦(ସମିସ): ପଦ୍ମପୁର ଅଧୀନ ଦର୍ଲିଗୁଡା ନାଗେଶ୍ୱର କ୍ଲବ୍ ତରଫରୁ ଗାଁର ପୋଖରୀକୁ ସଫେଇ କରାଯାଇଛି। ଏଥିରେ କ୍ଲବ୍ ତରଫରୁ କୁମୁଦ ସାହୁ, ସଞ୍ଜୀବ ସାହୁ, ହେମନ୍ତ ସାହୁ, ରୋହିତ ନାଗ, ମୀନକେତନ ପଧାନ, ବିରେନ୍ ସାହୁ ପ୍ରମୁଖ ସହଯୋଗ କରିଥିଲେ। ଆଗାମୀ ଦିନରେ କ୍ଲବ୍ ତରଫରୁ ଆହୁରି ସାମାଜିକ କାର୍ଯ୍ୟକ୍ରମ କରାଯିବ ବୋଲି କର୍ମକର୍ତ୍ତା କହିଛନ୍ତି।

# ଛିନ୍ଦେଇକେଲାରେ ଭାଗବତ ଟୁଙ୍ଗୀ ଭିତ୍ତିପ୍ରସ୍ତର

ପାଇକମାଳ,୬।୧୦(ସମିସ): ପାଇକମାଳ ବ୍ଲକ୍ ଛିନ୍ଦେଇକେଲା ଶ୍ରୀ ଶ୍ରୀ ଲକ୍ଷ୍ମୀନାରାୟଣ ଭାଗବତ ଟୁଙ୍ଗୀ ଆନୁକୂଲ୍ୟରେ ଏକ ନୂତନ ଗୃହର ଶୁଭ ଭିତ୍ତିପ୍ରସ୍ତର ସ୍ଥାପନ ହୋଇଯାଇଛି। ଏଥିରେ ଇନ୍ଦ୍ରମଣି ସାହୁ ଓ ତାଙ୍କ ସହଧର୍ମିଣୀ ଯମୁନା ସାହୁଙ୍କ ପିତୃ ସମ୍ପତ୍ତିର କିଛି ଅଂଶ ଦାନ କରିଛନ୍ତି। ଭାଗବତ ଟୁଙ୍ଗୀ ସଭାପତି ପର୍ଶୁରାମ ସାହୁ ଓ ନନ୍ଦିକିଶୋର ନନ୍ଦଙ୍କ ନେତୃତ୍ୱରେ ଭିତ୍ତିପ୍ରସ୍ତର ସ୍ଥାପନ ହୋଇଯାଇଛି। କର୍ତ୍ତା ଭାବେ ଆନନ୍ଦ ସାହୁ ଓ ସୂର୍ଯ୍ୟକାନ୍ତି ସାହୁ ଥିବା ବେଳେ ପଣ୍ଡିତ ସନ୍ତୋଷ ପାଢ଼ୀ ପୂଜା କାର୍ଯ୍ୟ ସମ୍ପାଦନା କରିଥିଲେ। ଏହି ଅବସରରେ ସରପଞ୍ଚ ସୁବାସିନୀ ନନ୍ଦ, ସଦସ୍ୟ ଖାଡିଆ ସାହୁ, ବ୍ରଜକିଶୋର ସାହୁ, ଶେଖର ସେଠ, ଲକ୍ଷ୍ମୀନାରାୟଣ ସଂକୀର୍ତ୍ତନ ଓ ଭାଗବତ ଟୁଙ୍ଗୀର ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ।

# ଦୁର୍ଘଟଣାରେ ଆହତ ବ୍ୟକ୍ତିଙ୍କୁ ହସ୍ପିଟାଲ ପହଞ୍ଚାଇଲେ ନରେଶ

ବରଗଡ଼,୬।୧୦(ସମିସ): ବରଗଡ଼ ଜିଲ୍ଲା ଅମ୍ବାଭୋନା ବ୍ଲକ୍ ଅଧୀନ ଦୁଲହପାଲି ରାସ୍ତାରେ କିଛିଦିନ ତଳେ ଏକ ବାଇକ ଦୁର୍ଘଟଣା ଘଟିଥିଲା। ଛତିଶଗଡ ରାଜ୍ୟର ସରିଆ ନିକଟସ୍ଥ ଶୁର୍ଶୀ ଗ୍ରାମବାସୀ ନିତ୍ୟାନନ୍ଦ ନିଷାଦ (୩୦) ସାଇକେଲ ଯୋଗେ ଦ୍ୱାରୀ ପଞ୍ଚାୟତ ଅଧୀନ ଇଚ୍ଛାପୁର ଗାଁକୁ ନିଜ ଶ୍ୱଶୁର ଘରକୁ ଯାଉଥିଲେ। ଏହି ସମୟରେ ଏକ ଅଜଣା ବାଇକ ତାଙ୍କୁ ଧକ୍କା ଦେଇ ଘଟଣାସ୍ଥଳରୁ ପଳାଇ ଯାଇଥିଲା। ଗୁରୁତର ଆଘାତ ଲାଗିବାରୁ ନିତ୍ୟାନନ୍ଦଙ୍କ ମୁଣ୍ଡରୁ ପ୍ରବଳ ରକ୍ତସ୍ରାବ ହୋଇଥିଲା। ସେହି ସମୟରେ ଭଟଲି ବାଲିଜୁରୀ ଗାଁର ନରେଶ ଖମାରୀ ସେହି ରାସ୍ତା ଦେଇ ଯାଉଥିଲେ। ସେ ତୁରନ୍ତ ଆମ୍ବୁଲାନ୍ସ ଯୋଗାଡ କରି ଆହତ ନିତ୍ୟନନ୍ଦଙ୍କୁ ଭୁକ୍ତା ମୁଖ୍ୟ ଚିକିତ୍ସାଳୟରେ ପହଞ୍ଚାଇଥିଲେ। ପ୍ରାଥମିକ ଚିକିତ୍ସା ପରେ ଡାକ୍ତର ତାଙ୍କୁ ବରଗଡ଼ ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରିଥିଲେ। ନରେଶଙ୍କ ସମୟୋପଯୋଗୀ ସହଯୋଗ ଅଞ୍ଚଳରେ ପ୍ରଶଂସା ଲାଭ କରିଥିଲେ ହେଁ ନିତ୍ୟାନନ୍ଦଙ୍କ ଜୀବନ ବଞ୍ଚି ପାରିନାହିଁ। ଏଥିରେ ନରେଶ ଦୁଃଖ ପ୍ରକାଶ କରିଛନ୍ତି।

# ସମଲେଶ୍ୱରୀ ବିହାରରେ ମାଁଙ୍କ ଚତୁର୍ଦ୍ଦଶୀ ମହୋତ୍ସବ

ବରପାଲି/ମହଦା,୬।୧୦(ସମିସ): ବରପାଲି ଟିଙ୍ଗିପାଲି ସମଲେଶ୍ୱରୀ ବିହାର ପରିସରରେ ଦ୍ୱିଦିବସୀୟ ମାଁ ସମଲେଶ୍ୱରୀ ଦେବୀଙ୍କ ଚତୁର୍ଦ୍ଦଶୀ ମହୋତ୍ସବ ସୋମବାର ଉଦ୍‌ଯାପିତ ହୋଇଯାଇଛି। ଏହି ଉପଲକ୍ଷେ ମନ୍ଦିରରେ ଚଣ୍ଡୀ ପାଠ ସହ ହୋମଯଜ୍ଞ ଘୃତାହୁତୀ ଆଦି ହୋଇଥିଲା। ପଣ୍ଡିତ ହେମନ୍ତ ମିଶ୍ରଙ୍କ ସମେତ ଆଚାର୍ଯ୍ୟ ରବି ମହାପାତ୍ର, ପୂଜକ ମାର୍କଣ୍ଡ ମିଶ୍ର ପ୍ରମୁଖଙ୍କ ସହାୟତାରେ ନୀତିକାନ୍ତି ମଧ୍ୟରେ ପୂଜା କାର୍ଯ୍ୟ ସମ୍ପାଦିତ ହୋଇଥିଲା। ଏହି ଅବସରରେ ଫାର୍ମାସୀ ମହାବିଦ୍ୟାଳୟ ପରିଚାଳନା କମିଟି ଅଧ୍ୟକ୍ଷ ନରେନ୍ଦ୍ର ହୋତା, ସମ୍ପାଦକ ଦାମୋଦର ପଣ୍ଡା, ସାଇନ୍ସ ମହାବିଦ୍ୟାଳୟ ସଭାପତି ନାରାୟଣ ପ୍ରଧାନ, ବ୍ୟବସ୍ଥାପନା ସମିତି ସଦସ୍ୟ ନିର୍ଦ୍ଦେଶକ ଡ.ରଞ୍ଜନ ସାହୁ, ଡ.ଆଶୁତୋଷ ପଧାନ ପ୍ରିନ୍ସପାଲଙ୍କ ସହିତ ଅଧ୍ୟାପନା ମଣ୍ଡଳୀ, କର୍ମଚାରୀ ଓ ଛାତ୍ରଛାତ୍ରୀ ଉପସ୍ଥିତ ରହିଥିଲେ।

# ବିଡିଓଙ୍କ ସହିତ ଜନ ପ୍ରତିନିଧିଙ୍କ ଆଲୋଚନା

ଝାରବନ୍ଧ,୬।୧୦(ସମିସ): କେନ୍ଦ୍ର ତଥା ଓଡ଼ିଶା ସରକାରଙ୍କ ସମସ୍ତ ଯୋଜନା କିପରି ଲୋକମାନେ ଠିକ ଭାବେ ପାଇ ପାରିବେ ସେ ବିଷୟରେ ବିଜେପି ପ୍ରତିନିଧି ଦଳ ଆଜି ଝାରବନ୍ଧ ବିଡିଓ ପର୍ଶୁରାମ ପଣ୍ଡାଙ୍କ ସହିତ ଆଲୋଚନା କରିଛି। ପଦ୍ମପୁର ବିଜେପିର ଗୋବର୍ଦ୍ଧନ ଭୋଇ ଝାରବନ୍ଧ ବ୍ଲକ୍‌ର ସମସ୍ତ ଉନ୍ନୟନ ମୂଳକ କାର୍ଯ୍ୟ ଏବଂ ଜନହିତକର ଯୋଜନା ଗୁଡିକ କିପରି କାର୍ଯ୍ୟକାରୀ ହେବ ସେ ବିଷୟରେ ଆଲୋଚନା କରିଛନ୍ତି। ଏହି ପ୍ରତିନିଧି ଦଳରେ ବିଜେପି ନେତା, ହରିହର ସାହୁ, ଦୁର୍ଗାପ୍ରସାଦ ଅଗ୍ରୱାଲ, ସତ୍ୟମ ପ୍ରଧାନ, ବିନୋଦ ବିହାରୀ ବାଗ, ସତ୍ୟାନନ୍ଦ ପ୍ରଧାନ, ଫୁଲବାବୁ କୁମ୍ଭାର, ନିରୋଜ ଦାଶ ପ୍ରମୁଖ ଉପସ୍ଥିତ ଥିଲେ।



## ● ଦଶହରା ପୂଜାରେ ପୁଲିସଙ୍କ ତ୍ୟାଗ

# ସମାଜ ସୁରକ୍ଷା ପାଇଁ ପହରା



ଅମ୍ବାଭୋନା,୬।୧୦(ସମିସ): ଶାରଦୀୟ ଦୁର୍ଗା ପୂଜାରେ ଅମ୍ବାଭୋନା ସହିତ ସମଗ୍ର ବରଗଡ଼ ଜିଲ୍ଲା ଆନନ୍ଦ ଉତ୍ସବରେ ମସ୍‌ଗୁଲ। ବିଭିନ୍ନ ପୂଜା ପେଣ୍ଡାଲ, ମଣ୍ଡପ ଓ ମେଳାରେ ହଜାର ହଜାର ଭକ୍ତଙ୍କ ଭିଡ ରହିଛି। ପୁଲିସ ପ୍ରଶାସନଙ୍କ ସତର୍କ ପହରା ଫଳରେ ଲୋକମାନେ ପରିବାର ସହିତ ନିରାପଦରେ ଦଶହରା ପର୍ବ ଉପଭୋଗ କରୁଛନ୍ତି। ପୁଲିସ ପ୍ରଶାସନର ସମସ୍ତ କର୍ମଚାରୀ ନିଜ ପରିବାରର ଖୁସିକୁ ଛାଡି ଡ୍ୟୁଟିରେ ରହିଥାନ୍ତି। ସମାଜର ସମସ୍ତେ ନିଜ ନିଜ ପରିବାର ସହିତ ଛୁଟିରେ ମଣ୍ଡପ ବୁଲୁ ଥିବା ବେଳେ ପୁଲିସ କର୍ମୀମାନେ ବିନା ଛୁଟିରେ ନିଜ ପରିବାରକୁ ଛାଡି ଅନ୍ୟ ମାନଙ୍କ ସୁରକ୍ଷା ପାଇଁ କାର୍ଯ୍ୟବ୍ୟସ୍ତ ରହିଥାନ୍ତି। ପେଣ୍ଡାଲ, ବଡ ମେଳା, ଯାତାୟାତରେ ଲୋକଙ୍କୁ ସୁବିଧା ଦେବାକୁ ସେମାନେ ରାତିଦିନ ସଚେତନ ରୁହନ୍ତି। ଅମ୍ବାଭୋନା ଥାନାର ଥାନାଧିକାରୀ ବିପିନ ବାଗ କହିଥିଲେ "ଲୋକମାନେ ଖୁସିରେ ବୁଲୁଥିବା ଦେଖିଲେ ଆମର କଷ୍ଟର ମୂଲ୍ୟ ମିଳେ। ଗ୍ରାମରକ୍ଷୀ ଠୁ ଏସପି ପର୍ଯ୍ୟନ୍ତ ସମସ୍ତେ ବ୍ୟସ୍ତରୁହନ୍ତି ଦଶହରା ପର୍ବ ସରିବା ପର୍ଯ୍ୟନ୍ତ।" ସୁରକ୍ଷା ବ୍ୟବସ୍ଥା କହିଲେ ସିସିଟିଭି କ୍ୟାମେରା ଦ୍ୱାରା ମଣ୍ଡପ ଓ ପେଣ୍ଡାଲ ନିରୀକ୍ଷଣ, ଟ୍ରାଫିକ ନିୟନ୍ତ୍ରଣ, ମୋବାଇଲ ପାଟ୍ରୋଲିଂ ଓ ବିଶେଷ ଟିମ୍‌ଗୁଡିକୁ ନିୟୋଜିତ କରାଯାଇଛି। ଭିଡ ବେଳେ ସାଧାରଣ ଲୋକଙ୍କୁ ସୁରକ୍ଷା ଦେବା ପାଇଁ ଜିଲ୍ଲା ପୁଲିସ ପ୍ରଶାସନ ସଦା ତତ୍ପର ରହିଥିବା କଥା ଏସ୍‌ପି ପ୍ରହଲ୍ଲାଦ ସହାୟ ମୀନା କହିଛନ୍ତି।

## ସୁପ୍ରିୟା ସ୍ମାରକୀ ଜିଲ୍ଲା ଆନ୍ତଃ କ୍ଲବ୍ ନକଆଉଟ୍ ଫୁଟବଲ ପ୍ରତିଯୋଗିତା

# କ୍ୱାର୍ଟର ଫାଇନାଲ ମ୍ୟାଚ୍‌ରେ ନାଗେନ ପାଲି ବିଜୟୀ

ବରଗଡ଼,୬।୧୦(ସମିସ)

ବରଗଡ଼ ଜିଲ୍ଲା କ୍ରୀଡା ସଂସଦ ଆନୁକୂଲ୍ୟରେ ସ୍ଥାନୀୟ ଲେଙ୍ଗୁ ମିଶ୍ର ମିନି ଷ୍ଟାଡିୟମରେ ଚାଲିଥିବା ସୁପ୍ରିୟା ସ୍ମାରକୀ ଜିଲ୍ଲା ଆନ୍ତଃ କ୍ଲବ୍ ନକଆଉଟ୍ ଫୁଟବଲ ପ୍ରତିଯୋଗିତାର ସୋମବାର କ୍ୱାର୍ଟର ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହୋଇଛି। ଏଥିରେ ସୋହେଲା ଦଳକୁ ନାଗେନ ପାଲି ଦଳ ହରାଇ ବିଜୟୀ ହୋଇଛି। ଆଜିର ମ୍ୟାଚ୍‌ରେ ନାଗେନ ପାଲି ଦଳ ଆକ୍ରମଣ ଜାରି ରଖି ମ୍ୟାଚ୍‌କୁ ୨-୦ ଗୋଲରେ ଜିତି ନେଇଥିଲା। ଦଳ ପକ୍ଷରୁ ଅଜୟ ପୋଢ଼ ୨ଟି ଯାକ ଗୋଲ ଦେଇଥିଲେ। ମ୍ୟାଚ୍‌କୁ ଦୀପେଶ ପ୍ରଧାନ ପରିଚାଳନା କରିଥିବା ବେଳେ ତାଙ୍କୁ ଲାଇନରେ ଅଜୟ ପ୍ରଧାନ, ବଣ୍ଟି ପ୍ରଧାନ ସହଯୋଗ କରିଥଲେ। ଶଙ୍କର୍ଷଣ ପ୍ରଧାନ ଚତୁର୍ଥ ରେଫରୀ ଥିଲେ। ମ୍ୟାଚ୍ ପରେ ନାଗେନ୍ ପାଲି ଦଳର ସଞ୍ଜୟ ବାରିକଙ୍କୁ ଧନପତି ପାତ୍ର, ପରମାନନ୍ଦ ବଞ୍ଛୋର ଅତିଥି ଭାବେ ପୁରସ୍କୃତ କରିଥିଲେ। ମଙ୍ଗଳବାର ବ୍ଲ୍ୟୁ ଡାଇମଣ୍ଡ ଓ ଲହଣ୍ଡା ଦଳ ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହେବ।



# କେନ୍ଦ୍ରାପଡ଼ା ଗଜଲକ୍ଷ୍ମୀ ପୂଜା; ବିଭିନ୍ନ ମଣ୍ଡପରେ ମା' ଧନଦାତ୍ରୀଙ୍କ ପୂଜା ଆରମ୍ଭ


କାକଟ ମଙ୍ଗଳା କ୍ଲବ୍


ନୂଆ ବସ୍‌ଷ୍ଟାଣ୍ଡ


ପୁରୁଣା ବସ୍‌ଷ୍ଟାଣ୍ଡ


ମହିପାଳ ପୂଜା କମିଟି


ପତିତପାବନ କ୍ଲବ୍


ଶିବସେନା କ୍ଲବ୍


ତିନିମୁହାଣି ଛକ


ଲ କଲେଜ ଛକ

## ଶିକ୍ଷକ ତ୍ରୈଲୋକ୍ୟ ପତିଙ୍କ ପରଲୋକ

**ଗୋବିନ୍ଦପୁର, ୬ ।୧୦(ସମିସ):** ଆଳି ବ୍ଲକ ଅନ୍ତର୍ଗତ ଦେସାହି ଗ୍ରାମର ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ତ୍ରୈଲୋକ୍ୟ ନାଥ ପତିଙ୍କ ଗତକାଲି ପରଲୋକ ହୋଇଯାଇଛି । ସେ ଜଣେ ଆଦର୍ଶ ଶିକ୍ଷକ, ପରୋପକାରୀ, ମିଷ୍ଟଭାଷୀ, ଧର୍ମପରାୟଣ ବ୍ୟକ୍ତି ଥିଲେ । ତାଙ୍କ ପରଲୋକରେ ଧୋୟାଞ୍ଚଳରେ ଶୋକର ଛାୟା ଖେଳିଯାଇଛି । ବହୁ ବିଶିଷ୍ଟ ବ୍ୟକ୍ତି ଶେଷ ଦର୍ଶନ କରିବାକୁ ବାସଭବନରେ ପହଞ୍ଚି ଥିଲେ । ମୃତ୍ୟୁଶଯ୍ୟା ନିକଟରେ ପରିବାର ଲୋକ ଉପସ୍ଥିତ ଥିଲେ । ଗ୍ରାମ ଶ୍ମଶାନରେ ଶେଷକୃତ୍ୟ କରାଯାଇଥିଲା । ଶିକ୍ଷାବିତ୍ ବିଦ୍ୟାଧର ଜେନା, ରବିନାରାୟଣ ପତି, ଶ୍ୟାମସୁନ୍ଦର ପରିଡ଼ା, ସାମ୍ବାଦିକ ଅନିରୁଦ୍ଧ ବେଉରିଆ, ସରପଞ୍ଚଙ୍କ ପ୍ରତିନିଧି ମନୋଜ ଦାସ, ପୁରୁଷୋତ୍ତମ ରଣା, ପ୍ରଧାନଶିକ୍ଷକ ଅଜୟ ପଣ୍ଡା ପ୍ରମୁଖ ଶୋକ ପ୍ରକାଶ କରିଛନ୍ତି ।

## ଦର୍ଶନ ବିଭାଗ ପକ୍ଷରୁ ଆଲୋଚନାଚକ୍ର

**ପଟ୍ଟାମୁଣ୍ଡାଇ, ୬।୧୦(ସମିସ):** ପଟ୍ଟାମୁଣ୍ଡାଇ କଲେଜ ଦର୍ଶନ ବିଭାଗ ପକ୍ଷରୁ ଗାନ୍ଧୀ ଦର୍ଶନ ଉପରେ ଆଲୋଚନାଚକ୍ର ଓ ଜୟନ୍ତୀ ସଭା ଅନୁଷ୍ଠିତ ହୋଇଯାଇଛି । ଆଲୋଚନାଚକ୍ର ପୂର୍ବରୁ ଜାତିର ପିତା ମହାତ୍ମା ଗାନ୍ଧୀ ଓ ବିଭିନ୍ନ ବରପୁତ୍ରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା । ପଟ୍ଟାମୁଣ୍ଡାଇ କଲେଜ ଅଧ୍ୟକ୍ଷ ପ୍ରଫେସର ଉମାକାନ୍ତ ପାତ୍ର ପୌରୋହିତ୍ୟ କରି ଗାନ୍ଧିଜୀଙ୍କ ଜୀବନ ଦର୍ଶନ ଉପରେ ଆଲୋକପାତ କରିଥିଲେ । ଏଥିରେ ଦର୍ଶନ ବିଭାଗ ମୁଖ୍ୟ ଅଧ୍ୟାପକ ଶ୍ରୀମନ୍ତ ଜେନା, ପଦାର୍ଥ ବିଜ୍ଞାନ ମୁଖ୍ୟ ପ୍ରାଧ୍ୟାପକ ଡ. ରମେଶ ସାହୁ, ଇଂରାଜୀ ବିଭାଗ ମୁଖ୍ୟ ପ୍ରାଧ୍ୟାପକ ଅମୀୟ ଦାସ ଗାନ୍ଧୀଙ୍କ ଅହିଂସା ନୀତି ଉପରେ ଆଲୋକପାତ କରିଥିଲେ । ଶେଷରେ ଅଧ୍ୟାପକ ଜଗନ୍ନାଥ ବେହେରା ଧନ୍ୟବାଦ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ଅଧ୍ୟାପକ ଅଧ୍ୟାପିକା, କର୍ମଚାରୀ ଓ ଛାତ୍ରଛାତ୍ରୀ ଯୋଗ ଦେଇଥିଲେ । ମୁଖ୍ୟ କିରାଣୀ ପ୍ରମୋଦ ପରିଡ଼ା ଓ ଆକାଉଣ୍ଟାଣ୍ଟ ଅବିନାଶ ପରିଡ଼ା କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

### ୧୯ ନଂ ୱାର୍ଡ ମଙ୍ଗଳା ପ୍ରାଥମିକ ସ୍କୁଲ ରାସ୍ତା ଶୋଚନୀୟ

## ୭ ଦିନ ମଧ୍ୟରେ ସମସ୍ୟାର ସମାଧାନ ନ ହେଲେ ଆନ୍ଦୋଳନ

**ପଟ୍ଟାମୁଣ୍ଡାଇ, ୬।୧୦(ସମିସ):** ସାମାନ୍ୟ ବର୍ଷା ହେଲେ ଉବୁଟୁବୁ ହେଉଛି ମଙ୍ଗଳା ସ୍କୁଲ ରାସ୍ତା । ବର୍ଷା ପାଣିର ସୁଅ ଛୁଟୁଥିବାରୁ ପିଲାଙ୍କ ପାଠପଢ଼ା ଠପ ହୋଇଯାଉଛି । ଆଗାମୀ ୭ ଦିନ ମଧ୍ୟରେ ସମସ୍ୟାର ସମାଧାନ ନ ହେଲେ ଆନ୍ଦୋଳନ କରିବାକୁ ଧମକ ଦେଇଛନ୍ତି ସ୍ଥାନୀୟ ବେଲତଳ ଗ୍ରାମବାସୀ ।



ପଟ୍ଟାମୁଣ୍ଡାଇ ପୌର ପରିଷଦର ସବୁଠୁ ସମ୍ବେଦନଶୀଳ ୱାର୍ଡ ଭାବେ ପରିଗଣିତ ୧୯ ନମ୍ବର ୱାର୍ଡ ମଙ୍ଗଳା ସ୍କୁଲ ରାସ୍ତା ଶୋଚନୀୟ ହୋଇପଡ଼ିଛି । ପାଣି ନିଷ୍କାସନ ପାଇଁ ଡ୍ରେନେଜ୍ ବ୍ୟବସ୍ଥା କରାଯାଇଥିଲେ ହେଁ ଏହା ଅଧାପନ୍ତରିଆ ଭାବେ ପଡ଼ିରହିଥିବାରୁ କାମରେ ଲାଗୁନି । ଏହି ରାସ୍ତା ଆରମ୍ଭରୁ ମାତ୍ର ୨୦୦ ଶହ ଫୁଟ ପର୍ଯ୍ୟନ୍ତ ଫେଭର୍ ଟାଇଲ ପକାଯାଇଥିଲେ ହେଁ ଅବଶିଷ୍ଟ ୮୦୦ ଶହ ଫୁଟ୍ ରାସ୍ତା ଅବସ୍ଥା ଶୋଚନୀୟ ହୋଇପଡ଼ିଛି । ଏହି ରାସ୍ତା ଉପରେ ମଙ୍ଗଳା ପ୍ରାଥମିକ ବିଦ୍ୟାଳୟ ଛାତ୍ରଛାତ୍ରୀଙ୍କ ସମେତ ୧୯ ନଂ ୱାର୍ଡର ଲୋକେ ନିର୍ଭର କରନ୍ତି । ଏହି ରାସ୍ତାରେ ୨୦ନଂ ୱାର୍ଡର ଲୋକେ ଯାତାୟାତ କରନ୍ତି । ନୂତନ ପୌର ପରିଷଦ କାର୍ଯ୍ୟାଳୟର ଅନତି ଦୂରରୁ ସହରର ମୁଖ୍ୟ ରାସ୍ତାରୁ ବାହାରିଥିଲେ ହେଁ ଦୀପ ତଳ ଅନ୍ଧାର ପରି ପରିସ୍ଥିତି ସୃଷ୍ଟି ହୋଇଛି । ଡା. କୃଷ୍ଣଚନ୍ଦ୍ର ପ୍ରଧାନଙ୍କ ଘର ନିକଟ ରାସ୍ତା ପାର୍ଶ୍ୱରୁ ବାହାରିଥିବା ଓ ୨୦ନଂ ୱାର୍ଡର ମାଝୀ ସାହି ନିକଟ ୧୫ନଂ କେନାଲ ପାର୍ଶ୍ୱ ପର୍ଯ୍ୟନ୍ତ ସଂଯୋଗ କରୁଥିବା ପାଣି ନିଷ୍କାସନ ଡ୍ରେନ ପୋତି ହୋଇପଡ଼ିବା, ଜଳ ନିଷ୍କାସନ ପଥ ଅବରୋଧ କରାଯିବା କାରଣରୁ ରାସ୍ତାରୁ ବର୍ଷା ପାଣି ନିଷ୍କାସନ ହୋଇପାରୁ ନ ଥିବା ୱାର୍ଡର ଲୋକେ ପକ୍ଷରୁ ଅଭିଯୋଗ କରିଛନ୍ତି ।

ଅପରପକ୍ଷେ ବେଲତଳ-ନରସିଂହପୁର ଗ୍ରାମ୍ୟ ଉନ୍ନୟନ ବିଭାଗ ରାସ୍ତା ଅପର ପାର୍ଶ୍ୱରେ ଥିବା ଡ୍ରେନ ସହ ଉକ୍ତ ଡ୍ରେନକୁ ସଂଯୋଗ କରାଯାଇ ନ ଥିବାରୁ ବର୍ଷା ପାଣି ନିଷ୍କାସନ ହୋଇ ନ ପାରି ରାସ୍ତା ଉପରେ ଜମି ରହୁଛି । ଉଭୟ ପାର୍ଶ୍ୱରେ ଥିବା ଘରର ନର୍ଦ୍ଦମା ପାଣି ଡ୍ରେନ ମଧ୍ୟକୁ ଛଡ଼ାଯାଉଥିବାରୁ ପରିମଳ ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇପଡ଼ିଛି । ରାସ୍ତାରେ ଜମି ରହୁଥିବା ପାଣି ପଚି ଦୁର୍ଗନ୍ଧ ବାହାରୁଥିବା ବେଳେ ରାସ୍ତା ପାର୍ଶ୍ୱ ଡ୍ରେନରୁ ବାହାରୁଥିବା ଦୁର୍ଗନ୍ଧ ଜଟିଳ ପରିସ୍ଥିତି ସୃଷ୍ଟି କରୁଛି । ଏହି ରାସ୍ତାର ପୁନଃ ନିର୍ମାଣ ସହ ପାଣି ନିଷ୍କାସନ ସମସ୍ୟାକୁ ବ୍ୟବସ୍ଥିତ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି । ଏ ସମସ୍ୟାର ସମାଧାନ ପାଇଁ ପଟ୍ଟାମୁଣ୍ଡାଇ ବିକାଶ ପରିଷଦ ସମ୍ପାଦକ ଆଡଭୋକେଟ ଗୋପୀନାଥ ତ୍ରିପାଠୀ ପୌର ପରିଷଦର ଦୃଷ୍ଟି ଆକର୍ଷଣ କରିଥିବାବେଳେ କାଉନସିଲର ଗୋପୀବଲ୍ଲଭ ନାୟକ ସମାନ ଦାବି କରିଛନ୍ତି । ଆଗାମୀ ସାତଦିନ ମଧ୍ୟରେ ସମସ୍ୟାର ସମାଧାନ ନ ହେଲେ ଆନ୍ଦୋଳନ କରାଯିବ ବୋଲି ବେଲତଳ ଗ୍ରାମର ଉମାବଲ୍ଲଭ ନାୟକ, ନାରାୟଣ ପ୍ରଧାନ, କାଉନସିଲର ରୀନା ମଲିକ, ଯୁବନେତା ପ୍ରଭାତ ମଲିକ ପ୍ରମୁଖ ଚେତାବନୀ ଦେଇଛନ୍ତି ।

### ମିଳିତ ଜନଅଭିଯୋଗ ଶୁଣାଣି ଶିବିର

## ୧୧୮ ଟି ଅଭିଯୋଗର ଶୁଣାଣିକଲେ ପ୍ରଶାସନ

**କେନ୍ଦ୍ରାପଡ଼ା, ୬।୧୦(ସମିସ):** କେନ୍ଦ୍ରାପଡ଼ା ପୌରସଂସ୍ଥା ଟାଉନ ହଲରେ ଜିଲ୍ଲାପାଳ ଓ ଆରକ୍ଷୀ ଅଧୀକ୍ଷକଙ୍କ ଜିଲ୍ଲାସ୍ତରୀୟ ଜନଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି ଶିବିରରେ ୧୧୮ ଟି ଅଭିଯୋଗ ପଞ୍ଜିକୃତ ହୋଇଥିଲା । ସେଥିରେ ୧୦୯ଟି ବ୍ୟକ୍ତିଗତ ଓ ୯ଟି ସାମୂହିକ ଅଭିଯୋଗ ଥିଲା । ଏ ଅବସରରେ ୮ ଜଣଙ୍କୁ ୨୩ ହଜାର ଟଙ୍କାର ସହାୟତା ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ପ୍ରଦାନ କରାଯାଇଛି । ଏହି ଜନଅଭିଯୋଗ ଶୁଣାଣି ଶିବିରରେ ଜିଲ୍ଲାପାଳ ରଘୁରାମ ଆର. ଆୟର, ଆରକ୍ଷୀ ଅଧୀକ୍ଷକ ସିଦ୍ଧାର୍ଥ କଟାରିଆ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଅଜାମ୍ବର ମହାନ୍ତି, ଅତିରିକ୍ତ ଜିଲ୍ଲାପାଳ(ସାଧାରଣ) ନବକ୍ରିଷ୍ଣ ଜେନା, ଉପଜିଲ୍ଲାପାଳ ଅରୁଣ ନାୟକ, କେନ୍ଦ୍ରାପଡ଼ା ବିଡିଓ ଅଭିଷେକ ସ୍ୱାଇଁ, କେନ୍ଦ୍ରାପଡ଼ା ଭାରପ୍ରାପ୍ତ ତହସିଲଦାର ରବିନାରାୟଣ ଆଚାର୍ଯ୍ୟ, କେନ୍ଦ୍ରାପଡ଼ା ପୌରସଂସ୍ଥାର ନିର୍ବାହୀ ଅଧିକାରୀ ଅଜିତ ନାରାୟଣ ଗିରି, ଜିଲ୍ଲା ସଂସ୍କୃତି ଅଧିକାରୀ ତ୍ରିଭୁବନ ଜୟସିଂଙ୍କ ସମେତ ଜିଲ୍ଲାସ୍ତରୀୟ ଅଧିକାରୀ ଓ ଲାଇନ ଡିପାର୍ଟମେଣ୍ଟର ଯନ୍ତ୍ରୀ ଉପସ୍ଥିତ ରହି ଅଭିଯୋଗର ଶୁଣାଣିରେ ସହାୟତା କରିଥିଲେ । ଅଭିଯୋଗର ତୁରନ୍ତ ସମାଧାନ ଉପରେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ଜିଲ୍ଲାପାଳ ଶ୍ରୀ ଆୟାର ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ ।



## ମା' ମଙ୍ଗଳାଙ୍କ ତୃତୀୟ ବାର୍ଷିକ ଉତ୍ସବ

**ପଟ୍ଟାମୁଣ୍ଡାଇ, ୬।୧୦(ସମିସ):** ପଟ୍ଟାମୁଣ୍ଡାଇ ବ୍ଲକ ଅନ୍ତର୍ଗତ ଅଳପୁଆ ପଞ୍ଚାୟତ ଗୋପାଳପୁର ଛକ ତାରିଣୀ ପୀଠରେ ମା' ମଙ୍ଗଳାଙ୍କ ତୃତୀୟ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ପୀଠାଧୀଶ ରବୀନ୍ଦ୍ର ପାଣିଗ୍ରାହୀ, ସେବକ ରତିକାନ୍ତ ଧଳ, ନିରଞ୍ଜନ ଧଳଙ୍କ ତତ୍ତ୍ୱାବଧାନ ଓ ମନୋଜ ଧଳ, ପ୍ରତିଶ୍ରୁତି ଧଳଙ୍କ ପୌରୋହିତ୍ୟରେ ଆୟୋଜିତ ଉତ୍ସବରେ ଗ୍ରାମର ଶତାଧିକ ଶ୍ରଦ୍ଧାଳୁ ଭକ୍ତ ଓ ଜନସାଧାରଣ ଯୋଗଦେଇ ପୂଜା କରିଥିଲେ । ଆୟୋଜିତ ମେଳାରେ ପରମାନନ୍ଦ ଧଳ, ବାହାଦୂର ଧଳ, ପ୍ରକାଶ ମଲ୍ଲିକ, ଭିକାରୀ ବାରିକ, କୁଳମଣି ଧଳ, ହିମାଂଶୁ ସାହୁ, ଗୁରୁଚରଣ ବାରିକ, ଅକ୍ଷୟଧଳ, ଗୟାଧର ସୂତାର, ଚତୁର୍ଭୁଜ ସୂତାର, ପ୍ରଭାକର ସୂତାର, ବିନୋଦ ସାହୁ, ବ୍ରହ୍ମାନନ୍ଦ ସାହୁ, କାଙ୍ଗାଳୀ ସାହୁ, ଅକ୍ଷୟ ସାହୁ, ବାସନ୍ତୀ ଧଳ, ଅଞ୍ଜନା ମଲ୍ଲିକ, ବାସନ୍ତୀ ମହାନ୍ତି ପ୍ରମୁଖ ଯୋଗଦେଇ ଭଗବତ କାର୍ଯ୍ୟରେ ଭାଗ ନେଇଥିଲେ । ପଣ୍ଡିତ ଦେବୀପ୍ରସାଦ ଶତପଥି, ପ୍ରଶାନ୍ତ ପଣ୍ଡା, ଜ୍ଞାନରଞ୍ଜନ ଦାଶଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପୂଜାର ନୀତିକାନ୍ତି ସମ୍ପନ୍ନ ହୋଇଥିଲା । ମନୋଜ ଧଳ, ପ୍ରତିଶ୍ରୁତି ଧଳ ପୂର୍ଣ୍ଣ ଆହୁତି ପ୍ରଦାନ କରିଥିଲେ ।

## ପଟ୍ଟାମୁଣ୍ଡାଇ ବ୍ଲକ୍‌ରେ ଷ୍ଟ୍ରିଟ୍‌ଲାଇଟ୍ ଦୁର୍ନୀତି ଅଭିଯୋଗ

- ବ୍ଲକ୍‌କୁ ତଥ୍ୟ ମାଗିଲେ ଉତ୍ତର ଦେଉଛନ୍ତି ପଞ୍ଚାୟତ ସୂଚନା ଅଧିକାରୀ
- ତଥ୍ୟ ଲୁଚାଇବାକୁ ଏବିଡିଓଙ୍କ ପ୍ରୟାସ

**ପଟ୍ଟାମୁଣ୍ଡାଇ, ୬।୧୦(ସମିସ):** ପଟ୍ଟାମୁଣ୍ଡାଇ ବ୍ଲକରେ ଦିନକୁ ଦିନ ଦୁର୍ନୀତି ସୀମା ବଢ଼ିବାରେ ଲାଗିଛି । ଜେଇଙ୍କ ଦ୍ୱାରା ହୋଇଥିବା ଦୁର୍ନୀତିର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନେବା ବଦଳରେ ଏବିଡିଓ ଦୁର୍ନୀତି ସମ୍ପର୍କିତ ତଥ୍ୟ ଲୁଚାଇ ଦୁର୍ନୀତିଖୋରଙ୍କୁ ପ୍ରୋତ୍ସାହିତ କରୁଥିବାର ସାଂଘାତିକ ଅଭିଯୋଗ ଆସିଛି ।

ଗତ ମାର୍ଚ୍ଚ ମାସରେ ଶାସନଠାରୁ ମାଳିପୁର ମାର୍କେଟ ପର୍ଯ୍ୟନ୍ତ ଷ୍ଟ୍ରିଟ୍‌ଲାଇଟ ଲଗାଇବା ପାଇଁ ବିଲ କରାଯାଇ ବ୍ଲକ ଜେଇଙ୍କ ଆକାଉଣ୍ଟକୁ ୯ ଲକ୍ଷ ୭୦ ହଜାର ଟଙ୍କା ପୈଠ କରାଯାଇଥିଲା । ବାସ୍ତବରେ ଶାସନ ଛକରୁ ମାଳିପୁର ମାର୍କେଟ ମଧ୍ୟରେ ଗୋଟିଏ ବି ଷ୍ଟ୍ରିଟଲାଇଟ ଖୁଣ୍ଟ ଲଗାଯାଇ ନ ଥିବାରୁ ଗ୍ରାମବାସୀ ଏହି ଦୁର୍ନୀତି ବିରୁଦ୍ଧରେ ପଟ୍ଟାମୁଣ୍ଡାଇ ବିଡିଓ, କେନ୍ଦ୍ରାପଡ଼ା ଜିଲ୍ଲାପାଳ, ମୁଖ୍ୟମନ୍ତ୍ରୀ ଓ ମୁଖ୍ୟ ଶାସନ ସଚିବଙ୍କୁ ଅଭିଯୋଗ ପତ୍ର ଦେଇଥିଲେ । ଦୁଇଜଣ ସୂଚନା ଅଧିକାର କର୍ମୀ ଉକ୍ତ ପ୍ରକଳ୍ପ ସମ୍ବନ୍ଧୀୟ ତଥ୍ୟ ପାଇଁ ବ୍ଲକ ସୂଚନା ଅଧିକାର କର୍ମୀଙ୍କ ନିକଟରେ ଆବେଦନ କରିଥିଲେ । ପ୍ରଥମ ସୂଚନା ଅଧିକାର କର୍ମୀଙ୍କ ଦ୍ୱାରା ମଗାଯାଇଥିବା ତଥ୍ୟର ଉତ୍ତରରେ ଶାସନଠାରୁ ମାଳିପୁର ପର୍ଯ୍ୟନ୍ତ ଦୁଇ କିମି ରାସ୍ତାର ଆଲୋକୀକରଣ ହୋଇଥିବା ତଥ୍ୟ ପ୍ରଦାନ କରିଥିଲେ । ଦ୍ୱିତୀୟ ସୂଚନା ଅଧିକାର କର୍ମୀ ପ୍ରଶାନ୍ତ ମହାନ୍ତି ଗତ ସେପ୍ଟେମ୍ବର ୧ ତାରିଖରେ ଉକ୍ତ ପ୍ରକଳ୍ପରେ ବ୍ୟବହାର କରାଯାଇଥିବା ଷ୍ଟ୍ରିଟ୍‌ଲାଇଟ ଖୁଣ୍ଟର ଜିପିଏସ ଫଟୋଚିତ୍ର, ଏଷ୍ଟିମେଟ ହିସାବରେ କମ୍ପାନୀ ବ୍ରାଣ୍ଡର ଖୁଣ୍ଟ ଓ ଲାଇଟ ଲଗାଯାଇଛି କି ନାହିଁ ଓ ତତ୍‌ସମ୍ପର୍କିତ ଅନ୍ୟ ତଥ୍ୟ ମାଗିଥିଲେ । ଦୀର୍ଘଦିନ ବିତି ଯାଇଥିଲେ ହେଁ ପଟ୍ଟାମୁଣ୍ଡାଇ ବ୍ଲକ ଜନସୂଚନା ଅଧିକାରୀ କୌଣସି ଉତ୍ତର ଦେଇ ନ ଥିବା ଅଭିଯୋଗ ହୋଇଛି ।

ଅପରପକ୍ଷେ ବ୍ଲକ କାର୍ଯ୍ୟାଳୟ ସୂଚନା ଅଧିକାରୀଙ୍କ ପରିବର୍ତ୍ତେ ଶାସନ ପଞ୍ଚାୟତ କାର୍ଯ୍ୟାଳୟର ଜନସୂଚନା ଅଧିକାରୀ ଗତ ସେପ୍ଟେମ୍ବର ୨୪ ତାରିଖରେ ପତ୍ର ସଂଖ୍ୟା ୯୫ ଜରିଆରେ ଦ୍ୱିତୀୟ ସୂଚନା ଅଧିକାର କର୍ମୀଙ୍କୁ ଏକ ଚିଠି ଲେଖିଥିବା ଜଣାପଡ଼ିଛି । ଷ୍ଟ୍ରିଟଲାଇଟ ପ୍ରକଳ୍ପ ସମ୍ପର୍କରେ ପଞ୍ଚାୟତ ଅଫିସରେ କୌଣସି ତଥ୍ୟ ନାହିଁ ବୋଲି ଉକ୍ତ ଚିଠିରେ ଦର୍ଶାଇଛନ୍ତି । ପଞ୍ଚାୟତ କର୍ଯ୍ୟାଳୟକୁ ତଥ୍ୟ ମଗାଯାଇ ନ ଥିଲେ ହେଁ କାହିଁକି ବିନା କାରଣରେ ସୂଚନା ଅଧିକାରୀ କର୍ମୀଙ୍କୁ ଚିଠି ଲେଖିଥିଲେ ବୋଲି ଶାସନ ପଞ୍ଚାୟତର ଜନସୂଚନା ଅଧିକାରୀଙ୍କୁ ପଚରାଯିବାରୁ ପଟ୍ଟାମୁଣ୍ଡାଇ ବ୍ଲକ କାର୍ଯ୍ୟାଳୟର ଏବିଡିଓଙ୍କ ଚାପରେ ସେପରି ଲେଖିଥିବା କହିଛନ୍ତି । ବ୍ଲକ କର୍ଯ୍ୟାଳୟକୁ କେଉଁ ତଥ୍ୟ ମଗାଯାଇଥିଲା ସେହି ଆବେଦନପତ୍ର ପଢ଼ିଥିଲେ କି ନାହିଁ ବୋଲି ପଚାରିବାରୁ ଆବେଦନ ପତ୍ର ନ ପଢ଼ି ଚିଠି ଲେଖିଥିବା ପ୍ରକାଶ କରିଛନ୍ତି । ଜାଣିଶୁଣି ତଥ୍ୟ ନ ଦେଇ ଷ୍ଟ୍ରିଟ୍‌ଲାଇଟ ଦୁର୍ନୀତି ଘଟଣାକୁ ଚପାଇବା ଓ ଉକ୍ତ ଦୁର୍ନୀତିରେ ସମ୍ପୃକ୍ତ ଜେଇଙ୍କୁ ସୁରକ୍ଷା ଦେବାକୁ ପଟ୍ଟାମୁଣ୍ଡାଇ ଏବିଡିଓ ଏଭଳିକାଣ୍ଡ କରିଥିବା ସୂଚନା ଅଧିକାର କର୍ମୀ ଶ୍ରୀ ମହାନ୍ତି ଅଭିଯୋଗ କରିଛନ୍ତି ।

## ତୁଳସୀକ୍ଷେତ୍ରରେ ମହାଲକ୍ଷ୍ମୀ ପୂଜା

**କେନ୍ଦ୍ରାପଡ଼ା, ୬।୧୦(ସମିସ):** ତୁଳସୀକ୍ଷେତ୍ରରେ ମହାଲକ୍ଷ୍ମୀ ପୂଜା ଅନୁଷ୍ଠିତ ହୋଇଯାଇଛି । କେନ୍ଦ୍ରାପଡ଼ାର ଆରାଧ୍ୟ ଦେବତା ପ୍ରଭୁ ବଳଦେବଜୀଉଙ୍କ ମନ୍ଦିର ବେଢ଼ା ମଧ୍ୟରେ ଥିବା ମହାଲକ୍ଷ୍ମୀ ମନ୍ଦିରରେ ପୂଜାର୍ଚ୍ଚନା କରାଯାଇଛି । କୈବର୍ତ୍ତ ସମ୍ପ୍ରଦାୟର ମୁରବୀଙ୍କ ଦ୍ୱାରା ଏହି କାର୍ଯ୍ୟକ୍ରମ କରାଯାଇଥିଲା । ମା'ଙ୍କୁ ସ୍ନାନ କରାଯାଇ ବେଶ କରାଯାଇଥିଲା । ପରେ ଭୋଗ ଲାଗି ପୂର୍ବକ ଆଳତି ବନ୍ଦାପନା କରାଯାଇଥିଲା ।



## ଅନନ୍ତ ବେଶରେ ମହାପ୍ରଭୁ

**କେନ୍ଦ୍ରାପଡ଼ା, ୬।୧୦(ସମିସ):** ଆଜି ପବିତ୍ର ଚତୁର୍ଦ୍ଦଶୀ ତିଥିରେ ତୁଳସୀ କ୍ଷେତ୍ରାଧିପତି ପ୍ରଭୁ ବଳଦେଜୀଉ ଅନନ୍ତ ବେଶରେ ଭକ୍ତଙ୍କୁ ଦର୍ଶନ ଦେଇଛନ୍ତି । ସନ୍ଧ୍ୟା ନୀତି ସମ୍ପନ୍ନ ପରେ ମହାପ୍ରଭୁଙ୍କ ବେଶ ଆରମ୍ଭ ହୋଇଥିଲା । ବେଶ ସମ୍ପନ୍ନ ପରେ ଆଧ୍ୟାତ୍ମିକ ଗୁରୁ ବାବା ବଳିଆ ମହାପ୍ରଭୁଙ୍କୁ ଦର୍ଶନ କରିଥିଲେ । ବେଢ଼ା ମଧ୍ୟରେ ପ୍ରବଚନ କାର୍ଯ୍ୟରେ ସାମିଲ ହୋଇଥିଲେ । ହଜାର ହଜାର ଭକ୍ତ ପ୍ରବଚନରେ ସାମିଲ ହୋଇଥିଲେ । ଆଜିକୁ ଉଣେଇଶ ବର୍ଷ ଧରି ବାବା ବଳିଆଙ୍କ ସହଯୋଗରେ ଏହି ବେଶ ଅନୁଷ୍ଠିତ ହେଉଛି ।



## ଡେରାବିଶର ବିଭିନ୍ନ ମଣ୍ଡପରେ ମା' ଗଜଲକ୍ଷ୍ମୀଙ୍କ ପୂଜା

**ଡେରାବିଶ, ୬।୧୦(ସମିସ):** ଆଜି ଡେରାବିଶ ବ୍ଲକ ଅଞ୍ଚଳର ପୁରପଲ୍ଲୀରେ ୧୦୦ରୁ ଅଧିକ ମଣ୍ଡପରେ ମା' ଗଜଲକ୍ଷ୍ମୀଙ୍କୁ ଆବାହନ କରାଯାଇଛି । ଡେରାବିଶ ବ୍ଲକର ପ୍ରମୁଖ ବ୍ୟବସାୟ ପେଣ୍ଠସ୍ଥଳ ଚାନ୍ଦୋଳ ବଜାର, କାକଟିଆ ବଜାର ଓ ଗଣେଶପୁର ବଜାର, ଚାଟରାଚକଡ଼ା ପଞ୍ଚାୟତ ଅନ୍ତର୍ଗତ ଓଲଡ଼ି, ଛତା, ଛୋଟି ପଞ୍ଚାୟତର ନେତୁଆ, ଲକ୍ଷ୍ମୀନାରାୟଣପୁର ପଞ୍ଚାୟତର ସାତବାଟିଆ, ନହଙ୍ଗ ପଞ୍ଚାୟତର ପଲ୍ଲିରଘୁନାଥପୁର, ଗୋଲରାହାଟ ପଞ୍ଚାୟତର ଚଷାଖଣ୍ଡ, ଦାନପୁର ପଞ୍ଚାୟତର ଦୋହଳି, ଖମୋଳ ପଞ୍ଚାୟତର ଚାନ୍ଦୋଳ କଲେଜ ଛକ ଓ ଚଣ୍ଡିବଜାର, ହରିଅଙ୍କ ପଞ୍ଚାୟତର ହରିଅଙ୍କ, ଗୁଆଳସିଂ ପଞ୍ଚାୟତର ଠାକୁରହାଟ, ଇନ୍ଦାଳୋ ପଞ୍ଚାୟତର ଇନ୍ଦାଳୋ, ବାଲିଆ ପଞ୍ଚାୟତ, ଏଣ୍ଡର ପଞ୍ଚାୟତର ବିଭିନ୍ନ ସ୍ଥାନରେ ମା'ଙ୍କ ମୃଣ୍ମୟ ମୂର୍ତ୍ତିକୁ ଆଜି ସନ୍ଧ୍ୟାରେ ପୂଜାର୍ଚ୍ଚନା କରାଯାଇଛି । ବିଭିନ୍ନ ମଣ୍ଡପରେ ଆକର୍ଷଣୀୟ ତୋରଣ କରାଯିବା ସହିତ ସୁନ୍ଦର ଆଲୋକମାଳାରେ ସଜ୍ଜିତ କରାଯାଇଛି । ଏହି ପୂଜା ଆସନ୍ତା ୭ ଦିନ ପର୍ଯ୍ୟନ୍ତ ଅନୁଷ୍ଠିତ ହେବାକୁ ଥିବାବେଳେ ଭିଡ଼ ନିୟନ୍ତ୍ରଣ ପାଇଁ କେନ୍ଦ୍ରାପଡ଼ା ସଦର ଥାନା, ଚାନ୍ଦୋଳ ଫାଣ୍ଡି, ଡେରାବିଶ ଥାନା ଓ ନିକିରାଇ ଥାନା ପକ୍ଷରୁ ବ୍ୟାପକ ପୁଲିସ ମୁତୟନ କରାଯାଇଛି ।



## ହାତିନାରେ ଗଜଲକ୍ଷ୍ମୀ ପୂଜା

**ରାଜନଗର, ୬।୧୦(ସମିସ):** ରାଜନଗର ବ୍ଲକ ହାତିନାଠାରେ ୩୭ତମ ଗଜଲକ୍ଷ୍ମୀ ପୂଜା ଆରମ୍ଭ ହୋଇଛି । ପଣ୍ଡିତ ସନ୍ତୋଷ କୁମାର ଶତପଥୀ ଓ ପଣ୍ଡିତ କୃଷ୍ଣଚନ୍ଦ୍ର ଶତପଥୀଙ୍କ ଦ୍ୱାରା ବୈଦିକ ରୀତିନୀତିରେ ପୂଜା ଆରମ୍ଭ କରାଯାଇଛି । ଏହି ପୂଜା ୫ଦିନ ଧରି ଚାଲିବ । ପ୍ରତିବର୍ଷ ଭଳି ଚଳିତବର୍ଷ ଗଜଲକ୍ଷ୍ମୀ ପୂଜା ଅବସରରେ ସାଂସ୍କୃତିକ ଆୟୋଜିତ ହେବ । ପ୍ରତିଦିନ ସନ୍ଧ୍ୟାରେ ନୃତ୍ୟ ଓ ସଙ୍ଗୀତ କାର୍ଯ୍ୟକ୍ରମ କରାଯିବାର ବ୍ୟବସ୍ଥା ରହିଛି । ଅନୁଷ୍ଠାନର ସଭାପତି ଯାମିନୀକାନ୍ତ ସାହୁ, ସମ୍ପାଦକ ଯାମିନୀକାନ୍ତ ଦାସ, କମିଟି ସଦସ୍ୟ ନାରାୟଣ ପାଣି, ନଳିନୀକାନ୍ତ ସ୍ୱାଇଁ, ଅମୀୟ ସାମଲ, ମନୋଜ ସାହୁ, ଚନ୍ଦ୍ରଭାନୁ ପ୍ରଧାନ, ବିଚିତ୍ର ସାମଲ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରୁଛନ୍ତି ।



# କଟକ ସିଟି



## କଟକରେ କର୍ଫ୍ୟୁ
# ବ୍ୟସ୍ତବହୁଳ ସହରରେ ଶୂନ୍ୟତାର ରାଜୁତି

**ପାର୍ବଣର ମାହୋଲ ଭିତରେ କଟକରେ କର୍ଫ୍ୟୁ ଲାଗିଗଲା । ଭସାଣି ଯାତ୍ରାର ବିଶୃଙ୍ଖଳା ଦୁଇ ଗୋଷ୍ଠୀଙ୍କ ଭିତରେ ବିବାଦର ମଞ୍ଜି ପୋତି ଦେଇଗଲା । ଢେଲା ମାଡ଼ ହେଲା, କାଚ ବୋତଲ ପିଙ୍ଗାଗଲା, ପୁଲିସର ଲାଠି ଉଠିଲା ଆଉ ସାମାଜିକ କାଠଗଡ଼ାକୁ ଭିଡ଼ି ହୋଇଗଲା 'କଟକର ଭାଇଚାରା' । ଦୁଇ ଦିନ ଆଗରୁ ଲୋକାରଣ୍ୟ ଥିବା ଏ ସହର ଏବେ ଖାଁ ଖାଁ...**



## ବନ୍ଦ ପାଇଁ ଦିନକୁ ୧୦ କୋଟି କ୍ଷତି
### ଶିଳ୍ପାନୁଷ୍ଠାନକୁ ସୁରକ୍ଷା ଓ କ୍ଷତିପୂରଣ ଦିଅ: ଶିଳ୍ପ ସଂଘ

କଟକରେ ଦଶହରା ଭସାଣି ଗଣ୍ଡଗୋଳକୁ ନେଇ ଆଜି ପୁଲିସ ପକ୍ଷରୁ ଜାରି ହୋଇଥିବା କର୍ଫ୍ୟୁ ପାଇଁ କ୍ଷୁଦ୍ର, ମଧ୍ୟମ ଓ ଅଣୁ ଶିଳ୍ପ ସଂସ୍ଥାଗୁଡିକ ବିପୁଳ କ୍ଷତି ସହିଛନ୍ତି । ଅନେକ ସମୟରେ ବନ୍ଦ ଡକରା ବେଳେ ଉପଯୁକ୍ତ ସୁରକ୍ଷା ଅଭାବରୁ ଶିଳ୍ପ ସଂସ୍ଥା ମାଲିକ ବାଧ ହୋଇ ସେମାନଙ୍କ ପ୍ରତିଷ୍ଠାନକୁ ବନ୍ଦ ରଖୁଛନ୍ତି । ବିଶ୍ୱ ହିନ୍ଦୁ ପରିଷଦ ଓ ହିନ୍ଦୁ ସେନା ପକ୍ଷରୁ ଦିଆଯାଇଥିବା ବନ୍ଦ ଡକରା ଓ କର୍ଫ୍ୟୁ ପାଇଁ ଆଜି କଟକ ଜଗତପୁର ଶିଳ୍ପାଞ୍ଚଳରେ ଥିବା କ୍ଷୁଦ୍ର, ମଧ୍ୟମ ଓ ଅଣୁ ଶିଳ୍ପ ସଂସ୍ଥାଗୁଡିକ ବନ୍ଦ ରହିଥିଲା । ଦିନକ ପାଇଁ ଶିଳ୍ପ ସଂସ୍ଥା ବନ୍ଦ ରହିବା କାରଣରୁ ଶିଳ୍ପୋଦ୍ୟୋଗୀମାନେ ପ୍ରାୟ ୧୦କୋଟି ଟଙ୍କାର କ୍ଷତି ସହିଥିବାର କହିଛନ୍ତି ଓଡ଼ିଶା ଶିଳ୍ପ ସଂଘର ଅଧ୍ୟକ୍ଷ ଅବନୀ କାନୁନଗୋ । ଶ୍ରୀ କାନୁନଗୋଙ୍କ କହିବାନୁଯାୟୀ, ବର୍ଷକୁ ୩-୪ ହଜାର କୋଟି ଟଙ୍କାର କାରବାର ଏହି ଶିଳ୍ପ ସଂସ୍ଥା ଗୁଡିକରେ ହୋଇଥାଏ । ହେଲେ ବିଭିନ୍ନ ସମୟରେ ବିଭିନ୍ନ ପ୍ରସଂଗକୁ ନେଇ ବନ୍ଦ ପାଳନ ପାଇଁ ସେମାନଙ୍କ ପ୍ରତିଷ୍ଠାନ ବନ୍ଦ ରଖାଯାଇଥାଏ । ପୁଲିସ ପକ୍ଷରୁ ଉପଯୁକ୍ତ ସୁରକ୍ଷା ମିଳିପାରୁନଥିବାରୁ ଏହାକୁ ଖୋଲିବା ସମ୍ଭବ ହୋଇ ନଥାଏ । ଆଜିର କର୍ଫ୍ୟୁ ବେଳେ ଅନୁରୂପ ସ୍ଥିତିର ସମ୍ମୁଖୀନ ହେବାକୁ ପଡିଛି । ଏଣୁ ଶିଳ୍ପ ସଂସ୍ଥାଗୁଡିକ ଖୋଲିବା ପାଇଁ ପୁଲିସ ସୁରକ୍ଷା ଯୋଗାଇ ଦିଆଯାଉ ନଚେତ ସେଗୁଡିକୁ କ୍ଷତିପୂରଣ ପ୍ରଦାନ କରାଯାଉ ବୋଲି ଶ୍ରୀ କାନୁନଗୋ ଦାବି କରିଛନ୍ତି । ଏ ନେଇ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରାଯିବ ବୋଲି ସେ କହିଛନ୍ତି ।

## ମାଲଗୋଦାମରେ ୭୦ କୋଟିର କାରବାର ଠପ୍, ଖୋଲିବ ଆଜି

କଟକରେ ଦୁଇ ଗୋଷ୍ଠୀଙ୍କ ମଧ୍ୟରେ ଦଶହରା ଭସାଣି ଗଣ୍ଡଗୋଳକୁ ନେଇ ବିଶ୍ୱ ହିନ୍ଦୁ ପରିଷଦ ଦେଇଥିବା ବନ୍ଦ ଡକରା ଓ ପୁଲିସର କର୍ଫ୍ୟୁ ପାଇଁ ଆଜି କଟକର ପ୍ରମୁଖ ପାଇକାରୀ ବଜାର ମାଲଗୋଦାମ ବନ୍ଦ ରହିଥିଲା । ଯଦିଓ ଗ୍ରୋସରୀ ଦୋକାନ କର୍ଫ୍ୟୁରୁ ମୁକ୍ତ କରାଯାଇଥିଲା କିନ୍ତୁ କଟକ ଚାମ୍ବର ଅଫ କମର୍ସ ଓ ମାଲଗୋଦାମ ପୂଜା କମିଟିର ନିଷ୍ପତ୍ତିକ୍ରମେ ଆଜି ସମସ୍ତ ୮୦୦ରୁ ଅଧିକ ପ୍ରତିଷ୍ଠାନ ବନ୍ଦ ରହିଥିଲା । ଏଥିପାଇଁ ଗୋଟିଏ ଦିନରେ ୭୦କୋଟି ଟଙ୍କାର କାରବାର ପ୍ରଭାବିତ ହୋଇଥିବା ଜଣାପଡିଛି । ଆସନ୍ତାକାଲି କର୍ଫ୍ୟୁ ବଳବତ୍ତର ରହିଥିଲେ ମଧ୍ୟ ସାଧାରଣ ଖାଉଟିଙ୍କ ଆବଶ୍ୟକତା ପୂରଣ ପାଇଁ ମାଲଗୋଦାମ ଖୋଲାରଖାଯିବା ପାଇଁ ନିଷ୍ପତ୍ତି ନିଆଯାଇଛି ବୋଲି କହିଛନ୍ତି କଟକ ଚାମ୍ବର ଅଫ କମର୍ସର ସାଧାରଣ ସମ୍ପାଦକ ପ୍ରଫୁଲ୍ଲ ଛାଟୋଇ ।

## କଟକରେ ଶାନ୍ତି ଫେରାଇ ଅଣାଯାଉ: ମେୟର

ଭାଇଚାରାର ସହର କଟକରେ ଅଶାନ୍ତ ପରିସ୍ଥିତି ପାଇଁ 'କର୍ଫ୍ୟୁ'କୁ ବଳବତ୍ତର ରଖି ଜନସାଧାରଣଙ୍କୁ ହଇରାଣ-ହରକତ କରାଯିବା ଠିକ ନୁହେଁ । କଟକକୁ ଶାନ୍ତି ଫେରାଇ ଅଣାଯାଉ ବୋଲି ଦାବି କରିଛନ୍ତି ମେୟର ସୁବାସ ସିଂହ । କର୍ଫ୍ୟୁ ଅବଧି ବୃଦ୍ଧି କରାଯିବା ବଦଳରେ ସହରରେ ଆଇନଶୃଙ୍ଖଳା ବ୍ୟବସ୍ଥାକୁ କଡ଼ାକଡ଼ି କରାଯିବା ଉଚିତ । ଏହାସହ ଇଣ୍ଟରନେଟ ସେବାକୁ ସ୍ୱାଭାବିକ କରାଯିବାକୁ ସେ ସରକାରଙ୍କ ନିକଟରେ ନିବେଦନ କରିଛନ୍ତି । କଟକ ଓଡ଼ିଶାର ଅନ୍ୟତମ ପ୍ରାଣକେନ୍ଦ୍ର ହୋଇଥିବା ଦୃଷ୍ଟିରୁ ଦୈନନ୍ଦିନ ଜୀବନଯାତ୍ରା କର୍ଫ୍ୟୁ ଦ୍ୱାରା ପ୍ରଭାବିତ ହେଉଛି । କଟକଣା ପାଇଁ ରାଜ୍ୟର ମୁଖ୍ୟ ବିଚାରାଳୟ, ବଡ଼ ଡାକ୍ତରଖାନା, ଆୟୁଷ୍ମାନ କାର୍ଡ ସେବା, ଆହାର କେନ୍ଦ୍ର, ବ୍ୟାଙ୍କିଂ, ସିଏନ୍‌ବିଟିରେ ବସ ସେବା ଆଦି ବନ୍ଦ ଥିବାରୁ ଜନସାଧାରଣଙ୍କୁ ପ୍ରଭାବିତ କରୁଛି । ଗଣ୍ଡଗୋଳକାରୀଙ୍କ ସହ ସାମାଜିକ ଗଣମାଧ୍ୟମରେ ବିଭ୍ରାନ୍ତିକର ସୂଚନା ପୋଷ୍ଟ ପୂର୍ବକ ଅଶାନ୍ତିର ଘିଅ ଢାଳୁଥିବା ଦୁର୍ବୃତ୍ତଙ୍କୁ ଗିରଫ କରିବାକୁ ଶ୍ରୀ ସିଂ ଦାବି କରିଛନ୍ତି ।







### ଶାନ୍ତି କମିଟି ସଭାପତିଙ୍କ ଅଭିଯୋଗ
## 'ଭାଇଚାରା ଭାଙ୍ଗିବାକୁ ଷଡ଼ଯନ୍ତ୍ର ହୋଇଛି'

କଟକରେ ବିଶୃଙ୍ଖଳା ପାଇଁ ଯେଉଁମାନେ ଦାୟୀ ସମସ୍ତଙ୍କ ବିରୋଧରେ କଡା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ପୁଲିସ କମିଶନରଙ୍କ ନିକଟରେ ନିବେଦନ କରାଯାଇଛି । କଟକର ଭାଇଚାରାକୁ ଭାଙ୍ଗିବାକୁ ଏକ ବିଧିବଦ୍ଧ ଷଡ଼ଯନ୍ତ୍ର ହୋଇଛି ବୋଲି ଅଭିଯୋଗ କରିଛନ୍ତି କଟକ ମହାନଗର ଶାନ୍ତି କମିଟି ସଭାପତି ଦେବେନ୍ଦ୍ରନାଥ ସାହୁ । ସେ କହିଛନ୍ତି ଯେ କଟକରେ ପୂର୍ବାବସ୍ଥା ନିଶ୍ଚିତ ଫେରିବ । ସ୍ଥିତି ଶାନ୍ତ ପଡ଼ିବା ପରେ ସହରର ମୁରବୀମାନଙ୍କୁ ନେଇ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଡକାଯିବ । ଏକ ନିର୍ଦ୍ଦିଷ୍ଟ ଗୋଷ୍ଠୀର ଯୁବକ କଦମ୍ ରସୁଲ୍ ନିକଟରେ ବିଶୃଙ୍ଖଳା ସୃଷ୍ଟି କଲେ । ଆଗକୁ କଟକରେ ଆଉ ଦୁଇଟି ଭସାଣି ରହିଛି । ଶୋଭାଯାତ୍ରା ସେହି ସମାନ ବାଟ ଦେଇ ଯିବ । କାଳୀ ଭସାଣି ଏବଂ କାର୍ତ୍ତିକେଶ୍ୱର ଭସାଣିରେ ଘଟଣାର କିପରି ପୁନରାବୃତ୍ତି ନହେବ ସେ ଦିଗରେ ଗୁରୁତ୍ୱ ଦିଆଯିବ । ଏତଦବ୍ୟତୀତ ବିଶୃଙ୍ଖଳାକାରୀଙ୍କ ପରିଚୟପତ୍ର ଯାଞ୍ଚ କରାଯିବବୋଲି ଶ୍ରୀ ସାହୁ କହିଛନ୍ତି ।

## ଔଷଧ କିଣିବାକୁ ଯାଇ ମାଡ଼ ଖାଇଲେ ଯୁବକ

ଔଷଧ କିଣିବାକୁ ଯାଇଥିବା ଜଣେ ଯୁବକଙ୍କୁ ଓଡ଼ିଆ ବଜାର ସମ୍ମୁଖରେ ଅଟକାଇ ପୁଲିସ ନିର୍ଦ୍ଦୁମ ମାଡ଼ ମାରିଛି । ଅତିରିକ୍ତ ପୁଲିସ କମିଶନରଙ୍କ ପାଖରେ ସମ୍ପୃକ୍ତ ଯୁବକଙ୍କୁ ହାଜର କରାଯିବା ସହ କିଛି ସମୟ ଅଟକ ରଖିବା ପରେ ଛଡ଼ା ଯାଇଥିଲା । ତେବେ ଜରୁରିକାଳୀନ ପରିସ୍ଥିତିରେ ପୁଲିସର ଏଭଳି ଆଚରଣକୁ ସାଧାରଣରେ ନିନ୍ଦା କରାଯାଇଛି । ମଧ୍ୟାହ୍ନ ସମୟର ଘଟଣା । ଯୁବକ ଜଣକ ଚୌଧୁରୀବଜାର ପଟୁ ବାଇକ ଯୋଗେ ବକ୍ସିବଜାର ଆଡକୁ ଯାଉଥିଲେ । ଦରଘାବଜାର ଅତିକ୍ରମ କରିବା ବେଳେ ରାସ୍ତାରେ ଡ୍ୟୁଟି କରୁଥିବା କେତେକ ପୁଲିସ କର୍ମଚାରୀ ତାଙ୍କୁ ଅଟକାଇଥିଲେ । ହେଲେ କିଛି ପଚାରିବା ପୂର୍ବରୁ ଯୁବକଙ୍କ ଉପରେ ପୁଲିସର ଲାଠି ଉଠିଥିଲା । ସେ ଔଷଧ କିଣିବାକୁ ଯାଉଛନ୍ତି ବୋଲି ନେହୁରା ହୋଇ କହୁଥିଲେ ସୁଦ୍ଧା ପୁଲିସ ଶୁଣି ନଥିଲା । ପରେ ନିକଟସ୍ଥ ପୁଲିସର ଅସ୍ଥାୟୀ କ୍ୟାମ୍ପକୁ ଯୁବକଙ୍କୁ ଘୋଷାଡ଼ି ଅଣାଯାଇଥିଲା । ସେଠାରେ ଯୁବକ ଜଣକ ପ୍ରେସକ୍ରିପସନ ଦେଖାଇଥିଲେ । ନିଜ ପାଇଁ ଔଷଧ କିଣିବାକୁ ଯାଉଥିବା କହିବା ପରେ ପୁଲିସ କିଛି ସମୟ ଅଟକ ରଖି ତାଙ୍କୁ ଛାଡିଥିଲା । ସହରର ଅନ୍ୟ କେତେକ ସ୍ଥାନରେ ମଧ୍ୟ ଅନୁରୂପ ଘଟଣା ସାମ୍ନାକୁ ଆସିଛି ।

### ବନ୍ଦ ରହିଲା ହୋଟେଲ ଓ 'ଆହାର'




## ଭୋକିଲା ପେଟରେ ପାହାର

କର୍ଫ୍ୟୁର ବଡ଼ ପ୍ରଭାବ ପଡ଼ିଛି କଟକ ବଡ଼ ମେଡିକାଲରେ । ଆଜି ଦିନ ସମୟରେ ଖାଦ୍ୟ ପାଇଁ ରୋଗୀ ସମ୍ପର୍କୀୟ ଡହଳବିକଳ ହୋଇ ପଡ଼ିଥିଲେ । ଗୋଟିଏ ପଟେ କଟକଣା ଭିତ୍ତିରେ ହୋଟେଲ ବନ୍ଦ ରହିଥିବା ବେଳେ ଆହାର କେନ୍ଦ୍ର ମଧ୍ୟ ଖୋଲାଯାଇ ନଥିଲା । ହଜାରହଜାର ରୋଗୀଙ୍କ ସମ୍ପର୍କୀୟ ଖାଦ୍ୟ ପାଇଁ ଘୂରି ବୁଲିଥିଲେ ମଧ୍ୟ ଚାରିଆଡୁ ନିରାଶ ହେବାକୁ ପଡ଼ିଥିଲା । ମେଡିକାଲର ଜଣେ କର୍ମଚାରୀଙ୍କ କହିବାନୁସାରେ, ଇନଡୋର୍ ରୋଗୀଙ୍କ ନିମନ୍ତେ ମେଡିକାଲ ପକ୍ଷରୁ ଖାଦ୍ୟ ଯୋଗାଇ ଦିଆଯାଇଥିଲା । ହେଲେ ରୋଗୀ ସମ୍ପର୍କୀୟ ଆହାର କେନ୍ଦ୍ର ଉପରେ ଭରସା କରି ରହିଥିଲେ । କେନ୍ଦ୍ର ନଖୋଲିବାରୁ ସେମାନଙ୍କୁ ହଇରାଣ ହେବାକୁ ପଡିଛି ।

## କଟକ ଭସାଣି ଗଣ୍ଡଗୋଳକୁ ଜିଲ୍ଲା କଂଗ୍ରେସ ସଭାପତିଙ୍କ ନିନ୍ଦା

**ନିଶ୍ଚିନ୍ତକୋଇଲି, ୬।୧୦(ସମିସ):** କଟକ ଦୁର୍ଗାପୂଜା ଭସାଣି ସମୟରେ ହୋଇଥିବା ଗଣ୍ଡଗୋଳ ଘଟଣାରେ ପ୍ରତିକ୍ରିୟା ରଖିଛନ୍ତି କଟକ ଜିଲ୍ଲା କଂଗ୍ରେସ କମିଟିର ସଭାପତି ପ୍ରଦୀପ୍ତ କୁମାର ଦାସ । ରାଜ୍ୟରେ ବିଜେପି ସରକାର କ୍ଷମତାକୁ ଆସିବା ପରେ ଆଇନଶୃଙ୍ଖଳା ବିପର୍ଯ୍ୟସ୍ତ ହୋଇପଡ଼ିଛି । କଟକ ସହରରେ ପୁଲିସ ମୁଖ୍ୟାଳୟ ରହିଥିବା ବେଳେ ଏଠାରେ ଏଭଳି ଘଟଣା ଘଟିବାକୁ ନେଇ ସେ ତୀବ୍ର ନିନ୍ଦା କରିଛନ୍ତି । ଗୁଇନ୍ଦା ବିଭାଗ ପାଖରେ ଏ ବିଷୟରେ କୌଣସି ସୂଚନା ନ ଥିଲା କି ସରକାର ଏଥିପାଇଁ କୌଣସି ତତ୍ପର ନ ଥିଲେ ବୋଲି ସେ ପ୍ରକାଶ କରିଛନ୍ତି । ଭସାଣି ଦିନ ଗଣ୍ଡଗୋଳକାରୀ ଏବଂ ରବିବାର ବାଇକ୍ ରାଲି ସମୟରେ ପୁଲିସ ପ୍ରଶାସନ ସହ ଉଦ୍ଦେଶ୍ୟମୂଳକ ଗଣ୍ଡଗୋଳକୁ କଟକ କଂଗ୍ରେସ ତରଫରୁ ଦୃଢ଼ ନିନ୍ଦା କରାଯାଇଛି । ପୁଲିସ ଏହି ଦୋଷୀଙ୍କୁ ଗିରଫ କରିବା ସହ ସେମାନଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ ପଦକ୍ଷେପ ଗ୍ରହଣ କରିବାକୁ ଜିଲ୍ଲା ସଭାପତି ଶ୍ରୀ ଦାସ ଦାବି କରିଛନ୍ତି ।

## ଅନୁଧ୍ୟାନ କଲେ କେନ୍ଦ୍ରାଞ୍ଚଳ ଆର୍‌ଡିସି ପୁନମ ଗୁହା



ସୋମବାର ରାତିରେ କେନ୍ଦ୍ରାଞ୍ଚଳ ଆର୍‌ଡିସି ଗୁହା ପୁନମ ତାପସ କଟକର ବିଭିନ୍ନ ଉତ୍ତେଜନାପ୍ରବଣ ଅଞ୍ଚଳ ପରିଦର୍ଶନ କରି ସ୍ଥିତିର ସମୀକ୍ଷା କରିଛନ୍ତି । ଆରଡିସିଙ୍କ ଏହି ପରିଦର୍ଶନ ସମୟରେ ପୁଲିସ କମିଶନର ଏସ୍ ଦେବଦତ୍ତ ସିଂ, କଟକ ଡିସିପି ରଷିକେଶ ଦ୍ୟାନଦେଓ ଖିଲାରୀ, ଜିଲ୍ଲାପାଳ ଦତ୍ତାତ୍ରେୟ ଭାଉସାହେବ ସିନ୍ଦେଙ୍କ ସମେତ ସମସ୍ତ ବରିଷ୍ଠ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ ।

## ସୋସିଆଲ ମିଡିଆ ମାର୍ଗଦର୍ଶିକା ଜାରି

### କାର୍ଯ୍ୟାନୁଷ୍ଠାନ ନେଇ ସତର୍କ କଲା ପୁଲିସ

ଦଶହରା ଭସାଣି ଗଣ୍ଡଗୋଳକୁ ନେଇ କଟକ ସହର ଅଶାନ୍ତ ହୋଇପଡିଥିବା ବେଳେ ବିଭିନ୍ନ ସୋସିଆଲ ମିଡିଆ ପ୍ଲାଟଫର୍ମରେ ବିଭ୍ରାନ୍ତିକର, ଗୁଜବ ତଥା ଉତ୍ତେଜନାମୂଳକ ପୋଷ୍ଟ ମାନ କରାଯାଉଛି । ଏନେଇ ପୁଲିସ ମୁଖ୍ୟାଳୟ ପକ୍ଷରୁ ସତର୍କ କରି ଦିଆଯାଇଛି । ଏଭଳି ବିଭ୍ରାନ୍ତିକର ପୋଷ୍ଟରୁ ନିବୃତ୍ତ ରହିବା ପାଇଁ ଓଡିଶା ପୁଲିସ ଅନୁରୋଧ କରିଛି । ଯେ କୌଣସି ପୋଷ୍ଟ କରିବା ବେଳକୁ ଏହାର ସତ୍ୟତା ପରଖିବାକୁ କହିଛନ୍ତି ପୁଲିସ ଡିଜି ୱାଇ. ବି.ଖୁରାନିଆ । ଏ ନେଇ ମାର୍ଗଦର୍ଶିକା ଜାରି କରାଯାଇଛି ।

## ମଧ୍ୟସ୍ଥତା ରାଷ୍ଟ୍ର ପାଇଁ ଅଭିଯାନରେ ୮୯୦ ମାମଲା ଫଇସଲା


### ୪୭୯୫ ବିଚାରାଧୀନ

**କଟକ,୬।୧୦(ସମିସ):** ଓଡ଼ିଶା ହାଇକୋର୍ଟ, ଜିଲ୍ଲା ଓ ତାଲୁକସ୍ତରୀୟ ଅଦାଲତଗୁଡ଼ିକରେ ପଡ଼ି ରହିଥିବା ମାମଲାଗୁଡ଼ିକର ଫଇସଲା ପାଇଁ ଏକ ସ୍ୱତନ୍ତ୍ର ୯୦ ଦିନିଆ ମଧ୍ୟସ୍ଥତା ପଦକ୍ଷେପ ସ୍ୱରୂପ ମଧ୍ୟସ୍ଥତା "ରାଷ୍ଟ୍ର ପାଇଁ' ଅଭିଯାନ ଜାତୀୟ ଆଇନ ସେବା ପ୍ରାଧିକରଣ ଏବଂ ସୁପ୍ରିମକୋର୍ଟଙ୍କ ମଧ୍ୟସ୍ଥତା ଏବଂ ସମାଧାନ ପ୍ରକଳ୍ପ କମିଟିଙ୍କ ନିର୍ଦ୍ଦେଶ ଅନୁଯାୟୀ ଅନୁଷ୍ଠିତ ହୋଇଯାଇଛି ।

ଏହି ଅଭିଯାନ ଗତ ଜୁଲାଇ ୧ରୁ ୩୦ ସେପ୍ଟେମ୍ବର ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଥିଲା । ଓଡ଼ିଶା ଉଚ୍ଚ ନ୍ୟାୟାଳୟ, ଜିଲ୍ଲା ଏବଂ ତାଲୁକ କୋର୍ଟ ଦ୍ୱାରା ୧୫ଟି ବିଭିନ୍ନ ବର୍ଗରେ ମୋଟ ୧୩, ୫୨୭ଟି ବୈବାହିକ, ଦୁର୍ଘଟଣାଜନିତ ଦାବି, ଘରୋଇ ହିଂସା, ଚେକ୍ ବାଉନ୍ସ, ବାଣିଜ୍ୟିକ ବିବାଦ, ଚାକିରି ସମ୍ବନ୍ଧୀୟ ମାମଲା, ଫୌଜଦାରୀ ମାମଲା, ଉପଭୋକ୍ତା ବିବାଦ, ଋଣ ଆଦାୟ, ବିଭାଜନ, ଉଚ୍ଛେଦ, ଜମି ଅଧିଗ୍ରହଣ, ଅନ୍ୟାନ୍ୟ ଉପଯୁକ୍ତ ଦେୱାନୀ ମାମଲା, ମଧ୍ୟସ୍ଥତା ମାଧ୍ୟମରେ ସାଲିସ, ବିଦ୍ୟୁତ୍ ଏବଂ ଶ୍ରମ ଆଦି ବିଚାରାଧୀନ ମାମଲାଗୁଡିକୁ ଯଥାକ୍ରମେ ଓଡ଼ିଶା ହାଇକୋର୍ଟ ମଧ୍ୟସ୍ଥତା କେନ୍ଦ୍ର ଏବଂ ଜିଲ୍ଲା ମଧ୍ୟସ୍ଥତା କେନ୍ଦ୍ରକୁ ମଧ୍ୟସ୍ଥତା ନିମନ୍ତେ ପଠାଯାଇଛି । ଉପରୋକ୍ତ ମାମଲାଗୁଡିକ ମଧ୍ୟରୁ ଗତ ସେପ୍ଟେମ୍ବର ୩୦ ସୁଦ୍ଧା ୮୯୦ ମାମଲା ଫଇସଲା କରାଯାଇଛି । ୪୭୯୫ଟି ମାମଲା ମଧ୍ୟସ୍ଥତା ପାଇଁ ବିଚାରାଧୀନ ରହିଛି ।

## ରାଜ୍ୟ ପୁଲିସ ମୁଖ୍ୟାଳୟରେ ମହାରାଷ୍ଟ୍ର ପୁଲିସ ଟିମ୍

**କଟକ,୬।୧୦(ସମିସ):** ମହାରାଷ୍ଟ୍ର ପୁଲିସର ଏକ ସ୍ୱତନ୍ତ୍ର ଟିମ ଓଡ଼ିଶା ପୁଲିସ ମୁଖ୍ୟାଳୟ ଗସ୍ତରେ ଆସି ଓଡ଼ିଶା ପୁଲିସ ଦ୍ୱାରା ବିକଶିତ ଏବଂ ସଫଳ ଭାବରେ ରୂପାୟିତ ହୋଇଥିବା ଉନ୍ନତ ବୈଷୟିକ ଜ୍ଞାନକୌଶଳର ପ୍ରୟାସ ସମ୍ପର୍କରେ ଅଧ୍ୟୟନ କରିଛନ୍ତି । ବିଭିନ୍ନ ଡିଜିଟାଲ ମଡ୍ୟୁଲ୍‌ର ସୁପରିଚାଳନା ଏବଂ ଉପକାରିତା, ପୁଲିସ ପ୍ରଶାସନରେ ଏହାର ଭୂମିକା, କାର୍ଯ୍ୟକୁଶଳତା, ପାରଦର୍ଶିତା ଓ ତଥ୍ୟ ଆଧାରିତ ଜ୍ଞାନ ଆହରଣ କରିଛନ୍ତି । ଆର୍ମସ୍ ଏବଂ ଆମନିସନ୍ ଇନଭେଣ୍ଟରି ମଡ୍ୟୁଲ, ମନିଟରିଂ ଇନଫରମେସନ୍ ସିଷ୍ଟମ୍, ମୋଟର ଯାନ ଫ୍ଲିଟ୍ ଓ ସରକାରୀ



ସମ୍ପତ୍ତି ଷ୍ଟୋର ମ୍ୟାନେଜମେଣ୍ଟ ମଡ୍ୟୁଲ୍ ବିଷୟରେ ଏହି ପ୍ରତିନିଧି ଦଳ ଅଧ୍ୟୟନ କରିଥିଲେ । ଡିଜିପି ଯୋଗେଶ ବାହାଦୁର ଖୁରାନିଆଙ୍କ ତତ୍ତ୍ୱାବଧାନରେ ଅତିରିକ୍ତ ପୁଲିସ ମହାନିର୍ଦ୍ଦେଶକ (ଏଚଆରପିସି) ଯତିନ୍ଦ୍ର କୋୟଲ୍, ଡେପୁଟି କମାଣ୍ଡାଣ୍ଟ ଆନନ୍ଦଚନ୍ଦ୍ର ନାୟକ ପ୍ରମୁଖ ମହାରାଷ୍ଟ୍ର ପୁଲିସ ଦଳକୁ ଏହି ପ୍ରଣାଳୀଗୁଡ଼ିକର ଡିଜାଇନ୍, ବିକାଶ ଓ କାର୍ଯ୍ୟପ୍ରଣାଳୀ ବିଷୟରେ ବିସ୍ତୃତ ଭାବେ ଅବଗତ କରିଥିଲେ । ଓଡ଼ିଶା ପୁଲିସର ପ୍ରଯୁକ୍ତି ବିଦ୍ୟାର ବ୍ୟବହାରିକତାକୁ ମହାରାଷ୍ଟ୍ର ପୁଲିସ ଦଳ ସ୍ୱାଗତ କରିବା ସହ ଉଚ୍ଚ ପ୍ରଶଂସା କରିଥିଲେ ।

## ସେଲ୍‌ଫି, ଇନଷ୍ଟା, ଫେସବୁକ୍ ଓ ୟୁଟ୍ୟୁବର କିମିଆରେ ଚାଲିଯାଉଛି ଜୀବନ

# ଡେଥ୍‌ଜୋନ୍ ପାଲଟିଲାଣି କୋରାପୁଟ ଜିଲ୍ଲାର ଜଳପ୍ରପାତ ଅଞ୍ଚଳ





କୋରାପୁଟ,୬।୧୦(ସମିସ): ପ୍ରାକୃତିକ ପରିବେଶରେ ଭରା କୋରାପୁଟ ଜିଲ୍ଲାରେ ବିଭିନ୍ନ ପର୍ଯ୍ୟଟନ ସ୍ଥଳୀକୁ ନିୟମିତ ଦେଶ, ବିଦେଶ ଓ ରାଜ୍ୟର କୋଣ ଅନୁକୋଣରୁ ପର୍ଯ୍ୟଟକଙ୍କ ସୁଅ ଛୁଟୁଛି । ଏଠାରେ ପର୍ଯ୍ୟଟକଙ୍କ ସୁରକ୍ଷା ଦିଗକୁ ସେତେଟା ଗୁରୁତ୍ୱ ଦିଆଯାଉନାହିଁ । ଫଳରେ ଯୁବପିଢ଼ୀ ସୋସିଆଲ ମିଡିଆ ପ୍ରେମରେ ପଡି ସେଲଫି, ଇନ୍‌ଷ୍ଟା, ଫେସବୁକ୍, ୟୁଟ୍ୟୁବ, ବ୍ଲଗର ଭଳି ସୋସିଆଲ ମିଡିଆ ପ୍ଲାଟଫର୍ମରେ ପୋଷ୍ଟିଂ ପାଇଁ ଅସୁରକ୍ଷିତ ଜାଗାକୁ ଯାଇ ସେଲଫି ଓ ଫଟୋ ଭିଡିଓ କାଢି ଜୀବନ ହାରୁଛନ୍ତି । କୋରାପୁଟ ଜିଲ୍ଲାର ଗୁପ୍ତେଶ୍ୱର, ସୁବାଇ, ନନ୍ଦପୁର, ଡୁଡୁମା, ସୁନାବେଡା, ଜଲାପୁଟ, କୋରାପୁଟ, ଦେଓମାଳି, ବାଗ୍ରା, ଗୁଲୁମି ଓ କେଚେଲାରେ ପର୍ଯ୍ୟଟନ ସ୍ଥଳୀ ରହିଛି । ଯାହାକି ଦେଖିବାକୁ ଯେତିକି ରୋମାଞ୍ଚକର, ସେତିକି ବିପଦପୂର୍ଣ୍ଣ । ଜଳପ୍ରପାତ ଗୁଡିକର ପ୍ରଖର ଜଳସ୍ରୋତ ଓ ଅକାତକାତ ପାଣି ସମ୍ପର୍କରେ ପର୍ଯ୍ୟଟକ ମାନେ ଅବଗତ ନଥାନ୍ତି । ସ୍ମୃତି ସାଉଁଟିବା ପାଇଁ ଫଟୋକାଢି ସେଲ୍‌ଫି ନେଇ ଅସାବଧାନତା ହେଲେ ଜୀବନ ବି ଚାଲିଯାଉଛି । ତେବେ ଜୁନ୍ ୨୦୨୫ ସୁଦ୍ଧା ଘରୋଇ ଓ ବିଦେଶୀ ପର୍ଯ୍ୟଟକ ଉପରୋକ୍ତ ପର୍ଯ୍ୟଟନ ସ୍ଥଳୀକୁ ୧୩ ଲକ୍ଷ

> ଘଟିଚାଲିଛି ଅଘଟଣ ପରେ ଅଘଟଣ
> ପର୍ଯ୍ୟଟକଙ୍କ ସୁରକ୍ଷା ଦାୟିତ୍ୱ କାହାର ?

୮୭ ହଜାର ୭୦୯ ଜଣ ଆସିଛନ୍ତି । ପର୍ଯ୍ୟଟକମାନେ ଜିଲ୍ଲାରେ ବିଶେଷକରି ଜଳପ୍ରପାତରେ ଅଧିକ ସମୟ କାଟନ୍ତି । ଜିଲ୍ଲାର ରାଣୀଡୁଡୁମା, ଡୁଡୁମା, ଡ୍ୟାମ ଓ ୱିଅର ମନୋଲୋଭା ଦୃଶ୍ୟକୁ ସମସ୍ତେ ଦେଖନ୍ତି ଓ ଉପଭୋଗ କରି ଆସନ୍ତି । ତେବେ ଅଘଟଣ ସଂଖ୍ୟା ମଧ୍ୟ କିଛି କମ୍ ନୁହେଁ କେବଳ ଗାଲିଗବଦର ଜଳପ୍ରପାତରେ ୨୦୨୪ରେ ୨ଜଣ, ୨୦୨୩ ଜଣେ, ୨୦୨୨ରେ ୫ଜଣ ଗୁରୁତର ହୋଇଥିବା ବେଳେ ଗତ ୧୫ ବର୍ଷ ଭିତରେ ୬୭ ଜଣଙ୍କର ଜୀବନ ଯାଇଥିବା ସୂଚନା ରହିଛି । ଡୁଡୁମାରେ ୩ ମାସରେ ୨ ଜଣଙ୍କର ମୃତ୍ୟୁ ମଧ୍ୟ ଘଟିଛି । ଗତ ଅଗଷ୍ଟ ମାସରେ ୟୁଟ୍ୟୁବର ଭାସି ଯାଉଥିବା ଦୃଶ୍ୟ ଏବେ ବି ଭାଇରାଲ ହେଉଛି । ପର୍ଯ୍ୟଟନ ବିଭାଗ ଓ ଜିଲ୍ଲା ପ୍ରଶାସନ ତରଫରୁ କିଛି କିଛି ଜାଗାରେ ସୂଚନା ଫଳକ, ବାଡ ସୁରକ୍ଷାର ବ୍ୟବସ୍ଥା, ଜୀବନ ରକ୍ଷାକାରୀ ସୁରକ୍ଷା ଗାର୍ଡ ଦିଆଯାଇଛି ବୋଲି ଜିଲ୍ଲା ପର୍ଯ୍ୟଟନ ଅଧିକାରୀ ତାଲିନା ପ୍ରଧାନ ସୂଚନା ଦେଇଛନ୍ତି । ଆଗକୁ ପୁଣି ସୁରକ୍ଷା ବ୍ୟବସ୍ଥା ପ୍ରତି ନଜର ଦିଆଯିବ ବୋଲି ସେ ଦୋହରାଇଛନ୍ତି । ପର୍ଯ୍ୟଟକ ମାନେ ଜଳପ୍ରପାତର ଅତ୍ୟନ୍ତ ଭିତରକୁ ନଯାଇ ସୁରକ୍ଷା ପ୍ରତି ବିଶେଷ ଧ୍ୟାନ ଦେବା ଦରକାର ବୋଲି ସେ କହିଛନ୍ତି । ପ୍ରକୃତିକୁ ପାଖରୁ ଉପଭୋଗ କରିଆସୁଥିବା ପର୍ଯ୍ୟଟକ ଯଦି ଅସୁରକ୍ଷିତ ଜାଗାକୁ ଯାଇ ସୋସିଆଲ ମିଡିଆରେ ଟ୍ରେଣ୍ଡ ରହିବା ପାଇଁ ଦୁଃସାହସିକ ଭାବେ ଭିତରକୁ ପସିବେ, ତେବେ ଅକାଳରେ ମୃତ୍ୟୁ ବରଣ କରିବେ । ତେଣୁ ଏପରି ଯଦି ଲାଗି ରହେ ତେବେ ଆଗାମୀ ଦିନରେ ଜିଲ୍ଲାକୁ ଆଉ ପର୍ଯ୍ୟଟକ ଆସିବେ କି ବୋଲି ମତ ପ୍ରକାଶ ପାଉଛି ।

## ଜିଲ୍ଲାପାଳ ଓ ଏସ୍‌ପିଙ୍କ ଜନଶୁଣାଣି ଶିବିର



ନବରଙ୍ଗପୁର, ୬।୧୦(ସମିସ): ନବରଙ୍ଗପୁର ଜିଲ୍ଲା ପରିଷଦ ପରିସର ସ୍ଥିତ ସମ୍ମିଳନୀ ଗୃହରେ ଜିଲ୍ଲାପାଳ ଡ ମହେଶ୍ୱର ସ୍ୱାଇଁ ଏବଂ ଆରକ୍ଷୀ ଅଧିକ୍ଷକ ମଡକର ସନ୍ଦୀପ ସମ୍ପତଙ୍କ ଯୁଗ୍ମ ଅଧ୍ୟକ୍ଷତାରେ ଏକ ଜନ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି ଶିବିରରେ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଜିଲ୍ଲା ପରିଷଦ ବିରଞ୍ଚି ନାରାୟଣ ଦରୱାନ, ଉପ ଜିଲ୍ଲାପାଳ ପ୍ରକାଶ କୁମାର ମିଶ୍ର, ଅତିରିକ୍ତ ନିର୍ବାହୀ ଅଧିକାରୀ ଜିଲ୍ଲା ପରିଷଦ ଯଦୁମଣି ନାଏକଙ୍କ ସମେତ ସମସ୍ତ ଜିଲ୍ଲା ସ୍ତରୀୟ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ । ଆଜିର ଆୟୋଜିତ ଏହି ଜନ ଶୁଣାଣି ଶିବିରରେ ମୋଟ ୩୫ ଜଣ ଆବେଦନକାରୀ ନିଜର ଅଭିଯୋଗ ପତ୍ର ଦାଖଲ ହୋଇଥିବା ବେଳେ ସେଥିମଧ୍ୟରୁ ୩୨ଟି ବ୍ୟକ୍ତିଗତ ସମସ୍ୟା ଅଭିଯୋଗ ଓ ୩ଟି ଗ୍ରାମ୍ୟ ତଥା ସାମୂହିକ ସମସ୍ୟା ସମ୍ମିଳିତ ଥିଲା । ଆଜିର ଏହି ଜନ ଶୁଣାଣି ଶିବିରରେ ମୋଟ ୪ଟି ସମସ୍ୟାର ସମାଧାନ ତତ୍କ୍ଷଣାତ କରାଯାଇଥିଲା ।

## ‘ଆମେ ଜାଣିଲେ, ଆମେ ଜିଣିବା’ କାର୍ଯ୍ୟକ୍ରମ



ସେମିଲିଗଡ଼ା,୬।୧୦ (ସମିସ): କୋରାପୁଟ ଜିଲ୍ଲା ସେମିଲିଗୁଡା ବ୍ଲକ ଦୁଧାରୀ ଗ୍ରାମପଞ୍ଚାୟତର ପୁଟସିଲ-ସାପ୍ତାମାହା ଗ୍ରାମର ବିଦ୍ୟାର୍ଥୀ, ଶିକ୍ଷୟିତ୍ରୀମାନଙ୍କୁ ନେଇ ‘ଆମେ ଜାଣିଲେ, ଆମେ ଜିଣିବା’ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମକୁ ଅବସରପ୍ରାପ୍ତ, ଶିକ୍ଷକ ସିଙ୍ଗୁରୁ ଖିଲ ଶୁଭାରମ୍ଭ କରିଥିବା ବେଳେ, ଦୁଧାରୀ ଗ୍ରାମପଞ୍ଚାୟତର ସରପଞ୍ଚ ମାଧବ ନନ୍ଦୀବାଲି ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଛାତ୍ର ଛାତ୍ରୀମାନଙ୍କୁ ଭଲ ପାଠ ପଢିବା ପାଇଁ ପରାମର୍ଶ ଦେଇଥିଲେ । ସମିତି ସଭ୍ୟା ସୁଷମା ପାଙ୍ଗି ସମ୍ମାନୀତ ଅତିଥି ଭାବେ ଯୋଗ ଦେଇ, କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରିଥିବା ଛାତ୍ର ଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ଯୁବ ସାମ୍ବାଦିକ, ସୁନାମ ହନ୍ତାଳ, ଶିକ୍ଷକ ରାଜେନ୍ଦ୍ର ସାନ୍ତା, ୱାର୍ଡ ମେମ୍ବର ମାସୁରୁ ସାନ୍ତା ଅତିଥି ଭାବେ ଯୋଗ ଦେଇଥିବା ବେଳେ, କାର୍ଯ୍ୟକ୍ରମକୁ ପ୍ରବୀର ଜାନି ପରିଚାଳନା କରିଥିଲେ । କାର୍ଯ୍ୟକ୍ରମରେ ପଞ୍ଚମ ଶ୍ରେଣୀରୁ ଆରମ୍ଭ କରି କଲେଜରେ ପଢୁଥିବା ଛାତ୍ରଛାତ୍ରୀ ମାନେ ଭାଗ ନେଇଥିଲେ ।

## ● ଜୁଆ ଆଡ୍ଡାରେ ଚଢ଼ଉ

# ଟଙ୍କା ଜବତ, ୨୦ ଜୁଆଡି ଗିରଫ



ଜୟପୁର, ୬।୧୦ (ସମିସ): କୋରାପୁଟ ଜିଲ୍ଲା ଜୟପୁର ଟାଉନ ଥାନା ଏବଂ ସଦର ଥାନା ପୁଲିସ ପକ୍ଷରୁ ଜୁଆ ଆ‡। ଉପରେ ଚଢ଼ଉ କରାଯାଇ ଜୁଆଡି ମାନଙ୍କ ଗିରଫ କରାଯାଇ ଟଙ୍କା ଜବତ କରାଯାଇଛି । ଟାଉନଥାନା ପୁଲିସ ପକ୍ଷରୁ ଗତକାଲି ରାତିରେ ସ୍ଥାନୀୟ ସୌରାସାହି ଠାରେ ଏକ ଗୃହରେ ଚାଲିଥିବା ଜୁଆ ଆ‡। ଉପରେ ଚଢଉ କରାଯାଇ ୭୯ ହଜାର ୧ଶହ ଟଙ୍କା ଜବତ କରିଥିବା ବେଳେ ୯ ଜଣ ଜୁଆଡିଙ୍କୁ ଗିରଫ କରିଥିଲେ । ସେହିପରି ସଦରଥାନା ପୁଲିସ ପକ୍ଷରୁ ଫାମ୍ପୁଣି ଗ୍ରାମ ସ୍ଥିତ ତ୍ରିନାଥ ମନ୍ଦିର ଠାରେ ଚାଲିଥିବା ଏକ ଜୁଆ ଆ‡। ଉପରେ ଚଢଉ କରାଯାଇ ୨୬ ହଜାର ୧୧୦ ଟଙ୍କା ଜବତ କରାଯାଇଛି ଏବଂ ୧୧ ଜଣ ଜୁଆଡ଼ିଙ୍କୁ ଗିରଫ କରାଯାଇ ଥାନାକୁ ଅଣାଯାଇଥିଲା । ଅନ୍ୟାନ୍ୟ କିଛି ଜୁଆଡି ଅନ୍ଧାର ସୁଯୋଗ ଦେଇ ଘଟଣା ସ୍ଥଳରୁ ଚମ୍ପଟ ମାରିଥିଲେ । ସମସ୍ତ ଜୁଆଡି ମାନଙ୍କୁ ନୋଟିସ କରାଯାଇ ଥାନାରୁ ଛଡାଯାଇଥିବା ନେଇ ଉଭୟ ଥାନାର ଅଧିକାରୀ ଉଲ୍ଲାସ ଚନ୍ଦ୍ର ରାଉତ ଏବଂ ସଦରଥାନା ଅଧିକାରୀ ସଚିନ୍ଦ୍ର ପ୍ରଧାନ ସୂଚନା ଦେଇଛନ୍ତି ।

# ଲକ୍ଷ୍ମୀପୁରରେ ରାବଣପୋଡ଼ି ଉତ୍ସବ



ଲକ୍ଷ୍ମୀପୁର,୬।୧୦(ସମିସ): କୋରାପୁଟ ଜିଲ୍ଲା ଲକ୍ଷ୍ମୀପୁର ସଦର ମହକୁମାରେ ଚଳିତ ବର୍ଷ ବିଜୟା ଦଶମୀ ସନ୍ଧ୍ୟାରେ ହୋଇ ପାରି ନ ଥିଲା ରାବଣ ପୋଡ଼ି । ପ୍ରବଳ ବର୍ଷା ଯୋଗୁଁ ରାବଣ ପୋଡ଼ି ହୋଇପାରି ନ ଥିଲା । ପରଦିନ ଅର୍ଥାତ୍ ୩ ତାରିଖ ସନ୍ଧ୍ୟାରେ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା । ପାଗ ଭଲ ଥିବାରୁ ଆତସବାଜି ପ୍ରଦର୍ଶନ ଆକର୍ଷଣୀୟ ହୋଇଥିଲା । ବ୍ଲକ ପଡିଆରେ ଏହି କାର୍ଯ୍ୟକ୍ରମ ଆୟୋଜନ ପୂଜା କମିଟି ପକ୍ଷରୁ କରାଯାଇଥିଲା । ପଡିଆ ଜନ ଗହଳିରେ ଭରି ଯାଇଥିଲା । ଅତି ସୁନ୍ଦର ସୁନ୍ଦର ବାଣର ଝିଲିମିଲି ଆଲୋକ ଦେଖି ଦର୍ଶକ ଦୀର୍ଘ ୩ଘଣ୍ଟା ପର୍ଯ୍ୟନ୍ତ ନିଜ ପରିବାର ସହିତ ଖୁସି ମନାଇ ଥିଲେ । ପୂର୍ବ କାଳରୁ ଚାଲି ଆସିଥିବା ଏହି ପ୍ରଥା ପାଳନ ହୋଇ ଆସୁଛି । ମା ଙ୍କ ଦର୍ଶନ ସହ ରାବଣପୋଡ଼ି ଉତ୍ସବ ଶ୍ରଦ୍ଧାଳୁ ଆନନ୍ଦ ଦେଇଥାଏ । ଲୋକଙ୍କ ଭିଡ ଦେଖି ପୋଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇ ଥିଲା । ଏହି ଉତ୍ସବରେ ସ୍ଥାନୀୟ ନେତାଙ୍କ ସମେତ ପୂଜା କମିଟିର ସଦସ୍ୟ ମାନେ ଉପସ୍ଥିତ ଥିଲେ । କମିଟି ପକ୍ଷରୁ ଏଭଳି ଆୟୋଜନକୁ ସାଧାରଣରେ ପ୍ରଶଂସା କରାଯାଇଛି ।

# ଜିଲ୍ଲାପାଳଙ୍କ ମିଳିତ ଅଭିଯୋଗ ଶୁଣାଣି ଶିବିର



ନନ୍ଦପୁର,୬।୧୦(ସମିସ): ନନ୍ଦପୁର ପଞ୍ଚାୟତ ସମିତି କାର୍ଯ୍ୟାଳୟ ସ୍ଥିତ ସହିଦ୍ ଲକ୍ଷ୍ମଣ ନାୟକ ସଭାଗୃହରେ ଜିଲ୍ଲାପାଳଙ୍କ ମିଳିତ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଉପଜିଲ୍ଲାପାଳ ପ୍ରେମଲାଲ ହିଆଲ, ଆରକ୍ଷୀ ଅଧିକ୍ଷକ ରୋହିତ ବର୍ମା, ଏଡିଏମ ତପନ ନାୟକ, ସିଡିଓ ବେଣୁଧର ଶବର, ଉପଖଣ୍ଡ ଆରକ୍ଷୀ ନିରୀକ୍ଷକ ଦେବେନ୍ଦ୍ର ମଲ୍ଲିକ, ତହସିଲଦାର ଦେବବ୍ରତ ମହାରଣା ପ୍ରମୁଖ ଯୋଗଦେଇ ଅଞ୍ଚଳବାସୀଙ୍କ ବିଭିନ୍ନ ସମସ୍ୟାର ଅଭିଯୋଗ ଶୁଣାଣି କରିଥିଲେ । ତେବେ ମୋଟ ଅଭିଯୋଗ ୩୯ଟି ଅଭିଯୋଗ ମଧ୍ୟରୁ ୧୯ଟି ବ୍ୟକ୍ତିଗତ ସହ ୨୦ଟି ଅଭିଯୋଗ ସାମୁହିକ ଅଭିଯୋଗ ଶୁଣାଣିକରିଥିଲେ । ଏହିଅବସରରେ ନନ୍ଦପୁର ବ୍ଲକର ସାମାଜିକ କର୍ମୀ ଆକାଶ ଖିଲ ସୀମାନ୍ତ ପାଙ୍ଗୁ ଲୁଙ୍ଗ ଗ୍ରାମ ପଞ୍ଚାୟତର ଶିକ୍ଷା ସ୍ୱାସ୍ଥ୍ୟ, ଗମନା ଗମନ ସହ ଉନ୍ନୟନ ମୂଳକ କାର୍ଯ୍ୟ ତ୍ୱରାନ୍ୱିତ ନେଇ ଅଭିଯୋଗ ପ୍ରକଷ୍ଟରେ ଲିଖିତ ଜଣାଇଥିଲେ । ଏହି ଶିବିରରେ ଜିଲ୍ଲାସ୍ତରୀୟ ବିଭିନ୍ନ ବିଭାଗୀୟ ଅଧିକାରୀ ଓ କମଚାରୀ ଯୋଗ ଦେଇଥିବା ବେଳେ ନନ୍ଦପୁର ସ୍ୱାସ୍ଥ୍ୟ ଅଧିକାରୀ ଧ୍ରୁବରାଜ ମୁର୍ମୁ, ଏଇଇ ଯଶକେତନ ବେହେରା, ବ୍ଲକ ଅଧକ୍ଷା ସାବିତ୍ରୀ କର୍ତୁଲ ଏବଂ ବିଭିନ୍ନ ବିଭାଗୀୟ ଅଧିକାରୀ ସମୂହ ଉପସ୍ଥିତ ରହି ସ୍ଥାନୀୟ ଲୋକଙ୍କ ଅଭିଯୋଗ ସବୁ ଗ୍ରହଣ କରି ତାହାର ବିହିତ ସମାଧାନ ଦିଗରେ ପଦକ୍ଷେପ ନେବାକୁ ଦିଶା ନିର୍ଦ୍ଦେଶ ଜାରି କରିଥିଲେ । ଆଜି ନନ୍ଦପୁର ବ୍ଲକ ଅନ୍ତର୍ଗତ ବିଭିନ୍ନ ପଞ୍ଚୟତରୁ ନିଜ ନିଜ ଅଞ୍ଚଳର ସମସ୍ୟା ସବୁ ଲିଖିତ ଆକାରରେ ଜିଲ୍ଲାପାଳଙ୍କ ଅବଗତି ନିମନ୍ତେ ପୈଠ କରିଥିଲେ । ପଞ୍ଜିକୃତ ସମୁଦାୟ ୩୯ଟି ଅଭିଯୋଗ ମଧ୍ୟରୁ ୧୯ଟି ବ୍ୟକ୍ତିଗତ ଓ ୨୦ଟି ସାମୂହିକ ଅଭିଯୋଗ ଗ୍ରହଣ କରାଯାଇଥିଲା । ଅଭିଯୋଗ ଗୁଡ଼ିକୁ ଜନଶୁଣାଣି ପୋର୍ଟାଲରେ ପଞ୍ଜୀକୃତ କରି ଏକ ନିର୍ଦ୍ଦିଷ୍ଟ ସମୟ ସୀମା ମଧ୍ୟରେ ଅଭିଯୋଗ ଗୁଡ଼ିକର ସମାଧାନ କରିବାକୁ ପ୍ରାଥମିକତା ଦିଆଯିବ ବୋଲି ଅତିରିକ୍ତ ଜିଲ୍ଲା ମାଜିଷ୍ଟ୍ରେଟ ଶ୍ରୀ ନାୟକ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି ।

# ଧନସୁଲି ପ୍ରାଥମିକ ବିଦ୍ୟାଳୟ ଗୃହ ଶୋଚନୀୟ

ପାପଡାହାଣ୍ଡି,୬।୧୦ (ସମିସ): ଜରାଜୀର୍ଣ୍ଣ ଅବସ୍ଥାରେ ଭଟା ଧନସୁଲି ପ୍ରାଥମିକ ବିଦ୍ୟାଳୟ । ବର୍ଷା ହେଲେ ଶ୍ରେଣୀ ଗୃହରେ ଗଳୁଛି ବର୍ଷା ପାଣି । ଫଳରେ ଛାତ୍ରଛାତ୍ରୀ ଶ୍ରେଣୀ ଗୃହରେ ନ ବସି ବାହାର ବାରଣ୍ଡାରେ ବସି ପାଠ ପଢୁଛନ୍ତି । ଭଙ୍ଗା ଘରେ ଚାଲିଛି ପିଲାଙ୍କ ଶିକ୍ଷା ଦାନ । ଛାତ ଫାଟିବା ସହ ବର୍ଷା ହେଲେ ପାଣି ଗଳୁଛି । ପ୍ଲାଷ୍ଟର ଖସି ପିଲାଙ୍କ ଉପରେ ପଡୁଛି । ବିପଦ ସଂକୁଳ ଅବସ୍ଥାରେ ଚାଲିଛି ପିଲାଙ୍କ ପାଠପଢା । ଶିକ୍ଷା ବିଭାଗ ନିରବ । ଏହି ବିଦ୍ୟାଳୟରେ ନାହିଁ ରୋଷେଇ ଶାଳ । ଯଦ୍ୱାରା ବିଦ୍ୟାଳୟର ଶ୍ରେଣୀ ଗୃହ ପାଲଟିଛି ରୋଷେଇଶାଳ । ମୁଖ୍ୟ ରାସ୍ତା ପାର୍ଶ୍ୱରେ ଏହି ବିଦ୍ୟାଳୟ ଅବସ୍ଥିତ । ରାସ୍ତା ସାମ୍ନାରେ ପାଚେରୀ ଥିବା ବେଳେ ବଳକା ତିନି ପାଶ୍ୱର୍ ରେ ନାହିଁ ବାଉଣ୍ଡ୍ରି କାନ୍ଥ ନାହିଁ । ଯାହାଫଳରେ ନାନା ପ୍ରକାର ଜୀବଜନ୍ତୁ ବିଦ୍ୟାଳୟ ପରିସରରେ ପଶି ଆସୁଛନ୍ତି । ଏପରି ଅବସ୍ଥା ଦେଖିବାକୁ ମିଳିଛି ପାପଡାହାଣ୍ଡି ବ୍ଲକ ପାତ୍ରୀ ପଞ୍ଚାୟତ ପ୍ରାଥମିକ ବିଦ୍ୟାଳୟ ଭଟା ଧନସୁଲି ଠାରେ । ବାଲ ବାଟିକାରୁ ପଞ୍ଚମ ପର୍ଯ୍ୟନ୍ତ ୫୯ଜଣ ପିଲା ପଢ଼ନ୍ତି । ପିଲାଙ୍କ ପାଇଁ ନାହିଁ ଆବଶ୍ୟକ ଶ୍ରେଣୀ ଗୃହ । ଦୁଇଟି କୋଠରୀରେ ଏକାଧିକ ଶ୍ରେଣୀ ପିଲାଙ୍କୁ ବସାଇ ପଢ଼ାଯାଉଛି । ପ୍ରଧାନ ଶିକ୍ଷକ କକ୍ଷ ସହ ଅନ୍ୟ ଦୁଇଟି ଶ୍ରେଣୀର ଛାତ ଫାଟିବା ସହ ପ୍ଲାଷ୍ଟର ଖସୁଛି । ରୋଷେଇ ଘର ବି ଭଙ୍ଗା ଦଦରା ଅବସ୍ଥାରେ ରହିଥିବାରୁ ଶ୍ରେଣୀ ବାରଣ୍ଡାରେ ରୋଷେଇ ହେଉଛି । ବିଦ୍ୟାଳୟର ପାଚେରି ବି ନାହିଁ । ୨ଜଣ ଶିକ୍ଷକକୁ ନେଇ ଚାଲିଛି ଶିକ୍ଷାଦାନ । ପ୍ରଧାନ ଶିକ୍ଷୟତ୍ରୀ କୁନ୍ତଳା ହରିଜନ ଏ ନେଇ ବିଭାଗୀୟ ଅଧିକାରିଙ୍କୁ ଅବଗତ କରିଥିବା କହିଛନ୍ତି । ଭଲ କୋଠା ନିର୍ମାଣ ଲାଗି ଅଭିଭାବକ ସହ ଗ୍ରାମବାସୀ ଦୀର୍ଘ ଦିନ ଧରି ଦାବି କରିଆସୁଛନ୍ତି । ବିଦ୍ୟାଳୟଟି ବର୍ତମାନ ବିପଦସଂକୁଳ ହୋଇଥିବାରୁ କିଛି ବି ଅଘଟଣ ଘଟିବା ଆଶଙ୍କା ରହିଛି । ଏଥିପ୍ରତି ପ୍ରଶାସନ ନଜର ଦେବକୁ ଦାବି ହେଉଛି । ନଚେତ୍ ଆଗାମୀ ଦିନରେ କିଛି ଅଘଟଣ ଘଟିଲେ ପ୍ରଶାସନ ଦାୟୀ ରହିବ ବୋଲି ଗ୍ରାମବାସୀ କହିଛନ୍ତି ।

# କୁମାରୀଙ୍କ ପୂଜାରେ ଯୋଗଦେଲେ ପୂର୍ବତନ ସାଂସଦ



ଚନ୍ଦାହାଣ୍ଡି,୬।୧୦(ସମିସ): ନବରଙ୍ଗପୁର ଜିଲ୍ଲାର ଚନ୍ଦାହାଣ୍ଡି ବ୍ଲକ ଅନ୍ତର୍ଗତ ବଜାରପଡ଼ିଆ, ପୁରୁଣା ଯାଦବ ମାଝୀ ବସ୍‌ଷ୍ଟାଣ୍ଡ ଠାରେ ଡ୍ରାଇଭର ସଂଘ ଚନ୍ଦାହାଣ୍ଡି ଏବଂ ମୋତିଗାଁ ପକ୍ଷରୁ ମା’ ଦୁର୍ଗାଙ୍କ ପୂଜା ହୋଇଥିଲା । ପାନାବେଡା ଅଞ୍ଚଳରେ ମା’ ଖମ୍ବେଶ୍ୱରୀ, ମା’ ଖଲିଗଡେନ ଏବଂ ମା’ ଭଣ୍ଡାରୁଣୀଙ୍କ ସମେତ ଅଞ୍ଚଳର ଅନ୍ୟାନ୍ୟ ଦେବଦେବୀଙ୍କ ଦଶହରା ପୂଜା ଅନୁଷ୍ଠିତ ହୋଇଥିଲା । ଦଶହରା ସହ ବର୍ତ୍ତମାନ ପାନାବେଡ଼ା ଅଞ୍ଚଳର ପ୍ରତ୍ୟେକ ଗ୍ରାମର କୁମାରୀ କନ୍ୟା ମାନଙ୍କ ଦ୍ୱାରା ଭାଇ ମାନଙ୍କ ଶୁଭମନାସୀ ଭାଇଜିଉଁନ୍ତିଆ ପୂଜା ଅନୁଷ୍ଠିତ ହୋଇଥିଲା । ଏହି ପୂଜା କାର୍ଯ୍ୟକ୍ରମ ଗୁଡିକରେ ମହାଳୟା ଦେବୀଙ୍କ ପୂଜା ସହିତ ଆରମ୍ଭ ହୋଇଥିବା ଏହି ପୂଜା ନବରାତ୍ରିର ନବ ଦିନ ଧରି ଅନୁଷ୍ଠିତ ହୋଇ ଦଶମୀରେ ବିସର୍ଜନ ସହିତ ସମାପ୍ତ ହୋଇଥିଲା । ପ୍ରତି ଗ୍ରାମରେ ମହାମାୟାଙ୍କ ଦଶହରା ପୂଜା ପ୍ରସନ୍ନତା ପାଇଁ ଘଟଷ୍ଟକ୍ରମ, କଳସ ସ୍ଥାପନା ସହ ଦିବ୍ୟ ଆରତି ଓ ପ୍ରତ୍ୟେକ ଦିନର ପୂଜା ଅନୁଷ୍ଠିତ ହୋଇଥିଲା । ଗ୍ରାମବାସୀମାନେ ଏହି ଉତ୍ସବରେ ଅଂଶଗ୍ରହଣ କରିଥିଲେ । ଏହି କାର୍ଯ୍ୟକ୍ରମରେ ପୂର୍ବତନ ମନ୍ତ୍ରୀ ତଥା ପୂର୍ବତନ ସାଂସଦ ରମେଶ ଚନ୍ଦ୍ର ମାଝୀ ସାମିଲ ହୋଇ ଆଶୀର୍ବାଦ ଭିକ୍ଷା କରିଥିଲେ ।

## ଅସୁସ୍ଥ ସାମ୍ବାଦିକଙ୍କୁ ଭେଟିଲେ ପୂର୍ବତନ ବିଧାୟକ



ଚନ୍ଦାହାଣ୍ଡି, ୬।୧୦(ସମିସ): ନବରଙ୍ଗପୁର ଜିଲ୍ଲା ଚନ୍ଦାହାଣ୍ଡି ବ୍ଲକ ପ୍ରେସ୍ କ୍ଲବର ସଭାପତି ତଥା ବରିଷ୍ଠ ସାମ୍ବାଦିକ ଦିଲ୍ଲୀପ କୁମାର ଦାସ ଯକୃତ ଜନିତ ରୋଗରେ ପୀଡିତ ହୋଇ ଭୁବନେଶ୍ୱରର ଏକ ବେସରକାରୀ ଚିକିତ୍ସାଳୟରେ ଚିକିତ୍ସିତ ହେଉଛନ୍ତି । ଆଜି ପୂର୍ବତନ ଝରୀଗାଁ ବିଧାୟକ ଇଂ ପ୍ରକାଶ ଚନ୍ଦ୍ର ମାଝୀ ଚିକିତ୍ସିତ ହେଉଥିବା ଘରୋଇ ଡାକ୍ତରଖାନାକୁ ଯାଇ ଶ୍ରୀଦାସଙ୍କ ସହ ସାକ୍ଷାତ କରିବା ସହ ତାଙ୍କ ସ୍ୱାସ୍ଥ୍ୟବସ୍ଥା ପଚାରି ବୁଝି ଥିଲେ ଏବଂ ତାଙ୍କର ଆଶୁ ଆରୋଗ୍ୟ କାମନା କରିଥିଲେ ।

# ତାଲା ଭଙ୍ଗି ଲକ୍ଷାଧିକ ଟଙ୍କାର ଟାୟାର ଚୋରି

ଜୟପୁର, ୬।୧୦ (ସମିସ): ଜୟପୁର ସହରରେ ପ୍ରତ୍ୟେକ ଦିନ ଚୋରି ହେଉଥିବା ନେଇ ଥାନାରେ ଅଭିଯୋଗ ହେଉଛି । ଏହିପରି ଗତକାଲି ରାତିରେ ସ୍ଥାନୀୟ ହାଟପଦା ନିକଟସ୍ଥ ଏକ ଟାୟର ବିକ୍ରି ଦୋକାନର ସଟର୍ର ତାଲାଭାଙ୍ଗି ସୋରୁମରୁ କାଉଣ୍ଟରରୁ ୧୫ ହଜାର ଟଙ୍କା, ଗୋଟିଏ ଲ୍ୟାପ୍‌ଟପ ଏବଂ ୪ଟି ନୂଆ ଟାୟାର ଚୋରିକରିଥିବା ବେଳେ ପଛପାଖ ଗୋଦାମ ସର୍ଟର ଗୃହରୁ ୩୦ଟି ଟାୟାର ଚୋରି କରିଥିବା ନେଇ ଦୋକାନର ମାଲିକ ଆର. ଶ୍ରୀନୁ ଆଜି



ଥାନାରେ ଲିଖିତ ଅଭିଯୋଗ କରିଛନ୍ତି । ପୁଲିସ ଘଟଣାସ୍ଥଳରେ ପହଞ୍ଚି ସିସି କ୍ୟାମେରା ସହାୟତାରେ ତଦନ୍ତ ଆରମ୍ଭ କରିଛନ୍ତି । ଏହିପରି ପୁଲିସ ସନ୍ଧାନୀ କୁକୁର ସହାୟତାରେ ତଦନ୍ତ କରାଯିବ ବୋଲି ଥାନା ପକ୍ଷରୁ ପ୍ରକାଶ କରାଯାଇଛି । ସମୁଦାୟ ଚୋରି ଟାୟାର ଏବଂ ସାମଗ୍ରୀର ମୂଲ୍ୟ ପ୍ରାୟ ୪ରୁ ୫ ଲକ୍ଷ ଟଙ୍କା ବୋଲି ଅଭିଯୋଗକାରୀ ଦୋକାନର ମାଲିକ କହିଛନ୍ତି । ଜୟପୁର ସହରରେ ଗୃହର ତାଲା ଭାଙ୍ଗି ଚୋରି ସହ ଏହିପରି ଦୋକାନ ଗୁଡିକର ତାଲା ଭାଙ୍ଗି ଚୋରି ହେଉଥିବା ବେଳେ ବର୍ତ୍ତମାନ ବଡ ଦୋକାନର ବଡ଼ ବଡ଼ ସାମଗ୍ରୀ ଚୋରି କରୁଥିବା ନେଇ ପୁଲିସର ମୁଣ୍ଡବିନ୍ଧାର କାରଣ ପାଲଟିଛି ।

# ପାରମ୍ପରିକ ଦଶହରାରେ ଲାଖବିନ୍ଧା ପ୍ରଦର୍ଶନ



କୁନ୍ଦୁରା, ୬।୧୦(ସମିସ): କୁନ୍ଦୁରା ବ୍ଲକ ଆସନା ପଞ୍ଚାୟତ ସଦର ଉଦଳଗୁଡ଼ା ଠାରେ ପାଳିତ ହୋଇଛି ପାରମ୍ପରିକ । ଏହି ଦଶହରା ୧୯୭୦ ମସିହାରୁ କ୍ରମାଗତ ଭାବେ ଅନୁଷ୍ଠିତ ହୋଇ ଆସୁଛି । ପୂଜା ପରିଚାଳନା କମିଟି ଉଦଳଗୁଡା ଗ୍ରାମବାସୀ ଏହାକୁ ବହୁ ସୁରୁଖୁରୁରେ ପରିଚାଳନା କରିଛନ୍ତି । ତତ୍କାଳୀନ ସରପଞ୍ଚ ସ୍ୱର୍ଗତ ପୀତାମ୍ବର ଦାସ ଆରମ୍ଭ କରିଥିଲେ ଦଶହରା । ଗାଁ ଠାକୁରାଣୀ ସ୍ୱର୍ଗତ ଦାସଙ୍କୁ ଠାକୁରାଣୀ ପିଠରେ ମନ୍ଦିର ନିର୍ମାଣ ଓ ଦଶହରା ପାଳନ ନିମନ୍ତେ ସ୍ୱପ୍ନାଦେଶ ଦେଇଥିଲେ । ସେ ଦିନ ଥିଲା ଦଶହରା ମାସ ତ୍ରୟୋଦଶୀ ତିଥି । ସେ ମାଙ୍କ ଆଦେଶ ପାଳନ କରି ତୁରନ୍ତ ପୂଜାର୍ଚ୍ଚନା କରିଥିଲେ ଓ ତା ପର ବର୍ଷଠାରୁ ଦଶହରା ଅନୁଷ୍ଠିତ ହୋଇ ଆସୁଛି । ପାରମ୍ପରିକ ବିଧି ପ୍ରକାରେ ତ୍ରୟୋଦଶୀ ଦିନ ଅପରାହ୍ନରେ ଶ୍ରୀ ଦାସଙ୍କ ଘରେ ପ୍ରଥମେ ମାତା ଦୂର୍ଗାଙ୍କ ଫୋଟ ଚିତ୍ରରେ ପୂଜା କରାଯାଏ । ପରେ ଗାଁ ଠାକୁରାଣୀଙ୍କ ନିକଟରୁ ଆଜ୍ଞାମାଳ ଅଣାଯାଏ । ଆଜ୍ଞାମାଳ ଆସିବା ପରେ ସନ୍ଧ୍ୟା ୯ ଟା ପରେ ମାତା ଦୁର୍ଗାଙ୍କୁ ବହୁ ଆଡ଼ମ୍ବରରେ, ମହୁରିଆ ବାଦ୍ୟ, ଶିରାଲାଠି, ପଟୁଆର ଦ୍ୱାରା ଗାଁ ର ଶେଷ ମୁଣ୍ଡରେ ଥିବା ପୀଠକୁ ନିଆଯାଏ । ଦେବୀପୀଠରେ ପୂଜାର୍ଚ୍ଚନା କରି ଗ୍ରାମଦେବୀ ଓ ମା ଦୂର୍ଗାଙ୍କ ନୂତନ ପରିଧାନ ବସ୍ତ୍ର ଅଦଳ ବଦଳ ହୁଏ । ପୁଣି ଥରେ ଦେବୀ ପୀଠରୁ ପଟୁଆର ମାଧ୍ୟମରେ ଗାଁ ପରିକ୍ରମା ସାରି ଶ୍ରୀ ଦାସଙ୍କ ପରିବାର ପରିସରରେ ପୂଜା ସ୍ଥଳକୁ ଯାଇ ଜାତି ଧର୍ମ ବର୍ଣ୍ଣ ନିର୍ବିଶେଷରେ ଭକ୍ତଙ୍କ ଦର୍ଶନ ଉଦ୍ଦେଶ୍ୟରେ ପୂଜା ପାଆନ୍ତି । ଅଞ୍ଚଳର ବିଭିନ୍ନ ସ୍ଥାନରୁ ଆସିଥାଏ ଶିରା ଲାଠି । ଲାଠି ରଖି ପୂଜା କରିବା ପାଇଁ ଏକ ସ୍ୱତନ୍ତ୍ର ସ୍ଥାନ ରହିଅଛି । ସେଠାରେ ହିଁ ସବୁ ବର୍ଷ ଆସିଥିବା ଲାଠି ପୂଜା ପାଆନ୍ତି । ଲାଠି ପୂଜା ପରେ ପଟୁଆର ସହ ଗାଁ ପରିକ୍ରମା କରେ ଶିରା ଲାଠି । ଯାତ୍ରା ସମାପନ ପରେ ସମସ୍ତ ଲାଠିକୁ ପୂର୍ବ ପ୍ରଚଳିତ ରୀତିନୀତି ପ୍ରକାରେ ବିଦାୟ ଦିଆଯାଏ । ୧୯୭୦ ମସିହାରେ ଯେତେବେଳେ ଏହି ଦଶହରା ଆରମ୍ଭ ହେଲା ସେ ସମୟରେ ଅବିଭକ୍ତ ଆସନା ପଞ୍ଚାୟତ ଯଥା ବର୍ତ୍ତମାନର କେରମେଟି ଓ ଫୁଲଭଟ୍ଟା ପଞ୍ଚାୟତ ଏକତ୍ର ଭାବେ ଥିଲା । ସେ ସମୟର ୱାଡର୍ ସଭ୍ୟ ଓ ଗାଁ ମୁଖିଆ ସମୁଦ ନାୟକ, ଉଦ୍ଧବ ମାଝୀ, ମାଧବ କଟ୍ରି, ଘାସି ଜାନି, ଆତ୍ମ ମହୁରିଆ, ସନା ସଗରିଆ, ସାମ ଦୁରୁଆ, ପାଣ୍ଡୁ ଦୁରୁଆ, ସାମ ପୂଜାରୀ, ମାଧବ ବାରିକ, ରାମଚନ୍ଦ୍ର ଗଉଡ, ଅର୍ଜୁନ ପୂଜାରୀ, ପରମାନନ୍ଦ ପୂଜାରୀ, ସହଦେବ ପୂଜାରୀ ପ୍ରମୁଖଙ୍କ ସହଯୋଗରେ ଆରମ୍ଭ ହୋଇଥିଲା । ସେବେ ଠାରୁ ଆଜି ପର୍ଯ୍ୟନ୍ତ ୫୬ ବର୍ଷ ଧରି କ୍ରମାଗତ ଭାବେ ପାଳନ ହୋଇ ଆସୁଛି । ବ୍ଲକରେ ବହୁ ପୁରାତନ ଓ ମୁଖ୍ୟ ଦଶହରା ପରେ ଅନୁଷ୍ଠିତ ହେଉ ଥିବାରୁ କୁନ୍ଦୁରା ସମେତ ବୈପାରିଗୁଡା, କୋଟପାଡ, ଛତିଶଗଡ଼ ଆଦି ଅଞ୍ଚଳରୁ ହଜାର ହଜାରରୁ ଲୋକଙ୍କ ସମାଗମ ହୁଏ । ପ୍ରାରମ୍ଭରୁ ସ୍ୱତନ୍ତ୍ର ଅତିଥି ନିମନ୍ତ୍ରଣର ପରମ୍ପରା ରହିଛି ପ୍ରଥମେ ବ୍ଲକ ମୁଖିଆ ଭାବେ ବ୍ଲକ ଅଧ୍ୟକ୍ଷ, ଅଧ୍ୟକ୍ଷାଙ୍କୁ ନିମନ୍ତ୍ରଣ କରାଯାଉଥିଲା । ସମୟ ବଦଳିଛି ବର୍ତ୍ତମାନ ବ୍ଲକ ଅଧ୍ୟକ୍ଷ ସହିତ ସ୍ଥାନୀୟ ବିଧାୟକ, ସାଂସଦଙ୍କୁ ନିମନ୍ତ୍ରଣ କରାଯାଉଛି । ଆଜି ମଧ୍ୟ ବିଧାୟକ ରୂପୁ ଭତରା, ଜିଲ୍ଲା ପରିଷଦ ଉପାଧ୍ୟକ୍ଷ ରାଧା ବିନୋଦ ସାମନ୍ତରାୟ, ବରିଷ୍ଠ କଂଗ୍ରେସ ନେତା ଅନାମ ଦିଆନ ପ୍ରମୁଖଙ୍କ ସହ ବ୍ଲକ ସ୍ତରୀୟ ରାଜନୈତିକ ଦଳର ନେତା ଯୋଗ ଦେଇଥିଲେ । ଲୋକଙ୍କ ମନୋରଞ୍ଜନ ପାଇଁ ଦୁଇଟି ନାଟକ ହୋଇଥଲା । ଚଳିତ ପରମ୍ପରା ଅନୁସାରେ ଯାତ୍ରା ଶେଷ ହେବା ପରେ ଲାଖ ବିନ୍ଧା କାର୍ଯକ୍ରମ ହୋଇଥଲା । ଏକ ଗଛରେ ୧୫୦ ଫୁଟରୁ ଅଧିକ ବାଉଁଶ ଲାଠିରେ ଏକ ବାଇଗଣକୁ ଝୁଲାଇ ରଖାଯାଇଥିଲା । ଲାଖ ବିନ୍ଧିବାକୁ କୁନ୍ଦୁରା, ବୈପାରିଗୁଡ଼ା ଓ କୋଟପାଡ଼ ଆଦି ଅଞ୍ଚଳରୁ ଦକ୍ଷ ବିନ୍ଧାଳି ଅଂଶଗ୍ରହଣ କରିଥିଲେ । ଆଜିର ଏହି ଯାତ୍ରାର ମୁଖ୍ୟ ଆକର୍ଷଣ ଥିଲା ଲାଖବିନ୍ଧା । ଏଥିରେ ଆସନା ପଞ୍ଚାୟତ ଚାଞ୍ଚରାଗୁଡ଼ାର ତୁଳା ଦୁରୁଆ ସଫଳ ହୋଇଥିଲେ, ତାଙ୍କୁ ଯାତ୍ରା କମିଟି ପକ୍ଷରୁ ଉପଦୌଜନ ଦେଇ ସମ୍ମାନିତ କରାଯାଇଥିଲା । ମୁଖ୍ୟ ଦଶହରା ବର୍ଷା ଯୋଗୁଁ ପ୍ରଭାବିତ ହୋଇଥିଲା ତେଣୁ ଅନ୍ୟ ବର୍ଷ ମାନଙ୍କ ତୁଳନାରେ ଚଳିତ ବର୍ଷ ୨୦ ହଜାରରୁ ଅଧିକ ଲୋକଙ୍କ ସମାଗମ ହୋଇଥିଲା । ଏ ଅବସରରେ ଉଠା ଦୋକାନ ପସରା ବସିଥିଲା । ବହୁ ଆନନ୍ଦ ଉଲ୍ଲାସରେ ସମାପନ ହୋଇଛି ଯାତ୍ରା । ବିଦ୍ୟୁତ ବିଭାଗ ସହଯୋଗ କରିଥିବା ବେଳେ ଥାନା ଅଧିକାରୀ ଅଶ୍ୱନୀ ପଟ୍ଟନାୟକଙ୍କ ନେତୃତ୍ୱରେ ପୁଲିସ୍ ଫୋର୍ସ ଓ ଥାନା ଟିମ୍ ମୁତୟନ ଥିଲେ । ଶାନ୍ତି ଶୃଙ୍ଖଳାର ସହ ଯାତ୍ରା ଶେଷ ହୋଇଥିବା କହିଛନ୍ତି ଥାନା ଅଧିକାରୀ ।

## ପୁନର୍ବାସ ଯୋଜନାରେ ଅନୁକମ୍ପା ନିଯୁକ୍ତିରୁ ୪୦୦ରୁ ଊର୍ଦ୍ଧ୍ୱ ବଞ୍ଚିତ

# କାର୍ଯ୍ୟକାରୀ ହେଉନି ସର୍ବୋଚ୍ଚ ନ୍ୟାୟାଳୟଙ୍କ ଆଦେଶ



### ଜନଶୁଣାଣିରେ ଜିଲ୍ଲାପାଳଙ୍କୁ ଗୁହାରି କଲେ ଆବେଦନକାରୀ

**ବାରିପଦା, ୬ ।୧୦(ସମିସ)**

ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ମୟୂରଭଞ୍ଜ ଜିଲ୍ଲାରେ ପୁନର୍ବାସ ଯୋଜନାରେ ଅନୁକମ୍ପା ମୂଳକ ନିଯୁକ୍ତି ପାଇଁ ଆଶାୟୀ ବା ଆବେଦନକାରୀ ଉପେକ୍ଷିତ ରହିଛନ୍ତି। ପ୍ରମାଣପତ୍ରର ଓ ସମସ୍ତ ଆବଶ୍ୟକୀୟ କାଗଜପତ୍ର ଯାଞ୍ଚ ହେବାର ଇତିମଧ୍ୟରେ ୬ମାସ ବିତିଥିଲେ ହେଁ ଜିଲ୍ଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ସେମାନଙ୍କ ନିଯୁକ୍ତି ଦିଆଯାଉ ନ ଥିବାରୁ ଏକ ପ୍ରତିନିଧି ଦଳ ସୋମବାର ବାରିପଦାରେ ଅନୁଷ୍ଠିତ ମିଳିତ ଜନଶୁଣାଣି ଶିବିରେ ଜିଲ୍ଲାପାଳଙ୍କୁ ସାକ୍ଷାତ କରି ନ୍ୟାୟ ପାଇଁ ଗୁହାରି କରିଛନ୍ତି। ମୟୂରଭଞ୍ଜ ଜିଲ୍ଲାର ପ୍ରାୟ ୪୦୦ ଯୁବକଯୁବତୀ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ପୁନର୍ବାସ ଯୋଜନାରେ ନିଯୁକ୍ତି ପାଇଁ ଆବେଦନ କରିଛନ୍ତି। ସର୍ବୋଚ୍ଚ ନ୍ୟାୟାଳୟ ଚଳିତ ବର୍ଷ ଅପ୍ରେଲ ୪ ତାରିଖରେ ପ୍ରଦାନ କରିଥିବା ଆଦେଶ ଅନୁସାରେ ଶିକ୍ଷା ବିଭାଗରେ କାର୍ଯ୍ୟରତ ଅଭିଭାବକଙ୍କ ଅକାଳ ମୃତ୍ୟୁ ଘଟିଲେ ତାଙ୍କ ପରିବାରର ଜଣଙ୍କୁ ପୁନର୍ବାସ ଯୋଜନାରେ ଯୋଗ୍ୟତା ଆଧାରରେ ଅନୁକମ୍ପା ମୂଳକ ନିଯୁକ୍ତି ଦିଆଯିବା ନେଇ ରାୟ ପ୍ରକାଶ ପାଇଛି। ତଦନୁସାରେ ମୟୂରଭଞ୍ଜ ଜିଲ୍ଲାର ୪୦୦ରୁ ଊର୍ଦ୍ଧ୍ୱ ଆବେଦନକାରୀ ସେମାନଙ୍କ ଆବଶ୍ୟକ ପ୍ରମାଣପତ୍ର ସହିତ ନିଯୁକ୍ତି ପାଇଁ ଆବେଦନ କରିଥିଲେ। ସମସ୍ତଙ୍କ ପ୍ରମାଣପତ୍ର ଯାଞ୍ଚ କରାଯାଇ ଜିଲ୍ଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଏକ ତାଲିକା ମଧ୍ୟ ପ୍ରସ୍ତୁତ ହୋଇଥିଲେ ହେଁ ୬ ମାସ ବିତିବା ପରେ ବି ହାରିକୁ ନିଯୁକ୍ତି ଦିଆଯାଉନାହିଁ। ଅପରପକ୍ଷରେ ସମାନ ଆଦେଶକୁ ଆଧାର କରି କଟକ ଓ ଭଦ୍ରକ ଜିଲ୍ଲାରେ ସମ୍ପୃକ୍ତ ଜିଲ୍ଲାର ଆବେଦନକାରୀଙ୍କୁ ନିଯୁକ୍ତି ପ୍ରଦାନ କରାଗଲାଣି। ଯାହାର ସରକାରୀ ଚିଠିର ଏକକିତା ନକଲ ଦାଖଲ କରି ଆବେଦନକାରୀଙ୍କ ପକ୍ଷରୁ ଜିଲ୍ଲା ଜିଲ୍ଲା ମଧ୍ୟରେ ପାତରଅନ୍ତର ଘଟଣା ସମ୍ପର୍କରେ ଜିଲ୍ଲାପାଳ ଦ୍ୱାରସ୍ଥ ହୋଇ ସଭିଏଁ ନ୍ୟାୟ ଆଶା ରଖିଛନ୍ତି। ଯଥାଶୀଘ୍ର ନିଯୁକ୍ତି ପ୍ରକ୍ରିୟା ଆରମ୍ଭ ପାଇଁ ସମସ୍ତେ ଦାବି କରିଛନ୍ତି। ପ୍ରତିନିଧି ଦଳରେ ସତ୍ୟ ପ୍ରକାଶ ଦାସ, ପୂର୍ଣ୍ଣେନ୍ଦୁ ପଣ୍ଡା, ଦେବାଶିଷ ନାଥ, ଅଭିଷେକ ବେହେରା, ସପ୍ରକାଶ ସାହୁ, କେତନ କୁମାର ମହାନ୍ତ, ଦୀପକ କୁମାର ନାଏକ, ଚନ୍ଦନ କୁମାର ସିଂ, ପୀତବାସ ମହାନ୍ତି, ସୁଶାନ୍ତ ସିଂ, ସଞ୍ଜିତ ସେଠୀ, ଦିପକ ଗିରି, ରାଜେଶ ମୁର୍ମୁ ଓ ମନୋରଞ୍ଜନ ଗିରି ପ୍ରମୁଖ ସାମିଲ ଥିଲେ।

# କୁଆଁର ପୁନେଇଁ ଜହ୍ନ ଗୋ, ଫୁଲ ବଉଳବେଣୀ ଗୀତରେ କମ୍ପିଲା ପୁରପଲ୍ଲୀ





**ମୋରଡ଼ା, ୬।୧୦(ସମିସ):** ମୋରଡ଼ା ବ୍ଲକର ବିଭିନ୍ନ ଗାଁରେ ସୋମବାର ବେଶ୍ ଜାକଜମକରେ ପାଳିତ ହୋଇଛି କୁମାରୀଙ୍କ ନାଚଗୀତ ଓ ଖେଳକୁଦର ପର୍ବ 'କୁମାର ପୂର୍ଣ୍ଣିମା'। ସନ୍ଧ୍ୟା ସମୟରେ କୁଆଁରୀ ପୂଜାର ସବୁଠାରୁ ଆକର୍ଷଣୀୟ ହେଉଛି ଚାନ୍ଦ ପୂଜା। ସଞ୍ଜରେ ତୁଳସୀ ଚଉରା ମୂଳରେ ଜହ୍ନି ଫୁଲରେ କୋଠି ଚାଉଳ ପିଠଉରେ ଖଇ, ନଡ଼ିଆ, କଦଳୀ, ଛେନା ଓ ଗୁଡ଼ରେ ଜହ୍ନ ତିଆରି ସହ କଳସ ସ୍ଥାପନ କରି ପୂଜା କରିଛନ୍ତି କୁନି କୁନି କୁମାରୀ। ଜହ୍ନ ଉଇଁଲେ ଜହ୍ନିଫୁଲ, ଫଳ, ଖଇ ଆଦି ଅଞ୍ଜୁଳି ଟେକିଛନ୍ତି। ପରେ କୁମାରପୂର୍ଣ୍ଣିମା ଗୀତ 'କୁଆଁର ପୁନେଇଁ ଜହ୍ନ ଗୋ, ଫୁଲ ବଉଳବେଣୀ' ଗୀତଗାଇ ପୂଜାର୍ଚ୍ଚନା କରିଛନ୍ତି। ଫଳରେ କମ୍ପି ଉଠିଛି ସମଗ୍ର ପୁରପଲ୍ଲୀ। ସୂର୍ଯ୍ୟୋଦୟ ପୂର୍ବରୁ ସୂର୍ଯ୍ୟ ଦେବତାଙ୍କୁ ଆଞ୍ଜୁଳି ଟେକିଥିଲେ କୁଆଁରୀ। ବିଶ୍ୱାସ ରହିଛି ଯେ, ଏହି ଦିନ କୁମାରୀମାନେ କାର୍ତ୍ତିକଙ୍କ ଭଳି ସୁନ୍ଦର ବର ପାଇବା ପାଇଁ ଚନ୍ଦ୍ରଦେବତାଙ୍କୁ ପୂଜା କରିଥାନ୍ତି। ସନ୍ଧ୍ୟା ସମୟରେ ପୂଜା ସାରିବା ପରେ ଚାନ୍ଦ ଚକଟା ଖାଇଥିଲେ। ଆଉ ପରସ୍ପରକୁ ଖୁଆଇ ଚାନ୍ଦ ମଧ୍ୟରେ ବସିଥିଲେ କୁମାରୀ। ଦିନରେ କୁମାରୀମାନେ ଲୁଚକାଳି, ପୁଚି ଆଦି ଖେଳିଥିଲେ।

# ଦ୍ୱିତୀୟ ଶ୍ରୀକ୍ଷେତ୍ରରେ କୁମାର ପୂର୍ଣ୍ଣିମା

**ବାରିପଦା, ୬ ।୧୦(ସମିସ):** ସୋମବାର ରାତିରେ ଦ୍ୱିତୀୟ ଶ୍ରୀକ୍ଷେତ୍ର ବାରିପଦାରେ ଗଜଲକ୍ଷ୍ମୀ ପୂଜା ସମେତ କୁମାର ପୂର୍ଣ୍ଣିମା ପାଳିତ ହୋଇଛି। ସୋମବାର ଓ ମଙ୍ଗଳବାର କୁମାର ପୂର୍ଣ୍ଣିମା ପାଳିତ ହେଉଥିବାବେଳେ ସୋମବାର ରାତିରେ ଶ୍ରୀ ଶ୍ରୀ ହରିବଳ ଦେବ ଜୀଉଙ୍କ ମନ୍ଦିରରେ ସମସ୍ତ ନୀତିକାନ୍ତି ମଧ୍ୟରେ ପାଳିତ ହୋଇଛି। ପୂର୍ବ ଦିନ ପରି ସକାଳ ରୀତିନୀତି ପରେ ଦ୍ୱିପହର ନୀତି, ସନ୍ଧ୍ୟା ଆଳତୀ ଓ ଆରିଷା ଭୋଗ ନୀତି ଅନୁଷ୍ଠିତ ହୋଇଛି। ଆଳତି ସମେତ କୁମାର ପୂର୍ଣ୍ଣିମା ଓ ଗଜଲକ୍ଷ୍ମୀ ପୂଜା ପାଇଁ ମନ୍ଦିର ପୂଜକଙ୍କ ଦ୍ୱାରା ସ୍ୱତନ୍ତ୍ର ରୀତିନୀତି ମଧ୍ୟରେ ପୂଜାର୍ଚ୍ଚନା କରାଯାଇଛି। କୁମାର ପୂର୍ଣ୍ଣିମାରେ ପୂଜା ସହିତ ପୂଜା ମଣ୍ଡପରେ ଲକ୍ଷ୍ମୀ ପୂଜା ନୀତି ମଧ୍ୟ ହୋଇଛି। ତିନି ଦିଅଁଙ୍କ ରାତ୍ରି ଆଳତି ହେବା ସହ ପହଡ଼ ପଡ଼ିଛି। ମଙ୍ଗଳବାର ସକାଳୁ ପୁଣି ପୂର୍ବ ଦିନ ପରି ନିତ୍ୟାନି ରୀତିନୀତିରେ ତିନି ଠାକୁରଙ୍କ ପୂଜାର୍ଚ୍ଚନା କରାଯିବ।



# ଗାଡ଼ି ଧକ୍କାରେ ଯୁବକ ମୃତ

**ବାରିପଦା, ୬।୧୦(ସମିସ):** ମୁର୍ଗାବାଡ଼ି ଛକ ନିକଟରେ ଏକ ଦ୍ରୁତଗାମୀ ଗାଡି ଧକ୍କାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ଜଣକ ହେଲେ ବାରିପଦା ସଦର ଥାନା ଅନ୍ତର୍ଗତ ଦାମୋଦରପୁର ଗ୍ରାମର ଶ୍ରୀତମ ବିନ୍ଧାଣି (୨୦)। ସେ ବାଇକ ଯୋଗେ ଯାଉଥିବା ବେଳେ ମୁର୍ଗାବାଡ଼ି ଛକ ନିକଟରେ ଅନ୍ୟ ଏକ ବାଇକ ତାଙ୍କୁ ଧକ୍କା ଦେଇଥିଲା। ଫଳରେ ସେ ଭାରସାମ୍ୟ ହରାଇ ରାସ୍ତାରେ ପଡ଼ିଯାଇ ଗୁରୁତର ହୋଇପଡ଼ିଥିଲେ। ପରେ ତାଙ୍କୁ ଉଦ୍ଧାର କରାଯାଇ ପିଆରଏମ ହସ୍ପିଟାଲ ଭର୍ତ୍ତି କରାଯାଇଥିଲା; ହେଲେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏ ନେଇ ପରିବାର ପକ୍ଷରୁ ଭଞ୍ଜପୁର ଥାନାରେ ମାମଲା ରୁଜୁ କରାଯାଇଛି।

# 'ନିଟ୍' ପ୍ରବେଶିକା ପରୀକ୍ଷାରେ ଶୌର୍ଯ୍ୟ ଅଗ୍ରୱାଲଙ୍କ ସଫଳତା

**ବୈଶିଙ୍ଗା, ୬।୧୦(ସମିସ):** ସର୍ବଭାରତୀୟ ସ୍ତରୀୟ ନିଟ୍ ପ୍ରବେଶିକା ପରୀକ୍ଷା ବେତନଟୀ ପାଇଁ ଗୌରବ ଆଣିଲେ ଶୌର୍ଯ୍ୟ ଅଗ୍ରୱାଲ। ନିଜର ପ୍ରଥମ ଉଦ୍ୟମରେ ନିଟ୍‌ରେ କୃତକାର୍ଯ୍ୟ ହୋଇ ସମଗ୍ର ବେତନଟୀ ଅଞ୍ଚଳ ପାଇଁ ଗୌରବ ଆଣିଛନ୍ତି। ଯୁବ ବ୍ୟବସାୟୀ ସୁବାଷ ଅଗ୍ରୱାଲଙ୍କ ପୁଅ ଶୌର୍ଯ୍ୟ ଅଗ୍ରୱାଲ ଚଳିତବର୍ଷ ପ୍ରଥମକରି ସର୍ବଭାରତୀୟ ସ୍ତରୀୟ ନିଟ୍ ପ୍ରବେଶିକା ପରୀକ୍ଷା ଦେଇଥିଲେ। ପ୍ରଥମ ଉଦ୍ୟମରେ ସେ ସଫଳତା ହାସଲ କରିଛନ୍ତି। ଭବାନୀପାଟଣାସ୍ଥିତ ସହୀଦ ରେଣ୍ଡୋ ମାଝୀ ମେଡିକାଲ କଲେଜ ଏଣ୍ଡ ହସ୍ପିଟାଲରେ ଏମବିବିଏସ ପାଠ୍ୟକ୍ରମ ପଢ଼ିବାକୁ ଯୋଗ୍ୟ ବିବେଚିତ ହୋଇଛନ୍ତି। ସେ ୨୦୨୩ ମସିହା ମାଟ୍ରିକରେ ସର୍ବଣାସ୍ଥିତ ଦିବ୍ୟଜ୍ୟୋତି କନଭେଣ୍ଟ ସ୍କୁଲରୁ ଶତକଡା ୯୧.୪ ନମ୍ବର ରଖି କୃତକାର୍ଯ୍ୟ ହୋଇଥିଲେ। ପରେ ଭୁବନେଶ୍ୱରସ୍ଥିତ ଚନ୍ଦ୍ରଶେଖରପୁର ଡିଏଭି ସ୍କୁଲରେ ଯୁକ୍ତଦୁଇ ପଢୁଥିଲେ। ଚଳିତବର୍ଷ ସୌର୍ଯ୍ୟ ଅଗ୍ରୱାଲ ଯୁକ୍ତଦୁଇ ବିଜ୍ଞାନରେ ଶତକଡା ୮୫.୫ ପ୍ରତିଶତ ନମ୍ବରରଖି କୃତକାର୍ଯ୍ୟ ହୋଇ ହାଇଥିବା ବେଳେ ସର୍ବଭାରତୀୟ ପ୍ରବେଶିକା ପରୀକ୍ଷା ନିଟରେ ସଫଳତା ହାସଲ କରିଛନ୍ତି।



# ମନମୋହିଲା ରାବଣ ପୋଡ଼ି ଉତ୍ସବ

**ବଡ଼ସାହି, ୬।୧୦(ସମିସ):** ଚଳିତ ବର୍ଷ ବଡ଼ସାହି ବ୍ଲକରେ ଦୁର୍ଗାପୂଜା ଆକର୍ଷଣୀୟ ତୋରଣ, ଆଧୁନିକ ଆଲୋକସଜ୍ଜାରେ ଶେଷ ହୋଇଛି। ପ୍ରତିକୂଳ ପାଗ ପାଇଁ ରାବଣପୋଡି ଉତ୍ସବ ଶେଷ ହୋଇଛି। ଅପରପକ୍ଷରେ ଦଶହରା ଅବସରରେ ବଡ଼ସାହି, ସିଂହଟିଆ, ତାଳପଦା, ମାଣତ୍ରୀ, ଦେଉଳିଆ, ଶାଳଗାଁ, ଦୁର୍ଗାପୁର ଓ ତେନ୍ତୁଳିଗାଁରେ ଅନୁଷ୍ଠିତ ହେଉଥିବା ରାବଣପୋଡି ଉତ୍ସବ ଲଘୁଚାପ ବର୍ଷା ପାଇଁ ବନ୍ଦ ରହିଥିଲା। ରବିବାର ତାଳପଦା ରାବଣ ପୋଡି ଉତ୍ସବରେ କମିଟିର ସମ୍ପାଦକ ରଞ୍ଜନ ବେହେରା ଓ ବରିଷ୍ଠ ସଦସ୍ୟ ରବୀନ୍ଦ୍ର ବେହେରା ଯୋଗଦେଇ ଅଗ୍ନି ସଂଯୋଗ କରି ଉଦଘାଟନ କରିଥିଲେ। ପୂଜା କମିଟି ପକ୍ଷରୁ ଲକ୍ଷ୍ମୀକାନ୍ତ ସେନାପତି, ବିଶ୍ୱଜିତ ସେନପତି, ଲକ୍ଷ୍ମୀଧର ରାଉତ, ପ୍ରଦୀପ ବେହେରା, ପଙ୍କଜ ନାୟକ, ଦୀପକ ପାତ୍ର ଓ ଅସିତ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ତାଳପଦା ଗ୍ରାମର ପୂଜା ଏଥର ୮୧ ବର୍ଷ ପାଳନ କରୁଥିବା ବେଳେ ବଡ଼ସାହି ପୂଜା ୭୯ ବର୍ଷରେ ପଦାର୍ପଣ କରିଛି।



ହଜାର ହଜାର ଦର୍ଶକଙ୍କ ଭିଡ ଓ ଶହ ଶହ ଦୋକାନୀ ଗହଣରେ ରାବଣପୋଡି ଉତ୍ସବ ବେଶ ମନମୁଗ୍ଧକର ହୋଇଥିଲା।

## ସରକାରଙ୍କ ବାହ୍ୟ ମଳମୁକ୍ତ ଅଞ୍ଚଳ ଘୋଷଣା ଭେଲିକି

# ଏବେ ବି ଶୌଚ ପାଇଁ ବାହାରକୁ ଯାଉଛନ୍ତି ଲୋକେ

**କଳାବାଡିଆ, ୬।୧୦(ସମିସ):** ଜଳ ଓ ପରିମଳ ବିଭାଗ ପକ୍ଷରୁ ବାଙ୍ଗିରିପୋଷି ବ୍ଲକର ୧୯ଟି ପଞ୍ଚାୟତ ଗ୍ରାମାଞ୍ଚଳରେ ବାହ୍ୟମଳମୁକ୍ତ ଲେଖାଯାଇଛି। ଏଥିପାଇଁ ପ୍ରତ୍ୟେକ ପରିବାରରେ ୧୨ ହଜାର ଟଙ୍କାର ୪ଟି ନନ୍ଦ, ଗୋଟିଏ ଘର ଓ ପେନ୍ ବସିଛି। ହେଲେ ନିର୍ମାଣର ଗୋଟିଏ ବର୍ଷ ପରେ ଗାଁ ପରିବେଶ ପୁରା ଅଲଗା। କେଉଁଠି ପାଇଖାନା କାନ୍ଥ ଫାଟି ଗଲାଣି ତ ଅନ୍ୟ କେଉଁଠି କୁକୁଡା ଘର, ଜାଳେଣି କାଠ ରଖାଯାଇଛି। ଅନ୍ୟ କେତେକ ଗାଁରେ ଶୌଚାଳୟଗୁଡିକ ଭାଙ୍ଗିରୁଜି ଗଲାଣି। ଫଳରେ ମହିଳା ଓ ପୁରୁଷ ବାହାରକୁ ଶୌଚ ହେବାକୁ ଯାଉଛନ୍ତି। ବାଙ୍ଗିରିପୋଷି ବ୍ଲକ କଳାବାଡିଆ ପଞ୍ଚାୟତର ୧୩ଟି ଗାଁକୁ ଜଳ ଓ ପରିମଳ ବିଭାଗ ତରଫରୁ ୧୫୦୦ରୁ ଊର୍ଦ୍ଧ୍ୱ ଶୌଚାଳୟ ନିର୍ମାଣ କରାଯାଇଥିଲା। ହେଲେ ନିମ୍ନମାନର କାମ ପାଇଁ ଏବେ ବ୍ୟବହାର ଉପଯୋଗୀ ହେଉନି। ଫଳରେ ଏ ନେଇ ବହୁ ହିତାଧିକାରୀ ଅଭିଯୋଗ କରିଛନ୍ତି। ପାଣି ସମସ୍ୟା ମୁଖ୍ୟ କାରଣ ବୋଲି ଜଣାପଡ଼ିଛି। ବାଧ୍ୟ ହୋଇ ଜନସାଧାରଣ ପୂର୍ବ ଅବସ୍ଥାକୁ ଫେରି ଆସୁଛନ୍ତି। ତେଣୁ ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।



# ଜାଳେଣି ଗ୍ୟାସ୍ ସଂକଟ; ଉପଭୋକ୍ତା ହନ୍ତସନ୍ତ



**ମୋରଡ଼ା, ୬।୧୦(ସମିସ):** ମୋରଡ଼ା ବ୍ଲକ ଚିତ୍ରଡା ପଞ୍ଚାୟତରେ କିଛି ଦିନ ଧରି ଜାଳେଣି ଗ୍ୟାସ ପାଇଁ ଲୋକେ ହନ୍ତସନ୍ତ ହେଉଛନ୍ତି। ଗ୍ୟାସ ବୁକିଂ କଲେ ମଧ୍ୟ ମିଳୁନାହିଁ। ରାସଗୋବିନ୍ଦପୁରର ବିତରକଙ୍କ ମନମାନି ଯୋଗୁଁ ଲୋକେ ଭୋଗୁଛନ୍ତି ଦୁର୍ଦ୍ଦଶା। ଗୋଟିଏ ଗାଡି ଆସି ବିଭିନ୍ନ ଛକରେ ଛିଡା ହେଉଥିବାରୁ ବୟସ୍କ ଲୋକେ ସିଲିଣ୍ଡର ଆଣିବା ନିମନ୍ତେ ବହୁତ ହଇରାଣ ହରକତ ହେଉଛନ୍ତି। ଚିତ୍ରଡା ପଞ୍ଚାୟତରେ ଏଜପି ଗ୍ରାମୀଣ ବିତରକ କେନ୍ଦ୍ର ଉଜ୍ଜ୍ୱଳା ଯୋଜନା ଆରମ୍ଭ ହେବା ସମୟରେ ଖୋଲା ହୋଇନଥିବା ବେଳେ ରାସଗୋବିନ୍ଦପୁରର ଇଣ୍ଡେନ ଗ୍ୟାସ ବିତରକ ଚିତ୍ରଡା ଗ୍ରାମରେ ଆସି ବିଭିନ୍ନ ସେବା ଯୋଗାଇବାର ପ୍ରତିଶ୍ରୁତି ଦେଇ ଲୋକଙ୍କ ଉଜ୍ଜ୍ୱଳା ଯୋଜନାରେ ଆକାଉଣ୍ଟ ଖୋଲି ଦେଇଛନ୍ତି। ବର୍ତ୍ତମାନ ରାସଗୋବିନ୍ଦପୁର ଇଣ୍ଡେନ ଗ୍ୟାସରୁ ଚିତ୍ରଡା ଏଜପି ଗ୍ୟାସକୁ ସ୍ଥାନାନ୍ତର କରାଯାଇପାରୁନାହିଁ। ଚିତ୍ରଡାରୁ ରାସଗୋବିନ୍ଦପୁର ୧୫ କିମି ହୋଇଥିବାବେଳେ ବିତରକଙ୍କ ମନୋମୁଖି ଯୋଗୁଁ ଦୁଇ ସପ୍ତାହରେ ଚିତ୍ରଡାକୁ ଗୋଟିଏ ଛୋଟିଆ ଗାଡିରେ ଗ୍ୟାସ ଆସୁଛି ଯାହା ଲୋକଙ୍କୁ ଯଥେଷ୍ଟ ହେଉନି। ଏ ନେଇ ବିଭିନ୍ନ ମହଲରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି।

## ସଂସ୍କାର ଶିଶୁ ମହୋତ୍ସବ 'ମୟୂରୀ'ର ଦ୍ୱିତୀୟ ପ୍ରସ୍ତୁତି ବୈଠକ

# ଶିମିଳିପାଳ ଥିମ୍ ଉପରେ ହେବ ବିଶାଳ ପେଣ୍ଟିଂ

**ବାରିପଦା ୬ ।୧୦(ସମିସ):** ଆସନ୍ତା ନଭେମ୍ବର ୧୨ରୁ ୧୫ ତାରିଖ ପର୍ଯ୍ୟନ୍ତ ଚାରି ଦିନ ଧରି ହେବାକୁ ଥିବା ସଂସ୍କାର ଶିଶୁ ମହୋତ୍ସବ ମୟୂରୀର ଦ୍ୱିତୀୟ ପ୍ରସ୍ତୁତି ବୈଠକ ସୋମବାର ଅନୁଷ୍ଠିତ ହୋଇଯାଇଛି। ଶିକ୍ଷାବିତ୍ ତଥା ଅବସରପ୍ରାପ୍ତ ଅଧ୍ୟକ୍ଷା ଡ.ବନଜା ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଏକାଦଶତମ ସଂସ୍କାର ଶିଶୁ ମହୋତ୍ସବ ମୟୂରୀରେ ହେବାକୁ ଥିବା କାର୍ଯ୍ୟକ୍ରମର ରୂପରେଖ ସମ୍ପର୍କରେ ଆଲୋଚନା କରାଯାଇଥିଲା। ମୟୂରୀର ପ୍ରତିଷ୍ଠାତା ସଞ୍ଜୟ କୁମାର ଚୌଧୁରୀ ଚଳିତ ବର୍ଷର ଶିଶୁ ମହୋତ୍ସବର ଥିମ୍ 'ଉନ୍ମେଷ' ପରିବେଶବିତ୍ ବିବେକାନନ୍ଦ ପଟ୍ଟନାୟକ, ବିଶେଶ୍ୱର ଦ୍ୱିବେଦୀ, ଡ. ସନ୍ଦୀପ ଚାନ୍ଦ, ଅବସରପ୍ରାପ୍ତ ପୁଲିସ ଅଧିକାରୀ ଦୁର୍ଗାପ୍ରସାଦ ମିଶ୍ର, ଡ.ଗଣେଶ୍ୱର ଭୋଇ, ଫାର୍ମାସୀ ଅଫିସର ମନୋଜ ଦାଶ, କବି ଅଜିତ ପାତ୍ର, ଯୋଗ ଗୁରୁ ରାକେଶ ମହାନ୍ତ, ଇଂ. ସୁନିଲ କୁମାର ପ୍ରଧାନ, ଆଡଭୋକେଟ କ୍ଷେତ୍ର ମୋହନ ପଣ୍ଡା, ଆର୍କିଟେକ୍ଟ ମନୋଜ କୁଁଅର, ପ୍ରଶାନ୍ତ କୁମାର ବେହେରା, ବିଶିଷ୍ଟ ଚିତ୍ରଶିଳ୍ପୀ ପଦ୍ମଲୋଚନ ଗିରି ଓ କଲ୍ୟାଣ ବାରିକ ପ୍ରମୁଖ ଅଂଶ ଗ୍ରହଣ କରିଥିଲେ। ଛାତ୍ରଛାତ୍ରୀମାନେ ବିଶିଷ୍ଟ ବାଲୁକା କଳାଶିଳ୍ପୀ ଦଶରଥ ମହାନ୍ତଙ୍କ ବାଲୁକା କଳା କର୍ମଶାଳାରେ ଭାଗ ନେଇ ସୂକ୍ଷ୍ମ




ରଖାଯାଇଛି ବୋଲି ସୂଚନା ଦେଇଥିଲେ। ଏହି ମହୋତ୍ସବ ଶିଶୁଙ୍କ ପାଇଁ ଯେତିକି ପ୍ରେରଣା ସେତିକ ଅଭିଭାବକଙ୍କ ପାଇଁ ମଧ୍ୟ ସେତିକି ଗୁରୁତ୍ୱପୂର୍ଣ୍ଣ। ଚଳିତ ବର୍ଷ ବିଶିଷ୍ଟ ଚିତ୍ରଶିଳ୍ପୀଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଶିମିଳିପାଳ ଥିମ୍‌ରେ କାନଭାସ ଉପରେ ଏକ ବିଶାଳ ପେଣ୍ଟିଂ କରାଯାଇ ପ୍ରଦର୍ଶିତ ହେବ ବୋଲି ଘୋଷଣା କରିଥିଲେ। କାରୁକାର୍ଯ୍ୟର ଅନୁଧ୍ୟାନ କରିବା ସହିତ ବିଶିଷ୍ଟ ଶିଳ୍ପୀ ସମରେନ୍ଦ୍ର ବେହେରାଙ୍କ ଦ୍ୱାରା ଗଛ ଦେହରେ ଖୋଦେଇ ଚିତ୍ର ଓ ପତ୍ର ଉପରେ ବିଭିନ୍ନ କଳା କୃତି ଅଙ୍କନର କଳା ହାସଲ କରିପାରିବେ। ପିଲାଙ୍କ ମନୋରଞ୍ଜନ ପାଇଁ ମ୍ୟାଜିକ ଶୋ ଏବଂ ବହୁ କାର୍ଯ୍ୟକ୍ରମ ରହିଥିବା ନେଇ ସୂଚନା ଦିଆଯାଇଛି। ଶେଷରେ ଅଙ୍କୁର ଖୁରାନା ଧନ୍ୟବାଦ ଅର୍ପଣ କରିଥିଲେ।

## ରେଳସେବାରେ କପ୍ତିପଦା ଉପଖଣ୍ଡକୁ କେନ୍ଦ୍ର ସରକାରଙ୍କ ଉପେକ୍ଷା

# ଉପସ୍ଥାପନ କରିବାରେ ଲୋକ ପ୍ରତିନିଧି ବିଫଳ

**ଉଦଳା, ୬।୧୦(ସମିସ)**

ଓଡ଼ିଶାରେ ରେଳ ସେବାର ବିକାଶ ପାଇଁ କେନ୍ଦ୍ର ସରକାର ବିଭିନ୍ନ ସମୟରେ ଅର୍ଥ ପ୍ରଦାନ କରିଆସୁଥିବାବେଳେ ଆଦିବାସୀ ବହୁଳ ମୟୂରଭଞ୍ଜ ଜିଲ୍ଲା କପ୍ତିପଦା ଉପଖଣ୍ଡରେ ବ୍ୟତିକ୍ରମ ଦେଖିବାକୁ ମିଳିଛି। ରେଳସେବା କ୍ଷେତ୍ରରେ କପ୍ତିପଦା ଉପଖଣ୍ଡ ସବୁଠାରୁ ପଛରେ ରହିଛି। ଏହି ଅଞ୍ଚଳବାସୀ ଆଜିଯାଏ ରେଳଗାଡିର ଛାଇ ବି ଦେଖିନାହାନ୍ତି। ସାଧୀନତାର ୭୮ବର୍ଷ ପରେ ବି ରେଳସେବାରୁ ବଞ୍ଚିତ କପ୍ତିପଦା ଉପଖଣ୍ଡବାସୀ। ରାଜ୍ୟରେ ଡବଲ ଇଞ୍ଜିନ ସରକାର ଥିବା ସତ୍ତ୍ୱେ ଏହି ଉପଖଣକୁ ଅଣଦେଖା କରାଯାଇଛି। ତେବେ ଜିଲ୍ଲାର ୩ଟି ପ୍ରକଳ୍ପକୁ ୬୨୯ ୫କୋଟିର ମଞ୍ଜୁରୀ ମିଳିଛି। ହେଲେ କପ୍ତି ପଦା ଉପଖଣ୍ଡର ମାତ୍ର ୭୫ କିମି ରେଳପଥ ପାଇଁ କିଛି ବି ବ୍ୟବସ୍ଥା ହୋଇନାହିଁ। ଫଳରେ ଏହି ଉପଖଣ୍ଡ ରେଳ ସେବା ପାଇବା ସପ୍ନ ଅଧୁରା ହୋଇରହିଛି। ସୂଚନାଯୋଗ୍ୟ ଯେ, ରେଳସେଠାରେ ବିକାଶ ହେଲେ ଉପଖଣ୍ଡର ଅର୍ଥନୈତିକ ସାମାଜିକ ଓ ସାଂସ୍କୃତିକ ବିକାଶର ଚିତ୍ର ବଦଳିପାରନ୍ତା ବୋଲି ବୁଦ୍ଧିଜୀବି ମତ ଦେଇଆସିଛନ୍ତି। ଶିମିଳିପାଳ ଅଭୟାରଣ୍ୟ ମଧ୍ୟରୁ ଅଦିବାସୀ ତଥା ଜନଜାତି ଦୈନନ୍ଦିନ ବିଭିନ୍ନ ପ୍ରକାର ଲଘୁବନଜାତ ଦ୍ରବ୍ୟ ସଂଗ୍ରହ କରି ଶାଗମାଛ ଦରରେ ବିକ୍ରି କରୁଛନ୍ତି। ସହର ତଥା ମହାନଗର ସହ ଏହି ଉପଖଣ୍ଡ ଯୋଗାଯୋଗ କ୍ଷେତ୍ରରେ ପଛରେ ପଡବା ନେଇ ଉଚିତ ମୂଲ୍ୟ ପାଇବାରୁ ବଞ୍ଚିତ ହେଉଛନ୍ତି। ଅପରପକ୍ଷରେ ଜାତୀୟ ଉଦ୍ୟାନ ଶିମିଳିପାଳକୁ ରାଜ୍ୟ ତଥା ରାଜ୍ୟବାହାରୁଏପରିକି ବିଦେଶରୁ ପର୍ଯ୍ୟଟକଙ୍କ ଅଗମନ ପ୍ରାକୃତିକ ସୌନ୍ଦର୍ଯ୍ୟ ପାଇଁ ଆକର୍ଷିତ ହେଉଥିବା ବେଳେ ରେଳ ସେବା ନ ଥିବାରୁ ପର୍ଯ୍ୟଟକ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏଣୁ କପ୍ତିପଦା ଉପଖଣ୍ଡରେ ରେଳ ସେବାର ବିକାଶ ଏକାନ୍ତ ଜରୁରୀ ବୋଲି ଦୀର୍ଘଦିନ ହେଲା ଦାବି ହେଉଥିଲେ ମଧ୍ୟ ସରକାର ଶୁଣୁନାହାନ୍ତି ବୋଲି ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ଗତ ୨୦୧୨ ମସିହାରେ ପୂର୍ବତନ ବିଧାୟକ ଓଡ଼ିଶା ସରକାରଙ୍କ ରେଳ ବିଭାଗର କମିଟି ସଦସ୍ୟ ଭାବେ ବାରିପଦାଠାରୁ ଯାଜପୁର ରୋଡ-ଭାୟା ଆନନ୍ଦପୁର ଶରତ କପ୍ତିପଦ ଓ ଉଦଳା ଦେଇ ରେଳ ଲାଇନର ସଂଯୋଗୀକରଣ ପାଇଁ କେନ୍ଦ୍ର ସରକାରଙ୍କ ନିକଟରେ ଦାବି ଉପସ୍ଥାପନ କରିଥିଲେ। ପରେ ରେଳ ବିଭାଗ ପକ୍ଷରୁ ଏହି ରାସ୍ତାର ସୁବିଧା ସୁଯୋଗ ସୃଷ୍ଟି କରିବା ପାଇଁ ଭଦ୍ରାଚଲମ-ଖଡ଼ଗପୁର ରେଳରୁଟ ପାଇଁ (୮୭୫ ଶରତ-କପ୍ତିପଦା-ଉଦଳା ଚାରିପଦା-ସର୍ଭେରେ ଶୁଳିଆପଦା ସ୍ଥାନ ପାଇଥିଲେ ହେଁ ରେଳ ବିଭାଗର ନାଲିଫିତା ତଳେ ବନ୍ଧା ହୋଇରହିଛି। ତେବେ ପରବର୍ତ୍ତୀ ପର୍ଯ୍ୟାୟରେ ନୀଳଗିରି କପ୍ତିପଦା ଉଦଳା ବାରିପଦା ପର୍ଯ୍ୟନ୍ତ ସମ୍ପ୍ରସାରଣ ଦିଗରେ ଚର୍ଚ୍ଚା ଜୋର ଧରିଲା। ମାତ୍ର ୭୫ କିମି ରେଳରୁଟ ପାଇଁ ସବୁଜ ସଙ୍କେତ ମିଳିଥିଲେ ମଧ୍ୟ ଯାଏ ସ୍ଥିତି ସ୍ପଷ୍ଟ ହୋଇପାରିନି। ଅପରପକ୍ଷରେ ନୀଳଗିରି ପର୍ଯ୍ୟନ୍ତ ରେଳସେବା ସ୍ୱାଭାବିକ ହୋଇଥିଲେ ହେଁ ୭୫ କି. ମି. ରେଳପଥର ପ୍ରକ୍ରିୟା କେବଳ କାଗଜପତ୍ରରେ ସୀମିତ ରହିଛି। କପ୍ତିପଦା ଉପଖଣ୍ଡକୁ ରେଳ ସେବା ପାଇଁ ରାଜନୈତିକ ଉଦାସୀନତା ବିଶେଷ କରି ସ୍ଥାନୀୟ ନିର୍ବାଚିତ ପ୍ରତିନିଧିଙ୍କ ଦୁର୍ବଳ ଦାବି, ମିଛ ପ୍ରତିଶ୍ରୁତି ଓ କେନ୍ଦ୍ର ସରକାରଙ୍କ ଅବହେଳାକୁ ଦାୟୀ କରିବା ସହ ଦାବି ହାସଲ ପାଇଁ ଲଢେଇ କରିବାକୁ ପଡ଼ିବ ବୋଲି ଉପଖଣ୍ଡବାସୀ ବୁଝି ସାରିଲେଣି। ତେଣୁ ଉପଖଣ୍ଡବାସୀ ରେଳସେବା ପାଇଁ ଆନ୍ଦୋଳନର ରାସ୍ତା ହିଁ ଶେଷ ବିକଳ୍ପ ବୋଲି ସାମାଜିକ ସଂଗଠନ ପ୍ରସ୍ତୁତ ହେଉଥିବା ଆଲୋଚନା ଜୋର ଧରିଛି।



### ଆନ୍ଦୋଳନ ପାଇଁ ସାମାଜିକ ସଂଗଠନ ସଜବାଜ

## ମାଳଦା ଜଗନ୍ନାଥ ବଜାର ବଣିକ ସଂଘର ନିଆରା ଉତ୍ସବ...

# ଗଜଲକ୍ଷ୍ମୀ ପୂଜାରେ ହେବ ବୈତରଣୀ ମହୋତ୍ସବ



**ବାରିକପୁର, ୬ ।୧୦(ସମିସ)**

ଚଳିତ ବର୍ଷ ନିଆରା ଢଙ୍ଗରେ ପାଳିତ ହେଉଛି ଭଣ୍ଡାରିପୋଖରୀ ବ୍ଲକ ମାଳଦା ଜଗନ୍ନାଥ ବଜାର ବଣିକ ସଂଘର ଗଜଲକ୍ଷ୍ମୀ ପୂଜା ଉତ୍ସବ। ବଜାର କମିଟି ପକ୍ଷରୁ ଚଳିତ ବର୍ଷ ମା' ଲକ୍ଷ୍ମୀଙ୍କ ୨୫ତମ ପୂଜା ପାଳିତ ହେଉଥିବା ବେଳେ ରାଜ୍ୟ ମହୋତ୍ସବ କମିଟି ସଂଯୋଜନାରେ ଅନୁଷ୍ଠିତ ହେବ ବୈତରଣୀ ମହୋତ୍ସବ। ଏଥିପାଇଁ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ବଣିକ ସଂଘ ସଭାପତି ଚନ୍ଦ୍ରଶେଖର ମହାନ୍ତିଙ୍କ ସୂଚନା ମୁତାବକ ସୋମବାର ଘଟ ଉତ୍ତୋଳନ ସହିତ ବୈଦିକ ରୀତିନୀତି ଅନୁଯାୟୀ ମା' ଲକ୍ଷ୍ମୀଙ୍କ ପୂଜା ଶୁଭାରମ୍ଭ ହେବ। ଚଳିତ ବର୍ଷ ମଧ୍ୟ ବ୍ୟବସାୟୀ ଆନନ୍ଦ ଉଲ୍ଲାସର ସହିତ ମା'ଙ୍କ ପୂଜା ଆୟୋଜନ କରିଛନ୍ତି। ପୂଜାରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ସହିତ ପାରମ୍ପରିକ ନୃତ୍ୟଗୀତର ଝଲକ ମଧ୍ୟ ଦେଖିବାକୁ ମିଳିବ। ଲୋକକଳା ପାଲା ଓ ଅନେକ ସାଂସ୍କୃତିକ ଅନୁଷ୍ଠାନ ପକ୍ଷରୁ ଗୀତିନାଟ୍ୟ ପରିବେଷଣ ହେବ। ଏହାଛଡ଼ା ଭୁବନେଶ୍ୱରର ଆଧୁନିକ ମେଲୋଡି ସହିତ ପୁରୀ ଓ ବାଲେଶ୍ୱରରୁ ଅନେକ କଳାକାର ଏଥିରେ ଯୋଗଦେବେ। କାର୍ଯ୍ୟକ୍ରମ ରହିଛି। ବିଧିବଦ୍ଧ ଭାବେ ମଙ୍ଗଳବାର ସନ୍ଧ୍ୟାରେ ଗଜଲକ୍ଷ୍ମୀ ପୂଜା ଓ ବୈତରଣୀ ମହୋତ୍ସବ ପାଇଁ ମଞ୍ଚ ଉଦଘାଟିତ ହେବ।

### ସେମାନେ କ'ଣ କହନ୍ତି...



ଚଳିତ ବର୍ଷ ମାଳଦା ଗଜଲକ୍ଷ୍ମୀ ପୂଜା ରେ ବୈତରଣୀ ମହୋତ୍ସବ ଅନୁଷ୍ଠିତ ହେଉଛି। ଏଥିପାଇଁ ସମସ୍ତ ପ୍ରସ୍ତୁତି ଶେଷ ହୋଇଛି। ଏଥିରେ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗଦେବେ। ପାରମ୍ପରିକ ଓ ଆଧୁନିକ ଶୈଳୀରେ ମହୋତ୍ସବ ଆୟୋଜିତ ହେବ।

**- ରବିନାରାୟଣ ଖିଲାର, ସଭାପତି, ରାଜ୍ୟ ମହୋତ୍ସବ କମିଟି**



ଆମ ଜଗନ୍ନାଥ ବଜାର ବଣିକ ସଂଘ ପକ୍ଷରୁ ୨୫ ବର୍ଷ ହେବ ଗଜଲକ୍ଷ୍ମୀ ପୂଜା ଆୟୋଜିତ ହେଉଛି। ଚଳିତ ବର୍ଷ ରାଜ୍ୟ କମିଟି ଆନୁକୂଲ୍ୟରେ ବୈତରଣୀ ମହୋତ୍ସବ ଅନୁଷ୍ଠିତ ହେବ। ବଜାର ଉତ୍ସବମୁଖର ହୋଇପଡ଼ିଛି। ଏଥିପାଇଁ ବ୍ୟବସାୟୀ ବେଶ ଉତ୍ସାହିତ ଅଛନ୍ତି।

**-ରାଜେନ୍ଦ୍ର ଶତପଥୀ, ବ୍ୟବସାୟୀ ସଂଘ ସମ୍ପାଦକ**

# ସ୍ୱାଧୀନତା ସଂଗ୍ରାମୀ ମହମ୍ମଦ ହନିଫ୍‌ଙ୍କ ଶ୍ରାଦ୍ଧ ବାର୍ଷିକୀ



**ଭଦ୍ରକ, ୬ ।୧୦(ସମିସ):** ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ତଥା ଓଡ଼ିଶା ବିଧାନସଭାର ପୂର୍ବତନ ଉପ-ବାଚସ୍ପତି ଓ ପୂର୍ବତନ ସାଂସଦ ସ୍ୱର୍ଗତ ମହମ୍ମଦ ହନିଫ ଓରଫ ମାଷ୍ଟରଜୀଙ୍କ ୫୮ତମ ଶ୍ରାଦ୍ଧ ବାର୍ଷିକୀ ପାଳିତ ହୋଇଛି। ସକାଳ ସାଢେ ୮ଟାରେ ପୁରୁଣା ବଜାର ନାରାୟଣ ଚନ୍ଦ୍ର ନୋଡାଲ ସ୍କୁଲ ସମ୍ମୁଖରୁ ବାସଭବନ କାଜି ମହଲ୍ଲା ସ୍ଥିତ ତାଙ୍କ ସମାଧି ପୀଠଠାରେ ହନିଫ ସ୍ମୃତି କମିଟିର ସମସ୍ତ ସଦସ୍ୟ, ବୁଦ୍ଧିଜୀବୀ, ଗାନ୍ଧୀବାଳାଶ୍ରମ ସ୍କୁଲର ଛାତ୍ରଛାତ୍ରୀ ଓ କଲେଜ ଛାତ୍ରଛାତ୍ରୀ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଶ୍ରାଦ୍ଧ ବାର୍ଷିକୀରେ ସଭାପତି ଅଜୟ ନାୟକଙ୍କ ସଭାପତିତ୍ୱରେ ସମ୍ପାଦକ ହାଜି ଅନୱର ହୋସେନଙ୍କ ସହଯୋଗ ଏବଂ ସଞ୍ଚାଳକ ତଥା ଅଦବି ମରକଜର କବି ଶିକ୍ଷକ ମୁସ୍ତାକ ଗୌହରଙ୍କ କୋରାନ ପାଠ ଓ ସଲାମରୁ ଆରମ୍ଭ ହୋଇଥିଲା। ଗାନ୍ଧୀ ଓଡ଼ିଶା ବାଳାଶ୍ରମର ଛାତ୍ର ଓ ସ୍କୁଲର ସମ୍ପାଦକ ଅଶୋକ ଦାସ, ପଣ୍ଡିତ ନିତ୍ୟାନନ୍ଦ ମିଶ୍ରଙ୍କ ରାମଧୁନି ଆରମ୍ଭ କରିଥିଲେ। ହନିଫ ବାବୁଙ୍କ ସ୍ମୃତିରେ ସୁଧଜଗ ରାଉତ ତାଙ୍କ ବକ୍ତବ୍ୟ ରଖି ଆଲୋକପାତ କରିଥିଲେ। ହାଜି ଅବଦୁଲ ମୁକିତ ଖାନ ସ୍ୱର୍ଗତ ହନିଫ ବାବୁ ଅମର ରହେ ସ୍ଲୋଗାନ ଦେଇଥିଲେ। ଭଦ୍ରକ ପୌରାଧ୍ୟକ୍ଷା ଗୁଲମକ୍କୀ ଦଲୱାଜି ହବିବ ସ୍ୱର୍ଗତ ହନିଫ ବାବୁଙ୍କ ସ୍ମୃତିରେ ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ମିଷ୍ଟାନ୍ନ ବଣ୍ଟନ କରାଯାଇଥିଲା। ସଭାରେ ହନିଫ ସ୍ମୃତି କମିଟିର ସଭ୍ୟ ହାଜି ଫାରୁକ ଭାଇ, ହାଜି କାସିମ ଖାନ, ମହେଜ୍ବିନ ଅଖତର, ଇକବାଲ ଖାନ, ଅବଦୁଲ ଦୟାନ ଜିଆ, ହାଜି କୈୟୁମ ସାହା, ସମ୍ବାଦଦାତା ଶେଖ ଅନୱର ପ୍ରମୁଖ ଉପସ୍ଥିତ ରହି ହନିଫଙ୍କ ନୀତିବାଣୀ ଉପରେ ଆଲୋକପାତ କରିଥିଲେ। ସ୍ମରଣଯୋଗ୍ୟ, ମହମ୍ମଦ ହନିଫ ୧୨ ଜୁଲାଇ ୧୮୯୯ ରେ ଜନ୍ମଲାଭ କରିଥିଲେ। ରେଭେନ୍ସା କଲେଜରୁ ଆଇ.ଏ.ପାସ କରି ଅବକାରୀ ଇନ୍ସପେକ୍ଟରରେ ଚାକିରି କରି ୧୯୨୦ରେ ହେଦାତୁନ ନିଶା ବିବିଙ୍କ ସହିତ ବିବାହ କରିଥିଲେ। ପରେ ଚାକିରି ଛାଡି ସ୍ୱାଧୀନତା ସଂଗ୍ରାମୀରେ ଯୋଗଦାନ କରି ଭାରତ ଛାଡ଼ ଆନ୍ଦୋଳନରେ ସକ୍ରିୟ ଅଂଶ ଗ୍ରହଣ କରିଥିଲେ। ବ୍ରହ୍ମପୁର ଜେଲରେ ମଧ୍ୟ ବନ୍ଦୀ ଜୀବନ କଟାଇଥିଲେ। ଦେଶ ସ୍ୱାଧୀନ ପରେ ୧୯୫୨ରେ ଭଦ୍ରକରୁ ବିଧାନସଭାକୁ ନିର୍ବାଚିତ ହୋଇ ଉପବାଚସ୍ପତି ହୋଇଥିଲେ। ପରେ ସାଂସଦ ହୋଇ ୬ ଅକ୍ଟୋବର ୧୯୬୭ ରେ ଦେହାନ୍ତ ହୋଇଥିଲା। ଏହି ସଭାକୁ ହନିଫ ବାବୁଙ୍କ ନାତୀ ମିର୍ଜା ଇଜାଜ ବେଗ ପରିଚାଳନା କରି ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।

## ମିଳିଲା ମୃତ ଯୁବକର ପରିଚୟ; ହତ୍ୟା ଅଭିଯୋଗ କଲେ ପରିବାର

**ଭଦ୍ରକ, ୬ ।୧୦(ସମିସ):** ମୃତ ଯୁବକଙ୍କ ପରିଚୟ ମିଳିଲା। ହେଲେ ପରିବାର ଲୋକେ ହତ୍ୟା ଅଭିଯୋଗ କରିଛନ୍ତି। ଏଭଳି ଏକ ଘଟଣା ଦେଖିବାକୁ ମିଳିଛି ଭଦ୍ରକ ଜିଲ୍ଲା ଚାନ୍ଦବାଲି ଥାନା ମତୋ ସ୍ନାତକ ମହାବିଦ୍ୟାଳୟ ନିକଟରେ। ସୂଚନାନୁଯାୟୀ, ଆଜି ସକାଳୁ ମତୋ ସ୍ନାତକ ମହାବିଦ୍ୟାଳୟ ପଛପଟ ବାରଣା ପଦା ନିକଟରେ ଜଣେ ଅଜଣା ଯୁବକ ଶବ ପଡ଼ିଥିବା ସ୍ଥାନୀୟ ଲୋକମାନେ ଦେଖି ନିକଟସ୍ଥ ମତୋ ଫାଣ୍ଡିକୁ ଖବର ଦେଇଥିଲେ। ଘଟଣାସ୍ଥଳରେ ମତୋ ଫାଣ୍ଡି ଅଧିକାରୀ ପହଞ୍ଚି ଶବ ନିକଟରୁ ଏକ ମୋବାଇଲ ଜବଦ କରିଥିଲେ। ମୋବାଇଲ ପଛପଟେ ଥିବା ଏକ ପରିଚୟ ପତ୍ରରୁ ଶବର ପରିଚୟ ଚିହ୍ନଟ କରିଛି ମତୋ ପୁଲିସ। ମୃତ ଯୁବକ ଜଣକ ହେଉଛନ୍ତି ଉତ୍ତୁକୁଡ଼ା ପଞ୍ଚାୟତ ଅନ୍ତର୍ଗତ ନଳିତାଗଡ଼ିଆ ଗାଁର ପ୍ରଫୁଲ୍ଲ ବଳଙ୍କ ପୁଅ ଆଲୋକ ବଳ। ସେ ୩ ଦିନ ହେବ ନିଖୋଜ ଥିଲା। ତାକୁ କେହି ହତ୍ୟା କରି ଏଠାରେ ପକାଇ ଦେଇଛି ବୋଲି ପରିବାର ଲୋକେ ଅଭିଯୋଗ କରିଛନ୍ତି। ଯୁବକର ମୁହଁ ଓ ଦେହରେ କ୍ଷତ ସ୍ଥାନ ରହିଛି। ଏଥିସହିତ ଶରୀରର କିଛି ସ୍ଥାନରେ ଏସିଡ ପକା ଯାଇଥିବା ଅନୁମାନ କରାଯାଉଛି।

## ପୋଖରୀରେ ପଡ଼ି ବୃଦ୍ଧଙ୍କ ମୃତ୍ୟୁ

**ଭଦ୍ରକ, ୬ ।୧୦(ସମିସ):** ପୋଖରୀରେ ପଡ଼ି ଜଣେ ବୃଦ୍ଧଙ୍କ ମୃତ୍ୟୁ ଘଟିଛି; ହେଲେ ମୃତ୍ୟୁକୁ ନେଇ ସନ୍ଦେହ ଉପୁଜିଛି। ମୃତ ବୃଦ୍ଧ ଜଣକ ହେଉଛନ୍ତି ଚାନ୍ଦବାଲି ବ୍ଲକ ନଳଗୋହିରା ପଞ୍ଚାୟତ ଅନ୍ତର୍ଗତ କରଣପୋଖରୀ ଗାଁର ଅବସରପ୍ରାପ୍ତ ଶିକ୍ଷକ ଇନ୍ଦ୍ରମଣି ନାୟକ। ଆଜି ସକାଳୁ ବୃଦ୍ଧ ଜଣକ ପ୍ରାତଃ ଭ୍ରମଣରେ ଯାଇ ଆଉ ଘରକୁ ଫେରି ନ ଥିଲେ। କିଛି ସମୟ ପରେ ଘରଠାରୁ ୫୦୦ମିଟର ଦୂର ଏକ ପୋଖରୀରେ ମୃତ ଦେହ ଭାସୁଥିବା ଦେଖିବାକୁ ମିଳିଥିଲା। ଗ୍ରାମବାସୀ ମୃତ ଦେହ ଭାସୁଥିବା ଦେଖିବା ପରେ ପରିବାର ଲୋକେକୁ ଖବର ଦେଇଥିଲେ। ଘଟଣାସ୍ଥଳରେ ପରିବାର ଲୋକେ ପହଞ୍ଚି ମୃତ ଦେହ ଉଦ୍ଧାର କରିଥିଲେ। ମୃତ ଦେହରେ ଉଦ୍ଧାର ବେଳେ ମୁହଁ ପାଖରେ ସାମାନ୍ୟ କ୍ଷତ ଚିହ୍ନ ଥିବାବେଳେ ବେକ ଏବଂ ଗୋଡ଼ରେ ପ୍ଲାଷ୍ଟିକ ଦଉଡ଼ିରେ ଲାଗିଥିବା ଦେଖିବାକୁ ମିଳିଛି। ତାଙ୍କର ସାମାନ୍ୟ ମସ୍ତିଷ୍କ ବିକୃତି ଥିବାରୁ ଏହା ହତ୍ୟା ନା ଆତ୍ମହତ୍ୟା ସନ୍ଦେହ ସୃଷ୍ଟି କରିଛି। ଘଟଣାସ୍ଥଳରେ ବାଂଶଡା ପୁଲିସ ତଦନ୍ତ ଆରମ୍ଭ କରିଛି।

## ଚୋରି ତାର ଜବତ; ଅଭିଯୁକ୍ତ ଫେରାର

**ବାରିକପୁର, ୫ ।୧୦(ସମିସ):** ଭଣ୍ଡାରିପୋଖରୀ ଥାନା ପକ୍ଷରୁ ବୋହୁ ପରିମାଣର ବିଦ୍ୟୁତ୍ ତାର ଜବତ କରାଯାଇଛି। ତା'ର ଚୋରି କରିଥିବା ଅଭିଯୁକ୍ତ ଫେରାର ହୋଇଯାଇଛନ୍ତି। ସୂଚନା ମୁତାବକ ଗତ ଶନିବାର ମଧ୍ୟରାତିରେ ଥାନା ଅଧିକାରୀ କମଳାକାନ୍ତ ଦାଶଙ୍କ ନେତୃତ୍ୱରେ ପୁଲିସ ପାଟ୍ରୋଲି ଆରମ୍ଭ ହୋଇଥିଲା। ପୁଲିସ ଭ୍ୟାନ ପାଳଦା ବାଙ୍କଠାରୁ ମାଳଦା ଦେଇ ମଞ୍ଜୁରୀ ଠାରେ ପହଞ୍ଚିଥିଲା। ଏହି ସମୟରେ କିଛି ବ୍ୟକ୍ତି ବାଇକ ଯୋଗେ ତାର ନେଉଥିବା ପୁଲିସ ଖବର ପାଇଥିଲା। ଏହାପରେ ବାଇକ୍ ପିଛା କରିଥିଲା ପୁଲିସ। ଥାନା ଗାଡ଼ିକୁ ଦେଖି ଚୋରମାନେ ତାରକୁ ରାସ୍ତା ଉପରେ ଫିଙ୍ଗି ଦେଇ ଫେରାର ହୋଇଯାଇଥିଲେ। ପରେ ପୁଲିସ ତାରକୁ ଜବତ କରି ଥାନା ଗୋଦାମ ଗୃହରେ ରଖିଛି।

## ନିଖୋଜ ବୃଦ୍ଧାଙ୍କ ମୃତଦେହ ନଦୀରୁ ଉଦ୍ଧାର

**ଧାମନଗର, ୬ ।୧୦(ସମିସ):** ଧାମନଗର ବ୍ଲକ ଅନ୍ତର୍ଗତ ଭଗବାନପୁର ପଞ୍ଚାୟତ ଅଧୀନ ଇଛଦା ସାହୁସାହି ଗ୍ରାମର ବୃଦ୍ଧା ସରସ୍ୱତୀ ସାହୁ (୭୫)ଙ୍କ ମୃତଦେହ ତିନି ଦିନ ପରେ ଉଦ୍ଧାର କରାଯାଇଛି। ଶନିବାର ସକାଳ ସମୟରେ ସୁତାର ସାହି ନିକଟସ୍ଥ ରେବନଦୀରେ ଭାସୁଥିବାର ସ୍ଥାନୀୟ ଗ୍ରାମବାସୀ ଦେଖି ଧାମନଗର ପୋଲିସ ଓ ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ। ଖବର ପାଇ ଘଟଣା ସ୍ଥଳରେ ପୁଲିସ ଓ ଦମକଳ ବିଭାଗର ସହଯୋଗରେ ଶବ ଉଦ୍ଧାର କରାଯାଇଥିଲା। ତେବେ ବୃଦ୍ଧାଙ୍କ ପୁତୁରା ନିର୍ମଳ କୁମାର ସାହୁଙ୍କ ଏତଲା ପାଇବା ମାତ୍ରେ ସଙ୍ଗେ ସଙ୍ଗେ ଧାମନଗର ଥାନା ଅଧିକାରୀ ରଞ୍ଜନ କୁମାର ସେଠୀ, ଏସଆଇ ମହେଶ୍ୱର ପ୍ରଧାନ ପହଞ୍ଚି ଶବ ଜବତ କରିବା ସହ ଥାନା କେସ ନଂ ୨୭/୨୫ ଅପମୃତ୍ୟୁ ମାମଲା ରୁଜୁ କରି ଶବ ବ୍ୟବଚ୍ଛେଦ ପାଇଁ ଭଦ୍ରକ ମୁଖ୍ୟ ଡାକ୍ତରଖାନାକୁ ପଠାଯାଇଛି।

## ବିପୁଳ ମଦ ସହ ଫ୍ରିଜ୍ ଜବତ; ୨ ଗିରଫ




**ଧାମନଗର, ୬ ।୧୦(ସମିସ):** ଧାମନଗର ଥାନାଞ୍ଚଳର ବିଭିନ୍ନ ବେଆଇନ ମଦ ଦୋକାନରେ ପୁଲିସ ଟିମ ଚଢ଼ଉ କରି ବିପୁଳ ପରିମାଣର ବେଆଇନ ମଦ ଓ ଦୁଇଟି ଫ୍ରିଜ୍ ଜବତ କରିଥିବା ବେଳେ ସମ୍ପୃକ୍ତ ଥିବା ୨ଜଣ ବ୍ୟକ୍ତିଙ୍କୁ ଗିରଫ କରାଯାଇଛି। ଧାମନଗର ଥାନା ବାରିକପୁର ବଜାର ଉପରେ ସରକାରଙ୍କ ଆଖିରେ ଧୂଳି ଦେଇ ଏକ ବେଆଇନ କାରବାର କରୁଥିବା ମଦ ବ୍ୟବସାୟଙ୍କ ଉପରେ ଅଚାନକ ଚଢ଼ଉ କରି ବିପୁଳ ପରିମାଣରେ ଗଛିତ ଥିବା ବେଆଇନ ମଦ ଏବଂ ଦୁଇଟି ଫ୍ରିଜ୍ ସହ ଏଥିରେ ସମ୍ପୃକ୍ତ ଦୁଇ ଜଣ ବ୍ୟକ୍ତିଙ୍କୁ ଗିରଫ କରାଯାଇଛି। ଏନେଇ ଥାନାରେ ଏକ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି।

## କଂଗ୍ରେସର 'ଭୋଟ ଚୋର-ଗାଦି ଛାଡ଼' ଦସ୍ତଖତ ଅଭିଯାନ ଶୁଭାରମ୍ଭ



**ଭଦ୍ରକ, ୬ ।୧୦(ସମିସ):** ଜିଲ୍ଲା କଂଗ୍ରେସ କାର୍ଯ୍ୟାଳୟରେ ସଭାପତି ନଳିନୀ କାନ୍ତ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଭୋଟ ଚୋରି ପ୍ରତିବାଦରେ ଭଦ୍ରକ ଜିଲ୍ଲାରେ ସୋମବାର ଦସ୍ତଖତ ଅଭିଯାନର ଶୁଭାରମ୍ଭ ହୋଇଛି। ଏ ନେଇ ଆୟୋଜିତ ଜିଲ୍ଲାସ୍ତରୀୟ ଦସ୍ତଖତ ଅଭିଯାନ କାର୍ଯ୍ୟକ୍ରମରେ ପୂର୍ବତନ ବିଧାୟକ ପଞ୍ଚାନନ ମଣ୍ଡଳ, ବରିଷ୍ଠ ନେତା ଦେବେନ୍ଦ୍ର ମହାନ୍ତି, ପୂର୍ବତନ ଜିଲ୍ଲା କଂଗ୍ରେସ କାର୍ଯ୍ୟକାରୀ ସଭାପତି ଦେବରୂପ ମହାନ୍ତି, ପିସିସି ଅନୁସୂଚିତ ଜାତି ବିଭାଗର ରାଜ୍ୟ ସାଧାରଣ ସମ୍ପାଦକ ରାଜେନ୍ଦ୍ର ପ୍ରସାଦ ଜେନା, ଜିଲ୍ଲା ମହିଳା କଂଗ୍ରେସ ସଭାପତି ସବିତା ଚନ୍ଦ, ଟାଉନ ସଭାପତି ଅବଦୁଲ ମୋକିତ ଖାଁ, ପ୍ରକାଶଜ୍ୟୋତି ମହାକୁଡ଼, ପିସିସି ଦଳିତ ସେଲ ସମ୍ପାଦକ ରଞ୍ଜନ ଜେନା, ଜିଲ୍ଲା ଦଳିତ ସେଲ ସଭାପତି ବିଦ୍ୟାଧର ଜେନା ପ୍ରମୁଖ ଯୋଗଦେଇଥିଲେ। କେନ୍ଦ୍ର ସରକାର କିପରି ଭୋଟ ଚୋରି କରି କ୍ଷମତାସୀନ ହୋଇପାରିଛି ତାହାର ପ୍ରତିବାଦ ଜଣାଇ ଏହି ଦସ୍ତଖତ ଅଭିଯାନକୁ ଦଳୀୟ କର୍ମୀ, ସାଧାରଣ ଭୋଟର, ସଚେତନ ନାଗରିକ ଏବଂ ସବୁ ବର୍ଗର ଲୋକଙ୍କୁ ସଚେତନ କରାଇ ଦସ୍ତଖତ ଅଭିଯାନକୁ ସଫଳ କରିବାକୁ ଜିଲ୍ଲା ସଭାପତି ଶ୍ରୀ ମହାନ୍ତି ବକ୍ତବ୍ୟ ଦେଇଥିଲେ। ଭୋଟ ଚୋର-ଗାଦି ଛୋଡ ନେଇ ହେବାକୁ ଥିବା ଦସ୍ତଖତ ଅଭିଯାନ ପାଇଁ ଜିଲ୍ଲା କଂଗ୍ରେସ କମିଟି ପକ୍ଷରୁ ପୂର୍ବତନ ବିଧାୟକ ଶ୍ରୀ ମଣ୍ଡଳ, ବରିଷ୍ଠ ନେତା ଶ୍ରୀ ମହାନ୍ତି, ରାଜ୍ୟ ଦଳିତ ନେତା ଶ୍ରୀ ଜେନାଙ୍କୁ ସଂଯୋଜକ ଭାବେ ନିଯୁକ୍ତି କରାଗଲା ବୋଲି ଜିଲ୍ଲା ସଭାପତି ଶ୍ରୀ ମହାନ୍ତି ଜିଲ୍ଲା ସ୍ତରୀୟ କର୍ମୀ ସମାବେଶ ଘୋଷଣା କରିଥିଲେ। ପରେ ଜିଲ୍ଲା ସଭାପତି ଶ୍ରୀ ମହାନ୍ତିଙ୍କ ସମେତ ଦଳୀୟ ନେତାମାନେ ଦସ୍ତଖତ ଫର୍ମକୁ ପ୍ରଦର୍ଶନ କରିଥିଲେ। କାର୍ଯ୍ୟକ୍ରମରେ ଭଦ୍ରକ ବ୍ଲକ ସଭାପତି ପୀତବାସ ଧଳ, ଧାମନଗର ବ୍ଲକ ସଭାପତି ରମେଶ ଚନ୍ଦ୍ର ବେହେରା, ଭଣ୍ଡାରିପୋଖରୀ ବ୍ଲକ ସଭାପତି ରଜନୀକାନ୍ତ ଚନ୍ଦ, ଆରଜିପିଆରଏସ ର ନେତା ପଦ୍ୟୁମ୍ନ ଦାସ, ଯୁବନେତା ବଳରାମ ରାଉତ, ଚାନ୍ଦବାଲି ଟାଉନ ସଭାପତି ବଦ୍ରି ନାୟକ, ଧାମନଗର ଟାଉନ ସଭାପତି ମାନସ ରଞ୍ଜନ ବେହେରା, ଭଣ୍ଡାରିପୋଖରୀ ନିର୍ବାଚନ ମଣ୍ଡଳୀ ଯୁବ ସଭାପତି ସାଦ ସିଦ୍ଦିକ, ଧାମନଗର ନିର୍ବାଚନ ମଣ୍ଡଳୀ ସଭାପତି ଆଲୋକ ସ୍ୱାଇଁ, ଭଦ୍ରକ ବ୍ଲକ ନିର୍ବାଚନ ମଣ୍ଡଳୀ ସଭାପତି ଇଲିଆସ ଖାଁ, ରାଉତ, ସୁଶାନ୍ତ ବାରିକ ପ୍ରମୁଖ ଉପସ୍ଥିତ ଥିଲେ।

## କୁମାର ପୂର୍ଣ୍ଣିମା ଉତ୍ସବ ପାଳିତ

**ବାରିକପୁର, ୬ ।୧୦(ସମିସ):** ଭଣ୍ଡାରିପୋଖରୀ ବ୍ଲକର ବିଭିନ୍ନ ସ୍ଥାନରେ ପବିତ୍ର କୁମାର ପୂର୍ଣ୍ଣିମା ଉତ୍ସବ ପାଳିତ ହୋଇଯାଇଛି। ଏହାଛଡ଼ା କହରାପୋଖରୀ, ଭଣ୍ଡାରିପୋଖରୀ, ମାଳଦା ବଜାରଠାରେ ଆଜି ଠାରୁ ଗଜଲକ୍ଷ୍ମୀ ପୂଜା ଆରମ୍ଭ ହୋଇଛି। ବିଶେଷ କରି କୁମାର ପୂର୍ଣ୍ଣିମା ଉପଲକ୍ଷେ ବିଭିନ୍ନ ଗାଁ ଗହଳି ଉତ୍ସବମୁଖର ହୋଇଛି। ପୂର୍ଣ୍ଣିମା ପାଇଁ ଗାଁର କୁମାରୀ ମାନେ ବୃନ୍ଦାବତୀଙ୍କ ନିକଟରେ ପୂଜାର୍ଚ୍ଚନା କରିଛନ୍ତି। ଏହାଛଡ଼ା ଚନ୍ଦ୍ରଙ୍କୁ ମଧ୍ୟ ବନ୍ଦାପନା କରିଛନ୍ତି। ଗାଁ ଗାଁରେ କୁମାରୀମାନେ ଏକତ୍ରିତ ହୋଇ ତୁଳସୀ ଚଉରା ମୂଳରେ ପୂଜା କରିବା ସହିତ କୁମାର ପୂର୍ଣ୍ଣିମା ଗୀତ ମଧ୍ୟ ଗାଇଛନ୍ତି। ଏହାଛଡ଼ା ମାନସିକ ଭାବେ ପୂର୍ଣ୍ଣ ଚାନ୍ଦକୁ ମଧ୍ୟ ପୂଜା କରିଥିଲେ। ସମ୍ପ୍ରତି କୁଆଁର ପୁନେଇଁ ରେ ପୁଚି ଖେଳ ପରମ୍ପରା ଲିଭିଯାଇଛି। ତଥାପି କେତେକ ସ୍ଥାନରେ ଏହି ପ୍ରତିଯୋଗିତା ଅନୁଷ୍ଠିତ ହୋଇଛି। ବ୍ଲକର ମଞ୍ଜୁରୀ ରୋଡ ଠାରୁ ଆରମ୍ଭ କରି ବିଷ୍ଣୁପୁର ଓ ଆଖୁଆପଦା ଠାରୁ ମାଳଦା ଯାଏଁ ସବୁଠି ଆନନ୍ଦ ଉଲ୍ଲାସର ସହିତ କୁମାର ପୂର୍ଣ୍ଣିମା ଉତ୍ସବ ପାଳିତ ହୋଇଯାଇଛି।

## ମିଳିତ ଜନଶୁଣାଣି ଶିବିରରେ ୨୬ ଅଭିଯୋଗର ତତ୍କାଳ ସମାଧାନ



**ଭଦ୍ରକ, ୬ ।୧୦(ସମିସ):** ଜିଲ୍ଲାପାଳଙ୍କ ମିଳିତ ଜନଶୁଣାଣି ଶିବିର ଭଦ୍ରକ ସଦଭାବନା ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ଦିଲୀପ ରାଉତରାଏ, ଏସ୍‌ପି ମନୋଜ କୁମାର ରାଉତ, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ରବିନାରାୟଣ ସାହୁ, ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ସରୋଜ ଦତ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଶୁଭେନ୍ଦ୍ର ସାମଲ, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ସୁଧିରଞ୍ଜନ ନାୟକ, ଉପଜିଲ୍ଲାପାଳ ସୌରଭ ଚକ୍ରବର୍ତ୍ତୀ, ଡେପୁଟି କଲେକ୍ଟର କାର୍ତିକ ନାଥ ମଣ୍ଡଳ, ଜ୍ଞାନରଞ୍ଜନ ଦାସ, ଭଦ୍ରକ ବିଡିଓ ରଶ୍ମିରଞ୍ଜନ ମଲ୍ଲିକ, ତହସିଲଦାର ଭଦ୍ରକ ପ୍ରିୟଦର୍ଶୀ ସଂଗ୍ରାମ କେଶରୀ ଖୁଣ୍ଟିଆ ଓ ଅନ୍ୟ ବିଭାଗର ଅଧିକାରୀ ଯୋଗଦେଇଥିଲେ। ସମସ୍ତ ବିଭାଗର ଅଧିକାରୀ ଉପସ୍ଥିତ ରହି ଦାଖଲ ହୋଇଥିବା ଅଭିଯୋଗପତ୍ରକୁ ସମାଧାନ ପାଇଁ ପଦକ୍ଷେପ ନେଇଥିଲେ। ଆଜିର ଜନଶୁଣାଣି ଶିବିରରେ ୧୧୬ ଆବେଦନପତ୍ର ଦାଖଲ ହୋଇଥିଲା। ସେଥିରୁ ୧୦୦ଟି ବ୍ୟକ୍ତିଗତ ଥିଲାବେଳେ ୧୬ଟି ସାମୂହିକ ଥିଲା। ଶିବିରରେ ୨୬ଟି ଅଭିଯୋଗର ତତ୍କାଳ ସମାଧାନ ହୋଇଥିଲା। ମୁଖ୍ୟମନ୍ତ୍ରୀ ରିଲିଫ୍ ପାଣ୍ଠିରୁ ୬ ଓ ରେଡକ୍ରସ ରୁ ୬ ଜଣଙ୍କୁ ମୋଟ ୧ ଲକ୍ଷ ୨୩ ହଜାର ଟଙ୍କା ପ୍ରଦାନ କରାଯାଇଥିଲା। ଆଜିର ଜନଶୁଣାଣିରେ ମୁଖ୍ୟତଃ ଚାଷୀ ପଞ୍ଜୀକରଣ, ମଧୁବାବୁ ପେନସନ, ପିଏମ ଆବାସ ଯୋଜନାରେ ଗୃହ ବଣ୍ଟନ, ଜମିଜମା ସମ୍ପର୍କିତ, ସରକାରୀ ଜମିରେ ବସବାସ କରୁଥିବା ଲୋକଙ୍କୁ ଉଚ୍ଛେଦ ବଦଳରେ ଜମି/ଗୃହ ଆବଣ୍ଟନ ଅଭିଯୋଗ ସହିତ ଚିକିତ୍ସା ପାଇଁ ଆର୍ôଥିକ ସହାୟତା ଦରଖାସ୍ତ ହସ୍ତଗତ ହୋଇଥିଲା।

## ପରିବା ଦର ଆକାଶଛୁଆଁ; ଖାଉଟି ହନ୍ତସନ୍ତ



**ବାରିକପୁର, ୬ ।୧୦(ସମିସ):** ଏବେ ପାର୍ବଣ ପାଇଁ କିଛି ଦିନ ହେବ ପନିପରିବା ଦର ଢେର ଅଧିକ ରହିଥିଲା। ପୂଜା ଶେଷ ହେବା ପରେ ମଧ୍ୟ ପରିବା ମୂଲ୍ୟ ଅପରିବର୍ତ୍ତିତ ରହିଛି। ଏହି ପରିପ୍ରେକ୍ଷୀରେ ଭଣ୍ଡାରିପୋଖରୀ ବ୍ଲକର ବିଭିନ୍ନ ଗ୍ରାମ୍ୟ ବଜାରରେ ଦିନକୁ ଦିନ ସବୁଜ ପନିପରିବା ଦର ବୃଦ୍ଧି ପାଉଛି। କାର୍ତ୍ତିକ ମାସକୁ କିଛି ଦିନ ବାକି ଥିବାବେଳେ ବଜାର ଦର ଏବେ ବଢ଼ିବାରେ ଲାଗିଛି। ଯାହାକି ସାଧାରଣ ଖାଉଟିଙ୍କୁ ଅସହ୍ୟ ହେଉଛି। ସାଧାରଣତଃ କାର୍ତ୍ତିକ ମାସରେ ହବିଷ ରହୁଥିବା ଯୋଗୁଁ ପରିବା ଦର ବୃଦ୍ଧି ହୋଇଥାଏ। ପୂଜା ପରେ ଫାଙ୍କା ସମୟରେ ମଧ୍ୟ ଗାଁ ଗହଳିରେ ବେପାର କରୁଥିବା କ୍ଷୁଦ୍ର ବ୍ୟବସାୟୀଙ୍କ ନିକଟରୁ ମଧ୍ୟ ଅନେକ ପରିବାକୁ ଅଧିକ ମୂଲ୍ୟରେ ଖାଉଟିଙ୍କୁ କିଣିବାକୁ ପଡୁଛି। ବଜାର ଗୁଡିକରେ ଦୈନିକ ବିକ୍ରି ହେଉଥିବା କଖାରୁ, ଜହ୍ନି, ଭେଣ୍ଡି, ପୋଇର ମୂଲ୍ୟ ପ୍ରାୟତଃ ଅପରିବର୍ତ୍ତିତ ରହୁଛି। ବିଶେଷ କରି ଫୁଲକୋବି, ଝୁଡୁଙ୍ଗ, ବାଇଗଣ, କଲରା, ସଜନା ଛୁଇଁ, ପୋଟଳ, ବିଲାତି, କଞ୍ଚାଲଙ୍କା, କାକୁଡି, ବନ୍ଧାକୋବି ଆଦି ପରିବାର ମୂଲ୍ୟ ଦିନକୁ ଦିନ ବୃଦ୍ଧି ପାଉଛି। ଏଗୁଡିକ ବାହାର ଜିଲ୍ଲାରୁ ଆସୁଥିବା ବେଳେ ଦିନକୁ ଦିନ ମୂଲ୍ୟ ବଢୁଥିବା ଜଣାପଡ଼ିଛି। କିଛି ପନିପରିବା ମଧ୍ୟ ବାହାର ରାଜ୍ୟରୁ ଆମଦାନୀ ହେଉଛି। ତେଣୁ କିଣା ଅନୁସାରେ ବିକ୍ରି ହେଉଛି ବୋଲି ମଞ୍ଜୁରୀ ରୋଡ, ବାରିକପୁର, ଆଖୁଆପଦା, ପରମାନନ୍ଦପୁର, ସରସଦା, ଧାମନଗର ଛକ, କୁଲଣା, ମାଳଦା ପ୍ରମୁଖ ବଜାରର କ୍ଷୁଦ୍ର ବ୍ୟବସାୟୀ କହିଛନ୍ତି।

## ଡ. ନରହରି ବେହେରା ଟ୍ରଷ୍ଟର ବାର୍ଷିକ ଉତ୍ସବ

# ଦୁଃଖୀ ଓ ଅସହାୟଙ୍କ ମୁହଁରେ ହସ ଫୁଟାଇବା ହିଁ ମାନବିକତା




**ଭଦ୍ରକ, ୬ ।୧୦(ସମିସ)**

ଦୀନ, ଦୁଃଖୀ, ଦୁର୍ଗତଙ୍କ ମୁହଁରେ ହସ ଫୁଟାଇବା ହିଁ ମାନବିକତାର ବଳିଷ୍ଠ ଦିଗ ତଥା ପ୍ରକୃତ ସମାଜସେବା ବୋଲି ଛବିରାଣୀ ବିଶ୍ୱାଳଙ୍କ ଦ୍ୱାରା ପ୍ରତିଷ୍ଠା ଡ. ନରହରି ବେହେରା ଟ୍ରଷ୍ଟର ପଞ୍ଚମ ବାର୍ଷିକ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଭଦ୍ରକ ଜିଲ୍ଲାପାଳ ଦିଲୀପ ରାଉତରାଏ ଏହା କହିଛନ୍ତି। ଭାଗବତ କଲ୍ୟାଣ ମଣ୍ଡପଠାରେ ଆୟୋଜିତ ଟ୍ରଷ୍ଟର ବାର୍ଷିକ ଉତ୍ସବ-୨୦୨୫ରେ ଟ୍ରଷ୍ଟର ସଭାପତି ଇଂ. ଅଭୟ ସୂତାରଙ୍କ ପୌରୋହିତ୍ୟ କରିଥିଲେ। ଏହି ସାରସ୍ୱତ ଓ ସାମାଜିକ ସମାବେଶରେ ପୂର୍ବତନ ସାଂସଦ ମଞ୍ଜୁଲତା ମଣ୍ଡଳ ଓ ପୂର୍ବତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ ବିଶିଷ୍ଟ ଅତିଥି, ଡେପୁଟି କଲେକ୍ଟର କାର୍ତ୍ତିକ ନାଥ ମଣ୍ଡଳ ସ୍ୱତନ୍ତ୍ର ଅତିଥି, ବରିଷ୍ଠ ସାମ୍ବାଦିକ ତଥା ସାହିତ୍ୟିକ ଦୋଳଗୋବିନ୍ଦ ପଣ୍ଡା ମୁଖ୍ୟବକ୍ତା, ଅବସରପ୍ରାପ୍ତ ଅଧ୍ୟକ୍ଷ ତଥା ସାହିତ୍ୟିକ ଡ.ରାମଚନ୍ଦ୍ର ପଲାଇ ବରେଣ୍ୟ ବକ୍ତା, ଡା. ସଙ୍ଗୀତା ବଳ ଓ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ତଥା ବରିଷ୍ଠ ସାହିତ୍ୟିକ ଗଗନ ବିହାରୀ ରାଉତ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ସମାରୋହରେ ଟ୍ରଷ୍ଟର ସମ୍ପାଦକ ଅଧ୍ୟାପକ ନିହାର ରଞ୍ଜନ କର ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ଦେଇଥିଲେ। ଏହି ଅବସରରେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ବିହାରୀ ଗଗନ ରାଉତଙ୍କୁ ଡ. ନରହରି ବେହେରା ସ୍ମୃତି ସମ୍ମାନରେ ସମ୍ମାନିତ କରାଯାଇଥିଲା। ପୂର୍ବତନ ପ୍ରଧାନଶିକ୍ଷକ ବୈକୁଣ୍ଠନାଥ ଓଝା ମାନପତ୍ର ପାଠ କରିଥିଲେ। ସେହିପରି ଚଳିତବର୍ଷ ମାଟ୍ରିକ ପରୀକ୍ଷାରେ ଭଦ୍ରକ ଜିଲ୍ଲାର ସାତଟି ବ୍ଲକରେ ସର୍ବୋଚ୍ଚ ନମ୍ବର ରଖିଥିବା ଛାତ୍ରଛାତ୍ରୀଙ୍କୁ ମାନପତ୍ର ଓ ଆର୍ôଥିକ ପୁରସ୍କାର ପ୍ରଦାନ କରାଯାଇଥିଲା। ପ୍ରବନ୍ଧ, ବକ୍ତୃତା ଓ ସାଧାରଣ ଜ୍ଞାନ ପ୍ରତିଯୋଗିତାରେ କୃତୀ ଛାତ୍ରମାନଙ୍କୁ ପୁରସ୍କାର ପ୍ରଦାନ ସହ ଟ୍ରଫି ଓ ସାର୍ଟିଫିକେଟ ଦିଆଯାଇଥିଲା। ସଂଗଠନ ସମ୍ପାଦକ ତପନ କୁମାର ପଣ୍ଡା ଓ ସହ ସମ୍ପାଦିକା ଶିକ୍ଷୟିତ୍ରୀ ଶ୍ରଦ୍ଧାଞ୍ଜଳି କର ପ୍ରମୁଖ ପୁରସ୍କାର ବିତରଣ ସଭା ପରିଚାଳନା କରିଥିଲେ। ଟ୍ରଷ୍ଟର ଉପସଭାପତି ଡା. ଅନିଲ କୁମାର ଦାଶ ବେଦପାଠ ସହ ଆବାହନୀ ସଙ୍ଗୀତ ପରିବେଷଣ କରିଥିଲେ। ସଂଗୀତ ନିର୍ଦ୍ଦେଶକ ଓ କଣ୍ଠଶିଳ୍ପୀ ପ୍ରଫୁଲ୍ଲ କୁମାର ନାୟକ, କଣ୍ଠଗୌରବ ଦେବେନ୍ଦ୍ର ପ୍ରସାଦ ପଣ୍ଡା, କଣ୍ଠଶିଳ୍ପୀ ଶଶିକଳା ମିଶ୍ର ସ୍ମୃତି ସଙ୍ଗୀତ ଓ ଶିଶୁ ନୃତ୍ୟ ଶିଳ୍ପୀ ଶିବାଙ୍ଗୀ ଭୋଇ ଓଡିଶୀ ନୃତ୍ୟ ପରିବେଷଣ କରିଥିଲେ। ବ୍ୟଙ୍ଗକବି ବିଜୟଶ୍ରୀ ଗୋକୁଳାନନ୍ଦ ରାଉତ ସ୍ମୃତି କବିତା ପାଠ, ବ୍ୟାଙ୍କ ଅଧିକାରୀ ଅବିନାଶ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ଦେବୀଦତ୍ତା ବେଦାନ୍ତ, ସରୋଜ ବିଶ୍ୱାଳ, ବିମଳ କୁମାର ବିଶ୍ୱାଳ ପ୍ରମୁଖ ଉତ୍ସବ ପରିଚାଳନା କରିଥିଲେ।

## ଜିଲ୍ଲା ମେଡିକାଲ କଲେଜ ଡାକ୍ତରଖାନା

# ବିବିଏମ୍‌ସିଏଚ୍‌ରେ ରୋଗୀ ସମ୍ପର୍କୀୟଙ୍କୁ ମିଳୁନି ଆହାର

ବଲାଙ୍ଗିର, ୬ ।୧୦(ସମିସ)

ଡାକ୍ତରଖାନା ସ୍ଥାନାନ୍ତର ହେଲା; କାର୍ଯ୍ୟକ୍ଷମ ହେଲାନି ଆହାର କେନ୍ଦ୍ର
ଜିଲ୍ଲା ମୁଖ୍ୟ ଡାକ୍ତରଖାନାରେ ଚାଲିଛି ଆହାର କେନ୍ଦ୍ର
ସ୍ୱାସ୍ଥ୍ୟ ବିଭାଗର ଅଣଦେଖା, କୋଠା ଅଛି କିନ୍ତୁ କାର୍ଯ୍ୟକ୍ଷମ ପାଇଁ ଇଚ୍ଛା ନାହିଁ




ବଲାଙ୍ଗିର ଭୀମଭୋଇ ମେଡିକାଲ କଲେଜ ୬୦୦ ବେଡ୍ ବିଶିଷ୍ଟ ଡାକ୍ତରଖାନା ଉଦ୍‌ଘାଟନ ହେବାର ଦେଢ଼ବର୍ଷ ପରେ ବି ଆରମ୍ଭ ହୋଇପାରିଲାନି ଆହାର କେନ୍ଦ୍ର। ଆହାରକେନ୍ଦ୍ର ପାଇଁ ଏକ ସ୍ୱତନ୍ତ୍ର କୋଠା ନିର୍ମାଣ ହୋଇଛି ସତ କିନ୍ତୁ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗର ଅବହେଳା ଯୋଗୁଁ ଏଯାଏଁ ରୋଗୀ ସମ୍ପର୍କୀୟଙ୍କ ପାଇଁ ଉକ୍ତ ଆହାର କେନ୍ଦ୍ର କବାଟ ଖୋଲି ନ ଥିବା ଦେଖିବାକୁ ମିଳିଛି। ପୂର୍ବରୁ ଯେଉଁ ଜିଲ୍ଲା ସ୍ୱାସ୍ଥ୍ୟକେନ୍ଦ୍ରରେ ଆହାର କେନ୍ଦ୍ର ଥିଲା ତାହା ଆଜି ବି ସେଠାରେ ହିଁ ରହିଛି। କିନ୍ତୁ ଭୀମଭୋଇ ମେଡିକାଲ କଲେଜ ଡାକ୍ତରଖାନା ସ୍ଥାନାନ୍ତର ହେବାପରେ ସମସ୍ତ ରୋଗୀ ନୂତନ ଡାକ୍ତରଖାନାକୁ ଆସୁଥିବାବେଳେ ସେମାନଙ୍କ ସମ୍ପର୍କୀୟ ଖାଇବା ମୁଠାଏ ପାଇଁ ବାରଦୁଆର ହେବା ସହ ଅନ୍ୟ ହୋଟେଲମାନଙ୍କ ଉପରେ ଭରସା କରୁଥିବା ଦେଖିବାକୁ ମିଳିଛି।

ବଲାଙ୍ଗିରରେ ୨୦୧୮ ରେ ମେଡିକାଲ କଲେଜ ଉଦ୍‌ଘାଟନ କରାଯାଇଥିଲା। ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ମେଡିକାଲ କଲେଜ ଉଦ୍‌ଘାଟନ ହୋଇଥିବାବେଳେ ଜିଲ୍ଲା ମୁଖ୍ୟ ସ୍ୱାସ୍ଥ୍ୟକେନ୍ଦ୍ରର ଉନ୍ନତିକରଣ କରାଯାଇ ସେଠାରେ ଦୀର୍ଘ ୬ ବର୍ଷ ଧରି ମେଡିକାଲ କଲେଜ ଡାକ୍ତରଖାନା ପରିଚାଳିତ ହୋଇଥିଲା। ଅର୍ଥାତ ମେଡିକାଲ କଲେଜ ଛାତ୍ରଛାତ୍ରୀ ସେହି ଡାକ୍ତରଖାନାରେ ତାଲିମ ନେବା ସହ ମେଡିକାଲ କଲେଜର ଅସ୍ଥାୟୀ ଡାକ୍ତରଖାନା ନୂତନ ସ୍ଥାୟୀ କୋଠା ନିର୍ମାଣ ହେବାପର୍ଯ୍ୟନ୍ତ ପରିଚାଳନା ବ୍ୟବସ୍ଥା କରାଯାଇଥିଲା। ମେଡିକାଲ କଲେଜକୁ ଲାଗି ନୂତନ ୬ ଶହ ଶଯ୍ୟା ବିଶିଷ୍ଟ ଡାକ୍ତରଖାନା ନିର୍ମାଣ କାମ ସରିବାପରେ ଗତ ୨୦୨୪ ମାର୍ଚ୍ଚ ମାସ ୨ ତାରିଖରେ ପୂର୍ବତନ ମୁଖ୍ୟମନ୍ତ୍ରୀ ଉକ୍ତ ୬ଶହ ଶଯ୍ୟା ବିଶିଷ୍ଟ ଡାକ୍ତରଖାନାକୁ ଉଦ୍‌ଘାଟନ କରିଥିଲେ। ଉଦ୍‌ଘାଟନ ହେବା ପରେ ରାଜ୍ୟରେ ସରକାର ପରିବର୍ତ୍ତନ ହୋଇଥିଲା। ନୂତନ ସରକାରଙ୍କ କ୍ୟାବିନେଟରେ ଜିଲ୍ଲାର ବିଧାୟକ ମୁକେଶ ମହାଲିଙ୍ଗଙ୍କୁ ସ୍ୱାସ୍ଥ୍ୟ ବିଭାଗ ମନ୍ତ୍ରୀପଦ ମିଳିଥିଲା। ତଥାପି ପୁରୁଣା ଡାକ୍ତରଖାନାକୁ ନୂତନ କୋଠାକୁ ସ୍ଥାନାନ୍ତର ହେବାପରେ ପ୍ରାୟ ଦେଢ଼ ବର୍ଷ ସମୟ ଲାଗିଥିଲା। ଅନେକ ବାଦ ବିବାଦ ଭିତରେ ମେଡିକାଲ କଲେଜ ଡାକ୍ତରଖାନା ସମ୍ପୂର୍ଣ୍ଣଭାବେ ସ୍ଥାନାନ୍ତର ହୋଇସାରିଛି ସତ କିନ୍ତୁ ଆଜି ବି ଅନେକ ବ୍ୟବସ୍ଥା ନୂତନ କ୍ୟାମ୍ପସରେ ହୋଇପାରି ନ ଥିବା ଜଣାପଡ଼ିଛି। ରୋଗୀ ସମ୍ପର୍କୀୟମାନଙ୍କ ପାଇଁ ବିଜେଡି ସରକାର ସମୟରେ ୫ ଟଙ୍କାରେ ଖାଦ୍ୟ ର ବ୍ୟବସ୍ଥା କରାଯାଇଥିଲା। ଡାକ୍ତରଖାନାରେ ଆହାର କେନ୍ଦ୍ର ଖୋଲାଯାଇଥିବାବେଳେ ସେଠାରେ ରୋଗୀ ସଂପର୍କିୟମାନେ ୫ ଟଙ୍କାରେ ଖାଇବା ପାଉଥିଲେ। ମେଡିକାଲ କଲେଜ ନୂତନ କ୍ୟାମ୍ପସକୁ ସ୍ଥାନାନ୍ତର ହେବା ପରେ ଜିଲ୍ଲା ମୁଖ୍ୟ ଡାକ୍ତରଖାନାରେ ଆଉ ରୋଗୀଙ୍କ ସେତିକି ଭିଡ଼ ନାହିଁ। ରୋଗୀଙ୍କୁ ବିଶେଷ କରି ମେଡିକାଲ କଲେଜ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଉଥିବା ବେଳେ ସେଠାରେ ଭିଡ଼ ଲାଗିରହିଛି। କିନ୍ତୁ ଜିଲ୍ଲା ସ୍ୱାସ୍ଥ୍ୟକେନ୍ଦ୍ର ଠାରେ ଥିବା ଆହାର କେନ୍ଦ୍ର ସ୍ଥାନାନ୍ତର ହୋଇନାହିଁ କି ନୂତନ କ୍ୟାମ୍ପସ ପାଇଁ ନୂତନ ଆହାର କେନ୍ଦ୍ର ଆରମ୍ଭ କରାଯାଇନାହିଁ। ଡାକ୍ତରଖାନା ଭିଡ଼ ଓ ରୋଗୀ ସଂପର୍କିୟଙ୍କ ସମସ୍ୟାକୁ ଦୃଷ୍ଟିରେ ରଖି ଏକ ବଡ଼ ଆହାର କେନ୍ଦ୍ର କୋଠା ନିର୍ମାଣ କରାଯାଇଛି ସତ କିନ୍ତୁ ଦେଢ ବର୍ଷ ପରେ ବି ଆହାରକେନ୍ଦ୍ର କାର୍ଯ୍ୟକ୍ଷମ ହୋଇପାରି ନାହିଁ। ଫଳରେ ରୋଗୀ ସଂପର୍କିୟ ମାନେ ଖାଇବା ପାଇଁ ଅନେକ ସମସ୍ୟାର ସମ୍ମୁଖୀନ ହେଉଥିବାବେଳେ ନିକଟସ୍ଥ ହୋଟେଲକୁ ଖାଇବାକୁ ଯାଇ ଖର୍ଚ୍ଚାନ୍ତ ହେଉଥିବା ଅଭିଯୋଗ କରିଛନ୍ତି। ତେବେ ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ନିଜ ଜିଲ୍ଲାରେ ଥିବା ମେଡିକାଲ କଲେଜ ଡାକ୍ତରଖାନାରେ ଆହାରକେନ୍ଦ୍ର କାର୍ଯ୍ୟକ୍ଷମ ହୋଇନପାରିବା ନିହାତି ଭାବେ ଏକ ଦୁର୍ଭାଗ୍ୟଜନକ ବିଷୟ। ଏଥିପ୍ରତି ଜିଲ୍ଲା ପ୍ରଶାସନ ଓ ମେଡିକାଲ କଲେଜ ଡାକ୍ତରଖାନା ପ୍ରଶାସନ ଦୃଷ୍ଟି ଦେବାକୁ ଦାବି ହୋଇଛି।

## ଅଲଣ୍ଡା ସରପଞ୍ଚଙ୍କ ନିଆରା ପଦକ୍ଷେପ

# ପଞ୍ଚାୟତର ଛାତ୍ରଛାତ୍ରୀଙ୍କୁ ମାଗଣା ଟ୍ୟୁସନ

କଣ୍ଟାବାଞ୍ଜି, ୬ ।୧୦(ସମିସ): ବଲାଙ୍ଗିର ଜିଲ୍ଲା ବଙ୍ଗୋମୁଣ୍ଡା ବ୍ଲକ୍ ଏକ ଦାଦନ ପ୍ରବଣ, ମରୁଡି ପ୍ରପୀଡ଼ିତ ଅଞ୍ଚଳ ଭାବେ ପରିଚିତ। ତେବେ ଏପରି ସ୍ଥିତିରେ ଅଲଣ୍ଡା ପଞ୍ଚାୟତ ମଧ୍ୟ ଅଛୁଆଁ ନୁହେଁ। କିଛିବର୍ଷ ତଳେ ଧାନ ବିକ୍ରି ପାଇଁ ପଞ୍ଜିକରଣ କରିଥିବା ଚାଷୀମାନଙ୍କ ଟୋକନ ଲ୍ୟାପ୍ସ ହୋଇଯାଇଥିବା ଦେଖି ତତ୍କାଳୀନ ବଙ୍ଗୋମୁଣ୍ଡା ତହସିଲଦାର ଚାଷୀ ମାନଙ୍କ ଘରକୁ ଘର ଯାଇ ସ୍ଥିତି ଦେଖିଅବାକ୍ ହୋଇଯାଇଥିଲେ। କାରଣ ପେଟପାଟଣା ପାଇଁ କିଏ ଘରେ ପାଠ ପଢୁଥିବା ଝିଅ ସାଙ୍ଗରେ ଛୋଟ ଛୋଟ ଶିଶୁମାନଙ୍କୁ ଛାଡି କାମ ଅନ୍ୱେଷଣରେ ବାହାର ରାଜ୍ୟ ଯାଇଛି ତ କିଏ ବୃଦ୍ଧ ବୃଦ୍ଧା ମାନଙ୍କ ଭରସାରେ ଛୋଟ ଛୋଟ ଶିଶୁମାନଙ୍କୁ ଛାଡି ଯାଇଛି। ଆଉକିଛି ଘରମାନଙ୍କରେ ତାଲା ପଡ଼ିଥିବା ଭଳି ସ୍ଥିତି ଦେଖାଯାଇଥିଲା। ଏପରି ଏକ ପଞ୍ଚାୟତ ରେ ଶିକ୍ଷା ଅପେକ୍ଷା ପେଟପାଟଣା ଗୁରୁତ୍ୱପୂର୍ଣ୍ଣ। ସରକାର ମନରେଗା ଯୋଜନାରେ କାମ ଯୋଗାଇ ଦେଉଥିବାରୁ ବର୍ତ୍ତମାନ ସ୍ଥିତି ଗୋଟିଏ ପ୍ରକାର ଠିକ୍ ଥିଲେ ହେଁ ଶିକ୍ଷାକୁ ପ୍ରାଥମିକତା ଜରୁରୀ ଅଟେ। ତେଣୁ ଅଲଣ୍ଡା ପଞ୍ଚାୟତ ସରପଞ୍ଚ ନିବେଦିତା ବାଗ ଏକ ନିଆରା ପଦକ୍ଷେପ ଗ୍ରହଣ କରିଥିବା ଦେଖିବାକୁ ମିଳିଛି। ଏଣିକି ଅଲଣ୍ଡା ପଞ୍ଚାୟତରେ ଥିବା ୧୦ ମ ଶ୍ରେଣୀର ସମସ୍ତ ଛାତ୍ରଛାତ୍ରୀଙ୍କୁ ମାଗଣାରେ ଟ୍ୟୁସନ ପଢ଼ା ପାଇଁ ସରପଞ୍ଚ ବ୍ୟବସ୍ଥା କରିଛନ୍ତି।



# ରେଳ ଧାରଣାରୁ ମୃତଦେହ ଉଦ୍ଧାର

କଣ୍ଟାବାଞ୍ଜି, ୬ ।୧୦(ସମିସ): ବଲାଙ୍ଗିର ଜିଲ୍ଲା ତୁରେକେଲା ଥାନା ଅଞ୍ଚଳର ମହୁଲ ବେହେଲି ଗାଁ ପାଖ ରେଳ ଧାରଣାରୁ ଜଣକର ମୃତଦେହ ଉଦ୍ଧାର ହୋଇଛି। ପାରିବାରିକ ଅସନ୍ତୋଷରୁ ଆତ୍ମହତ୍ୟା କରିଥିବା ସନ୍ଦେହ କରାଯାଉଛି।

ସୂଚନା ଅନୁସାରେ ମହୁଲବହେଲି ଗାଁର ଜିତ ମାଝୀ (୫୨) ଗତକାଲି ରାତିରେ ରେଳ ଧାରଣାରେ ଯାଉ ଶୋଇପଡ଼ି ଆତ୍ମହତ୍ୟା କରିଥିବା ଜଣାପଡ଼ିଛି। କଣ୍ଟାବାଞ୍ଜି ଜିଆର୍‌ପି ପୁଲିସ ପହଞ୍ଚି ଶବ ଜବତ କରିବା ସହିତ ତଦନ୍ତ ଚଳାଇଛି।

# ଜରାସିଂହା ପାଟଖଣ୍ଡା ଯାତ୍ରା ଉଦ୍‌ଯାପିତ



ଦେଓଗାଁ, ୬ ।୧୦ (ସମିସ): ବଲାଙ୍ଗିର ଜିଲ୍ଲା ଦେଓଗାଁ ବ୍ଲକ୍ ଅଧୀନ ଜରାସିଂହା ଠାରେ ଅନୁଷ୍ଠିତ ହୋଇଥିବା ପାଟଖଣ୍ଡା ଯାତ୍ରା ସମାପନ ହୋଇଛି। ରବିବାର ସକାଳୁ ସାଲେପାଲି ଛକ ନିକଟ ପୀଠରେ ବଉରାପିଟା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବାବେଳେ ରାତିରେ ନିଶିଗୁଡି ପୂଜା ଅନୁଷ୍ଠିତ ହୋଇଥିଲା। ସୋମବାର ଦିନସାରା ଯାତ୍ରା ଅନୁଷ୍ଠିତ ହୋଇଥିବାବେଳେ ସନ୍ଧ୍ୟାରେ ଦେବତା ପ୍ରସ୍ଥାନ କରିଥିଲେ। ଜରାସିଂହା ଜମିଦାର ଦୁର୍ଗା ପ୍ରସାଦ ସିଂଦେଓଙ୍କ ନେତୃତ୍ୱରେ ୩୨ ଦେହୁରୀଙ୍କ ଦ୍ୱାରା ପୂଜା ସମ୍ପନ୍ନ ହୋଇଥିଲା। ମୁଖ୍ୟ ବରୁଆ, ସନ୍ତୋଷ ଥନାପତି ସମେତ ବରୁଆ, ବୁଦ୍ଧୁ ପତ୍ରିମାଲି, ଶଙ୍କର ସିଂ ବାବୁ, ରଘୁନାଥ ଝାଙ୍କର, ବେଣୁ ଦଣ୍ଡସେନା, ହେମନ୍ତ ଦିଗାଲ, ଡ. ସରୋଜ କୁମାର ସାହୁ, ଶତ୍ରୁଘ୍ନ ଦଣ୍ଡସେନା, ରାଜ ଦଣ୍ଡସେନା, ଶ୍ରୀବଚ୍ଛ ସାହୁ ପ୍ରମୁଖ ସହଯୋଗ କରିଥିଲେ।

## ଲାଠୋର ମୁଖ୍ୟ ରାସ୍ତାରେ ବେଆଇନ କ୍ଲିନିକ୍

# ଆୟୁର୍ବେଦିକ୍ ନାଁରେ ଏଲୋପାଥିକ ଦିଆଯାଇଥିବା ଅଭିଯୋଗ



ପାଟଣାଗଡ଼/ଖପ୍ରାଖୋଲ, ୬ ।୧୦ (ସମିସ): ବଲାଙ୍ଗିର ଜିଲ୍ଲା ପାଟଣାଗଡ଼ ଉପଖଣ୍ଡ ଖପ୍ରାଖୋଲ ବ୍ଲକ ଲାଠୋର ମୁଖ୍ୟ ରାସ୍ତା କଡ଼ରେ ପେଟ୍ରୋଲ ପମ୍ପ ନିକଟରେ ଦୀର୍ଘ ଦିନରୁ ଏକ ବେଆଇନ କ୍ଲିନିକ ଚାଲୁଥିବା ଅଭିଯୋଗ ହେଉଛି। ଏହି କ୍ଲିନିକରେ ଆୟୁର୍ବେଦିକ ଚିକିତ୍ସା କରାଯାଉଥିବା କହି ବେଆଇନ ଭାବରେ ଏଲୋପାଥିକ ଚିକିତ୍ସା କରୁଥିବାର ପ୍ରମାଣ "ସକାଳ" ହାତରେ ଲାଗିଛି। କିଛିଦିନ ତଳେ ଜଣେ ବ୍ୟକ୍ତି ଏହି କ୍ଲିନିକକୁ ଆଣ୍ଠୁ, ଗଣ୍ଠି ଦରଜ ହେଉଥିବା ନେଇ ଚିକିତ୍ସା ପାଇଁ ଯାଇଥିଲେ। ଏହି କ୍ଲିନିକରେ ଚିକିତ୍ସିତ ହୋଇ ଦୁଇ ଶହ ଟଙ୍କା ଫି' ଦେଇଥିଲେ। ଏଥିସହ କିଛି ଔଷଧ ମଧ୍ୟ ଡାକ୍ତରଙ୍କଠାରୁ ନେଇଥିଲେ। ଟଙ୍କା କମ୍ ଥିବାରୁ ଚାରିଶହ ଟଙ୍କାର ଔଷଧ ଆଣିଥିଲେ। ମାଲିସ ପାଇଁ ଗୋଟିଏ ତେଲ, ଏସିଡ ପାଇଁ ରେବିଜ ଏଲଏସଆର ଓ ଏକ ଜରି ପ୍ୟାକେଟ ରେ ତିନି ପ୍ରକାରର ଖୋଲା ଔଷଧ ଦେଇଥିଲେ। ଉକ୍ତ ଖୋଲା ଔଷଧକୁ ରାତି ରେ ଖାଇସାରି ତିନୋଟି ଟ୍ୟାବଲେଟ ଖାଇବାକୁ କହିଥିଲେ। ଉକ୍ତ ତିନୋଟି ଔଷଧ ଉକ୍ତ ବ୍ୟକ୍ତି ଜଣକ ରାତ୍ରିରେ ଖାଇବା ପରେ ମୁଣ୍ଡ ବୁଲାଇବା ସହ ଦେହସାରା କୁଣ୍ଡେଇ ହେଉଥିବା ଅଭିଯୋଗ ଆଣିଛନ୍ତି। ଉକ୍ତ ଔଷଧ ବିଷୟରେ ଜାଣିବାପାଇଁ ଜେନିକ ଫାର୍ମାସିଷ୍ଟ ଙ୍କୁ ପଚାରିବାରୁ ଖୋଲା ଜରିରେ ଦିଆଯାଇଥିବା ଔଷଧ ମାରାତ୍ମକ ହୋଇପାରେ। ଏହି ଔଷଧରେ କୌଣସି ନାମ ନାହିଁ କି କେଉଁ କମ୍ପାନୀ ଦ୍ୱାରା କଣ ପାଇଁ ଦିଆଯିବା କଥା ତାହା ଜଣାପଡୁନାହିଁ। ତେଣୁ ଉକ୍ତ ଔଷଧ ଖାଇଲେ ଦେହ ପକ୍ଷେ ହାନିକାରକ ହୋଇପାରେ ତେଣୁ ସମ୍ପୂର୍ଣ ବେଆଇନ ବୋଲି କହିଥିଲେ। ଅନ୍ୟପଟେ ଏହି କ୍ଲିନିକରେ ନକଲି ଡାକ୍ତର ଜଣକ ଦୁଇ ଶହ ଟଙ୍କା ଫି ଶହ ରୋଗୀଙ୍କୁ ତିନି ରୁ ଚାରି ହଜାର ଟଙ୍କାର ଔଷଧ ଦେଉଥିବା ଅଭିଯୋଗ ହୋଇଛି। ଏ ବିଷୟରେ ଉକ୍ତ କ୍ଲିନିକ ମାଲିକ ପବିତ୍ର ବେହେରାଙ୍କୁ ପଚାରିବାରୁ ମୁଁ ଆୟୁର୍ବେଦିକ ଚିକିତ୍ସା କରୁଛି। ବାତ, ପାରାଲେସିସ, କିଡ଼ନୀ ଆଦି ରୋଗର ଚିକିତ୍ସା କରେ। ରୋଗୀ ପିଛା ଦୁଇ ଶହ ଟଙ୍କା ଫି ନିଏ। ଏହା କ୍ଲିନିକ ନୁହେଁ ବୈଦ୍ୟଶାଳା ବୋଲି କହିଥିଲେ। ଖୋଲା ଜରି ପ୍ୟାକେଟ ରେ ଦିଆଯାଉଥିବା ଔଷଧ ବିଷୟରେ ପଚାରିବାରୁ ଏହା ଚେରିମୂଳି ରେ ତିଆରି ଔଷଧ ବୋଲି କହିଥିଲେ। ତେବେ ଏହି କ୍ଲିନିକରେ ଚିକିତ୍ସିତ ହୋଇଥିବା ରୋଗୀଙ୍କୁ କିଭଳି ଏଲୋପାଥିକ ଔଷଧ ଦେଲେ ଓ ଖୋଲା ଔଷଧ ର ମାନ କିଭଳି ରହିଛି, ରୋଗୀଙ୍କୁ ତାହା ଦେଇପାରିବେ ନା ନାହିଁ, ସ୍ୱାସ୍ଥ୍ୟ ପ୍ରତି ହାନିକାରକ କି ନୁହେଁ। ସ୍ୱାସ୍ଥ୍ୟ ବିଭାଗ ଦୃଷ୍ଟି ଦେଇ ଏସବୁ ଘଟଣାର ତଦନ୍ତର ଆବଶ୍ୟକତା ରହିଥିବା ନେଇ ଅଭିଯୋଗ ହେଉଛି। ଏ ବିଷୟରେ ଖପ୍ରାଖୋଲ ମେଡିକାଲ ଅଫିସର ସୁରଜ ଦୀପଙ୍କୁ ପଚାରିବାରୁ ଏହାର ତଦନ୍ତ କରାଯାଇ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହିଛନ୍ତି।

# ଗଜଲକ୍ଷ୍ମୀ ପୂଜା ଉପଲକ୍ଷେ କଳସ ଯାତ୍ରା

ଦେଓଗାଁ, ୬ ।୧୦(ସମିସ): ଦେଓଗାଁ ବ୍ଲକ ବଡ଼ବନ୍ଧ ପଞ୍ଚାୟତ ଅଧୀନ କରୁଆଁଝର ଗ୍ରାମରେ ୧୫ତମ ନବଜୀବନ ପାଠାଗାର ଆନୁକୂଲ୍ୟରେ ବିରାଟ ମଣ୍ଡପ ଠାରେ ଗଜଲକ୍ଷ୍ମୀ ପୂଜା ଉପଲକ୍ଷେ କଳସ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ପୂଜା କର୍ତ୍ତାଭାବେ ସୁରେଶ ଚନ୍ଦ୍ର ଭୋଇ ଓ ତାଙ୍କ ଧର୍ମପତ୍ନୀ ରଶ୍ମିତା ଭୋଇ ଏବଂ ପରାୟଣ କର୍ତ୍ତାଭାବେ ମୁକଲ ବିହାରୀ ଭୋଇ ଓ ପତ୍ନୀ ଝସନେତ୍ରୀ ଭୋଇ ଦାୟିତ୍ୱ ତୁଲାଉଥିବାବେଳେ ପୂଜକ ଭାବେ ବିରଞ୍ଚି ମିଶ୍ର, ଗୌତମ ମିଶ୍ର, ଅମ୍ବରିଶ ମିଶ୍ର ପୂଜା କାର୍ଯ୍ୟ ତୁଲାଉଛନ୍ତି। ପୂଜା କାର୍ଯ୍ୟକ୍ରମରେ ସଭାପତି ଅମ୍ବରିଶ ଭୋଇ, ଉପସଭାପତି ଅଗସ୍ତି ବାଗ, ସମ୍ପାଦକ ଉମେଶ ଚନ୍ଦ୍ର ଭୋଇ, କୋଷାଧ୍ୟକ୍ଷ ରାଧେଶ୍ୟାମ ଭୋଇଙ୍କ ସମେତ ଗ୍ରାମବାସୀ ସହଯୋଗ କରିଥିଲେ।

# ୭ ଦାଦନ ଶ୍ରମିକ ଉଦ୍ଧାର; ଦୁଇ ସର୍ଦ୍ଦାର ଗିରଫ



ପାଟଣାଗଡ଼, ୬ ।୧୦(ସମିସ): ପାଟଣାଗଡ଼ ପୁଲିସ ସୋମବାର ସକାଳୁ ପାଟ୍ରୋଲିଂ କରୁଥିବା ସମୟରେ ବାଞ୍ଜିଝାଳ ଗାଁ ନିକଟରେ ଚଢ଼ଉ କରି ଚାଲାଣ ହେବାକୁ ଥିବା ୭ ଜଣ ଦାଦନ ଶ୍ରମିକଙ୍କୁ ଉଦ୍ଧାର କରିଛି। ଏଥିସହ ଚାଲାଣ କରୁଥିବା ଦୁଇ ଜଣ ଦାଦନ ସର୍ଦ୍ଦାରଙ୍କୁ ଗିରଫ କରିଛି। ଗିରଫ ଦାଦନ ସର୍ଦ୍ଦାର ଦ୍ୱୟ ହେଲେ ପାଟଣାଗଡ଼ ଥାନା ନୀଳଜିବାହାଲ ଗାଁର ଗୋପାଳ ବରିହା (୩୮) ଓ ଡୁମେର ପଦର ଗାଁର ବୀରେନ୍ଦ୍ର ବରିହା (୩୫)। ମିଳିଥିବା ସୂଚନା ଅନୁସାରେ ରବିବାର ସକାଳୁ ପାଟଣାଗଡ଼ ପୁଲିସ ପକ୍ଷରୁ ପାଟ୍ରୋଲିଂ ଚାଲିଥିଲା। ଏହି ସମୟରେ ଖବର ପାଇ ବାଞ୍ଜିଝାଲ ଗାଁ ନିକଟରେ ପୁଲିସ ଚଢ଼ଉ କରି ଚାଲାଣ ହେବାକୁ ଥିବା ଚାରି ଜଣ ପୁରୁଷ, ତିନି ଜଣ ମହିଳା ଓ ଜଣେ ଶିଶୁକୁ ଉଦ୍ଧାର କରିଥିଲା। ଏଥିସହ ଦାଦନ ଚାଲାଣରେ ସମ୍ପୃକ୍ତି ଥିବା ଦୁଇ ଜଣ ଦାଦନ ସର୍ଦ୍ଦାରଙ୍କୁ ଗିରଫ କରାଯାଇଥିଲା। ଉଦ୍ଧାର ହୋଇଥିବା ଦାଦନ ଶ୍ରମିକଙ୍କୁ ତାଙ୍କ ଘରେ ନେଇ ଛାଡ଼ି ଦିଆଯାଇଛି। ଅନ୍ୟପଟେ ଗିରଫ ଅଭିଯୁକ୍ତ ଦ୍ୱୟଙ୍କୁ କୋର୍ଟଚାଲାଣ କରାଯାଇଥିବାବେଳେ ଜାମିନ ନାମଞ୍ଜୁର ହେବାରୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଏହି ଚଢ଼ଉ ସମୟରେ ଥାନାଧିକାରୀ ହରିବନ୍ଧୁ ଗଡ଼ତ୍ୟାଙ୍କ ସହ ଅନ୍ୟାନ୍ୟ କର୍ମଚାରୀ ଉପସ୍ଥିତ ଥିଲେ।

# ରାମଲୀଳା ଅବସରରେ ନାଟ୍ୟକାରଙ୍କୁ ସମ୍ବର୍ଦ୍ଧନା

ବଲାଙ୍ଗିର, ୬ ।୧୦(ସମିସ): ବଲାଙ୍ଗିର ଜିଲ୍ଲା ଚନ୍ଦନଭାଟୀ ପଞ୍ଚାୟତ ଅଧୀନ ବଘଲା ଗ୍ରାମ ହେଉଛି କଳାକାର ଗ୍ରାମ। ଏହି ଗ୍ରାମ ଦୀର୍ଘ ୫୨ ବର୍ଷ ହେବ ରାମଲୀଳା ନାଟକ କରି କଳାକାରୀ ଗ୍ରାମର ପରିଚୟ ପାଇସାରିଛି। ସେଥିପାଇଁ ଦୁର୍ଗାପୂଜା କମିଟି ବଘଲା ତରଫରୁ ରାମଲୀଳା ନାଟକ ମଞ୍ଚସ୍ଥ ହୋଇଥିଲା।

ଏହି ଅବସରରେ ଗ୍ରାମର ୧୦ ଜଣ ପୁରୁଣା ନାଟ୍ୟ କଳାକାରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ନାଟ୍ୟକାର ତ୍ରିଲୋଚନ ମିଶ୍ର, ଅନିରୁଦ୍ଧ ମିଶ୍ର, ବ୍ୟାସଦେବ ପୁରୋହିତ, ଗୋପୀନାଥ ଦଣ୍ଡସେନା, କୁନା ସାହୁ, ବିଭୀଷିଣ ସେଠ, ରିଙ୍କୁ ପଧାନ, ଶମ୍ଭୁପ୍ରସାଦ ମହାକୁର ଯୋଗ ଦେଇଥିଲେ। ବିଭିନ୍ନ ଭୂମିକାରେ ଅଭିନୟ କରିଥିବା ୧୦ ଜଣ ସମ୍ବର୍ଦ୍ଧିତ ନାଟ୍ୟକାର ମହେନ୍ଦ୍ର ପୁରୋହିତ, ଋଷି ପଧାନ, ଶ୍ରୀବନ୍ତ ପୁରୋହିତ, ରାମଚନ୍ଦ୍ର ପୁଟେଲ, ଯୋଗିନ୍ଦ୍ର ସାହୁ, ବଳରାମ ମହାକୁର, ନେତ୍ରାନନ୍ଦ ମହାକୁର, ପ୍ରେମରାଜ ଛନ୍ଦ, ସନକ ମହାକୁର ଏବଂ ଶ୍ୟାମସୁନ୍ଦର ପଧାନ ଙ୍କୁ ମାନପତ୍ର ଏବଂ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ସ୍ୱାଗତ୍ ଭାଷଣ ବାବୁଲୁ ମିଶ୍ର ଦେଇଥିବାବେଳେ ରାଜେଶ ଦଣ୍ଡସେନା ମଞ୍ଚ ପରିଚାଳନା କରିଥିଲେ। କମିଟିର ରାଜୀବ ବେହେରା, ଚିମନ ପଧାନ, ସାନ ସାହୁ, ପ୍ରକାଶ ପଧାନ, ଆଶିଷ ସା, ଅମିତ ବେହେରା, ବିକାଶ ପଧାନ, ନନ୍ଦି ମହାକୁର, ଅନନ୍ତ ଗଡ଼ତ୍ୟା, ନିକେଶ ସେଠ ପ୍ରମୁଖ ସହଯୋଗ କରିଥିଲେ।




## ବଲାଙ୍ଗିରରେ ବେଆଇନ ବ୍ଲାଷ୍ଟିଂ

# ଗାଁରେ କମ୍ପନ, ଅର୍ଥବଳ ଆଗରେ ଲୋକଙ୍କ ସମସ୍ୟା ତୁଚ୍ଛ

ବଲାଙ୍ଗିର, ୬ ।୧୦(ସମିସ)

ବଲାଙ୍ଗିର ଜିଲ୍ଲାରେ ଚାଲିଛି ବେଆଇନ ପଥର ବ୍ଲାଷ୍ଟିଂ। ବିନା ଅନୁମତିରେ କିଛି କ୍ରସର ମାଲିକ ଚଳାଇଛନ୍ତି ଏହି ବେଆଇନ କାରବାର। ଅନୁମତି ଠାରୁ ଅଧିକ ପଥର ଫଟାଇ ନେଉଥିବା ବେଳେ ବ୍ଲାଷ୍ଟିଂ ବନ୍ଦ ପାଇଁ ବାରମ୍ବାର ଗ୍ରାମବାସୀ ଦାବି କରୁଛନ୍ତି। କିନ୍ତୁ ପ୍ରଶାସନ ଗ୍ରାମବାସୀଙ୍କ ନା କଥା ଶୁଣିଛି ନା ବେଆଇନ ବ୍ଲାଷ୍ଟିଂ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଛି। ଗ୍ରାମବାସୀଙ୍କ ପ୍ରତିବାଦ ପରେ କିଛି ଦିନ ବ୍ଲାଷ୍ଟିଂ ବନ୍ଦ ହେଉଛି ସତ କିନ୍ତୁ କିଛିଦିନ ପରେ ପୁଣି ଆରମ୍ଭ ହେଉଛି। କିଛି ଏହିଭଳି ସଙ୍ଗୀନ ଅଭିଯୋଗ ହୋଇଛି ବଲାଙ୍ଗିର ଜିଲ୍ଲା ଲୋଇସିଂହା ତହସିଲ ଅଧୀନ ଉଛବପାଲି ଅଞ୍ଚଳରେ।

କ୍ରସର ମାଲିକଙ୍କ ଅର୍ଥବଳ ଆଗରେ ହାର ମାନୁଛି ଲୋକଙ୍କ ସମସ୍ୟା। ପରିସ୍ଥିତି ଏମିତି ଯେ ସେମାନଙ୍କ ଆଗରେ ପ୍ରଶାସନ ମଧ୍ୟ ହାତ ଟେକିଦେଇଥିବା ଭଳି ମନେ ହେଉଛି। କ୍ରସର ମାଲିକଙ୍କ ଫାଇଦା ପାଇଁ ତାଙ୍କ କଥାରେ ପ୍ରଶାସନ ଓ ପୁଲିସ ବି ହଁ ମାରୁଥିବା ଅଭିଯୋଗ ହୋଇଛି। ସୂଚନା ଅନୁସାରେ ବଲାଙ୍ଗିର ଜିଲ୍ଲା ଲୋଇସିଂହା ତହସିଲ ଅଧୀନ ଉପରବାହାଲ, ଉଛବପାଲି ଓ ସରଗାଡ଼ ଗାଁ ନିକଟରେ ରହିଛି ତିନୋଟି କ୍ରସର। ଏହି କ୍ରସର ପାଇଁ ଉଛବପାଲି ଠାରେ ଥିବା ଆଡେନଡୁଙ୍ଗୁରି ରୁ ପଥର ଖନନ କରିବା ପାଇଁ ଲିଜ୍ ଦିଆଯାଇଛି। ତେବେ ଏହି ପଥର କ୍ୱାରୀରୁ ବେଆଇନ ଭାବେ ବ୍ଲାଷ୍ଟିଂ କରି ପଥର ଖନନ କରାଯାଉଥିବା ଅଭିଯୋଗ ହୋଇଛି। ପ୍ରତିଦିନ ଏକାଧିକ ବ୍ଲାଷ୍ଟି କରାଯାଉଥିବାରୁ ନିକଟରେ ଥିବା ଉଛବପାଲି, ଉପରବାହାଲ ଓ ସାରଗଡ଼ ଗ୍ରାମବାସୀ ଏଥିରେ ପ୍ରଭାବିତ ହେଉଥିବା ଅଭିଯୋଗ ହୋଇଛି। ବ୍ଲାଷ୍ଟିଂ ଯୋଗୁ ପଥର ଓ ଧୂଳି ନିକଟସ୍ଥ ଚାଷଜମିରେ ମାଡ଼ି ଯାଉଥିବାରୁ ଠିକ ଭାବେ ଚାଷ ହୋଇପାରୁ ନ ଥିବା ଅଭିଯୋଗ ହୋଇଛି। ସେହିପରି ପଥର ଗୁଣ୍ଡ ଯୋଗୁ ଶିଶୁ ଓ ବୃଦ୍ଧମାନେ ରୋଗାଗ୍ରସ୍ତ ହେଉଥିବା ବେଳେ ବ୍ଲାଷ୍ଟିଂ କମ୍ପନରେ ଘର ଗୁଡ଼ିକ ମଧ୍ୟ କ୍ଷତି ହେଉଛି।



ନିୟମିତ ବଡ଼ ବଡ଼ ଗାଡି ଚଳାଚଳ ଯୋଗୁଁ ଗାଁ ରାସ୍ତା ନଷ୍ଟ ହେଉଥିବା ଅଭିଯୋଗ ହୋଇଆସୁଛି। ତେବେ ବେଆଇନ ବ୍ଲାଷ୍ଟିଂ ବନ୍ଦ କରିବା ପାଇଁ ଗ୍ରାମବାସୀ ଓ ପ୍ରଶାସନ ମଧ୍ୟରେ ଦୀର୍ଘ ବର୍ଷ ହେଲା ଛକାପଞ୍ଝା ହୋଇଆସୁଛି।

ଗତ କିଛିବର୍ଷ ହେଲା ବ୍ଲାଷ୍ଟିଂ ବନ୍ଦ କରିବା ପାଇଁ ଗ୍ରାମବାସୀ ଦାବି କରିଥିଲେ। ପ୍ରଶାସନିକ ଅଧିକାରୀ ଆଲୋଚନା କରିବା ପରେ ବ୍ଲାଷ୍ଟିଂକୁ ସାମୟିକ ଭାବେ ବନ୍ଦ କରାଯାଇଥିଲା। ପରବର୍ତ୍ତୀ ସମୟରେ ପୁଣି ତହସିଲଦାରଙ୍କ ଅନୁମତିକ୍ରମେ ପଥର ଉଠାଇବା ଆରମ୍ଭ ହୋଇଥିଲା। ସେହିପରି ପ୍ରଶାସନ ଉପରେ ଭରସା ନକରି ଗ୍ରାମବାସୀମାନେ କିଛି ମାସ ପୂର୍ବରୁ ନିଜେ ଗାଡ଼ିକୁ ଧରି ପୁଲିସ ଓ ପ୍ରଶାସନକୁ ଖବର ଦେଇଥିଲେ। ପୁଲିସ ସେମାନଙ୍କ ଅଭିଯୋଗ ଶୁଣିବା ବଦଳରେ କ୍ରସର ମାଲିକଙ୍କ ସୁହାଇଲା ଭଳି ପଦକ୍ଷେପ ଗ୍ରହଣ କରିଥିବା ଅଭିଯୋଗ ହୋଇଥିଲା।

### କାର୍ଯ୍ୟାନୁଷ୍ଠାନ ବଦଳରେ ମାଲିକଙ୍କୁ ପ୍ରୋତ୍ସାହନ

ଲୋକଙ୍କ ଅନେକ ଦାବିପରେ କିଛି ମାସ ବ୍ଲାଷ୍ଟିଂ ବନ୍ଦ ରହିଥିଲା ସତ କିନ୍ତୁ ପୁଣି ଏହା ଗତ ଅଧା ବର୍ଷ ହେଲା ଆରମ୍ଭ ହୋଇଥିବା ଅଭିଯୋଗ ହୋଇଛି। ପ୍ରଶାସନିକ ଅଧିକାରୀ ଓ ପୁଲିସ ସ୍ଥାନୀୟ ଗ୍ରାମବାସୀଙ୍କୁ ଧମକ ଚମକ ଦେଇ କ୍ୱାରୀକୁ ଆରମ୍ଭ କରାଇଥିବା ବେଳେ ଲୋକଙ୍କ ସମସ୍ୟା ଓ ଦାବିକୁ ଗୁରୁତ୍ୱ ଦିଆଯାଉ ନ ଥିବା ଲୋକେ ଅଭିଯୋଗ କରିଛନ୍ତି। ଏହା ଏବେ ସ୍ଥାନୀୟ ବାସିନ୍ଦାଙ୍କ ପାଇଁ ଏକ ବଡ଼ ସମସ୍ୟା ହୋଇଥିବାବେଳେ ଜିଲ୍ଲା ପ୍ରଶାସନ ନିଜେ ହସ୍ତକ୍ଷେପ କରି ସମସ୍ୟା ସମାଧାନ କରିବା ଦିଗରେ ପଦକ୍ଷେପ ଗ୍ରହଣ କରିବା ପାଇଁ ଦାବି ହୋଇଛି।

# ବେଲପଡ଼ାରେ ଯୁଗ୍ମ ଜନଶୁଣାଣି ଶିବିର

ବେଲପଡ଼ା, ୬ ।୧୦(ସମିସ): ବଲାଙ୍ଗିର ଜିଲ୍ଲା ବେଲପଡ଼ା ବ୍ଲକ ସଭାଗୃହରେ ଜିଲ୍ଲାସ୍ତରୀୟ ଜନ ଶୁଣାଣି ଶିବର ଅନୁଷ୍ଠିତ ହୋଇଛି। ଏଥିରେ ୩୮ ଟି ଅଭିଯୋଗ ଆସିଥିଲା। ଜିଲ୍ଲାପାଳ ଏବଂ ଏସ୍‌ପି ଅନୁପସ୍ଥିତ ଥିବାବେଳେ ଜିଲ୍ଲା ପ୍ରକଳ୍ପ ନିର୍ଦ୍ଦେଶକ ତରଣୀସେନ ସୁନା, ପାଟଣାଗଡ଼ ଉପ ଜିଲ୍ଲପାଳ ସୁନୀଲ ମେହେର, ପାଟଣାଗଡ଼ ପୁଲିସ ଅଧିକାରୀ ସଦାନନ୍ଦ ପୂଝାରୀ, ବେଲପଡା ବିଡିଓ ରାଜେଶ ମେହେର, ତହସିଲଦାର ଅଭିଷେକ କିଷାନ, ଥାନା ଅଧିକାରୀ ଅନନ୍ତ ପଧାନଙ୍କ ସହ ଅନ୍ୟମାନେ ଉପସ୍ଥିତ ଥିଲେ।

## ମା’ ଗଜଲକ୍ଷ୍ମୀଙ୍କ ପୂଜା ଓ କୁମାର ପୂର୍ଣ୍ଣିମା

**ପାଣିକୋଇଲି, ୬।୧୦(ସମିସ):** ଜଗତଜନନୀ ମା’ ଗଜଲକ୍ଷ୍ମୀଙ୍କର ପବିତ୍ର ପୂଜା ଅବସରରେ ଚଳଚଞ୍ଚଳ ହୋଇ ଉଠିଛି ଗାଁ ଠୁ ସହର। ସବୁଠି ସୃଷ୍ଟି ହୋଇଛି ଭକ୍ତି ଭାବରେ ଭରା ପରିବେଶ। ଚଳିତ ବର୍ଷ ପାର୍ବଣ ଋତୁ ତଥା ମା’ଙ୍କ ପୂଜାର୍ଚ୍ଚନା ସବୁଠି ଧୁମଧାମରେ ପାଳିତ ହୋଉଛି। ଅଳତିରି ମା’ ମହାଲକ୍ଷ୍ମୀ ପୀଠ, ଚାନ୍ଦପୁର, ସୋତି, ପାଣିକୋଇଲି ଧଳସାହି, ଓଟିନ୍ଦା ଓ ଓଟିନ୍ଦା ରୋଡ ସ୍ଥିତ ଲକ୍ଷ୍ମୀବିହାର ଲକ୍ଷ୍ମୀ ପୂଜା କମିଟି ପକ୍ଷରୁ ପୂଜା ମଣ୍ଡପରେ ମା’ ଗଜଲକ୍ଷ୍ମୀଙ୍କ ପୂଜା ଉତ୍ସବ ରୀତିନୀତି ଅନୁଯାୟୀ ପାଳିତ ହେଉଛି। ସୁସଜ୍ଜିତ ଆଲୋକମାଳ, ତୋରଣ ଭକ୍ତଙ୍କୁ ଆକର୍ଷିତ କରୁଛି। କୁମାର ପୂର୍ଣ୍ଣିମା ପାଇଁ ଗାଁ ଦାଣ୍ଡ ଉଠୁଛି ପଡୁଛି। କୁମାରୀମାନେ ନୂତନ ବସ୍ତ୍ର ପରିଧାନ କରି ଚଉଁରା ମୂଳେ ଚାନ୍ଦ ବନ୍ଦାଇଛନ୍ତି।



# ଡକାୟତି ଯୋଜନା ବେଳେ ୫ ଗିରଫ

**ଯାଜପୁରଟାଉନ,୬।୧୦(ସମିସ):**

ଯାଜପୁର ବ୍ଲକ ଏନ୍‌ସି କଲେଜ ପଛ ପଟ ଏକାନ୍ତ ସ୍ଥାନରେ କିଛି ଅସାମାଜିକ ଯୁବକ ଡକାୟତ କରିବାକୁ ଯୋଜନା କରୁଥିବା ବେଳେ ଧରାପଡ଼ିଛନ୍ତି। ସନ୍ଧ୍ୟା ସମୟରେ ପାଟ୍ରୋଲିଂ କରୁଥିବା ଟାଉନ ଥାନା ପୁଲିସ

**ବହୁ ମାରଣାସ୍ତ୍ର ସାମଗ୍ରୀ ଜବତ**

ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ସେମାନଙ୍କୁ ଧରିବାରେ ସକ୍ଷମ ହୋଇଛି। ଏମାନେ ଯାଜପୁରସହରଏବଂନିକଟଗ୍ରାମାଞ୍ଚଳରବହୁ ଚୋରିସହିତସମ୍ପୃକ୍ତଥିବାପୁଲିସକହିଛି।ଏହି ଚଢ଼ାଉ ବେଳେ ଗୋଟେ ତେଲଙ୍ଗା କଟୁରି, ଲୁହା ରଡ଼, ଲଙ୍କା ଗୁଣ୍ଡ ଜବତ ହୋଇଛି। ଏହା ସହିତ ୯ଟି ପାଣି ପମ୍ପ, ଅନ୍ୟୂନ ୧୦କେଜି ଏସି କପର ପାଇପ୍, ୫କେଜି ତମ୍ବାତାର, ପାଣି ଟ୍ୟାପ ୨୦ଟି, ଠାକୁର ଘରେ ବ୍ୟବହାର ହେଉଥିବା ତମ୍ବା ବାସନ ପ୍ରଭୃତି ଜବତ ହେଇଛି। ଯାଜପୁର ଟାଉନ ଥାନା ପୁଲିସ ୫ ଜଣ ଡକାୟତଙ୍କୁ ଧରିଥିବା ବେଳେ, ଏମାନଙ୍କ ଠାରୁ ଚୋରି ଜିନିଷ କିଣା ଅଭିଯୋଗରେ ବୈଦ୍ୟରାଜପୁରର ଆକାଶ ସାହୁ ନାମକ ଦୋକାନୀକୁ ଗିରଫ କରି କୋର୍ଟଚାଲାଣ କରାଯାଇଛି। ନିକଟରେ ସ୍ଥାନୀୟ ଏନ୍‌ସି କଲେଜରେ ଲାଗିଥିବା ଏସି ପାଇପକୁ ଦ୍ୱିପହରରେ ଚୋରି କଲାବେଳେ ସିସିଟିଭିରେ ସବୁ କଏଦ ହୋଇଥିଲା। ସେବେଠୁ ଯାଜପୁର ପୁଲିସ ଏମାନଙ୍କୁ ଧରିବାକୁ ଜାଲ ବିଛାଇଥିଲା। ଶେଷରେ ୫ ତାରିଖ ସନ୍ଧ୍ୟାରେ ସଫଳତା ମିଳିଥିଲା। ଧରାପଡ଼ିଥିବା ଡକାୟତମାନେ ସମସ୍ତେ ଅବଦଲପୁର ନାୟକସାହିର ଜିତେନ୍ଦ୍ର ନାୟକ, ଦୀପକ ନାୟକ, ସମ୍ବିତ ନାୟକ (ଚଗୁଲୁ), ଜୀବନ ଜ୍ୟୋତି ନାୟକ, ଅଭୟ ନାୟକ। ସେମାନଙ୍କୁ ଡାକ୍ତରୀ ମାଇନା କରାଯାଇ କୋର୍ଟଚାଲାଣ କରାଯାଇଛି।



### ମୁକ୍ତାକାଶ ମଣ୍ଡପକୁ ନେଇ ବାଦବିବାଦ

## ବନ୍ଦ ହେଲା ଅରେଇ ପାଲା ମହୋତ୍ସବ

**ବିଞ୍ଝାରପୁର,୬।୧୦(ସମିସ):** ପାଲାମଣ୍ଡପ ଯାଗାକୁ ନେଇ ବାଦବିବାଦ ଦେଖାଦେବାରୁ ବନ୍ଦ ହେଲା ଅରେଇ ରାଜ୍ୟସ୍ତରୀୟ ପାଲା ମହୋତ୍ସବ। ଆସନ୍ତା ୭ ତାରିଖରୁ ୧୨ ତାରିଖ ପର୍ଯ୍ୟନ୍ତ ମା’ ଜାଗୁଲାଇ ପାଲା ପରିଷଦ ଓ ଅରେଇ ଗ୍ରାମବାସୀଙ୍କ ସହଯୋଗରେ ଏହି ପାଲା ଆୟୋଜିତ ହେବାକୁ ଯାଉଥିଲା।

ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ଅରେଇ ଗ୍ରାମ ପଞ୍ଚାୟତ ଅରେଇ ଛକରେ ଦୀର୍ଘ ୮୦ ବର୍ଷରୁ ଉର୍ଦ୍ଧ୍ୱ ହେବ ଲକ୍ଷ୍ମୀ ପୂଜା ଅନୁଷ୍ଠିତ ହୋଇ ଆସୁଅଛି। ଲକ୍ଷ୍ମୀ ପୂଜା ସହ ପାଲା, ବାଦିପାଲା, ଦାସକାଠିଆ ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମମାନ ମଧ୍ୟ ଅନୁଷ୍ଠିତ ହେଇଆସୁଥିଲା। ତେବେ ଗତ ୯ ବର୍ଷ ଧରି ଏଠାରେ ରାଜ୍ୟସ୍ତରୀୟ ପାଲା ମହୋତ୍ସବ ଅନୁଷ୍ଠିତ ହୋଇଆସୁଥିବା ବେଳେ ଚଳିତ ବର୍ଷ ୧୦ମ ବର୍ଷର ପାଲା ମହୋତ୍ସବ ଆୟୋଜନ ପାଇଁ ପ୍ରସ୍ତୁତି ସରିଥିଲା। ତେବେ ପାଲାମଣ୍ଡପ ଯାଗାକୁ ନେଇ ବିବାଦ ମୁଣ୍ଡ ଟେକିବାରୁ ଉତ୍ସବଟି ବନ୍ଦ ହୋଇଯାଇଥିବା ଆୟୋଜକ ମା’ ଜାଗୁଲେଇ ପାଲା ପରିଷଦ ପକ୍ଷରୁ ସୂଚନା ଦିଆଯାଇଛି। ଚଳିତ ବର୍ଷ ଯେଉଁ ସ୍ଥାନରେ ମା’ ଲକ୍ଷ୍ମୀ ପୂଜା ସହ ରାଜ୍ୟସ୍ତରୀୟ ପାଲା ମହୋତ୍ସବ ଅନୁଷ୍ଠିତ ହେବାର କାର୍ଯ୍ୟକ୍ରମ ଥିଲା ସେ ସ୍ଥାନରେ ୧୬୧ ଧାରା ଲାଗୁ କରାଯାଇଛି। ଜଣେ ବ୍ୟକ୍ତି ବିଶେଷ ତାଙ୍କ ସମ୍ପତି ଉପରେ ଲକ୍ଷ୍ମୀପୂଜା କିମ୍ବା ରାଜ୍ୟସ୍ତରୀୟ ପାଲା ମହୋତ୍ସବ ଅନୁଷ୍ଠିତ ନ ହେବା ପାଇଁ ଏହି ୧୬୧ ଧାରା ଲାଗୁ କରିଛନ୍ତି ବୋଲି ପାଲାର ଆୟୋଜକମାନେ ପ୍ରକାଶ କରିବା ସହ ଏତେ ବଡ଼ ଉତ୍ସବ ବନ୍ଦ ହୋଇ ପଡ଼ିବା ନେଇ ଦୁଃଖ ପ୍ରକାଶ କରିଛନ୍ତି।




## ଦୁର୍ଘଟଣାରେ ବାଇକ୍ ଆରୋହୀ ଗୁରୁତର

**ପାଣିକୋଇଲି,୬।୧୦(ସମିସ):** ପାଣିକୋଇଲି ଥାନା ଅନ୍ତର୍ଗତ ୧୬ ନମ୍ବର ଜାତୀୟ ରାଜପଥର ବ୍ରଜନଗର ନିକଟରେ ରବିବାର ବିଳମ୍ବିତ ରାତ୍ରୀରେ ଏକ ବାଇକ ଆରୋହୀ ଭାରସାମ୍ୟ ହରାଇ ଡିଭାଇଡରରେ ପିଟି ହୋଇ ଗୁରୁତର ଭାବେ ଆହତ ହୋଇଛନ୍ତି। ପ୍ରକାଶ ଥାଉକି ଭଦ୍ରକରୁ ଭୁବନେଶ୍ୱର ଅଭିମୁଖେ ବାଇକରେ ଜଣେ ଯୁବକ ଯାଉଥିଲେ। ହେଲେ ବ୍ରଜନଗର ନିକଟରେ କୌଣସି କାରଣରୁ ଭାରସାମ୍ୟ ହରାଇ ଡିଭାଇଡରେ ପିଟିହୋଇଥିଲେ। ଘଟଣାସ୍ଥଳରେ ରାଜପଥ ପାଟ୍ରୋଲିଂ ଗାଡି ପହଞ୍ଚି ତାଙ୍କୁ ଉଦ୍ଧାର କରି ଆମ୍ବୁଲାନ୍ସ ଯୋଗେ ଯାଜପୁର ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ।

### ■ ମାନସିଂପାଟଣା ଗାଁ ରାସ୍ତା ସମସ୍ୟା

## ତହସିଲଦାରଙ୍କୁ ଅବଗତ କଲେ ଗ୍ରାମବାସୀ



**ଦଶରଥପୁର,୬।୧୦(ସମିସ):** ଦଶରଥପୁର ବ୍ଲକ କନିକାପଡା ପଞ୍ଚାୟତ ମାନସିଂପାଟଣା ଗାଁ ରାସ୍ତା ସମସ୍ୟା ନେଇ ଦଶରଥପୁର ତହସିଲଦାରଙ୍କ ନିକଟରେ ଲିଖିତ ଅଭିଯୋଗ କରିଛନ୍ତି ଗ୍ରାମବାସୀ ଏବଂ ସ୍ୱୟଂସହାୟିକା ଗୋଷ୍ଠୀର ସଦସ୍ୟା। ସୂଚନାରୁ ପ୍ରକାଶ ଯେ ମଙ୍ଗଳପୁର ନାରୀଗାଁ ମୁଖ୍ୟ ରାସ୍ତା ସଂଲଗ୍ନ ମାନସିଂପାଟଣା ଗ୍ରାମର ସେନାପତି ସାହି ଠାରୁ ଦଳିତ ସାହି ଯାଏଁ ଥିବା ରାସ୍ତାର ପ୍ରାରମ୍ଭରେ କିଛି ଅସାମାଜିକ ଲୋକ ଜାଗା ଅକ୍ତିଆର ପୂର୍ବକ ପାଚେରି, ଗୁହାଳ, ବାରଣ୍ଡା ଆଦି କରିନେଇଛନ୍ତି। ଫଳସ୍ୱରୂପ ଅଣଓସାରିଆ ହୋଇଯାଇଥିବା ଗାଁର ଏହି ରାସ୍ତାରେ ଦମକଳ ଗାଡି, ଆମ୍ବୁଲାନ୍ସ, ଜନନୀ ଏକ୍ସପ୍ରେସ ଭଳି ଜରୁରୀକାଳୀନ ସେବା ବାଧାପ୍ରାପ୍ତ ହେଉଛି। ଏମିତି କି ଛାତ୍ରଛାତ୍ରୀ ବିଦ୍ୟାଳୟ ଯାତାୟତ ସମୟରେ ଦୁର୍ଘଟଣାର ଶିକାର ହେଉଥିବା ନଜିର ମଧ୍ୟ ରହିଛି। ସରକାରୀ ଯୋଜନାରେ ମିଳୁଥିବା ଘର, ରାସ୍ତା, ନଳକୂପ ଆଦି ଲାଗି ବାଲି, ଗୋଡି, ରଡ଼ ଆଦି ଗାଡି ପହଞ୍ଚି ପାରୁନାହିଁ। ପ୍ରକାଶ ଥାଉ କି ନକ୍ସା ଅନୁସାରେ ରାସ୍ତାଟି ୨୦ କଡ଼ି ଥିବା ବେଳେ ଏହା ଅବରୋଧ ହୋଇ ମାତ୍ର ୧୦-୧୧ କଡ଼ି ରହିଛି (ପ୍ଲଟ ନଂ ୪୯୩୮)। ଯଦ୍ଵାରା ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି ସମ୍ପୂର୍ଣ୍ଣ ଗ୍ରାମବାସୀ। ଫଳରେ ୫୦ରୁ ଉର୍ଦ୍ଧ୍ୱ ପରିବାର ବହୁ ସମସ୍ୟା ଭୋଗୁଛନ୍ତି। ତେଣୁ ଏହି ସମସ୍ୟାର ସମାଧାନ ନିମନ୍ତେ ଶେଷଦେବ ମଲିକ, ମହେଶ୍ୱର ବେହେରା, ବାସୁଦେବ ଦାସ, ରଙ୍ଗାଧର ମଲିକ, ସୁରେନ୍ଦ୍ର ପଣ୍ଡା, ବିଜୟ ମଲିକ, ଶେଷଦେବ ଯେନାଙ୍କ ସହ ଗ୍ରାମବାସୀ ଏବଂ ସପ୍ତମାତୃକା ସ୍ୱୟଂସହାୟକ ଗୋଷ୍ଠୀର ମହିଳା ଦଶରଥପୁର ତହସିଲଦାରଙ୍କ ନିକଟରେ ଲିଖିତ ଅଭିଯୋଗ କରିଛନ୍ତି।

## ଶିକ୍ଷୟିତ୍ରୀଙ୍କୁ ବିଦାୟ କାଳୀନ ସମ୍ବର୍ଦ୍ଧନା

**ହାତୀବାରି, ୬।୧୦(ସମିସ):** ହାତୀବାରି ଗ୍ରାମ ମଙ୍ଗରାଜପୁର ସାହି ପ୍ରକଳ୍ପ ବିଦ୍ୟାଳୟର ଶିକ୍ଷୟିତ୍ରୀ ପ୍ରତିଭା ପୃଷ୍ଟିଙ୍କୁ ବିଦାୟୀକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଏହି ସମ୍ବର୍ଦ୍ଧନା ସଭାରେ ଶଶଧର ମୁଦୁଲି, ହୃଷୀକେଶ ବେହେରା, ବଂଶୀଧର ପରିଡ଼ା, ଅଶୋକଚନ୍ଦ୍ର ଦାସ, ରବୀନ୍ଦ୍ର ପ୍ରଧାନ, ଶ୍ରୀମନ୍ତ ଦେହୁରୀ, କାଞ୍ଚନବାଳା ଗଇପଇ ପ୍ରମୁଖ ଯୋଗ ଦେଇ ଶ୍ରୀମତୀ ପୃଷ୍ଟିଙ୍କ ବ୍ୟକ୍ତିତ୍ୱ ସଂପର୍କରେ ଆଲୋଚନା କରିଥିଲେ। ଏହି ଅବସରରେ ବହୁ ପୁରାତନ ଛାତ୍ରଛାତ୍ରୀ ଯୋଗ ଦେଇ ସେମାନଙ୍କ ପ୍ରିୟ ଶିକ୍ଷୟିତ୍ରୀଙ୍କୁ ସମ୍ବର୍ଦ୍ଧିତ କରିଥିଲେ।

## ସାହିତ୍ୟ ପତ୍ରିକା ‘ବର୍ତ୍ତିକା’ ଉନ୍ମୋଚିତ

**କର୍ଯ୍ୟାଗୋଲା,୬।୧୦(ସମିସ):** ଦଶରଥପୁର ସାରସ୍ୱତ ସାହିତ୍ୟ ପରିଷଦର ମୁଖପତ୍ର ‘ବର୍ତ୍ତିକା’ର ଦଶହରା ମହାବିଶେଷାଙ୍କ ଉନ୍ମୋଚନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପତ୍ରିକାର ମୁଖ୍ୟ ସମ୍ପାଦକ ଡ. ବିଜୟ ମୋହନ ରାୟଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉନ୍ମୋଚନ ଉତ୍ସବରେ ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ପ୍ରଶାସକ କବି ଧନଞ୍ଜୟ ସ୍ୱାଇଁ ଯୋଗଦେଇ ଭାଷା ସାହିତ୍ୟର ବିକାଶ ଦିଗରେ ପତ୍ରିକାର ବିଶେଷ ଭୂମିକା ରହିଛି। ଆଉ ଏଥିସହ ଗ୍ରାମାଞ୍ଚଳରୁ ନିରବଚ୍ଛିନ୍ନ ଭାବେ ୪୧ ବର୍ଷ ଧରି ପ୍ରକାଶ ପାଉଥିବା ପ୍ରତିଷ୍ଠିତ ସାହିତ୍ୟ ପତ୍ରିକା ବର୍ତ୍ତିକା ଆଜି ସାରା ରାଜ୍ୟରେ ଏକ ପ୍ରଭାବଶାଳୀ ସାହିତ୍ୟ ପତ୍ରିକା ଭାବେ ଉଭା ହୋଇଛି ବୋଲି କହିଥିଲେ। ମୁଖ୍ୟବକ୍ତା ଭାବେ କବି ଡ. ଗୌତମ ଜେନା, ସମ୍ମାନିତ ଅତିଥି ଭାବେ କବି ଡ.ଚନ୍ଦ୍ରକାନ୍ତ ମହାନ୍ତି ଯୋଗଦେଇଥିଲେ। ସାରସ୍ୱତ ସାଂସ୍କୃତିକ ପରିଷଦର ସଭାପତି ପ୍ରାଧ୍ୟାପକ ଉମାକାନ୍ତ ସାହୁ, ସମ୍ପାଦକ ପ୍ରାଧ୍ୟାପକ ରବିନାରାୟଣ ଦାସ ଅନ୍ୟତମ ଅତିଥି ଭାବେ ଉତ୍ସବରେ ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏହି ଉତ୍ସବରେ କବି ପ୍ରଭାତ କୁମାର ମଲ୍ଲିକ, ଯଯାତିକିଶୋର ସାହୁ, ରାମଚନ୍ଦ୍ର ଦାସ, ସ୍ମିତାରାଣୀ ଭଞ୍ଜ, ଲକ୍ଷ୍ମୀପ୍ରିୟା ପୃଷ୍ଟି, ସୁବାସ ଚନ୍ଦ୍ର ବେହେରା, ବିମନ କୁମାର ମଲ୍ଲିକ ପ୍ରମୁଖ ଯୋଗଦେଇଥିବା ବେଳେ ଆଶିଷ କୁମାର ମହାପାତ୍ର, ଦେବେନ୍ଦ୍ର ଦାସ, ମନିସ୍ କୁମାର ସାହୁ, ଲକ୍ଷ୍ମୀଧରା ତରାଇ, ଗୌରାଙ୍ଗ ବେହେରା ପ୍ରମୁଖ ଉତ୍ସବ ପରିଚାଳନାରେ ସହଯୋଗ କରିଥିଲେ।



## ଲକ୍ଷ୍ମୀପୂଜାରେ ବିଦ୍ୟୁତକାଟ୍; ସାଧାରଣରେ ଅସନ୍ତୋଷ

**ପାଣିକୋଇଲି,୬।୧୦(ସମିସ):** ଆଜି ପବିତ୍ର ଗଜଲକ୍ଷ୍ମୀ ପୂଜା ଓ କୁମାରପୂର୍ଣ୍ଣିମା ପାଇଁ ଗାଁଠୁ ସହର ଉତ୍ସବ ମୁଖର ଥିବା ବେଳେ ବିଦ୍ୟୁତ କାଟ୍ ଜନଜୀନକୁ ପ୍ରଭାବିତ କରିବା ସହ ସାଧାରଣରେ ଅସନ୍ତୋଷ ବୃଦ୍ଧି ପାଇଛି। ଆଜି ଭଳି ଦିନରେ ବିଦ୍ୟୁତ ବିଭାଗ ମରାମତି ନାମରେ ସକାଳୁ ଅପରାହ୍ନ ପର୍ଯ୍ୟନ୍ତ ବିଦ୍ୟୁତ କାଟ୍ କରିବାରୁ ସବୁ କିଛି କାର୍ଯ୍ୟ ଫିକା ପଡ଼ିଛି। ମରାମତି ପାଇଁ ବିଦ୍ୟୁତ କାଟ୍ ହେବା ସ୍ୱାଭାବିକ ପ୍ରକ୍ରିୟା। କିନ୍ତୁ ଲକ୍ଷ୍ମୀ ପୂଜାରେ ପାୱାରକାଟ କରିବା ଯୋଗୁ ସବୁ କିଛି ଶୂନସାନ ରହିଥିଲା। ଏମିତିକି ଲକ୍ଷ୍ମୀପୂଜାରେ ମାଇକ୍ ମଧ୍ୟ ବାଜିପାରିନଥିଲା। ଫଳରେ ବିଦ୍ୟୁତ ବିଭାଗ ଅନ୍ୟ ଦିନରେ ବିଦ୍ୟୁତ କାଟ ନକରି ପର୍ବରେ ବିଦ୍ୟୁତ କାଟକୁ ସାଧାରଣ ନାପସନ୍ଦ କରାଯାଇଛି। ବିଦ୍ୟୁତ ବିଭାଗ ଏହା ଜାଣି ପାରିନି ନା ଜାଣିଶୁଣି ଏଭଳି କରିଛି ତାହାକୁ ନେଇ ସବୁଠି ଚର୍ଚ୍ଚା ଜାରି ରହିଛି। ଯାହା ନେଇ ଆଜି ପାଣିକୋଇଲି ବିଦ୍ୟୁତ ଉପଖଣ୍ଡରେ ସାଧାରଣରେ ଅସନ୍ତୋଷ ଦେଖିବାକୁ ମିଳିଥିଲା।

## କଂଗ୍ରେସର ସାଙ୍ଗଠନିକ ବୈଠକ

**ଧର୍ମଶାଳା,୬।୧୦(ସମିସ):** ଧର୍ମଶାଳା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ଚୋରମୁହାଁ ଗ୍ରାମପଞ୍ଚାୟତ କଂଗ୍ରେସ ପକ୍ଷରୁ ଚୋରମୁହାଁ ଗ୍ରାମ ହାଟପଡିଆସ୍ଥିତ ମା’ ଗୁଣ୍ଡିଚା ମନ୍ଦିର ପରିସରରେ ଏକ ସାଙ୍ଗଠନିକ ବୈଠକ ଅନୁଷ୍ଠିତ ହୋଇଯାଇଛି। କଂଗ୍ରେସ ନେତା କିଶାନ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ କୃଷକ ନେତା ବସନ୍ତ ପରିଡା, ବ୍ଲକ କାର୍ଯ୍ୟକାରୀ ସଭାପତି ପ୍ରଫୁଲ୍ଲ କୁମାର ରାୟ, କାର୍ତ୍ତିକ ସାହୁ, ଚୋରମୁହାଁ ପଚାୟତ କଂଗ୍ରେସ ସଭାପତି ସେକ୍ ଇଦୋ ପ୍ରମୁଖ ଯୋଗଦେଇଥିଲେ। ଏହି ବୈଠକରେ କଂଗ୍ରେସ କର୍ମୀ ଗଗନ ବିହାରୀ ରାଉତ, ଦେବାଶିଷ ପରିଡା, ବାବୁ ଖାଁ, ମହମ୍ମଦ ଇକବାଲ, ଅଜୁ ମହାନ୍ତି, ଟିକିନ ଖାଁ, ଗିରିଧରି ମଲିକ, ମିନ ମଲିକ, ସାନ୍ତନୁ ମଲିକଅନନ୍ତ ବେହେରା, ଅମିନ ମଲିକ, ଓଶି ଆଲମ, ରଘୁ ବାରିକ, ବିପିନ ମଲିକ ପ୍ରମୁଖ ଶତାଧିକ କଂଗ୍ରେସ କର୍ମୀ ଯୋଗଦେଇଥିଲେ। ଏହି ବୈଠକରେ ସଂଯୋଜକ ଭାବେ ଅଭିମନ୍ୟୁ ପଣ୍ଡା ଯୋଗଦେଇଥିଲେ।

## ରେଙ୍ଗାଲି ଡ୍ୟାମରେ ବଢୁଛି ଜଳସ୍ତର

**ଧର୍ମଶାଳା,୬।୧୦(ସମିସ):** ବ୍ରାହ୍ମଣୀ ନଦୀର ରେଙ୍ଗାଲି ଡ୍ୟାମରେ ଜଳସ୍ତର ବିପଦ ସଙ୍କେତର ଉର୍ଦ୍ଧ୍ୱରେ ପ୍ରବାହିତ ହେଉଛି। ଡ୍ୟାମର ସର୍ବାଧିକ ଜଳଧାରଣ କରିବାର କ୍ଷମତା ୧୨୩.୫୦ ମିଟର ରହିଥିବା ବେଳେ ଆଜି ଏହା ବୃଦ୍ଧି ପାଇ ୧୨୩.୫୮ ମିଟର ରହିଥିବା ବିଭାଗୀୟ ୱେବସାଇଟରୁ ଜଣାପଡିଛି। ଯାହାକି ପରବର୍ତ୍ତୀ ସମୟରେ ତଳିଆ ଅଞ୍ଚଳ ପାଇଁ ବିପଦ ସୃଷ୍ଟି କରିପାରେ ବୋଲି ନଦୀକୂଳିଆ ବାସିନ୍ଦା ଆଶଙ୍କା କରିଛନ୍ତି। କାରଣ ଡ୍ୟାମରେ ଏତେ ପରିମାଣର ଜଳ ରହିଥିବା ବେଳେ ଆଗକୁ ବଡ଼ଧରଣର ଲଘୁଚାପ ସୃଷ୍ଟି ହୋଇ ବର୍ଷା ଲାଗିରହିଲେ ପରିସ୍ଥିତି ଭୟାଭୟ ହେବାର ଆଶଙ୍କା ଉପୁଜିଛି। ନଦୀରେ ବନ୍ୟା ଆସିଲେ ବିଶେଷ ଭାବେ ଧର୍ମଶାଳା, ରସୁଲପୁର ବ୍ଲକ ପ୍ରଭାବିତ ହେବା ସହ ବରୀ ବ୍ଲକ ଅଞ୍ଚଳ ସର୍ବାଧିକ ପ୍ରଭାବିତ ହେବାର ଆଶଙ୍କା ଦେଖାଦେଇଛି।

# ପ୍ରେସ୍ କ୍ଲବ ପକ୍ଷରୁ ବୃକ୍ଷରୋପଣ



**ସୁକିନ୍ଦା,୬।୧୦(ସମିସ):** ସୁକିନ୍ଦା ପ୍ରେସ୍ କ୍ଲବ ଆନୁକୂଲ୍ୟରେ ଓ ବନବିଭାଗ ସହଯୋଗରେ ସୁକିନ୍ଦା ମହାବିଦ୍ୟାଳୟ ପଛପଟ ପଡ଼ିଆରେ ୨ହଜାର ବୃକ୍ଷ (ତାଳଗଛ) ରୋପଣ କରାଯାଇଛି। ପବିତ୍ର ଗଜଲକ୍ଷ୍ମୀ ପୂଜା ଅବସରରେ ଆୟୋଜିତ ଏହି ନିଆରା କାର୍ଯ୍ୟକ୍ରମରେ ସମବାୟ ମନ୍ତ୍ରୀ ପ୍ରଦୀପ ବଳସାମନ୍ତ ମୁଖ୍ୟଅତିଥି ଭାବେ ଯୋଗଦେଇ ବୃକ୍ଷରୋପଣ କରି କାର୍ଯ୍ୟକ୍ରମ ଶୁଭାରମ୍ଭ କରିଥିଲେ। ବଜ୍ରପାତକୁ ପ୍ରତିହତ କରିବା ପାଇଁ ଏହାହିଁ ଉତ୍କୃଷ୍ଟ ଉପାୟ ବୋଲି ମୁଖ୍ୟଅତିଥି ମନ୍ତ୍ରୀ ଶ୍ରୀ ବଳସାମନ୍ତ ମତବ୍ୟକ୍ତ କରିଥିଲେ। ପ୍ରତ୍ୟେକ ବର୍ଷ ରାଜ୍ୟରେ ବଜ୍ରପାତ ଜନିତ ମୃତ୍ୟୁ ବଢିଚାଲିଥିବାରୁ ଏହାକୁ ରୋକିବା ପାଇଁ ଏହି ପଦକ୍ଷେପ ନିଆଯାଇଥିବା କ୍ଲବ ସଭାପତି ବିଶ୍ୱଜିତ୍ ନାୟକ ପ୍ରକାଶ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ସୁକିନ୍ଦା ତହସିଲଦାର ମାନସ ରଞ୍ଜନ ତ୍ରିପାଠୀ, ବିଡିଓ ପ୍ରଜ୍ଞାପରମିତା ପୃଷ୍ଟି, କଟକ ବନଖଣ୍ଡ ସହକାରୀ ବନ ସଂରକ୍ଷକ ସନ୍ତୋଷ ପତି, ରେଞ୍ଜର ଦେବେନ୍ଦ୍ର ମାଝୀ, ମହାବିଦ୍ୟାଳୟ ଅଧ୍ୟକ୍ଷ ହିମାଂଶୁ ଶେଖର ଦ୍ୱିବେଦୀ, ପୂର୍ବତନ ଜିଲ୍ଲା ପରିଷଦ ରମଣୀ ରଞ୍ଜନ ବଳସାମନ୍ତ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ତାଳ ଗଛ ଲଗାଇଥିଲେ। ସୁକିନ୍ଦା ସଦର ମହକୁମା ସହ ଲେମ୍ବୋ, ବନ୍ଦଗାଁ, କୁହିକା, ପିମ୍ପୁଡ଼ିଆ, କାଙ୍କଡପାଳ ଓ ରାଂଶୋଳ ଆଦି ୮ଟି ପଞ୍ଚାୟତରେ ୨ହଜାର ତାଳଗଛ ଲଗାଇବାର ବ୍ୟବସ୍ଥା ହୋଇଛି। ଏହି କାର୍ଯ୍ୟକ୍ରମରେ ସୁକିନ୍ଦା ପ୍ରେସ୍ କ୍ଲବର ସମସ୍ତ କର୍ମକର୍ତ୍ତା, ସଭ୍ୟ ଓ ବନବିଭାଗ ଫରେଷ୍ଟର ମନୋରମା ହୋତା, ରାମ ତିରିଆଙ୍କ ସମେତ ଅନେକ ବନ କର୍ମଚାରୀ ଉପସ୍ଥିତି ରହି ବୃକ୍ଷ ରୋପଣ କରିଥିଲେ।

## ବାଲିପଡ଼ିଆରୁ ମୃତ କୁମ୍ଭୀର ଉଦ୍ଧାର



**ବାଲିଚନ୍ଦ୍ରପୁର,୬।୧୦(ସମିସ):** ବଡ଼ଚଣା ବ୍ଲକ ବାଲିପଡ଼ିଆ ପଞ୍ଚାୟତ ଅନ୍ତର୍ଗତ ମାତକତପୁର ଡ୍ରେନେଜ୍ କଟ୍‌ର ବାଲିପଡ଼ିଆ ଦଣ୍ଡାସାହି ତୁଠ ନିକଟରୁ ଆଜି ୬ ଫୁଟ ଲମ୍ବର ଏକ ମୃତ କୁମ୍ଭୀର ଭାସୁଥିବା ଦେଖିବାକୁ ମିଳିଥିଲା। ସ୍ଥାନୀୟ ଲୋକେ ଭାସୁଥିବା ଏହି କୁମ୍ଭୀରକୁ ଦେଖି ଛାନିଆ ହୋଇଯାଇଥିଲେ। ତେବେ କୁମ୍ଭୀରଟି ମୃତ ଅବସ୍ଥାରେ ଭାସୁଥିବା ଜାଣି ତାକୁ ଉଦ୍ଧାର କରି ପରେ ଜଙ୍ଗଲ ଭିଭାଗକୁ ଖବର ଦେଇଥିଲେ। ଖବର ପାଇ ଚଣ୍ଡିଖୋଲ ବନପାଳ ଘଟଣାସ୍ଥଳକୁ ଆସି ମୃତ କୁମ୍ଭୀରକୁ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ବିଭାଗୀୟ କାର୍ଯ୍ୟାଳୟକୁ ନେଇଯାଇଥିବା ଜଣାଯାଇଛି। ତେବେ ଏହି କୁମ୍ଭୀରଟି କୁଆଡୁ ଆଉ କେମିତି ଆସି ଏହି ଗ୍ରାମର ଦଣ୍ଡା ସାହି ତୁଠ ପର୍ଯ୍ୟନ୍ତ ମୃତ ଅବସ୍ଥାରେ ଭାସୁଥିଲା ତାହା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି।

## ବଧୂ ହତ୍ୟା ଅଭିଯୋଗରେ ଶାଶୂ ଗିରଫ

**କର୍ଯ୍ୟାଁଗୋଲା,୬।୧୦(ସମିସ):** ବଧୂ ହତ୍ୟା ମାମଲାରେ ଶାଶୂକୁ ପୁଲିସ୍ ଗିରଫ କରି ଅଦାଲତ ଚାଲାଣ କରିଛି। ଗତ ଜୁଲାଇ ମାସ ୨୭ ତାରିଖରେ ମଙ୍ଗଳପୁର ଥାନା କମାରଡିହ ପଞ୍ଚାୟତର ସହିମାଡ଼ ଗ୍ରାମରେ ଉର୍ବଶୀ ଯେନାଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର କରାଯାଇଥିଲା। ଉର୍ବଶୀର ବାପ ଘର ତରଫରୁ ମଙ୍ଗଳପୁର ଥାନାରେ ଏହା ଏକ ହତ୍ୟା ମାମଲା ବୋଲି ଅଭିଯୋଗ ହୋଇଥିଲା। ଏନେଇ ୧୮ ୯/୨୫ରେ ଏକ ମକଦ୍ଦମା ରୁଜୁ ହୋଇଥିଲା। ମଙ୍ଗଳପୁର ପୁଲିସ ତଦନ୍ତ ଚଳାଇ ଆଜି ଉର୍ବଶୀର ଶାଶୂ ସୀତାମଣି ଯେନା (୬୬)ଙ୍କୁ ଅଦାଲତ ଚାଲାଣ କରିଛି ବୋଲି ଏସ୍‌ଆଇ ଅନିତା ପ୍ରଧାନଙ୍କ ସୂତ୍ରରୁ ଜଣାପଡିଛି।

ଦ୍ୱାଦଶାହ ଉପଲକ୍ଷେ
ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



√ ପ୍ରଫୁଲ୍ଲ କୁମାରୀ ସାହୁ
ଆବିର୍ଭାବ: ୧୫.୦୩.୧୯୪୮
ତିରୋଧାନ: ୨୭.୦୯.୨୦୨୫
ମନେପଡୁଛି ତୁମର ସ୍ନେହ, ଶ୍ରଦ୍ଧା, ତ୍ୟାଗ ଏବଂ ଭଲପାଇବାର ସ୍ମୃତି। ତୁମ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ଠାରେ ପ୍ରାର୍ଥନା କରୁଛୁ।
ଶୋକସନ୍ତପ୍ତ:
ବନ୍ଧୁ ଓ ପରିବାରବର୍ଗ

### ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର

# ୮୨ଟି ଅଭିଯୋଗର ତ୍ୱରିତ ଫଇସଲା

**ଯାଜପୁର,୬।୧୦(ସମିସ):**

ଆଜି ଯାଜପୁର ଜିଲ୍ଲା ପ୍ରଶାସନ ପକ୍ଷରୁ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଏହି ଅଭିଯୋଗ ଶିବିରରେ ଉପସ୍ଥିତ ରହି ଜିଲ୍ଲାପାଳ ଅମ୍ବର କୁମାର କର ଜନସାଧାରଣଙ୍କର ବିଭିନ୍ନ ଅଭିଯୋଗର ଶୁଣାଣି କରିଥିଲେ। ବିଭାଗୀୟ ଅଧିକାରୀ ମାନେ ଏହି ଅଭିଯୋଗ ଗୁଡିକ ଯାଞ୍ଚ କରିବେ ଓ ଯେଉଁମାନେ ଯୋଗ୍ୟ ଅଛନ୍ତି ସେମାନଙ୍କର ଯଥାସମ୍ଭବ ସମସ୍ୟାର ସମାଧାନ କରାଯିବ ବୋଲି ଜିଲ୍ଲାପାଳ ପ୍ରକାଶ କରିଥିଲେ। ଆଜି ମୋଟ ୧୬୬ଟି ଅଭିଯୋଗ ପଞ୍ଜିକୃତ ହୋଇଥିଲା। ସେଥିମଧ୍ୟରୁ ବ୍ୟକ୍ତିଗତ ସମସ୍ୟା ସମ୍ପର୍କୀୟ ୮୪ ଗୋଟି, ଗୋଷ୍ଠୀଗତ ସମସ୍ୟା ସମ୍ପର୍କୀୟ/ ଗ୍ରାମ୍ୟ ସମସ୍ୟା ସମ୍ପର୍କୀୟ ୨ ଗୋଟି, ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ସହାୟତା ନିମନ୍ତେ ୮୦ ଗୋଟି ଅଭିଯୋଗର ଶୁଣାଣି କରାଯାଇଥିଲା। ୮୨ଟି ଅଭିଯୋଗର ତତ୍କାଳ ଫଇସଲା କରାଯାଇଥିଲା। ଏହି ମିଳିତ ଜନଅଭିଯୋଗ ଶୁଣାଣି ଶିବିରରେ ଆରକ୍ଷୀ ଅଧିକ୍ଷକ ଯଶପ୍ରତାପ ଶ୍ରୀମାଲ, ଅତିରିକ୍ତ ଜିଲ୍ଲାପାଳ (ପ୍ରଶାସନ) ଯୁଧିଷ୍ଠିର ନାୟକ, ଜିଲ୍ଲା ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ଜିଲ୍ଲା ପରିଷଦ ଦେବୀ ପ୍ରସାଦ ମହାନ୍ତି, ଉପଜିଲ୍ଲାପାଳ ତାପସ ରଞ୍ଜନ ଦେହୁରୀ, ଗୋଷ୍ଠୀ ଉନ୍ନୟନ ଅଧିକାରୀ, ହେମନ୍ତ କୁମାର ମହନ୍ତ, ତହସିଲଦାର ରବି ନାରାୟଣ ପାଢ଼ୀ, ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ବିଜୟ କୁମାର ମିଶ୍ର, ଜିଲ୍ଲାସ୍ତରୀୟ ଅଧିକାରୀ, କ୍ଷେତ୍ରୀୟ ଅଧିକାରୀ, ବ୍ଲକସ୍ତରୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ରହି ଜନସାଧାରଣଙ୍କର ଆପତି ଅଭିଯୋଗ ର ଶୁଣାଣି କରିଥିଲେ।



## ଯୁବ ବ୍ୟବସାୟୀଙ୍କ କିଡ୍‌ନୀ ରୋଗରେ ମୃତ୍ୟୁ

**ପାଣିକୋଇଲି, ୬।୧୦(ସମିସ):** ପାଣିକୋଇଲିର ଜଣାଶୁଣା ଯୁବ ବ୍ୟବସାୟୀ ଟ୍ରାନ୍ସପୋର୍ଟ ତଥା ଟ୍ରକ୍ ବ୍ୟବସାୟ କରୁଥିବା ସୁନିଲ କୁମାର ନାୟକଙ୍କ ୪୩ ବର୍ଷରେ ଆଜି ମୃତ୍ୟୁ ଘଟିଛି। କିଛି ଦିନ ହେବ ସେ କିଡ୍‌ନୀ ରୋଗରେ ପୀଡ଼ିତ ହୋଇ ଚିକିତ୍ସିତ ହେଉଥିଲେ। ତାଙ୍କ ଦେହ ସୁସ୍ଥ ହେବା ପରିବର୍ତ୍ତେ ଅଧିକ ଅସୁସ୍ଥ ହେବାରୁ ତାଙ୍କୁ ଏକ ଘରୋଇ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ମାତ୍ର ଚିକିତ୍ସିତ ଅବସ୍ଥାରେ ଆଜି ତାଙ୍କର ମୃତ୍ୟୁ ଘଟିଥିଲା। ଏହି ଖବର ପ୍ରଚାରିତ ହେବା ମାତ୍ରେ ସମଗ୍ର ପାଣିକୋଇଲି ଅଞ୍ଚଳରେ ଶୋକର ଛାୟା ଖେଳିଯାଇଥିବା ବେଳେ ଟ୍ରକ୍ ମାଲିକ ସଂଘ ପକ୍ଷରୁ ଶୋକ ପ୍ରକାଶ ପାଇଥିଲା। ତାଙ୍କ ମରଶରୀରକୁ ପୁରୀ ସ୍ୱର୍ଗଦ୍ୱାର ନେଇ ଶେଷକୃତ କରାଯାଇଥିଲା। ଏକମାତ୍ର ପୁତ୍ର ଆୟୁଷ ନାୟକ ମୁଖାଗ୍ନି ଦେଇଥିଲେ। ପ୍ରକାଶ ଥାଉକି ପାଣିକୋଇଲି ପୂର୍ତ୍ତ ବିଭାଗ କାର୍ଯ୍ୟାଳୟର ମୁଖ୍ୟ କିରଣି ଭାବେ କାର୍ଯ୍ୟକରି ତାଙ୍କ ବାପା ସୁରେନ୍ଦ୍ର ନାୟକ ଦୀର୍ଘ ବର୍ଷ ହେବ ପଥରପଦା ବେଙ୍ଗାସାହି ନିକଟରେ ଘର କରି ରହୁଥିଲେ।



# ଭୁବନେଶ୍ୱର ସିଟି









ପୋଲିସ୍ ଏସ୍ଆଇ ଚାକିରି ନିଯୁକ୍ତି କେଲେଙ୍କାରୀ ପ୍ରତିବାଦରେ ବିଜୁ ଯୁବ, ଛାତ୍ର ଜନତା ଦଳ ପକ୍ଷରୁ ମାଷ୍ଟରକ୍ୟାଣ୍ଟିନ୍‌ରେ ବିକ୍ଷୋଭ ପ୍ରଦର୍ଶନ

# ବାର୍‌ହା ଆତଙ୍କ; ଓୟୁଏଟି ଗବେଷଣା ପ୍ରଭାବିତ

ଭୁବନେଶ୍ୱର, ୬ ।୧୦(ସମିସ)

ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ (ଓୟୁଏଟି)ରେ ବାର୍‌ହା ଆତଙ୍କ। ବରମୁଣ୍ଡାରେ ଥିବା ଓୟୁଏଟି କେନ୍ଦ୍ରୀୟ ଗବେଷଣା କେନ୍ଦ୍ରରେ ଦୀର୍ଘ ଦେଢ଼ମାସ ହେଲା ବାର୍‌ହା ଉତ୍ପାତ କରୁଛି। ଧାନ ଗବେଷଣା ଠାରୁ ଆରମ୍ଭ କରି ବିଭିନ୍ନ ବିହନରେ ହୋଇଥିବା ଗବେଷଣାକୁ ଖାରଖାର୍ କରୁଛି। କର୍ମଚାରୀ ଓ ବୈଜ୍ଞାନିକମାନେ ଘଉଡ଼ାଇବା ପ୍ରୟାସ କଲେ ମାରିବାକୁ ଗୋଡ଼ାଉଛି। କାର୍ଯ୍ୟରତ ସମସ୍ତ କର୍ମଚାରୀମାନେ ଭୟରେ କାଳାତିପାତ କରୁଛନ୍ତି। ବନ ବିଭାଗକୁ ଅଭିଯୋଗ କଲେ ମଧ୍ୟ କୌଣସି ପଦକ୍ଷେପ ନେଉ ନାହାନ୍ତି। ରବିବାର ବରୁଣେଇ ଠାରେ ବାର୍‌ହା ଆକ୍ରମଣରେ ୩ଜଣ ଗୁରୁତର ହେବା ଓ ଉଦ୍ଧାର କରିବାକୁ ଯାଇ ଜଣେ କାର୍ଯ୍ୟରତ ପୁଲିସ୍ କର୍ମଚାରୀଙ୍କ ମୃତ୍ୟୁ ହେବାପରେ ଓୟୁଏଟି କର୍ମଚାରୀଙ୍କୁ ସେମାନଙ୍କ ସୁରକ୍ଷା ଚିନ୍ତା ଘାରିଛି।



ଓୟୁଏଟି କେନ୍ଦ୍ରୀୟ ଗବେଷଣା କେନ୍ଦ୍ରରେ ବିଭିନ୍ନ ପ୍ରକାର ଧାନ ବିହନ ଉପରେ ଗବେଷଣା କରାଯାଇଛି। ଦୀର୍ଘ ଦେଢ଼ମାସ ହେବ ଗୋଟିଏ ବାର୍‌ହା ନିୟମିତ ଭାବେ ସେଠାରେ ଫସଲ ନଷ୍ଟ କରୁଛି। ବିଭିନ୍ନ ପନିପରିବା ସମେତ ଏକାଧିକ ଅତ୍ୟାଧୁନିକ ଫସଲ କରାଯାଇଥିବା ଟେକ୍ନୋ ପାର୍କକୁ ବ୍ୟାପକ କ୍ଷତି କଲାଣି। କନ୍ଦମୂଳ ପରି ମୂଳ ଜାତୀୟ ଫସଲ ନିଶ୍ଚିହ୍ନ ହୋଇ ସାରିଲାଣି। ବର୍ଷା ପରେପରେ ଆଳୁ ଚାଷ କରିବାର ଥିବାରୁ ବାର୍‌ହା ଦାଉରୁ ତାକୁ କିପରି ରକ୍ଷା କରିବେ, ସେନେଇ ବୈଜ୍ଞାନିକ ଓ କର୍ମଚାରୀମାନେ ଚିନ୍ତାରେ ପଡ଼ିଛନ୍ତି। ଏକାଧିକବାର ବାର୍‌ହାକୁ ଘଉଡ଼ାଇବାକୁ ପ୍ରୟାସ ମଧ୍ୟ କରିଛନ୍ତି। ହେଲେ ବାର୍‌ହାଟି ସେମାନଙ୍କୁ ଦେଖିବା ମାତ୍ରେ ତାଙ୍କ ଆଡକୁ ଧାଉଁଥିବାରୁ ସମସ୍ତେ ଭୟଭିତ ହୋଇ ପଡ଼ିଛନ୍ତି। ବାର୍‌ହା ଭୟରେ ଗବେଷଣା କାର୍ଯ୍ୟ ବହୁ ମାତ୍ରାରେ ପ୍ରଭାବିତ ହେଉଛି। ଅପରପକ୍ଷରେ ସବୁକିଛି ଜାଣି ମଧ୍ୟ ବନ ବିଭାଗ ଚୁପ୍ ବସିଛି। ଏକାଧିକବାର ଲିଖିତ ଭାବରେ ଜଣାଇବା ପରେ ମଧ୍ୟ ବାର୍‌ହାକୁ ଧରିବା ପାଇଁ କୌଣସି ପଦକ୍ଷେପ ନେଉ ନ ଥିବା ଅଭିଯୋଗ ହୋଇଛି। ଫଳରେ ବାଧ୍ୟ ହୋଇ ବିଭାଗର ଟୋଲ୍ ଫ୍ରି ନମ୍ବରରେ ଅଭିଯୋଗ କରିଥିଲେ। ଏହାପରେ ଜଣେ କର୍ମଚାରୀ ଦୁଇଦିନ କ୍ୟାମ୍ପସ୍‌କୁ ଆସିଥିଲେ ମଧ୍ୟ ବାର୍‌ହା ଧରିବାରେ ବିଫଳ ହୋଇଥିଲେ। ଯନ୍ତା ଆଣି ବାର୍‌ହା ଧରିବାକୁ କହୁଥିଲେ ମଧ୍ୟ ଦେଢ଼ମାସ ହେଲା ବନ ବିଭାଗର ଅଧିକାରୀମାନେ ଚୁପ୍ ବସିଛନ୍ତି।

- ନିଶ୍ଚିହ୍ନ ହୋଇ ସାରିଲାଣି ମୂଳଜାତୀୟ ଫସଲ
- ବାର୍‌ହା ମାରିବାକୁ ବନ ବିଭାଗ ପ୍ରସ୍ତାବ ଦେଉଥିବା ଅଭିଯୋଗ

ସବୁଠାରୁ ଆଶ୍ଚର୍ଯ୍ୟର ବିଷୟ ହେଲା, ବାର୍‌ହାକୁ ଧରିବାକୁ ପଦକ୍ଷେପ ନେବା ବଦଳରେ ତାକୁ ବିଷ ଦେଇ ମାରିଦେବାକୁ ବନ ବିଭାଗ ପ୍ରସ୍ତାବ ଦେଉଥିବା ଅଭିଯୋଗ ହୋଇଛି।

ରବିବାର ବରୁଣେଇ ଠାରେ ବାର୍‌ହା ଜଣେ ଆକ୍ରମଣରେ କାର୍ଯ୍ୟରତ ପୁଲିସ୍ କର୍ମଚାରୀଙ୍କ ମୃତ୍ୟୁ ପରେ ଓୟୁଏଟିର ବାର୍‌ହାକୁ ନେଇ ରାଜଧାନୀବାସୀ ଆତଙ୍କିତ ଅବସ୍ଥାରେ ଅଛନ୍ତି। ଏପରିସ୍ଥିତିରେ ଓୟୁଏଟିର କର୍ମଚାରୀ ଓ ବୈଜ୍ଞାନିକମାନେ ନିଜ ଜୀବନକୁ ବାଜି ଲଗାଇ ଭଗବାନଙ୍କ ଭରଷାରେ କାର୍ଯ୍ୟ କରୁଛନ୍ତି। ଏ ସମ୍ପର୍କରେ ଯୋଗାଯୋଗ କରିବାରୁ ଭୁବନେଶ୍ୱର ନଗର ବନଖଣ୍ଡ ଅଧିକାରୀ (ସିଟି ଡିଏଫ୍‌ଓ) କହିଛନ୍ତି ଯେ, ବାର୍‌ହା କ୍ଷୟକ୍ଷତି କରୁଥିବା ସମ୍ପର୍କରେ ସେମାନେ ଅବଗତ ଅଛନ୍ତି। ନିୟମିତ ଭାବେ ବାର୍‌ହା ଆସୁ ନ ଥିବାରୁ ତାର ଗତିବିଧି ସମ୍ପର୍କରେ ଜଣାପଡୁନାହିଁ। ବାର୍‌ହାକୁ ଟ୍ରାଙ୍କୁଲାଇଜ୍ କରିବା ପାଇଁ ନନ୍ଦନକାନନ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରିବେ। ଖୁବଶୀଘ୍ର ବାର୍‌ହାକୁ ଧରାଯିବ ବୋଲି ସେ ପ୍ରକାଶ କରିଛନ୍ତି। ସେହିପରି ବିଷ ଦେଇ ବାର୍‌ହାକୁ ମାରିବା ପାଇଁ ଦିଆଯାଇଥିବା ପ୍ରସ୍ତାବ ଅଭିଯୋଗକୁ ଖଣ୍ଡନ କରିବା ସହ ବନ ବିଭାଗ ବନ୍ୟପ୍ରାଣୀଙ୍କ ସୁରକ୍ଷା ପାଇଁ କାର୍ଯ୍ୟ କରୁଥିବା କହିଛନ୍ତି।

### କଟକରେ ଶାନ୍ତି ପାଇଁ ନାଗରିକ ସମାଜ ଗଠିତ

## ଗୋପବନ୍ଧୁଙ୍କ ଜୟନ୍ତୀରେ ନାଗରିକ ଯାତ୍ରା

ଭୁବନେଶ୍ୱର,୬।୧୦(ସମିସ): ଦଶହରା ଭସାଣିକୁ କେନ୍ଦ୍ରକରି ଶାନ୍ତି ଓ ସଦଭାବନାର ପ୍ରତୀକ ତଥା ନେତାଜୀ ସୁଭାଷ ବୋଷଙ୍କ ଜନ୍ମମାଟି କଟକ ସହରରେ ସୃଷ୍ଟି ହୋଇଥିବା ଅଶାନ୍ତି ଓ ସାମ୍ପ୍ରଦାୟିକ ବିଦ୍ୱେଷର ପୂର୍ଣ୍ଣଚ୍ଛେଦ ପକାଇବା ପାଇଁ ଭୁବନେଶ୍ୱରରେ ନାଗରିକ ସମାଜ ଏକଜୁଟ ହୋଇ ନିବେଦନ କରିଛନ୍ତି। ଆଗାମୀ ୯ ଅକ୍ଟୋବର ଉତ୍କଳମଣି ଗୋପବନ୍ଧୁ ଦାସଙ୍କର ଜନ୍ମତିଥିରେ ଭୁବନେଶ୍ୱର ସମେତ ବିଭିନ୍ନ ସ୍ଥାନରେ ଶାନ୍ତି ଓ ସଦଭାବନା ଯାତ୍ରା ଆୟୋଜନ ପାଇଁ ଦଳ-ମତ ନିର୍ବିଶେଷରେ ସମସ୍ତେ ଆଗେଇ ଆସିବାକୁ ଏହି ବୈଠକରେ ନିବେଦନ କରାଯାଇଛି। ଦିଲ୍ଲୀ ବିଶ୍ୱବିଦ୍ୟାଳୟର ପୂର୍ବତନ ପ୍ରଫେସର ମନୋରଞ୍ଜନ ମହାନ୍ତି, ସାମ୍ବାଦିକ ସୁଧୀର ପଟ୍ଟନାୟକ, କୃଷକ ନେତା ଲିଙ୍ଗରାଜ, ପରିବେଶବିତ୍ ତଥା ଗ୍ରୀନ୍ ନୋବେଲ୍ ବିଜେତା ପ୍ରଫୁଲ୍ଲ ସାମନ୍ତରା, ଲୋହିଆ ଏକାଡେମୀର ସମ୍ପାଦକ ଦେବପ୍ରସାଦ ରାୟ ପ୍ରମୁଖଙ୍କ ଆହ୍ୱାନରେ ଆଜିର ଏହି ନାଗରିକ ସଭାରେ କଟକରେ ସୃଷ୍ଟି ହୋଇଥିବା ଏହି ଅଶାନ୍ତକର ପରିସ୍ଥିତି ପାଇଁ ଗଭୀର ଉଦବେଗ ପ୍ରକାଶ ପାଇଛି। ଶହ ଶହ ବର୍ଷ ଧରି କଟକର ସାହି, ଗଳି ଓ ବଜାରରେ ଯେଉଁ ଭାତୃତ୍ୱ, ଶାନ୍ତି ଓ ସଦଭାବନା ବଞ୍ଚି ରହିଛି, ତାହାକୁ କୌଣସି ଭାବରେ ଅକ୍ଷୁର୍ଣ୍ଣ ରଖିବା ସମସ୍ତଙ୍କ ଦାୟିତ୍ୱ ବୋଲି ନାଗରିକ ସମାଜ ପକ୍ଷରୁ ଆହ୍ୱାନ ଦିଆଯାଇଛି। ସମସ୍ତ ପ୍ରକାର ମୌଳବାଦୀ ତଥା ବିଭେଦକାରୀ ଶକ୍ତି ବିରୋଧରେ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହିତ ଭାଇଚାରାର ସହର କଟକରେ ଶାନ୍ତି ପ୍ରତିଷ୍ଠା କରିବା ପାଇଁ ଉପଯୁକ୍ତ ପଦକ୍ଷେପ ଗ୍ରହଣ କରିବାକୁ ଓଡ଼ିଶା ସରକାରଙ୍କୁ ନିବେଦନ କରାଯାଇଛି। ଏହି ନାଗରିକ ସମାଜ ବୈଠକରେ ବିଭିନ୍ନ ବର୍ଗର ବ୍ୟକ୍ତି ତଥା ନେତୃତ୍ୱ ଯଥା ପ୍ରଫେସର ପ୍ରୀତିଶ ଆଚାର୍ଯ୍ୟ, ସୁରେଶ ପାଣିଗ୍ରାହୀ, ଅଭିରାମ ମଲ୍ଲିକ, ନାରାୟଣ ରେଡ୍ଡୀ, ଜ୍ୟୋତି ରଞ୍ଜନ ମହାପାତ୍ର, ମୋହନ ନାଇଡୁ, ପୁଷ୍ପା ଦାସ, ବଦ୍ରିନାରାୟଣ ଦାସ, ନରେନ୍ଦ୍ର ମହାନ୍ତି, ସତୀଶ ମିଶ୍ର, ନିରଞ୍ଜନ ମହାନ୍ତି, କଲ୍ୟାଣ ଆନନ୍ଦ, ସନ୍ଦୀପ ପଟ୍ଟନାୟକ, ଧୀରେନ୍ଦ୍ର ପଣ୍ଡା, ମାନସ ପଟ୍ଟନାୟକ, ସର୍ବେଶ୍ୱର ସାହୁ, ରୁମିତା କୁଣ୍ଡୁ ଓ ଅନ୍ୟମାନେ ଯୋଗ ଦେଇଥିଲେ।

## ୧୦ ଘଣ୍ଟା କାର୍ଯ୍ୟ ଦିବସ ପ୍ରତିବାଦରେ ଟ୍ରେଡ୍ ୟୁନିୟନର ବିକ୍ଷୋଭ




ଭୁବନେଶ୍ୱର,୬।୧୦(ସମିସ)

ରାଜ୍ୟ ସରକାର ସମ୍ପ୍ରତି ଦୈନିକ ଶ୍ରମିକମାନଙ୍କ କାର୍ଯ୍ୟ ଦିବସ ୮ ଘଣ୍ଟାରୁ ୧୦ ଘଣ୍ଟାକୁ ବୃଦ୍ଧି ନିଷ୍ପତ୍ତି ବିରୁଦ୍ଧରେ ସୋମବାର ରାଜ୍ୟସ୍ତରୀୟ ମିଳିତ କେନ୍ଦ୍ରୀୟ ଟ୍ରେଡ଼ ୟୁନିୟନଗୁଡ଼ିକ ପକ୍ଷରୁ ଏହାର ଦୃଢ ବିରୋଧ କରାଯାଇଛି। ରାଜ୍ୟ ଶ୍ରମ କମିସନରଙ୍କ କାର୍ଯ୍ୟାଳୟରେ ବିକ୍ଷୋଭ ସଂଗଠିତ କରାଯଇଛି। ରାଜ୍ୟ ଶ୍ରମ କମିସନର ଏବଂ ପ୍ରମୁଖ ଶ୍ରମସଚିବଙ୍କୁ ସ୍ମାରକ ପତ୍ର ଦିଆଯାଇଛି। ସୋମବାର ଅନୁଷ୍ଠିତ ବିକ୍ଷୋଭ ସମାବେଶରେ ସିଆଇଟିୟୁ ରାଜ୍ୟ ସଭାପତି ସାଥି ଜନାର୍ଦ୍ଦନ ପତି, ସାଧାରଣ ସମ୍ପାଦକ ବିଷ୍ଣୁ ମହାନ୍ତି ରାଜ୍ୟ ସରକାରଙ୍କର ଏଭଳି ଅଗଣତାନ୍ତ୍ରିକ ଶ୍ରମିକ ସ୍ୱାର୍ଥ ବିରୋଧୀ ନୀତିର ସମାଲୋଚନା କରି ମାଲିକ ଓ କର୍ପୋରେଟ ମାନଙ୍କ ବ୍ୟବସାୟ ଓ ଲାଭ ପାଇଁ ଏହା ଉଦ୍ଦିଷ୍ଟ ବୋଲି ଅଭିହିତ କରିଥିଲେ। ଏହା ପ୍ରତ୍ୟାହାର ନ ହେଲେ ରାଜ୍ୟସାରା ବ୍ୟାପକ ଆନ୍ଦୋଳନ ହେବ। ରାଜ୍ୟର ଶ୍ରମିକ ଶ୍ରେଣୀ ଏଥିରେ ସାମିଲ ହେବାକୁ ଆହ୍ୱାନ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଆଇ ଏନଟିୟୁସିର ସାଧାରଣ ସମ୍ପାଦକ କିଶୋର ଜେନା, ଏଆଇଟିୟୁସିର ସାଧାରଣ ସମ୍ପାଦକ ବିଜୟ ଜେନା, ଏଚ ଏମ ଏସର ବି ଏନ ମହାପାତ୍ର, ଏ ଆଇ ସି ସି ଟି ୟୁର ସାଧାରଣ ସମ୍ପାଦକ ମହେନ୍ଦ୍ର ପରିଡା, ଏ ଆଇୟୁଟିୟୁସିର ଜୟସେନ ମେହେର, ଟିୟୁସିସିର ସାଧାରଣ ସମ୍ପାଦକ ଜ୍ୟୋତି ରଞ୍ଜନ ମହାପାତ୍ର, ଏଲପିଏଫର ମାୟାଧର ନାୟକ ପ୍ରମୁଖ ବକ୍ତବ୍ୟ ରଖିଥିଲେ।

## ଦୁର୍ଘଟଣାରେ ଅଜଣା ବ୍ୟକ୍ତିଙ୍କ ମୃତ୍ୟୁ

ଭୁବନେଶ୍ୱର, ୬।୯ (ସମିସ): ନୂଆପଲ୍ଲୀ ଓଭରବିଜ୍ର ଉପରେ ଟ୍ରକ ଧକ୍କାରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ହୋଇଛି। ଯୁବକଙ୍କ ପରିଚୟ ମିଳିନି। ସମ୍ପୃକ୍ତ ଯୁବକ ବାଇକରେ ବରମୁଣ୍ଡାରୁ ଆଚାର୍ଯ୍ୟବିହାର ଆସୁଥିବା ବେଳେ ନୂଆପଲ୍ଲୀ ଓଭରବିଜ୍ରର ହୋଟେଲ ପ୍ରେସିଡେନ୍ସି ସମୁଖରେ ପଛରୁ ଆସୁଥିବା ଦ୍ରୁତଗାମୀ ଟ୍ରକ ତାଙ୍କ ଉପରେ ମାଡି ଯାଇଥିଲା। ଘଟଣାସ୍ଥଳରେ ତାଙ୍କ ମୃତ୍ୟୁ ହୋଇଯାଇଛି। ନୂଆପଲ୍ଲୀ ଥାନା ପୁଲିସ ମୃତଦେହକୁ ଜବତ କରି ଶବ ବ୍ୟବଚ୍ଛେଦ ଲାଗି ହସ୍ପିଟାଲ ପଠାଇଛି।

# କୁମାର ପୂର୍ଣ୍ଣିମାରେ ନିଆରା ବାହାଘର

## ବେଦୀରେ ବସିଲେ କୁମାରୀ ଦମ୍ପତି

ବାଲିଅନ୍ତା,୬ ।୧୦(ସମିସ): ବାଲିଅନ୍ତା ବ୍ଲକ ସରକଣା ପଞ୍ଚାୟତ ଅଧୀନ ରଣପୁର ଗ୍ରାମରେ ଆଜି କୁମାରୀ ବିବାହ ପାରମ୍ପରିକ ରୀତିନୀତି ଅନୁସାରେ ପାଳିତ ହୋଇଯାଇଛି। ଏହି ଅବସରରେ ଗାଁ ଦାଣ୍ଡରେ ବେଦୀ ନିର୍ମାଣ କରାଯାଇ ଟେଣ୍ଟ ବନ୍ଧା ଯାଇଥିବା ରଙ୍ଗବେରଙ୍ଗର ଆଲୋକମାଳାରେ ବେଦୀ ସଜ୍ଜାଯାଇଥିଲା। ଶୁଭଶ୍ରୀ ସାହୁଙ୍କୁ ବର ଓ କନ୍ୟା ବେଶରେ ସ୍ୱାଗତିକା ପତିଙ୍କୁ ସଜାଇ ବିବାହ କରାଯାଇଥିଲା। କୁନି ପୁଅ ସୁବ୍ରତ ବିଶ୍ୱାଳ ପୂଜକ ଓ ଶୁଭଶ୍ରୀ ବେହେରା ବାରିକ, ସାଗରିକା ପତି ବରପିତା



ଓ କନ୍ୟା ପିତା ସାଜିଥିଲେ ସଂଘମିତ୍ରା ପ୍ରଧାନ। ଶଙ୍ଖୁଆ ଓ ପୁରୋହିତ ଭୂମିକା ତୁଲାଇଥିଲେ ଗାଁର କୁମାରୀମାନେ ବିଧି ଅନୁସାରେ ଅପରାହ୍ନରେ ମା'କ୍ଷେତ୍ରପାଳୀ ଠାକୁରାଣୀଙ୍କ ନିକଟରେ କୁମାରୀମାନେ ଦିଅଁ ମଙ୍ଗୁଳାଇ ଥିଲେ। ବାଜା ବାଣ ରୋଶଣିରେ ବର ଶୁଭଶ୍ରୀ ସହ କୁମାରୀମାନେ ବରଯାତ୍ରୀ ସାଜି ବେଦୀ ନିକଟରେ ପହଞ୍ଚିଥିଲେ। ହ୍ୱାଇଁ ବାଟବରଣି ବିଧି ସଂପାଦନ ପରେ ପୁରୋହିତ ମନ୍ତ୍ର ଉଚ୍ଚାରଣ ତାଳେ ତାଳେ ବିବାହ ଆରମ୍ଭ ହୋଇଥିଲା। ନିମନ୍ତ୍ରିତ ଅତିଥି ଓ ଗ୍ରାମବାସୀ ପଂକ୍ତି ଭୋଜନ କରିଥିଲେ।

## ଭୋଜିଭାତରେ କମ୍ପିଲା ବଳଭଦ୍ରପୁର

ବାଲିପାଟଣା, ୬।୧୦(ଇମିସ): ବାଲିପାଟଣା ବ୍ଲକ୍ ପମ୍ପାଲୋ ପଞ୍ଚାୟତ ବଳଭଦ୍ରପୁର ଗ୍ରାମରେ କୁମାରୀ ବିବାହ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। କୁମାର ପୂର୍ଣ୍ଣିମା ଅବ୍ୟବହିତ ପୂର୍ବରୁ ଆଜି ବଳଭଦ୍ରପୁର ଉତ୍ସବମୁଖର ହୋଇଉଠିଥିଲା। ବାହାଘର ବିଧି ପାଳନ ପାଇଁ ଯୋଡ଼ି ମହୁରି, ଢୋଲ ବାଜା, ଶଙ୍ଖ ଧ୍ୱନିରେ କମ୍ପିଉଠିଥିଲା। କୁମାର ପୂର୍ଣ୍ଣିମାର କିଛି ଦିନ ପୂର୍ବରୁ କୁମାରୀ ବିବାହ



ଉତ୍ସବ ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଥାଏ। ବାହାଘରର ସମସ୍ତ ବିଧିବିଧାନ ପର୍ଯ୍ୟାୟକ୍ରମେ ଚାଲିଥାଏ। ଏଥର ବର ଭାବେ ମାନସଧ୍ୱନୀ ସ୍ୱାଇଁ ଓ କନ୍ୟା ଭାବେ ସାଇ ସ୍ମୃତି ପାଇକରାୟଙ୍କୁ ବେଦିରେ ବସାଯାଇଥିଲା। ମଧ୍ୟସ୍ଥି ଭାବେ ଅଙ୍କିତା ପାଇଟିଆଳ, ମୋନାଲିସା ଖୁଣ୍ଟିଆ, ବ୍ରାହ୍ମଣ ଭାବେ ଆଶୁତୋଷ ପାଇକରାୟ, ବାରିକ ଭାବେ ଶୁଭ୍ରଜିତ ଖୁଣ୍ଟିଆ, ଶାଳି ଭାବେ ଆକାଂକ୍ଷା ପାଇଟିଆଳ, ଫଟୋଗ୍ରାଫି ଭାବେ ଅଭିପ୍ସା ପାଇକରାୟ, ମେକ୍‌ଅପ୍ ଦାୟିତ୍ୱରେ ବୈଶାଖୀ ପାଇକରାୟ , ଶଙ୍ଖୁଆ ଭାବେ ଅନୁରାଗ ପାଇଟିଆଳ,ବ୍ୟବସ୍ଥା ପ୍ରମୁଖ ଭାବେ ସ୍ମିତାଞ୍ଜଳୀ ପାଇଟିଆଳ, ଅନ୍‌ୱେଷା ଜେନା, ବାଜାବାଲା ଭାବେ ସୋମୁ ପାଇଟିଆଳ, ବରଧରାଭାବେ ଆରାଧ୍ୟା ପାଇଟିଆଳ ଦାୟିତ୍ୱ ତୁଲାଇଥିବା ବେଳେ ସହଯୋଗ କରିଥିଲେ ଉତ୍କଳିକା ପାଇଟିଆଳ, ଅର୍ଚ୍ଚିତା ପାଇଟିଆଳ, ପାୟଲ ଖୁଣ୍ଟିଆ, ଶ୍ରଦ୍ଧା ଖୁଣ୍ଟିଆ, ରାହୁଲ ଖୁଣ୍ଟିଆ, ଅର୍ପିତା ପାଇଟିଆଳ, ମୋନାଲିସା ପାଇଟିଆଳ, ଅନିମେଶ ପାଇକରାୟ, ରଶ୍ମିତା ପ୍ରଧାନ। କୁମାରୀ ବିବାହ ଉତ୍ସବରେ ଗ୍ରାମବାସୀ ଓ ବହୁ ବନ୍ଧୁବାନ୍ଧବ ବିବାହ ଓ ଭୋଜିରେ ଯୋଗଦାନ କରିଥିଲେ।

**ଆମ ରାଜଧାନୀ ଆମ ଐତିହ୍ୟ**

# ସ୍ମୃତି ଜୀବିତ ରଖିଛି ବାଘ ଆଖଡ଼ା ଗୃହ

ଭୁବନେଶ୍ୱର,୬।୧୦(ସମିସ): ଐତିହ୍ୟ ସମ୍ପନ୍ନ ମନ୍ଦିର ମାଳିନୀ ସହର ରାଜଧାନୀ ଭୁବନେଶ୍ୱର। ପ୍ରତି ଗଳିରେ ମନ୍ଦିର ମଠର ସମୃଦ୍ଧ ସଂସ୍କୃତି ଓ ପରମ୍ପରାର ସ୍ୱାକ୍ଷର। ଦିନେ ଏଇ ଭୂଖଣ୍ଡର ସୁରକ୍ଷା ପାଇଁ ଗଢ଼ି ଉଠିଥିଲା ଆଖଡ଼ାଶାଳା। ଯେଉଁଠି କୁସ୍ତି, ମଲ୍ଲ ଯୁଦ୍ଧର ଅଭ୍ୟାସ ଜାରି ରଖିଥିଲେ ଯୁବପିଢ଼ି। ହେଲେ ସମୟକ୍ରମେ ଏ ବ୍ୟବସ୍ଥାରେ ବିରାମ ଲାଗିଛି। ଜାଗା ଆଖଡ଼ାର ସ୍ଥାନ ଜିମ୍ ନେଇଛି। ହେଲେ ସେ ମହକକୁ ହରାଇ ପାରି ନାହିଁ କି ଜାଗା ଆଖଡ଼ାର ସ୍ୱରୂପକୁ ଜିମ୍ ନେଇ ପାରି ନାହିଁ। ଆଜି ବି ରାଜଧାନୀରେ ଶୋଭା ପାଉଛି ବାଘ ଆଖଡ଼ା।

ବର୍ତ୍ତମାନ ତାର ରୂପ ରେଖ ଟିକିଏ ବଦଳିଯାଇଛି ସତ। ହେଲେ ତାର ଅସ୍ତିତ୍ୱ ହରାଇବାକୁ ଦେଇ ନାହାନ୍ତି ସ୍ଥାନୀୟବାସିନ୍ଦା। ଏଇ ସହରରେ ସାଇତି ହୋଇ ରହିଥିବା ପୁରାତନ ଐତିହ୍ୟ ସ୍ଥାନ ମଧ୍ୟରୁ ଅନ୍ୟତମ ହେଉଛି କପିଳେଶ୍ୱରର ବାଘ ଆଖଡ଼ା।




ଏହାର ଇତିହାସ ସମ୍ପର୍କରେ ସ୍ଥାନୀୟ ବାସିନ୍ଦା କୁହନ୍ତି, ଆଜି କି କାଲି ନୁହଁ ଦୀର୍ଘ ୭୦ ବର୍ଷ ପୁରୁଣା ବାଘ ଆଖଡା। କୁହାଯାଏ ଉଦୀୟମାଳ ନାମକ ଜଣେ ସ୍ଥାନୀୟ ବ୍ୟକ୍ତି ସେ ନିୟମିତ ଭାବେ କୁସ୍ତି କସରତ କରନ୍ତି। ସେ ସମୟରେ ନା କୌଣସି ବ୍ୟାୟାମଶାଳା ଥିଲା ନା ଥିଲା ବର୍ତ୍ତମାନର ଜିମ୍। ସେଥିପାଇଁ ସେଠାରେ ଉଦୀୟମାଳ ସମେତ ଆଉ ଦୁଇ ତିନି ଜଣ ମଧ୍ୟ ସେଠାରେ ମିଳିତ ଭାବେ କସରତ କରିଥାନ୍ତି। ନିକଟରେ ଐତିହ୍ୟ କପିଳେଶ୍ୱର ମନ୍ଦିର ଥିବାରୁ ପ୍ରତିଦିନ ରାଜ୍ୟ ତଥା ରାଜ୍ୟ ବାହାରୁ ପର୍ଯ୍ୟଟକ ଏଠାକୁ ଆସିଥାନ୍ତି। ସେଥିପାଇଁ ଦିନବେଳା କସରତ କରାଯାଉଥିବା ସେ ଗୃହକୁ ଆବଶ୍ୟକସ୍ଥଳେ ପର୍ଯ୍ୟଟକଙ୍କ ପାଇଁ ବିଶ୍ରାମ ଗୃହ ଭାବେ ମଧ୍ୟ ବ୍ୟବହାର କରାଯାଏ। ସେ ସମୟରେ ବିହାରରୁ କିଛି ପର୍ଯ୍ୟଟକ ମନ୍ଦିର ବୁଲିବାକୁ ଆସି ଉଦୀୟମାଳକୁ କସରତ ଅଭ୍ୟାସ କରୁଥିବା ଦେଖି ତାଙ୍କ ସହ କୁସ୍ତିର ଏକ ପ୍ରତିଯୋଗିତା କରିବାକୁ ପ୍ରସ୍ତାବ ଦେଇଥିଲେ। ଯେଉଁଥିରେ ଉଦୀୟମାଳର ପ୍ରଦର୍ଶନ ଦେଖି ସେମାନେ ବେଶ ପ୍ରଶଂଶା କରବା ସହ ତାଙ୍କୁ ଆଖଡାରେ ପୁରସ୍କୃତ ମଧ୍ୟ କରିଥିଲେ। ଏହିକ୍ରମେ ଗଢି ଉଠିଥିଲା କପିଳେଶ୍ୱରର ବାଘ ଆଖଡା ଗୃହ। ଏହି ଗୃହଟି କପିଳନାଥଙ୍କ ଠିକ ସାମ୍ନାରେ ହିଁ ରହିଛି। ଏକ ଚାଳ ଘରୁ ଆରମ୍ଭ ହୋଇଥିବା ଏହି ଆଖଡା ପରବର୍ତ୍ତୀ ସମୟରେ ଆହୁରି ଲୋକ କସରତର ଅଭ୍ୟାସ କରିବାକୁ ଆସିଲେ। ଧୀରେ ଧୀରେ ତାର ମହତ୍ୱ ବଢିବାକୁ ଚାଲିଲା। ଆଉ ଜଣେ ସ୍ଥାନୀୟ ବାସିନ୍ଦାଙ୍କ ଅନୁଯାୟୀ ପରବର୍ତ୍ତୀ ସମୟରେ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ ସମୟରେ ଏହି ଆଖଡା ଘରର ଚାହିଦାକୁ ଦେଖି ଘର ବାହାରେ ଏକ ଖପା ବାଘ ମୁଣ୍ଡ ଆଣି ଲଗାଇଥିଲେ। ପରେ ପରେ ଏହା ବାଘ ଆଖଡା ନାମରେ ପରିଚିତ ହେଲା ବୋଲି କୁହନ୍ତି ସ୍ଥାନୀୟ ଅଞ୍ଚଳର ନୀଳମଣି ମିଶ୍ର।

### ଏବେ କେମିତି ରହିଛି

ସମୟ ସହ ଚାହିଦା କମିବାରୁ ଏହି ଘରଟି ପରିତ୍ୟକ୍ତ ଅବସ୍ଥାକୁ ଚାଲି ଆସିଲା। ମଝିରେ ଅଞ୍ଚଳବାସୀଙ୍କ ପ୍ରୟାସରେ ଏହାର ମରାମତି ହୁଏ। ପରେ ପରେ ଏହାର ସ୍ମୃତିକୁ ଜୀବିତ ରଖିବାକୁ ଚତୁର୍ଥ ଥର ପାଇଁ ଭୁବନେଶ୍ୱର ମହାନଗର ନିଗମ ଦ୍ୱାରା ଗୃହର ନବୀକରଣ କରାଯାଇ ସେଠାରେ ଏକ ସ୍ଥାୟୀ ଘର ନିର୍ମାଣ ହେଲା। ହେଲେ ଘରର ଦ୍ୱାରରେ ଆଉ ସେ ବାଘ ମୁଣ୍ଡ ରହି ନାହିଁ, କେବଳ ଲେଖାଥିବା ପୁରୁଣା ବୋର୍ଡ ଅଛି। ବର୍ତ୍ତମାନ ସେ ଗୃହ ପର୍ଯ୍ୟଟକଙ୍କ ପାଇଁ ବିଶ୍ରାମ ଗୃହ ପରି କାର୍ଯ୍ୟ କରୁଛି ବୋଲି ତାଙ୍କଠୁ ଜାଣିବାକୁ ମିଳିଥିଲା।

**• ଝାଁଳା କପ୍-୨୦୨୫**

## କ୍ୱାର୍ଟର୍ ଫାଇନାଲ୍‌ରେ ଅଠାରଙ୍ଗ ଓ କୁରାଢ଼ମଲ୍ଲ

ଝାଁଳା ୬।୧୦(ସମିସ): ରାଧାମାଧବ କ୍ଲବ ଆନୁକୂଲ୍ୟରେ ଚାଲିଥିବା ଝାଁଳା କପ୍ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟର ତୃତୀୟ ଲିଗ୍ ମ୍ୟାଚ୍‌ରେ ମେଣ୍ଟଶାଳକୁ ୫୪ରନ୍‌ରେ ହରାଇ ଅଠାରଙ୍ଗ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛି। ଅଠାରଙ୍ଗ ଦଳର ଅକ୍ଷୟ କୁମାର ବେହେରା ମ୍ୟାନ୍ ଅଫ୍ ଦ ମ୍ୟାଚ ବିବେଚିତ ହୋଇଥିଲେ। ଚତୁର୍ଥ ଲିଗ୍ ମ୍ୟାଚ୍‌ଟି ବର୍ଷା ଯୋଗୁଁ ବାଧାପ୍ରାପ୍ତ ହୋଇ ୫ ଓଭର ବିଶିଷ୍ଟ କରାଯାଇଥିଲା। ଏହି ମ୍ୟାଚ୍‌ରେ ଗୁଡୁମ୍‌କୁ ୩୮ ରନରେ ହରାଇ କୁରାଢମଲ୍ଲ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛି। କୁରାଢମଲ୍ଲ ଦଳର ତିରୁପତି ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ। ଶୀତିକଣ୍ଠ ପଟ୍ଟନାୟକ, ମଳୟ ସ୍ୱାଇଁ ଓ ଉଦିତ ରାୟ ମ୍ୟାଚ୍ ପରିଚାଳନା କରିଥିଲେ। ମୁଖ୍ୟ ଅତିଥି ଭାବରେ ସଞ୍ଜିତ କିଶୋର ପରିଡା ଉପସ୍ଥିତ ଥିଲେ।

# ଶ୍ରୀକ୍ଷେତ୍ର ସିଟି

୬/୧୦/୨୦୨୫ (ସୋମବାର) ଶ୍ରୀଜଗନ୍ନାଥଙ୍କ ହୁଣ୍ଡିରେ ସମର୍ପଣ
ଟ. ୫,୬୬,୫୪୧/-
ସୁନା: ୦୧.୦୦୦ ଗ୍ରାମ୍
ରୁପା: ୩୦.୫୦୦ ଗ୍ରାମ୍






# ମା' ଗଜଲକ୍ଷ୍ମୀଙ୍କୁ ଆରାଧନା


ଅନ୍ନପୂର୍ଣ୍ଣା ଥିଏଟର ସମ୍ମୁଖ ଗଜଲକ୍ଷ୍ମୀ


ବଡ଼ଦାଣ୍ଡ ଗଜଲକ୍ଷ୍ମୀ


ଶ୍ରୀକ୍ଷେତ୍ର ମା' ଗଜଲକ୍ଷ୍ମୀ


ମରିଚୀକୋଟ ଛକ ମା' ଗଜଲକ୍ଷ୍ମୀ


ସାଇ ଗଜଲକ୍ଷ୍ମୀ ପୂଜା କମିଟି


ମୋଚିସାହି ଗଜଲକ୍ଷ୍ମୀ ପୂଜା


ଓମ୍ ଟ୍ୟାକ୍ସି ଆସୋସିଏସନ


ଜିଲ୍ଲା ସାଉଣ୍ଡ ଆଣ୍ଡ ଲାଇଟ୍ ଟ୍ରେଡର୍ସ

## ଉତ୍ସବମୁଖର ଶ୍ରୀକ୍ଷେତ୍ର, ଝଲସୁଛି ପୂଜା ମଣ୍ଡପ

ପୁରୀ,୬।୧୦(ସମିସ): ଧରାପୃଷ୍ଠରୁ ବିଦାୟ ନେଇଛନ୍ତି ଜଗଜ୍ଜନନୀ ମା' ଦୁର୍ଗା। ମା'ଙ୍କ ମେଲାଣି ପରେ ସୋମବାର ଧନଦାତ୍ରୀ ମା' ଗଜଲକ୍ଷ୍ମୀଙ୍କୁ ପୂଜା କରାଯାଇଛି। ସୁଖଶାନ୍ତି ଏବଂ ଧନଧାନ୍ୟ ସମୃଦ୍ଧି ଲଗି ସମସ୍ତେ ମା'ଙ୍କୁ ଆରାଧନା କରିଛନ୍ତି। ବିଭିନ୍ନ ପୂଜା ମଣ୍ଡପରେ ଆୟୋଜିତ ହୋଇଛି ମା' ଧନଦାତ୍ରୀଙ୍କ ପୂଜା। ଉତ୍ସବମୁଖର ହୋଇପଡ଼ିଛି ଶ୍ରୀକ୍ଷେତ୍ର। ଶ୍ରୀଗୁଣ୍ଡିଚା ମନ୍ଦିର ନିକଟ ସାଇ ଗଜଲକ୍ଷ୍ମୀ ପୂଜା କମିଟି, ବଡ଼ଶଙ୍ଖ ଗଜଲକ୍ଷ୍ମୀ ପୂଜା କମିଟି, ଦର୍ଜିପୋଖରୀ ଛକ ଗଜଲକ୍ଷ୍ମୀ ପୂଜା କମିଟି, ବଳଗଣ୍ଡି ଛକ ପୂଜା କମିଟି ପ୍ରଭୃତି କମିଟି ପକ୍ଷରୁ ଧୂମ୍‌ଧାମରେ ମା' ଧନଦାତ୍ରୀଙ୍କ ପୂଜା କରାଯାଉଛି। ରଙ୍ଗୀନ ଆଲୋକମାଳାରେ ଝଲସି ଉଠୁଛି ପୂଜାମଣ୍ଡପ। କେତେକ ଜାଗାରେ ତୋରଣ ମଧ୍ୟ ତିଆରି କରାଯାଇଛି। ମା' ଗଜଲକ୍ଷ୍ମୀଙ୍କ ପୂଜା ଅବସରରେ ଶ୍ରୀମନ୍ଦିର ପରିସର ମହାଲକ୍ଷ୍ମୀ ମନ୍ଦିରରେ ଭକ୍ତଙ୍କ ଭିଡ଼ ହୋଇଥିଲା। ଶ୍ରଦ୍ଧାଳୁମାନେ ମହାଲକ୍ଷ୍ମୀଙ୍କୁ ନୂତନ ବସ୍ତ୍ର ଲାଗି କରାଇଥିଲେ।

## କୁମାର ପୂର୍ଣ୍ଣିମାରେ ଭାର୍ଗବୀ ଆଳତି



ପୁରୀ,୬।୧୦(ସମିସ): କୁମାର ପୂର୍ଣ୍ଣିମା ଅବସରରେ କପିଳେଶ୍ୱରପୁର ଶାସନସ୍ଥ ମା' ପଞ୍ଚମୁଖୀ ଘାଟରେ ଭାର୍ଗବୀ ଆଳତି ସମାହିତ ହୋଇଛି। ଗାଁର ମହିଳାମାନେ ନାମ ସଂକୀର୍ତ୍ତନ ସହ ହରିବୋଲ ହୁଳହୁଳି ଦେଇ ଏକ ସୁନ୍ଦର ଆଧ୍ୟାତ୍ମିକ ପରିବେଶ ସୃଷ୍ଟି କରିଥିଲେ। ମହାପ୍ରସାଦ, କ୍ଷୀର, ଫୁଲମାଳ ଭାର୍ଗବୀ ମା'ଙ୍କୁ ଅର୍ପଣ କରାଯାଇଥିଲା। ମା' ପଞ୍ଚମୁଖୀଙ୍କ ସେବକ ରାଧାକାନ୍ତ ଦୀକ୍ଷିତ୍ ଆଳତି କାର୍ଯ୍ୟ ସମାପନ କରିଥିଲେ। ଶୁଭାଶିଷ୍ କର, ଭବାନୀ ଶଙ୍କର ତ୍ରିପାଠୀ ଆଳତିରେ ସହଯୋଗ କରିଥିଲେ। ଗଙ୍ଗାଧର କର, ବାପିନା ପତି, ବିରଞ୍ଚି ମିଶ୍ର, ସତ୍ୟ ସୁନ୍ଦର କର, ଗୋପାଳ କର, ଗଣେଶ ବେହେରା, ବାନାମ୍ବର ପରିଡ଼ା, ଶରତ ଦେଓ, ଜିତେନ୍ଦ୍ର ଦାସ ପ୍ରମୁଖ ଉପସ୍ଥିତ ଥିଲେ। ଅନ୍ତର୍ଯ୍ୟାମୀ ପଟ୍ଟନାୟକ ଓ ପ୍ରଭାକର ସାହୁ କାର୍ଯ୍ୟକ୍ରମ ସମ୍ପାଦନା କରିଥିଲେ। ଆଗାମୀ ଦିନରେ ପ୍ରତି ପୂର୍ଣ୍ଣିମାରେ ମା'ମାନଙ୍କ ଦ୍ୱାରା ନାମ ସଂକୀର୍ତ୍ତନ କରାଯିବ ବୋଲି ଭାର୍ଗବୀ ମଞ୍ଚର ସଭ୍ୟ ପ୍ରଶାନ୍ତ ତ୍ରିପାଠୀ କହିଥିଲେ। ଶେଷରେ ଦ୍ୱାରିକାନାଥ ବିଶ୍ୱାଳ ଧନ୍ୟବାଦ ଦେଇଥିଲେ।

---

୮ ରୁ ୫୮ ତମ କୁମାର ଉତ୍ସବ

# ଲଗ୍ନଲୋକିତ ଶ୍ରୀକ୍ଷେତ୍ର କୁମାର, ଅରୋଶିଖା ଶ୍ରୀକ୍ଷେତ୍ର କୁମାରୀ



ପୁରୀ,୬।୧୦(ସମିସ): ଆସନ୍ତା ୮ ତାରିଖରୁ ତିନିଦିନ ଧରି ଶରଧାବାଲିସ୍ଥିତ ମୁକ୍ତାକାଶ ରଙ୍ଗମଞ୍ଚରେ ୫୮ତମ କୁମାର ଉତ୍ସବ ଅନୁଷ୍ଠିତ ହେବ। ଏ ନେଇ ସୋମବାର ପୂଜାପଣ୍ଡା କନ୍‌ଭେନ୍‌ସନଠାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଅନୁଷ୍ଠାନର ସମ୍ପାଦକ ସ୍ୱାଧୀନ ପଣ୍ଡା ସୂଚନା ଦେଇଛନ୍ତି। ଅନୁଷ୍ଠାନର କାର୍ଯ୍ୟକାରୀ ସଭାପତି ରାଜେଶ୍ ମିଶ୍ର, ଚକ୍ରଧର ମହାପାତ୍ର, ଅମରେନ୍ଦ୍ର ପାଇକରାୟ, ସୁକାନ୍ତ ପଣ୍ଡା, ଶ୍ରୀକାନ୍ତ ମହାନ୍ତି ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମର ବିସ୍ତୃତ ବିବରଣୀ ପ୍ରଦାନ କରିଥିଲେ। ପ୍ରଥମ ଦିବସରେ ଶ୍ରୀକ୍ଷେତ୍ର କୁମାରୀ ଭାବେ ଅରୋଶିଖା ରଥ ଏବଂ ଶ୍ରୀକ୍ଷେତ୍ର କୁମାର ଭାବେ ଲଗ୍ନଲୋକିତ ତ୍ରିପାଠୀଙ୍କୁ ସମ୍ମାନିତ କରାଯିବ। ବିଦ୍ୟାଳୟସ୍ତରୀୟ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯିବା ସହିତ ବରିଷ୍ଠ କଣ୍ଠଶିଳ୍ପୀ ପଦ୍ମଶ୍ରୀ ଶ୍ୟାମାମଣି ଦେବୀ, ବିଶିଷ୍ଟ ସ୍ତମ୍ଭକାର ସତୀଶ ମିଶ୍ର, ଶ୍ରୀଜଗନ୍ନାଥ ସଂସ୍କୃତି ପ୍ରଚାରକ ପଣ୍ଡିତ ରାଜେଶ ମହାପାତ୍ର, ପୁରୀ ବିଚ୍ ଲାଇଫ୍‌ଗାର୍ଡ ମହାସଂଘ ଏବଂ ସାମାଜିକ କର୍ମୀ ବିଜୟ କୁମାର ଚିନ୍ନରା (ଭୋଲାଙ୍କୁ ସମ୍ବର୍ଦ୍ଧିତ କରାଯିବ। ଉଦ୍‌ଘାଟନୀ ସନ୍ଧ୍ୟାରେ ମେଢ଼ ନୃତ୍ୟ, ମାହାରୀ ନୃତ୍ୟ, ସମ୍ବଲପୁରୀ ନୃତ୍ୟ, ମାଲଖମ୍ବ, ଓଡ଼ିଶୀ ନୃତ୍ୟ ଏବଂ ସଙ୍ଗୀତ ରୂପକ 'କୁଆଁର ପୁନେଇଁ ଜହ୍ନ, ନୃତ୍ୟ ବିଚିତ୍ରା' ପରିବେଷଣ ହେବା ସହ ଅନୁଷ୍ଠାନର ସ୍ମରଣିକା ମଧ୍ୟ ଉନ୍ମୋଚନ କରାଯିବ। ଦ୍ୱିତୀୟ ସନ୍ଧ୍ୟାରେ ସଭା ପର୍ବ ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବ। ମାହାରୀ ନୃତ୍ୟ, ଫ୍ୟୁଜନ, ସମ୍ବଲପୁରୀ ଲୋକନୃତ୍ୟ, ଶ୍ରୀଜଗନ୍ନାଥାଷ୍ଟକମ୍ ଏବଂ ପାଇକ ଆଖଡ଼ା ପରିବେଷିତ ହେବ। ଦ୍ୱିତୀୟ ସନ୍ଧ୍ୟାର ପ୍ରମୁଖ ଆକର୍ଷଣ ସାଜିବ କୁମାର ଉତ୍ସବ ସମିତି ଦ୍ୱାରା ପ୍ରସ୍ତୁତ ନାଟକ 'କଳାପାହାଡ଼'। ଉଦ୍‌ଯାପନୀ ସନ୍ଧ୍ୟାରେ ମାହାରୀ ନୃତ୍ୟ ସାଙ୍ଗକୁ ଓଡ଼ିଶାର ପ୍ରତିଷ୍ଠିତ କଣ୍ଠଶିଳ୍ପୀ ଇରା ମହାନ୍ତି ଏବଂ ସାଥୀ କଳାକାର ସଙ୍ଗୀତ ପରିବେଷଣ କରିବେ ବୋଲି ଅନୁଷ୍ଠାନର କର୍ମକର୍ତ୍ତା ସୂଚନା ଦେଇଥିଲେ।

---

୪୬ତମ କୁମାର ଉତ୍ସବ ଉଦ୍‌ଘାଟିତ

# ମନମୋହିଲା ବିବିଧ ସାଂସ୍କୃତିକ କାର୍ଯ୍ୟକ୍ରମ



ପୁରୀ,୬।୧୦(ସମିସ): ପୁରୀର ସାଂସ୍କୃତିକ ତଥା ସାମାଜିକ ଅନୁଷ୍ଠାନ ଶ୍ରୀକ୍ଷେତ୍ର ୟୁଥ୍ କଲ୍‌ଚରାଲ ଆସୋସିଏସନ ପକ୍ଷରୁ ୪୬ତମ କୁମାର ଉତ୍ସବ ସୋମବାର ସ୍ଥାନୀୟ ପୌରସଦନଠାରେ ଉଦ୍‌ଘାଟିତ ହୋଇଯାଇଛି। ପୁରୀ ବିଧାୟକ ସୁନିଲ କୁମାର ମହାନ୍ତି, ପୂର୍ବତନ ପୌର ସଦସ୍ୟ ଭକ୍ତ ଚରଣ ଦାସ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଉଦ୍‌ଘାଟନୀ ଉତ୍ସବରେ ଅନୁଷ୍ଠାନର ସଭାପତି ବିରେନ୍ଦ୍ର ନାରାୟଣ ଗୋଛିକାର ସଭାପତିତ୍ୱ କରିଥିବାବେଳେ ସମ୍ପାଦକ ସନ୍ତୋଷ ଶତପଥୀ ବାର୍ଷିକ ବିବରଣୀ ପାଠ କରିଥିଲେ। ଏହି ଅବସରରେ ଅତିଥିମାନେ କହିଥିଲେ ଯେ ଅନୁଷ୍ଠାନ ଦୀର୍ଘ ୪୬ ବର୍ଷ ଧରି ଓଡ଼ିଶାର କଳା ସଂସ୍କୃତିକୁ ଉଜ୍ଜିବୀତ ରଖିବା ସହ ପ୍ରଚାରପ୍ରସାର କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଛି। କେବଳ ସାଂସ୍କୃତିକ କାର୍ଯ୍ୟ ନୁହେଁ ଅନେକ ସମୟରେ ସାମାଜିକ କାର୍ଯ୍ୟ ମଧ୍ୟ କରାଯାଉଛି। ଆଗକୁ ଅନୁଷ୍ଠାନ ଏହିପରି ଭାବେ କାର୍ଯ୍ୟ ଜାରି ରଖୁ ବୋଲି କହିଥିଲେ। ଏହି ଅବସରରେ ଅନୁଷ୍ଠାନ ପକ୍ଷରୁ ପୂର୍ବରୁ ଆୟୋଜିତ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ନାଲ୍‌କୋର ପୂର୍ବତନ ପରିଚାଳନା ନିର୍ଦ୍ଦେଶକ ଡ. ତପନ କୁମାର ଚାନ୍ଦଙ୍କୁ ସମ୍ମାନିତ କରାଯାଇଥିଲା। ସେ ଅସୁସ୍ଥ ଥିବାରୁ ତାଙ୍କ ପ୍ରତିନିଧି ଭାବେ ସମ୍ପାଦକଙ୍କୁ ଏହା ପ୍ରଦାନ କରାଯାଇଥିଲା।

ସଭା ପର୍ବ ପରେ ସଙ୍ଗୀତ ନିର୍ଦ୍ଦେଶକ ଆଲୋକ ମହାପାତ୍ରଙ୍କ ନିର୍ଦ୍ଦେଶନା ଓ ନୃତ୍ୟଗୁରୁ ଅମିତ୍ ଚାଟାର୍ଜୀଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠାନର କୁନି କୁନି କଳାକାରଙ୍କୁ ନେଇ କୁଆଁର ପୁନେଇଁ ରାତି ମନ ଭରିଦିଏ ତାତି... ନାଟ୍ୟ ରୂପକ ନୃତ୍ୟ ପରିବେଷଣ କରାଯାଇଥିଲା। ପରେ ପରେ କୃଷ୍ଣମୋହନ ଡ୍ୟାନ୍ସ ଏବଂ ସଙ୍ଗୀତ ଏକାଡେମୀ ପକ୍ଷରୁ ଓଡ଼ିଶୀ ଡ୍ୟାନ୍ସ ନବ ଦୁର୍ଗା, ସୂର୍ଯ୍ୟ ଡ୍ୟାନ୍ସ ଗ୍ରୁପ୍ ପକ୍ଷରୁ କ୍ରିଏଟିଭ୍ ଡ୍ୟାନ୍ସ, ଆରତୀ ଡ୍ୟାନ୍ସ ଗ୍ରୁପ୍ ପକ୍ଷରୁ ଆଧୁନିକ ନୃତ୍ୟ ନାଚ୍ ବଲିଏ ପରିବେଷଣ କରାଯାଇଥିଲା। ଶେଷରେ ଅନୁଷ୍ଠାନର କଳାକାରଙ୍କ ଦ୍ୱାରା ସମ୍ବଲପୁରୀ ନୃତ୍ୟ ପରିବେଷଣ କରାଯାଇଥିଲା, ଯାହାକୁ ବିଳମ୍ବିତ ରାତି ପର୍ଯ୍ୟନ୍ତ ଦର୍ଶକ ଉପଭୋଗ କରିଥିଲେ। ଅନୁଷ୍ଠାନର କୋଷାଧ୍ୟକ୍ଷ ଜିତେନ୍ଦ୍ର ଦାସ ମହାପାତ୍ର, ପ୍ରଦୀପ କୁମାର ମିଶ୍ର, ସଦାଶିବ ନାୟକ, ନାରାୟଣ ଗୋଛିକାର, ବିଜୟ କୁମାର ଆପଟ, ବାସୁଦେବ ଦାସ, ହରେକୃଷ୍ଣ ମିଶ୍ର, ସରସ୍ୱତୀ ଦାସ, ରୀତିକା ମହାନ୍ତି, ମନିଷା ମହାନ୍ତି, ରାଜେନ୍ଦ୍ର ହରିଚନ୍ଦନ, ପ୍ରଶାନ୍ତ ମୁଦୁଲି, ରଞ୍ଜିତ ସିଂ, ବିକ୍ରମ ପରିଡ଼ା, ଲକ୍ଷ୍ମୀନାରାୟଣ ପଣ୍ଡା, ମଦନ ମୋହନ ପୂଜାପଣ୍ଡା ପ୍ରମୁଖ ସଭ୍ୟସଭ୍ୟା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

---

କାର୍ତ୍ତିକ ମାସ ପାଇଁ ପୁଲିସର ସ୍ୱତନ୍ତ୍ର ବ୍ୟବସ୍ଥା

# ନିୟୋଜିତ ହେବେ ୨୦ ପ୍ଲାଟୁନ ଫୋର୍ସ

ପୁରୀ,୬।୧୦(ସମିସ): ମଙ୍ଗଳବାରଠାରୁ ଆରମ୍ଭ ହେଉଛି କାର୍ତ୍ତିକ ବ୍ରତ। ଧର୍ମମାସ କାର୍ତ୍ତିରେ ଶ୍ରୀକ୍ଷେତ୍ର ପୁରୀକୁ ଅଧିକ ସଂଖ୍ୟାରେ ଭକ୍ତଙ୍କ ଆଗମନ ହେବ। ମହାପ୍ରଭୁଙ୍କ ଦର୍ଶନ ପାଇଁ ଶ୍ରୀମନ୍ଦିରରେ ମଧ୍ୟ ପ୍ରବଳ ଭିଡ଼ ହେବା ସମ୍ଭାବନା ରହିଛି। ତେଣୁ ଭକ୍ତ ଓ ବ୍ରତଧାରୀଙ୍କ ଶୃଙ୍ଖଳିତ ଦର୍ଶନ ଏବଂ ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ପୁଲିସ ପକ୍ଷରୁ ସ୍ୱତନ୍ତ୍ର ବ୍ୟବସ୍ଥା ଗ୍ରହଣ କରାଯାଇଛି ବୋଲି କହିଛନ୍ତି ଏସ୍‌ପି ପ୍ରତୀକ ସିଂ। ଶ୍ରୀମନ୍ଦିର ଭିତରେ ଓ ବାହାରେ କାର୍ତ୍ତିକ ମାସ ଲାଗି ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି। ଟ୍ରାଫିକ୍ ସୁପରିଚାଳନା ନିମନ୍ତେ ପାର୍କିଂ, ଶ୍ରୀମନ୍ଦିର ବାହାରେ ସ୍ୱତନ୍ତ୍ର ସିସିଟିଭି ବ୍ୟବସ୍ଥା ସହ ବିଭିନ୍ନ ତୀର୍ଥ ପୁଷ୍କରିଣୀରେ ପୁଲିସ କର୍ମଚାରୀ ମୁତୟନ ରହିବେ।

ସୋମବାର ପୁଲିସ ମୁଖ୍ୟାଳୟରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଏସ୍‌ପି ଶ୍ରୀ ସିଂ କହିଛନ୍ତି, କାର୍ତ୍ତିକ ମାସ ଲାଗି ୪ ଜଣ ଅତିରିକ୍ତ ଏସ୍‌ପି, ୧୫ ଜଣ ଡିଏସ୍‌ପି ବା ଆସିଷ୍ଟାଣ୍ଟ କମାଣ୍ଡାଣ୍ଟ, ୧୪ ଜଣ ଇନ୍ସପେକ୍ଟର, ୬୫ ଜଣ ଏଏସ୍‌ଆଇ ଓ ଏଏସ୍‌ଆଇ, ୯୯ ଜଣ କନେଷ୍ଟବଳ, ୪୪ ହୋମ୍‌ଗାର୍ଡ ଏବଂ ୨୨ ପ୍ଲାଟୁନ୍ ୧ ସେକ୍ସନ ଫୋର୍ସ ନିୟୋଜିତ ହେବେ। ଏହାବ୍ୟତୀତ ହବିଷ୍ୟାଳି ମା'ମାନଙ୍କ ୪ଟି ରହଣି କେନ୍ଦ୍ର, ପବିତ୍ର ପୁଷ୍କରିଣୀରେ ମଧ୍ୟ ସୁରକ୍ଷା କର୍ମୀ ମୁତୟନ ରହିବେ। ସିଂହଦ୍ୱାର ନିକଟରେ ପୁଲିସର ୨୪ ଘଣ୍ଟିଆ କଣ୍ଟ୍ରୋଲ ରୁମ୍ କାର୍ଯ୍ୟକ୍ଷମ କରିବ। ଯେଉଁଠାରେ ହବିଷ୍ୟାଳି ମା'ମାନଙ୍କ ସହିତ ଅନ୍ୟ ଭକ୍ତମାନେ ସେମାନଙ୍କ ସୁବିଧା, ଅସୁବିଧା ଜଣାଇପାରିବେ ଏବଂ ଫିଡ୍‌ବ୍ୟାକ୍ ମଧ୍ୟ ଦେଇପାରିବେ। କାର୍ତ୍ତିକ ମାସରେ ଭକ୍ତଙ୍କ ଶୃଙ୍ଖଳିତ ଦର୍ଶନ ଏବଂ ଭିଡ଼ ନିୟନ୍ତ୍ରଣ ପୁଲିସର ପ୍ରାଥମିକତା ରହିବ। ସେହିପରି ଟ୍ରାଫିକ୍ ପରିଚାଳନା ଏବଂ ପାଟ୍ରୋଲିଂକୁ ମଧ୍ୟ କଡ଼ାକଡ଼ି କରାଯିବ। ଆଗାମୀ ବିଶେଷ ଦିନ ଯେପରିକି, ଦୀପାବଳି, କାର୍ତ୍ତିକ ପୂର୍ଣ୍ଣିମା ପାଇଁ ପୁଲିସର ସ୍ୱତନ୍ତ୍ର ଆରେଞ୍ଜମେଣ୍ଟ ହେବ ବୋଲି କହିଛନ୍ତି ଏସ୍‌ପି ଶ୍ରୀ ସିଂ।

## ବିଦ୍ୟାଳୟରେ ଭୋଜିଭାତ ପାଇଁ ପ୍ରଧାନଶିକ୍ଷକ ନିଲମ୍ବିତ

ପୁରୀ,୬।୧୦(ସମିସ): ଅନ୍ତରଙ୍ଗ ସରକାରୀ ଉଚ୍ଚ ବିଦ୍ୟାଳୟରେ ଗତ ଅଗଷ୍ଟ ୨୭ ତାରିଖରେ ଭୋଜିଭାତ ହୋଇଥିଲା। ଏ ସମ୍ପର୍କରେ ପୁରୀ ଜିଲ୍ଲା ପରିଷଦ ଉପାଧ୍ୟକ୍ଷ ସ୍ୱାଧୀନ କୁମାର ନାୟକ ପୁରୀ ଜିଲ୍ଲାପାଳ, ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟର ନିର୍ଦ୍ଦେଶକ ଭୁବନେଶ୍ୱର ଓ ଜିଲ୍ଲା ଶିକ୍ଷା ଅଧିକାରୀଙ୍କୁ ଲିଖିତ ଭାବେ ଅଭିଯୋଗ କରିଥିଲେ। ଏହାର ତଦନ୍ତ କରାଯିବା ପରେ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟର ନିର୍ଦ୍ଦେଶକ ବିଦ୍ୟାଳୟର ପ୍ରଧାନଶିକ୍ଷକ ସୁଶାନ୍ତ କୁମାର ପରିଡ଼ାଙ୍କୁ ନିଲମ୍ବନ କରିଛନ୍ତି। ଏହି ନିଲମ୍ବନ ସମୟରେ ପ୍ରଧାନଶିକ୍ଷକ ଜିଲ୍ଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରେ ରହିବା ପାଇଁ କୁହାଯାଇଛି।

---

# 'ନୀଳଚକ୍ର ବାନା'ର ବାର୍ଷିକ ଉତ୍ସବ



ପୁରୀ,୬।୧୦(ସମିସ): ପୁରୀରୁ ପ୍ରକାଶିତ ଆଧ୍ୟାତ୍ମିକ ପତ୍ରିକା 'ନୀଳଚକ୍ର ବାନା'ର ଷଷ୍ଠ ବାର୍ଷିକ ଉତ୍ସବ ଏବଂ ପତ୍ରିକାର ପ୍ରତିଷ୍ଠାତା ଆଇନଜୀବୀ ପୂର୍ଣ୍ଣ ଚନ୍ଦ୍ର ନନ୍ଦଙ୍କ ତୃତୀୟ ଶ୍ରାଦ୍ଧବାର୍ଷିକୀ ସ୍ଥାନୀୟ ୟୁଥ୍ ହଷ୍ଟେଲ ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ଏହାକୁ ଉଦ୍‌ଘାଟନ କରିଥିଲେ ପୂର୍ବତନ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ। ଡ. କମଳାକାନ୍ତ ମିଶ୍ରଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବରେ ଓଡ଼ିଆ ଭାଷା ପ୍ରତିଷ୍ଠାନ, ଓଡ଼ିଶାର ପ୍ରଥମ ନିର୍ଦ୍ଦେଶକ ଡ. କୈଳାସ ଚନ୍ଦ୍ର ଟିକାୟତରାୟ ମୁଖ୍ୟବକ୍ତା, ସମ୍ମାନିତ ଅତିଥି ଭାବେ ଡ. ପ୍ରତିମାରାଣୀ ମିଶ୍ର ଷଡ଼ଙ୍ଗୀ, ପ୍ରାକ୍ତନ କୁଳପତି ଖଲ୍ଲିକୋଟ ବିଶ୍ୱବିଦ୍ୟାଳୟ କର୍ଣ୍ଣେଲ ପ୍ରଫୁଲ୍ଲ କୁମାର ମହାନ୍ତି, ଶ୍ରୀମନ୍ଦିର ପରିଚାଳନା କମିଟି ସଦସ୍ୟ ମଧୁସୂଦନ ସିଂହାରୀ, ପ୍ରିୟପତ୍ରର ସମ୍ପାଦକ ବିପିନ ବିହାରୀ ଦଳାଇ, ବରିଷ୍ଠ ସାହିତ୍ୟିକ ଶିବ ସୁନ୍ଦର ମିଶ୍ର, ଆଇନଜୀବୀ ଦିଗ୍‌ଦର୍ଶନ ପଟ୍ଟନାୟକ, ପୁରୀ ଅର୍ବାନ କୋ-ଅପରେଟିଭ୍ ବ୍ୟାଙ୍କର ନିର୍ଦ୍ଦେଶକ ଉମାକାନ୍ତ ନାୟକ ଏବଂ ବିଶିଷ୍ଟ ସଂଗଠକ ସଞ୍ଜୀବ କୁମାର ମୁଖାର୍ଜୀ ଏହି ଉତ୍ତମ ପ୍ରୟାସର ଚିନ୍ତାନାୟକ ଆଇନଜୀବୀ ପୂର୍ଣ୍ଣଚନ୍ଦ୍ର ନନ୍ଦଙ୍କୁ ସାଧୁବାଦ ଜଣାଇଥିଲେ। ଏହି ଅବସରରେ ନୀଳଚକ୍ର ବାନାର ସଂଖ୍ୟା ଉନ୍ମୋଚିତ ହୋଇଥିଲା।

ଚଳିତବର୍ଷ ସଦାଶିବ ମିଶ୍ରଙ୍କୁ ନୀଳଚକ୍ର ବାନା ସ୍ୱତନ୍ତ୍ର ଲେଖକ ସମ୍ମାନ, ସୁଶ୍ରୀ କ୍ରିଷ୍ଣା ମହାପାତ୍ରଙ୍କୁ ସାରସ୍ୱତ ଲେଖିକା ଗୌରବ ସମ୍ମାନ, କର୍ଣ୍ଣେଲ ପ୍ରଫୁଲ୍ଲ ମହାନ୍ତିଙ୍କୁ ଲେଖକ ଗୌରବ ସମ୍ମାନ, ଅନ୍ନପୂର୍ଣ୍ଣା ଦେବୀଙ୍କୁ ସାରସ୍ୱତ କବୀ ଗୌରବ ସମ୍ମାନ, ସର୍ବେଶ୍ୱର ଷଡ଼ଙ୍ଗୀ ଏବଂ ଝରଣାରାଣୀ ଦାଶଙ୍କୁ ସାରସ୍ୱତ ଯୁଗଳବନ୍ଦୀ ସମ୍ମାନରେ ସମ୍ମାନିତ କରାଯାଇଥିବା ବେଳେ ଡାକ୍ତର ରାନୁ ମିଶ୍ର, ଜାନକୀ ବଲ୍ଲଭ ଦାଶ, କୃଷ୍ଣଚନ୍ଦ୍ର ରଥ, ଜାନକୀ ବଲ୍ଲଭ ମହାପାତ୍ର, କାଳୀଚରଣ ମିଶ୍ର, ସରୋଜିନୀ ସାହୁ, ରେଣୁକା ମିଶ୍ର, ପୂଜା ପ୍ରଧାନ, ବାକ୍ୟଶ୍ରୀ ବେହେରା, ବିନୋଦିନୀ ଦାସ, ମହେଶ୍ୱର ଜେନା, ଫୁଲରାଣୀ ପାଳଙ୍କୁ ନୀଳଚକ୍ର ବାନା ସାରସ୍ୱତ ସମ୍ମାନ ୨୦୨୫ରେ ସମ୍ମାନିତ କରାଯାଇଥିଲା। ପ୍ରାରମ୍ଭରେ ସୁରେଶ କୁମାର ପଟ୍ଟନାୟକଙ୍କ ସଭାପତିତ୍ୱରେ ଏକ ରାଜ୍ୟସ୍ତରୀୟ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା। ଏହାକୁ ସଂଯୋଜନା କରିଥିଲେ ଆଶାଲତା ପ୍ରଧାନ ଏବଂ ପ୍ରବାସିନୀ ମିଶ୍ର। ଶେଷରେ ପତ୍ରିକାର ପ୍ରକାଶକ ରାଜେଶ କୁମାର ନନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ। ଏଥିରେ ସାହିତ୍ୟ ପ୍ରେମୀଙ୍କ ସହିତ ପରିବାର ସଦସ୍ୟ ସୁରେଶ ନନ୍ଦ, ବନ୍ଦିତା ଦାଶ, ଚିନ୍ମୟୀ ଦାଶ ଯୋଗଦେଇଥିଲେ। ନୀଳଚକ୍ର ବାନା ପତ୍ରିକାର ସମ୍ପାଦିକା ପୌର୍ଣ୍ଣମାସୀ ଦେବୀ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ସଭାକାର୍ଯ୍ୟ ସଂଯୋଜନା କରିଥିଲେ ଅଭିନନ୍ଦନିକାର ସମ୍ପାଦକ ଶ୍ୟାମ ପ୍ରକାଶ ସେନାପତି।

---

# ପୁରାତନ ଛାତ୍ର ସମ୍ମିଳନୀ




ପୁରୀ,୬।୧୦(ସମିସ): ପୌର ସଦନ ପରିସରରେ ବ୍ଲେସ୍‌ଡ ସାକ୍ରାମେଣ୍ଟ ହାଇସ୍କୁଲ୍ ପୁରାତନ ଛାତ୍ର ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମ ପ୍ରାରମ୍ଭରେ ଶିକ୍ଷକମାନଙ୍କୁ ସମ୍ମାନିତ କରାଯାଇଥିଲା। ଏତଦ୍‌ବ୍ୟତୀତ ସଙ୍ଗୀତ, ନୃତ୍ୟ ଓ ବିବିଧ ସାଂସ୍କୃତିକ କାର୍ଯ୍ୟକ୍ରମ ସନ୍ଧ୍ୟାକୁ ଅଧିକ ଆକର୍ଷଣୀୟ କରିଦେଇଥିଲା। ସନ୍ଧ୍ୟାର ପ୍ରମୁଖ ଆକର୍ଷଣ ଥିଲା ଓଡ଼ିଆ ସଙ୍ଗୀତ ଜଗତର ଜଣେ ଲୋକପ୍ରିୟ ଗାୟକ ମୃଣ୍ମୟ ଏମ୍‌ଏସ୍‌ଙ୍କ ଲାଇଭ୍ ପରିବେଷଣ, ଯାହା ମଞ୍ଚକୁ ଉତ୍ସାହ ଓ ଉଦ୍ଦୀପନାରେ ଭରିଦେଇଥିଲା। ଗତ ୧୦ ଦିନ ଧରି ଚାଲିଥିବା ବିଭିନ୍ନ ପ୍ରତିଯୋଗିତାର ବିଜେତାମାନଙ୍କୁ ଏହି ଅବସରରେ ସମ୍ମାନିତ କରାଯାଇଲା। ଏଥିରେ ପ୍ରାୟ ୩୦ଟି ପୁରାତନ ଛାତ୍ର ବ୍ୟାଚ୍ ଏକତ୍ରିତ ହେବା ସହିତ ଏହା ଏକ ସ୍ମୃତି, ଏକତା ଓ ଗର୍ବର ଉତ୍ସବରେ ପରିଣତ ହୋଇଥିଲା।

---

ପୁରୀ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ

# ୱାର୍ଡରେ ବର୍ଷା ପାଣିର ସୁଅ, ରୋଗୀ ହନ୍ତସନ୍ତ



ପୁରୀ,୬।୧୦(ସମିସ): ପୁରୀ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଭିତରେ ପଶିଲା ବର୍ଷା ପାଣି। ଫଳରେ ରୋଗୀ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହୋଇଥିଲେ। ରବିବାର ବର୍ଷାରେ ଏଭଳି ସ୍ଥିତି ଉପୁଜିଥିବାବେଳେ ସୋମବାର ୱାର୍ଡ ଭିତରେ ପମ୍ପ୍ ଲଗାଯାଇ ପାଣି କଢ଼ାଯାଉଥିବାର ଚିତ୍ର ଦେଖିବାକୁ ମିଳିଥିଲା। ଏହାକୁ ନେଇ ରୋଗୀ ଏବଂ ସେମାନଙ୍କ ସମ୍ପର୍କୀୟ ଅସନ୍ତୋଷ ବ୍ୟକ୍ତ କରିଥିଲେ।

ପୁରୀରେ ଗତ ଶନିବାର ଏବଂ ରବିବାର ବର୍ଷା ହୋଇଥିଲା। ରବିବାର ରାତିରେ ହୋଇଥିବା ବର୍ଷା ବିଭିନ୍ନ ସ୍ଥାନକୁ ଜଳମଗ୍ନ କରିଥିଲା। ତେବେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ସର୍ଜରୀ ୱାର୍ଡରେ ସବୁଠୁ ଅଧିକ ସଙ୍ଗିନ ସ୍ଥିତି ସୃଷ୍ଟି ହୋଇଥିଲା। ଏହି ବିଭାଗ ଭିତରେ ପାଣି ପଶିଯାଇଥିଲା। ଏପରିକି ବର୍ଷା ପାଣିର ସୁଅ ଛୁଟିଥିଲା ୱାର୍ଡରେ। ଏହାକୁ ନେଇ ରୋଗୀ ଏବଂ ସମ୍ପର୍କୀୟମାନେ ହଇରାଣ ହୋଇଥିଲେ। ରାତିରେ ୱାର୍ଡ ଭିତରେ ପାଣି ପଶିଯିବାରୁ ସମସ୍ତେ ନିରୁପାୟ ହୋଇଯାଇଥିଲେ। ୱାର୍ଡ ଭିତରେ ଚଲାବୁଲା କରିପାରି ନ ଥିଲେ। ରୋଗୀ ଏବଂ ସମ୍ପର୍କୀୟ ବେଡ୍ ଉପରେ ସେମିତି ବସି ରହିଥିଲେ। ସୋମବାର ସକାଳ ପର୍ଯ୍ୟନ୍ତ ଏଭଳି ସ୍ଥିତି ଲାଗି ରହିଥିଲା। ସଫେଇ କର୍ମଚାରୀ ପାଣି ନିଷ୍କାସନ କରିବାରେ ଲାଗିଥିଲେ ମଧ୍ୟ ନୟାନ୍ତ ହୋଇପଡ଼ିଥିଲେ। ଫଳରେ ପମ୍ପ୍ ଅଣାଯାଇ ୱାର୍ଡ ଭିତରୁ ପାଣି ନିଷ୍କାସନ କରାଯାଇଥିଲା। ୱାର୍ଡକୁ ଭଲଭାବେ ସଫା କରିବା ପରେ ସ୍ଥିତି ସ୍ୱାଭାବିକ ହୋଇଥିଲା। ତେବେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଏଭଳି ଅବ୍ୟବସ୍ଥାକୁ ନେଇ ରୋଗୀ ଏବଂ ସମ୍ପର୍କୀୟମାନେ ଅସନ୍ତୋଷ ବ୍ୟକ୍ତ କରିଥିଲେ। ଅନ୍ୟପକ୍ଷରେ ପୁରୀ ଜିଲ୍ଲା ଆପ୍ ପକ୍ଷରୁ ମଧ୍ୟ ଏଭଳି ସ୍ଥିତି ପାଇଁ ଉଦ୍‌ବେଗ ପ୍ରକାଶ କରାଯାଇଛି। ଆପ୍ ଜିଲ୍ଲା ସଭାପତି ସଞ୍ଜୀବ କୁମାର ମହାନ୍ତି କହିଛନ୍ତି, ପୁରୀ ଭଳି ଏକ ଆଧ୍ୟାତ୍ମିକ ପର୍ଯ୍ୟଟନ ସହର ପ୍ରତି ସରକାରଙ୍କ ବୈମାତୃକ ମନୋଭାବ ସ୍ପଷ୍ଟ ହେଉଛି। ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଉପରେ କେବଳ ପୁରୀବାସୀ ନୁହନ୍ତି ବାହାରୁ ଆସୁଥିବା ଭକ୍ତ, ପର୍ଯ୍ୟଟକମାନେ ମଧ୍ୟ ବେଳେବେଳେ ଚିକିତ୍ସା ପାଇଁ ଆସିଥା'ନ୍ତି। ହେଲେ ଏହି ହସ୍ପିଟାଲକୁ ଯେଉଁଭଳି ଭାବେ ପ୍ରାଧାନ୍ୟ ଦିଆଯାଇ ଭିତ୍ତିଭୂମି ସଜଡ଼ାଯିବା କଥା ତାହା କରାଯାଇ ନାହିଁ।

ସାମାନ୍ୟ ବର୍ଷା ଅସରାଏ ହେଲେ ୱାର୍ଡ ଭିତରେ ପାଣି ପଶୁଛି। ରବିବାର ରାତିରେ ହୋଇଥିବା ବର୍ଷା ସର୍ଜରୀ ୱାର୍ଡ ଭିତରେ ପଶି ଯେଉଁଭଳି ଭାବେ ରୋଗୀ ଏବଂ ସମ୍ପର୍କୀୟଙ୍କୁ ହଇରାଣ କରିଛି ତାହା ନ କହିବା ଭଲ। ରୋଗୀ ଏବଂ ସମ୍ପର୍କୀୟ ଗୋଡ଼ ଟେକି ବେଡ୍ ଉପରେ ରାତିସାରା ବସି ରହିଛନ୍ତି। ଶୌଚାଳୟ ଅବସ୍ଥା ନ କହିବା ଭଲ। ରୋଗୀଙ୍କ ସମ୍ପର୍କୀୟ ପ୍ରଭାତ ପରିଡ଼ା କହିଛନ୍ତି, ଆମେ ଭଲ ଚିକିତ୍ସା ସୁବିଧା ପାଇଁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଆସୁଛୁ। ହେଲେ ଏଠାରେ ଏଭଳି ଅବ୍ୟବସ୍ଥା ନ କହିବା ଭଲ। ବର୍ଷାରେ ୱାର୍ଡରେ ପାଣି ପଶିବାରୁ ଆମେ ଚଳପ୍ରଚଳ କରିବାକୁ ସମସ୍ୟାରେ ପଡ଼ିଥିଲୁ। ଏହାର ସ୍ଥାୟୀ ସମାଧାନ ହେବା ଦରକାର ବୋଲି ସେ କହିଥିଲେ।

## ପମ୍ପ୍ ଲଗାଇ ହେଲା ଜଳ ନିଷ୍କାସନ

## ଦଙ୍ଗାକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି

ବ୍ରହ୍ମପୁର,୬ ।୧୦(ସମିସ): ହଜାରେ ବର୍ଷର ପୁରୁଣା କଟକ ସହରରେ ବିଭିନ୍ନ ଧର୍ମ ସମ୍ପ୍ରଦାୟର ଲୋକ ବାସ କରୁଥିଲେ ବି ସେମାନଙ୍କ ମଧ୍ୟରେ ସବୁବେଳେ ସବୁ ପରିସ୍ଥିତିରେ ଭାଇଚାରା ଅକ୍ଷୁର୍ଣ୍ଣ ରହିଆସିଛି । ଉଭୟ ଉଭୟଙ୍କ ବିଶ୍ୱାସ, ପରମ୍ପରା ଓ ସଂସ୍କୃତିକୁ ସମ୍ମାନ ଦେଇ ଆସୁଛନ୍ତି । କିନ୍ତୁ ବର୍ତ୍ତମାନ ଦୁର୍ଗା ପୂଜା ଭସାଣିକୁ ନେଇ ଦେଖା ଦେଇଥିବା ଅସହିଷ୍ଣୁତାରେ ଯୁବକମାନେ ଅଧିକ ମାତ୍ରାରେ ପ୍ରଭାବିତ ହୋଇ ପଡ଼ିଛନ୍ତି । ଏହା ଆଦୌ ଶୁଭଙ୍କର ନୁହଁ । ଏହା କୌଣସି ମାତ୍ରାରେ ସ୍ୱତଃ ପ୍ରବୃତ୍ତ ନୁହଁ । ଏହା ନିର୍ଦ୍ଦିଷ୍ଟ କିଛି ମୌଳବାଦୀ ଶକ୍ତି ଦ୍ୱାରା ପ୍ରାୟୋଜିତ ବୋଲି ମାନବ ଅଧିକାର ସୁରକ୍ଷା ମଞ୍ଚର ଆବାହକ ତଥା ଆଇନଜୀବୀ ଅବନୀ ଗୟା ପ୍ରେସ ବିବୃତ୍ତି ମାଧ୍ୟମରେ ଅଭିଯୋଗ କରିଛନ୍ତି । ଜନଗଣଙ୍କ ଏକତାକୁ ଭାଙ୍ଗିବା ଓ ଜନତାଙ୍କ ଅସଲ ସମସ୍ୟାରୁ ତାଙ୍କ ଦୃଷ୍ଟିକୁ ହଟାଇବା ଉଦ୍ଦେଶ୍ୟରେ ଏଭଳି ଘୃଣ୍ୟ, ବେଲଜ୍ୟା ପ୍ରୟାସ କରାଯାଇଛି । କଟକବାସୀଙ୍କ ଏକତା, ସେଠାକାର ଐତିହ୍ୟକୁ ନଷ୍ଟ କରିବା, ପରସ୍ପର ମଧ୍ୟରେ ଘୃଣା, ଶତ୍ରୁତା, ବିଦ୍ୱେଷ ସୃଷ୍ଟି କରିବା ଭଳି ହୀନ ଉଦ୍ୟମକୁ ଚିହ୍ନି ତାକୁ ଭଣ୍ଡୁର କରିବାକୁ ମାନବ ଅଧିକାର ସୁରକ୍ଷା ମଞ୍ଚ ଆବାହକ ଆଇନଜୀବି ଶ୍ରୀ ଗୟା କଟକବାସୀଙ୍କୁ ନିବେଦନ କରିଛନ୍ତି । ଦଙ୍ଗାକାରୀ ଓ ତାଙ୍କୁ ପ୍ରୋତ୍ସାହନ କରୁଥିବା ସଙ୍ଗଠନ, ନେତା, ଅଫିସରଙ୍କ ବିରୋଧରେ ଶକ୍ତ କାର୍ଯ୍ୟାନୁଷ୍ଠାନ ନେବା ଓ ଜନଗଣଙ୍କ ମଧ୍ୟରେ ଶାନ୍ତି ମୈତ୍ରୀ ଭାଇଚାରାକୁ ସୁରକ୍ଷିତ ରଖିବାକୁ ରାଜ୍ୟ ସରକାର ସମସ୍ତ ପ୍ରକାର ଉଦ୍ୟମ ନେବାପାଇଁମାନବ ଅଧିକାର ସୁରକ୍ଷା ମଞ୍ଚ ପକ୍ଷରୁ ପ୍ରେସ ବିବୃତ୍ତି ମାଧ୍ୟମରେ ଦାବି କରାଯାଇଛି ।

## ଯୁବକଙ୍କୁ ଆକ୍ରମଣ ଅଭିଯୋଗ

ବ୍ରହ୍ମପୁର,୬ ।୧୦(ସମିସ): ଉତ୍ତରମୁଖୀ ସାହିର ରାମ ପାତ୍ର ନାମକ ଜଣେ ଯୁବକଙ୍କୁ ଆକ୍ରମଣ ହୋଇଥିବା ନେଇ ବୈଦ୍ୟନାଥପୁର ଥାନାରେ ଅଭିଯୋଗ ହୋଇଛି । ସୂଚନାଯୋଗ୍ୟ ଯେ, ରାମ ପାତ୍ରକୁ କିଛି ଯୁବକ ବୈଦ୍ୟନାଥପୁର ଥାନା ଗେଟ ବଜାର ଛକ ନିକଟରୁ ଉଠାଇ ନେଇ ମାରପିଟ କରିବା ସହ ବିଭିନ୍ନ ଧମକ ଦେଇଥିଲେ । ଏ ନେଇ ଥାନାରେ ଅଭିଯୋଗ ହେବା ପରେ ପୁଲିସ ମାମଲା ରୁଜୁ କରି ତଦନ୍ତ କରୁଛି ।

## ପାରିବାରିକ ବିବାଦରୁ ହତ୍ୟା ଉଦ୍ୟମ; ଦମ୍ପତି ଗିରଫ

ଦିଗପହଣ୍ଡି,୬ ।୧୦(ସମିସ): ଦିଗପହଣ୍ଡି ବ୍ଲକ୍ ପୀତାମ୍ବରପୁର ଶାସନର ଦିଲ୍ଲୀପ କୁମାର ଶତପଥି ଏବଂ ତାଙ୍କ ସ୍ତ୍ରୀ ନଳିନୀ ଶତପଥିଙ୍କୁ ପୁଲିସ ଗିରଫ କରି କୋର୍ଟଚାଲାଣ କରିଛନ୍ତି । ଥାନା ମାମଲା ନଂ.୩୬୧/୨୫ ଅନୁଯାୟୀ ଜାମିନ ଖାରଜ ହେବାରୁ ଅଭିଯୁକ୍ତ ଦମ୍ପତିଙ୍କୁ ଦିଗପହଣ୍ଡି ସବ ଜେଲ ହାଜତକୁ ପଠାଇ ଦିଆଯାଇଛି । ସୋମବାର ସକାଳ ପ୍ରାୟ ୬ଟାରେ ପାରିବାରିକ ଶତ୍ରୁତାକୁ ନେଇ ସମୁଦୀ କାହ୍ନୁ ଶତପଥିଙ୍କୁ ଉଭୟ ଅଭିଯୁକ୍ତ ମରଣାନ୍ତକ ଆକ୍ରମଣ କରିଥିଲେ । କାହ୍ନୁଙ୍କୁ ଗୁରୁତର ଅବସ୍ଥାରେ ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା ।ଏନେଇ କାହ୍ନୁଙ୍କ ପୁଅ ନୀଳକଣ୍ଠ ଶତପଥି ଦିଗପହଣ୍ଡି ଥାନାରେ ଏତଲା ଦେଇଥିଲେ । ଏତଲା ପ୍ରକାରେ ଭାରପ୍ରାପ୍ତ ଆଇଆଇସି ତଥା ଡିଏସପି ପ୍ରଶାନ୍ତ କୁମାର ପାତ୍ର ଅଭିଯୁକ୍ତ ଦମ୍ପତିଙ୍କ ବିରୋଧରେ ମକଦ୍ଦମା ରୁଜୁ କରିଥିଲେ । ଗ୍ରାମର ଦିଲ୍ଲୀପଙ୍କ ଝିଅଙ୍କୁ କାହ୍ନୁଙ୍କ ପୁଅ ନୀଳକଣ୍ଠ ବିବାହ କରିଥିଲେ । ଗତ କିଛିଦିନ ହେଲା ଉଭୟ ପରିବାରଙ୍କ ମଧ୍ୟରେ ବାଦ ବିବାଦ ପାରିବାରିକ ହିଂସା ଲାଗି ରହିଥିଲା । କାହ୍ନୁଙ୍କ ଘରେ ଦିଲ୍ଲୀପଙ୍କ ପରିବାର ଲୋକେ ତାଲା ପକାଇ ଦେଇଥିଲେ । ଏହାକୁ କେନ୍ଦ୍ରକରି ସକାଳେ ଉଭୟ ପରିବାର ଲୋକଙ୍କ ମଧ୍ୟରେ ବଚସା ଉଗ୍ରରୂପ ନେଇଥିଲା ବୋଲି ପ୍ରାଥମିକ ତଦନ୍ତରୁ ଜଣାପଡ଼ିଥିବା ତଦନ୍ତକାରୀ ଅଧିକାରୀ ଏସ.ଆଇ ଜ୍ୟୋତି ରଞ୍ଜନ ବେହେରା ଜଣାଇଛନ୍ତି ।

## ମାଧ୍ୟମିକ ପାଠ୍ୟକ୍ରମରେ ସାଇବର ଅପରାଧ ସମ୍ପର୍କିତ ବିଷୟ ସ୍ଥାନିତ କରିବାକୁ ଦାବି

ବ୍ରହ୍ମପୁର,୬ ।୧୦(ସମିସ): ଅଷ୍ଟମଠାରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ଅଧ୍ୟୟନରତ ବିଦ୍ୟାର୍ଥୀଙ୍କ ପାଠ୍ୟକ୍ରମରେ ସାଇବର ଅପରାଧ ବିଷୟ ସ୍ଥାନିତ କରିବାକୁ ଗଞ୍ଜାମ ଓକିଲ ସଂଘର ସଭାପତି ମନୋଜ ପଟ୍ଟନାୟକ ସରକାରଙ୍କ ନିକଟରେ ନିବେଦନ ରଖିଛନ୍ତି । ସେ କହିଛନ୍ତି ଯେ, କରୋନା କାଳ ପରେ ଅନଲାଇନ୍ କ୍ଲାସ ଓ କୋଚିଂ ନେବା ନିମନ୍ତେ ଉଚ୍ଚ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ହାତରେ ସ୍ମାର୍ଟ ଫୋନ ଧରାଇବାରେ ପିତାମାତା ମାନେ ବାଧ୍ୟ ହୋଇଥିଲେ । ବର୍ତ୍ତମାନ ସମସ୍ତ ଛାତ୍ରଛାତ୍ରୀ ଫୋନରେ ଅଭ୍ୟସ୍ତ ହୋଇଗଲେଣି । ଅନ-ଲାଇନରେ ବିଭିନ୍ନ ସାମଗ୍ରୀ କିଣାକିଣି ଓ ଖେଳାଖେଳି କରି ଅଜାଣତରେ ସାଇବର ଅପରାଧ ଫାସରେ ଫସୁଛନ୍ତି । ବହୁ ସମୟରେ ଠକେଇର ମଧ୍ୟ ଶିକାର ହେଉଛନ୍ତି । ଏଣୁ ଏମାନଙ୍କ କ୍ଷେତ୍ରରେ ସଚେତନତା ବୃଦ୍ଧି କରିବା ଲାଗି ସାଇବର କ୍ଷେତ୍ରରେ ସଚେତନତା ବେଶ ଜରୁରୀ ବୋଲି ଶ୍ରୀ ପଟ୍ଟନାୟକ କହିଛନ୍ତି ।



## ଶେଷହେଲା ୧୫ ଦିନର ଯାତ୍ରା

# ମନ୍ଦିରକୁ ବାହୁଡ଼ିଲେ ମା' କାଳୁଆ

ବ୍ରହ୍ମପୁର,୬ ।୧୦(ସମିସ)

ଫୁଲରି ଅମାବାସ୍ୟାରୁ ଆରମ୍ଭ ହୋଇଥିବା ଗୋଷାଣୀନୂଆଗାଁର ଅଧିଷ୍ଠାତ୍ରୀ ଦେବୀ ମା' କାଳୁଆଙ୍କ ୧୫ଦିନିଆ ଯାତ୍ରା କୁମାର ପୂର୍ଣ୍ଣିମାରେ ଶେଷ ହୋଇଛି । ପ୍ରତିବର୍ଷ ପରି ଚଳିତବର୍ଷ ମଧ୍ୟ ମା'ଙ୍କୁ ବଡ଼ ଆଡ଼ମ୍ବର ସହକାରେ ଅସ୍ଥାୟୀ ମନ୍ଦିରରୁ ମନ୍ଦିରକୁ ଗ୍ରାମବାସୀ ଛାଡ଼ିଛନ୍ତି । ମା' କାଳୁଆଙ୍କ ଯାତ୍ରା କମିଟି ସଭାପତି ଜଗନ୍ନାଥ ଚୌଧୁରୀଙ୍କ କହିବା ଅନୁସାରେ ଏହି ଯାତ୍ରାର ଇତିହାସ ତିନିଶହ ବର୍ଷର ପୁରୁଣା । ବଡ଼ସାହି ସ୍ଥିତ ଅସ୍ଥାୟୀ ମନ୍ଦିରରୁ ଆଜି ମଧ୍ୟରାତ୍ରୀରେ ଗୋଷାଣୀନୂଆଗାଁ ସ୍ଥିତ କାଳୁଆ ମନ୍ଦିରକୁ ଫେରିଛନ୍ତି । କିମ୍ବଦନ୍ତୀ ଅନୁସାରେ ରଣା ସଂପ୍ରଦାୟ (ମାଳି) ପୂଜକଙ୍କ ଘରେ ଯାତ୍ରା ଅନୁଷ୍ଠିତ ହେଉଥିବା ବେଳେ ବର୍ତ୍ତମାନ ୬୦ରୁ ଅଧିକ ବର୍ଷ ହେବ ବଡ଼ସାହିରେ ନିର୍ମିତ ସ୍ଥାୟୀ ମଣ୍ଡପରେ ମା'ଙ୍କ ଯାତ୍ରା ଅନୁଷ୍ଠିତ ହେଉଛି । ତିନିଶହ ବର୍ଷର ପରମ୍ପରା ଅନୁସାରେ ମହାଳୟା ତଥା ଫୁଲରି ଅମାବାସ୍ୟା ଦିନ ସ୍ଥାୟୀ ମନ୍ଦିରରୁ ମା' ବିରାଟ ପଟୁଆରରେ ଆସି ବଡ଼ସାହିରେ ମାଳି ପୂଜକଙ୍କ ଘରେ ପୂଜା ପାଉଥିଲେ । ୧୯୫୯ ମସିହାରେ ଦୁର୍ଭାଗ୍ୟବଶତଃ ଦୀପ ନିଆଁରୁ ପୂଜକଙ୍କ ଘର ଜଳିଯାଇଥିଲା । ମା'ଙ୍କୁ ଚାଙ୍ଗୁଡ଼ିରେ ଆଣି ପୂଜକ ସାହି ମଝିରେ ରଖି ପୂଜା କରୁଥିଲେ । ଏଥିରେ ବ୍ୟଥିତ ହୋଇ ଗ୍ରାମର ଜଣାଶୁଣା ବ୍ୟବସାୟୀ ଗୋବିନ୍ଦ ଚୌଧୁରୀ ସ୍ଥାୟୀ ମଣ୍ଡପ ନିର୍ମାଣ କରିବାକୁ ଇଚ୍ଛା ପ୍ରକାଶ କରିଥିଲେ । ୧୯୬୪ ମସିହାରେ ସ୍ଥାୟୀ ମଣ୍ଡପ ନିର୍ମାଣ କରାଗଲା । ସେହିଦିନ ଠାରୁ ମା' ଏହି ମଣ୍ଡପରେ ପୂଜା ପାଉଛନ୍ତି । କମିଟି ସଦସ୍ୟଙ୍କ କହିବା ଅନୁସାରେ ଆଜି ୧୧.୩୦ ସୁଦ୍ଧା ଅସ୍ଥାୟୀ ମଣ୍ଡପରେ ଗ୍ରାମବାସୀ ଏକତ୍ରିତ ହେବା ପରେ ୧୨.୩୦ରେ ମା' କାଳୁଆ ମନ୍ଦିର ଅଭିମୁଖେ ବାହାରିବେ । ଆଜି ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁସାରେ ଶୁଭବେଳାରେ ଶହଶହ ସଂଖ୍ୟାରେ ଭକ୍ତ, ପୂଜକ, କମିଟି ସଦସ୍ୟ ବିରାଟ ପଟୁଆର ତଥା ପରଭା, ଶଙ୍ଖ, ଘୋଡ଼ାନାଚ, ମହୁରି, ଢ଼ୋଲ ବାଦ୍ୟରେ ଗ୍ରାମ ଉତ୍ସବମୁଖର ହୋଇଉଠୁଛି । ପ୍ରଥମେ ବଡ଼ସାହିରେ ଥିବା ମା'ଙ୍କ ମାଉସୀ ମା' ଘରେ ପହଞ୍ଚି ଭୋଗ ଖାଇ ସାରି ଗ୍ରାମର ପ୍ରତ୍ୟେକ ସାହି ବୁଲିବା ପରେ ପରଦିନ ମଧ୍ୟାହ୍ନରେ ମନ୍ଦିରରେ ବିରାଜମାନ କରିଥାନ୍ତି । ଗ୍ରାମବାସୀ ପ୍ରତ୍ୟେକ ଦିନ ମା'ଙ୍କୁ ଆମିଷ ଓ ନିରାମିଷ ଅନ୍ନଭୋଗ ପ୍ରସ୍ତୁତ କରି ଅର୍ପଣ କରିଥାନ୍ତି । ଆଜି ଗ୍ରାମରେ ତିରିଶରୁ ଅଧିକ ସାହିରେ ବିଭିନ୍ନ ପ୍ରକାର ନାଚ ଗୀତ, ଆଧୁନିକ, ପୌରାଣିକ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି ।

## ଇନଫ୍ଲୁଏଞ୍ଜା ରୋଗ ସଚେତନତା ଓ ସ୍ୱାସ୍ଥ୍ୟ ଶିବିର

ବ୍ରହ୍ମପୁର,୬ ।୧୦(ସମିସ): ହରିହର ନଗର ସ୍ଥିତ ଭରଦ୍ୱାଜ ପ୍ରତିଷ୍ଠାନରେ ପ୍ରତିଶ୍ୟାୟ ରୋଗ ସଚେତନା ଓ ମାଗଣା ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି । ଭରଦ୍ୱାଜ ପ୍ରତିଷ୍ଠାନର ଅଧ୍ୟକ୍ଷ ଡା.ନକୁଳ ସାହୁ ଯୋଗଦେଇ କହିଛନ୍ତି ଯେ, ଋତୁ ସନ୍ଧିରେ ଥଣ୍ଡାରେ ବୁଲିଲେ, ଥଣ୍ଡା ଖାଦ୍ୟ ପାନୀୟ, ଖଟା ଖାଇଲେ, ଦୂଷିତ ଧୂଳିକଣା ନାସାରେ ପଶିଲେ କଫ ବାତ ବଢ଼ି ଭୂତାଣୁ ଦ୍ୱାରା ନାସା ପଥ ସଂକ୍ରମିତ ହୋଇ ଆଖି ନାକରୁ ପାଣି ବାହାରେ ଓ ସାଧାରଣ ଜ୍ୱର ରହେ । ସ୍ୱାଦ, ଗନ୍ଧ ଜଣାଯାଏ ନାହିଁ । ଅଗ୍ନିମାନ୍ଦ୍ୟ, ଅରୁଚି ରହେ ଓ ନାସା ଗଳାକଣ୍ଡୁ ହୁଏ ।

ଏହିକାରଣ ଗୁଡ଼ିକୁ ଛାଡ଼ି ଆବଦ୍ଧ ଗୃହରେ ବିଶ୍ରାମ ନେବେ । ଉଷ୍ଣ ଜଳପାନ ସହ ତୁଳସୀ ପତ୍ର ସିଝା ପାଣି, ଶୁଣ୍ଠି, ଗୋଲମରିଚ, ଗୁଜୁରାତି, ସିଝାଇ ପାନକଲେ ଭଲ ହୋଇଯାଏ । କଳାଜିରା ମହ୍ଣିଠ ଶୁଙ୍ଘିଲେ ଆରାମ ମିଳେ । ଏ ଅବସରରେ ରୋଗୀଙ୍କ ନାଡ଼ି, ରକ୍ତଚାପ, ରକ୍ତ ଶର୍କରା, ଗଣ୍ଠିବାତ, ସ୍ନାୟୁ ରୋଗ ଅମ୍ଳପିତ୍ତ, ସ୍ତ୍ରୀରୋଗ ଆଦି ବିଭିନ୍ନ ରୋଗର ପରୀକ୍ଷା କରି ଚିକିତ୍ସା ପରାମର୍ଶ ଓ ଔଷଧ ବିତରଣ କରାଯାଇଥିଲା । ଶିବିରର ପରିଚାଳନାରେ ସହଯୋଗ କରିଥିଲେ ଡି. ଶ୍ରୀନିବାସ ରାଓ । ଏହି ଶିବିର ପ୍ରତି ସୋମବାରେ ଅନୁଷ୍ଠିତ ହୁଏ ଏହାର ସୁଯୋଗ ନେବାକୁ ପ୍ରତିଷ୍ଠାନ ଅନୁରୋଧ କରିଛନ୍ତି ।



## ଚାଷୀଙ୍କୁ ସାର ଯୋଗାଇବାରେ ସରକାର ବିଫଳ

ପାତ୍ରପୁର,୬ ।୧୦(ସମିସ): ସାରା ରାଜ୍ୟ ସାରର ଅଭାବୀ ବିକ୍ରି ହେଉଥିବା ଅଭିଯୋଗ ହେଉଥିବା ବେଳେ ସୀମାନ୍ତ ପାତ୍ରପୁର ବ୍ଲକ ମଧ୍ୟ ସମାନ ଦଶା ଦେଖିବାକୁ ମିଳୁଛି ଯାହାକୁ ନେଇ ପୂର୍ବତନ ବାଚସ୍ପତି ତଥା ବରିଷ୍ଠ କଂଗ୍ରେସ ନେତା ଚିନ୍ତାମଣି ଦ୍ୟାନ ସାମନ୍ତରା ସୋମବାର ସାମ୍ବାଦିକ ସମ୍ମିଳନୀ କରି ସରକାରଙ୍କ ଉପରେ ବର୍ଷିଛନ୍ତି । ନିଜ ବାସଭବନରେ ଏହି ସମ୍ମିଳନୀ କରି ରାଜ୍ୟ ସରକାରଙ୍କୁ କ‡ା ସମାଲୋଚନା କରିବା ସହ ଦେଶର ମେରୁ ଦଣ୍ଡ କୁହାଯାଇଥିବା ଚାଷୀଙ୍କୁ ଗୋଟେ ପକେଟ୍ ୟୁରିଆ ପାଇଁ ଘଣ୍ଟା ଘଣ୍ଟା ଧାରି ରହିବାକୁ ପଡୁଛି । ରାଜ୍ୟ ସରକାର ପ୍ରଯ୍ୟାପ୍ତ ପରିମାଣରେ ସାର ଅଛି ବୋଲି ବାରମ୍ବାର ପ୍ରକାଶ କରୁଥିଲେ । ଚାଷୀଙ୍କୁ ଆବଶ୍ୟକ ଅନୁସାରେ ସାର ମିଳିପାରୁନାହିଁ । ଏ ସରକାରର ଚାଷୀଙ୍କ ପ୍ରତି ଦରଦ ନଥିବା ପ୍ରକାଶ କରିବା ସହ ଗର୍ଭଣା ବେଳ ପାଖେଇ ଆସିଥିବା ବେଳେ ସାର ଚାଷୀଙ୍କୁ ନମିଳିବା ସରକାରଙ୍କ ବିଫଳ ହୋଇଥିବା କହିଛନ୍ତି । ସେହିଭଳି ସାର କଳାବଜାରୀକୁ ରୋକିବାରେ ସରକାର ଓ ପ୍ରଶାସନ ବିଫଳ ହୋଇଛନ୍ତି ବୋଲି ପ୍ରକାଶ କରିଛନ୍ତି । ଶହେ ଏକର ଜମି ଥିବା ଚାଷୀଙ୍କୁ ଗୋଟେ ପକେଟ୍ ୟୁରିଆ ସମବାୟ ସମିତିରେ ପ୍ରଦାନ କରାଯାଉଥିବା ବେଳେ ଚାଷୀ କିପରି ଚାଷକାମ ସାରିଲେ ବୋଲି ପ୍ରଶ୍ନ କରିଛନ୍ତି ।



ବର୍ଷାରେ ଉଠାଜଳସେଚନ ସୋଲାର ପ୍ଲେଟ୍ ଓ ମୋଟର ନଷ୍ଟ

## ଏକର ଏକର ଚାଷ ଜମି ବାଲିଚର



ନୂଆଗଡ,୬।୧୦(ସମିସ)

ଗତ ୨ତାରିଖ ଲଗାଣ ବର୍ଷାରେ ଗଜପତି ଜିଲ୍ଲା ନୂଆଗଡ଼ ବ୍ଲକ ସମ୍ବଲପୁର ପଞ୍ଚାୟତ ଗୋଠା ଗ୍ରାମରେ ଏକର ଏକର ଚାଷ ଜମି ବାଲିଚର ହୋଇଯାଇଛି । ଉଠା ଜଳସେଚନ ସୋଲାର ପ୍ଲେଟ ଏବଂ ମୋଟର ସମ୍ପୂର୍ଣ୍ଣ ନଷ୍ଟ ହୋଇଛି । ଚାଷୀ ପରିବାର ସୁଖକୁ ଉଜାଡି ଦେଇଛି ବର୍ଷା । ବର୍ଷର ଫସଲ ନଷ୍ଟ ହୋଇଥିବା କହିଛନ୍ତି ଲୋକେ । ଏଠାରେ ଜିଲ୍ଲା ପରିଚାଳନା କୃଷି ଶିଳ୍ପ ନିଗମ ଓଏଆଇସି ଦ୍ୱାରା ଗ୍ରାମର ଜୟା ରଇତ, ସୁଲେମାନ ରଇତ, ଆନନ୍ଦ ମାଳି, ଅନାମ ମଣ୍ଡଳ ୪ ପାରିବାରକୁ ସଲାର ପ୍ଲେଟ ପାଣି ଉଠା ଜଳସେଚନ ମୋଟର ଯୋଗାଇ ଦିଆଯାଇଥିଲା । ପାଖ ନଦୀରୁ ପାଣି ଉଠାଇ ପୂର୍ବ ପୁରୁଷର ଯେଉଁ ଜମିରେ ପାଣି ଅଭାବ ହେତୁ ଚାଷ କାର୍ଯ୍ୟ କରି ପାରିନଥିଲେ ସେଭଳି ଜମିରେ ଚାଷ କାର୍ଯ୍ୟ କରି ପରିବାର ପୋଷଣ କରୁଥିଲେ । ହେଲେ ପ୍ରକୃତିର ତାଣ୍ଡବରେ ଏକର ଏକର ଚାଷ ଜମି ବାଲିଚର ହୋଇ ଫସଲ ନଷ୍ଟ ହେବାସହ ଚାରୋଟି ଉଠା ଜଳସେଚନ ସୋଲାର ପ୍ଲେଟ ଏବଂ ମୋଟର ନଷ୍ଟ ହୋଇଯାଇଛି । କ୍ଷତିଗ୍ରସ୍ତ ଚାଷୀଙ୍କୁ ସୋଲାର ଉଠା ଜଳସେଚନ ମୋଟର ଯୋଗାଇ ଦେବାକୁ ପ୍ରଶାସନକୁ ଅନୁରୋଧ କରିଛନ୍ତି ଗ୍ରାମବାସୀ ।



## 'କ୍ଷତିଗ୍ରସ୍ତ ଚାଷୀଙ୍କୁ ସମସ୍ତ ସୁବିଧା ମିଳୁ'

ପାରଳାଖେମୁଣ୍ଡି,୬ ।୧୦(ସମିସ): ଗଜପତି ଜିଲ୍ଲାରେ ଲଘୁଚାପ ଜନିତ ଲଗାଣ ବର୍ଷାରେ କ୍ଷୟକ୍ଷତିକୁ ନେଇ ପୂର୍ବତନ ଶାସନ ସଚିବ ବିଜୟ କୁମାର ପଟ୍ଟନାୟକ ଏକ ସାମ୍ବାଦିକ ସମ୍ମିଳନୀ ପାରଳାଖେମୁଣ୍ଡି ଠାରେ ଆୟୋଜନ କରିଥିଲେ । ଜିଲ୍ଲାର କ୍ଷତିଗ୍ରସ୍ତ ଅଞ୍ଚଳ ପରିଦର୍ଶନ କରିବା ପରେ ଶ୍ରୀ ପଟ୍ଟନାୟକ ସରକାରଙ୍କୁ କ୍ଷତିପୂରଣ ଓ ଥଇଥାନ ନୀତି ନେଇ କିଛି ପ୍ରସ୍ତାବ ଗଣମାଧ୍ୟମ ମାଧ୍ୟମରେ ଦେଇଛନ୍ତି । ମୁଖ୍ୟକରି ଧାନ ଜମି ନଷ୍ଟ ହେବା ପରେ ଚାଷୀଙ୍କ ଯେଉଁ କ୍ଷତି ହୋଇଛି ପ୍ରାୟ ଏକ ବର୍ଷ ଯାଏଁ ଉକ୍ତ କ୍ଷତିଗ୍ରସ୍ତ ଜମି ଗୁଡିକ ଚାଷ ପାଇଁ ଅନୁପଯୁକ୍ତ ହୋଇଥିବାରୁ ସରକାର ମୁଣ୍ଡପିଛା ୫ କିଲୋ ଚାଉଳ ସ୍ଥାନରେ ୧୦ କିଲୋ ଚାଉଳ କ୍ଷତିଗ୍ରସ୍ତ ଚାଷୀଙ୍କୁ ଦେବା ପାଇଁ ପ୍ରସ୍ତାବ ଦେଇଛନ୍ତି । ସେହିପରି ପାହାଡ଼ିଆ ଅଞ୍ଚଳରେ ଜମି ଗୁଡିକ ପୁନରୁଦ୍ଧାର କରିବା ବ୍ୟୟବହୁଳ ହୋଇଥିବାରୁ ଏକର ପିଛା କ୍ଷତିଗ୍ରସ୍ତ ଚାଷୀଙ୍କୁ ଏକଲକ୍ଷ ଟଙ୍କା ଦେବା ଉଚିତ ବୋଲି କହିଛନ୍ତି । ଏପରିକି କ୍ଷତିଗ୍ରସ୍ତ ଚାଷୀଙ୍କୁ ବ୍ୟକ୍ତିଗତ ସମସ୍ତ ସୁବିଧା ମିଳୁ ବୋଲି କହିଛନ୍ତି । ଭୂସ୍ଖଳନ ପାଇଁ ପୂର୍ବ ପ୍ରସ୍ତୁତି ସମେତ ନଷ୍ଟ ହୋଇଥିବା ଭିତ୍ତିଭୂମିର ନିର୍ମାଣ ସମୟରେ ଗୁଣବତ୍ତା ସ୍ୱତନ୍ତ୍ର ଭାବେ ସରକାର ଯାଞ୍ଚ କରି ଯୁଦ୍ଧକାଳୀନ ଭିତ୍ତିରେ ସ୍ଥିତି ସାମାନ୍ୟ କରିବା ପାଇଁ ଦାବି କରିଛନ୍ତି ।



# ବନ୍ଦେ ମାତରମ୍ ଭବନରେ ବୁଦ୍ଧିଜୀବୀ ସମ୍ମିଳନୀ

ବ୍ରହ୍ମପୁର,୬ ।୧୦(ସମିସ)

ଗଞ୍ଜାମ ଜିଲ୍ଲାର ସାମଗ୍ରିକ ବିକାଶର ନକ୍ସା ପ୍ରସ୍ତୁତ ପାଇଁ ଖଣି ଓ ଇସ୍ପାତ ଏବଂ ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନାଙ୍କ ଅଧ୍ୟକ୍ଷତାରେ ଗୋଳନ୍ଥରା ସ୍ଥିତ ବନ୍ଦେ ମାତରମ ଭବନରେ ଏକ ବୁଦ୍ଧିଜୀବୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ଏଥିରେ ମନ୍ତ୍ରୀ ଶ୍ରୀ ଜେନା ବିଭିନ୍ନ ବର୍ଗରେ ପାରଦର୍ଶିତା ଅର୍ଜନ କରିଥିବା ବୁଦ୍ଧିଜୀବୀଙ୍କ ପରାମର୍ଶ ଗ୍ରହଣ କରି ଗଞ୍ଜାମ ଜିଲ୍ଲାର ବିକାଶ ନକ୍ସା ପ୍ରସ୍ତୁତ କରାଯିବ ବୋଲି କହିଥିଲେ । ଜିଲ୍ଲାର କୃଷି, ଜଳସେଚନ, ସ୍ୱାସ୍ଥ୍ୟ, ଶିକ୍ଷା, ଗମନାଗମନ, ଶିଳ୍ପ, ପର୍ଯ୍ୟଟନ ଓ ସଂସ୍କୃତି ବିକାଶକୁ ଗୁରୁତ୍ୱ ଦେବା ସହିତ ଭିତ୍ତିଭୂମି ବିକାଶ କ୍ଷେତ୍ରରେ ପ୍ରାଧାନ୍ୟ ଦେଇଥିଲେ । ହୁମ୍ମା ଠାରେ ୧୯୦୦ଏକର ପରିମିତ ଜମିରେ ଗ୍ରୀନ୍ ଫିଲ୍ଡ ସାଟେଲାଇଟ୍ ଏୟାର ପୋର୍ଟ ସହିତ ଏସ୍ଇଜେଡ ନିର୍ମାଣ ଏବଂ ଗଞ୍ଜୁ ତମ୍ପରା ଠାରେ ବର୍ଜ୍ୟ ଜଳ ପ୍ରକ୍ରିୟାକରଣ ପ୍ଲାଣ୍ଟ ପ୍ରତିଷ୍ଠା ପ୍ରସ୍ତାବକୁ ସରକାରଙ୍କ ଅନୁମୋଦନ ନିମନ୍ତେ ପଠାଯାଇଥିବା ସୂଚନା ଦେଇଥିଲେ । ଓଡ଼ିଶା ସ୍ୱତନ୍ତ୍ର ପ୍ରଦେଶ ଗଠନର ଏକୁଡିଶାଳ ରମ୍ଭା ପ୍ୟାଲେସ ସଂରକ୍ଷଣ ସହିତ ଚିଲିକା ଉପକୂଳ କେଶପୁର ସାନ ଘାଟି ପ୍ରାକୃତିକ ପରିବେଶ ମଧ୍ୟରେ ଗ୍ଲୋବାଲ ଏକାଡେମିକ ୟୁନିଭର୍ସିଟି ଫର ରିସର୍ଚ୍ଚ ଇନ୍ ଏନ୍ସିଏନଟି ଭେଦିକ ନଲେଜ ଆଣ୍ଡ ଇଟରନାଲ୍ ଲର୍ଣ୍ଣିଙ୍ଗ (ଗୌରବ) ପ୍ରତିଷ୍ଠା ନେଇ ଆଲୋଚନା ହୋଇଥିଲା ।

ଏହି ବିଶ୍ୱବିଦ୍ୟାଳୟ ଶିକ୍ଷାର ନୂଆ ଇତିହାସ ରଚି ବିକଶିତ ଭାରତର ପୂର୍ବୋଦୟ ହେବ । ଅତୀତର ଅନୁଭୂତି ବର୍ତ୍ତମାନର ଶିକ୍ଷା ଓ ଭବିଷ୍ୟତର ସ୍ୱପ୍ନ ଏକାଠି ହେବ ବୋଲି ଏଠାରେ କୁହାଯାଇଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ପୂର୍ବୋଦୟ ସ୍ୱପ୍ନ ସାକାର କରିବା ପାଇଁ ଏହା ହେବ ପୂର୍ବ ଭାରତର ଏକ ପର୍ଯ୍ୟଟନ ହଟ୍ ସ୍ପଟ । ବୈଠକରେ ମନ୍ତ୍ରୀ ବିଭୂତି ଭୂଷଣ ଜେନାଙ୍କ ସମେତ ପୂର୍ବତନ ଉପବାଚସ୍ପତି ରାମ ଚନ୍ଦ୍ର ପଣ୍ଡା, ଅବସରପ୍ରାପ୍ତ ପ୍ରଫେସର ବିଷ୍ଣୁ ଚରଣ ଚୌଧୁରୀ, ପ୍ରଫେସର ଭାଗବତ ପାତ୍ର, ଅବସରପ୍ରାପ୍ତ ମୁଖ୍ୟ ଯନ୍ତ୍ରୀ ବିନୋଦ ପାତ୍ର, ପୂର୍ବତନ ସିଡିଏମଓ ବିଜୟ ପଣ୍ଡା, ଇଞ୍ଜିନିୟର ସ୍ୱାଧୀନ ପାଣିଗ୍ରାହୀ, ଅନନ୍ତରାମ କର, ଇଞ୍ଜିନିୟର ରାମକୃଷ୍ଣ ମହାରଣା, ପ୍ରମୋଦ ପଣ୍ଡା, ଡ଼କ୍ଟର ପୁରୁଷୋତ୍ତମ ସାହୁ, ରାଜ୍ୟ ଆଇନଜୀବୀ ପରିଷଦ ସଦସ୍ୟ ତଥା ବିଜେପି ନେତା ପୀତବାସ ପଣ୍ଡା, ବିଜେପି ନେତା ଗଙ୍ଗାଧର ସତପଥୀ, ବରିଷ୍ଠ ସାମ୍ବାଦିକ ଅଜିତ କୁମାର ସାହୁଙ୍କ ସମେତ ବହୁ ବୁଦ୍ଧିଜୀବୀ ଉପସ୍ଥିତ ଥିଲେ ।



## ଓଡ଼ିଆ ସ୍ୱାଭିମାନ ଜାଗରଣ ଫେଡେରେସନର ବୈଠକ

ବ୍ରହ୍ମପୁର,୬ ।୧୦(ସମିସ): ଓଡ଼ିଆ ସ୍ୱାଭିମାନ ଜାଗରଣ ଫେଡେରେସନର କାର୍ଯ୍ୟକାରିଣୀ ବୈଠକ ଆବାହକ ସଞ୍ଜୀବ କୁମାର ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ରାଜ୍ୟର ସାମାଜିକ ଓ ରାଜନୈତିକ ପରିସ୍ଥିତି ସମ୍ପର୍କରେ ଆଲୋଚନା କରାଯାଇଛି । ସେହିଭଳି ବ୍ରହ୍ମପୁର ଉପଖଣ୍ଡକୁ ଜିଲ୍ଲା ମାନ୍ୟତା ପ୍ରଦାନ କରିବାକୁ ଦାବି କରାଯାଇଛି । ଏଥିସହିତ ବୃହତ୍ତର ବ୍ରହ୍ମପୁର ମହାନଗର ନିଗମ ଗଠନ ପକ୍ରିୟାରେ ପ୍ରଥମ କାର୍ଯ୍ୟ ଭାବେ ସହର ତଳି ଅଞ୍ଚଳକୁ ତୁରନ୍ତ ମହାନଗରରେ ସାମିଲ କରିବାକୁ ସରକାର ହସ୍ତକ୍ଷେପ କରିବା ନେଇ ଦାବି କରାଯାଇଛି । ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଉପସଭାପତି ଦେବୀ ପ୍ରସାଦ ଦାସ, ଯୁଗ୍ମ ସମ୍ପାଦକ ଟି ସୁଦେଶ ପାତ୍ର, କୋଷାଧ୍ୟକ୍ଷ ଏମ୍ ଲାବଣ୍ୟ ପାତ୍ର, ସଂଗଠନ ସହ ସମ୍ପାଦକ ଅଜିତ୍ ପଟ୍ଟନାୟକ, କାର୍ଯ୍ୟାଳୟ ସମ୍ପାଦକ ଦିଗାମ୍ବର ସାମନ୍ତରାୟ, ସହ ସଂଯୋଜକ ଅନିଲ ଚୌଧୁରୀଙ୍କ ସମେତ ଅନ୍ୟ ସଦସ୍ୟମାନେ ଉପସ୍ଥିତ ଥିଲେ ।

# ବନ୍ଦର ସହରରେ ଗଜଲକ୍ଷ୍ମୀ ପୂଜା



ପାରାଦୀପ, ୬।୧୦(ସମିସ): ଗଜଲକ୍ଷ୍ମୀ ପୂଜା ପାଇଁ ବନ୍ଦର ସହର ଉତ୍ସବମୁଖର ହୋଇପଡିଛି। ଏ ନେଇ ଚଳଚଞ୍ଚଳ ହୋଇପଡିଛି ସହରର ପୂଜା ମଣ୍ଡପ। ନୂଆବଜାର ମାର୍କେଟ, ତାରିଣୀ ମାର୍କେଟ, ବିଲ୍ଡିଂ ମାର୍କେଟ, ଷଣ୍ଢକୁଦ, ନେହେରୁ ବଙ୍ଗଳା ଓ କବରଖାନା ମାର୍କେଟ ପରିସରରେ ଲକ୍ଷ୍ମୀପୂଜା ଆୟୋଜିତ ହୋଇଛି। ଏହି ପୂଜା ସପ୍ତାହେ ବ୍ୟାପୀ ଚାଲିବ। ପୂଜା ମଣ୍ଡପ ନିକଟରେ ସାଂସ୍କୃତିକ କାର୍ଯ୍ୟକ୍ରମ ଚାଲିବ ବୋଲି ଆୟୋଜକଙ୍କ ପକ୍ଷରୁ ସୂଚନା ମିଳିଛି। ଚଳିତ ବର୍ଷ ସୁନ୍ଦର ତୋରଣ ସାଙ୍ଗକୁ ଅଲୋକୀକରଣ ମୁଖ୍ୟ ଆକର୍ଷଣ ସାଜିଛି। ବିଶେଷକରି ନୂଆବଜାର ମାର୍କେଟରେ ବ୍ୟବସାୟୀ ସଂଘ ପକ୍ଷରୁ ନିର୍ମିତ ମଣ୍ଡପରେ ଝଲସୁଛି ଲକ୍ଷ୍ମୀଙ୍କ ମୃଣ୍ମୟୀ ମୂର୍ତ୍ତି।

# ଲକ୍ଷ୍ମୀପୂଜା ପାଇଁ ଉତ୍ସବମୁଖର କୋଲଡ଼ିଆ




ପାରାଦୀପ, ୬।୧୦(ସମିସ): ପାରାଦୀପ ଉପକଣ୍ଠ ବିଶ୍ୱାଳି ପଞ୍ଚାୟତ କୋଲଡିଆ ଗ୍ରାମ ଲକ୍ଷ୍ମୀପୂଜା ପାଇଁ ଉତ୍ସବମୁଖର ହୋଇପଡ଼ିଛି। ଆଜି ମା' ଲକ୍ଷ୍ମୀଙ୍କ ପୂଜା ପାଇଁ କଳସ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ପଞ୍ଚାୟତର ଶହ ଶହ ଶ୍ରଦ୍ଧାଳୁ ଭୂତମୁଣ୍ଡାଇ ମହାନଦୀରୁ ପାଣି ଉଠାଇ କୋଲଡିଆ ପୂଜା ମଣ୍ଡପରେ ପହଞ୍ଚିଥିଲେ। ଆଜିଠୁ ୭ ଦିନ ଧରି ଯଜ୍ଞ, ଭଜନ କୀର୍ତ୍ତନ ଓ ଭଜନ ସନ୍ଧ୍ୟା ଅନୁଷ୍ଠିତ ହେବ। ୫୪ ବର୍ଷ ପୂର୍ବେ ଏଠାରେ ପ୍ରତିଷ୍ଠା ହୋଇଥିବା ମା' ଲକ୍ଷ୍ମୀଙ୍କ ମନ୍ଦିରରେ ଗ୍ରାମବାସୀ ଏହି ଲକ୍ଷ୍ମୀପୂଜାକୁ ଆଡ଼ମ୍ବର ସହକାରେ ପ୍ରତିବର୍ଷ ପାଳନ କରିଆସୁଛନ୍ତି।

## ବାଲିକୁଦା ବ୍ଲକ୍ କାର୍ଯ୍ୟାଳୟରେ ମିଳିତ ଜନଅଭିଯୋଗ ଶୁଣାଣି ଶିବିର

# ୨ଟି ଅଭିଯୋଗର ତତ୍କାଳ ଫଇସଲା

ଜଗତସିଂହପୁର/ବାଲିକୁଦା, ୬।୧୦(ସମିସ)



ଜଗତସିଂହପୁର ଜିଲ୍ଲା ପ୍ରଶାସନ ପକ୍ଷରୁ ମିଳିତ ଜନଅଭିଯୋଗ ଶୁଣାଣି ଶିବିର ବାଲିକୁଦା ବ୍ଲକ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଏହି ଜନଅଭିଯୋଗ ଶିବିରରେ ଜିଲ୍ଲାପାଳ ଜେ. ସୋନାଲ ଉପସ୍ଥିତ ରହି ଜନସାଧାରଣଙ୍କ ବିଭିନ୍ନ ଅଭିଯୋଗର ଶୁଣାଣି କରି ୨ଟିର ତତ୍କାଳ ଫଇସଲା କରିଥିଲେ।

ଆଜି ଆୟୋଜିତ ଶିବିରରେ ୫୪ଟି ଅଭିଯୋଗ ପଞ୍ଜିକୃତ ହୋଇଥିଲା। ସେଥିମଧ୍ୟରୁ ବ୍ୟକ୍ତିଗତ ସମସ୍ୟା ସମ୍ପର୍କିତ ୩୯ଟି ଓ ଗୋଷ୍ଠୀଗତ /ଗ୍ରାମ୍ୟ ସମସ୍ୟା ସମ୍ପର୍କିତ ୧୫ଟି ଅଭିଯୋଗ ରହିଥିଲା। ବ୍ୟକ୍ତିଗତ ଅଭିଯୋଗ ମଧ୍ୟରୁ ରାସନ୍ କାର୍ଡ ସମ୍ବନ୍ଧୀୟ ୪ଟି, ଆବାସ ସମ୍ପର୍କିତ ୧୭ଟି, ଜମିଜମା ସମସ୍ୟା ସମ୍ପର୍କିତ ୬ଟି, ପୁଲିସ ସହାୟତା ପାଇଁ ୩ଟି, ପେନସନ ପାଇବା ପାଇଁ ୨ଟି, ରେଡକ୍ରସ ପାଣ୍ଠିରୁ ସହାୟତା ପାଇବା ପାଇଁ ୧ଟି, ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ସହାୟତା ପାଇବା ପାଇଁ ୧ଟି ଓ ଅନ୍ୟାନ୍ୟ ୩ଟି ଅଭିଯୋଗର ଶୁଣାଣି କରାଯାଇଥିଲା। ଏଥିରୁ ୨ଟି ଅଭିଯୋଗର ତତ୍କାଳ ଫଇସଲା କରାଯାଇଥିଲା। ଏହି ମିଳିତ ଜନଅଭିଯୋଗ ଶୁଣାଣି ଶିବିରରେ ଆରକ୍ଷୀ ଅଧୀକ୍ଷକ ଅଙ୍କିତ ବର୍ମା, ଅତିରିକ୍ତ ଜିଲ୍ଲାପାଳ ଜ୍ୟୋତି ଶଙ୍କର ରାୟ, ଜିଲ୍ଲା ପରିଷଦର ମୁଖ୍ୟ ବିକାଶ ତଥା ନିର୍ବାହୀ ଅଧିକାରୀ ରବିନାରାୟଣ ଜେଠୀ, ଉପଜିଲ୍ଲାପାଳ ପ୍ରଶାନ୍ତ କୁମାର ତରାଇ, ଉପଖଣ୍ଡ ଆରକ୍ଷୀ ଅଧୀକ୍ଷକ ଅଜିଙ୍କ୍ୟ ବାବୁରାଓ ମାନେ, ବାଲିକୁଦା ଗୋଷ୍ଠୀ ଉନ୍ନୟନ ଅଧିକାରୀ ସାଗର କୁମାର ନନ୍ଦ, ତହସିଲଦାର ବିକାଶ ରଞ୍ଜନ, ଜିଲ୍ଲାସ୍ତରୀୟ ଅଧିକାରୀ, କ୍ଷେତ୍ରୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ରହି ଜନସାଧାରଣଙ୍କ ଅଭିଯୋଗର ଶୁଣାଣି କରିଥିଲେ।

# ରାଜ୍ୟ ଅବସରପ୍ରାପ୍ତ କର୍ମଚାରୀ ସଂଘ ବୈଠକ



ବାଲିକୁଦା, ୬।୧୦(ସମିସ): ବାଲିକୁଦା ବ୍ଲକ୍ ରାଜ୍ୟ ଅବସରପ୍ରାପ୍ତ କର୍ମଚାରୀ ସଂଘ ବୋରିକିନା ଶାଖା ବୈଠକ ଥାଇଲ ପଞ୍ଚାୟତ ଯଏଗାଁସ୍ଥ ଶ୍ରୀକୃଷ୍ଣ ଗୁରୁକୁଳରେ ଅନୁଷ୍ଠିତ ହୋଇଛି। ସଭାପତି ହୃଷିକେଶ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ସମ୍ପାଦକ ବିଷ୍ଣୁଚରଣ ସ୍ୱାଇଁ ପୂର୍ବ ମାସର ବିବରଣୀ ପାଠ କରିଥିଲେ। ପରଲୋକଗତ ସଦସ୍ୟ ସଞ୍ଜୟ ବିଶ୍ୱାଳଙ୍କ ଅମର ଆତ୍ମାର ସଦଗତି କାମନା ନିମନ୍ତେ ୨ ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା। ଉପସଭାପତି କୈଳାସ ବିଶ୍ୱାଳ, ଶିକ୍ଷାବିତ୍ ଧର୍ମାନନ୍ଦ ଦାସ, ସଂଗଠନ ସମ୍ପାଦକ ବ୍ରହ୍ମାନନ୍ଦ ମହାନ୍ତି, ବୁଲାକି ସ୍ୱାଇଁ, ଭୋଳାନାଥ ମହାନ୍ତି ପ୍ରମୁଖ ସଂଘର ବିଭିନ୍ନ ସମସ୍ୟା ଓ ଆବଶ୍ୟକତା ସମ୍ପର୍କରେ ଆଲୋଚନା କରିଥିଲେ। ଶିବ ଜେନା, କୈଳାସ ସାହୁ, ପ୍ରମୋଦ ବାରିକ, ନିରଞ୍ଜନ ସ୍ୱାଇଁ, ଧୂଳେଶ୍ୱର ସାହୁ, ଆଦିକନ୍ଦ ଦାସ, ଶୁକଦେବ ମଲ୍ଲିକ, ଶିବପ୍ରସାଦ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ବଂଶୀଧର ଶତପଥୀ ମଙ୍ଗଳା ଚରଣ ପାଠ କରିଥିବାବେଳେ ପ୍ରଶାନ୍ତ ପରିଡ଼ା ଧନ୍ୟବାଦ ଅର୍ପଣ କରିଥିଲେ।

# ଶତାୟୁ ଗୋସେଇଁ ଗୁରୁଙ୍କ ପରଲୋକ



କୁଜଙ୍ଗ, ୬।୧୦(ସମିସ): କୁଜଙ୍ଗ ବ୍ଲକ ପଙ୍କପାଳ ନିବାସୀ ଗୋସେଇଁ ଗୁରୁ ହରେକୃଷ୍ଣ ଦାଶଙ୍କ ୧୦୧ ବର୍ଷ ବୟସରେ ପରଲୋକ ହୋଇଯାଇଛି। ଦୀର୍ଘ ୧୦୦ ବର୍ଷ ସୁସ୍ଥ ରହିବା ଓ ଶହେ ବର୍ଷରେ କର୍ମଚଞ୍ଚଳ ହୋଇ ନିଜ କାମ ନିଜେ କରି ଅଞ୍ଚଳରେ ଗୋସେଇଁ ଗୁରୁ ରୂପେ ଚର୍ଚ୍ଚିତ ହୋଇଥିଲେ। ଗାଁ ଚାଟଶାଳୀ ପାଠ ପରେ କୃଷି ଓ ଶାସ୍ତ୍ର ଅଧ୍ୟୟନ ପ୍ରତି ମନୋନିବେଶ କରିବା ଶହ ନିଜକୁ ସେ ସମୟରେ ଗୋସେଇଁ ଗୁରୁ ରୂପେ ପ୍ରତିଷ୍ଠା କରିବା ସହ ବହୁ ଯୁବକଙ୍କୁ ନାମ ସ୍ମରଣ ସହ ଆଧ୍ୟାତ୍ମିକ ପ୍ରତି ଆକର୍ଷିତ କରିବା ତାଙ୍କର ପ୍ରମୁଖ କାମ ଥିଲା। ୪ ଝିଅ ଓ ଦୁଇ ପୁଅଙ୍କୁ ମଣିଷ କରିବା ଶହ ଏବେ ପୁଅ ପ୍ରାଧ୍ୟାପକ ସୁଭାଷ ଚନ୍ଦ୍ର ଦାଶଙ୍କ ନିକଟରେ ଭୁବନେଶ୍ୱରରେ ରହି ଆସୁଥିଲେ। ପାଞ୍ଚବର୍ଷ ପୂର୍ବେ ପତ୍ନୀ ନେତ୍ରମଣି ପରଲୋକ ହୋଇଛି। ମାତ୍ର ସରଳ ଜୀବନ, ସ୍ୱଳ୍ପ ହାର, ପ୍ରତ୍ୟହ ଚାଲିବା, ମୃଦୁ ଭାଷୀ ହରି ଗୋସେଇଁ ଶତାୟୁ ହୋଇ ବି ସିଧା ଚାଲିବା, ନିଷ୍କପଟ ଭାବେ ବଡ ପାଟିରେ ହସିବା, ସ୍ୱଳ୍ପରେ ସନ୍ତୁଷ୍ଟ ହେବା ଭଳି ନିଆରା ବ୍ୟକ୍ତିତ୍ୱଙ୍କ ପରଲୋକରେ ପଙ୍କପାଳରେ ଶୋକର ଛାୟା ଖେଳିଯାଇଛି। ଗ୍ରାମ ଶ୍ମଶାନରେ ଶେଷକୃତ୍ୟ କରାଯାଇଥିବାବେଳେ ପୁଅ ସୁଭାଷ ଦାଶ ମୁଖାଗ୍ନି ଦେଇଥିଲେ।

# ଦୁର୍ଘଟଣାରେ ବରିଷ୍ଠ ବିଜେଡି କର୍ମୀଙ୍କ ମୃତ୍ୟୁ



ତିର୍ତ୍ତୋଲ, ୬।୧୦(ସମିସ): ତିର୍ତ୍ତୋଲ ଥାନା ଅର୍ନ୍ତଗତ କଟକ-ପାରାଦୀପ ରାସ୍ତାର ହୁକୁଟୋଲା ନିକଟରେ ଗତକାଲି ବିଳମ୍ବିତ ରାତିରେ ଦୁର୍ଘଟଣା ଘଟି କୋଷ୍ଟିମଲ୍ଲିକାପୁର ପଞ୍ଚାୟତର ବରିଷ୍ଠ ବିଜେଡି କର୍ମୀ ଅଶ୍ୱିନୀ ବିଶ୍ୱାଳ(୫୫)ଙ୍କ ମୃତ୍ୟୁ ହୋଇଯାଇଛି। ସେ ରାହାମାସ୍ଥ ବାସଭବନକୁ ବୁଲେଟ୍‌ରେ ଫେରୁଥିବାବେଳେ ହୁକୁଟୋଲାଠାରେ ଦୁର୍ଘଟଣାର ଶିକାର ହୋଇ ରାସ୍ତା ପାଶ୍ୱର୍ କେନାଲକୁ ପଡ଼ିଯାଇ ସଂଜ୍ଞାହୀନ ହୋଇଯାଇଥିଲେ। ତାଙ୍କୁ ସ୍ଥାନୀୟ ଯୁବକ ଉଦ୍ଧାର କରି ପୁଲିସ ପିସିଆର ଗାଡ଼ିରେ ମଣିଜଙ୍ଗା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୁଲିସ ମୃତଦେହକୁ ବ୍ୟବଚ୍ଛେଦ ପାଇ ଜଗତସିଂହପୁର ପଠାଇଥିଲା। ବ୍ୟବଚ୍ଛେଦ ପରେ ମରଶରୀର ନିଜ ଗ୍ରାମ କେଉଟଲକୁ ଅଣାଯାଇଥିଲା। ବିଜେଡି ଯୁବ ନେତା ନିହାର ମହାନ୍ତି, ଛାତ୍ର ନେତା କାଳନ୍ଦୀ ଦାଶ, ସରପଞ୍ଚ ବିଭୁପ୍ରସାଦ ମହାନ୍ତିଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଶେଷ ଦର୍ଶନ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ପରେ ଗ୍ରାମ ଶ୍ମଶାନରେ ଶେଷକୃତ୍ୟ ସଂପନ୍ନ ହୋଇଥିଲା। ତିର୍ତ୍ତୋଲ ବିଧାୟକ ରମାକାନ୍ତ ଭୋଇ, ପୂର୍ବତନ ସାଂସଦ ଡା ରାଜଶ୍ରୀ ମଲ୍ଲିକ, ବ୍ଲକ ଅଧ୍ୟକ୍ଷ ମନୋଜ ବେହେରା ସମେତ ବିଜେଡିର ବହୁ ନେତା ଶୋକ ପ୍ରକାଶ କରିଛନ୍ତି।

# ତିର୍ତ୍ତୋଲ କୁମାର ଉତ୍ସବ ସମିତି ବାର୍ଷିକ ଉତ୍ସବ ଉଦ୍‌ଘାଟିତ



ତିର୍ତ୍ତୋଲ, ୬।୧୦(ସମିସ): ତିର୍ତ୍ତୋଲ କୁମାର ଉତ୍ସବ ସମିତିର ୫୨ତମ ବାର୍ଷିକ ଉତ୍ସବ ଓ ଗଣକବି ବୈଷ୍ଣବ ପାଣି ଜୟନ୍ତୀ ଜୟପ୍ରକାଶ ମଇଦାନରେ ଆରମ୍ଭ ହୋଇଛି। ମୁଖ୍ୟଅତିଥି ଜଗତସିଂହପୁର ସାଂସଦ ବିଭୁପ୍ରସାଦ ତରାଇ ଯୋଗଦେଇ ଏହି ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ଶ୍ରୀ ତରାଇ ସଂସ୍କୃତି ସମସ୍ତଙ୍କୁ ଏକତା ସୂତ୍ରରେ ବାନ୍ଧି ରଖିଥାଏ। ଓଡ଼ିଶାର ସଂସ୍କୃତି ଓ ପରମ୍ପରାକୁ ଉଜ୍ଜୀବିତ ରଖିବାରେ ତିର୍ତ୍ତୋଲ କୁମାର ଉତ୍ସବ ସମିତି ପ୍ରମୁଖ ଭୂମିକା ଗ୍ରହଣ କରିଛି ବୋଲି କହିଥିଲେ।

ମୁଖ୍ୟବକ୍ତା ବିଜେପି ଜିଲ୍ଲା ସଭାପତି ପ୍ରତାପ ମିଶ୍ର ଓଡ଼ିଆ ସଂସ୍କୃତିର ମହନୀୟତା ଉପରେ ଆଲୋକପାତ କରିଥିଲେ। ସମିତି ସଭାପତି ବିମଳ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ସମ୍ମାନିତ ଅତିଥି ଭାବେ ବିଜେପି ନେତା ବିଜୟ ଦାଶ, ତିର୍ତ୍ତୋଲ କଲେଜର ପୂର୍ବତନ ଅଧ୍ୟକ୍ଷ କ୍ୟାପଟେନ ଜ୍ଞାନଜ ସାମନ୍ତରାୟ, ସମାଜସେବୀ ନୀଳାଦ୍ରି ବିହାରୀ ମହାନ୍ତି, ଆକାଶବାଣୀ ଗୀତିକାର ଇନ୍ଦ୍ରମଣି ସାହୁ, ବିବେକାନନ୍ଦ ହୋତା ପ୍ରମୁଖ ଯୋଗ ଦେଇଥିଲେ। ସମିତିର ବରିଷ୍ଠ ସଭ୍ୟା ସୁଶ୍ରୀ ବିଜୟା ମହାନ୍ତି ସ୍ୱାଗତ ଭାଷଣ ଓ ସମ୍ପାଦକ ଅନୀଲ ମହାପାତ୍ର ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ଅତିଥିମାନେ ଇନ୍ଦ୍ରମଣି ସାହୁଙ୍କ ରଚିତ ବେତାର ଧର୍ମୀ ଗୀତି କବିତା ସଂକଳନ 'ଆଜି ଓ କାଲିର ଗୀତି ଛନ୍ଦ'କୁ ଉନ୍ମୋଚନ କରିଥିଲେ। ଏ ଅବସରରେ କ୍ରୀଡ଼ା ଶିକ୍ଷକ ଭୁବନମୋହନ ଦାସଙ୍କୁ କ୍ରୀଡ଼ାରତ୍ନ ସମ୍ମାନ ପ୍ରଦାନ ଓ ତିର୍ତ୍ତୋଲ ଅଞ୍ଚଳର କୃତୀ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପ୍ରଦୀପ୍ତ ମହାପାତ୍ର ଧନ୍ୟବାଦ ଦେଇଥିଲେ।

# ରୋହିଆ ସ୍କୁଲ ପ୍ରାକ୍ତନ ଛାତ୍ର ସଂସଦ କାର୍ଯ୍ୟକାରିଣୀ କମିଟି ଗଠିତ

ଜଗତସିଂହପୁର, ୬।୧୦(ସମିସ): ଜଗତସିଂହପୁର ଜିଲ୍ଲା ନାଉଗାଁ ବ୍ଲକ୍ ଅନ୍ତର୍ଗତ ରୋହିଆ ସରକାରୀ ନୋଡଲ ଉଚ୍ଚବିଦ୍ୟାଳୟ ପ୍ରାକ୍ତନ ଛାତ୍ର ସଂଗଠନର ଆଭାସୀ ବୈଠକ ଅର୍ଜୁନ ଚରଣ ରାଉତଙ୍କ ଅଧ୍ୟକ୍ଷତାରେ ଆୟୋଜିତ ହୋଇଯାଇଛି। ବୈଠକରେ ଦେଶ ଓ ଦେଶ ବାହାରେ ରହୁଥିବା ଛାତ୍ରଛାତ୍ରୀ ଯୋଡ଼ିହୋଇ ବିଦ୍ୟାଳୟର ଗୌରବମୟ ଅତୀତ ବିଷୟରେ ଆଲୋକପାତ କରିବା ସହ ସାମ୍ପ୍ରତିକ ସମୟରେ କିପରି ଶିକ୍ଷା ବ୍ୟବସ୍ଥାରେ ଗୁଣାତ୍ମକ ମାନ ବୃଦ୍ଧି କରାଯାଇ ଆଗାମୀ ପିଢ଼ିକୁ ସଶକ୍ତ ଜୀବନଧାରା ପ୍ରଦାନ କରାଯାଇପାରିବ, ତାହା ଉପରେ ବିଶଦ ଭାବେ ଆଲୋଚନା କରିଥିଲେ। ଏହି ଲକ୍ଷ୍ୟ ହାସଲ କରିବା ପାଇଁ ପୂର୍ବତନ ଛାତ୍ର ସନ୍ତୋଷ ମହାନ୍ତି, ଅର୍ଜୁନ ରାଉତ, ପବିତ୍ରମୋହନ ମହାନ୍ତି, ପ୍ରତାପ ଲେଙ୍କାଙ୍କୁ ନେଇ ଉପଦେଷ୍ଟା ମଣ୍ଡଳୀ ଓ ସମସ୍ତ ପ୍ରସ୍ତାବକୁ କାର୍ଯ୍ୟକାରୀ କରିବା ପାଇଁ କାର୍ଯ୍ୟକାରିଣୀ କମିଟି ଗଠନ କରାଯାଇଛି। ଏହି କମିଟିରେ ବିଦ୍ୟାଧର ସ୍ୱାଇଁ, ବିଶ୍ୱଜିତ ସ୍ୱାଇଁ, ସତ୍ୟବ୍ରତ ରାଉତ, ଦିଲ୍ଲୀପ ସ୍ୱାଇଁ, ଶ୍ରୀଚରଣ ରାଉତ, ଗୀତାଞ୍ଜଳି ଦାଶ, ମିଲ୍ଲୀପ୍ରଭା ଦାଶ ସଦସ୍ୟ ଓ ସୁଶାନ୍ତ ମହାନ୍ତି ନିମନ୍ତ୍ରିତ ସଦସ୍ୟ ଓ ଦେବେନ୍ଦ୍ର ରାଉତ ଆବାହକ ଭାବେ ଦାୟିତ୍ୱ ଗ୍ରହଣ କରିଥିବାବେଳେ ଡଃ ଅରୁଣ ରାଉତ ସଂଯୋଜକ ମନୋନୀତ ହୋଇଛନ୍ତି। ଏହି ପ୍ରୟାସରେ ସମସ୍ତ ପ୍ରାକ୍ତନ ଛାତ୍ରଛାତ୍ରୀ ନିଜକୁ ସାମିଲ କରିବା ପାଇଁ ଆବାହକ ଶ୍ରୀ ରାଉତ ଅନୁରୋଧ କରିଥିଲେ।

# ଦଶବାଟିଆ ନାଟ୍ୟ ପ୍ରତିଯୋଗିତା ଉଦ୍‌ଯାପିତ

ବାଲିକୁଦା, ୬।୧୦(ସମିସ): ବାଲିକୁଦା ବ୍ଲକ ମାତୃଶକ୍ତି କଳା ଓ ସଂସ୍କୃତି ସୁରକ୍ଷା ପରିଷଦ ପକ୍ଷରୁ ଦଶବାଟିଆ ଦୁର୍ଗା ପଡ଼ିଆରେ ଚାଲିଥିବା ନାଟ୍ୟ ପ୍ରତିଯୋଗିତା ଉଦ୍‌ଯାପିତ ହୋଇଯାଇଛି। ସଭାପତି ଦେବକାନ୍ତ ବିଶ୍ୱାଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ବାଲିକୁଦା-ଏରସମା ବିଧାୟକ ଶାରଦା ପ୍ରସନ୍ନ ଜେନା, ମୁଖ୍ୟବକ୍ତା ଭାବେ ବ୍ଲକ ଅଧ୍ୟକ୍ଷ ପ୍ରକାଶ ପ୍ରଧାନ, ସମ୍ମାନିତ ଅତିଥି ଭାବେ ଜିଲ୍ଲା ପରିଷଦ ସଭ୍ୟା ତଟିନା ସ୍ୱାଇଁ, ସମାଜସେବୀ ନିରଞ୍ଜନ ମହାନ୍ତି, ସଞ୍ଜୟ ସ୍ୱାଇଁ ପ୍ରମୁଖ ଯୋଗଦେଇ ଅଞ୍ଚଳରେ ଥିବା କଳାକାରଙ୍କୁ ଏହି ମଞ୍ଚ ଉପଯୁକ୍ତ ସମ୍ମାନ ଦେଇଥିବାରୁ ଅନୁଷ୍ଠାନକୁ ପ୍ରଶଂସା କରିଥିଲେ। ଏ ଅବସରରେ ଅଞ୍ଚଳର କଳା ଓ ସଂସ୍କୃତିର ସୁରକ୍ଷା କ୍ଷେତ୍ରରେ କାର୍ଯ୍ୟ କରିଥିବା କଳାକାରଙ୍କୁ ବାଦ୍ୟଗୁରୁ ସ୍ୱର୍ଗତ ଗାଲବ ମହାରଣା ସ୍ମୃତି ସମ୍ମାନ ଓ ନାଟ୍ୟଗୁରୁ ସ୍ୱର୍ଗତ ଗତିକୃଷ୍ଣ ରାଉତ କଳା ସମ୍ମାନରେ ସମ୍ମାନିତ କରାଯାଇଥିଲା। ନାଟ୍ୟକାର ଜଗନ୍ନାଥ ରାଉତ ଓ ନିର୍ଦ୍ଦେଶକ ଭାଗୀରଥି ଛୋଟରାୟଙ୍କୁ ଉପଦେଷ୍ଟା ଛଇଳମଣି ବେହେରା ଓ ସମ୍ପାଦକ ରମେଶ ପରିଡା ସମ୍ମାନିତ କରିଥିଲେ। କବି ପ୍ରଶାନ୍ତ ମହାନ୍ତି ମଞ୍ଚ ପରିଚାଳନା କରିଥିବାବେଳେ ସଂଯୋଜକ ଅକ୍ଷୟ ବେହେରା କାର୍ଯ୍ୟକ୍ରମର ଉଦେଶ୍ୟ ଓ ଆଭିମୁଖ୍ୟ ପ୍ରଦାନ କରିଥିଲେ। ସନ୍ତୋଷ ବିଶ୍ୱାଳ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିବାବେଳେ ସରୋଜ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ଦୁର୍ଗାପୂଜା କମିଟି, ମାତୃଶକ୍ତି କ୍ରିକେଟ କ୍ଲବ୍ ଓ ସମସ୍ତ ୮ ପଞ୍ଚାୟତବାସୀ ସହଯୋଗ କରିଥିଲେ। ନାଟକ "ଭଲପାଇ କିଏ ଭଲରେ ଅଛି' ମାତୃଶକ୍ତି କଳା ଓ ସଂସ୍କୃତି ସୁରକ୍ଷା ପରିଷଦ କଳାକାରଙ୍କ ଦ୍ୱାରା ପରିବେଷଣ କରାଯାଇଥିଲା।

# ଶିଶୁକନ୍ୟାର ମୃତଦେହ ଉଦ୍ଧାର

ବାଲିକୁଦା, ୬।୧୦(ସମିସ): ବାଲିକୁଦା ଥାନା ଅନ୍ତର୍ଗତ ବନ୍ଦର ସାମୁଦ୍ରିକ ଥାନା ଅଧୀନ ଗଣ୍ଡକୁଳ ଦେବୀ ନଦୀବନ୍ଧ ପଥର ପ୍ୟାକିଂ ନିକଟରେ ଏକ ଶିଶୁକନ୍ୟାର ମୃତଦେହ ପଡ଼ିଥିବା ସ୍ୱେଚ୍ଛାସେବୀ ରୁଦ୍ରନାରାୟଣ ପ୍ରଧାନ ଓ ତାଙ୍କ ସହଯୋଗୀ ଦେଖିଥିଲେ। ଏ ସମ୍ପର୍କରେ ବନ୍ଦର ସାମୁଦ୍ରିକ ଥାନା ଅଧିକାରୀ ରାଜୀବ ବେହେରାଙ୍କୁ ଅବଗତ କରାଇବା ପରେ ପୁଲିସ ମୃତଦେହ ଉଦ୍ଧାର କରାଯାଇଥିଲା। ଥାନା ପକ୍ଷରୁ ଅପମୃତ୍ୟୁ ମାମଲା ରୁଜୁ କରାଯାଇଥିବାବେଳେ ଶିଶୁର ମଥାରେ କଳା ଓ ପାଉଡର ଲାଗିଥିବାବେଳେ ନଦୀରେ ଭସାଯାଇ ନ ଥିବାରୁ ଶିଶୁକନ୍ୟାକୁ କେହି ହତ୍ୟା କରି ଫିଙ୍ଗି ଦେଇଥିବା ସନ୍ଦେହ କରାଯାଉଛି।

## ଜଗତସିଂହପୁର ଐତିହ୍ୟ ପଦଯାତ୍ରାର ନବମ ସଂସ୍କରଣ

# ସିଦ୍ଧ ବାରଙ୍ଗ ଗୋସାଇଁ ପୀଠ ଓ ବଡ଼ବାଗ ବୁଣାକାର ଗ୍ରାମ ପରିଦର୍ଶନ




ଜଗତସିଂହପୁର, ୬।୧୦(ସମିସ)

ପୂର୍ବ ୮ଟି ସଂସ୍କରଣ ଭଳି ଜଗତସିଂହପୁର ଐତିହ୍ୟ ପଦଯାତ୍ରାର ନବମ ସଂସ୍କରଣ ସୁନ୍ଦର ଓ ଚିତ୍ତାକର୍ଷକ ଭାବେ ସମ୍ପନ୍ନ ହୋଇଛି। ଐତିହ୍ୟାନୁଗ୍ରାହି ଜାତୀୟ କବି ବୀରକିଶୋରଙ୍କ ଜନ୍ମସ୍ଥାନ ପୁନଙ୍ଗ ଗ୍ରାମରେ ଥିବା ସିଦ୍ଧ ବାରଙ୍ଗ ଗୋସାଇଁ ପୀଠ ଓ ବଡ଼ବାଗର ବୁଣାକାର ଗ୍ରାମ ପରିଦର୍ଶନ କରିଥିଲେ। ପ୍ରଥମେ ସମସ୍ତ ଐତିହ୍ୟାନୁଗ୍ରାହି ଚାରିପୋଲିଆ ଛକ ନିକଟ ବୀରକିଶୋର ମେମୋରିଆଲ ପାର୍କରେ ଏକାଠି ହୋଇ ସଫେଇ କାର୍ଯ୍ୟକ୍ରମ କରିବା ସହିତ ଜାତୀୟ କବି ବୀରକିଶୋର ଦାସଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ ପୂର୍ବକ ଐତିହ୍ୟ ପଦଯାତ୍ରା କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ।

ପରେ ସମସ୍ତ ଐତିହ୍ୟାନୁରାଗୀ ବଡ଼ବାଗଠାରେ ଥିବା ବୁଣାକାର ଗ୍ରାମକୁ ପରିଦର୍ଶନରେ ଯାଇଥିଲେ। ସେଠାରେ ପାରମ୍ପରିକ ଭାବେ ବୁଣାଯାଉଥିବା ହସ୍ତତନ୍ତ ଶାଢୀ, ଗାମୁଛା, ଧୋତି, ଲୁଙ୍ଗି ଆଦି ଦେଖିବା ସହିତ ଏହି ପାରମ୍ପରିକ କୌଶଳକୁ ଆଜି ବି ଉଜ୍ଜୀବିତ କରି ରଖିଥିବା ବୁଣାକାର କାରିଗରଙ୍କୁ ଭେଟିଥିଲେ। ବୟୋଜ୍ୟେଷ୍ଠ ବୁଣାକାର ନାରାୟଣ ବେହେରା ଓ ବୁଣାକାର ସମିତି ସମ୍ପାଦକ ବିଜୟ ଦାସ ଐତିହ୍ୟାନୁଗ୍ରାହିଙ୍କୁ ବୁଣାକାରଙ୍କ ପାରମ୍ପରିକ କାର୍ଯ୍ୟ ପ୍ରଣାଳୀ ବିଷୟରେ ଆଲୋକପାତ କରିଥିଲେ ଓ ବୁଣା କାର୍ଯ୍ୟ ଦେଖାଇଥିଲେ। ଜଗତସିଂହପୁର ଐତିହ୍ୟ ପଦଯାତ୍ରାର ଉପଦେଷ୍ଟା ପ୍ରଭାଂଶୁ ସାମନ୍ତରାୟଙ୍କ କହିବାନୁଯାୟୀ, ଆମର କୌଳିକ ବୃତ୍ତି ଓ ମୌଳିକ ଅଧିକାରକୁ ଗୁରୁତ୍ୱ ଦିଆଗଲେ, ଏହି ବୁଣାକାରଙ୍କ ଜୀବନ ଓ ଜୀବୀକା ସୁରକ୍ଷିତ ହୋଇରହିପାରନ୍ତା। ଏହାପରେ ସମସ୍ତ ଐତିହ୍ୟାନୁରାଗୀ ବନ୍ଧୁ ପୁନଙ୍ଗସ୍ଥ ଜଗନ୍ନାଥ ମନ୍ଦିର ଓ ସିଦ୍ଧ ବାରଙ୍ଗ ଗୋସାଇଁଙ୍କ ଆଶ୍ରମ ପରିଦର୍ଶନ ସହ ବାରଙ୍ଗ ଗୋସାଇଁଙ୍କ ଚମତ୍କାରିତା ବିଷୟରେ ଆଲୋଚନା କରିଥିଲେ।

ମାର୍ଗଶିର ମାସ ଶୁକ୍ଳ ଚତୁର୍ଦ୍ଦଶୀରେ ଏହି ସିଦ୍ଧ ବାରଙ୍ଗ ପୀଠ ଶ୍ରୀକ୍ଷେତ୍ର ପାଲଟିଯାଏ। କୁହାଯାଏ ସ୍ୱୟଂ ଜଗନ୍ନାଥ ଏଠାକୁ ଗୋଟିଏ ଦିନ ପାଇଁ ଆସନ୍ତି ଓ ଏଠାକାର ପ୍ରସାଦ ମହାପ୍ରସାଦରେ ପରିଣତ ହୋଇଥାଏ। ଏହି ମନ୍ଦିରର ବିଶେଷତ୍ୱ ହେଲା ଏଠାରେ କାଷ୍ଠ କାରୁକାର୍ଯ୍ୟ ଦେଖିବାକୁ ମିଳିଥାଏ। ମନ୍ଦିର ପରିସର ବୁଲିବା ପରେ ଐତିହ୍ୟାନୁରାଗୀ ପ୍ରସାଦ ସେବନ କରିଥିଲେ। ଜଗତସିଂହପୁର ଐତିହ୍ୟ ପଦଯାତ୍ରା ସଂଯୋଜକ ଶ୍ରୀକାନ୍ତ ସିଂହ, ଅନୁଷ୍ଠାନର ବୟୋଜ୍ୟେଷ୍ଠ ସଦସ୍ୟ ବିଶ୍ୱରଞ୍ଜନ ଦେହୁରୀ, ସାମ୍ବାଦିକ ଶଶାଙ୍କ ଶେଖର ପଣ୍ଡା ତଥା ଐତିହ୍ୟାନୁରାଗୀ ତ୍ରିଲୋଚନ ସ୍ୱାଇଁ, ସମ୍ବିତ ସିଂହ, ଦେବାଶିଷ ପାତ୍ର, ହୃଦାନନ୍ଦ ବେହେରା, ଦିନେଶ ସ୍ୱାଇଁ, ରତିରଞ୍ଜନ ପଣ୍ଡା ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

# ଶତାୟୁ ଶିକ୍ଷକ ସଦାଶିବ ପତିଙ୍କୁ ଶିକ୍ଷକ ଗୌରବ ସମ୍ମାନ




ଜଗତସିଂହପୁର, ୬।୧୦(ସମିସ): ବିଶ୍ୱ ଶିକ୍ଷକ ଦିବସ ଅବସରରେ ଜଗତସିଂହପୁର ସାରସ୍ୱତ ପରିଷଦ ପକ୍ଷରୁ ଖଇରଙ୍ଗର ଶତାୟୁ ଶିକ୍ଷକ ସଦାଶିବ ପତିଙ୍କ ବାସଭବନରେ ସମ୍ବର୍ଦ୍ଧନା ସଭା ଆୟୋଜିତ ହୋଇଯାଇଛି। ସଭାପତି ଅବସରପ୍ରାପ୍ତ ଅଧ୍ୟାପକ ଜିମାଂଶୁ ଆଚାର୍ଯ୍ୟ ଯୋଗଦେଇ ବିଶ୍ୱ ଶିକ୍ଷକ ଦିବସ ପାଳନର ଲକ୍ଷ୍ୟ ଓ ଆବଶ୍ୟକତା ସମ୍ପର୍କରେ ସୂଚନା ଦେଇଥିଲେ। ଶିକ୍ଷାବିତ ରବୀନ୍ଦ୍ର ତ୍ରିପାଠୀ, ନାରାୟଣ ଦାଶ, ଅଧ୍ୟାପକ ଲକ୍ଷ୍ମୀଧର ପ୍ରଧାନ, ଶିକ୍ଷାବିତ ସତ୍ୟବାଦୀ ଦାସ ଓ ବିକ୍ରମ ଜେନା ପ୍ରମୁଖ ଯୋଗଦେଇ ବିଶ୍ୱସ୍ତରରେ ଶିକ୍ଷକଙ୍କୁ ସମ୍ମାନ ଦେବାକୁ ୟୁନେସ୍କୋ ପକ୍ଷରୁ ୧୯୯୪ଠାରୁ ଅକ୍ଟୋବର ୫ ତାରିଖକୁ ବିଶ୍ୱ ଶିକ୍ଷକ ଦିବସ ରୂପେ ପାଳନ କରାଯାଇଆସୁଛି ବୋଲି ସୂଚନା ଦେଇଥିଲେ। ଏ ଅବସରରେ ୧୦୩ ବର୍ଷୀୟ ଶିକ୍ଷକ ସଦାଶିବ ପତିଙ୍କୁ ପରିଷଦ ପକ୍ଷରୁ ଶିକ୍ଷକ ଗୌରବ ସମ୍ମାନ ପ୍ରଦାନ କରାଯାଇଥିଲା। ଏହି ସମ୍ବର୍ଦ୍ଧନା ସଭାରେ ଅନ୍ୟମାନଙ୍କ ମଧ୍ୟରେ ସୁରେନ୍ଦ୍ର ରାୟ, ଦୀପ୍ତି ଦାଶ, ସଞ୍ଜୀବ ମିଶ୍ର, ତ୍ରିଲୋଚନ ପତି, ହିମାଂଶୁ ଦାଶ, କମଳାକାନ୍ତ ପତିଙ୍କ ସମେତ ପରିବାରବର୍ଗ ଓ ଆତ୍ମୀୟସ୍ୱଜନ ଉପସ୍ଥିତ ଥିଲେ। ଶିକ୍ଷାବିତ ବିଜୟ ପତି ଧନ୍ୟବାଦ ଅର୍ପଣ କରିଥିଲେ।





# ବିରାଜିଲେ ଧନଦାତ୍ରୀ














ଭୁବନେଶ୍ୱର,୬।୧୦(ସମିସ)

ଆଜି କୁମାରୋତ୍ସବ ଓ ଗଜଲକ୍ଷ୍ମୀ ପୂଜା। ପ୍ରତ୍ୟେକ ବର୍ଷ ଶାରଦୀୟ ପୂଜାଠାରୁ ପୂଜା ମାହୋଲ ରହିଥାଏ। କୁମାର ପୂର୍ଣ୍ଣମୀ ଦିନଟିକୁ ଗଜଲକ୍ଷ୍ମୀ ପୂଜା ଭାବେ ପାଳନ କରାଯାଉଥିବା ବେଳେ ବିଭିନ୍ନ ସ୍ଥାନରେ ପାରମ୍ପରିକ ରୀତିରେ ଆୟୋଜିତ ହେଉଛି କୁମାରୋତ୍ସବ। ମା' ଦୁର୍ଗାଙ୍କ ବିଦାୟ ପରେ ପୁଣି ଉତ୍ସବମୁଖର ହୋଇଉଠିଛି ରାଜଧାନୀ। ରଙ୍ଗବେରଙ୍ଗର ଆଲୋକମାଳାରେ ଝଲସି ଉଠୁଛି ସାରା ସହର। ଛକଛକରେ ପୂଜା ପାଉଛନ୍ତି ମା' ଧନଦାତ୍ରୀ। ମା'ଙ୍କ ଆବାହନ ପାଇଁ ଚାରିଆଡେ ବ୍ୟାପକ ପ୍ରସ୍ତୁତି ହୋଇଛି। ରାଜଧାନୀର ବିଭିନ୍ନ ପୂଜାମଣ୍ଡପ ଓ ବ୍ୟବସାୟୀ ସଂଘ ପକ୍ଷରୁ ମା' ଲକ୍ଷ୍ମୀଙ୍କ ପୂଜାର୍ଚ୍ଚନା ଆୟୋଜନ କରାଯାଇଛି।

ଚଳିତବର୍ଷ ରାଜଧାନୀରେ ପ୍ରାୟ ୨୫ରୁ ଅଧିକ ସ୍ଥାନରେ ମା' ଲକ୍ଷ୍ମୀଙ୍କ ପୂଜା ଆରମ୍ଭ ହୋଇଛି। ୟୁନିଟ୍-୯, ୟୁନିଟ୍-୮, ବାପୁଜୀ ନଗର, ବାୟାବାବା, ସହିଦ୍‌ନଗର, ନୟାପଲ୍ଲୀ, ଲକ୍ଷ୍ମୀସାଗର ଓ ଚନ୍ଦ୍ରଶେଖରପୁର ଆଦି ସ୍ଥାନରେ ମା' ଗଜଲକ୍ଷ୍ମୀ ପୂଜା ପାଇଁ ଚଳଚଞ୍ଚଳ ହୋଇଛି ସହର। ସୋମବାର ସନ୍ଧ୍ୟାରେ କଳସ ଯାତ୍ରା ଆରମ୍ଭ ହେବାପରେ ମା'ଙ୍କ ପୂଜା ଆରମ୍ଭ କରାଯାଇଛି। ୭ଦିନ ଧରି ପୂଜା ସହ ସାଂସ୍କୃତିକ କାର୍ଯ୍ୟକ୍ରମରେ ଦୁଲିକ ପୂଜା ପରିସର। ଚଳିତବର୍ଷ ପରି ଏଥର ମଧ୍ୟ ବାପୁଜୀନଗର ଗଜଲକ୍ଷ୍ମୀ ପୂଜା କମିଟି ପକ୍ଷରୁ ପୂଜା ଆରମ୍ଭ ହୋଇଛି। ଏହି ପୂଜା ଏଥର ୩୫ବର୍ଷରେ ପଦାର୍ପଣ କରିଛି। ରଙ୍ଗବେରଙ୍ଗର ଆଲୋକମାଳାରେ ଝଲସୁଛି ପୂଜାମଣ୍ଡପ। ସେହିପରି ୟୁନିଟ୍-୯ ଫ୍ରେଣ୍ଡସ୍ କ୍ଲବ୍ ପକ୍ଷରୁ ହୋଇଥିବା ପୂଜାମଣ୍ଡପରେ ମା'ଙ୍କୁ ଗହଣାରେ ସଜ୍ଜିତ କରାଯାଇଛି। କ୍ଲବ୍ ପକ୍ଷରୁ ଏଥର ଧନଦାତ୍ରୀଙ୍କ ପୂଜା ୪୫ବର୍ଷରେ ପଦାର୍ପଣ କରିଛି। ଏଠାରେ ୧୦ଦିନ ଧରି ମା'ଙ୍କ ପୂଜାର୍ଚ୍ଚନ କରାଯିବ। ଏଥିପାଇଁ କୁଆଖାଇରୁ କଳସୀ ପାଣି ଉଠା ହୋଇ ମା'ଙ୍କ ପୂଜାର୍ଚ୍ଚନା ଆରମ୍ଭ ହୋଇଛି। ମା'ଙ୍କୁ ରୂପାର ଅଳଙ୍କାର, ମୁକୁଟ, ବାହୁଟି, ବେକ ପଟି, ପାଦୁକା ଆଦିରେ ଆଭୂଷଣ ସହ ପ୍ରତ୍ୟେକଦିନ ମା'ଙ୍କ ପାଖରେ କ୍ଷୀରି, ଖେଚୁଡ଼ି, ଚୁଡା ଘସା ଇତ୍ୟାଦି ଭୋଗ ଅର୍ପଣ କରାଯିବ। ସେହିପରି ରାଜଧାନୀର ବିଭିନ୍ନ ସ୍ଥାନରେ ମା' ଧନଦାତ୍ରୀଙ୍କ ପୂଜା ଆରମ୍ଭ ହୋଇଛି। କେତେକ ସ୍ଥାନରେ ମା'ଙ୍କ ମୂର୍ତ୍ତିରେ ରୂପା ମୁକୁଟ ସାଙ୍ଗକୁ ରୂପା ଅଳଙ୍କାର ଅନାବରଣ ବେଶ୍ ଆକର୍ଷଣୀୟ ହୋଇଛି। ମା'ଙ୍କ ନିକଟରେ ଦହିପଖାଳ, ଶାଗଭଜା, ଖେଚୁଡି, ପଣା, ଖିରୀ, ପୁରି ଆଦି ଭୋଗ ଲାଗି କରାଯିବ। ଏଥିପାଇଁ ବିଭିନ୍ନ ପୂଜା ପରିସରରେ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହେଉଛି। ଗଜଲକ୍ଷ୍ମୀ ପୂଜା ଉପଲକ୍ଷେ ମା'ଙ୍କ ପ୍ରିୟ ପଦ୍ମ ଓ କଇଁ ଫୁଲର ଏକ ଅସ୍ଥାୟୀ ପସରା ମଧ୍ୟ ଖୋଲିଥିବା ଦେଖିବାକୁ ମିଳିଛି। ପଦ୍ମ ଫୁଲ ଗୋଟାଏ ୩୦ଟଙ୍କା ଥିବା ବେଳେ କଇଁ ଫୁଲ ଗୋଟା ୩୦ରୁ ୩୫ଟଙ୍କା ରହିଛି। ପିପିଲି, ସାକ୍ଷୀଗୋପାଳ, ଗୁଡିଆ ପୋଖରୀ ଅଞ୍ଚଳରୁ ବ୍ୟବସାୟୀମାନେ ପ୍ରତିବର୍ଷ ଏହି ସମୟରେ ବିକ୍ରି କରୁଥିବା ବ୍ୟବସାୟୀଭାବେ କହିଛନ୍ତି।

## ନୀଳାଦ୍ରି ବିହାରରେ ଗଜଲକ୍ଷ୍ମୀ ପୂଜା

# ପ୍ରତିଦିନ ଶ୍ରଦ୍ଧାଳୁଙ୍କୁ ବଣ୍ଟାଯିବ ଖେଚୁଡ଼ି ଭୋଗ

ଭୁବନେଶ୍ୱର,୬।୧୦(ସମିସ): ଜଗତଜନନୀ ମା' ଦୁର୍ଗା ମେଲାଣି ନେଇଥିବା ବେଳେ ଠାରୁ ଧରାଧାମକୁ ଆଗମନ କରିଛନ୍ତି ଧନଦାତ୍ରୀ ମା' ଗଜଲକ୍ଷ୍ମୀ। ଏହି ଅବସରରେ ନୀଳାଦ୍ରି ବିହାର ସେକ୍ଟର-୧ ଛକ ଲକ୍ଷ୍ମୀ ବଜାର ସଂଘ ପକ୍ଷରୁ ଚଳିତବର୍ଷ ଲକ୍ଷ୍ମୀ ପୂଜା ଆରମ୍ଭ ହୋଇଛି। ଚଳିତ ବର୍ଷ ନବ ନିର୍ମିତ ସ୍ଥାୟୀ ମଣ୍ଡପରେ ଅନ୍ନଦାତ୍ରୀ ମା' ଗଜଲକ୍ଷ୍ମୀଙ୍କ ପୂଜା ଆରମ୍ଭ ହୋଇଛି। ସୋମବାର ରାତ୍ର ୬ ଘଟିକା ସମୟରେ କଳସ ଯାତ୍ରା, ୯ ଟାରେ ପୂଜାରମ୍ଭ ହୋଇ ଚକ୍ଷୁଦାନ, ଅଗ୍ନିସ୍ଥାପନ, ଉପଚାର ପୂଜା, ସହସ୍ର ନାମ, ଆଳତୀ ଓ ପୁଷ୍ପାଞ୍ଜଳୀ ଇତ୍ୟାଦି ଅନୁଷ୍ଠିତ ହେଇଥିଲା। ୫ ଦିନ ଧରି ଚାଲିବାକୁ ଥିବା ପୂଜାରେ ପ୍ରତିଦିନ ମା'ଙ୍କ ପାଖରେ ଖେଚୁଡି ଭୋଗ ଲାଗି କରାଯାଇ ଶ୍ରଦ୍ଧାଳୁ ମାନଙ୍କୁ ବଣ୍ଟନ କରାଯିବ। ସେହିପରି ଏଥର ତିନିଦିନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବ। ମଙ୍ଗଳବାର ଭଜନ ସମାରୋହ, ବୁଧବାର କମେଡି କାର୍ଯ୍ୟକ୍ରମ, ଗୁରୁବାର ଡ୍ୟାନ୍ସ ଧମାକା ଓ ଶୁକ୍ରବାର ଭସାଣି ଉତ୍ସବ ଅନୁଷ୍ଠିତ ହେବ। ସୁରକ୍ଷା ବ୍ୟବସ୍ଥା ପାଇଁ ଅଗ୍ନି ନିର୍ବାପକ ଓ ସିସିଟିଭି ବ୍ୟବସ୍ଥା ସାଙ୍ଗକୁ ପ୍ରଶାସନର ସହଯୋଗରେ ଶାନ୍ତି ଶୃଙ୍ଖଳାରେ ପୂଜା ସମାପନ୍ନ ହେବ ବୋଲି ସଂଘର ସଭାପତି ତାରକ ମହାନ୍ତି, ସମ୍ପାଦକ ସତ୍ୟଜିତ ପ୍ରଧାନ, ମୁଖ୍ୟ ସଂଯୋଜକ ସୁଶାନ୍ତ ନାୟକ କହିଛନ୍ତି।

## ବାଲିଅନ୍ତା ବଜାରରେ ଝଲସୁଛନ୍ତି ଗଜଲକ୍ଷ୍ମୀ

ହଂସପାଳ,୬।୧୦(ସମିସ): ଏ ବର୍ଷ ବାଲିଅନ୍ତା ବଜାରରେ ଲକ୍ଷ୍ମୀପୂଜା ଧୁମଧାମରେ ପାଳନ କରାଯାଉଛି। ବାଲିଅନ୍ତା ବଜାର ଲକ୍ଷ୍ମୀପୂଜା କମିଟି ତରଫରୁ କୁଆଖାଇ ନଦୀରୁ କଳସ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ମା'ଙ୍କ ପୂଜା ମଣ୍ଡପ ଏବଂ ତୋରୋଣ ଆକର୍ଷଣୀୟ ଭାବେ ସଜା ଯାଇଛି। କମିଟି ସଭାପତି ଅଲେଖ ଚନ୍ଦ୍ର ଦଳାଇଙ୍କ ସୂଚନା ଅନୁସାରେ ବାଲିଅନ୍ତା ବଜାର ଲକ୍ଷ୍ମୀ ପୂଜା କମିଟି ଆନୁକୂଲ୍ୟରେ ଏହି ଲକ୍ଷ୍ମୀ ପୂଜାକୁ ସାର୍ବଜନୀନ ଭାବେ ପାଳନ କରାଯାଉଛି। ଯଥାବିଧି ମା ଲକ୍ଷ୍ମୀଙ୍କ ପୂଜାର୍ଚ୍ଚନା କରାଯାଉଛି। ୩ଦିନ ଧରି ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଶେଷ ଦିନ ହଜାର ହଜାର ଲୋକଙ୍କ ପାଇଁ ଆନନ୍ଦ ବଜାରରେ ଶ୍ରଦ୍ଧାଳୁ ପ୍ରସାଦ ସେବନ କରିବାର ବ୍ୟବସ୍ଥା ହୋଇଛି। ପ୍ରତିଦିନ ମା'ଙ୍କ ନିକଟରେ ସକାଳେ ବାଲଭୋଗ ଏବଂ ମଧ୍ୟାହ୍ନରେ ଖେଚୁଡି ଭୋଗ ଲାଗି ହେଉଛି। ଭସାଣି ଶୋଭଯାତ୍ରା ବିଭିନ୍ନ ପାରମ୍ପାରିକ ବାଦ୍ୟ ଦ୍ୱାରା ଅନୁଷ୍ଠିତ ହେବ ଏବଂ ବାଲିଅନ୍ତା ଗ୍ରାମ ପରିକ୍ରମା କରିବ। ବାଲିଅନ୍ତା ଥାନା ଅଧିକାରୀ ଅନିଲ କୁମାର ପରିଡ଼ାଙ୍କ ସୂଚନା ଅନୁସାରେ ବିଭିନ୍ନ ଗଜଲକ୍ଷ୍ମୀ ପୂଜା ମଣ୍ଡପ ଏବଂ ଭସାଣି ଶୋଭଯାତ୍ରା ଶାନ୍ତି ଶୃଙ୍ଖଳାର ସହ ସମ୍ପାଦନ ନେଇ ପଦକ୍ଷେପ ଗ୍ରହଣ କରାଯାଇଛି।



## କଇଜଙ୍ଗାରେ ଧନଦାତ୍ରୀଙ୍କୁ ପୂଜା

ବାଲିଅନ୍ତା,୬।୧୦(ସମିସ): ବାଲିଅନ୍ତା ବ୍ଲକ ସରକଣା ପଞ୍ଚାୟତ ଅଧୀନ କଇଜଙ୍ଗା ଗ୍ରାମରେ ୩୭ତମ ମା ଗଜଲକ୍ଷ୍ମୀଙ୍କ ପୂଜାର୍ଚ୍ଚନା ଉତ୍ସବ ଆରମ୍ଭ ହୋଇଛି। ପୂଜାମଣ୍ଡପରେ ମାଆଙ୍କ ମୃଣ୍ମୟୀ ପ୍ରତିମୂର୍ତ୍ତି ସ୍ଥାପନ କରାଯାଇଛି। ସୋମବାର ମଧ୍ୟାହ୍ନରେ ଐଶାନେଶ୍ୱର ମହାଦେବ ମନ୍ଦିର ପରିସର ପୁଷ୍କରିଣୀରୁ କଳସ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। କଳସ ସ୍ଥାପନ ପରେ ଆଳତି ଏବଂ ବାଲ ଭୋଗ ଲାଗି କରାଯାଇଥିଲା। ଅପରାହ୍ଣରେ ଅନ୍ନ ଏବଂ ଖିରି ଖେଚୁଡ଼ି ଭୋଗ ଲାଗି ହୋଇଥିଲା। ସେହିପରି ସନ୍ଧ୍ୟା ଆଳତି ଏବଂବାଲ ଭୋଗ ଲାଗି ହୋଇଥିଲା। ପ୍ରତ୍ୟହ ଏହିଭଳି ମା'ଙ୍କ ନୀତିକାନ୍ତି ସମ୍ପାଦନ ହେବ ବୋଲି ଗଜଲକ୍ଷ୍ମୀ ପୂଜା କମିଟି କାର୍ଯ୍ୟକର୍ତ୍ତା କହିଛନ୍ତି। ଏହା ସହିତ ଭକ୍ତି ସଂଗୀତ, ପାଲା ଆଦି ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହେବ ବୋଲି ପୂଜା କମିଟି କାର୍ଯ୍ୟକର୍ତ୍ତା କହିଛନ୍ତି।



## ଲକ୍ଷ୍ମୀବଜାରରେ ବିରାଜିଲେ ଗଜଲକ୍ଷ୍ମୀ

ନନ୍ଦନକାନନ, ୬।୧୦(ସମିସ): ଉତ୍ତର ଭୁବନେଶ୍ୱର କଳାରାହାଙ୍ଗ ଲକ୍ଷ୍ମୀବଜାର ଠାରେ ଓଁ ମା ଗଜଲକ୍ଷ୍ମୀ ପୂଜା ପରିଷଦ ଆନୁକୂଲ୍ୟରେ ମା ଗଜଲକ୍ଷ୍ମୀଙ୍କ ୧୭ତମ ପୂଜା ଉତ୍ସବ ଅନୁଷ୍ଠିତ ହେଉଅଛି। ଏହି ପୂଜା ଅକ୍ଟୋବର ୬ରୁ ୧୩ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ସୋମବାର ପୂଜା ଉତ୍ସବର ପ୍ରଥମ ଦିବସରେ କଳସଯାତ୍ରାରୁ ଆରମ୍ଭ ହୋଇ ଯଥା ବିଧିରେ ମାଆ ଗଜଲକ୍ଷ୍ମୀଙ୍କ ପୂଜା କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଏହି ଅବସରରେ ସନ୍ଧ୍ୟା ସମୟରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ରଖାଯାଇଛି। ୭ତାରିଖରେ ଗାୟକ ମୁକୁନ୍ଦ ଜେନା ଓ ତାଙ୍କ ସାଥି, ୮ତାରିଖରେ ଗାୟକ କାଳୁ ଚରଣ ବେହେରା ଓ ତାଙ୍କ ସାଥୀ ପାଲା ପରିବେଷଣ କରିବେ। ୯ତାରିଖରେ ସାଇନାଥ ଭଜନ ସନ୍ଧ୍ୟା, ୧୦ତାରିଖରେ ଭକ୍ତି ପୁଷ୍ପାଞ୍ଜଳି ଭଜନ ସନ୍ଧ୍ୟା, ୧୧ତାରିଖରେ ଡ. ମନମୋହନ ଶର୍ମାଙ୍କ ଦ୍ୱାରା ଓଡ଼ିଶୀ ନୃତ୍ୟ, ୧୨ତାରିଖରେ ମହାବୀର ଭଜନ ସନ୍ଧ୍ୟା ଦ୍ୱାରା ଭଜନ ପରିବେଷଣ ସହ ପ୍ରସାଦ ସେବନ କାର୍ଯ୍ୟକ୍ରମ ରହିଥିବା ବେଳେ ୧୩ତାରିଖ ସୋମବାର ଦିବା ୯ଘଟିକା ୩୦ମିନିଟରେ ଭସାଣ ଉତ୍ସବ କାର୍ଯ୍ୟକ୍ରମ ରହିଛି ବୋଲି କମିଟି ତରଫରୁ ପ୍ରକାଶ କରାଯାଇଛି। ଏଥି ସହିତ ଏଠାରେ ଶ୍ରଦ୍ଧାଳୁଙ୍କ ବହୁ ଆଗମନ ହେଉଥିବା ଦୃଷ୍ଟି ରେ ରଖି ସୁପର ଫାଷ୍ଟ ମିନା ବଜାର, ଜିଅନ୍ତା ମଟର ସୁପ, ବ୍ରହ୍ମପୁର ପ୍ରସିଦ୍ଧ ଆଚାର, ଓଡ଼ିଶା ପ୍ରସିଦ୍ଧ ମଥୁରା କେକ୍, ରାଜକନ୍ୟା ହରେକ ମାଲ, ରାଜନନ୍ଦିନୀ ଚୁଡି ମହଲ, ଭେଜ ଫାଷ୍ଟ ଫୁଡ଼, ଭେରାଇଟି ଷ୍ଟୋର, ମିଠା ମକା, ଗୋଲା ଚୁସକି, ଆଲୁ ଷ୍ଟିକ, ସ୍ପ୍ରିଙ୍ଗ ପଟାଟୋ ଆଦି ଦୋକାନ ବଜାର ଖୋଲିଛନ୍ତି।

## ରଘୁନାଥପୁରରେ ଗଜଲକ୍ଷ୍ମୀ ପୂଜା



ନନ୍ଦନକାନନ, ୬।୧୦(ସମିସ): ରଘୁନାଥପୁର ମା ଗଜଲକ୍ଷ୍ମୀ ପୂଜା କମିଟି ପକ୍ଷରୁ ଚଳିତ ବର୍ଷ ୩୪ତମ ଗଜଲକ୍ଷ୍ମୀ ପୂଜା ମହୋତ୍ସବ ମାଉସୀମା ମନ୍ଦିର ପ୍ରାଙ୍ଗଣରେ ଆରମ୍ଭ ହୋଇଛି। ଏହା ୬ଦିନ ଧରି ପୂଜାର୍ଚ୍ଚନା ହେବା ସହ ଆସନ୍ତା ରବିବାର ମାଙ୍କ ଭସାଣ ଉତ୍ସବ ଅନୁଷ୍ଠିତ ହେବ। ପେଣ୍ଡାଲରେ ପ୍ରତିଦିନ ମା ଗଜଲକ୍ଷ୍ମୀଙ୍କ ଖିରି ଭୋଗ ସାଙ୍ଗକୁ ରାମ ଖେଚୁଡ଼ି ପ୍ରସାଦ ଭକ୍ତଙ୍କୁ ବଣ୍ଟନ କରାଯାଏ। ଏଠାରେ ମା ଅନ୍ନପୂର୍ଣ୍ଣା ସୁନା ଓ ଚାନ୍ଦି ଅଳଙ୍କାରରେ ସୁସଜ୍ଜିତ ହୋଇ ପୂଜା ପାଇଥାନ୍ତି ବୋଲି କମିଟି ତରଫରୁ ପ୍ରକାଶ କରାଯାଇଛି।

## ରମାଦେବୀରେ 'ନୂଆଁଖାଇ ଭେଟ୍‌ଘାଟ୍-୨୦୨୫'



ଭୁବନେଶ୍ୱର,୬।୧୦(ସମିସ): ରମାଦେବୀ ମହିଳା ମହାବିଦ୍ୟାଳୟ ପ୍ରେକ୍ଷାଳୟରେ ବରିଷ୍ଠ ନାଗରିକ ମାନଙ୍କୁ ନେଇ "ନୂଆଁଖାଇ ଭେଟ୍ ଘାଟ୍-୨୦୨୫' ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଅତିଥିଭାବେ ରାଜସ୍ୱ ବିଭାଗ ମନ୍ତ୍ରୀ ସୁରେଶ ପୂଜାରୀ, ଲୋକସେବା ମଣ୍ଡଳ ଉପସଭାପତି ଦୀପକ ମାଲବ୍ୟ, ପୂର୍ବତନ ସାଂସଦ ଡ. ପ୍ରଭାସ ସିଂହ, ଚଳଚ୍ଚିତ୍ର ନିର୍ମାତା ଜିତେନ୍ଦ୍ର ମିଶ୍ର, ରମାଦେବୀ ମହିଳା ମହାବିଦ୍ୟାଳୟ କୁଳପତି ପ୍ରଫେସର ଚଣ୍ଡି ଚରଣ ରଥ, କୁଳସଚିବ ମନସ୍ୱିନୀ ସାହୁ, ଟ୍ରଷ୍ଟର ଚେୟାରମ୍ୟାନ ସଞ୍ଜୀବ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଆନ୍ତର୍ଜାତୀୟ ନୃତ୍ୟଶିଳ୍ପୀ ଶାଶ୍ୱତ ଯୋଶୀ, କଣ୍ଠଶିଳ୍ପୀ ଶଶାଙ୍କ ଶେଖର, ଲୋକ ଗାୟିକା ଇଶ୍ୱରୀ ବେହେରା, କଣ୍ଠଶିଳ୍ପୀ ଶାଶ୍ୱତ ତ୍ରୀପାଠୀ ପ୍ରମୁଖ ନୃତ୍ୟ ଓ ସଙ୍ଗୀତ ପରିବେଷଣ କରିଥିଲେ। ଏହାସହ ରୁମୁକୁଝୁମାନା ସୁବର୍ଣ୍ଣପୁରର ଲୋକକଳାକାର ଦଳ ମଞ୍ଚରେ ମହୁଲ ଝାରେ, ରଙ୍ଗବତୀ, ରସରକେଲି, ମାଏଲାଜଡ ଆଦି ସମ୍ବଲପୁରୀ ନୃତ୍ୟ ଓ ଗୀତ ପରିବେଷଣ କରାଯାଇଥିଲା। କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ ଲୋକେଶ କୁମାର ଜଗତ।

## ପାତ୍ରପଡ଼ାରେ କୁମାର ଉତ୍ସବ




ଭୁବନେଶ୍ୱର,୬।୧୦(ସମିସ): ରାଜଧାନୀ ଉପକଣ୍ଠ ପାତ୍ରପଡ଼ାସ୍ଥିତ ଗାନ୍ଧୀ ଚଉତରାଠାରେ "ଚାନ୍ଦ ମାମା ସ୍ୱେଚ୍ଛାସେବୀ ସଙ୍ଗଠନ' ଅନୁକୂଲ୍ୟରେ ନବମ ବାର୍ଷିକ କୁମାର ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ସୋମବାରଠାରୁ ଦୁଇଦିନ ଧରି ଅନୁଷ୍ଠିତ ହେବାକୁ ଥିବା ଏହି କାର୍ଯ୍ୟକ୍ରମର ପ୍ରଥମ ସନ୍ଧ୍ୟାରେ ଭୁବନେଶ୍ୱର ମହାନଗର ନିଗମର ମେୟର ସୁଲୋଚନା ଦାସ ମୁଖ୍ୟଅତିଥି ଭାବେ ଯୋଗଦେଇ ଥିବାବେଳେ ସ୍ଥାନୀୟ କର୍ପୋରେଟର ରଶ୍ମି ରଂଜନ ପାଟଶାଣୀ ଓ ଭୁବନେଶ୍ୱର ବ୍ଲକ୍‌ର ପୂର୍ବତନ ଅଧ୍ୟକ୍ଷ ଦୁଃଶାସନ ସ୍ୱାଇଁ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଏହି କାର୍ଯ୍ୟକ୍ରମକୁ ଆନୁଷ୍ଠାନିକ ଭାବେ ଉଦଘାଟିତ କରିଥିଲେ। ସନ୍ଧ୍ୟାରେ କୁମାରୀମାନଙ୍କ ଦ୍ୱାରା ପାରମ୍ପରିକ ରୀତି ଅନୁସାରେ ଚାନ୍ଦ ପୂଜା କରାଯାଇଥିଲା। ଏହି ବର୍ଷ ପ୍ରଥମଥର ପାଇଁ ଅନୁଷ୍ଠାନ ତରଫରୁ ମେୟରଙ୍କ ଦ୍ୱାରା କନ୍ୟା ପୂଜନ୍ କରାଯାଇ ଖେଚୁଡ଼ି ଭୋଗ ବଣ୍ଟନ କରାଯାଇଥିଲା। ଶେଷରେ ବିଦ୍ୟାଳୟର ପିଲାମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଆସନ୍ତାକାଲି ଉଦଯାପନୀ ଉତ୍ସବରେ ଅନୁଷ୍ଠାନ ତରଫରୁ ପ୍ରତିବର୍ଷ ଭଳି 'କନ୍ୟା ରତ୍ନ' ଓ 'ନାରୀ ଶକ୍ତି' ସମ୍ମାନ ପ୍ରଦାନ କରାଯିବ ବୋଲି ଅନୁଷ୍ଠାନର ସମ୍ପାଦିକା ପ୍ରଜ୍ଞା ପ୍ରିୟଦର୍ଶିନୀ ସାହୁ ସୂଚନା ଦେଇଛନ୍ତି।

## ପଲ୍ଲୀରେ ପ୍ରଶାସନ କାର୍ଯ୍ୟକ୍ରମ



ହଂସପାଳ,୬।୧୦(ସମିସ): ପଲ୍ଲୀରେ ପ୍ରଶାସନ କାର୍ଯ୍ୟକ୍ରମ ଅବସରରେ ବାଲିଅନ୍ତା ପଞ୍ଚାୟତ ନିକୁଞ୍ଜ ବିହାରୀ କଲ୍ୟାଣ ମଣ୍ଡପ ପରିସରରେ ପଞ୍ଚାୟତସ୍ତରୀୟ ଯୁଗ୍ମ ଜନ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ସରପଞ୍ଚ କୃଷ୍ଣ କେଶବ ଆପଟଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଜୟଦେବ ବିଧାୟକ ନବ କିଶୋର ମଲ୍ଲିକ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ମଣ୍ଡଳ ଉନ୍ନୟନ ଅଧିକାରୀ ରଶ୍ମିତା ନାଥ, ବାଲିଅନ୍ତା ତହସିଲଦାର ଲେଲିନ ପ୍ରସାଦ ସାହୁ, ୧୬ ନମ୍ବର୍ ଜିଲ୍ଲାପରିଷଦ ସଭ୍ୟ ମହେଶ୍ୱର ଦାସ, ସମିତି ସଭ୍ୟା କୁନି ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ଆଜିର ଶିବିରରେ ମୋଟ ୪୯ଟି ଲିଖିତ ଅଭିଯୋଗ ଗ୍ରହଣ କରାଯାଇଅଛି। ସେଥିମଧ୍ୟରେ ବାସ ଗୃହ ସମ୍ବନ୍ଧୀୟ ୮ ଗୋଟି, ଭତ୍ତା ସମ୍ବନ୍ଧୀୟ ୮ଟି, ଯୋଗାଣ ବିଭାଗ ସମ୍ବର୍ଦ୍ଧିୟ ୩ ଟି ଓ ଅନ୍ୟାନ୍ୟ ବିଭାଗ ସମ୍ବନ୍ଧୀୟ ୨୪ଟି ଅଭିଯୋଗ ହସ୍ତଗତ ହୋଇଅଛି। ଏହି କାର୍ଯ୍ୟକ୍ରମରେ ସମସ୍ତ ବିଭାଗର ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ରହିଥିଲେ। ଏହି କାର୍ଯ୍ୟକ୍ରମକୁ ସହକାରୀ ଯନ୍ତ୍ରୀ ଅଶୋକ ମିଶ୍ର ଏବଂ ପଞ୍ଚାୟତ ଅଧିକାରୀ ବିଜୟ ଜେନା ସମେତ କାର୍ଯ୍ୟ ପରିଚାଳନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପଞ୍ଚାୟତ ବିଜେଡି ସଭାପତି ରବୀନ୍ଦ୍ର ରାଉତରାୟ, ନିରଞ୍ଜନ ବେହେରା, ରାକେଶ ସାହୁ, ରଞ୍ଜନ ଚୌଧୁରୀ ଉପସ୍ଥିତ ରହିଥିଲେ।

## କିମ୍ସ ରକ୍ତ ଭଣ୍ଡାର ପକ୍ଷରୁ ଜାତୀୟ ରକ୍ତଦାନ ଦିବସ

ଭୁବନେଶ୍ୱର,୬।୧୦(ସମିସ): ଆଜି କିମ୍ସ ରକ୍ତ ଭଣ୍ଡାର ପକ୍ଷରୁ ଜାତୀୟ ରକ୍ତଦାନ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ବର୍ଷ ସାରା ବିଭିନ୍ନ ସମୟରେ କିମ୍ସ ରକ୍ତ କେନ୍ଦ୍ରକୁ ସହାୟତା ପ୍ରଦାନ କରି ଆସୁଥିବା ଅନୁଷ୍ଠାନ ଓ ବ୍ୟକ୍ତି ବିଶେଷଙ୍କୁ ସମ୍ମାନିତ କରିବା ଉଦ୍ଦେଶ୍ୟରେ ସଭାର ଆୟୋଜନ କରଯାଇଥିଲା। କାର୍ଯ୍ୟକ୍ରମକୁ ମେଡିକାଲ କଲେଜର ଡ. ଆର୍.ଏନ୍.ସାମନ୍ତ, ଅଧ୍ୟକ୍ଷ ଡ. ଆର୍ ସି ଦାଶ ପ୍ରମୁଖ ଉଦ୍‌ଘାଟନ କରିଥିବା ବେଳେ ମେଡିକାଲ୍ କଲେଜର ଅଧୀକ୍ଷକ ଡ. ମାନସ ବେହେରା, ଡ. ଅଶ୍ୱିନ ଶର୍ମା, ଡ. ଶୁଭ୍ରକାନ୍ତ ଚୌଧୁରୀ, ଇମୁନୋ ହେମାଟୋଲୋଜୀ ବ୍ଲଡ଼ ଟ୍ରାନସ୍ଫୁଜନ୍ ବିଭାଗୀୟ ମୁଖ୍ୟ ଡ. ସୁକାନ୍ତ କୁମାର ତ୍ରିପାଠୀ ପ୍ରମୁଖ ଯୋଗଦେଇ ରକ୍ତ ଦାନ ଶିବିର ଆୟୋଜନ କରୁଥିବା ସଂସ୍ଥା ବର ବ୍ୟକ୍ତିବିଶେଷଙ୍କୁ ପ୍ରଶଂସା କରିଥିଲେ। ଏହି ଉପଲକ୍ଷେ ରକ୍ତଦାନ କ୍ଷେତ୍ରରେ ଉଲଲେଖନୀୟ କାର୍ଯ୍ୟ ପାଇଁ ଓଡ଼ିଶା ରକ୍ତଦାତା ମହାସଂଘର ସଭାପତି ଡ. ନରେଶ ଚନ୍ଦ୍ର ସାହୁଙ୍କୁ ସମ୍ମାନିତ କରାଯାଇଥିଲା। ଏହାସହ କିଟ୍‌ର ଏନ୍‌ଏସଏସ ସଂଯୋଜକ ଡ. ପ୍ରଭାତ ମହାନ୍ତି, ଦିବ୍ୟ ରଞ୍ଜନ ସାହୁ, ସମ୍ବିତ ମହାପାତ୍ର, ମୀନକେତନ ସାହୁ, ଆଶୁତୋଷ ବାରିକ ଓ ଅଶୋକ ଜେନା ପ୍ରମୁଖ ଶ୍ୱେତରକ୍ତ କଣିକା ଡୋନର୍ ମାନଙ୍କୁ ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମକୁ ଆଇଏଚ୍‌ବିଟି ବିଭାଗର ଆସିଷ୍ଟାଣ୍ଟ ପ୍ରଫେସର୍ ଡ. ସୁମନ ରାଉତରାୟ ପରିଚାଳନା କରିଥିଲେ। ଏହି ଅବସରରେ ସକାଳେ ସଚେତନତା ପଦଯାତ୍ରା ଅନୁଷ୍ଠିତ ହୋଇଥିଲା।

## ପୁରୁଣା ଭୁବନେଶ୍ୱରରେ ରକ୍ତଦାନ ଶିବିର

ଭୁବନେଶ୍ୱର,୬।୧୦(ସମିସ): ଏକାମ୍ରର ନେତା ଅମୀୟ ଦାଶଙ୍କ ୫୫ତମ ଜନ୍ମଦିନ ଅବସରରେ ପୁରୁଣା ଭୁବନେଶ୍ୱର ଟାଉନ କ୍ଲବ୍ ପରିସରରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏକାମ୍ର ରାଜା ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ଆୟୋଜିତ ଏହି ରକ୍ତଦାନ ଶିବିରକୁ କର୍ପୋରେଟର ଶିବପ୍ରସାଦ ବେହେରା, ଚନ୍ଦ୍ରଶେଖର ମଲିଆ, ଶିବ ପ୍ରସାଦ ରାୟ, ଦାଶରଥି ଗରାବଡୁ, ଭୀଷ୍ମ ନାୟକ ପ୍ରମୁଖ ଉଦ୍‌ଘାଟନ କରିଥିବା ବେଳେ ୫୫ଜଣ ରକ୍ତ ଦାନ କରିଥିଲେ। ଶିବିରକୁ ଅନିକେତ ବଟୁ, ଶେଷ ଶେଖର ଗରାବଡୁ, ବିଶାଳ ମାକଦମ, ଶକ୍ତି ବଟୁ, ଦେବାଶିଷ ମହାପାତ୍ର, ସୌମ୍ୟ ରଞ୍ଜନ ତ୍ରିପାଠୀ ପ୍ରମୁଖ ପରିଚାଳନା କରିଥିଲେ।

# ବିଶ୍ୱଶାନ୍ତି ପାଇଁ ସାଇକଲ୍ ଶୋଭାଯାତ୍ରା

ଭୁବନେଶ୍ୱର,୬।୧୦(ସମିସ)



ୟୁନିଟ୍-୪ସ୍ଥିତ ଅହମଦୀୟା ମୁସଲିମ ସମ୍ପ୍ରଦାୟ ଭୁବନେଶ୍ୱରର ଆନ୍ତଃ ସଂଗଠନ ମଜଲିସ ଅନସାରୁଲ୍ଲାଃ ବିଭାଗ ତରଫରୁ ୟୁନିଟ୍- ୪ ମସଜିଦ ହମଦ ଠାରୁ ମାଷ୍ଟର କ୍ୟାଣ୍ଟିନ୍ ଛକ ଯାଏ ଏକ ସାଇକଲ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଅହମଦୀୟା ମୁସଲିମ ସଂପ୍ରଦାୟ ଭୁବନେଶ୍ୱର ମୁଖ୍ୟ ପ୍ରଚାରକ ହଲିମ୍ ଖାନ କହିଛନ୍ତି ଯେ, ବିଶ୍ୱବ୍ୟାପ୍ତ ଅହମଦୀୟା ମୁସଲିମ ସଂପ୍ରଦାୟର ପ୍ରମୁଖ ହଜରତ ମିର୍ଜା ମସରୁର ଅହମଦ ବିଗତ କିଛି ବର୍ଷ ହେଲା ବିଶ୍ୱରେ ଉପୁଜୁଥିବା ସଙ୍କଟରୁ ମାନବ ଜାତିକୁ ରକ୍ଷା କରିବା ପାଇଁ ବିଶ୍ୱ ଶାନ୍ତି ପାଇଁ ଅପିଲ କରି ଆସୁଛନ୍ତି। ତାଙ୍କର ଏହି ସ୍ୱରକୁ ସମଗ୍ର ବିଶ୍ୱରେ ପ୍ରଚାର ଓ ପ୍ରସାର କରିବା ପାଇଁ ବିଭିନ୍ନ କାର୍ଯ୍ୟକ୍ରମ କରାଯାଉଛି। ନିଜ ସୃଷ୍ଟିକର୍ତ୍ତାଙ୍କୁ ଚିହ୍ନିବା,ପୂର୍ଣ୍ଣ ନ୍ୟାୟ ପ୍ରତିଷ୍ଠା କରିବା, ବିଶ୍ୱବ୍ୟାପୀ ଏକତାକୁ ପ୍ରଶୟ ଦବା, ପରମାଣୁ ଅସ୍ତ୍ରକୁ ବର୍ଜନ କରିବା, ଅସ୍ତ୍ରଶସ୍ତ୍ରର ବ୍ୟବସାୟରୁ ଲାଭ ଉପାର୍ଜନ ବନ୍ଦ କରିବା, ଅର୍ଥନୈତିକ ସମାନତା ସୃଷ୍ଟି କରିବା ଏବଂ ଦାରିଦ୍ର୍ୟ ଦୂର କରିବା,ଦେଶର ବିକାଶ ଓ ଉନ୍ନତି ସକାଶେ ଉଦ୍ୟମ କରିବା, ଚରମପନ୍ଥୀ ଦଳର ପ୍ରତିବାଦ କରିବା,ମାନବ ଜାତିର ସେବା କରିବା, ପରସ୍ପାରିକ ଆସ୍ଥା ପ୍ରତି ସମ୍ମାନ ପ୍ରଦର୍ଶନ କରିବା ଆଦି ବିଷୟରେ ସଚେତନ ସାଇକଲ ଶୋଭାଯାତ୍ରା କରାଯାଇଥିଲା। ଏହି ସାଇକଲ ଶୋଭାଯାତ୍ରାରେ ଭୁବନେଶ୍ୱର ଅମିର ସଭାପତି କର୍ଣ୍ଣନ ଜହିରୁଦ୍ଦିନ ଖାନ୍, ଉପସଭାପତି ମହମ୍ମଦ ନୁରୁଦ୍ଦିନ ଅମିନ, ଜଇମ ଅନସାର ହୁମାୟୁଁ ଅକିଲ, ମୌଲାନା ହଲିମ ଅହମଦ, ପ୍ରେସ ସଚିବ ମୁବାରକ ଅଲମଦ ପ୍ରମୁଖ ଯୋଗ ଦେଇଥିଲେ।

# ଆରମ୍ଭ ହେଲା ଢେଙ୍କାନାଳ ପ୍ରସିଦ୍ଧ ଗଜଲକ୍ଷ୍ମୀ ପୂଜା





ଢେଙ୍କାନାଳ,୬ ।୧୦(ସମିସ):

ଢେଙ୍କାନାଳର ପ୍ରସିଦ୍ଧ ଗଜଲକ୍ଷ୍ମୀ ସୋମବାରଠାରୁ ଆରମ୍ଭ ହୋଇଛି। ପୂଜାକୁ ଶାନ୍ତିଶୃଙ୍ଖଳାର ସହିତ ସମ୍ପନ୍ନ କରିବା ପାଇଁ ଏସପି ଅଭିନବ ସୋନକର ସମସ୍ତଙ୍କ ସହଯୋଗ କାମନା କରିଛନ୍ତି। ଆଇନଶୃଙ୍ଖଳା ରକ୍ଷା ନିମନ୍ତେ ସହରରେ ୧୮ ପ୍ଲାଟୁନ ପୁଲିସ ଫୋର୍ସ ମୁତୟନ କରାଯାଇଥିବା ବେଳେ ଅସ୍ଥାୟୀ ଫାଣ୍ଡି ନିର୍ମାଣ କରାଯାଇଛି। ସହରକୁ ୫ଟି ସେକ୍ଟରରେ ବିଭକ୍ତ କରାଯାଇଛି। ପୂଜା ଅବସରରେ ଅସାମାଜିକ କାର୍ଯ୍ୟକଳାପ ନିୟନ୍ତ୍ରଣ ପାଇଁ ସ୍ୱତନ୍ତ୍ର ପୁଲିସ ସ୍କ୍ୱାଡ୍, ବୋମା ନିଷ୍କ୍ରୀୟକାରୀ ଦଳ ଏବଂ ସନ୍ଧାନୀ କୁକୁର ନିୟୋଜିତ କରାଯାଇଛି ମଦ୍ୟପ ଧରପଗଡ଼ ଓ ପକେଟମାର ରୋକିବା ପାଇଁ ସ୍ୱତନ୍ତ୍ର ପୁଲିସଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଛି। ଜିଲ୍ଲାର ବିଭିନ୍ନ ଥାନାର ପୁଲିସ ଅଧିକାରୀଙ୍କ ସହ ସହରରେ ବ୍ୟାପକ ଫୋର୍ସ ମୁତୟନ କରାଯାଇଛି। ୩ ଜଣ ଅତିରିକ୍ତ ଏସପି, ୧୦ଜଣ ଡିଏସପି, ୨୨ ଜଣ ଇନ୍ସପେକ୍ଟର ଓ ଏଏସଆଇ, ୩୫ ହାବିଲଦାର, ୧୬୮ କନଷ୍ଟେବଳ, ୩୦ଜଣ ଟ୍ରାଫିକ କନଷ୍ଟେବଳ, ୬ ପ୍ଲାଟୁନ ଏପିଆର, ୩୨୭ ଗୃହରକ୍ଷୀ ନିୟୋଜିତ ହୋଇଛନ୍ତି। ଅପରାହ୍ଣ ୪ଟାରୁ ରାତି ୧୨ଟା ପର୍ଯ୍ୟନ୍ତ ସହରର ମୁଖ୍ୟ ରାସ୍ତାରେ ୪ଚକିଆ ଓ ୨ଚକିଆ ଯାନ ଚଳାଚଳ ଉପରେ କଟକଣା ଜାରି କରାଯାଇଛି।


- ୧୮ ପ୍ଲାଟୁନ ପୁଲିସ ମୁତୟନ
- ଅପରାହ୍ଣ ୪ରୁ ରାତି ୧୨ଟା ସହରରେ ଟ୍ରାଫିକ କଟକଣା

ପୂଜା ମଣ୍ଡପଗୁଡ଼ିକ ନିଜ ସାଧନ ମତେ ମା' ମହାଲକ୍ଷ୍ମୀଙ୍କୁ ସୁବର୍ଣ୍ଣ ଓ ରୌପ୍ୟ ଅଳଙ୍କାରରେ ସଜାଇଥିବା ବେଳେ ପୂଜା ମଣ୍ଡପଗୁଡ଼ିକୁ ମଧ୍ୟ ଆକର୍ଷଣୀୟ କରାଯାଇଛି। ସହରର ପ୍ରବେଶ ପଥରୁ ପ୍ରସ୍ଥାନ ପଥ ପର୍ଯ୍ୟନ୍ତ ଦୀର୍ଘ ୭କିମି ବ୍ୟାପୀ ରାସ୍ତା ପାଶ୍ୱର୍ରେ ଚଳିତ ବର୍ଷ ୩୮ଟି ପୂଜା ମଣ୍ଡପରେ ମା'ଙ୍କ ପୂଜା ଅନୁଷ୍ଠିତ ହେଉଛି।



## ପୂଜା ପାଇଁ ଟ୍ରାଫିକ କଟକଣା, ୫ ରାସ୍ତା ବନ୍ଦ

ଢେଙ୍କାନାଳ,୬ ।୧୦(ସମିସ): ଢେଙ୍କାନାଳର ଗଣପର୍ବ ଗଜଲକ୍ଷ୍ମୀ ପୂଜା ଆରମ୍ଭ ହୋଇଛି। ପୂଜା ପାଇଁ ପୁଲିସ ପ୍ରଶାସନ ତରଫରୁ ଟ୍ରାଫିକ କଟକଣା ଜାରି କରାଯାଇଛି। ବସ ଏବଂ ଭାରୀଯାନଗୁଡ଼ିକ ମଧ୍ୟରୁ ଯେଉଁଗୁଡ଼ିକ ଅନୁଗୋଳ ପାଶ୍ୱର୍ରୁ ଆସିବେ ସେଗୁଡ଼ିକ କଲେଜ ବାଇପାସ ଦେଇ ବସଷ୍ଟାଣ୍ଡକୁ ଯିବେ ଏବଂ ସେହି ରାସ୍ତାରେ ଫେରିବ। କଟକରୁ ଆସୁଥିବା ବସଗୁଡ଼ିକ ମଧ୍ୟ କଲେଜ ବାଇପାସରୁ ବସଷ୍ଟାଣ୍ଡକୁ ପ୍ରବେଶ କରି ପୁନଶ୍ଚ ସେହି ରାସ୍ତାଦେଇ ୫୫ନଂ ଜାତୀୟ ରାଜପଥକୁ ଆସି ଗନ୍ତବ୍ୟ ସ୍ଥଳକୁ ଯିବେ। ବଣସିଂହ, ଯୋରନ୍ଦା, ଗଁଦିଆ ପାଶ୍ୱର୍ରୁ ଆସୁଥିବା ଗାଡ଼ିଗୁଡ଼ିକ ବାଜିଚୌକ ଓଭରବ୍ରିଜ ଦେଇ ଷ୍ଟେସନ ରାସ୍ତାରେ କୋରିଆ ବାଇପାସ ଦେଇ ୫୫ନଂ ଜାତୀୟ ରାଜପଥ ଦେଇ ସେଠାରୁ କଲେଜ ବାଇପାସ ଦେଇ ବସଷ୍ଟାଣ୍ଡକୁ ପ୍ରବେଶ ଏବଂ ପ୍ରସ୍ଥାନ କରିବେ। ଭାପୁର ଶଙ୍କରପୁର ପାଶ୍ୱର୍ରୁ ଆସିଲେ କଲେଜ ବାଇପାସ ଦେଇ ବସଷ୍ଟାଣ୍ଡ ଦେଇ ସୂର୍ଯ୍ୟ ହୋଟେଲ, ଜବାହରଚୌକ, ବସଷ୍ଟାଣ୍ଡ, ସର୍କସ ପଡ଼ିଆରେ ପାର୍କିଂ କରିବେ। କଟକ ପାଶ୍ୱର୍ରୁ ଆସିଲେ କଲେଜ ବାଇପାସ, ବସଷ୍ଟାଣ୍ଡ, ବଳରାମ ମନ୍ଦିର, ପଲ୍ଲିଶ୍ରୀମେଳା କିମ୍ବା କଲେଜ ବାଇପାସରେ ଇଡକୋ ଟାୱାର ନିକଟରେ ପାର୍କିଂ କରିବେ। ଭାପୁର ଏବଂ ଅନୁଗୋଳ ପାଶ୍ୱର୍ରୁ ଆସୁଥିଲେ ଇଡକୋ ଟାୱାର ପଛ ପଡ଼ିଆରେ ପାର୍କିଂ କରିବେ। ଯୋରନ୍ଦାରୁ ଆସୁଥିଲେ ଓଭରବ୍ରିଜ ପାର୍କିଂରେ ଗାଡ଼ି ରଖିପାରିବେ ବୋଲି ପୁଲିସ ପକ୍ଷରୁ କୁହାଯାଇଛି। ପୂଜା ସମୟରେ ଷ୍ଟେସନରୋଡ ଛକରୁ ବସଷ୍ଟାଣ୍ଡ,




ମେଡିକାଲ ବାଇପାସରୁ ଦକ୍ଷିଣକାଳୀ ରୋଡ, କଣ୍ଟାନାଳୀ ବାଇପାସରୁ ଦେଉଳସାହି ଦେଇ ବସଷ୍ଟାଣ୍ଡ, ମହିଷାପାଟ ଛକ ଦେଉଳସାହି ଦେଇ ବସଷ୍ଟାଣ୍ଡ, କଲେଜ ବାଇପାସରୁ ବସଷ୍ଟାଣ୍ଡ ରାସ୍ତା ବନ୍ଦ ରହିବ। ଜରୁରୀ ସେବା ପ୍ରଦାନକାରୀ ଗାଡ଼ିଗୁଡ଼ିକ ରାତି ୧୨ରୁ ସକାଳ ୯ ପର୍ଯ୍ୟନ୍ତ ସହର ଭିତରକୁ ପ୍ରବେଶ କରିପାରିବେ। ଜରୁରୀ ଦ୍ରବ୍ୟ ବହନ କରୁଥିବା ବ୍ୟକ୍ତିଗତ ହାଲୁକା ଯାନଗୁଡ଼ିକ ସକାଳ ୯ରୁ ଅପରାହ୍ଣ ୪ଟା ପର୍ଯ୍ୟନ୍ତ ଯାତାୟାତ କରିପାରିବେ ବୋଲି ଜଣାପଡ଼ିଛି।

ଦେଇ ଯାତାୟାତ କରିବେ। ସେହିପରି ବ୍ୟକ୍ତିଗତ ଗାଡ଼ିଗୁଡ଼ିକ ଶାସନ ଛକ ପାଶ୍ୱର୍ରୁ ସୂର୍ଯ୍ୟ ହୋଟେଲ, ଜବାହରଚୌକ, ଗାନ୍ଧୀ ମନ୍ଦିର ଦେଇ ବସଷ୍ଟାଣ୍ଡ ଯିବେ। କଲେଜ ବାଇପାସରୁ ସହର ମଧ୍ୟ ଦେଇ କାମାକ୍ଷାନଗର କିମ୍ବା ଗଁଦିଆ ପାଶ୍ୱର୍କୁ ଯିବାକୁ ଥିବା ଗାଡ଼ିଗୁଡ଼ିକ କଲେଜ ବାଇପାସ, ବସଷ୍ଟାଣ୍ଡ, ପୂର୍ତ୍ତବିଭାଗ ଛକ, ଜବାହରଚୌକ, ସୂର୍ଯ୍ୟ ହୋଟେଲ, ଶାସନ ଛକ, ଷ୍ଟେସନ ରୋଡ ଦେଇ ଯାତାୟାତ କରିବେ। ଦକ୍ଷିଣ କାଳୀ ମନ୍ଦିର ପାଶ୍ୱର୍ରୁ ଆସୁଥିବା ଗାଡ଼ି ଶକୁନ୍ତଳା ହୋଟେଲ, ମହ୍ଲାର ସାହି, ଜଗନ୍ନାଥରୋଡ୍

■ ଜଳବିଭାଜିକା କମିଟିରେ ଚାଷୀଙ୍କ ଟଙ୍କା ହଡ଼ପ ଖବର ପ୍ରକାଶ

## ସାମ୍ବାଦିକଙ୍କୁ ହତ୍ୟା ଧମକ; ଥାନାରେ ଅଭିଯୋଗ



କଙ୍କଡ଼ାହାଡ଼,୬ ।୧୦(ସମିସ): ଢେଙ୍କାନାଳ ଜିଲ୍ଲା କଙ୍କଡ଼ାହାଡ଼ ବ୍ଲକ ଗଡ଼ପଳାଶୁଣୀ ପଞ୍ଚାୟତ ଜରଡ଼ା ଦେହୁରୀହତାକୁ ନେଇ ଗଠିତ ମୃତ୍ତିକା ସରକ୍ଷଣର ଜଳବିଭାଜିକା କମିଟିରେ ହେଉଥିବା ବ୍ୟାପକ ଅନିୟମିତତା ଏବଂ ଚାଷୀଙ୍କ ଟଙ୍କା ହଡ଼ପ ଅଭିଯୋଗ ସମ୍ପର୍କରେ ଖବର ପ୍ରକାଶ କରିବାରୁ ସାମ୍ବାଦିକଙ୍କୁ ହତ୍ୟା ଧମକ ଦିଆଯାଇଛି। ଏହି ଦୁର୍ନୀତି ସମ୍ପର୍କରେ କଙ୍କଡ଼ାହାଡ଼ ବ୍ଲକରେ ଅନୁଷ୍ଠିତ ଜିଲ୍ଲାପାଳଙ୍କ ଜନଶୁଣାଣିରେ ଅଭିଯୋଗ ହୋଇଥିଲା। ଜିଲ୍ଲାପାଳଙ୍କ ନିର୍ଦ୍ଦେଶ କ୍ରମେ ଜଳବିଭାଜିକାର ଅଧିକାରିଣୀ, ସହକାରୀ ମୃତ୍ତିକା ସଂରକ୍ଷଣ ଅଧିକାରିଣୀ ପ୍ରମୁଖ ହିତାଧିକାରୀଙ୍କ ଘରକୁ ଯାଇ ତଦନ୍ତ କରିଥିଲେ। ଅଭିଯୋଗରେ ସତ୍ୟତା ଥିବା ତଦନ୍ତରୁ ଜଣାପଡ଼ିଥିଲା। ଏହାକୁ ଆଧାର କରି ଖବର ପ୍ରକାଶ କରିବାରୁ ସାମ୍ବାଦିକଙ୍କୁ ହତ୍ୟା ଧମକ ଦିଆଯାଇଛି। ରବିବାର ରାତି ପ୍ରାୟ ୧୦ଟାରେ ମୋବାଇଲ ନଂ ୮୮୪୭୮୮୬୧୦୦ରୁ ଫୋନ୍ କରି ଏପରି ଖବର ପ୍ରକାଶ କଲେ ଜୀବନରୁ ମାରିଦେବାକୁ ଧମକ ଦିଆଯାଇଛି। ଏ ନେଇ ସମ୍ପୃକ୍ତ ସାମ୍ବାଦିକ କଙ୍କଡ଼ାହାଡ଼ ଥାନାରେ ଅଭିଯୋଗ କରିଛନ୍ତି।

## ବିଶ୍ୱ ମସ୍ତିଷ୍କ ପକ୍ଷାଘାତ ଦିବସ ପାଳିତ

ଢେଙ୍କାନାଳ,୬ ।୧୦(ସମିସ): ଗଁଦିଆ ବ୍ଲକ ଲାଉଲଇ ଗ୍ରାମସ୍ଥିତ ପ୍ରିୟ ଫିଜିଓଥେରାପି ସେଣ୍ଟରରେ ବିଶ୍ୱ ମସ୍ତିଷ୍କ ପକ୍ଷାଘାତ ଦିବସ ପାଳିତ ହୋଇଛି। ମୁଖ୍ୟଅତିଥି ଭାବେ ପ୍ରିୟର ନିର୍ଦ୍ଦେଶକ ଟଙ୍କଧର ବାରିକ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ଫିଜିଓଥେରାପିଷ୍ଟ ନିବେଦିତା ନାୟକ, ସାହିଲ ଆଫ୍ରିଡ, ସତ୍ୟପ୍ରକାଶ ନାୟକ ଉପସ୍ଥିତ ଥିଲେ। ଡା. ହରିହର ଦାସ ଶିଶୁମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରି ପ୍ରୋଟିନ, ବିସ୍କୁଟ ଓ ଔଷଧ ପ୍ରଦାନ କରିଥିଲେ। ପ୍ରିୟର କର୍ମକର୍ତ୍ତା ଇଲନପ୍ରଭା ସେନାପତି, ଅନ୍ନପୂର୍ଣ୍ଣା ଧଳ, ସୋନାଲି ଧଳ, ସ୍ୱାଗତିକା ରାଉତ, ଲକ୍ଷ୍ମୀପ୍ରିୟା ନାୟକ, ରବୀନ୍ଦ୍ର କୁମାର ସାମଲ, ବୈକୁଣ୍ଠ ନାଥ ପାତ୍ର, ପର୍ଶୁରାମ ଦାସ, ପ୍ରକାଶ ସାମଲ ପ୍ରମୁଖ ସହଯୋଗ କରିଥିଲେ।




## ବେଆଇନ ଛଟେଇ ନେଇ ଜିଲ୍ଲାପାଳଙ୍କୁ ଅଭିଯୋଗ

ଢେଙ୍କାନାଳ,୬ ।୧୦(ସମିସ): ଢେଙ୍କାନାଳ ଜିଲ୍ଲା ବଉଳପୁରଠାରେ ଗଢ଼ି ଉଠିଥିବା ଆର୍‌ଆଇଆର୍ ସିବିଜି କମ୍ପାନୀରୁ ବେଆଇନ୍ ଛଟେଇ ଏବଂ ଦୈନିକ ପାରିଶ୍ରମିକ କାଟ୍‌କୁ ନେଇ ଦିନମଜୁରିଆ ଭାବେ କାମ କରୁଥିବା ସୁଧାଡିହ କାଟେଣୀ ଗ୍ରାମର ଶ୍ରୀକାନ୍ତ ରାଉତ ଓ ଝାରଗାଡ଼ିଆ ଗ୍ରାମର ମଥୁରୀ ନାୟକ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଅନୁଷ୍ଠିତ ଜିଲ୍ଲାପାଳଙ୍କ ଜନଶୁଣାଣିରେ ଅଭିଯୋଗ କରିଛନ୍ତି। ଏହି ଦୁଇ ବ୍ୟକ୍ତି ଉକ୍ତ କମ୍ପାନୀରେ ଶ୍ରମିକ ଭାବେ ନିଯୁକ୍ତ ହୋଇଥିଲେ। ସେଠାରେ କାମ କରି ଦୈନିକ ୩୯୨ ଟଙ୍କା ମଜୁରି ପାଉଥିଲେ। ତେବେ ସେମାନେ ପାଉଥିବା ମଜୁରି ସରକାରଙ୍କ ନିର୍ଦ୍ଧାରିତ ସର୍ବନିମ୍ନ ମଜୁରିଠାରୁ କମ୍। ଅର୍ଥାତ୍ ଦୈନିକ ପାରିଶ୍ରମିକ ବେଆଇନ୍ ଭାବେ କଟାଯାଉଛି। ଏପରିକି କମ୍ପାନୀ ମାସ ମାସ ଧରି ପାଉଣା ବାକି ରଖୁଛି। ବକେୟା ପାଉଣା ମାଗିଲେ କାମରୁ ବାହାର କରିଦେବେ ବୋଲି ଠିକାଦାର ଧମକ ଦେଉଛନ୍ତି। ଗତ ସେପ୍ଟେମ୍ବର ୪ ତାରିଖରୁ ଶ୍ରୀକାନ୍ତ ରାଉତ ଓ ୮ ତାରିଖରୁ ମଥୁରୀ ନାୟକଙ୍କୁ କାର୍ଯ୍ୟରୁ ବାହାର କରିଦିଆଯାଇଛି। ଫଳରେ ସେମାନଙ୍କ ପରିବାର ଆର୍ଥିକ ସଙ୍କଟ ଏବଂ ମାନସିକ ଚାପରେ ଗତି କରୁଛନ୍ତି। ଏହାର ସମାଧାନ ପାଇଁ ଜିଲ୍ଲାପାଳଙ୍କ ନିକଟରେ ଗୁହାରି କରିଛନ୍ତି।



## ଧରାବତରଣ କଲେ ମା' ଧନଦାତ୍ରୀ

ଖଜୁରିଆକଟା,୬ ।୧୦(ସମିସ): ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ଉପଖଣ୍ଡରେ ଆନନ୍ଦ ଉଲ୍ଲାସରେ ମା' ଗଜଲକ୍ଷ୍ମୀଙ୍କ ପୂଜା ଆରମ୍ଭ ହୋଇଛି। ମା' ଧନଦାତ୍ରୀଙ୍କ ଧରାବତରଣରେ ଚଳଚଞ୍ଚଳ ହୋଇପଡ଼ିଛି ପୁରପଲ୍ଲୀ। ସୋମବାର କଳସଯାତ୍ରା ସହ ଅଧିବାସ ହୋଇ ପୂଜା ଆରମ୍ଭ ହୋଇଛି। ୯ ଦିନ ବ୍ୟାପୀ ପୂଜା ହେବ। ହିନ୍ଦୋଳ ଏନଏସି ୧୧ନଂ ୱାର୍ଡ ନୂତନପଟଣା ଗ୍ରାମ ରାଧାକୃଷ୍ଣ ଲକ୍ଷ୍ମୀପୂଜା କମିଟି ପକ୍ଷରୁ ସଭାପତି ପ୍ରଦ୍ୟୁମ୍ନ ବେହେରାଙ୍କ ନେତୃତ୍ୱରେ କଳସଯାତ୍ରା ହୋଇଥିଲା। ପୂଜାକମିଟି ଉପସଭାପତି ଚିକୁ ମହାପାତ୍ର, କୋଷାଧକ୍ଷ ଗଣେଶ୍ୱର ବେହେରା, ସମ୍ପାଦକ ମନୋଜ ପୃଷ୍ଟି, ସହସମ୍ପାଦକ କୁନା ପ୍ରଧାନ, ସଭ୍ୟ ପ୍ରଶାନ୍ତ ବେହେରା, ଚିନ୍ମୟ ମିଶ୍ର, ଭୂପେନ୍ଦ୍ର ସିଂ, ଶ୍ୟାମଘନ ପ୍ରଧାନ, ଦାମୋଦର ପ୍ରଧାନ, ପ୍ରତାପ ମହାପାତ୍ର, ଶ୍ରୀଧର ମହାପାତ୍ର, ପିନୁ, ଚିକୁ, ଲାଲା, ସିପୁ ପ୍ରମୁଖ ସହଯୋଗ କରିଥିଲେ। ହିନ୍ଦୋଳ ଏନଏସିରେ ୧୪ ସମେତ ବିଭିନ୍ନ ସ୍ଥାନରେ ୨୦ ମଣ୍ଡପରେ ପୂଜା ଆରମ୍ଭ ହୋଇଛି। ଆସନ୍ତା ୧୬ ତାରିଖ ମା'ଙ୍କ ଭସାଣି ଉତ୍ସବ ଅନୁଷ୍ଠିତ ହେବ। ପୂଜା ପାଇଁ ହିନ୍ଦୋଳ ପୁଲିସ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା କରାଯାଇଛି।



## ଏନସିସି ପରିବାର ତରଫରୁ ଦୁଇଜଣଙ୍କୁ ସମ୍ବର୍ଦ୍ଧନା

ଗଁଦିଆ,୬ ।୧୦(ସମିସ): ଯୋରନ୍ଦା ସରକାରୀ ଉଚ୍ଚ ବିଦ୍ୟାଳୟର ଦୁଇ ପୁରାତନ ଛାତ୍ର ତଥା ଏନସିସି କ୍ୟାଡେଟ ସୌମ୍ୟରଞ୍ଜନ ସାହୁ ଭାରତୀୟ ନୌସେନା ଓ ଆଶୁତୋଷ ଲେଙ୍କା ଭାରତୀୟ ବାୟୁସେନାରେ ଯୋଗଦାନ କରିଥିବାରୁ ଏନସିସି ପରିବାର ତରଫରୁ ସେମାନଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। କାର୍ଯ୍ୟକ୍ରମରେ ଅନ୍ୟତମ ପୁରାତନ ଏନସିସି କ୍ୟାଡେଟ ସ୍ମୃତିରଞ୍ଜନ ବେହେରା, ସରିତା ଦେହୁରୀ, ରୁଦ୍ରନାରାୟଣ ନାୟକ, ବସୁନ୍ଧରା ରାଜେ ପ୍ରଧାନ ଓ ପ୍ରଜ୍ଞାପରମିତା ରଣା ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ। ସିନିୟର କ୍ୟାଡେଟ ଶକ୍ତିପ୍ରକାଶ ପରିଡ଼ା, ଆୟୁଷ ସ୍ୱାଇଁ, କ୍ଷିତୀଶ ଚନ୍ଦ୍ର ବିଶ୍ୱାଳ, ଆଦ୍ୟାଶା ନାୟକ, ଅର୍ଚ୍ଚିତା ପ୍ରଧାନ, ସୌନ୍ଦର୍ଯ୍ୟା ପରିଡ଼ା, ପ୍ରଜ୍ଞା ପାରମିତା ବରାଳ, ଜ୍ୟୋତିର୍ମୟୀ ନାଥ, ସୋନାଲି ପଧାନ, ସୁଜାତା ଦେହୁରୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବିଦ୍ୟାଳୟର ଏନସିସି ଶିକ୍ଷକ ଉତ୍ତମ କୁମାର ସାମନ୍ତଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ହୋଇଥିଲା। ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ତନୁଶ୍ରୀ ମିଶ୍ର ଓ ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ହରିହର ସାହୁ ଉପସ୍ଥିତ ଥିଲେ।



## ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ସହିଦ ବାଜି ରାଉତଙ୍କ ଜନ୍ମ ଶତବାର୍ଷିକୀ ପାଳିତ


ବିଜୁ ଜନତା ଦଳ


ଆମ୍ ଆଦ୍‌ମୀ ପାର୍ଟି


ଆମ ପ୍ରତିଭା ଆମ ସମ୍ମାନ

### ବିଜୁ ଜନତା ଦଳ

ଢେଙ୍କାନାଳ,୬ ।୧୦(ସମିସ):

ଦେଶର ସର୍ବ କନିଷ୍ଠ ସହିଦ ଢେଙ୍କାନାଳ ମାଟିର ବୀର ସନ୍ତାନ ବାଜି ରାଉତଙ୍କ ଜନ୍ମ ଶତବାର୍ଷିକୀ ଅବସରରେ ବିଜୁ ଜନତା ଦଳ ପକ୍ଷରୁ ଢେଙ୍କାନାଳ ସହର ବାଜିଚୌକସ୍ଥିତ ସହିଦ ମିନାରରେ ବାଜି ରାଉତଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଛି। ଏଥିରେ ପୂର୍ବତନ ଢେଙ୍କାନାଳ ସାଂସଦ ମହେଶ ସାହୁ, ଜିଲ୍ଲା ପରିଷଦ ଅଧ୍ୟକ୍ଷା ଅର୍ଚ୍ଚନା ପୁହାଣ, ଉପନଗରପାଳ ପ୍ରକାଶ ଚନ୍ଦ୍ର କୁଅଁର, ଢେଙ୍କାନାଳ ଜିଲ୍ଲା ବିଜେଡି କାର୍ଯ୍ୟକାରୀ ସଭାପତି କାଉନସିଲର ସନ୍ଦିପ ଷଡ଼ଙ୍ଗୀ, କାଉନସିଲର ଶୁଭଲକ୍ଷ୍ମୀ ସାହୁ, ସାଗିର ମହମ୍ମଦ, ବଂଶୀଧର ଦଳେଇ, ଦେବାଶିଷ ମିଶ୍ର, ଅଜୟ କୁମାର ଭଞ୍ଜ, ରୁଦ୍ରାନ୍ତ ଦଳେଇ, ଗଙ୍ଗାଧର ରାଉତ, ରାଜୁ ପାଣ୍ଡେ, କୁଳଦୀପ ମହାପାତ୍ର, ଆଇନଜୀବୀ ନବକିଶୋର ସାହୁ, ପ୍ରତାପ କୁମାର ଦାସ ପ୍ରମୁଖ ଯୋଗଦେଇ ବାଜି ରାଉତ ଅମର ରହେ ନାରା ଦେବା ସହ ସହିଦଙ୍କ ଅମର ଗାଥା ବଖାଣିଥିଲେ।

### ଆମ୍ ଆଦ୍‌ମୀ ପାର୍ଟି

ଢେଙ୍କାନାଳ: ସ୍ଥାନୀୟ ଆମ୍ ଆଦ୍‌ମୀ ପାର୍ଟି ଶାଖା ପକ୍ଷରୁ ଭାରତର ସର୍ବକନିଷ୍ଠ ସହିଦ ବାଜି ରାଉତଙ୍କ ୧୦୦ତମ ଜୟନ୍ତୀ ପାଳିତ ହୋଇଛି। କର୍ମୀମାନେ ବାଜିଚୌକସ୍ଥିତ ସହିଦଙ୍କ ପ୍ରତିମୂର୍ତ୍ତିରେ ପୂଜାର୍ଚ୍ଚନା କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଏହି ଉପଲକ୍ଷେ ଆୟୋଜିତ ସ୍ମୃତିଚାରଣ ସଭାରେ ରାଜ୍ୟ ସଂଗଠନ ସମ୍ପାଦକ ଭରତ କୁମାର ଦାସ ଯୋଗଦେଇ ବାଜି ରାଉତଙ୍କ ପରି ସମସ୍ତେ ନିର୍ଭୀକ ଓ ସମାଜ ପ୍ରତି ଉତ୍ତରଦାୟୀ ରହିବା ଉଚିତ ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସଂସଦୀୟ କ୍ଷେତ୍ର ସଭାପତି ପଙ୍କଜ ନାୟକ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଜିତେନ୍ଦ୍ର ବେହେରା, ଜିଲ୍ଲା ସମ୍ପାଦକ ଶେଷଦେବ ବେହେରା, ନଗର ସଭାପତି ଦେବାଶିଷ ନନ୍ଦ, ସଦର ବ୍ଲକ ସଦସ୍ୟ ଅନିଲ ସାମଲ, ଜୟନ୍ତ ଦାସ, ପ୍ରସନ୍ନ ବରାଳ, ଇଂ ପୀତାମ୍ବର ଦାସ, ପୌରାଞ୍ଚଳ ସଦସ୍ୟ ପୀତାମ୍ବର ସାମନ୍ତରାୟ, ମନ୍ମଥ ରାଓ, ସୋମନାଥ ଦାସ, ଜ୍ଞାନେନ୍ଦ୍ର ସାହୁ, ଚିନ୍ମୟ ସେନାପତି, ପୂର୍ବ ସୈନିକ ନଗେନ କର ଓ ଅର୍ଦ୍ଧେନ୍ଦୁ ବରାଳ ପ୍ରମୁଖ ଯୋଗଦେଇଥିଲେ। ନଗର ଉପଦେଷ୍ଟା ଅବସରପ୍ରାପ୍ତ ଶିକ୍ଷକ ଚିତ୍ତରଞ୍ଜନ ପାଣି ଧନ୍ୟବାଦ ଦେଇଥିଲେ।

### ଆମ ପ୍ରତିଭା ଆମ ସମ୍ମାନ

ଢେଙ୍କାନାଳ: ସ୍ୱେଚ୍ଛାସେବୀ ଅନୁଷ୍ଠାନ ଆମ ପ୍ରତିଭା ଆମ ସମ୍ମାନ ପକ୍ଷରୁ ସହିଦ ବାଜି ରାଉତଙ୍କ ଜନ୍ମ ଶତବାର୍ଷିକୀ ପାଳିତ ହୋଇଛି। ଅନୁଷ୍ଠାନର ପ୍ରତିଷ୍ଠାତା ପୂର୍ବତନ ସାଂସଦ ମହେଶ ସାହୁ ସହିଦଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ଅନୁଷ୍ଠାନର କୋଷାଧ୍ୟକ୍ଷ ରୁଦ୍ରାନ୍ତ ଦଳେଇଙ୍କ ନେତୃତ୍ୱରେ ଶତାଧିକ ସଦସ୍ୟ ବାଜିଚୌକସ୍ଥିତ ସହିଦ ମୀନାରଠାରେ ଉପସ୍ଥିତ ରହି ବାଜି ରାଉତଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବା ସହ ତାଙ୍କର ଅମର ଗାଥା ଗାନ କରିଥିଲେ। କାର୍ଯ୍ୟକ୍ରମରେ ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ସଦାନନ୍ଦ ସେଠୀ, ଆମ ପ୍ରତିଭା ଆମ ସମ୍ମାନ ଗୋଶାଳାର ସଭାପତି ବାଦଲ ପଟ୍ଟନାୟକ, ବରିଷ୍ଠ ସଦସ୍ୟ ପ୍ରତାପ ଦାସ, ଆଇନଜୀବୀ ନବକିଶୋର ସାହୁ, ଗୁପ୍ତେଶ୍ୱର ମିଶ୍ର, ଶେଖର ସେଠୀ, ଦୁଷ୍ମନ୍ତ ମହାନ୍ତି, ଲକ୍ଷ୍ମୀପ୍ରସାଦ ପଟ୍ଟନାୟକ, ନଜ୍ମୁ ମହମ୍ମଦ, ସାଗିର୍ ମହମ୍ମଦ, ବିନୋଦ ମହାନ୍ତି, ସ୍ୱରୂପାନନ୍ଦ ଦାସ, ରାଜୁନ ଖାଁ, ଅନିଲ ରାଉତ, ଗଙ୍ଗା ରାଉତ, ରାଜେନ୍ଦ୍ର ଦାସ, ରଶ୍ମିନାରାୟଣ ସାହୁ, ଅଜୟ ରାଉତ, ଦିଲୁ ବେହେରା, ପ୍ରଶାନ୍ତ ଜେନା ପ୍ରମୁଖ ସାମିଲ ହୋଇଥିଲେ।


ଢେଙ୍କାନାଳ ଜିଲ୍ଲା କଂଗ୍ରେସ

### ଢେଙ୍କାନାଳ ଜିଲ୍ଲା କଂଗ୍ରେସ

ଢେଙ୍କାନାଳ: ଢେଙ୍କାନାଳ ମାଟିର ବୀର ଶିଶୁ ସହିଦ ବାଜି ରାଉତଙ୍କ ୧୦୦ତମ ଜୟନ୍ତୀ ଜିଲ୍ଲା କଂଗ୍ରେସ ପକ୍ଷରୁ ପାଳନ କରାଯାଇଛି। ଜିଲ୍ଲା ସଭାପତି ଛବିରାଜ ବିଶ୍ୱାଳଙ୍କ ନେତୃତ୍ୱରେ ସ୍ଥାନୀୟ ବାଜି ରାଉତ ସ୍ମୃତିସ୍ତମ୍ଭ ନିକଟରେ ଥିବା ସହିଦଙ୍କ ପ୍ରତିମୂର୍ତ୍ତିରେ ଦଳୀୟ କର୍ମକର୍ତ୍ତାମାନେ ପୁଷ୍ପମାଲ୍ୟ ପ୍ରଦାନ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ପରେ କଂଗ୍ରେସ କାର୍ଯ୍ୟାଳୟ ଗାନ୍ଧୀ ମନ୍ଦିରରେ ଜିଲ୍ଲା ସଭାପତିଙ୍କ ସଭାପତିତ୍ୱରେ ବାଜି ରାଉତଙ୍କ ଜୀବନୀ ସମ୍ପର୍କରେ ଆଲୋଚନା କରାଯାଇଥିଲା। କାର୍ଯ୍ୟକ୍ରମରେ ପୂର୍ବତନ ଜିଲ୍ଲା ମହିଳା କଂଗ୍ରେସ ସଭାନେତ୍ରୀ ସ୍ମିତାରାଣୀ ସାମଲ, ବରିଷ୍ଠ ନେତା ବିନୟ କୁମାର ସାହୁ, ପୂର୍ବତନ ପିସିସି ସାଧାରଣ ସମ୍ପାଦକ ଆଦିତ୍ୟ ମହାପାତ୍ର, ନିଶାକର ସାହୁ, ସୁଶାନ୍ତ ଧଳ, ଡା. ତୁଷାରକାନ୍ତି ନାୟକ, ରୁଦ୍ରପ୍ରକାଶ ଶରଣ, ସରୋଜ ଶତପଥୀ, ରୁମେନା ବେଗମ, ମହମ୍ମଦ ଅର୍ସାଦ ପ୍ରମୁଖ ଯୋଗଦେଇଥିଲେ। ନୁରୁଲ ଇସଲାମ ଧନ୍ୟବାଦ ଅର୍ପଣ କରିଥିଲେ।

# ଆଇଜିଏଚ୍‌ରେ ଜଟିଳ ମେରୁଦଣ୍ଡର ସଫଳ ଅସ୍ତ୍ରୋପଚାର

**ରାଉରକେଲା, ୬।୧୦(ସମିସ):** ସେଲ୍‌ଫ, ରାଉରକେଲା ଇସ୍ପାତ କାରଖନା(ଆର୍‌ଏସ୍‌ପି) ଅଧିନସ୍ଥ ଇସ୍ପାତ ଜେନେରାଲ ହସ୍ପିଟାଲ (ଆଇଜିଏଚ)ର ନ୍ୟୁରୋସର୍ଜରୀ ଦଳ ଏକ ମେରୁଦଣ୍ଡ ଅସ୍ତ୍ରୋପଚାର ସମ୍ପର୍କିତ ଭ୍ରାନ୍ତ ଧାରଣାକୁ ଦୂର କରି ପୁଣି ଥରେ ସେମାନଙ୍କର ଅସାଧାରଣ ଦକ୍ଷତା ପ୍ରଦର୍ଶନ କରି ଜଣେ ୩୪ ବର୍ଷୀୟ କର୍ମଚାରୀଙ୍କ ଉପରେ ଏକ ପ୍ରାରମ୍ଭିକ କଟିବନ୍ଧ ମେରୁଦଣ୍ଡର ସଫଳ ଅସ୍ତ୍ରୋପଚାର କରିଛନ୍ତି। ଫଳରେ ରୋଗୀଜଣଙ୍କ ଅସ୍ତ୍ରୋପଚାରର ପରଦିନ ପୁଣି ଚାଲିବାକୁ ସକ୍ଷମ ହୋଇଛନ୍ତି। ଏହି ୩୪ ବର୍ଷୀୟ ପୁରୁଷ ରୋଗୀଜଣକ ୩୦ ଦିନରୁ ଅଧିକ ସମୟ ଧରି ଉଭୟ ଗୋଡରେ ଓ ପିଠିରେ ଯନ୍ତ୍ରଣା, ଠିଆ ହେବା, ଚାଲିବା, ଶଯ୍ୟାରେ କଡ ଲେଉଟେଇବା ଏବଂ ପରିସ୍ରା ଓ ମଳ ତ୍ୟାଗ କରିବାରେ କଷ୍ଟ ସମସ୍ୟା ନେଇ ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ। ଆଇଜିଏଚରେ କରାଯାଇଥିବା ଏକ ଏମଆରଆଇ ସ୍କାନରୁ ଏକ ଏଲ୪-୫ ଏକ୍ସଟ୍ରୁଡେଡ୍ ଡିସ୍କ ଜଣାପଡ଼ିଥିଲା। ବରିଷ୍ଠ ପରାମର୍ଶଦାତା ତଥା ନ୍ୟୁରୋସର୍ଜନ ଡା. ମନୋଜ କୁମାର ଦେଓଙ୍କ ନେତୃତ୍ୱରେ ବିଶେଷଜ୍ଞ ଡାକ୍ତରଙ୍କ ଏକ ଦଳ ଅତିରିକ୍ତ ସିଏମଓ ଡା ସଞ୍ଜୁକ୍ତା ପାଣିଗ୍ରାହୀଙ୍କ ନିଶ୍ଚେତକ ସହାୟତା ଏବଂ ନର୍ସିଂ ଷ୍ଟାଫ୍ କମଳା କର ଏବଂ ସିଷ୍ଟର କାନ୍ତିଙ୍କ ଆନ୍ତଃ ଅପରେଟିଭ୍ ସହାୟତାରେ ସଫଳତାର ସହିତ ଏହି ଅସ୍ତ୍ରୋପଚାର କରିଥିଲେ। ସିଷ୍ଟର ଗୌରୀ, ସିଷ୍ଟର ସସ୍ମିତା, ସିଷ୍ଟର ମନୀଷା, ସିଷ୍ଟର ରୁବି ଏବଂ ସିଷ୍ଟର ସୋନିଆଙ୍କ ଦ୍ୱାରା ଅସ୍ତ୍ରୋପଚାର ପରବର୍ତ୍ତୀ ଯତ୍ନକୁ ସତର୍କତାର ସହିତ ପରିଚାଳନା କରାଯାଇଥିଲା। ଅସ୍ତ୍ରୋପଚାରର ଦ୍ୱିତୀୟ ଦିନରେ ଠିଆ ହେବା ଓ ଚାଲିବା ପାଇଁ ରୋଗୀ ସକ୍ଷମ ହୋଇଥିଲେ। ତାଙ୍କ ଅବସ୍ଥାରେ ପ୍ରାୟ ୮୦ ପ୍ରତିଶତ ଉନ୍ନତି ଦେଖାଯାଇଛି।



## ନାବାଳିକା ଠିକା ଶ୍ରମିକ ମୃତ୍ୟୁ ଘଟଣା

# ମୃତ୍ୟୁ ପଛରେ ଅବୈଧ ପ୍ରେମ; ଦମ୍ପତି ଗିରଫ

**ରାଉରକେଲା, ୬।୧୦(ସମିସ)**

କାର୍ଯ୍ୟ ସ୍ଥଳରେ ଅସୁସ୍ଥ ହୋଇ ଡାକ୍ତରଖାନାରେ ଚିକିତ୍ସାଧୀନ ଅବସ୍ଥାରେ ୧୫ ବର୍ଷୀୟା ନାବାଳିକା ଠିକା ଶ୍ରମିକଙ୍କ ସନ୍ଦେହ ଜନକ ମୃତ୍ୟୁ ଘଟଣାର ୩ ଦିନ ପରେ ରଘୁନାଥପାଲି ଥାନା ପୁଲିସ ପର୍ଦ୍ଦାଫାଶ କରିଛି। ନାବାଳିକାର ମୃତ୍ୟୁ ପଛରେ ସମ୍ପୃକ୍ତ ଥିବା ଦମ୍ପତିକୁ ପୁଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତ ଦମ୍ପତି ହେଲେ ସେକ୍ଟର-୫ ଗୋଲଘର ବସ୍ତିର ସ୍ୱାମୀ ଡକ୍ଟର ମୁଣ୍ଡା (୨୮) ଓ ସ୍ତ୍ରୀ ସାବିନା ମୁଣ୍ଡା (୨୭)। ରଙ୍ଗ ମିସ୍ତ୍ରୀ ଡକ୍ଟର ମୁଣ୍ଡାଙ୍କ ସହ ନାବାଳିକାର ଅବୈଧ ପ୍ରେମ ସମ୍ପର୍କ ଜଣାପଡ଼ିବା ପରେ ସାବିନା ମୁଣ୍ଡାର ଗାଳିଗୁଲଜ ଯୋଗୁଁ ନାବାଳିକା ବିଷ ପିଇ ଦେଇଥିବା ବୋଲି ପୁଲିସ ତଦନ୍ତରୁ ଜଣାପଡ଼ିଛି। ସୂଚନା ମୁତାବକ, ପାନପୋଷଠାରେ ନିର୍ମାଣାଧୀନ ରାଉରକେଲା ୱାନ୍ ଠାରେ ବାଲୁଘାଟ ବସ୍ତିର ଜଣେ ୧୫ ବର୍ଷିଆ ନାବାଳିକା ବର୍ଷା ଝରା କାମ କରୁଥିଲେ। ଗତ ୩ ତାରିଖ ସକାଳେ କାମ ପାଇଁ ଘରୁ ବାହାରି ଥିଲା, ହେଲେ ସନ୍ଧ୍ୟାରେ ଘରକୁ ଫେରି ନଥିଲା। ତେବେ ବର୍ଷା ଗୁରୁତର ଭାବେ ଅସୁସ୍ଥ ହୋଇ ରାଉରକେଲା ସରକାରୀ ଡାକ୍ତରଖାନାରେ ଭର୍ତ୍ତି ହୋଇଥିବା ପରିବାର ଲୋକେ ସୂଚନା ପାଇ

### ସ୍ପଷ୍ଟୀକରଣ ପାଇଁ ଶ୍ରମ ବିଭାଗକୁ ଚିଠି ଲେଖିଲେ ଏସ୍‌ଡିପିଓ

ସେଠାରେ ପହଞ୍ଚିଥିଲେ। ହେଲେ ଚିକିତ୍ସାଧୀନ ଅବସ୍ଥାରେ ବର୍ଷାର ମୃତ୍ୟୁ ଘଟିଥିଲା। ଏନେଇ ଥାନାରେ ଅଭିଯୋଗ ପରେ ପୁଲିସ ଘଟଣା ତଦନ୍ତ କରିଥିଲା। ତେବେ ବର୍ଷା କାର୍ଯ୍ୟ କରିଥିବା ରାଉରକେଲା ୱାନ୍‌ଠାରେ ଡକ୍ଟର ମୁଣ୍ଡା ରଙ୍ଗ ମିସ୍ତ୍ରୀ ଭାବେ କାର୍ଯ୍ୟ କରୁଥିଲା। ନାବାଳିକା ବର୍ଷା ଓ ରଙ୍ଗ ମିସ୍ତ୍ରୀ ଡକ୍ଟରଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ରହିଥିବା ନେଇ ଡକ୍ଟରର ସ୍ତ୍ରୀ ସାବିନା ସନ୍ଦେହ କରିଥିଲା। ଉକ୍ତ ଦିନ ହଠାତ୍ ସେଠାରେ ସାବିନା ପହଞ୍ଚି ନାବାଳିକାକୁ ସମସ୍ତଙ୍କ ଆଗରେ ଗାଳି ଗୁଲଜ କରିଥଲା। ଫଳରେ ନାବାଳିକା ଲଜ୍ଜାରେ କୌଣସି ରାସାୟନିକ ତରଳ ପଦାର୍ଥ





ପିଇ ଦେଇଥିଲା। ଯାହା ଫଳରେ ସେ ଗୁରୁତର ଭାବେ ଅସୁସ୍ଥ ହୋଇ ରାଉରକେଲା ସରକାରୀ ଡାକ୍ତରଖାନାରେ ଚିକିତ୍ସିତ ହେଉଥିଲା। ସେଠାରେ ଚିକିତ୍ସାଧିନ ଅବସ୍ଥାରେ ତାର ମୃତ୍ୟୁ ଘଟିଥିଲା ବୋଲି ଇନ୍ସପେକ୍ଟର ରାଜେନ୍ଦ୍ର ସ୍ୱାଇଁ କହିଛନ୍ତି। ନାବାଳିକାର ମୃତ୍ୟୁ ପାଇଁ ଦାୟୀ କରି ରଙ୍ଗମସ୍ତ୍ରୀ ଡକ୍ଟର ମୁଣ୍ଡା ଓ ତାର ପତ୍ନୀ ସାବିନା ମୁଣ୍ଡାଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି। ଅପରପକ୍ଷେ ସମ୍ପ୍ରତି ଆଧାର କାର୍ଡ ମୁତାବକ ମୃତା ନାବାଳିକା ଠିକା ଶ୍ରମିକ ବର୍ଷା ଝରାକୁ ୧୪ ବର୍ଷ ୯ ମାସ ବୟସ ହୋଇଥିଲା। ତେବେ ସେ କେଉଁ ପରିସ୍ଥିତିରେ 'ରାଉରକେଲା ୱାନ୍' ପରି ଏକ ସରକାରୀ ପ୍ରକଳ୍ପରେ ଠିକା କାର୍ଯ୍ୟରେ ନିୟୋଜିତ ରହିଥିଲା, ତାକୁ ନେଇ ପ୍ରଶ୍ନ ଉଠିଛି। ଠିକା କାର୍ଯ୍ୟ କରୁଥିବା ଠିକା ସଂସ୍ଥା କିପରି ସରକାରଙ୍କ ଶ୍ରମ ବିଭାଗର ସମସ୍ତ ନିୟମ ଉଲଂଘନ କରି ଜଣେ ନାବାଳିକାକୁ ଠିକା କାର୍ଯ୍ୟରେ ନିୟୋଜିତ କରିଥିଲେ, ଏବଂ ଏହି କାର୍ଯ୍ୟକୁ ତଦାରଖ କରୁଥିବା ସ୍ମାର୍ଟ ସିଟି କର୍ତ୍ତୃପକ୍ଷ କିପରି ଅଣଦେଖା କରି ଆସୁଥିଲେ, ତାକୁ ନେଇ ଉଠିଛି ପ୍ରଶ୍ନ। ତେବେ ଏନେଇ ସବିଶେଷ ରିପୋର୍ଟ ପ୍ରଦାନ ସହ ସ୍ପଷ୍ଟିକରଣ ପାଇଁ ଜିଲ୍ଲା ଶ୍ରମ ବିଭାଗକୁ ଚିଠି ଲେଖାଯାଇଥିବା ପାନପୋଷ ଏସଡିପିଓ ରଶ୍ମିରଞ୍ଜନ ମହାପାତ୍ର କହିଛନ୍ତି।

# ସ୍ୱସ୍ଥାନକୁ ପ୍ରତ୍ୟାବର୍ତ୍ତନ କଲେ ମା' କନ୍ତଦେବୀ

**ବଣାଇଁ, ୬।୧୦(ସମିସ):** ବଣାଇଁର ଆରାଧ୍ୟ ଦେବୀ ମା' କନ୍ତଦେବୀ ଆଶ୍ୱିନ ମାସ ଶୁକ୍ଳପକ୍ଷ ଦ୍ୱିତୀୟା ତିଥିରେ ତାଙ୍କର ଆସ୍ଥାନ ଲହୁଣିପଡ଼ା ବ୍ଲକ ଅନ୍ତର୍ଗତ ସାନଜଲ ଗ୍ରାମରୁ ବାହାରି ୧୫ ଦିନ ବ୍ୟାପୀ ବଣାଇଁ ପରିକ୍ରମା କରିଥିଲେ। ଆଜି ଆଶ୍ୱିନ ମାସ ଶୁକ୍ଳପକ୍ଷ ପୂର୍ଣ୍ଣିମା ତିଥିରେ ତାଙ୍କ ଆସ୍ଥାନକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି। ଏହି ୧୫ ଦିନ ବ୍ୟାପୀ ଅନୁଷ୍ଠିତ ହୋଇଥିବା କାର୍ଯ୍ୟକ୍ରମରେ ସହଯୋଗ କରିଥିବା ବଣାଇଁ ପ୍ରାଶାସନିକ ଅଧିକାରୀ, ମହୁଲପଦା ଥାନା ଅଧିକାରୀ ଓ ବଣାଇଁ ଥାନା ଅଧିକାରୀ, ଲହୁଣିପଡ଼ା ଥାନା ଅଧିକାରୀ ଓ ବଣାଇଁ ଉପଖଣ୍ଡ ପୋଲିସ୍ ଅଧିକାରୀ ଓ ବଣାଇଁବାସୀଙ୍କୁ ବଣାଇଁ ରାଜା ସାହେବ ତଥା ପୂଜା କମିଟିର ଅଧ୍ୟକ୍ଷ ବୀର କିଶୋର ଇନ୍ଦ୍ର ଦେଓ ଦେବ କୃତଜ୍ଞତା ଜ୍ଞାପନ କରିଛନ୍ତି। ମୁଖ୍ୟ ପୁରୋଧା ଭାବେ ସଞ୍ଜୀବ କୁମାର ମହାନ୍ତି, ଭବତୋଷ ଦେଓ, ଜୟନ୍ତ ଦେଓ, ଶିବ ନାରାୟଣ ଦେଓ, ରମାକାନ୍ତ ଦେହୁରୀ କାର୍ଯ୍ୟକ୍ରମ ତଦାରଖ କରିଥିଲେ।



# ଶ୍ରମିକଙ୍କ କାର୍ଯ୍ୟ ସମୟ ବୃଦ୍ଧି ପ୍ରତିବାଦରେ ବିକ୍ଷୋଭ

**ରାଉରକେଲା, ୬।୧୦(ସମିସ):** ରାଜ୍ୟ ବିଜେପି ସରକାରଙ୍କ କ୍ୟାବିନେଟ୍ ଗତ ସେପ୍ଟେମ୍ବର ୩୦ରେ ଏକ ପାଖିଆ ଭାବରେ ରାଜ୍ୟରେ ଫ୍ୟାକ୍ଟ୍ରି ଆଇନ୍-୧୯୪୮ର ଧାରା ୫୧ ଓ ଧାରା ୫୪ରେ ସଂଶୋଧନ ଆଣି ଶ୍ରମିକଙ୍କ ଦୈନିକ କାର୍ଯ୍ୟ ସମୟ ୮ ଘଣ୍ଟାରୁ ୧୦ ଘଣ୍ଟା ବୃଦ୍ଧି କରିଛନ୍ତି। ସରକାରଙ୍କ ଏହି ନିଷ୍ପତ୍ତି ବିରୋଧରେ ସିଆଇଟିୟୁ ରାଜ୍ୟ କମିଟି ଡାକରାରେ ସୋମବାର ସୁନ୍ଦରଗଡ଼ ଜିଲ୍ଲା କମିଟି ପକ୍ଷରୁ ଉଦିତନଗରର ସ୍ଥିତ ଯୁଗ୍ମ ଶ୍ରମ ଆୟୁକ୍ତଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଏହାର ପ୍ରତ୍ୟାହୃତ କରା ନଗଲେ ଆଗାମୀ ଦିନରେ ସଂଗଠନ ପକ୍ଷରୁ ବ୍ୟାପକ ଶ୍ରମିକ ଆନ୍ଦୋଳନ ପାଇଁ ଆହ୍ୱାନ କରାଯାଇଛି ବୋଲି ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦିଆଯାଇଥିବା ସ୍ମାରକପତ୍ରରେ ଉଲ୍ଲେଖ ରହିଛି। ଜିଲ୍ଲା ସାଧାରଣ ସମ୍ପାଦକ ତଥା ରାଜ୍ୟ ଉପସଭାପତି ବିମାନ ମାଇତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅନ୍ୟତମ ରାଜ୍ୟ ଉପସଭାପତି ଜାହାଙ୍ଗୀର ଅଲ୍ଲୀ, ଶ୍ରୀମନ୍ତ ବେହେରା, ବି ପି ମହାପାତ୍ର, ରାଜକିଶୋର ପ୍ରଧାନ, ଯଯାତି କେଶରୀ ସାହୁ, ଅଜୟ ଶର୍ମା, ଲକ୍ଷ୍ମୀଧର ନାୟକ, ଅଜିତ ଏକ୍କା, ବିଶ୍ୱଜିତ ମାଝୀ, ଚନ୍ଦ୍ରଭାନୁ ଦାସ, ପ୍ରଭାତ ମହାନ୍ତି, ଅଟଳ ସ୍ୱାଇଁ, ବିନୟ ବେହୁରିଆ, ଦିବାକର ମହାରଣା, ସମ୍ବିତ ସ୍ୱାଇଁ, ସରୋଜ ବାର୍ଲା, ବିଜୟ ସ୍ୱାଇଁ, ଉପେନ୍ଦ୍ର ତ୍ରିପାଠୀ, ଏନ୍ କେ ରାଉତରାୟ, ଅରୁଣ ମହାରଣା, ଶୁଭେନ୍ଦୁ ମହାନ୍ତି, ସି ଦିବାକର ରାଓ, ବସନ୍ତ ପାଢ଼ୀ, ଜୟନ୍ତୀ ମୋହିନୀ, କାଞ୍ଚନୀ ଦେହୁରୀ ପ୍ରମୁଖ ଏଥିରେ ସାମିଲ ହୋଇଥିଲେ।




## ମାତୃଶକ୍ତି ଲକ୍ଷ୍ମୀ ପୂଜା କମିଟିର ମା' ଲକ୍ଷ୍ମୀ ମହୋତ୍ସବ

# ଚିତ୍ତୋରର ପଦ୍ମାବତୀ ପ୍ୟାଲେସ ତୋରଣ ମୁଖ୍ୟ ଆକର୍ଷଣ

**ରାଉରକେଲା, ୬।୧୦(ସମିସ):** ଚଳିତବର୍ଷ ସେକ୍ଟର - ୭ ଦୁର୍ଗା ପୂଜା ପଡ଼ିଆରେ ରାଜସ୍ଥାନ ଚିତ୍ତୋରର ରାଣୀ ପଦ୍ମାବତୀ ପ୍ୟାଲେସ ତୋରଣରେ ମା' ଲକ୍ଷ୍ମୀ ବିରାଜମାନ ହୋଇ ପୂଜା ପାଇବେ। ଯାହା ପୂଜା ମଣ୍ଡପର ମୁଖ୍ୟ ଆକର୍ଷଣ ସାଜିବ ବୋଲି ମାତୃଶକ୍ତି ଲକ୍ଷ୍ମୀ ପୂଜା କମିଟି ରାଉରକେଲା ପକ୍ଷରୁ ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦିଆଯାଇଛି। ସେକ୍ଟର-୭ କମ୍ୟୁନିଟି ସେଣ୍ଟର ଠାରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ମାତୃଶକ୍ତି ଲକ୍ଷ୍ମୀ ପୂଜା କମିଟିର ସଭାପତି କଳ୍ପନା ଭଞ୍ଜ ଓ ସାଧାରଣ ସମ୍ପାଦକ ଲୀନା ନାୟକ ସୂଚନା ଦେଇ କହିଛନ୍ତି, ରାଉରକେଲା ଇତିହାସରେ ପ୍ରଥମ ଥର ୧୨୦ରୁ ଉର୍ଦ୍ଧ୍ୱ କେବଳ ମହିଳା ସଦସ୍ୟଙ୍କୁ ନେଇ ଗଠିତ ମାତୃଶକ୍ତି ଲକ୍ଷ୍ମୀ ପୂଜା କମିଟି ପକ୍ଷରୁ ଏହି ପ୍ରୟାସ କରାଯାଉଛି। ବନ୍ଧମୁଣ୍ଡାର ମୂର୍ତ୍ତି କାରିଗର ପଣ୍ଡିତ(ପିଣ୍ଟୁ) ମା' ଲକ୍ଷ୍ମୀଙ୍କ ମୃଣ୍ମୟୀ ମୂର୍ତ୍ତି ନିର୍ମାଣ କରୁଥିବା ବେଳେ ପୂଜା ଲାଇଟ୍ ସାଜସଜ୍ଜା ବିକାଶ ଇଲେକ୍ଟ୍ରି ଡେକୋରେଟର କରୁଛନ୍ତି। ଲକ୍ଷ୍ମୀ ପୂଜା ମହୋତ୍ସବର ଅନ୍ୟତମ ଆକର୍ଷଣ ମୀନା ବଜାର ମେଳା ସହ ଉଭୟ ବଡ଼ ଓ ଛୋଟଙ୍କ ପାଇଁ ଆକର୍ଷଣୀୟ ହୋଇ ଲାଗୁଛି। ପୂଜା ମହୋତ୍ସବ ଅକ୍ଟୋବର ୭ ତାରିଖରୁ ଆରମ୍ଭ ହୋଇ ଅକ୍ଟୋବର ୧୬ ତାରିଖ ପର୍ଯ୍ୟନ୍ତ ଚାଲିବ। ପ୍ରତିଦିନ ସଂଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ମଧ୍ୟରେ ଭଜନ ସଂଧ୍ୟା, ଛୋଟ ପିଲାଙ୍କ ମଧ୍ୟରେ ଫ୍ୟାନ୍ସି ଡ୍ରେସ୍, ଚିତ୍ରାଙ୍କନ ପ୍ରତିଯୋଗିତା, ବକ୍ତୃତା ପ୍ରତିଯୋଗୀତା, ନୃତ୍ୟ ପ୍ରତିଯୋଗିତା, ଶଙ୍ଖ ଓ ହୁଳହୁଳି ପ୍ରତିଯୋଗିତା ଆଦି ଅନୁଷ୍ଠିତ ହେବ। ଏହି ସମସ୍ତ ପ୍ରତିଯୋଗିତାର ପୁରସ୍କାର ବିତରଣ ଉତ୍ସବ ପୂଜା ଶେଷ ଦିନ ବିତରଣ କରାଯିବ। କେବଳ ମହିଳାଙ୍କୁ ନେଇ ଆୟୋଜିତ ଲକ୍ଷ୍ମୀ ପୂଜାକୁ ନେଇ ସହରରେ ମଧ୍ୟ ବେଶ୍ ଉତ୍କଣ୍ଠା ପ୍ରକାଶ ପାଇଛି। ଆଜି ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ କୋଷାଧ୍ୟକ୍ଷ ମମତା ଜେନା, କାର୍ଯ୍ୟକାରୀ ସଭାପତି ଲକ୍ଷ୍ମୀ ପ୍ରିୟା ଦାସ, ସଙ୍ଗୀତା ନାୟକ, ଉପସଭାପତି ମଧୁସ୍ମିତା ମହନ୍ତ, ସଙ୍ଗୀତା ସିଂ, ସ୍ୱପନା ସ୍ୱାଇଁ, ଯୁଗ୍ମ ସମ୍ପାଦିକା ମାନୀନି ଜେନା, ରଜନୀ ନାୟକ, ସରୋଜିନୀ ବେହେରା, ଅଳକା ଦାସ, ରୀତା ଦେବୀ, ସଂଯୋଜିକା ଅନ୍ନପୂର୍ଣ୍ଣା ମାହାନ୍ତି, ସାଂସ୍କୃତିକ ସମ୍ପାଦକ ସଂଯୁକ୍ତା ପାତ୍ର, ନିବେଦିତା ବୈରୀଗଞ୍ଜନ, ରାଜଶ୍ରୀ ପ୍ରଧାନ, ନମିତା ସାହୁଙ୍କ ସମେତ ବହୁ ସଂଖ୍ୟାରେ ସଦସ୍ୟବୃନ୍ଦ ଉପସ୍ଥିତ ଥିଲେ।



## ରାଉତାଣି-ବନ୍ଦୋଡିହି ଫୁଟବଲ ଟୁର୍ଣ୍ଣାମେଣ୍ଟ

# ଷ୍ଟାର କ୍ଲବ୍ ଟିକ୍ରାପୋଷ ଚାମ୍ପିଅନ୍

**ବଣାଇଁ, ୬।୧୦(ସମିସ):** ବଣାଇଁ ଉପଖଣ୍ଡ କେନ୍ଦ୍ରିକଳା ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ବନ୍ଦୋଡିହି ଖେଳ ପଡ଼ିଆରେ ଇନ୍ଦିରା ମେମୋରିଆଲ କ୍ଲବ୍ ପକ୍ଷରୁ ଆୟୋଜିତ ୪୪ତମ ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ଦିବସରେ ଷ୍ଟାର କ୍ଲବ ଟିକ୍ରାପୋଷ ବନାମ ଗଦାପାଲି ମଧ୍ୟରେ ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ୩-୦ ଗୋଲରେ ଟିକ୍ରାପୋଷ ଦଳ ବିଜୟ ହୋଇ ଚଳିତ ବର୍ଷର ଚମ୍ପିଅନ୍ ହୋଇଥିଲା। ଗଦାପାଲି ଦଳ ଚଳିତ ବର୍ଷର ରନର୍ସ ଅପ୍ ହୋଇଥିବା ବେଳେ ତୃତୀୟ ସ୍ଥାନ ଶିବନାଥପୁର ଓ ଚତୁର୍ଥ ସ୍ଥାନ ବଡପଡ଼ାକୁ ମିଳିଥିଲା। ବଣାଇଁ ଅଞ୍ଚଳର ସମୁଦାୟ ୨୪ଟି ଦଳ ଟୁର୍ଣ୍ଣାମେଣ୍ଟରେ ଅଂଶ ଗ୍ରହଣ କରିଥିବା ବେଳେ ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରୀ ଜୁଏଲ ଓରାମ ଯୋଗଦେଇ କୃତି ପ୍ରତିଯୋଗୀ ଦଳ ଗୁଡ଼ିକୁ ପୁରସ୍କୃତ କରିଥିଲେ। ସମ୍ମାନିତ ଅତିଥି ଭାବେ ନାଗାଲାଣ୍ଡ ବିଜେପିର ରାଜ୍ୟ ଉପସଭାପତି ବାସୁ ଦାମାନି, ବରିଷ୍ଠ ବିଜେପି ନେତା ଅନିଲ କୁମାର ମାହାନ୍ତ, ଅଭିରାମ ମହାକୁଳ, ମନୋଜ କୁମାର ସାହୁ, ପୂର୍ଣ୍ଣଚନ୍ଦ୍ର ଓରାମ, ଜିଲ୍ଲା ସରପଞ୍ଚ ସଂଘ ସଭାପତି ଉଗ୍ରସେନ କିସାନ, ଅବସରପ୍ରାପ୍ତ ଶିକ୍ଷକ ଭିକାରୀ ଚରଣ ବିଶ୍ୱାଳ ପ୍ରମୁଖ ଯୋଗ ଦେଇଥିଲେ। କମିଟିର ସଭାପତି ରତ୍ନାକର କିସାନ୍, ସମ୍ପାଦକ ରବିନାରାୟଣ ଦେବ୍, ସଭ୍ୟ ସାହେବ୍ କିଶାନ, କୁହିଁରୁ ପାତ୍ର, ବିକାଶ ଦେବ, ପ୍ରତାପ ସିଂ, ତପନ କିଷାନ୍, ଦିଲୁ କିଶାନ୍, ନରହରି ସାହୁ, ରଞ୍ଜନ କିସାନ, ମହେଶ କିସାନ, ତପୁ, ରଞ୍ଜିତ, ପଙ୍କଜ, ଅଜୁ, ବିଜୁ, ଜଗଦୀଶ, ମନୋଜ୍, ମୁନା, ଅଜିତ, ଚନ୍ଦନ, ମାନସ, ରେଙ୍ଗଟୁ ପ୍ରମୁଖ ସହଯୋଗ କରିଥିଲେ। ଯୁଗଳ କିସାନ, ସୁଶାନ୍ତ କିସାନ ଓ ସହଯୋଗୀ ଖେଳ ପରିଚାଳନା କରିଥିବା ବେଳେ ମାନସ ଦେବ ସଭାକାର୍ଯ୍ୟକୁ ସଂଯୋଜନା କରିଥିଲେ। ପୁରସ୍କାର ବିତରଣ ପୂର୍ବରୁ 'ଏକ ପେଡ ମାଁ କେ ନାମ୍' କାର୍ଯ୍ୟକ୍ରମ ଅଧୀନରେ ମୁଖ୍ୟ ଅତିଥି କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରୀ ଜୁଏଲ ଓରାମ ଚାରାରୋପଣ କରିବା ସହ ଅନୁଷ୍ଠାନର ମୁଖ୍ୟ ଉଦ୍ୟୋକ୍ତା ସ୍ୱର୍ଗତଃ କାହ୍ନୁ ଚରଣ କିସାନଙ୍କ ସ୍ମୃତି ଉଦ୍ଦେଶ୍ୟରେ ଦୁଇ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା।




# ବାଜପେୟୀଙ୍କ ନାମରେ ପାର୍କ ନିର୍ମାଣ ଦାବି

**ରାଉରକେଲା, ୬।୧୦(ସମିସ):** ପାନପୋଷ ଡାକ୍ତରଖାନାର ଆଧୁନିକୀକରଣ ଓ ଏହାର ପଛ ପାଖରେ ଥିବା ପ୍ରାୟ ୨୭ ଏକର ସରକାରୀ ଜମିରେ ବିଭିନ୍ନ ଔଷଧୀୟ ଉଦ୍ଭିଦରେ ଶୋଭିତ ଏକ ବୋଟନିକାଲ ଗାର୍ଡେନ ନିର୍ମାଣ, ଆୟୁର୍ବେଦ ଚିକିତ୍ସାଳୟ ନିର୍ମାଣ ସହିତ ଯୋଗାଶିକ୍ଷା କେନ୍ଦ୍ର ସ୍ଥାପନ କରି ତାହାକୁ ଭାରତରତ୍ନ ତଥା ପୂର୍ବତନ ପ୍ରଧାନମନ୍ତ୍ରୀ ସ୍ୱର୍ଗତ ଅଟଳବିହାରୀ ବାଜପେୟୀଙ୍କ ନାମରେ ନାମିତ କରିବା ପାଇଁ ବେଦବ୍ୟାସ ବିକାଶ ମଞ୍ଚ ପକ୍ଷରୁ ଦାବି କରାଯାଇଛି। ମଞ୍ଚର ସଭାପତି ବଦ୍ରୀନାରାୟଣ ପାଢ଼ୀ ଉପସଭାପତି ହୃଷିକେଶ ବଳିୟାରସିଂହ, ରମାକାନ୍ତ ପାଣ୍ଡେ, ସାଧାରଣ ସମ୍ପାଦକ ବିଭୂତି ଭୂଷଣ ଦାସ ଏବଂ ସମ୍ପାଦକ ବିଜୟାନନ୍ଦ ଅଗ୍ରୱାଲ ମିଶି କେନ୍ଦ୍ର ଆଦିବାସୀ କଲ୍ୟାଣ ମନ୍ତ୍ରୀ ଜୁଏଲ ଓରାମଙ୍କୁ ସାକ୍ଷାତ କରି ପ୍ରାୟ ୧୫୦ ବ୍ୟକ୍ତିଙ୍କ ଦସ୍ତଖତ ସମ୍ମିଳିତ ଏନେଇ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ବେଦବ୍ୟାସ ବିକାଶ ମଞ୍ଚର ଏହି ଦାବିକୁ କେନ୍ଦ୍ର ସରକାରଙ୍କ ପ୍ରଣୋଦିତ କାର୍ଯ୍ୟକ୍ରମ ଅଟଳ ସ୍ୱାସ୍ଥ୍ୟ ମିଶନ ଆନୁକୂଲ୍ୟରେ ତୁରନ୍ତ ବିହିତ ପଦକ୍ଷେପ ନେବାକୁ ନିବେଦନ କରିଛନ୍ତି। ଆରଜିଏଚ ଥିବା ସତ୍ତ୍ୱେ ଏହି ପାନପୋଷ ଡାକ୍ତରଖାନା ଉପରେ ଦୟାନନ୍ଦ ନଗର, ଦାଣ୍ଡିଆପାଲି, କଳୁଙ୍ଗା, ବେଦବ୍ୟାସ, କୁଆଁରମୁଣ୍ଡା, ପାନପୋଷ, ପୁରୁଣା ଛେଣ୍ଡ, କଳିଙ୍ଗ ବିହାର ତଥା ଛେଣ୍ଡ ପ୍ରୋଜେକ୍ଟ ଅଞ୍ଚଳର ଅଗଣିତ ରୋଗୀ ଚିକିତ୍ସା ପାଇଁ ଦୈନନ୍ଦିନ ନିର୍ଭରଶୀଳ। ଆବଶ୍ୟକ ଭିତ୍ତିଭୂମିର ଅଭାବ ଯୋଗୁଁ ଏହି ଅଞ୍ଚଳବାସୀ ଚିକିତ୍ସା ପାଇଁ ଅକଥନୀୟ ଯନ୍ତ୍ରଣା ଭୋଗୁଛନ୍ତି। ତେଣୁ ଏହି ଡାକ୍ତରଖାନାର ଆଧୁନିକରଣ କରିବାକୁ ମଞ୍ଚ ଦାବିପତ୍ରରେ ଉଲ୍ଲେଖ କରିଛି।

# ୩୬ ଅଭିଯୋଗ ଶୁଣିଲେ ଅତିରିକ୍ତ ଜିଲ୍ଲାପାଳ



**ରାଉରକେଲା, ୬।୧୦ (ସମିସ):** ରାଉରକେଲା ମହାନଗର ନିଗମ ସମ୍ମିଳନୀ କକ୍ଷରେ ଯୁଗ୍ମ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ରାଉରକେଲା ଅତିରିକ୍ତ ଜିଲ୍ଲାପାଳ ତଥା ମହାନଗର ନିଗମ କମିଶନର ସୁଶ୍ରୀ ଦୀନା ଦସ୍ତଗୀର୍ ଏହି ଯୁଗ୍ମ ଜନଶୁଣାଣିରେ ଉପସ୍ଥିତ ରହି ଆସିଥିବା ମୋଟ ୩୬ଟି ଅଭିଯୋଗର ଶୁଣାଣି କରିଥିଲେ। ସେଥିମଧ୍ୟରୁ ୨୭ ଟି ବ୍ୟକ୍ତିଗତ ରହିଥିବା ବେଳେ ୯ ଟି ସାମୁହିକ ଅଭିଯୋଗ ଥିଲା। ଏହି ଜନଶୁଣାଣିରେ ରାସ୍ତା ନିର୍ମାଣ ତଥା ମରାମତି ଠାରୁ ଆରମ୍ଭ କରି ଭଡ଼ା ସମସ୍ୟା, ଷ୍ଟ୍ରିଟ୍ ଲାଇଟ୍ ସମସ୍ୟା, ଡ୍ରେନ୍ ସମସ୍ୟା, ଜମିଜମା ସମସ୍ୟା, ଜବରଦଖଲ ସମସ୍ୟା ଆଦି ଅଭିଯୋଗ ଅନ୍ତର୍ଭୁକ୍ତ ଥିଲା। ଏଥିସହ ଅଧିକ ଚିକିତ୍ସା ନିମନ୍ତେ ମୁଖ୍ୟମନ୍ତ୍ରୀ ରିଲିଫ୍ ପାଣ୍ଠିରୁ ଅର୍ଥ ମଞ୍ଜୁର ପାଇଁ ୭ ଟି ଅଭିଯୋଗ ରହିଥିଲା। ଏହି ଜନଶୁଣାଣି କାର୍ଯ୍ୟକ୍ରମରେ ସୁନ୍ଦରଗଡ଼ ଅତିରିକ୍ତ ଜିଲ୍ଲାପାଳ ସୁରଜ କୁମାର ପଟ୍ଟନାୟକ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ସୁରଞ୍ଜନ ସାହୁ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ରାଜ କିଶୋର ମିଶ୍ର, ଆର୍‌ଏମ୍‌ସି ଯୁଗ୍ମ ଆୟୁକ୍ତ ପଲ୍ଲବୀ ନାୟକ, ଉପ ପୌରାୟୁକ୍ତ ତରୁଣ କାନ୍ତ, ଡେପୁଟି କଲେକ୍ଟର ଚାନ୍ଦିନୀଙ୍କ ସହ ଅନ୍ୟ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

## ପ୍ରଗତି ଉତ୍କଳ ସଂଘରେ ଚିତ୍ତରଞ୍ଜନ ଦାସଙ୍କ ଜୟନ୍ତୀ

# 'ଚିତ୍ତରଞ୍ଜନ ଥିଲେ ଓଡ଼ିଶାର ସକ୍ରେଟିସ୍'

**ରାଉରକେଲା, ୬।୧୦(ସମିସ)**

ଧୂରୀଣ ଲେଖକ, ଅନୁବାଦକ, ଦାର୍ଶନିକ ତଥା ଜଣେ ଅସୀମିତ ପ୍ରଜ୍ଞା ଓ ଗଭୀର ଚିନ୍ତାଧାରା ସମନ୍ୱିତ ସମାଜ ସଂସ୍କାରକ ଚିତ୍ତରଞ୍ଜନ ଦାସ ଓଡ଼ିଶାର ସକ୍ରେଟିସ୍ ଥିଲେ ବୋଲି ପ୍ରଗତି ଉତ୍କଳ ସଂଘର ସଭାଗୃହରେ ସଭାପତି ପ୍ରତାପ କୁମାର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଚିତ୍ତରଞ୍ଜନ ଦାସଙ୍କ ୧୦୨ତମ ଜନ୍ମ ବାର୍ଷିକୀ ପାଳନ ଅବସରରେ ବିଶିଷ୍ଟ ଅତିଥି ଏବଂ ବକ୍ତାମାନେ ମତବ୍ୟକ୍ତ କରିଥିଲେ। ସଭାପତି ପ୍ରତାପ କୁମାର ସ୍ୱାଇଁ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିବା ବେଳେ ପାଠାଗାରର ଯୁଗ୍ମ ସମ୍ପାଦକ ଲକ୍ଷ୍ମଣ ନାଥ ଦାସ ଆଲୋଚ୍ୟ ବିଷୟ ସମ୍ପର୍କରେ ସଂକ୍ଷିପ୍ତ ସୂଚନା ପ୍ରଦାନ କରିଥିଲେ। ଚିନ୍ମୟ ଇଂରାଜୀ ମାଧ୍ୟମ ବିଦ୍ୟାଳୟର ଅଧ୍ୟକ୍ଷା ଶର୍ମିଷ୍ଠା କବି ଶତପଥୀ 'ଶିକ୍ଷକ ଚିତ୍ତରଞ୍ଜନ' ଶୀର୍ଷକରେ ଆଲୋଚନା କରିଥିଲେ। ସଂଘର ଅନ୍ୟତମ ଉପସଭାପତି ଡ. ପ୍ରଭାତ କୁମାର ମଲ୍ଲିକ 'ଚିତ୍ତମାନସ ଏକ ଭିନ୍ନ ଦୃଷ୍ଟି' ସମ୍ପର୍କରେ ଏକ ତାତ୍ତ୍ୱିକ ଆଲୋଚନା କରିଥିଲେ। ସମ୍ମାନିତ ଅତିଥି ଭାବେ ଯୋଗଦେଇ ପ୍ରଫେସର ଶଙ୍କର ପ୍ରସାଦ ତ୍ରିପାଠୀ ଚିତ୍ତରଞ୍ଜନଙ୍କ ବିରଳ ବ୍ୟକ୍ତିତ୍ୱ ସମ୍ପର୍କରେ ବର୍ଣ୍ଣନା କରିଥିଲେ। ପ୍ରାରମ୍ଭରେ ଅତିଥିମାନେ ଚିତ୍ତରଞ୍ଜନଙ୍କ ତୈଳ ଚିତ୍ରରେ ପୁଷ୍ପମାଲ୍ୟ ଏବଂ ପ୍ରଦୀପ ପ୍ରଜ୍ୱଳନ ପରେ ଗଙ୍ଗାଧର ତ୍ରିପାଠୀ ରବୀନ୍ଦ୍ର ସଙ୍ଗୀତ ଗାନ କରିଥିଲେ। ସଂଘର ଉପଦେଷ୍ଟା ଏବଂ ଚିତ୍ତରଞ୍ଜନ ଜନ୍ମ ବାର୍ଷିକୀ ପାଳନ କମିଟିର ଆବାହକ ଭାରତ ଭୂଷଣ ମହାନ୍ତି ମଞ୍ଚ ସଂଯୋଜନା କରିଥିବା ବେଳେ ସାଧାରଣ ସମ୍ପାଦକ ରାଧାମୋହନ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅନ୍ୟତମ ଉପସଭାପତି ରଶ୍ମି ରଞ୍ଜନ ବୋଇତାଇ, ଧରଣୀଧର ସାମଲ, ଘନଶ୍ୟାମ ଧଳ, ଅଶୋକ କୁମାର ପଟ୍ଟନାୟକ, ଅରବିନ୍ଦ ପାତ୍ର, ସ୍ମିତା ମିଶ୍ର, ରଶ୍ମୀ ସାହୁ, ଇନ୍ଦ୍ରମଣି ମହାପାତ୍ର, ବରୁଣ ନାହାକ, ପ୍ରଦୀପ କୁମାର ପଟ୍ଟନାୟକ, ଶୁଭ୍ରାଂଶୁ ଶେଖର ମହାପାତ୍ର, ପରିକ୍ଷୀତ ଗୁରୁ ପ୍ରମୁଖ ସହାୟତା କରିଥିବା ବେଳେ ଡାକ୍ତର କୃପାସିନ୍ଧୁ ନାୟକ, ରାଜୀବ ପାଣି, ଦାମୋଦର ରାଉତ, ବିଜୟ ରାୟ, ପ୍ରଫୁଲ୍ଲ ସାମଲ, ସଞ୍ଜୀବ ଭୋଇ, ପ୍ରମୋଦ ଜଗଦେବ, ନାରାୟଣ ଦଳାଇ, ଗୀତା ରାଣୀ ବେହେରା, ପ୍ରମୋଦ କୁମାର ପତି, ଦିଲୀପ କୁମାର ଭୋଇ, କରୁଣାକର ପାଟଶାଣୀ, ବ୍ରଜେନ୍ଦ୍ର କୁମାର ଦାସ, କାଶୀନାଥ ନନ୍ଦୀ, ଚିତ୍ତରଞ୍ଜନ ବ୍ରହ୍ମା, ବ୍ରହ୍ମାନନ୍ଦ ପାଢ଼ୀ, ଗୌତମ ଦାସ, ସୁନୀଲ କୁମାର ମହାନ୍ତି, ଗଙ୍ଗାଧର ପୁହାଣ ପ୍ରମୁଖଙ୍କ ସହ ସହରର ବହୁ ସାହିତ୍ୟ ସଂସ୍କୃତି ପ୍ରେମୀ ବୁଦ୍ଧିଜୀବୀ ଯୋଗ ଦେଇଥିଲେ।




## ଇସ୍ପାତ ସାହିତ୍ୟ ସଂସଦର ବାର୍ଷିକ ଉତ୍ସବ ଉଦ୍‌ଯାପିତ

# 'ସାହିତ୍ୟିକମାନେ ସମାଜ ସଂସ୍କାରକ ହୁଅନ୍ତୁ'

**ରାଉରକେଲା, ୬।୧୦(ସମିସ):** ରାଉରକେଲା ସହରର ଅନ୍ୟତମ ସାମାଜିକ ଓ ସାଂସ୍କୃତିକ ଅନୁଷ୍ଠାନ ଇସ୍ପାତ ସାହିତ୍ୟ ସଂସଦର ଦ୍ୱିଦିବସୀୟ ୫୫ତମ ବାର୍ଷିକ ଉତ୍ସବ ସଂସଦର ସେକ୍ଟର - ୭ ସ୍ଥିତ ନିଜସ୍ୱ କାର୍ଯ୍ୟାଳୟଠାରେ ଉଦ୍‌ଯାପିତ ହୋଇଯାଇଛି। ସଂସଦର ସଭାପତି ନୃସିଂହ ଚରଣ ବିଶ୍ୱାଳଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ଉତ୍ସବରେ ମୁଖ୍ୟଅତିଥି ଭାବେ ବିଧାୟକ ସାରଦା ପ୍ରସାଦ ନାୟକ, ଉଦ୍‌ଘାଟକ ଭାବେ ରଘୁନାଥପାଲ୍ଲୀ ବିଧାୟକ ଦୁର୍ଗା ଚରଣ ତନ୍ତୀ ଯୋଗ ଦେଇଥିଲେ। ମୁଖ୍ୟ ଅତିଥି ଶ୍ରୀ ନାୟକ ସମ୍ପ୍ରତି ସାମାଜିକ ବ୍ୟବସ୍ଥା ଅବିଶ୍ୱାଶ ଓ ସନ୍ଦେହର ବାତାବରଣ ମଧ୍ୟରେ ସାହିତ୍ୟିକମାନେ ଦିଗ୍‌ଦର୍ଶକଭାବେ କାର୍ଯ୍ୟ କରିବା ପାଇଁ ଆହ୍ୱାନ ଦେଇଥିଲେ। ଶ୍ରୀ ତନ୍ତୀ ରାଉରକେଲା ସହରର ଉନ୍ନତି ଓ ବିକାଶ ଦିଗରେ ସାହିତ୍ୟିକ ଓ ସାହିତ୍ୟ ଅନୁଷ୍ଠାନର ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ। ଏଥିସହ ସଂସଦର ଭିତ୍ତିଭୂମି ବିକାଶ ପାଇଁ ୧୦ ଲକ୍ଷ ଟଙ୍କାର ସହାୟତା ପ୍ରଦାନ ନିମନ୍ତେ ପ୍ରତିଶ୍ରୁତି ଦେଇଥିଲେ। ମୁଖ୍ୟବକ୍ତା ଭାବେ କେନ୍ଦ୍ର ସାହିତ୍ୟ ଏକାଡେମୀର ଓଡ଼ିଆ ଉପଦେଷ୍ଟା ମଣ୍ଡଳୀର ସଦସ୍ୟ ଡ. ମନୋଜ କୁମାର ପଣ୍ଡା, ସମ୍ମାନିତ ଅତିଥିଭାବେ ସମ୍ବଲପୁର ମହିଳା ମହାବିଦ୍ୟାଳୟର ଓଡ଼ିଆ ବିଭାଗର ପ୍ରାଧ୍ୟାପକ ଅଖିଳ ବିଶ୍ୱାଳ ଯୋଗଦେଇଥିଲେ। ଲେଖିକା ସୁସ୍ମିତା ମହାପାତ୍ରଙ୍କ ସଂଯୋଜନାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସଂସଦର ବାର୍ଷିକ ମୁଖପତ୍ର 'ସ୍ତବକ' ଉନ୍ମୋଚିତ ହୋଇଥିଲା। ସାଧାରଣ ସମ୍ପାଦକ ମନୋଜ କୁମାର ନନ୍ଦ ବିବରଣୀ ପାଠ କରିଥିଲେ। ସଂସଦର ନବ ନିର୍ମିତ 'ତପସ୍ୱିନୀ ପାଠାଗାର'ର ଉଦ୍‌ଘାଟନ ସହ ମା' ବାଗ୍‌ଦେବୀଙ୍କ ପ୍ରତିମୂର୍ତ୍ତି ଅନାବରଣ ହୋଇଥିଲା। ବ୍ୟାସକବି ପୁରସ୍କାରରେ ସାହିତ୍ୟିକ ଡ. ଅଶ୍ୱିନୀ କୁମାର ରାୟ, ଲେଖିକା ଡ. ଗୀତାଞ୍ଜଳି ପତ୍ରୀ, ସଂଗଠକ ତଥା ସାହିତ୍ୟିକ ବିକ୍ରମ ଚନ୍ଦ୍ର ଆଚାର୍ଯ୍ୟଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।








ଅଧିଷ୍ଠାତ୍ରୀ ଦେବୀ ମା' ସମଲେଶ୍ୱରୀ ମନ୍ଦିରରେ ଧ୍ୱଜାରୋହଣ ଓ ନିଆଁ ଖେଳ



ରାଜରାଜେଶ୍ୱରୀ ବେଶରେ ମା' ପାଟଣେଶ୍ୱରୀ

# ରଣେଶ୍ୱର ରାମଚଣ୍ଡୀ ମନ୍ଦିରରେ ଧ୍ୱଜାରୋହଣ

**ସମ୍ବଲପୁର, ୬।୧୦ (ସମିସ)** : ଦାନୀପାଲିସ୍ଥିତ ରଣେଶ୍ୱର ରାମଚଣ୍ଡୀ ମନ୍ଦିରରେ ଆଶ୍ୱିନ ଶୁକ୍ଳପକ୍ଷ ଚତୁର୍ଦ୍ଦଶୀ ଅବସରରେ ସ୍ୱତନ୍ତ୍ର ପୂଜା ସହ ରାମଚଣ୍ଡୀ ଦିବସ ପାଳିତ ହୋଇଯାଇଛି। ବୌଦ୍ଧ ସରସରାରେ ୧୩ଶ ଶତାବ୍ଦୀର ଶେଷଭାଗରେ ଆଶ୍ୱିନ ଶୁକ୍ଳପକ୍ଷ ଚତୁର୍ଦ୍ଦଶୀ ତିଥିରେ ରଣେଶ୍ୱର ରାମଚଣ୍ଡୀ ମନ୍ଦିର ସ୍ଥାପନାସହ ଶଙ୍ଖ ତ୍ରିଶୁଳ ସ୍ଥାପନା କରାଯାଇ ପୂଜାକାର୍ଯ୍ୟ ଆରମ୍ଭ ହୋଇଥିଲା ବୋଲି କହିଛନ୍ତି ପୂଜକ ଦେବୀ ପ୍ରସାଦ ଭୋଇ। ତେଣୁ ପ୍ରତିବର୍ଷ ଏହି ତିଥିରେ ରାମଚଣ୍ଡୀ ଦିବସ ଭାବେ ପାଳିତ ହେଉଛି। ଆଜି ସକାଳୁ ମା'ଙ୍କ ସ୍ୱତନ୍ତ୍ର ବେଶ କରାଯିବା ସହ ପୂଜାର୍ଚ୍ଚନା କରାଯାଇଥିଲା।



ସନ୍ଧ୍ୟାରେ ମୁଖ୍ୟ ମନ୍ଦିର ଏବଂ ଅନ୍ୟ ମନ୍ଦିର ମାନଙ୍କରେ ଧ୍ୱଜାରୋହଣ କରାଯାଇଥିଲା। ଶଙ୍ଖଘଣ୍ଟ ହୁଳହୁଳି ଶବ୍ଦରେ ମନ୍ଦିର ପରିସର ମୁଖରିତ ହୋଇ ଉଠିଥିଲା। ପୂଜକ ଦେବୀପ୍ରସାଦ ଭୋଇଙ୍କ ଦ୍ୱାରା ଝଣ୍ଡା ପୂଜା କରାଯିବା ପରେ ଦେବବ୍ରତ ବାରିକଙ୍କ ଦ୍ୱାରା ମନ୍ଦିର ଶିଖରରେ ଝଣ୍ଡା ଲଗାଯାଇଥିଲା। କୁଳତା ସମାଜର ଦେବତ୍ତମ ପ୍ରଧାନ, ରଞ୍ଜନ ପାତ୍ର, ପ୍ରଦୀପ ସାହୁ, ଆନନ୍ଦ ପ୍ରଧାନ, ଦେବଦତ୍ତ ସାହୁ, ଅକ୍ଷୟ ପ୍ରଧାନ, ଭକ୍ତବନ୍ଧୁ ପ୍ରଧାନ, ସୁଦାମ ଭୋଇ, ଲିଙ୍ଗରାଜ ପ୍ରଧାନ, ଟଙ୍କଧର ବାରିକ, ସୁରେଶ ବେହେରା, ଭବାନୀ ଶଙ୍କର ଭୋଇ ପ୍ରମୁଖ ଉପସ୍ଥିତ ଥିଲେ।



# ଧର୍ମ-ସ୍ୱତନ୍ତ୍ରତା ବିଧେୟକକୁ ସନ୍ଥ ସମାଜର ସମର୍ଥନ

**ସମ୍ବଲପୁର, ୬।୧୦ (ସମିସ)**

ଧର୍ମ-ସ୍ୱତନ୍ତ୍ରତା ବିଧେୟକକୁ ସମର୍ଥନ କରିଛି ଅଖିଳ ଭାରତୀୟ ସନ୍ଥ ସମାଜ। ଏକ ଚର୍ଚ୍ଚ ଏହି ବିଧେୟକକୁ ବାତିଲ କରିବା ପାଇଁ ଆବେଦନ କରିଥିବାବେଳେ ଏହା ପ୍ରତ୍ୟେକ ବ୍ୟକ୍ତିଙ୍କୁ ନିଜ ଧର୍ମ ପ୍ରଚାର ପ୍ରସାର କରିବାର ସ୍ୱାଧୀନତା ଦେଉଛି ବୋଲି ମ୍ୟୁନିସିପାଲିଟି ଛକ ନିକଟସ୍ଥ ସାମ୍ବାଦିକ ଭବନଠାରେ ଆଜି ପୂର୍ବାହ୍ଣରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ସ୍ୱାମୀ ଜୀବନମୁକ୍ତାନନ୍ଦ ପୁରୀଜୀ ମହାରାଜ ମତପ୍ରକାଶ କରିଛନ୍ତି। ସମ୍ମିଳନୀରେ ଅଖିଳ ଭାରତୀୟ ସନ୍ଥ ସମାଜ ପକ୍ଷରୁ ସ୍ୱାମୀ ଜୀବନମୁକ୍ତାନନ୍ଦଙ୍କ ସହିତ ମହିମା ସନ୍ୟାସୀ ଶେଷଦେବ ବାବା, ସ୍ୱାମୀ ଶିବାନନ୍ଦ ସରସ୍ୱତୀ ଓ ସ୍ୱାମୀ ବିମଳାନନ୍ଦ ସରସ୍ୱତୀ ଉପସ୍ଥିତ ଥିଲେ।

ସ୍ୱାମୀ ଜୀବନମୁକ୍ତାନନ୍ଦଙ୍କ କହିବାନୁଯାୟୀ, କେହି ଯଦି ନିଜ ଧର୍ମ ବଦଳାଇବାକୁ ଚାହେଁ, ସେ ଜିଲ୍ଲାପାଳଙ୍କ ପାଖରେ ଆଫିଡେଭିଟ୍ କରିବ ଯେ, ମୁଁ ସ୍ୱଇଚ୍ଛାରେ ଧର୍ମ ପରିବର୍ତ୍ତନ କରୁଛି। ତାହା ଯଦି ସ୍ୱୀକୃତି ମିଳିଲା ତେବେ ସେ ଧର୍ମ ପରିବର୍ତ୍ତନ କରିପାରିବ। ଚର୍ଚ୍ଚ ପକ୍ଷରୁ ଏହି ଆଇନକୁ ହଟାଇବା ପାଇଁ ସୁପ୍ରିମକୋର୍ଟରେ ପିଟିସନ ଦାଖଲ କରାଯାଇଛି ଯେ, କେହି ଅନ୍ୟ ଧର୍ମକୁ ଗଲେ କାହାକୁ ଜଣେଇବା ଆବଶ୍ୟକ ନାହିଁ। ଭାରତର ସମ୍ବିଧାନର ଅନୁଚ୍ଛେଦ ୨୫ ଅନୁସାରେ କୁହାଯାଇଛି ଯେ ଧର୍ମ ସ୍ୱାଧୀନତା ସମସ୍ତଙ୍କର ଅଛି ଏବଂ ସମସ୍ତେ ନିଜ ଧର୍ମ ଠିକ୍ ଢଙ୍ଗରେ ପାଳନ କରିପାରିବେ। କିନ୍ତୁ ତାଙ୍କୁ କେହି ଛଳ, ବଳ, କୌଶଳ ଦ୍ୱାରା ଅନ୍ୟ ନିୟମକୁ ପରିବର୍ତ୍ତନ କରନ୍ତୁ ତାହାର ନିୟମ ରହିଛି ବୋଲି ସ୍ୱାମୀଜୀ କହିଛନ୍ତି। ଏହି ଆଇନ କୌଣସି ପ୍ରକାରେ ଉଠିଯାଉ ବୋଲି ରମନ୍ କେଥୋଲିକ ଚର୍ଚ୍ଚ ସୁପ୍ରିମକୋର୍ଟରେ ଆବେଦନ କରିଛନ୍ତି। ଏହାକୁ ସୁପ୍ରିମକୋର୍ଟ ଗ୍ରହଣ ମଧ୍ୟ କରିଛନ୍ତି। ଏହି ଆଇନ ଯେଉଁଭଳି ଭାବେ ଅଛି, ସେହିପରି ବଳବତ୍ତର ରହୁ, ନହେଲେ ଦେଶ ଖଣ୍ଡବିଖଣ୍ଡିତ ହୋଇଯିବ ବୋଲି ସ୍ୱାମୀ ଜୀବନମୁକ୍ତାନନ୍ଦ କହିଛନ୍ତି। ସନ୍ଥ ସମାଜ ଚାହୁଁଛି ଏହି ଆଇନ ବଳବତ୍ତର ରହୁ ଏବଂ ଯିଏ ବି ଧର୍ମ ପରିବର୍ତ୍ତନ କରିବାକୁ ଚାହୁଁଛନ୍ତି ଆମର ଆପତ୍ତି ନାହିଁ କିନ୍ତୁ ନିଜ ସ୍ୱଇଚ୍ଛାରେ ଯିବା ପାଇଁ ଏହାକୁ ସରକାରଙ୍କୁ ଜଣାଇବା ଉଚିତ ବୋଲି ସେ ମତ ରଖିଛନ୍ତି।



ସନ୍ଥମାନେ କହିଥିଲେ ଯେ, ଭାରତରେ ହଜାର ହଜାର ବର୍ଷ ଧରି ବିଭିନ୍ନ ପନ୍ଥ, ପରମ୍ପରା ଓ ସମ୍ପ୍ରଦାୟ ରହିଛନ୍ତି। ଏହି ବିଭିନ୍ନତାକୁ ସୁରକ୍ଷା କରିବାର ଆଧାର ହେଉଛି ଧର୍ମ-ସ୍ୱାଧୀନତା। ପ୍ରତ୍ୟେକ ବ୍ୟକ୍ତିଙ୍କୁ ନିଜର ଆସ୍ଥା ଅନୁସାରେ ଜୀବନ ଯାପନ କରିବାର ଅଧିକାର ଅଛି, ନିଜର ପୂଜା ପଦ୍ଧତି ଅନୁସରଣ କରିବାର ସ୍ୱାଧୀନତା ଅଛି। ଏହି ସ୍ୱାଧୀନତା ଭାରତକୁ ପୃଥିବୀର ସବୁଠାରୁ ପୁରାତନ ଓ ଜୀବନ୍ତ ସଭ୍ୟତାରେ ପରିଣତ କରିଛି। କିନ୍ତୁ ଆଜି ଏହି ସ୍ୱାଧୀନତା ପାଇଁ ସବୁଠୁ ବଡ଼ ସଙ୍କଟ 'ଧର୍ମାନ୍ତରଣ' ରୂପରେ ଆସୁଛି। ଛଳ, ବଳ ଓ ପ୍ରଲୋଭନରେ ହୋଇଥିବା ଧର୍ମାନ୍ତରଣ କେବଳ ବ୍ୟକ୍ତିଗତ ସ୍ୱାଧୀନତାର ହନନ ନୁହେଁ, ସମାଜର ସାଂସ୍କୃତିକ ଅସ୍ତିତ୍ୱକୁ ମଧ୍ୟ ଆଘାତ କରେ। ଏହି କାରଣରୁ ଭାରତର ଅନେକ ରାଜ୍ୟ ଧର୍ମ-ସ୍ୱାଧୀନତା ଆଇନ ଲାଗୁ କରିଛନ୍ତି।

## ବସ୍ ଧକ୍କାରେ ଜଣେ ମୃତ

**ସମ୍ବଲପୁର, ୬।୧୦(ସମିସ):** ସଦରଥାନା ଅନ୍ତର୍ଗତ ସିନ୍ଦୁରପଙ୍କ ନିକଟରେ ଏକ ବସ ଧକ୍କାରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ସିନ୍ଦୁରପଙ୍କ ହନୁମାନ ମନ୍ଦିରରେ ରହୁଥିବା ଗଛକାଟୁ(୪୫)। ପୁଲିସ ଦୁର୍ଘଟଣାଗ୍ରସ୍ତ ବସକୁ ଜବତ କରିବା ସହ ଚାଳକ ବୁର୍ଲାର ପ୍ରଶାନ୍ତ ଖମାରୀଙ୍କୁ ଅଟକ ରଖିଛି। ସୂଚନା ଅନୁସାରେ ଗଛକାଟୁଙ୍କ କେହି ପରିବାର ନ ଥିବା ବେଳେ ଦୀର୍ଘଦିନ ହେଲା ସେ ସିନ୍ଦୁରପଙ୍କ ହନୁମାନ ମନ୍ଦିରରେ ଅସହାୟ ଅବସ୍ଥାରେ ରହୁଥିଲେ। ସୋମବାର ସନ୍ଧ୍ୟାରେ ଜାତୀୟ ରାଜପଥ(୫୩) ପାର ହେଉଥିବା ବେଳେ ସମ୍ବଲପୁରକୁ ଆସୁଥିବା ଜୟମାତାଦି ନାମକ ବସ ଦୃତଗତିରେ ଆସି ତାଙ୍କୁ ଧକ୍କା ଦେଇଥିଲା। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ଖବର ପାଇ ପୁଲିସ ଘଟଣାସ୍ଥଳରେ ପହଞ୍ଚି ଶବ ଜବତ କରି ପ୍ରଥମେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଓ ପରେ ବ୍ୟବଚ୍ଛେଦ ପାଇଁ ଭିମସାରକୁ ପଠାଇଛି।

## ଛିନତାଇ ଅଭିଯୋଗରେ ଜଣେ ଗିରଫ

**ସମ୍ବଲପୁର, ୬।୧୦(ସମିସ):** ବୁର୍ଲା ପୁଲିସ ଛିନତାଇ ଅଭିଯୋଗରେ ଜଣକୁ ଗିରଫ କରିଛି। ସେ ହେଉଛି ବୁର୍ଲା ଥାନା ଚିପଲିମାର ସବିର ଖାନ(୩୦)। ସୂଚନା ଅନୁସାରେ ବୌଦ୍ଧର ଅଶୋକ ହାତୀ(୩୨) ସକାଳୁ ଚା' ପିଉଥିଲେ। ଏହି ସମୟରେ ସବିର ମୋବାଇଲ ଛଡ଼ାଇ ଫେରାର ହୋଇଯାଇଥିଲେ। ଥାନାରେ ଅଭିଯୋଗ ପରେ ପୁଲିସ ଅଭିଯୁକ୍ତକୁ ଗିରଫ କରିବା ସହ ମୋବାଇଲ ଫୋନ ଜବତ କରିଛି।ପୂର୍ବରୁ ସବିର ନାମରେ ବୁର୍ଲା ଥାନାରେ ଆଉ ଏକ ମାମଲା ରହିଥିବା ସୂଚନା ରହିଛି।

# ସମ୍ବଲପୁରରେ ହେବ ମାଁ ସମଲେଶ୍ୱରୀ ଆଧ୍ୟାତ୍ମିକ ସମ୍ମେଳନ

**ସମ୍ବଲପୁର, ୬।୧୦ (ସମିସ):** ସ୍ଥାନୀୟ ପାନ୍ଥନିବାସସ୍ଥିତ ବୀର ସୁରେନ୍ଦ୍ର ସାଏ ସମ୍ମିଳନୀ କକ୍ଷରେ ସୋମବାର ପୂର୍ବାହ୍ଣରେ ମାଁ ସମଲେଶ୍ୱରୀ ଆନ୍ତର୍ଜାତିକ ଆଧ୍ୟାତ୍ମିକ ସମ୍ମେଳନ ଆୟୋଜନ ସମିତିର ଦ୍ୱିତୀୟ ସଭା ଅନୁଷ୍ଠିତ ହୋଇଛି। ପ୍ରଫେସର ରାଧେ ଗୋପାଳ ପ୍ରଧାନଙ୍କ ଅଧ୍ୟକ୍ଷତା କରିଥିବା ବେଳେ ସଭାକୁ ସଂସ୍କୃତିରତ୍ନ କାର୍ତ୍ତିକ ପ୍ରସାଦ ବହିଦାର ପରିଚାଳନା କରିଥିଲେ। ମଞ୍ଚରେ ରାଧାମାଧବ ବହିଦାର, ସଞ୍ଜୟ କୁମାର ବାବୁ, ଶିବ ନାରାୟଣ ବେହେରା, ଜଗଦୀଶ ପାଣ୍ଡେ ପ୍ରମୁଖ ଉପସ୍ଥିତ ଥିଲେ। ଆବାହକ ପ୍ରଫେସର ପ୍ରଧାନ ସଙ୍ଗଠନର ଲକ୍ଷ୍ୟ ଉଦ୍ଦେଶ୍ୟ ସମ୍ବନ୍ଧରେ ପ୍ରାରମ୍ଭିକ ବକ୍ତବ୍ୟ ପ୍ରଦାନ କରିଥିଲେ। ସମ୍ମିଳନୀର ସଫଳ ଆୟୋଜନ ସକାଶେ ଉପସ୍ଥିତ ଶତାଧିକ ବୁଦ୍ଧିଜୀବୀ ସେମାନଙ୍କର ସୁଚିନ୍ତିତ ମତାମତ ଉପସ୍ଥାପନ କରିଥିଲେ। ସଭାରେ ସର୍ବସମ୍ମତିକ୍ରମେ ଏକ କେନ୍ଦ୍ରୀୟ ପରିଚାଳନା ସମିତି ଗଠନ କରାଯାଇଥିଲା। ପଣ୍ଡିତ ଅମରନାଥ ମିଶ୍ର ନୂତନ ଭାବରେ ଗଠିତ କେନ୍ଦ୍ରୀୟ ପରିଚାଳନା ସମିତିର ଘୋଷଣା କରିଥିଲେ। କେନ୍ଦ୍ରୀୟ ସଭାପତି ଭାବରେ ପ୍ରଫେସର ରାଧେ ଗୋପାଳ ପ୍ରଧାନ, ଉପସଭାପତି ଭାବରେ କାର୍ତ୍ତିକ ପ୍ରସାଦ ବହିଦାର ଓ ଜଗଦୀଶ ପାଣ୍ଡେ, ସାଧାରଣ ସମ୍ପାଦକ ଭାବରେ ସଞ୍ଜୟ କୁମାର ବାବୁ, ସଙ୍ଗଠନ ସମ୍ପାଦକ ଭାବରେ ରାଧାମାଧବ ବହିଦାର, ଯୁଗ୍ମ ସମ୍ପାଦକ ଭାବରେ ନେପାଳ ପ୍ରଧାନ ଓ ପଞ୍ଚାନନ କୈରାଳୀ, କୋଷାଧ୍ୟକ୍ଷ ଭାବରେ ଲିଙ୍ଗରାଜ ପ୍ରଧାନ, ମହିଳା ବିଭାଗର ଆବାହିକା ଭାବରେ ଡ. ମାନସୀ କର ଏବଂ ଯୁବ ବିଭାଗର ଆବାହକ ଭାବରେ ଓମ୍ ପ୍ରକାଶ ସାହୁଙ୍କୁ ଦାୟୀତ୍ୱ ପ୍ରଦାନ କରାଯାଇଛି।କେନ୍ଦ୍ରୀୟ କାର୍ଯ୍ୟକାରୀ କମିଟିରେ ସଭ୍ୟ ଭାବରେ ସୁବେଦାର ମେଜର ଶିବ ନାରାୟଣ ବେହେରା, ପଣ୍ଡିତ ଅମରନାଥ ମିଶ୍ର, ସାବିତ୍ରୀ ପ୍ରଧାନ, ଭକ୍ତ ପ୍ରସାଦ ନନ୍ଦ, ସୁପ୍ରଭା ସାମଲ, ଲଲାଟ ଲୁହା, ଭାରତୀ ପଣ୍ଡା, ଡ. ଦୀପେନ୍ ପଟ୍ଟନାୟକ, ଡ. ସପନ୍ ମିଶ୍ର, ଭବାନୀ ଶଙ୍କର ଭୋଇ, ସରୋଜ କୁମାର ଦାଶ, ଦିବାକର ପ୍ରଧାନ, ପ୍ରିୟବ୍ରତ ବଣ୍ଡୁଆଁ, ସୁରେନ୍ଦ୍ର ସ୍ୱାଇଁ, ଯଜ୍ଞେଶ୍ୱର ନାରାୟଣ ମିଶ୍ର, ଫଣୀନ୍ଦ୍ର ତାଣ୍ଡି, ଉପେନ୍ଦ୍ର ମହାପାତ୍ର, ରାମେଶ୍ୱର ପୁରୋହିତ, ଡ. ନରେନ୍ଦ୍ର ବେହେରା, ଲକ୍ଷ୍ମୀ ନାରାୟଣ ପଣ୍ଡା, ରତ୍ନାକର ଭୋଇ ପ୍ରମୁଖ ରହିଛନ୍ତି। ସମଗ୍ର ବିଶ୍ୱରେ ମାଁ ସମଲେଶ୍ୱରୀଙ୍କ ମହିମା ପ୍ରଚାର ପ୍ରସାର ମହାନ୍ ଉଦ୍ଦେଶ୍ୟରେ ପ୍ରତିଷ୍ଠିତ ଏହି ଆଧ୍ୟାତ୍ମିକ ସମ୍ମିଳନୀ ଆୟୋଜନ ପାଇଁ ଉପସ୍ଥିତ ସମସ୍ତ ସଭ୍ୟସଭ୍ୟା ପାଣ୍ଠିକୁ ଅର୍ଥଦାନ କରିଥିଲେ। ଶେଷରେ ସାଧାରଣ ସମ୍ପାଦକ ସଞ୍ଜୟ କୁମାର ବାବୁ ଧନ୍ୟବାଦ ଅର୍ପଣ କରିଥିଲେ।



# ଆନ୍ଧ୍ରରେ ବନ୍ଧା ଦୁଇ ଶ୍ରମିକଙ୍କୁ ଉଦ୍ଧାର

**ସମ୍ବଲପୁର, ୬।୧୦(ସମିସ):** ମାନେଶ୍ୱର ବ୍ଲକ ଧମା ଥାନା ବାଉଁସେନମୁରା ଗ୍ରାମର ବନ୍ଧାପଡ଼ିଥିବା ଦୁଇଜଣ ଶ୍ରମିକଙ୍କୁ ଧମା ପୁଲିସ ଉଦ୍ଧାର କରିଛି। ଆନ୍ଧ୍ରପ୍ରଦେଶର ପାର୍ବତୀପୁରମ୍‌ସ୍ଥିତ ଏକ ଚିଙ୍ଗୁଡ଼ି ଫାର୍ମରୁ ସେମାନଙ୍କୁ ଉଦ୍ଧାର କରିଛି। ସୂଚନା ଅନୁସାରେ ବାଉସେନମୁରା ଗ୍ରାମର ଦୁଇଜଣ ଯୁବକ କୃଷ୍ଣ ଭୋଇ ଓ ନିର୍ମଳ କୁଅଁର ଆନ୍ଧ୍ରପ୍ରଦେଶର ପାର୍ବତୀପୁରମକୁ କାମ ପାଇଁ ଯାଇଥିଲେ। ସେଠାକାର ଏକ ଚିଙ୍ଗୁଡ଼ି ଉତ୍ପାଦନ କେନ୍ଦ୍ରରେ ସେମାନଙ୍କୁ ବାନ୍ଧି ନିର୍ଯାତନା ଦେବା ସହ ଠିକଭାବରେ ଖାଇବାକୁ ଦିଆଯାଉନଥିଲା। ଏପରିକି ଅଧିକ ସମୟ ପରିଶ୍ରମ କରିବା ପାଇଁ ବାଧ୍ୟ କରାଯାଉଥିଲା। କୌଣସି ପ୍ରକାରେ ସେମାନେ ଫୋନ ଯୋଗେ ପରିବାର ଲୋକଙ୍କୁ ଜଣାଇଥିଲେ।ପରେ ପରିବାର ଲୋକେ ଧମା ଥାନା ଓ ଜିଲ୍ଲା ପ୍ରଶାସନଙ୍କୁ ଉଦ୍ଧାର କରିବା ପାଇଁ ଅନୁରୋଧ କରିଥିଲେ। ଧମା ପୁଲିସର ଏକ ଟିମ୍ ଆନ୍ଧ୍ରପ୍ରଦେଶ ଯାଇ ସେମାନଙ୍କୁ ସୋମବାର ଉଦ୍ଧାର କରିଛି। ମଙ୍ଗଳବାର ସୁଦ୍ଧା ସେମାନେ ସମ୍ବଲପୁର ପହଞ୍ଚିବେ। ଥାନାର ଏସଆଇ କୃଷ୍ଣଚନ୍ଦ୍ର ମୁଗ୍ରୀ ଓ କନେଷ୍ଟେବଲ ଅଶ୍ୱିନୀ କାଲକା ଉଦ୍ଧାରକାରୀ ଟିମରେ ସାମିଲ ଥିଲେ।



# ବିରଳ ରକ୍ତଦେଇ ଜୀବନ ବଞ୍ଚାଇଲେ



**ସମ୍ବଲପୁର, ୬।୧୦(ସମିସ):** ରକ୍ତାଭାବ ଦେଖାଦେଇଥିବାବେଳେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଜଣେ ରୋଗୀଙ୍କୁ ବିରଳ ଏ-ନେଗେଟିଭ ରକ୍ତ ଆବଶ୍ୟକ ଥିଲା। ବୁର୍ଲା ରକ୍ତଭଣ୍ଡାରରେ ମଧ୍ୟ ଏହି ବର୍ଗର ରକ୍ତ ଉପଲବ୍ଧ ନଥିଲା। ନିୟମିତ ରକ୍ତଦାତା ଚକ୍ର ମହାନନ୍ଦ ସମାଜସେବୀ ରାମଦାସ ପଣ୍ଡାଙ୍କୁ ରକ୍ତ ପାଇଁ ଯୋଗାଯୋଗ କରିଥିଲେ। ଖବରପାଇ ରାମଦାସ ପଣ୍ଡା ଭାରତୀୟ ଷ୍ଟେଟ୍ ବ୍ୟାଙ୍କରେ ରିଜିଓନାଲ ମ୍ୟାନେଜର ଭାବେ କାର୍ଯ୍ୟରତ ଶ୍ୟାମ ସୁନ୍ଦର ଠାକୁରଙ୍କୁ ଯୋଗାଯୋଗ କରିଥିଲେ। ଶ୍ୟାମ ସୁନ୍ଦର ସମ୍ବଲପୁର ରକ୍ତଭଣ୍ଡାରକୁ ଯାଇ ରକ୍ତଦାନ କରି ଗୋଟିଏ ରୋଗୀର ଜୀବନ ବଞ୍ଚେଇବା ପାଇଁ ଚେଷ୍ଟା କରିଛନ୍ତି। ରକ୍ତ ପାଇବାପରେ ରୋଗୀଙ୍କ ସମ୍ପର୍କୀୟ ରକ୍ତଦାତା ଶ୍ୟାମ ଠାକୁର ଏବଂ ରାମଦାସ ପଣ୍ଡାଙ୍କୁ ଧନ୍ୟବାଦ ଜଣାଇଛନ୍ତି।

## ୮ରେ ସମ୍ବଲପୁରରୁ ଅଯୋଧ୍ୟା-ବାରାଣାସୀ ତୀର୍ଥଯାତ୍ରା

# ସାମିଲ ହେବେ ୮ ଜିଲ୍ଲାର ୭୭୫ ଯାତ୍ରୀ

**ସମ୍ବଲପୁର, ୬।୧୦ (ସମିସ)**

ଆସନ୍ତା ୮ ତାରିଖ ସମ୍ବଲପୁରରୁ ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଅଯୋଧ୍ୟା - ବାରାଣାସୀକୁ ଛଅଦିନିଆ ତୀର୍ଥରେ ବରିଷ୍ଠ ନାଗରିକ ବାହାରିବେ। ସମ୍ବଲପୁର, ଅନୁଗୋଳ, ବରଗଡ଼, ସୁନ୍ଦରଗଡ଼, ବଲାଙ୍ଗିର, ସୁବର୍ଣ୍ଣପୁର, ଝାରସୁଗୁଡ଼ା ଓ ଦେବଗଡ଼ ଆଦି ୮ଟି ଜିଲାର ୭୭୫ ଜଣ ତୀର୍ଥଯାତ୍ରୀ ଏହି ଯାତ୍ରାରେ ସାମିଲ ହେବେ। ସେମାନଙ୍କ ସହ ୨୫ ଜଣ ଏସ୍କର୍ଟ ଅଫିସର ଯିବେ। ଉଲ୍ଲେଖଯୋଗ୍ୟ ଯେ, ଗତ ୨୦୧୬ ମସିହାରେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଆରମ୍ଭ ହୋଇଥିଲା। ଏହାପରେ ପ୍ରତିବର୍ଷ ରାଜ୍ୟର ୫ଟି ସ୍ଥାନ - ଭୁବନେଶ୍ୱର, ସମ୍ବଲପୁର, ରାୟଗଡ଼ା, ବାଲେଶ୍ୱର ଓ ବ୍ରହ୍ମପୁରରୁ ପର୍ଯ୍ୟାୟକ୍ରମେ ବିଭିନ୍ନ ଜିଲାର ବରିଷ୍ଠ ନାଗରିକ ରାଜ୍ୟ ସରକାରଙ୍କ ତୀର୍ଥଯାତ୍ରା ଯୋଜନାରେ ଅନ୍ତର୍ଭୁକ୍ତ ହୋଇ ଦେଶର ପ୍ରମୁଖ ତୀର୍ଥସ୍ଥାନ ଦର୍ଶନ କରୁଛନ୍ତି।

ରାଜ୍ୟ ପର୍ଯ୍ୟଟନ ବିଭାଗ ପକ୍ଷରୁ ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଆସନ୍ତା ୮ ରୁ ୧୩ ତାରିଖ ପର୍ଯ୍ୟନ୍ତ ଉପରୋକ୍ତ ୮ଟି ଜିଲ୍ଲାରୁ ୯୭୫ ଜଣ ବରିଷ୍ଠ ନାଗରିକଙ୍କୁ ନେଇ ଅଯୋଧ୍ୟା - ବାରାଣାସୀକୁ ଏକ ସ୍ୱତନ୍ତ୍ର ଟ୍ରେନ ଯାତ୍ରା କରିବ। ଏଥିପାଇଁ ବରିଷ୍ଠ ନାଗରିକମାନେ ପୂର୍ବରୁ ଅନ୍‌ଲାଇନରେ ଆବେଦନ କରିଥିଲେ ଏବଂ ସେମାନଙ୍କ ଚୟନ କରାଯାଇଥିଲା। ତୀର୍ଥଯାତ୍ରାରେ ସମ୍ବଲପୁର ଜିଲ୍ଲାରୁ ୮୯ ଜଣ, ଅନୁଗୋଳରୁ ୧୦୯ ଜଣ, ବରଗଡ଼ରୁ ୧୨୭ ଜଣ, ସୁନ୍ଦରଗଡ଼ରୁ ୧୮୦ ଜଣ, ବଲାଙ୍ଗୀରରୁ ୧୪୧ ଜଣ, ସୁବର୍ଣ୍ଣପୁରରୁ ୫୨ ଜଣ, ଝାରସୁଗୁଡ଼ାରୁ ୫୦ ଜଣ ଓ ଦେବଗଡ଼ରୁ ୨୭ ଜଣ ବରିଷ୍ଠ ନାଗରିକ ସାମିଲ ହେବେ। ବରିଷ୍ଠ ନାଗରିକମାନେ ସ୍ୱତନ୍ତ୍ର ବସ ଯୋଗେ ନିଜ ଜିଲ୍ଲାରୁ ଆସି ୭ ତାରିଖ ସନ୍ଧ୍ୟା ସୁଦ୍ଧା ସମ୍ବଲପୁରରେ ପହଞ୍ଚିବେ ଏବଂ ୮ ତାରିଖ ପୂର୍ବାହ୍ଣ ୧୧ଟାବେଳେ ସମ୍ବଲପୁରରୁ ଟ୍ରେନ ଯୋଗେ ଯାତ୍ରା କରିବେ। ଏଥିପାଇଁ ପ୍ରତି ଜିଲ୍ଲାରୁ ପଞ୍ଜିକରଣ ଓ ସ୍ୱାସ୍ଥ୍ୟ ପରୀକ୍ଷା ପରେ ବସ୍ ବ୍ୟବସ୍ଥା କରାଯାଇଛି। ସମ୍ବଲପୁରରେ ଅସ୍ଥାୟୀ ରହଣି, ଖାଦ୍ୟପେୟ ବ୍ୟବସ୍ଥା, ୭ ତାରିଖ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିବା ପର୍ଯ୍ୟଟନ ବିଭାଗ ସହକାରୀ ନିର୍ଦ୍ଦେଶକ ରବୀନ୍ଦ୍ର କୁମାର ଦଳାଇ ସୂଚନା ଦେଇଛନ୍ତି। ସମ୍ବଲପୁର, ସୁବର୍ଣ୍ଣପୁର ଓ ଦେବଗଡ଼ ଜିଲ୍ଲାର ଯାତ୍ରୀଙ୍କୁ ପାନ୍ଥନିବାସରେ ଅସ୍ଥାୟୀ ରହଣୀ ବ୍ୟବସ୍ଥା ହୋଇଥିବାବେଳେ ବରଗଡ଼ ଓ ଅନୁଗୋଳ ଯାତ୍ରୀଙ୍କ ପାଇଁ ମାରୱାଡ଼ି ପଞ୍ଚାୟତ ଧର୍ମଶାଳା, କ୍ଷେତରାଜପୁର, ସୁନ୍ଦରଗଡ଼ ଓ ଝାରସୁଗୁଡ଼ା ଯାତ୍ରୀଙ୍କ ପାଇଁ ସମ୍ବଲପୁର ଦରବାର ଏବଂ ବଲାଙ୍ଗୀର ଯାତ୍ରୀଙ୍କ ପାଇଁ ଅଗ୍ରସେନ ଭବନ, କ୍ଷେତରାଜପୁରରେ ବ୍ୟବସ୍ଥା କରାଯାଇଥିବା ଜଣାପଡ଼ିଛି। ଏହି ତୀର୍ଥଯାତ୍ରା ପାଇଁ ଆଇଆର୍‌ସିଟିସି ପକ୍ଷରୁ ସୁରକ୍ଷା ବ୍ୟବସ୍ଥା, ଡାକ୍ତରୀ ଦଳ, କେଟରିଂ ଦଳ ଏବଂ ଆଇଆରସିଟିସି ଗାଇଡ୍ ମଧ୍ୟ ରହିବେ।

# ରାଜ୍ୟସ୍ତରୀୟ ଅସିଚାଳନା ପ୍ରତିଯୋଗିତାରେ ସମ୍ବଲପୁରର ୫୦ ଖେଳାଳି

**ସମ୍ବଲପୁର, ୬।୧୦ (ସମିସ)** : କଟକ ଜବାହରଲାଲ ନେହେରୁ ଇନଡୋର ଷ୍ଟାଡିୟମରେ ଆସନ୍ତା ଅକ୍ଟୋବର ୭ ରୁ ୯ ତାରିଖ ପର୍ଯ୍ୟନ୍ତ ରାଜ୍ୟସ୍ତରୀୟ ଅସିଚାଳନା ପ୍ରତିଯୋଗିତା ଆୟୋଜିତ ହେବ। ଏଥିରେ ଭାଗ ନେବା ପାଇଁ ଜିଲ୍ଲା ଅସିଚାଳନା ସଂଘ ପକ୍ଷରୁ ୫୦ ଜଣ ଖେଳାଳିଙ୍କୁ ମନୋନୀତ କରାଯାଇଛି। ଏହି ଖେଳାଳିମାନେ ଧନୁପାଲି ମଣ୍ଡପରେ କୋଚ୍ ରଶ୍ମିତା ପୁରୋହିତ ଓ ସୂର୍ଯ୍ୟକାନ୍ତ ବେରିହାଙ୍କଠାରୁ ତାଲିମ ନେଉଥିଲେ। ଆଜି ଧନୁପାଲି ମଣ୍ଡପରେ ଜିଲ୍ଲା କ୍ରୀଡ଼ା ଅଧିକାରୀ ଡଃ ସତ୍ୟନାରାୟଣ ତାଣ୍ଡି, କୋଚ୍ ରଶ୍ମିତା ପୁରୋହିତ ଖେଳାଳି ମାନଙ୍କୁ ଉତ୍ସାହିତ କରିଥିଲେ। କେମିତି ଅଧିକରୁ ଅଧିକ ପଦକ ହାସଲ କରିବାସହ ରାଜ୍ୟସ୍ତରୀୟ ପ୍ରତିଯୋଗିତାରୁ ଉନ୍ନୀତ ହୋଇ ଜାତୀୟ ପ୍ରତିଯୋଗିତାରେ ସ୍ଥାନ ପାଇପାରିବ ସେନେଇ କୋଚ୍ ରଶ୍ମିତା ମାର୍ଗଦର୍ଶନ କରିଥିଲେ।



# ଲକ୍ଷ୍ମୀପୂଜା ଓ କୁମାର ପୂର୍ଣ୍ଣିମା ପାଇଁ କେନ୍ଦୁଝର ଜିଲ୍ଲା ଉତ୍ସବମୁଖର

କେନ୍ଦୁଝର,୬।୧୦(ସମିସ)

ଧନଦାତ୍ରୀ ଦେବୀ ମା' ଗଜଲକ୍ଷ୍ମୀଙ୍କ ପୂଜା ଏବଂ କୁମାରୀମାନଙ୍କର କୁମାରପୂର୍ଣ୍ଣିମା ପାଇଁ କେନ୍ଦୁଝର ଜିଲ୍ଲା ଉତ୍ସବମୁଖର ହୋଇଉଠିଛି। କେତେକ ସ୍ଥାନରେ ଏହି ଅବସରରେ ମେଳା, ମୀନାବଜାର ସହିତ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିବା ଖବର ମିଳିଛି। କେନ୍ଦୁଝର ସହର ସମେତ ଜିଲ୍ଲାର ବିଭିନ୍ନ ସ୍ଥାନରେ ମା' ଗଜଲକ୍ଷ୍ମୀଙ୍କ ପୂଜା ଆନନ୍ଦ ଉଲ୍ଲାସ ସହକାରେ ପାଳିତ ହେଉଥିବା ବେଳେ ପୁଲିସ ପ୍ରଶାସନ ପକ୍ଷରୁ ବିଭିନ୍ନ

## ବିଭିନ୍ନ ସ୍ଥାନରେ ମେଳା ଓ ସାଂସ୍କୃତିକ କାର୍ଯ୍ୟକ୍ରମ



ସ୍ଥାନରେ ସୁରକ୍ଷା ବ୍ୟବସ୍ଥାକୁ କଡାକଡି କରାଯାଇଛି। ବିଭିନ୍ନ ପୂଜାମଣ୍ଡପ ଓ ମେଢ ଦେଖିବାକୁ ଭକ୍ତଙ୍କ ମଧ୍ୟରେ ଗହଳି ପରିଲକ୍ଷିତ ହୋଇଛି। ପୂଜାକୁ ସରସସୁନ୍ଦର କରିବା ପାଇଁ ଜିଲ୍ଲାର ବିଭିନ୍ନ ସ୍ଥାନରେ ସାଂସ୍କୃତିକ କାର୍ଯ୍ୟକ୍ରମ, ଅପେରା ସୋ', ମୀନାବଜାର, ନୃତ୍ୟ ପ୍ରତିଯୋଗିତା ଓ ଭଜନସନ୍ଧ୍ୟା ଆଦି କାର୍ଯ୍ୟକ୍ରମ ପୂଜା ମାହୋଲକୁ ଆହୁରି ସରଗରମ କରୁଛି। କେତେକ ସ୍ଥାନରେ ସପ୍ତାହ ପର୍ଯ୍ୟନ୍ତ ଲକ୍ଷ୍ମୀପୂଜା ଓ ମେଳା ଅନୁଷ୍ଠିତ ହେଉଥିବା ବେଳେ ସନ୍ଧ୍ୟା ଆଳତୀ ସମୟରେ ମଣ୍ଡପ ଗୁଡିକରେ ମହିଳାଙ୍କ ଭିଡ ପରିଲକ୍ଷିତ ହୋଇଛି। ସୋମବାର ପୂଜାର ପ୍ରଥମ ଦିନ ହୋଇଥିଲେ ମଧ୍ୟ ଶ୍ରଦ୍ଧାଳୁଙ୍କ ଭିଡ କମିନାହିଁ। ବିଭିନ୍ନ ପୂଜା କମିଟି ତରଫରୁ ପ୍ରସାଦ ବଣ୍ଟନ କାର୍ଯ୍ୟକ୍ରମ କରାଯାଉଛି। କେନ୍ଦୁଝର ସହରର କାଶୀପୁର, ମାଧପୁର ମହାଲକ୍ଷ୍ମୀ କଲଚରାଲ ସେଣ୍ଟର, ନୂଆସାହି ମହାଲକ୍ଷ୍ମୀ ସାଂସ୍କୃତିକ ପୂଜା କମିଟି, ପୁରୁଣାବଜାର, ବଣିଆପାଟ ମା' ଲକ୍ଷ୍ମୀପୂଜା କମିଟି, ମହାଲକ୍ଷ୍ମୀ କଲଚରାଲ କ୍ଲବ କଲେଜରୋଡ, ବାଁପାର, ବଡହଳ ଲକ୍ଷ୍ମୀପୂଜା କମିଟି, ଧୋବାଡିହା, ଡେଲିମାର୍କେଟ, ନେତାଜୀ ଯୁବକ ସଂଘ ପବିତ୍ରଡିହା, ଶିବନାରାୟଣପୁର ସାହି, ବୁଲାଦ୍ୱାରସାହି, ଲକ୍ଷ୍ମୀନାରାୟଣପୁରସାହି, ଆଟୋପୁର,ରଙ୍ଗପାଟସାହି, ବୀରବରପୁର, ବୈଦ୍ୟରାଜସାହି, ରାଇସୁଆଁ, ପଦ୍ମପୁର, ପଳାଶପଙ୍ଗା ନିକଟସ୍ଥ ମୁରୁସୁଆଁ, ତୁରୁମୁଙ୍ଗା,ପାଟଣା, ଚମ୍ପୁଆ, ଯୋଡା ଆଦି ଅଞ୍ଚଳ ସମେତ ଜିଲ୍ଲାର ବିଭିନ୍ନ ସ୍ଥାନରେ ମା'ଙ୍କ ପୂଜା ଆରମ୍ଭ ହୋଇଛି। ବିଭିନ୍ନ ପୂଜା କମିଟି ତରଫରୁ କଳସ ଶୋଭାଯାତ୍ରା କାର୍ଯ୍ୟ କରାଯାଇଥିବା ବେଳେ ରାଇସୁଆଁଠାରେ କଳସ ଶୋଭାଯାତ୍ରା ପୂଜା ମାହୋଲକୁ ସରଗରମ କରିଛି। ବିଭିନ୍ନ ସ୍ଥାନରେ ମା'ଙ୍କ ପୂଜା କାର୍ଯ୍ୟ ଶାସ୍ତ୍ରମତେ ଅନୁଷ୍ଠିତ ହେଉଥିବା ବେଳେ ସ୍ୱତନ୍ତ୍ର ଆକର୍ଷଣୀୟ ଲାଇଟ୍ ଗେଟ୍ ଓ ତୋରଣ ସାଧାରଣ ଲୋକଙ୍କୁ ଆକର୍ଷିତ କରୁଛି। ପୁଲିସ ପ୍ରଶାସନ ତରଫରୁ ବିଭିନ୍ନ ମଣ୍ଡପ ଓ ମେଳାରେ ସୁରକ୍ଷା ବ୍ୟବସ୍ଥାକୁ କଡାକଡି କରାଯାଇଛି। ଅପରପକ୍ଷରେ ବିଭିନ୍ନ ସ୍ଥାନରେ ପବିତ୍ର କୁମାରପୂର୍ଣ୍ଣିମା କୁମାରୀମାନଙ୍କ ଦ୍ୱାରା ଶ୍ରଦ୍ଧାର ସହିତ ପାଳିତ ହୋଇଛି। କୁମାରୀମାନେ ଏହି ଅବସରରେ ତୁଳସୀ ଚଉରାକୁ ସୁନ୍ଦରଭାବେ ସଜ୍ଜାସଜ୍ଜି କରି କ୍ଷୀର, ଛେନା, ଦହି, ଖଇ ପ୍ରଭୃତି ପୂଜା ସାମଗ୍ରୀରେ ଚାନ୍ଦ ତିଆରି କରି ନିଜ ପାଇଁ ଭଲ ଜୀବନସାଥୀ ପାଇବାକୁ ଚନ୍ଦ୍ରଦେବଙ୍କୁ ବନ୍ଦାପନା କରିଛନ୍ତି। ତା'ପରେ ଚାନ୍ଦକୁ ନେଇ ପୋଖରୀରେ ବିସର୍ଜନ କରି ପୋଖରୀରୁ ବାଲି ଏବଂ ଗେଣ୍ଡା ଆଣି ତାକୁ ଘର ଉପରକୁ ଫିଙ୍ଗି କୁମାରୀମାନେ ସେମାନଙ୍କର ଭାଇମାନଙ୍କର ଦୀର୍ଘ ଏବଂ ନିରାମୟ ଜୀବନ କାମନା କରିଛନ୍ତି। କୁମାର ପୂର୍ଣ୍ଣିମା ଏବଂ ଗଜଲକ୍ଷ୍ମୀ ପୂଜାକୁ ନେଇ ସାରା କେନ୍ଦୁଝର ଉତ୍ସବମୁଖର ହୋଇପଡିଛି।



**ଚମ୍ପୁଆ:** କେନ୍ଦୁଝର ଜିଲ୍ଲା ଚମ୍ପୁଆ ଏନ୍‌ଏସି ଅଧୀନ ଶିବ ଜାଗର ପଡିଆ, ଧଳାଡିହି ଓ ଗୋଧୁଳି, ରାମଲା ଗାଁରେ ମା' ଗଜଲକ୍ଷ୍ମୀଙ୍କ ପୂଜା ପାଇଁ ସମଗ୍ର ଅଞ୍ଚଳ ଉତ୍ସବମୁଖର ହୋଇଉଠିଛି। ଚଳିତ ବର୍ଷ ଗୋଧୁଳି ମା' ଗଜଲକ୍ଷ୍ମୀ ପୂଜା ୫୭ ବର୍ଷରେ ପଦାର୍ପଣ କରିଥିବା ବେଳେ ଧଳାଡିହି ପୂଜା ୫୦ବର୍ଷ ଏବଂ ଶିବ ଜାଗର କମିଟିର ପୂଜା ୪୪ବର୍ଷରେ ପହଞ୍ଚିଛି। ସମସ୍ତ ପୂଜାମଣ୍ଡପ ପକ୍ଷରୁ ପ୍ରଥମେ ସ୍ଥାନୀୟ ବୈତରଣୀ ନଦୀରେ ପୂଜାର୍ଚ୍ଚନା ପରେ କଳସ ଯାତ୍ରା ଓ ଅଧିବାସ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପରେ ମା'ଙ୍କର ପ୍ରାଣ ପ୍ରତିଷ୍ଠା କରାଯାଇ ପୂଜାକର୍ମ ସମ୍ପନ୍ନ କରାଯାଇଥିଲା। ପୂଜାମଣ୍ଡପ ଗୁଡିକରେ ସୁନ୍ଦର ସାଜସଜ୍ଜା, ଆକର୍ଷଣୀୟ ତୋରଣ ସହ ରଙ୍ଗୀନ ଆଲୋକମାଳା ଲୋକଙ୍କ ମନକୁ ଆକୃଷ୍ଟ କରୁଛି। ଚଳିତ ବର୍ଷ ଧଳାଡିହି ପୂଜା କମିଟି ତରଫରୁ ୩ଦିନ ଧରି ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିବା କମିଟି ତରଫରୁ ସୂଚନା ମିଳିଛି। ଧଳାଡିହି ଲକ୍ଷ୍ମୀ ପୂଜାରେ ପୂଜକ ଅଶୋକ କୁମାର ପଣ୍ଡା ପୂଜା କରୁଥିବା ବେଳେ ରହିତ କୁମାର ପଶୟତା କର୍ତ୍ତା ଭାବେ କାର୍ଯ୍ୟ ସମ୍ପାଦନ କରୁଛନ୍ତି। ସେହିପରି ଗୋଧୂଳି ପୂଜା କମିଟି ତରଫରୁ ମଙ୍ଗଳବାର ଗ୍ରାମାଞ୍ଚଳର କୁନିକୁନି ପ୍ରତିଭାମାନଙ୍କୁ ଲୋକଲୋଚନକୁ ଆଣିବା ପାଇଁ ନାଚ ପ୍ରତିଯୋଗିତା ଓ ବୁଧବାର ଭଜନ ସନ୍ଧ୍ୟାର ଆୟୋଜନ କରାଯାଇଥିବା ସମ୍ପାଦକ ନରେନ୍ଦ୍ର ନାଏକ ସୂଚନା ଦେଇଛନ୍ତି।


ଆନନ୍ଦପୁର


ହାଟଡ଼ିହୀ


ରାମଚନ୍ଦ୍ରପୁର




**ଆନନ୍ଦପୁର:** ଆନନ୍ଦପୁର ଉପଖଣ୍ଡର ବିଭିନ୍ନ ସ୍ଥାନରେ କୁମାରପୂର୍ଣ୍ଣିମା ଧୁମଧାମରେ ପାଳିତ ହୋଇଛି। ତୁଳସୀ ଚଉରାକୁ ଫୁଲ ଓ ରଙ୍ଗୀନ ଆଲୋକମାଳାରେ ସଜାଯାଇଛି। କୁମାରୀମାନେ ନୂତନ ବସ୍ତ୍ର ପରିଧାନ କରି ଚନ୍ଦ୍ରକୁ ବନ୍ଦାପନା କରିବା ସହ ପୂଜାର୍ଚ୍ଚନା କରିଥିଲେ। ଆନନ୍ଦପୁରଶ୍ରୀ ଦଧିବାମନ ଜୀଉ ମନ୍ଦିର ଗାଡି ଗୋସେଇଁ ପୀଠ ଓ ଆନନ୍ଦପୁର ବ୍ଲକ୍ ବାଇଲୋ ପଞ୍ଚାୟତ ହାତୀବନ୍ଧା ଗ୍ରାମରେ କୁମାରପୂର୍ଣ୍ଣିମାରେ ସଂଗୀତ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। କମିଟି ସଦସ୍ୟା ଅନିତା ରାଣୀ ଜେନା, ସ୍ୱାଗତିକା ଜେନା, ସାଇ ଶୁଭଶ୍ରୀ ଜେନା, ସାଇନା ଜେନା, ଶାଶ୍ୱତୀ ଜେନା, ନିରୁପମା ଜେନା, ଆୟୁସି ଜେନା, ରଞ୍ଜୁଲତା ଜେନା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

**ରାମଚନ୍ଦ୍ରପୁର:** ଓଡ଼ିଶାର ପୁରପଲ୍ଲୀରେ ଅନ୍ୟତମ ଗଣପର୍ବ ଭାବେ ଗଜଲକ୍ଷ୍ମୀ ପୂଜା ପାଳିତ ହୋଇଛି। ଜଗଜ୍ଜନନୀ ମା' ଦୁର୍ଗାଙ୍କ ମେଲାଣୀ ପରେ ଆଜି ଧରାପୃଷ୍ଠକୁ ଅବତରଣ କରିଛନ୍ତି ଧନଦାତ୍ରୀ ମା' ଲକ୍ଷ୍ମୀ। ଏନେଇ ଚଳଚଞ୍ଚଳ ହୋଇଉଠିଛି ଗାଁଠୁ ସହର। ସବୁଠି ରଙ୍ଗବେରଙ୍ଗର ଆଲୋକମାଳାରେ ସଜ୍ଜିତ ହୋଇଛି। ମା'ଲକ୍ଷ୍ମୀଙ୍କୁ ଧନସମ୍ପଦ, ସୌଭାଗ୍ୟ, ସୁଖ୍ୟାତି, ସୁଖସମୃଦ୍ଧି, ସୌନ୍ଦର୍ଯ୍ୟ ଓ ପ୍ରେମର ଦେବୀ ମଧ୍ୟ କୁହାଯାଏ। ଓଡିଶାର ବିଭିନ୍ନ ସ୍ଥାନରେ ଏହି ପୂଜା ବେଶ ଧୂମଧାମରେ କରାଯାଏ। ସାଧାରଣତଃ ଗଜଲକ୍ଷ୍ମୀଙ୍କୁ ଦିନଟିଏ ପାଇଁ ହିଁ ପୂଜା କରାଯାଉଥିବା ବେଳେ କେତେକ ସ୍ଥାନରେ ଏହି ପୂଜା ୫ରୁ ୭ ଦିନ ଧରି ପାଳନ କରାଯାଇଆସୁଛି। ଘସିପୁରା ବ୍ଲକ୍ ଅଧୀନ ବିଭିନ୍ନ ଗ୍ରାମରେ ମା' ଗଜଲକ୍ଷ୍ମୀଙ୍କ ପୂଜା ଧୁମଧାମରେ ପାଳନ କରାଯାଉଥିବା ଦେଖିବାକୁ ମିଳିଛି। ଅଳତି, ବେଲସୁନ୍ଦରୀ, ଅଙ୍ଗାରୁଆ, ପଦନା ବଜାର, ଜରଦା, ସାନପଦନା, ଲୁଣହାର, ଜନାର୍ଦ୍ଦନପୁରପାଟଣା, ସାଇଁପାଳ, ନରଦା, ପୁରୁଣବାନ୍ଧଗୋଡା ପ୍ରଭୃତି ଗ୍ରାମରେ ଆନନ୍ଦ ଉଲ୍ଲାସରେ ଗଜଲକ୍ଷ୍ମୀ ପୂଜା ପାଳନ କରାଯାଉଛି। ଚଳିତ ବର୍ଷ ବେଲସୁନ୍ଦରୀ ବଜାର ପୂଜା କମିଟି ତରଫରୁ ଆଡମ୍ବର ସହକାରେ ପୂଜା ପାଳନ କରାଯାଉଛି। ପୂଜକ ଗୋବିନ୍ଦଚନ୍ଦ୍ର ପଣ୍ଡା ବୈଦିକ ରିତୀନୀତିରେ ଦିଅଁଙ୍କ ନିତିକାନ୍ତୀ ସମ୍ପନ୍ନ କରୁଛନ୍ତି। ମୁଖ୍ୟକର୍ତ୍ତା ଭାବେ ଶ୍ରଦ୍ଧାଳୁ ଅନନ୍ତନାରାୟଣ ସାହୁ ଏବଂ ପତ୍ନୀ ସୁମତୀ ସାହୁ ଉପବାସ ବ୍ରତରଖି ମା'ଙ୍କ ପୂଜା ସମ୍ପାଦନ କରିଛନ୍ତି। କମିଟି ସଦସ୍ୟ ନିରଞ୍ଜନ ମଲ୍ଲିକ, ମହେଶ ବାରିକ, ଲକ୍ଷ୍ମୀଧର ବାରିକ, ବିରଞ୍ଚିନାରାୟଣ ସାହୁ, ସୁବ୍ରତ ସାହୁ, ସନ୍ତୋଷ ସାହୁ, ଗୋଲଖବିହାରୀ ସାହୁ, ନରେନ୍ଦ୍ର ନାଏକ, କୁଳମଣୀ ବାରିକ, ରବିନ୍ଦ୍ର ଓଝା, କଳାକାହ୍ନୁ ସାହୁ, ଅଭିମନ୍ୟୁ ସାହୁଙ୍କ ସମେତ ଅନେକ ଶ୍ରଦ୍ଧାଳୁ ସାମିଲ ହୋଇଛନ୍ତି। ୫ଦିନ ଧରି ଅନୁଷ୍ଠିତ ହେବାକୁ ଥିବା ଏହି ପୂଜା ମଣ୍ଡପ ନିକଟରେ ଆଚାର୍ଯ୍ୟ ବ୍ରାହ୍ମଣ କାଳନ୍ଦି କର ପ୍ରତ୍ୟହ ଲକ୍ଷ୍ମୀପୁରାଣ ଆବୃତି କରୁଛନ୍ତି। ସନ୍ଧ୍ୟାରେ ଆଞ୍ଚଳିକ କଳାକାରଙ୍କ ଦ୍ୱାରା ଭଜନ ପରିବେଷଣ କରାଯାଉଛି।

**ହାଟଡ଼ିହୀ:** ହାଟଡ଼ିହୀ ବ୍ଲକ୍ ଅଧୀନ ଜଳକଳଙ୍ଗଠାରେ ମହାମାୟୀ ମହାଲକ୍ଷ୍ମୀଙ୍କ ପୂଜାପାଠ ଆରମ୍ଭ ହୋଇଛି। ନାମ ସଙ୍କୀର୍ତ୍ତନ, ଘଣ୍ଟ-ହୁଳହୁଳି ବଜାଇ ପୂଜା କମିଟି ସଦସ୍ୟ, ଗ୍ରାମବାସୀ ଓ ବଜାର ଦୋକାନୀ ସଦସ୍ୟମାନେ ମିଶି ଅଣାସ୍ଥିତ ମଠ ପୋଖରୀରୁ ଜଳପୂର୍ଣ୍ଣ କଳସ ଆଣି ମା'ଙ୍କ ଆସ୍ଥାନରେ ସ୍ଥାପନ କରିଥିଲେ। ଗ୍ରାମର ଭଗବାନ ନାୟକ କର୍ତ୍ତା ଭାବେ ସଂକଳ୍ପରେ ବସିଥିଲେ। ମୁଖ୍ୟ ପୂଜକ ବାବାଜୀ ତିଆଡ଼ି, ମାୟାଧର ଦାଶ, ବିଜୟ କୁମାର ଦେବତା ପ୍ରମୁଖ ଯଥା ରୀତିନୀତି ଅନୁସାରେ ମା'ଙ୍କ ପୂଜାପାଠ ଆରମ୍ଭ କରିଛନ୍ତି। ଆସନ୍ତା ୭ଦିନ ଧରି ପୂଜାପାଠ ଚାଲୁ ରହିବ ବୋଲି ଅନୁଷ୍ଠାନ ତରଫରୁ କୁହାଯାଇଛି। ଏଥିରେ ଗୋପାଳ ନାୟକ, ନରେନ୍ଦ୍ର ସା, ସଦାଶିବ ଚକ୍ର, ଶଙ୍କର୍ଷଣ ନାୟକ, ମନୋଜ ପାତ୍ର, ରୁଦ୍ରନାରାୟଣ ନାୟକ, କାମପାଳ ନାୟକ, ପଙ୍କଜ କୁମାର ଜେନା, ଗୋପବନ୍ଧୁ ମଲ୍ଲିକ, ବନମାଳୀ ନାୟକ, ସନ୍ତୋଷ ନାୟକ, ସୁଦାମ ଚରଣ ରଣା, ସୁନୀଲ କୁମାର ନାୟକ, ଗୁରୁପ୍ରସାଦ ଜେନା, ନାରାୟଣ ସେଠୀ(କ), ମଦନ ଦାଶ, ଅନନ୍ତ ନାୟକ, ସନାତନ ଜେନା, ବଟକୃଷ୍ଣ ଜେନା, ନାରାୟଣ ମହାନ୍ତି, ଜଳଧର ବାରିକ, ଜଗବନ୍ଧୁ ନାୟକ, ବିଜୟ କୁମାର ଜେନା, କହ୍ନେଇ ଓଝା, ଅଶୋକ ନାୟକ, ନାରାୟଣ ସେଠୀ(ଖ), ଉପେନ୍ଦ୍ର ସେଠୀ, ମହେନ୍ଦ୍ର ନାୟକ, ନାରାୟଣ ମିଶ୍ର, ଅଜୟ କୁମାର ଜେନା, ଦୁଃଶାସନ ପହି, ବାଇଧର ଦାଶ, ବାବାଜୀ ଦାସ, କଳାକାର ନାୟକ, କେଶବ ଜେନା, ବାବାଜୀ ଚରଣ ଜେନା, କେଶବ ଚନ୍ଦ୍ର ଜେନା, କାଳନ୍ଦୀ ନାୟକ ପ୍ରମୁଖ କଳସ ଯାତ୍ରା ସହ ପୂଜା ପରିଚାଳନା କାର୍ଯ୍ୟକ୍ରମରେ ସାମିଲ ହୋଇଥିଲା ବେଳେ ଅନ୍ୟମାନେ ଏଥିରେ ସହଯୋଗ କରିଛନ୍ତି।

**ରାମଚନ୍ଦ୍ରପୁର:** ଘଷିପୁରା ବ୍ଲକ୍ ବଡ଼ପଦନା ବଜିର କମିଟି ପକ୍ଷରୁ ଗଜଲକ୍ଷ୍ମୀ ପୂଜା ବଡ ଧୁମଧାମରେ ଆୟୋଜିତ ହେଉଛି। ରଙ୍ଗୀନ ଆଲୋକମାଳ ଓ ତୋରଣରେ ମଣ୍ଡପକୁ ସଜାଇ ଦିଆଯାଇଛି। ଲକ୍ଷ୍ମୀ ପୂଜା ଅବସରରେ ପୂଜାମଣ୍ଡପ ଠାରେ ଭଜନ କୀର୍ତ୍ତନରେ ପ୍ରକମ୍ପିତ ହୋଇ ଉଠୁଥିବା ବେଳେ ଶ୍ରଦ୍ଧାଳୁମାନଙ୍କ ଭିଡ଼ ପରିଲକ୍ଷିତ ହୋଇଥିଲା। ୨୮ ବର୍ଷରେ ଲକ୍ଷ୍ମୀପୂଜା ପହଞ୍ଚି ଥିବା ବେଳେ ଚଳିତ ବର୍ଷ ବେଶ୍ ମଧ୍ୟ ଆଡମ୍ବର ସହକାରେ ପାଳନ ହେଉଥିବା ଦେଖିବାକୁ ମିଳିଛି। ମୁଖ୍ୟ ପୂଜକ ବିଚିତ୍ର ନନ୍ଦ କର, କର୍ତ୍ତା ଭାବେ ରବୀନ୍ଦ୍ର ସ୍ୱାଇଁ ପୂଜା କାର୍ଯ୍ୟ କରିଥିବା ଜଣାପଡ଼ିଛି। ଲକ୍ଷ୍ମୀପୂଜା କମିଟି ସଦସ୍ୟ ଗୋପବନ୍ଧୁ ସାହୁ, ରାଜକିଶୋର ସାହୁ, ମଳୟ ନାଥ, ସତ୍ୟବ୍ରତ ରାଉତ, ଲକ୍ଷ୍ମଣ ପଲେଇ, ରମେଶ ସାହୁ, ପ୍ରମୋଦ ସାହୁ, ନରେନ୍ଦ୍ର ପୃଷ୍ଟି, କଳ୍ପତରୁ ସାହୁ, ସଞ୍ଜୟ ଦଲେଇ, ହରିହର ସାହୁ, ଶିଶିର ସାହୁ, ପ୍ରବୀର ସାହୁ, ଶ୍ରୀକାନ୍ତ ସାହୁ, ବାପୁନୁ ପୃଷ୍ଟି, ବୁଟୁଲ ପଲେଇ, ଶୁଭମ ସାହୁ, ସତ୍ୟବ୍ରତ ରାଉତ ରାଉତ ପୂଜା କାର୍ଯ୍ୟ ତଦାରଖ କରୁଛନ୍ତି। ପୂଜାର ସମସ୍ତ କାର୍ଯ୍ୟକ୍ରମକୁ ବରିଷ୍ଠ ସଦସ୍ୟ ମଳୟ ସାହୁ, ପ୍ରାଣବଲ୍ଲଭ ସାହୁ, ନରୋତ୍ତମ ସାହୁଙ୍କ ସମେତ ବଣିକ ସଙ୍ଘର ସମସ୍ତ ସଦସ୍ୟ ପରିଚାଳନା କରୁଛନ୍ତି।

**ତୁରୁମୁଙ୍ଗା:** କେନ୍ଦୁଝର ପାଟଣା ବ୍ଲକ୍ ମୁଖ୍ୟାଳୟ ଆନନ୍ଦେଶ୍ୱର ଶିବମନ୍ଦିର ସମ୍ମୁଖରେ କୁମାର ଉତ୍ସବ କମିଟି ତରଫରୁ ଗଜଲକ୍ଷ୍ମୀ ପୂଜା ଆୟୋଜିତ ହୋଇଛି। ପୂଜକ ଭାବେ ରାମଚନ୍ଦ୍ର ଦାଶ ଓ ଜ୍ଞାନ ରଞ୍ଜନ ପଣ୍ଡା ପୂଜାର୍ଚ୍ଚନା କରିଥିବା ବେଳେ କର୍ତ୍ତା ଭାବରେ ଲିପକ କୁମାର ସାହୁ ଓ ସ୍ତ୍ରୀ ଲିପିକା ସାହୁ


ତୁରୁମୁଙ୍ଗା

ନୀତିକାନ୍ତିରେ ଦେବନୀତି ସମ୍ପନ୍ନ କରିଛନ୍ତି। କୁମାର ଉତ୍ସବ କମିଟିର ସଭାପତି ବିବେକାନନ୍ଦ ଦାଶ, ସମ୍ପାଦକ ଦକ୍ଷ ପ୍ରସାଦ ସାହୁ, ଲିପକ କୁମାର ସାହୁ, ଦେବୀଦତ୍ତ ମିଶ୍ର, ତାପସ ମିଶ୍ର, ସୌମ୍ୟ ରଞ୍ଜନ ଦାଶ, ବିକାଶ ଦାସ, ଅଭିଷେକ ଦାଶ, ସତ୍ୟବ୍ରତ ଦାଶ, ଅଜୟ କୁମାର ଦାସଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପୂଜା କାର୍ଯ୍ୟ ଓ ପ୍ରସାଦସେବନ ବ୍ୟବସ୍ଥା ଶାନ୍ତି ଶୃଙ୍ଖଳାରେ ସମ୍ପନ୍ନ ହୋଇଛି। ପାଟଣା ମୁଖ୍ୟାଳୟ ସଁରାପଶିରେ ଗଜଲକ୍ଷ୍ମୀ ପୂଜା ଅନୁଷ୍ଠିତ ହୋଇଛି। ଏଥିରେ କର୍ତ୍ତା ଭାବରେ ଆୟଶ କାନ୍ତ ନାୟକ ନୀତିକାନ୍ତିରେ ଦେବୀନୀତି ସମ୍ପନ୍ନ କରିଥିଲେ। ପୂଜକ ଭାବେ ସୁଶାନ୍ତ ଶେଖର ଦାଶ ପୂଜା କରିଥିଲେ। ସେହିପରି ଚେମେଣାରେ କର୍ତ୍ତା ଭାବରେ ରବିନ୍ଦ୍ର ମହାନ୍ତ ଦେବନୀତି ସମ୍ପାଦନ କରିଥିବା ବେଳେ ପୂଜକ ମହେଶ ଚାଟାର୍ଜୀ ପୂଜାର୍ଚ୍ଚନା କରିଛନ୍ତି। ତୁରୁମୁଙ୍ଗା ଗଜ ଲକ୍ଷ୍ମୀ କମିଟି ତରଫରୁ ଲକ୍ଷ୍ମୀପୂଜା ଅନୁଷ୍ଠିତ ହୋଇଛି। ପୂଜକ ଭାବେ ସୁଶାନ୍ତ କର ଓ ଅରୁଣ କୁମାର ମିଶ୍ର ପୂଜାର୍ଚ୍ଚନା କରିଥିବା ବେଳେ କର୍ତ୍ତା ଭାବରେ ଅଧିକାରୀ ସାହୁ ଦେବନୀତି ସମ୍ପାଦନ କରିଥିଲେ। ଅନୁଷ୍ଠାନ ପକ୍ଷରୁ ବିଭିନ୍ନ ସ୍ଥାନରେ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯାଉଅଛି।

## କାଣ୍ଟପଡ଼ି ନାବାଳିକା ମୃତ

ରାମଚନ୍ଦ୍ରପୁର,୬।୧୦(ସମିସ): କାନ୍ଥପଡ଼ି ଜଣେ ନାବାଳିକାଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଘସିପୁରା ବ୍ଲକ୍ ମଦନପୁର ଗାଁର ସୀମାରାଣୀ ଚକ୍ର(୧୬)। କୁମାରପୂର୍ଣ୍ଣିମା ପାଇଁ ସାଙ୍ଗମାନଙ୍କ ପାଖକୁ ମେହେନ୍ଦି ଲଗେଇବାକୁ ଯାଇଥିଲେ। ହେଲେ ସାଙ୍ଗମାନେ ଘର କାମରେ ବ୍ୟସ୍ତଥିବାରୁ କିଛି ସମୟ ଛାଡିକି ଆସିବାକୁ କହିଥିଲେ। ସୀମା ନିଜ ଘରକୁ ଫେରି ଆସୁଥିବା ବେଳେ ତାଙ୍କ ଉପରେ କାନ୍ଥ ପଡ଼ିଯାଇଥିଲା। ଲଗାଣ ବର୍ଷା ଯୋଗୁଁ ଘରର କାନ୍ଥ ଦୁର୍ବଳ ହୋଇ ଖସି ପଡ଼ିଥିଲା। ପରିବାର ଲୋକେ ସୀମାଙ୍କୁ ଆନନ୍ଦପୁର ମେଡିକାଲରେ ଭର୍ତ୍ତି କରିଥିଲେ। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଛନ୍ତି। ଘଟଣାକୁ ନେଇ ପରିବାର ତଥା ଗାଁରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି।

## ବାଇକ୍ ଦୁର୍ଘଟଣାରେ ଜଣେ ଗୁରୁତର

କେନ୍ଦୁଝର,୬।୧୦(ସମିସ): କେନ୍ଦୁଝର ସଦର ଥାନା ଅନ୍ତର୍ଗତ ୨୦ନଂ ଜାତୀୟ ରାଜପଥର ହୁଣ୍ଡୁଳା ନିକଟରେ (ଓଡି-୦୯-ପି-୪୮୭୧)ବିଶିଷ୍ଟ ଏକ ବାଇକ୍ ଭାରସାମ୍ୟ ହରାଇ ଦୁର୍ଘଟଣାଗ୍ରସ୍ତ ହୋଇଛି। ଫଳରେ ଜଣେ ଗୁରୁତର ହୋଇଥିବା ବେଳେ ଦୁଇ ଆହତ ହୋଇଥିବା ଜଣାପଡିଛି। ଗୁରୁତର ଓ ଆହତ ଦ୍ୱୟଙ୍କ ପରିଚୟ ମିଳିନାହିଁ। ପଳାସପଙ୍ଗା ଫାଣ୍ଡି ଅଧିକାରୀ ମାନସରଞ୍ଜନ ପଣ୍ଡା ୩ଜଣଙ୍କୁ ଉଦ୍ଧାର କରି କେନ୍ଦୁଝର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ। ସେମାନେ ଝୁମ୍ପୁରା ଅଭିମୁଖେ ଯାଉଥିବା ବେଳେ ସନ୍ଧ୍ୟା ୫ଟା ୨ରେ ଏହି ଦୁର୍ଘଟଣା ଘଟିଛି। ତିନିଜଣ ବାଇକ୍‌ରୁ ଛିଟିକି ପଡି ରାସ୍ତାର ଗାର୍ଡୱାଲ ଖାଲରେ ପଡି କାଦୁଅ ହୋଇଯାଇଥିଲେ।

## ୫ଟି ଚୋରା ଟ୍ରକ୍ ଜବତ; ଜଣେ ଅଟକ

ଯୋଡ଼ା,୬।୧୦(ସମିସ): କେନ୍ଦୁଝର ଜିଲ୍ଲା ଯୋଡ଼ା ଖଣି ମଣ୍ଡଳରେ ଥମିବାର ନା ଧରୁନି ଆଇରନ, ମଙ୍ଗାନିଜ ଚୋରି। ଜିଲ୍ଲାର ରୁଗୁଡ଼ି ଥାନା ଅଧୀନରେ ଥିବା ଗୁଆଲି ପଞ୍ଚାୟତର ପାରମସାହି ଅଞ୍ଚଳରୁ ଏକ ଗୁରୁତ୍ୱପୂର୍ଣ୍ଣ ଖବର ସାମ୍ନାକୁ ଆସିଛି, ଯେଉଁଠାରେ ରୁଗୁଡି ପୁଲିସ ବିଳମ୍ବିତ ରାତିରେ ଚଢଉ କରି ୫ଟି ଟ୍ରକ ଜବତ କରିଛି। ବିଶ୍ୱସ୍ତ ସୂତ୍ରନୁଯାୟୀ, ପୁଲିସ ସୂଚନା ପାଇଥିଲା ଯେ କିଛି ଟ୍ରକ ବେଆଇନ ଭାବରେ ଲୁହାପଥର ପରିବହନ କରୁଛି। ସୂଚନା ପାଇ, ରୁଗୁଡି ପୁଲିସର ଏକ ଦଳ ଘଟଣାସ୍ଥଳରେ ପହଞ୍ଚି ସେଠାରେ ୫ଟି ଟ୍ରକକୁ ଜବତ କରିବାରେ ସଫଳ ହୋଇଥିଲେ।



କିନ୍ତୁ ଲୋଡିଂରେ ବ୍ୟବହାର ମେସିନ ସେଠାରୁ ଚମ୍ପଟ ମାରିଥିଲା। ଏହି ଟ୍ରକଗୁଡ଼ିକ ମଧ୍ୟରୁ ଦୁଇଟି ଫାଇନ୍ସ (ଲୁହାପଥର) ଲୋଡ୍ ହୋଇଥିଲା ଆଉ ତିନୋଟି ଖାଲି ଥିଲା। ପୁଲିସ ପହଞ୍ଚିବା ଦେଖି ସେଠାରୁ ଡ୍ରାଇଭର ମାନେ ଘଟଣାସ୍ଥଳରୁ ପଳାଇ ଯାଇଥିଲେ, କିନ୍ତୁ ଜଣେ ଡ୍ରାଇଭରଙ୍କୁ ଘଟଣାସ୍ଥଳରୁ ଗିରଫ କରାଯାଇଛି। ସମସ୍ତ ଟ୍ରକକୁ ଜବତ କରାଯାଇଥିବା ବେଳେ ଡ୍ରାଇଭରଙ୍କୁ ବର୍ତ୍ତମାନ ପଚରାଉଚରା କରାଯାଉଛି। କେଜେଏସ ଆହଲୁୱାଲିଆ କମ୍ପାନୀର ବୋଲି ବିଶ୍ୱାସ କରାଯାଉଥିବା ଏହି ସାମଗ୍ରୀ, ଓଏମସିର ତତ୍ତ୍ୱାବଧାନରେ ଜେଏସଡବ୍ଲୁର ଲିଜ ଅଞ୍ଚଳରେ ଗଚ୍ଛିତ ରଖାଯାଇଥିଲା। ଥାନା ଅଧିକାରୀ କହିଛନ୍ତି ଯେ ଏହି ମାମଲାରେ ପୁଙ୍ଖାନୁପୁଙ୍ଖ ତଦନ୍ତ ଚାଲିଛି ଏବଂ ଖୁବ୍‌ଶୀଘ୍ର ସମ୍ପୂର୍ଣ୍ଣ ତଥ୍ୟ ପ୍ରକାଶ କରାଯିବ।

## ସିଆର୍‌ପିଏଫ୍ ଏସ୍‌ଆଇଙ୍କ ପରଲୋକ

ବାଲିବନ୍ଧ,୬।୧୦(ସମିସ): ଜାମ୍ମୁ ଓ କାଶ୍ମୀରର କିସ୍ତୱାରରେ କାର୍ଯ୍ୟରତ ୫୨ ବାଟାଲିୟନର ସିଆରପିଏଫ୍ ସବ୍ ଇନ୍ସପେକ୍ଟର ବଳରାମ ବେହେରା(୫୭)ଙ୍କ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଥିବା ଜଣାପଡ଼ିଛି। ମୃତ ଯବାନଙ୍କ ଘର ଝୁମ୍ପୁରା ଥାନା, ଖୁଣ୍ଟାପଡା ପଞ୍ଚାୟତ ଖୁଣ୍ଟାପଡ଼ା ଗ୍ରାମରେ ବୋଲି ସୂଚନା ମିଳିଛି। ଡ୍ୟୁଟିରେ ଥିବା ସମୟରେ ସପ୍ତାହକ ତଳେ ହଠାତ୍ ବଳରାମଙ୍କ ଶରୀର ଅସୁସ୍ଥ ହୋଇଥିଲା। ଚିକିତ୍ସା ପାଇଁ ତାଙ୍କୁ ସ୍ଥାନୀୟ ସେନା ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ତେବେ ଗତକାଲି ସନ୍ଧ୍ୟାରେ ତାଙ୍କର ମୃତ୍ୟୁ ଘଟିଥିବା ପରିବାର ସଦସ୍ୟଙ୍କ ଠାରୁ ସୂଚନା ମିଳିଛି। ଏନେଇ ମୁଖ୍ୟମନ୍ତ୍ରୀ ସୋସିଆଲ ମିଡିଆ ଜରିଆରେ ଶୋକ ବାର୍ତ୍ତା ପ୍ରକାଶ କରିଥିବା ବେଳେ ଖୁଣ୍ଟାପଡ଼ା ଗ୍ରାମରେ ଶୋକପ୍ରକାଶ ପାଇଛି। ଆସନ୍ତାକାଲି ତାଙ୍କ ମରଶରୀର ଜନ୍ମମାଟିରେ ପହଞ୍ଚିବା ନେଇ ତାଙ୍କ ଭାଇ ଯଯାତିକେଶରୀ ବେହେରା ସୂଚନା ଦେଇଛନ୍ତି।

## ତିନିତିନି ଥର କଣ୍ଟପୂରିଲା
# ଅଧପନ୍ତରିଆ ଶାଳପଡ଼ା ରାସ୍ତା ନିର୍ମାଣ କାର୍ଯ୍ୟ



## ଠିକା ସଂସ୍ଥାକୁ କଳାତାଲିକାଭୁକ୍ତ ପାଇଁ ଦାବି

ଆନନ୍ଦପୁର,୬।୧୦(ସମିସ): ଆନନ୍ଦପୁର ଉପଜିଲ୍ଲାପାଳଙ୍କ ଇଜିଲାସରେ ଜାତୀୟ ରାଜପଥ କର୍ତ୍ତୃପକ୍ଷଙ୍କୁ ରାସ୍ତା ନିର୍ମାଣ ଶେଷ କରିବା ପାଇଁ ଜୁଲାଇ, ଅଗଷ୍ଟ ଓ ସେପ୍ଟେମ୍ବର ସୁଦ୍ଧା ତିନି ତିନି ଥର କଣ୍ଟ ଦେଇଥିଲେ ମଧ୍ୟ ଶାଳପଡା ରାସ୍ତା କାର୍ଯ୍ୟ ଅଧାପନ୍ତରିଆ ହୋଇପଡ଼ିରହିଛି। କେନ୍ଦୁଝର ଜିଲ୍ଲାର ଜୀବନରେଖା କୁହାଯାଉଥିବା ୨୦ନମ୍ବର ଜାତୀୟ ରାଜପଥର ଶାଳପଡ଼ା ନିକଟରେ ଅଧାପନ୍ତରିଆ କାମ ଏବେ ସାଧାରଣ ଲୋକଙ୍କ ଦୁଃଖ ପାଲଟିଛି। ନିର୍ମାଣରେ ବିଳମ୍ବ ହେଉଥିବାରୁ ଲୋକଙ୍କ ଦୁର୍ଦ୍ଦଶା ବଢ଼ିଯାଇଛି। ଖରା ସମୟରେ ଧୂଳିଧୂଆଁରେ ଲୋକେ ଅତିଷ୍ଠ ହେଉଥିଲେ। ଏବେ ବର୍ଷାରେ ପାଣି ଜମୁଥିବାରୁ ରାସ୍ତାରେ ବାଇକ୍ ବୁଡ଼ିଯାଉଛି। ଜୁନ୍ ସୁଦ୍ଧା ରାସ୍ତା ନିର୍ମାଣ ସାରିବାକୁ କଣ୍ଟ ଥିଲା। ଜୁଲାଇ ମଧ୍ୟରେ କାମ ସାରିବାକୁ ଉପଜିଲ୍ଲାପାଳ ତାଗିଦ କରିଥିଲେ। ସେପ୍ଟେମ୍ବର ଶେଷ ହୋଇଥିଲେ ମଧ୍ୟ ଅଦ୍ୟାବଧି କାମ ଶେଷ ହୋଇନାହିଁ। ଫଳରେ ଲୋକମାନେ ଯମ ଯନ୍ତ୍ରଣା ଭୋଗୁଛନ୍ତି ବୋଲି ଅଭିଯୋଗ ହେଉଛି। ଗତ ୭ବର୍ଷ ହେଲା ୨୦ନମ୍ବର ଜାତୀୟ ରାଜପଥ ନିର୍ମାଣ ଶେଷ ହୋଇଥିବା ନେଇ ବିଭାଗ ରିପୋର୍ଟ ଦେଉଥିବା ବେଳେ ସ୍ଥାନୀୟ ଶାଳପଡ଼ାର ମାତ୍ର ୫୦୦ମିଟର ରାସ୍ତା ନିର୍ମାଣ ସରୁନାହିଁ। ଆନନ୍ଦପୁର ପୌରାଞ୍ଚଳ ମଧ୍ୟରେ ଥିବା ଗୁରୁତ୍ୱପୂର୍ଣ୍ଣ। ଶାଳପଡ଼ା ଛକ କେନ୍ଦୁଝର, ମୟୂରଭଞ୍ଜ, ଯାଜପୁର ଓ ଭଦ୍ରକ ଜିଲ୍ଲାକୁ ସଂଯୋଗ କରୁଛି। ୭ ମାସ ହେଲା ମୁଖ୍ୟରାସ୍ତାକୁ ବନ୍ଦ କରି ସର୍ଭିସ୍ ରୋଡ୍‌ରେ ସମସ୍ତ ଗାଡ଼ି ଯାତାୟାତ କରୁଛି। ସମସ୍ତ ଗାଡ଼ି ସର୍ଭିସ ରୋଡରେ ଯାତାୟାତ କରୁଥିବାରୁ ଟ୍ରାଫିକ୍ ସମସ୍ୟା ସୃଷ୍ଟି ହୋଇଛି। ହଜାର ହଜାର ସଂଖ୍ୟାରେ ଲୁହାପଥର ବୋଝେଇ ଟ୍ରକ୍ ଚଳାଚଳ କରୁଥିବାରୁ ଏହି ସର୍ଭିସରୋଡ୍ ବିପଦସଙ୍କୁଳ ହୋଇଛି। ଅନେକ ସମୟରେ ରାସ୍ତାରେ ଆମ୍ବୁଲାନ୍ସ ଓ ଅନ୍ୟ ଜରୁରି ଗାଡି ଅଟକି ରହୁଛି। ସାମାନ୍ୟ ବର୍ଷାରେ ରାସ୍ତାରେ ଆଣ୍ଠୁଏ ପାଣି ଜମି ରହୁଥିବାରୁ ବାଇକ୍ ଆରୋହୀ ଓ ସାଧାରଣ ଲୋକ ହଟହଟା ହେଉଛନ୍ତି। ଆନନ୍ଦପୁର ଉପଜିଲ୍ଲାପାଳ ନୀଳମାଧବ ସୁନା ଜାତୀୟ ରାଜପଥ କର୍ତ୍ତୃପକ୍ଷ ଏହି ଠିକା ସଂସ୍ଥାକୁ କଳା ତାଲିକା ଭୁକ୍ତ କରିବା ଦିଗରେ ଉଚିତ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହୋଇଛି।

### ସମାକୁଦ ମୁଣ୍ଡାସାହିକୁ ରାସ୍ତା ନାହିଁ
## ଖଟିଆରେ ବୁହାହେଲେ ରୋଗୀ



ତେଲକୋଇ,୬।୧୦(ସମିସ): କେନ୍ଦୁଝର ଜିଲ୍ଲା ତେଲକୋଇ ବ୍ଲକ ରାଇସୁଆଁ ପଞ୍ଚାୟତ ସମାକୁଦ ମୁଣ୍ଡା ସାହିକୁ ନିତିଦିନିଆ ରାସ୍ତା ନଥିବାରୁ ଲୋକେ ନାହିଁ ନଥିବା ଅସୁବିଧାର ସମ୍ମୁଖିନ ହେଉଛନ୍ତି। ଏପରିକି ଆମ୍ବୁଲାନ୍ସ ସେବା ମଧ୍ୟ ଅପହଞ୍ଚ ହୋଇଛି। ଫଳରେ ଆଜି ଜଣେ ଗୁରୁତର ରୋଗୀଙ୍କୁ ଖଟିଆରେ ବୋହି କାଦୁଅ ରାସ୍ତା ଓ ନାଳ ପାରି କରିବା ପରେ ଆମ୍ବୁଲାନ୍ସ ଯୋଗେ ତେଲକୋଇ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ପଠାଯାଇଛି। ଯାହାର ଫଟୋ ଏବେ ସାମାଜିକ ଗଣମାଧ୍ୟମରେ ଭାଇରାଲ ହୋଇଛି। ମୁଣ୍ଡାସାହିକୁ ରାସ୍ତା ନାହିଁ ଏବଂ ରାସ୍ତା ମଧ୍ୟରେ ପଡୁଥିବା ବାଙ୍କୀ ଶାଳ ନାଳ ଉପରେ ପୋଲ ନଥିବାରୁ ଗ୍ରାମର ଗୁରୁତର ଭଜମନ ମୁଣ୍ଡାଙ୍କୁ ଆଜି ସାହି ବାସିନ୍ଦା ଖଟିଆରେ ବୋହି ନାଳ ପାରି କରିବା ପରେ ଆମ୍ବୁଲାନ୍ସ ଯୋଗେ ସ୍ୱାସ୍ଥ୍ୟ କେନ୍ଦ୍ରକୁ ପଠାଇଛନ୍ତି। ତେବେ ମୁଖ୍ୟମନ୍ତ୍ରୀଙ୍କ ଜିଲ୍ଲାରେ ଏଭଳି ବିକଳ ଚିତ୍ର ସାମ୍ନାକୁ ଆସୁଥିବାରୁ ସ୍ଥାନୀୟ ଅଞ୍ଚଳ ତଥା ଜିଲ୍ଲାବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି।

# ଉତ୍ସାହର ସହ ଆରମ୍ଭ ହେଲା ଗଜଲକ୍ଷ୍ମୀ ପୂଜା




● ଆଇନଶୃଙ୍ଖଳା ଓ ଟ୍ରାଫିକ ନିୟନ୍ତ୍ରଣ ପାଇଁ ପୁଲିସ ପକ୍ଷରୁ ବ୍ୟାପକ ବ୍ୟବସ୍ଥା

● ବାଇକ ପାଟ୍ରୋଲିଂ ଓ ଶକ୍ତିବାହିନୀର ଶୁଭାରମ୍ଭ କଲେ ଆଇଜି ଏବଂ ଏସପି

ଅନୁଗୋଳ,୬ ।୧୦(ସମିସ)

ଅନୁଗୋଳ ସହରରେ ପ୍ରସିଦ୍ଧ ଗଜଲକ୍ଷ୍ମୀ ପୂଜା ସୋମବାରଠାରୁ ଆରମ୍ଭ ହୋଇଛି। ପ୍ରାୟ ୩୦ରୁ ଉର୍ଦ୍ଧ୍ୱ ମଣ୍ଡପରେ ଧନଦାତ୍ରୀ ଦେବୀ ଲକ୍ଷ୍ମୀ ଠାକୁରାଣୀଙ୍କ ମୃଣ୍ମୟୀ ପ୍ରତିମା ବିରାଜମାନ ହୋଇଛନ୍ତି। ମଣ୍ଡପଗୁଡ଼ିକ ଆକର୍ଷଣୀୟ ସାଜସଜ୍ଜା ହୋଇଛି। ସୁଉଚ୍ଚ ତୋରଣ ସାଙ୍ଗକୁ ରଙ୍ଗୀନ ଆଲୋକମାଳାରେ ସହର ଝଲସି ଉଠୁଛି। ଉତ୍ସବରେ ପ୍ରତିଦିନ ଲକ୍ଷାଧିକ ଲୋକଙ୍କ ସମାଗମ ହେବା ସମ୍ଭାବନାକୁ ଦୃଷ୍ଟିରେ ରଖି ଟ୍ରାଫିକ ନିୟନ୍ତ୍ରଣ ଏବଂ ଆଇନଶୃଙ୍ଖଳାକୁ ସୁଚାରୁରୂପେ ପାଳନ କରିବାକୁ ଅନୁଗୋଳ ପୁଲିସ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଛି। ଏସପି ରାହୁଲ ଜୈନଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଗତବର୍ଷ ଭଳି ବାଇକ ପାଟ୍ରୋଲିଂ ବ୍ୟବସ୍ଥା କରାଯାଇଛି। ସ୍ୱତନ୍ତ୍ର କମାଣ୍ଡୋ ତାଲିମପ୍ରାପ୍ତ ୨୫ଜଣ କନଷ୍ଟେବଲ ୧୦ଟି ପୁଲିସ ବାଇକରେ ସହରସାରା ପୂଜା ମଣ୍ଡପ ଅଞ୍ଚଳ, ମୁଖ୍ୟରାସ୍ତାରେ ଗହଳି ଭିତରେ ପାଟ୍ରୋଲିଂ କରିବେ। ପ୍ରତ୍ୟେକ ବାଇକରେ ଦୁଇଜଣ ସଶସ୍ତ୍ର କମାଣ୍ଡୋ ରହିବେ। ଏମାନେ ଅଟୋମେଟିକ ରାଇଫଲ, ପିସ୍ତଲ ସହ ପାଟ୍ରୋଲିଂ କରିବେ। ଏଥିସହ ମହିଳାଙ୍କ ସୁରକ୍ଷା ପାଇଁ ପୁଲିସ ପକ୍ଷରୁ 'ଶକ୍ତିବାହିନୀ' ପାଟ୍ରୋଲିଂ ଟିମ ଗଠନ କରାଯାଇଛି। ମହିଳା ପୁଲିସ କର୍ମଚାରୀ ପୁଲିସ ସ୍କୁଟିରେ ପାଟ୍ରୋଲିଂ କରିବେ। ଏହି ଦୁଇ ପାଟ୍ରୋଲିଂ ବ୍ୟବସ୍ଥାକୁ ଉତ୍ତର କେନ୍ଦ୍ରାଞ୍ଚଳ ଆଇଜି ସତ୍ୟବ୍ରତ ଭୋଇ ଏବଂ ଅନୁଗୋଳ ଏସପି ରାହୁଲ ଜୈନ ଅନୁଗୋଳ ଟାଉନ ଥାନା ପରିସରରେ ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଛନ୍ତି।

ଆଇଜି ଭୋଇ ସାମ୍ବାଦିକଙ୍କୁ ସୂଚନା ଦେଇ କହିଥିଲେ ଯେ ଗତବର୍ଷ ଏସପିଙ୍କ ତତ୍ତ୍ୱାବଧାନରେ କମାଣ୍ଡୋ ବାଇକ ପାଟ୍ରୋଲିଂ ଆରମ୍ଭ ହୋଇଥିଲା। ଏହା ଆଇନଶୃଙ୍ଖଳା ଓ ଟ୍ରାଫିକ ନିୟନ୍ତ୍ରଣରେ ବେଶ୍ ଉପଯୋଗୀ ହୋଇଥିଲା ବୋଲି ସେ କହିଥିଲେ। ଚଳିତ ବର୍ଷ ଅନୁଗୋଳ ସହରରେ ଗଜଲକ୍ଷ୍ମୀ ପୂଜାକୁ ଶାନ୍ତିଶୃଙ୍ଖଳାରେ ପାଳନ କରିବାକୁ ଅନୁଗୋଳବାସୀଙ୍କ ସହଯୋଗ ଦରକାର ବୋଲି ଏସପି ଜୈନ ପ୍ରକାଶ କରିଥିଲେ। ପୁଲିସ ପକ୍ଷରୁ ଲୋକଙ୍କ ସୁରକ୍ଷାକୁ ଗୁରୁତ୍ୱ ଦିଆଯାଇଛି। ସମଗ୍ର ପୂଜା ଅଞ୍ଚଳକୁ ୧୫ଟି ପୁଲିସ ସେକ୍ଟରରେ ବିଭକ୍ତ କରାଯାଇ ଶୃଙ୍ଖଳା ରକ୍ଷା ପାଇଁ ୩୦ ପ୍ଲାଟୁନ ଫୋର୍ସ, ୨ଶହ ହୋମଗାର୍ଡ, ଶହେ ଅଫିସର, ୧୬ଜଣ ଡିଏସପି, ୨ ଜଣ ଏଏସପି ନିୟୋଜିତ ହୋଇଛନ୍ତି। ଏଥିସହ ୧୨ ସ୍ଥାନରେ ୫୬ଟି ସିସିଟିଭି ଖଞ୍ଜାଯାଇଛି। ଏହା ଅପରାଧିକ କାର୍ଯ୍ୟକଳାପ ରୋକିବାରେ ସହାୟକ ହେବ। ପାର୍ବଣର ପ୍ରସିଦ୍ଧ ତାଳଚେର ଗଣେଶ ପୂଜା, ନାଲକୋନଗର ବିଶ୍ୱକର୍ମା ପୂଜା ଏବଂ ଅନୁଗୋଳ ଦଶହରା ପୂଜା ସମୟରେ କୌଣସି ଅପ୍ରୀତିକର ପରିସ୍ଥିତି କିମ୍ବା ଅପରାଧିକ କାର୍ଯ୍ୟକଳାପର ଦୃଷ୍ଟାନ୍ତ ନାହିଁ ବୋଲି ଏସପି ଜୈନ କହିଥିଲେ। କାର୍ଯ୍ୟକ୍ରମରେ ଏଏସପି ରାଜୀବ ଲୋଚନ ପଣ୍ଡା, ଏସଡିପିଓ ରମାକାନ୍ତ ମହାଲିକ, ଡିଏସପି ଯାଜ୍ଞସେନୀ ବେହେରା, ସମୀର ପଣ୍ଡା, ସୁକୁମାର ତ୍ରିପାଠୀ, ଅନୁଗୋଳ ଟାଉନ ଥାନା ଆଇଆଇସି ଧୀରେଶ କୁମାର ଦାସ, ସଦର ଥାନା ଆଇଆଇସି ପ୍ରମୁଖଙ୍କ ସମେତ ବହୁ ପୁଲିସ ଅଧିକାରୀ ଉପସ୍ଥିତ ଥିଲେ।

## ଗଜଲକ୍ଷ୍ମୀ ପୂଜା ପାଇଁ ପାଲଲହଡ଼ା ଚଳଚଞ୍ଚଳ



ପାଲଲହଡ଼ା,୬ ।୧୦(ସମିସ): ମା' ଗଜଲକ୍ଷ୍ମୀଙ୍କ ପୂଜା ପାଇଁ ଅନୁଗୋଳ ଜିଲ୍ଲା ପାଲଲହଡ଼ା ଉପଖଣ୍ଡ ସଦର ମହକୁମା ଚଳଚଞ୍ଚଳ ହୋଇଉଠିଛି। ସବୁବର୍ଷ ପରି ଚଳିତ ବର୍ଷ ଧୁମଧାମରେ ପୂଜା ଆରମ୍ଭ ହୋଇଛି। ଶାସନସାହି, କଦମ୍ବ ଚୌକ, ଉଦୟପୁର, ଉଦିତନଗର, ସ୍କୁଲସାହି, ପୁରୁଣା ଗଉଡ଼ସାହି, କଚେରୀସାହି, ନୂଆ ବସଷ୍ଟାଣ୍ଡ, ସାମନ୍ତସାହି ଏବଂ ରାମମନ୍ଦିର ଛକ ଆଦି ପୂଜା କମିଟି ପକ୍ଷରୁ ସୁଉଚ୍ଚ ତୋରଣ ସାଙ୍ଗକୁ ବିଭିନ୍ନ ରଙ୍ଗ ବେରଙ୍ଗର ଆଲୋକମାଳା ସଜେଇ ହୋଇଛି। କେନ୍ଦ୍ରୀୟ ଗଜଲକ୍ଷ୍ମୀ ପୂଜା କମିଟି ଆନୁକୂଲ୍ୟରେ ସୋମବାରଠାରୁ ମା'ଙ୍କ ପୂଜାର୍ଚ୍ଚନା ଆରମ୍ଭ ହୋଇଥିବା ବେଳେ ଆସନ୍ତା ୧୬ ତାରିଖ ଗୁରୁବାର ଭସାଣି କାର୍ଯ୍ୟକ୍ରମ ରହିଛି। ଚଳିତବର୍ଷ ବିଭିନ୍ନ କମିଟି ପକ୍ଷରୁ ମିନାବଜାର, ଦୋଳି, ମେଲୋଡି ଏବଂ ଅନ୍ୟ ମନୋରଞ୍ଜନ କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି। ରାଜ୍ୟ ତଥା ରାଜ୍ୟ ବାହାର କାରିଗରଙ୍କ ଦ୍ୱାରା ନିର୍ମିତ ସୁଉଚ୍ଚ ତୋରଣ ଏବଂ ମଣ୍ଡପ ଶ୍ରଦ୍ଧାଳୁଙ୍କୁ ଆକୃଷ୍ଟ କରୁଛି। ପୂଜାରେ ପ୍ରବଳ ଜନସମାଗମକୁ ଦୃଷ୍ଟିରେ ରଖି ଟ୍ରାଫିକ ନିୟନ୍ତ୍ରଣ ଏବଂ ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ପୁଲିସ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଛି।

## ଲକ୍ଷ୍ମୀପୂଜା ଟ୍ରାଫିକ କଟକଣା

ଅନୁଗୋଳ,୬ ।୧୦(ସମିସ): ଚଳିତ ଲକ୍ଷ୍ମୀପୂଜା ପାଇଁ ଅନୁଗୋଳ ପୁଲିସ ପକ୍ଷରୁ ଟ୍ରାଫିକ କଟକଣା ଲାଗୁ କରାଯାଇଛି। ଅକ୍ଟୋବର ୬ରୁ ୧୫ ତାରିଖ ପର୍ଯ୍ୟନ୍ତ ଅପରାହ୍ନ ୪ଟାରୁ ରାତି ୧୨ଟା ପର୍ଯ୍ୟନ୍ତ କଟକଣା ବଳବତ୍ତର ରହିବ। ଏହି ସମୟ ମଧ୍ୟରେ ୫୫ ନମ୍ବର ଜାତୀୟ ରାଜପଥର ରାଜ୍ ହୋଟେଲ୍ ଛକରୁ ହୁଲୁରୁସିଂହା ଛକ ଯାଏଁ ଚାରିଚକିଆ ଓ ଭାରୀଯାନ ସିଧାସଳଖ ଯାଇପାରିବେ ନାହିଁ। ରାଜ୍ ହୋଟେଲ୍ ଛକରୁ ବାମକୁ ବୁଲି ତାମରିତ କଲୋନୀ ଦେଇ ହୁଲୁରୁସିଂହା ଛକରେ ବାହାରିବେ। ସେହିପରି ସମ୍ବଲପୁର ପଟୁ ଆସୁଥିବା କାର ଓ ଭାରୀଯାନ ହୁଲୁରିସିଂହାରୁ ଗାନ୍ଧୀ ମାର୍ଗ, ଡିଆଇସି ଛକ, ଶିମିଳିପଡ଼ା ଦେଇ ରାଜ ହୋଟେଲ୍ ଛକରେ ବାହାରିବେ। ପୁଲିସ, ଆମ୍ବୁଲାନ୍ସ, ଅଗ୍ନିଶମ ଗାଡ଼ି ଓ ସରକାରୀ ଗାଡ଼ି କଟକଣାରୁ ବାଦ୍ ପଡ଼ିବେ। ଅପରାହ୍ନ ୪ଟାରୁ ରାତି ୧୦ଟା ମଧ୍ୟରେ ରାଜା ଛକ, ବୁଢ଼ୀ ଠାକୁରାଣୀ ଛକ, ପୁରୁଣା ସୂଚନା ବଜାର ଛକ, ଗାନ୍ଧୀମାର୍ଗ ଛକ ଓ ହରିମହୁରୀ ଛକରୁ ବଜାର ଭିତରକୁ ଦୁଇଚକିଆ ଯାନ ମଧ୍ୟ ଛଡ଼ାଯିବ ନାହିଁ। ମହିଧରପୁର ପଟୁ ଆସୁଥିବା ଗାଡ଼ିଗୁଡ଼ିକ ଜଗନ୍ନାଥ ମାର୍କେଟ କିମ୍ବା ଅନୁଗୋଳ ହାଇସ୍କୁଲ ପଡ଼ିଆରେ ପାର୍କିଂ କରିବେ। ହେମସୁରପଡ଼ା ପଟୁ ଆସୁଥିବା ଗାଡ଼ିଗୁଡ଼ିକ ମାଛ ମାର୍କେଟ ନିକଟରେ ପାର୍କିଂ କରିବେ। ଏହି କଟକଣା ପାଇଁ ଜନସାଧାରଣ ପୁଲିସକୁ ସହଯୋଗ କରିବାକୁ ନିବେଦନ କରାଯାଇଛି।

## ସାମ୍ବାଦିକଙ୍କ ପରଲୋକ

ପରିବାରକୁ ଭେଟିଲେ ୱେବ ମିଡିଆ ସାମ୍ବାଦିକ ମହାସଂଘ

କିଶୋରନଗର,୬ ।୧୦(ସମିସ): ଅନୁଗୋଳ ଜିଲ୍ଲା ଆଠମଲ୍ଲିକ ବ୍ଲକ ଠାକୁରଗଡ଼ ପଞ୍ଚାୟତ ଠାକୁରଗଡ଼ ଗ୍ରାମର ସାମ୍ବାଦିକ ରମେଶ ଚନ୍ଦ୍ର ନାୟକଙ୍କର ଶନିବାର ସକାଳେ ଭୁବନେଶ୍ୱରସ୍ଥିତ ଏକ ଘରୋଇ ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ଦେହାନ୍ତ ହୋଇଛି। ଖବର ପାଇ ଆଠମଲ୍ଲିକ ବାବା ଧବଳେଶ୍ୱର ୱେବ ମିଡିଆ ସାମ୍ବାଦିକ ମହାସଂଘ ସଦସ୍ୟମାନେ ତାଙ୍କ ପରିବାରକୁ ଭେଟି ସମବେଦନା ଜଣାଇବା ସହ ସ୍ୱର୍ଗତ ନାୟକଙ୍କ ଆତ୍ମାର ସଦଗତି କାମନା କରିଛନ୍ତି। କର୍ମଜୀବୀ ସାମ୍ବାଦିକଙ୍କ ପାଇଁ ସରକାରଙ୍କ ସହାୟତା ବ୍ୟବସ୍ଥା ଯାହା ରହିଛି ତାହାକୁ ପରିବାର ନିକଟରେ ପହଞ୍ଚାଇବା ପାଇଁ ସଂଘ ସମ୍ପୂର୍ଣ୍ଣ ସହଯୋଗ କରିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ସଭାପତି କରୁଣାକର ନାୟକ, ସମ୍ପାଦକ ଦୀପକ କୁମାର ସାହୁ, ସହସମ୍ପାଦକ ଧନଞ୍ଜୟ ନାୟକ, ସଭ୍ୟ ବୁଲୁ ଦଳେଇ, ସଞ୍ଜୟ ଟାଙ୍ଗୀ, ଅରୁଣ କୁମାର ନାୟକ, ଅଶ୍ୱିନି ଖୁଣ୍ଟିଆ ପ୍ରମୁଖ ଉପସ୍ଥିତ ରହି ପରିବାରକୁ ସମବେଦନା ଜଣାଇଥିଲେ।

## କଣିହାଁ ବ୍ଲକରେ ଜିଲ୍ଲାପାଳଙ୍କ ଜନଶୁଣାଣି



କଣିହାଁ,୬ ।୧୦(ସମିସ): ଅନୁଗୋଳ ଜିଲ୍ଲା କଣିହାଁ ବ୍ଲକସ୍ଥିତ ପବିତ୍ର ମୋହନ ପ୍ରଧାନ ସଭାଗୃହରେ ସୋମବାର ଜିଲ୍ଲାପାଳଙ୍କ ମିଳିତ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଛି। ଏଥିରେ ଜିଲ୍ଲାପାଳ ଅବ୍ଦାଲ ଏମ୍ ଅଖତର ଯୋଗଦେଇଥିଲେ। ମୋଟ ୭୪ ଅଭିଯୋଗ ଗ୍ରହଣ କରାଯାଇଥିଲା। ସେଥିରେ ୫୫ଟି ବ୍ୟକ୍ତିଗତ ଓ ୧୯ଟି ସାମୂହିକ ଅଭିଯୋଗ ରହିଥିଲା। ୧୫ ଅଭିଯୋଗର ତତ୍କାଳ ଫଇସଲା କରାଯାଇଥିଲା। କିଡ୍‌ନୀ ରୋଗରେ ପୀଡ଼ିତ ବଜ୍ରକୋଟ ପଞ୍ଚାୟତର ଆନନ୍ଦ ନାଏକ ଓ ଈଶ୍ୱର ଚନ୍ଦ୍ର ସାହୁଙ୍କୁ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ୭୫୦୦ ଟଙ୍କା ଲେଖାଏଁ ଆର୍ଥିକ ସହାୟତା ପ୍ରଦାନ କରାଯାଇଥିଲା। ସେହିପରି ଜିଲ୍ଲା ରେଡ୍‌କ୍ରସ ପାଣ୍ଠିରୁ ବଜ୍ରକୋଟ ପଞ୍ଚାୟତର ଯୋଗୀନାଥ ପ୍ରଧାନ, ଝାଟି ବେହେରା, କାଠି ବେହେରା ଓ ପାଞ୍ଚାଳୀ ସାହୁଙ୍କୁ କିଡ୍‌ନୀ ରୋଗର ଚିକିତ୍ସା ନିମନ୍ତେ ୭୫୦୦ ଟଙ୍କା ଲେଖାଏଁ ଆର୍ଥିକ ସହାୟତା ପ୍ରଦାନ କରାଯାଇଥିଲା। ଅଭିଯୋଗଗୁଡ଼ିକ ମୁଖ୍ୟତଃ ଗ୍ରାମ ସମସ୍ୟା, ବିଦ୍ୟୁତ ପ୍ରକଳ୍ପ ଓ କୋଇଲା ଖଣି ଦ୍ୱାରା କ୍ଷତିଗ୍ରସ୍ତ ପ୍ରଜାଙ୍କ ନିଯୁକ୍ତି ଏବଂ ଥଇଥାନ ସମସ୍ୟା, ଜମିଜମା, ରାସ୍ତାଘାଟ ମରାମତି ସମ୍ବନ୍ଧରେ ଆସିଥିଲା। ଏଥିରେ ତାଳଚେର ଉପଜିଲ୍ଲାପାଳ ସମୀର ଜେନା, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ଦେବଦତ୍ତ ମହାନ୍ତ, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ମଦନ ମୋହନ ପ୍ରଧାନ, ପାଲଲହଡ଼ା ଏସ୍‌ଡିପିଓ କୈଳାସ ଚନ୍ଦ୍ର ସେଠୀ, ବ୍ଲକ ଅଧ୍ୟକ୍ଷ ରାମକୃଷ୍ଣ ପ୍ରଧାନ, ବିଡିଓ ତ୍ରିବିକ୍ରମ କୁମୁରା, ତହସିଲଦାର ଚିନ୍ମୟ ଦାସଙ୍କ ସମେତ ଜିଲ୍ଲା ଓ ବ୍ଲକସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ।

# ମାଗଣା ବିଦ୍ୟୁତ୍, ସ୍ୱାସ୍ଥ୍ୟସେବା ପାଇଁ ଜମି ଅଧିଗ୍ରହଣ ପ୍ରିମିୟମ୍ ପାଣ୍ଠି ବ୍ୟବହାର ଦାବି

ଅନୁଗୋଳ,୬ ।୧୦(ସମିସ): ଅନୁଗୋଳ ଜିଲ୍ଲାର ସମସ୍ତ ଲୋକଙ୍କୁ ମାଗଣା ବିଦ୍ୟୁତ୍ ଏବଂ ସ୍ୱାସ୍ଥ୍ୟସେବା ପାଇଁ ୫୩୮ କୋଟି ଟଙ୍କାର ସରକାରୀ ଜମି ଅଧିଗ୍ରହଣ ପ୍ରିମିୟମ୍ ପାଣ୍ଠି ବ୍ୟବହାର କରିବାକୁ ଅନୁଗୋଳ ସିଟିଜିନ୍ସ ଆକ୍ସନ ଫୋରମ ଦାବି କରିଛି। ସୂଚନା ଅଧିକାର ଆଇନ ବଳରେ ପ୍ରାପ୍ତ ସୂଚନା ଅନୁଯାୟୀ, ବିଭିନ୍ନ ସରକାରୀ ଉଦ୍ୟୋଗ ଏବଂ ଘରୋଇ କମ୍ପାନୀ ଦ୍ୱାରା ୨୦୦୦ରୁ ୨୦୨୫ ପର୍ଯ୍ୟନ୍ତ ସରକାରଙ୍କ ପ୍ରିମିୟମ୍/କ୍ଷତିପୂରଣ ପାଇଁ ୫,୩୮୦,୯୯୪,୭୬୪ ଟଙ୍କା ଜମା କରାଯାଇଛି। ଅନୁଗୋଳ ଜିଲ୍ଲାରେ ଏଲ୍‌ଏ ଆଇନ-୧୮୯୪, ସିବି ଆଇନ-୧୯୫୭ ଏବଂ ଏଲ୍‌ଏଆର୍ ଆଇନ-୨୦୧୩ ଅନୁଯାୟୀ ୧୦,୦୦୦ ଏକରରୁ ଅଧିକ ସରକାରୀ ଜମି, ଅନେକ ସରକାରୀ ଏବଂ ବେସରକାରୀ ଶିଳ୍ପ ଏବଂ ଖଣି ପ୍ରତିଷ୍ଠାନ ପାଇଁ ଅଧିଗ୍ରହଣ କରାଯାଇଛି। ଉକ୍ତ ଜମି, ପୂର୍ବରୁ ସ୍ଥାନୀୟ ବାସିନ୍ଦାମାନେ ସେମାନଙ୍କ ଜୀବିକା, ଚରାଭୂମି, ଜଙ୍ଗଲଜାତ ଦ୍ରବ୍ୟ ସଂଗ୍ରହ ଏବଂ ଅନ୍ୟାନ୍ୟ ସାମୂହିକ ଉଦ୍ଦେଶ୍ୟ ପାଇଁ ବ୍ୟବହାର କରୁଥିଲେ। ଜମି ଅଧିଗ୍ରହଣ ଏବଂ ପରବର୍ତ୍ତୀ ଶିଳ୍ପ ପ୍ରତିଷ୍ଠା ଯୋଗୁଁ ହଜାର ହଜାର ପରିବାର ସେମାନଙ୍କ ପାରମ୍ପରିକ ଜୀବିକା ହରାଇଛନ୍ତି। ସାଧାରଣ ଚାରଣଭୂମି ଏବଂ ସାମୂହିକ ବ୍ୟବହାର ଜମି ସ୍ଥାୟୀ ଭାବରେ ବିଚ୍ଛିନ୍ନ ହୋଇଛି। ଫଳସ୍ୱରୂପ ଏହି ଜମିଗୁଡ଼ିକରୁ ସମ୍ପ୍ରଦାୟଗୁଡ଼ିକର ବିସ୍ଥାପନ ହଜାର ହଜାର ପରିବାର ପାଇଁ ଗୁରୁତର ଜୀବିକା ନିର୍ବାହ ଚ୍ୟାଲେଞ୍ଜ ସୃଷ୍ଟି କରିଛି। ଏହାବ୍ୟତୀତ, ଏହି ବିସ୍ତୃତ ଜମିରେ ବିଭିନ୍ନ ଭାରୀ ଶିଳ୍ପ ପ୍ରତିଷ୍ଠା ଫଳରେ ପରିବେଶଗତ ଅବକ୍ଷୟ ଏବଂ ପ୍ରଦୂଷଣ ବୃଦ୍ଧି ପାଇଛି। ଫଳରେ ବାୟୁ, ଜଳ ଏବଂ ମାଟି ପ୍ରଦୂଷଣର ଆଶଙ୍କାଜନକ ସ୍ତର ସୃଷ୍ଟି ହୋଇଛି। ଅନୁଗୋଳର ଲୋକମାନେ ବର୍ତ୍ତମାନ ଶ୍ୱାସକ୍ରିୟା ସମସ୍ୟା, ଚର୍ମ ରୋଗ, ଜଳଜନିତ ରୋଗ ଏବଂ ଅନ୍ୟାନ୍ୟ ପ୍ରଦୂଷଣଜନିତ ସ୍ୱାସ୍ଥ୍ୟ ବିପଦରେ ପୀଡ଼ିତ, ଯାହା ଦୈନନ୍ଦିନ ଜୀବନକୁ ଅତ୍ୟନ୍ତ କଷ୍ଟକର କରିପକାଉଛି। ସିଟିଜିନ୍ସ ଆକ୍ସନ ଫୋରମର ସଭାପତି ଆଇନଜୀବୀ ରବୀନ୍ଦ୍ର ପ୍ରସାଦ ପଟ୍ଟନାୟକ ଓ ସାଧାରଣ ସମ୍ପାଦକ ବିଜୟ ମିଶ୍ର ଓଡ଼ିଶାର ମୁଖ୍ୟମନ୍ତ୍ରୀଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରି ଦାବି କରିଛନ୍ତି ଯେ ଅଧିଗ୍ରହଣକାରୀ କମ୍ପାନୀଗୁଡ଼ିକ ଦ୍ୱାରା ସରକାରୀ ଜମି ପାଇଁ ଜମା କରାଯାଇଥିବା ସମ୍ପୂର୍ଣ୍ଣ ପ୍ରିମିୟମ୍ ରାଶି ଅନ୍ୟତ୍ର ବ୍ୟବହାର ନ କରି ଅନୁଗୋଳ ଜିଲ୍ଲାର ସ୍ୱତନ୍ତ୍ର ବିକାଶ ପାଇଁ ବ୍ୟବହାର କରାଯାଉ। ଏହି ରାଶି ଉପରେ ସଂଗୃହୀତ ସୁଧକୁ ବିଭିନ୍ନ ଆୟ ଗୋଷ୍ଠୀ ନିର୍ବିଶେଷରେ ଅନୁଗୋଳ ଜିଲ୍ଲାର ସମସ୍ତ ପରିବାରକୁ ମାଗଣା ଘରୋଇ ବିଦ୍ୟୁତ୍ ଯୋଗାଇବା ପାଇଁ ବ୍ୟବହାର କରାଯିବା ଉଚିତ। ମାଗଣା ବିଦ୍ୟୁତ୍ ଯୋଗାଣ ପାଇଁ ଆବଶ୍ୟକ ମାସିକ ଖର୍ଚ୍ଚ ମାତ୍ର ୧୧/୧୨ କୋଟି ଟଙ୍କା, ଯାହା ମୂଳ ପାଣ୍ଠିକୁ ସ୍ପର୍ଶ ନ କରି ସଂଗୃହୀତ ସୁଧରୁ ପୂରଣ କରାଯାଇପାରିବ। ସମସ୍ତ ଆୟ ଗୋଷ୍ଠୀ ନିର୍ବିଶେଷରେ ସମସ୍ତଙ୍କ ପାଇଁ ମାଗଣା ସ୍ୱାସ୍ଥ୍ୟସେବା ପାଇଁ ଏହି ପାଣ୍ଠିର ଏକ ଅଂଶ ବିନିଯୋଗ କରିବାକୁ ମଧ୍ୟ ସେମାନେ ରାଜ୍ୟ ସରକାରଙ୍କୁ ଅନୁରୋଧ କରିଛନ୍ତି। ଏହା ବ୍ୟତୀତ, ଭବିଷ୍ୟତରେ ପ୍ରସ୍ତାବିତ ଖଣି ଓ ଶିଳ୍ପ ପାଇଁ ସରକାରଙ୍କୁ ସରକାରୀ ଜମି ବାବଦରେ ପ୍ରିମିୟମ୍/କ୍ଷୟକ୍ଷତି ପାଇଁ ଅଧିକ ପାଣ୍ଠି ମିଳିବ। ଜମି ଅଧିଗ୍ରହଣ ବାବଦରେ ମିଳିବାକୁ ଥିବା ସମସ୍ତ ପାଣ୍ଠିକୁ କେବଳ ଅନୁଗୋଳ ଜିଲ୍ଲାର ଲୋକଙ୍କ ପାଇଁ ବ୍ୟବହାର କରାଯିବାକୁ ଦାବି କରାଯାଇଛି। ପ୍ରିମିୟମ୍ ପାଣ୍ଠିର ଏପରି ବ୍ୟବହାର ଲୋକଙ୍କ ମଧ୍ୟରେ ବିଶ୍ୱାସ ଫେରାଇ ଆଣିବ। ଜୀବନର ଗୁଣବତ୍ତା ଉନ୍ନତ କରିବ ଏବଂ ଅନୁଗୋଳ ଜିଲ୍ଲାର ବାସିନ୍ଦାଙ୍କ ସାମାଜିକ-ଆର୍ଥିକ ଏବଂ ସ୍ୱାସ୍ଥ୍ୟ ସମସ୍ୟା ସମାଧାନ କରିବ ବୋଲି ସ୍ମାରକପତ୍ରରେ ଉଲ୍ଲେଖ କରାଯାଇଛି।

## ପୂର୍ବତନ ଜିଲ୍ଲା ପରିଷଦ ଅଧ୍ୟକ୍ଷଙ୍କ ବିୟୋଗରେ ଶୋକ



ଅନୁଗୋଳ,୬ ।୧୦(ସମିସ): ପୂର୍ବତନ ଜିଲ୍ଲା ପରିଷଦ ଅଧ୍ୟକ୍ଷ ତଥା କ୍ରୀଡ଼ାବିତ୍ ବରୁଣ କୁମାର ସାହୁଙ୍କ ବିୟୋଗରେ ଅମଲାପଡ଼ା ବାସନ୍ତୀ ପାଠାଗାରରେ ଏକ ଶୋକସଭା ଆୟୋଜିତ ହୋଇଛି। ବାସନ୍ତୀ ଦୁର୍ଗାପୂଜା କମିଟି ଓ ଅନୁଗୋଳ କ୍ରୀଡ଼ା ସଂସଦ ଆନୁକୂଲ୍ୟରେ ଆୟୋଜିତ ଏହି ଶ୍ରଦ୍ଧାଞ୍ଜଳି ସଭାରେ ପୂର୍ବତନ ନଗରପାଳ ତଥା ତାମଡ଼ା ଅଧ୍ୟକ୍ଷ ଶକ୍ତିପ୍ରସାଦ ପଟ୍ଟନାୟକ ଯୋଗଦେଇ ଜିଲ୍ଲା ପ୍ରତି ବରୁଣଙ୍କ ଅବଦାନ ଉପରେ ସ୍ମୃତିଚାରଣ କରିଥିଲେ। ୨୦୦୨ରେ ବରୁଣ ଜିଲ୍ଲା ପରିଷଦ ଅଧ୍ୟକ୍ଷ ଭାବେ ନିର୍ବାଚିତ ହେବା ପରେ ଜିଲ୍ଲାର ବିଭିନ୍ନ ଅଞ୍ଚଳର ରାସ୍ତାଘାଟ, ସ୍କୁଲ ଆଦିର ଉନ୍ନତି ପାଇଁ କାମ କରିଥିଲେ। ଫୁଟବଲ, ଜାଭଲିନ୍, ଉଚ୍ଚଡିଆଁ ଆଦି ଖେଳରେ ତାଙ୍କର ସୁନାମ ଥିଲା। ତାଙ୍କ ବନ୍ଧୁବତ୍ସଳତା, ଅମାୟିକ ବ୍ୟବହାର ସମସ୍ତଙ୍କୁ ଆକୃଷ୍ଟ କରୁଥିଲା ବୋଲି ସେ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ଆଇନଜୀବୀ ମହେନ୍ଦ୍ର ବସ୍ତିଆ, ପ୍ରଦୀପ ଦେବତା, କ୍ରୀଡ଼ା ସଂସଦ ସଦସ୍ୟ ରୁଚିର କୁମାର ଦାସ, ରଶ୍ମିରଞ୍ଜନ ପ୍ରଧାନ, ସୁଧୀର ସାହୁ, ଅଭିଷେକ ହୋତା, କ୍ରୀଡ଼ା ଶିକ୍ଷକ ଦୁଷ୍ୟନ୍ତ କୁମାର ନାଥ, ଶ୍ରଦ୍ଧା ସିଂହ, ବିମଳ ଅଗ୍ରୱାଲ ପ୍ରମୁଖ ଯୋଗଦେଇ ସ୍ୱର୍ଗତ ସାହୁଙ୍କ ଜୀବନର ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ। ଏହି ଅବସରରେ ଏକ ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା। ଦୁଷ୍ୟନ୍ତ ନାଥ ଧନ୍ୟବାଦ୍ ଅର୍ପଣ କରିଥିଲେ।

## ଶଶାଙ୍କଙ୍କୁ ସମ୍ବର୍ଦ୍ଧିତ କଲେ ପୂର୍ବତନ ସାଂସଦ



ତାଳଚେର,୬ ।୧୦(ସମିସ): ଓସିଏସ୍ ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିବା ତାଳଚେର କଙ୍କିଳି ଗ୍ରାମର ଶଶାଙ୍କ ସାମଲଙ୍କୁ ପୂର୍ବତନ ଢେଙ୍କାନାଳ ସାଂସଦ ମହେଶ ସାହୁ ସମ୍ବର୍ଦ୍ଧିତ କରିଛନ୍ତି। ଶନିବାର ସାହୁ ଶଶାଙ୍କଙ୍କ ବାସଭବନରେ ପହଞ୍ଚି ସମ୍ବର୍ଦ୍ଧିତ କରିବା ସହ ତାଙ୍କ ଉତ୍ତରୋତ୍ତର ଉନ୍ନତି କାମନା କରିଛନ୍ତି। କଙ୍କିଳି ଗ୍ରାମର ସୁଧାକର ସାମଲଙ୍କ ପୁଅ ଶଶାଙ୍କ ରାଜ୍ୟ ପ୍ରଶାସନିକ ସେବା ପରୀକ୍ଷାରେ କୃତକାର୍ଯ୍ୟ ହାସଲ କରି ତାଳଚେରକୁ ଗୌରବାନ୍ୱିତ କରିଥିବାରୁ ବିଭିନ୍ନ ମହଲରୁ ତାଙ୍କୁ ଶୁଭେଚ୍ଛାର ସୁଅ ଛୁଟିଛି।

## ରଣିଆକଟା ପଞ୍ଚାୟତରେ ଜନଶୁଣାଣି



କିଶୋରନଗର,୬ ।୧୦(ସମିସ): କିଶୋରନଗର ବ୍ଲକ ପ୍ରଶାସନ ପକ୍ଷରୁ ରଣିଆକଟା ପଞ୍ଚାୟତ କାର୍ଯ୍ୟାଳୟ ସଭାଗୃହରେ ଜନଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏଥିରେ ବିଡିଓ ସୁବ୍ରତ ବେହେରା ଯୋଗଦେଇ ଲୋକଙ୍କ ବିଭିନ୍ନ ଅଭିଯୋଗର ଶୁଣାଣି କରି ତାହାର ସମାଧାନ କରିଥିଲେ। ସରପଞ୍ଚ ସୁଲୋଚନା ପ୍ରଧାନ, ନାଏବ ସରପଞ୍ଚ କ୍ଷୀରାବଧି ବିଶ୍ୱାଳ, ବିପିସି (ଆରଏଚ) ସୌମ୍ୟରଞ୍ଜନ ପ୍ରଧାନ, ଡିଇଓ (ଆରସିଏମ୍) ସରୋଜ ପ୍ରଧାନ, ପିଇଓ ନୀଳକଣ୍ଠ ସିଂହ, ଏଡିଇଓ ରୋହନ ପ୍ରଧାନଙ୍କ ସମେତ ବିଭିନ୍ନ ଲାଇନ ଡିପାର୍ଟମେଣ୍ଟର ଅଧିକାରୀ ଉପସ୍ଥିତ ଥିଲେ।

## ଜଗନ୍ନାଥ ଜିଏମ କାର୍ଯ୍ୟାଳୟ ସମ୍ମୁଖ ରାସ୍ତା ମରଣଯନ୍ତା

ତାଳଚେର,୬ ।୧୦(ସମିସ): ତାଳଚେର ଜଗନ୍ନାଥ ଜିଏମ କାର୍ଯ୍ୟାଳୟ ସମ୍ମୁଖ ରାସ୍ତା ମରଣଯନ୍ତା ପାଲଟିଛି। ରାସ୍ତାଟି ଖାଲଖମାରେ ପରିଣତ ହୋଇଥିବାରୁ ପ୍ରତିଦିନ ଛୋଟବଡ଼ ଦୁର୍ଘଟଣା ଘଟୁଛି। ଦଶହରା ଅବସରରେ ଦେବୀ ଦର୍ଶନ ପାଇଁ ତାଳଚେର ବ୍ଲକ ସୋଲଡ଼ା ଗ୍ରାମର ନିରଞ୍ଜନ ବେହେରା (୩୭) ସେହି ରାସ୍ତାରେ ଆସୁଥିବା ବେଳେ ଦୁର୍ଘଟଣାରେ ତାଙ୍କ ମୃତ୍ୟୁ ହୋଇଥିଲା। ଏହାର ଦୁଇଦିନ ପୂର୍ବରୁ ସେହି ରାସ୍ତାରେ ଜଣେ ବ୍ୟକ୍ତି ଦୁର୍ଘଟଣାରେ ଗୁରୁତର ଆହତ ହୋଇଥିଲେ। ନିର୍ବାଚନ ଋତୁ ଆସିଲେ ନେତାମାନେ ଭୋଟ ହାତେଇବା ପାଇଁ ଗାଁଗଣ୍ଡାରେ ପଶି ପ୍ରତିଶ୍ରୁତିରେ ପୋତି ପକାନ୍ତି। ହେଲେ ନିର୍ବାଚନ ଜିତିଗଲା ପରେ ଆଉ ସମସ୍ୟା ପ୍ରତି ଗୁରୁତ୍ୱ ଦେଇ ନ ଥାନ୍ତି ବୋଲି ଅଭିଯୋଗ ହେଉଛି। ତୁରନ୍ତ ଏହି ରାସ୍ତା ନିର୍ମାଣ କରିବାକୁ ସାଧାରଣରେ ଦାବି ହେଉଛି।

# ଜାତୀୟ ବନ୍ୟପ୍ରାଣୀ ସପ୍ତାହ ସମାରୋହ



ଅନୁଗୋଳ,୬ ।୧୦(ସମିସ)

ଅନୁଗୋଳ ବନରାଜିକ ମହାବିଦ୍ୟାଳୟ ପରିସରରେ ୭୧ତମ ଜାତୀୟ ବନ୍ୟପ୍ରାଣୀ ସପ୍ତାହ ସମାରୋହ ଆରମ୍ଭ ହେଇଛି। ଉତ୍ତର କେନ୍ଦ୍ରାଞ୍ଚଳ ଆଇଜି ସତ୍ୟବ୍ରତ ଭୋଇ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଉଦଘାଟନ କରିଥିଲେ। ଅନୁଗୋଳ, ଢେଙ୍କାନାଳ, ଦେବଗଡ଼ ଜିଲ୍ଲାରେ ବନ୍ୟପ୍ରାଣୀଙ୍କ ଶାନ୍ତିପୂର୍ଣ୍ଣ ସହାବସ୍ଥାନ ନେଇ କିଭଳି ସମସ୍ୟା ସୃଷ୍ଟି ହେଉଛି ତାହା ବର୍ଣ୍ଣନା କରିଥିଲେ। ସଚେତନତା ଅଭାବ, ମଣିଷର ଅର୍ଥଲୋଲୁପ ମନୋଭାବ ଯୋଗୁଁ ବନ୍ୟପ୍ରାଣୀ ବିଶେଷ କରି ଓଡ଼ିଶାରେ ହାତୀ ଓ ବାଘବଂଶ ଏବେ ବିପଦରେ। ଅବୈଧ ଶିକାର ରୋକିବା ସହ ଅଧିକରୁ ଅଧିକ ଗଛ ଲଗାଇ ସବୁଜିମା ବଢ଼ାଇଲେ ବନ୍ୟପ୍ରାଣୀଙ୍କ ବଂଶବୃଦ୍ଧି ହୋଇପାରିବ ବୋଲି ଆଇଜି ଭୋଇ କହିଥିଲେ। ମୁଖ୍ୟବକ୍ତା ରୂପେ ଆର୍‌ସିସିଏଫ୍ ସଞ୍ଜୟ କୁମାର ସ୍ୱାଇଁ ଯୋଗଦେଇ ବନ୍ୟପ୍ରାଣୀ ସପ୍ତାହ ପାଳନର ଗୁରୁତ୍ୱ ଏବଂ ଏ ପ୍ରସଙ୍ଗରେ ରାଜ୍ୟ ବନ ବିଭାଗ ପକ୍ଷରୁ ନିଆଯାଉଥିବା ବିଭିନ୍ନ ପଦକ୍ଷେପ ସମ୍ପର୍କରେ ଆଲୋକପାତ କରିଥିଲେ। ସାତକୋଶିଆ ବନଖଣ୍ଡ ଅଧିକାରୀ ଗଦାଧର ପାତ୍ର ସ୍ୱାଗତ ଭାଷଣ ଦେଇ ହାତୀ ମେରେ ସାଥୀ ପରିବର୍ତ୍ତେ ଏବେ ଦୁଷ୍ମନ୍ ପାଲଟିଛି ବୋଲି କହିଥିଲେ। ଜଙ୍ଗଲରେ ଖାଦ୍ୟ ଅଭାବ, ଜଙ୍ଗଲ ସମ୍ପଦ ଧ୍ୱଂସ, ସହରୀକରଣ ବୃଦ୍ଧି ହେତୁ ହାତୀ-ମଣିଷ ବିବାଦ ବଢୁଛି ବୋଲି ସେ ପ୍ରକାଶ କରିଥିଲେ। ଅନୁଗୋଳ ବନଖଣ୍ଡ ଅଧିକାରୀ ନୀତୀଶ କୁମାର ଏବଂ ଉପ ବନ ସଂରକ୍ଷକ କଳ୍ପନାମୟୀ ଶତପଥୀ ସମ୍ମାନିତ ଅତିଥି ରୂପେ ଯୋଗଦେଇଥିଲେ। ପରେ ବିଭିନ୍ନ କୃତୀ ବନ ସଂରକ୍ଷଣ ସମିତିଗୁଡ଼ିକୁ ମୁଖ୍ୟମନ୍ତ୍ରୀ ବନ୍ୟପ୍ରାଣୀ ପୁରସ୍କାର ସ୍ୱରୂପ ୨୫ ହଜାର ଟଙ୍କା ଓ ମାନପତ୍ର ଦିଆଯାଇଥିଲା। ସେହିଭଳି ବନ୍ୟପ୍ରାଣୀ ସପ୍ତାହ ଅବସରରେ ଆୟୋଜିତ ଚିତ୍ରାଙ୍କନ ପ୍ରତିଯୋଗିତାର କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା।

## ଗାନ୍ଧୀ ଏବଂ ଶାସ୍ତ୍ରୀ ଜୟନ୍ତୀ ପାଳିତ

କଣିହାଁ,୬ ।୧୦(ସମିସ): କଣିହାଁ ବ୍ଲକସ୍ଥିତ ତାଳଚେର ପ୍ରଜାମଣ୍ଡଳ ମେମୋରିଆଲ ଟ୍ରଷ୍ଟରେ ଅକ୍ଟୋବର ୨ ତାରିଖ ଜାତିର ପିତା ମହାତ୍ମା ଗାନ୍ଧୀ ଓ ପୂର୍ବତନ ପ୍ରଧାନମନ୍ତ୍ରୀ ଲାଲବାହାଦୁର ଶାସ୍ତ୍ରୀଙ୍କ ଜୟନ୍ତୀ ପାଳିତ ହୋଇଛି। ଟ୍ରଷ୍ଟ ସଭାପତି ବିନାୟକ ପ୍ରଧାନଙ୍କ ସଭାପତିତ୍ୱରେ କାର୍ଯ୍ୟକ୍ରମ ହୋଇଥିଲା। ଟ୍ରଷ୍ଟ ପରିସରରେ ଥିବା ଗାନ୍ଧିଜୀଙ୍କ ପ୍ରତିମୂର୍ତ୍ତି ଏବଂ ଶାସ୍ତ୍ରିଜୀଙ୍କ ପ୍ରତିଛବିରେ ମାଲ୍ୟାର୍ପଣ କରାଯାଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ଟ୍ରଷ୍ଟ ସାଧାରଣ ସମ୍ପାଦକ କ୍ଷୀରସିନ୍ଧୁ ସେଠୀ, କୋଷାଧ୍ୟକ୍ଷ କର୍ଣ୍ଣ କୁମାର ଭୂତିଆ, ସଭ୍ୟ ତ୍ରିପୁରାରୀ ପ୍ରଧାନ, ଉକାଲୁ ସାହୁ, ଦୟାନିଧି ନାଏକ, ଅଲେଖ ଭୁତିଆ, ଦେବେନ୍ଦ୍ର ବାରିକ, ମହେଶ୍ୱର ନାଏକ ପ୍ରମୁଖ ଉପସ୍ଥିତ ରହି ଦୁଇ ମହାନ ବରପୁତ୍ରଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।